
ଉତ୍କଳ ପ୍ରସଙ୍ଗ



'ଭିଜାଣି ମହୋତ୍ସବ' ଉପଲକ୍ଷେ ବୃକ୍ଷରୋପଣ

PRINTED AT ORISSA GOVERNMENT PRESS, CUTTACK-10



୨ମ ଯୁବ ଜାତୀୟ କାରେଟ୍ ଖେଳ ପ୍ରତିଯୋଗିତାରେ ମହିଳା ଚମ୍ପିଅନ (ପଞ୍ଜାବ) ଦଳକୁ ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ ଟ୍ରଫି ପ୍ରଦାନ କରୁଛନ୍ତି



ଭୁବନେଶ୍ୱର ୭ ନମ୍ବର ଇଉନିଟ୍, ଜନଦୁର୍ଗା କ୍ରିକେଟ କ୍ଲବ ପ୍ରତିଯୋଗିତାରେ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂ ଟ୍ରଫି ପ୍ରଦାନ କରୁଛନ୍ତି

# ଉତ୍କଳ ପ୍ରସଙ୍ଗ

ଜ୍ୟେଷ୍ଠ/ଶ୍ରାବଣ ୧୯୧୧ ଶକାବ୍ଦ ୪୪/୪୫ ଭାଗ ୧୧ଶ/୧ମ ସଂଖ୍ୟା ଜୁନ୍/ଅଗଷ୍ଟ ୧୯୮୯

**ସମ୍ପାଦନା ମଣ୍ଡଳୀ**

ନିର୍ଦ୍ଦେଶକ : ଶ୍ରୀ ଅଜିତ୍ କୁମାର ତ୍ରିପାଠୀ

ସମ୍ପାଦକ : ଶ୍ରୀ ବିଶ୍ୱଜିତ୍ ଦାସ

ସହ ସମ୍ପାଦକ : ପ୍ରହରାଜ ସତ୍ୟନାରାୟଣ ନନ୍ଦ

**ମୁଖ୍ୟ ସମ୍ପାଦକ**

ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ

**ଅଙ୍କନ**

ଶ୍ରୀ ଅସିତ୍ ମୁଖାର୍ଜୀ

ଶ୍ରୀ ଅନନ୍ତ କୁମାର ପାଣ୍ଡେ

**ପ୍ରକାଶନ :** ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର

ବାର୍ଷିକ ଦେୟ : ଟ ୨୦.୦୦

ପ୍ରତି ଖଣ୍ଡ : ଟ ୨.୦୦

Type setting by Conventional, Photo Type Setter and D.T.P. process.

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ ''ଉତ୍କଳ ପ୍ରସଙ୍ଗ''ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଭଳି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠବୋଲି ଭାବିବା ଉଚିତ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ହେଁ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁକ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

**ମୁଦ୍ରଣ :** ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ

# ସୂଚୀପତ୍ର


| | | |
|---|---|---|
| ପଞ୍ଚାୟତିରାଜ | ଶ୍ରୀ ରାଜୀବ ଗାନ୍ଧୀ | ୧ |
| ସୁନାର ଓଡିଶା ଗଠନ | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ | ୫ |
| ଓଡିଶାରେ ଜଳସେଚନର ପ୍ରସାର | ସେକ୍ ମତ୍‌ଲୁବ୍ ଅଲ୍ଲୀ | ୯ |
| ଓଡିଶାରେ ସାମାଜିକ ବନୀକରଣ | ଶ୍ରୀ ଡମ୍ବରୁଧର ଉଲାକା | ୧୪ |
| ଓଡିଶାରେ ପର୍ଯ୍ୟଟନର ବିକାଶ | ଶ୍ରୀ ଶରତ ରାଉତ | ୧୭ |
| ଓଡିଶାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ | ଡକ୍ଟର୍ ସତ୍ୟନାରାୟଣ ରାଜଗୁରୁ | ୧୯ |
| ଓଡିଶାର ଅର୍ଥନୈତିକ ସ୍ଥିତି | ଡକ୍ଟର୍ ବୈଦ୍ୟନାଥ ମିଶ୍ର | ୨୩ |
| ଓଡିଶାରେ ସାଂସ୍କୃତିକ ପୁନରୁଦ୍ଧାର | ଶ୍ରୀ ସାତକଡି ହୋତା | ୨୫ |
| ଐତିହାସିକ ଦଣ୍ଡି | ଶ୍ରୀ ରାମଚନ୍ଦ୍ର ମିଶ୍ର | ୩୧ |
| ସେକାଳ ଓ ଏକାଳ | ଡକ୍ଟର୍ ବଂଶୀଧର ମହାନ୍ତି | ୩୯ |
| ଏକ ଅମ୍ଳାନ ନେତୃତ୍ୱ | ଶ୍ରୀ ଚିନ୍ତାମଣି ବେହେରା | ୪୨ |
| ଏକ ଉତ୍ସର୍ଗୀକୃତ ଜୀବନ | ଶ୍ରୀ ରାଜକିଶୋର ରାୟ | ୪୪ |
| ସରକାରୀ ସ୍ତରରେ ମାତୃଭାଷା | ଶ୍ରୀ ବଳରାମ ମହାନ୍ତି | ୪୭ |
| ଏଇ ଅମର ସ୍ୱାଧୀନତା | ଶ୍ରୀ ସୁରେନ୍ଦ୍ର ନାଥ ଦ୍ୱିବେଦୀ | ୪୯ |
| ପ୍ରତିଶୋଧ | ଶ୍ରୀ ମଦନ ମୋହନ ଦାଶ | ୫୦ |
| ନେପାଳର ଭାରତ ସହ ସମ୍ପର୍କ | ଶ୍ରୀମତୀ ସ୍ମିତା ମିଶ୍ର | ୫୩ |
| ଲୁଣିଆ ଗୁଳିକାଣ୍ଡ | ଶ୍ରୀ ଉଦ୍ଧବ ଚରଣ ନାୟକ | ୫୮ |
| ବିପ୍ଳବୀ ବୀର ଚକ୍ର ବିଶୋଇ | ଡକ୍ଟର୍ ଜଗନ୍ନାଥ ମହାନ୍ତି | ୬୦ |
| ସତ୍ୟାଗ୍ରହୀ ନିରଞ୍ଜନ ପଟ୍ଟନାୟକ–ଏକ ଶ୍ରଦ୍ଧାଞ୍ଜଳି | ଶ୍ରୀ ଭବାନୀ ଶଙ୍କର ଦାସ | ୬୨ |
| ଶ୍ରୀ ଅରବିନ୍ଦଙ୍କ ସ୍ୱପ୍ନର ଭାରତ | ଶ୍ରୀ ଜୟକୃଷ୍ଣ ସାହୁ | ୬୪ |
| ସଂଗ୍ରାମ ତୀର୍ଥ–ଅମ୍ଭୋ ସାମ୍ଭୋ | ଶ୍ରୀ ସୁଶୀଲ କୁମାର ପାଣିଗ୍ରାହୀ | ୬୭ |
| ସାର୍ଥକ ସ୍ୱପ୍ନ | | ୬୯ |
| ସମ୍ବାଦ ପରିକ୍ରମା | | ୭୩ |
| ଅଗ୍ନି–ଦେଶର ସୁରକ୍ଷା କବଚ | ଶ୍ରୀ ନିରାକାର ସାହୁ | ୮୨ |
| ଭାରତୀୟ ବିଜ୍ଞାନ ଓ ପଣ୍ଡିତ ନେହେରୁ | ଡକ୍ଟର୍ ନିତ୍ୟାନନ୍ଦ ସ୍ୱାଇଁ | ୮୪ |



"ବିଗତ ନଅ ବର୍ଷ ଭିତରେ ଦୃଢ ଓ ସ୍ଥିର ଶାସନ ଯୋଗୁଁ ଓଡିଶାରେ କୃଷି, ଶିଳ୍ପ, ଦାରିଦ୍ର୍ୟ ଦୂରୀକରଣ, ବିଜ୍ଞାନ କାରିଗରୀ କୌଶଳ ଇତ୍ୟାଦି ବିଭିନ୍ନ କ୍ଷେତ୍ରରେ ଅଭୂତପୂର୍ବ ବିକାଶ ସାଧିତ ହୋଇପାରିଛି ଏବଂ ଏହି ଅଭୂତପୂର୍ବ ପ୍ରଗତି ପାଇଁ ରାଜ୍ୟ ସରକାରଙ୍କୁ ସାଧୁବାଦ ଜଣାଉଛି ।

୧୯୮୦ ରେ ଓଡିଶାରେ ମାତ୍ର ୫୭ଟି ବୃହତ୍ ଓ ମଧ୍ୟମ ଶିଳ୍ପ ଥିବାବେଳେ ବର୍ତ୍ତମାନ ଏହାର ସଂଖ୍ୟା ୧୯୯କୁ ବୃଦ୍ଧି ପାଇଛି । ସେହିଭଳି କ୍ଷୁଦ୍ର ଶିଳ୍ପ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରାଯାଇ ପାରିଛି ।

ରାଜ୍ୟରେ ଅତ୍ୟନ୍ତ ଅନଗ୍ରସର ଅଞ୍ଚଳ ଭାବେ ପରିଚିତ କଳାହାଣ୍ଡି ଓ କୋରାପୁଟ ଜିଲ୍ଲାର ବିକାଶ ପାଇଁ ସ୍ୱତନ୍ତ୍ର ଯୋଜନାମାନ କାର୍ଯ୍ୟକାରୀ ହେଉଛି ।"

*ଶ୍ରୀ ରାଜୀବ ଗାନ୍ଧୀ*
୨.୬.୧୯୮୯



# ସ୍ୱାଧୀନତା ଦିବସ ଉପଲକ୍ଷେ
# ରାଜ୍ୟପାଳଙ୍କ
# ବାର୍ତ୍ତା

୧୯୮୯ ସ୍ୱାଧୀନତା ଦିବସ ଉପଲକ୍ଷେ ଓଡ଼ିଶାର ରାଜ୍ୟପାଳ ସୟଦ ନୁରୁଲ ହାସାନ୍ ନିମ୍ନୋକ୍ତ ବାର୍ତ୍ତା ପ୍ରଦାନ କରିଛନ୍ତି :

"ଆମ ସ୍ୱାଧୀନତାର ୪୨ତମ ବାର୍ଷିକୀ ପାଳନ ଉପଲକ୍ଷେ ମୁଁ ଓଡିଶାର ଜନସାଧାରଣଙ୍କୁ ମୋର ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରୁଛି ।

"ଆମ ଦେଶର ଇତିହାସରେ ଅଗଷ୍ଟ ୧୫ ଏକ ମହାନ୍ ତାତ୍ପର୍ଯ୍ୟପୂର୍ଣ୍ଣ ଦିବସ । ଭାରତର ସ୍ୱାଧୀନତା ସଂଗ୍ରାମରେ ଆତ୍ମୋତ୍ସର୍ଗ ଓ ଅସୀମ ତ୍ୟାଗ ସ୍ୱୀକାର କରିଥିବା ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସଙ୍ଗେ ସଙ୍ଗେ ସେମାନଙ୍କର ନିସ୍ୱାର୍ଥପର ସେବା ଓ ଅତୁଳନୀୟ ତ୍ୟାଗର ଆଦର୍ଶରେ ଉଦ୍‌ବୁଦ୍ଧ ହେବାକୁ ସଂକଳ୍ପ କରିବା ପାଇଁ ଆଜି ଦିନଟି ଆମକୁ ସୁଯୋଗ ଦେଇଥାଏ । ସ୍ୱାଧୀନତା ସଂଗ୍ରାମରେ ଯେଉଁମାନେ ଆତ୍ମୋତ୍ସର୍ଗ କରିଛନ୍ତି, ସେମାନେ ଆମର ଚିର ନମସ୍ୟ । ଯେଉଁ ପ୍ରାତଃ ସ୍ମରଣୀୟ ନେତୃବର୍ଗ ଭାରତୀୟ ଜାତୀୟ ଆନ୍ଦୋଳନକୁ ନୂତନ ତାତ୍ପର୍ଯ୍ୟ ଓ ଦିଗ୍‌ଦର୍ଶନ ପ୍ରଦାନ କରିଛନ୍ତି ଏବଂ ସ୍ୱାଧୀନ ଭାରତକୁ ଏକ ଗଣତାନ୍ତ୍ରିକ ସମାଜବାଦ ଓ ଧର୍ମ ନିରପେକ୍ଷ ରାଷ୍ଟ୍ର ରୂପେ ଗଢ଼ି ତୋଳିବା ପାଇଁ ଏକ ଦୃଢ଼ ଭିତ୍ତି ସ୍ଥାପନ କରିଛନ୍ତି, ସେହି ତୁଙ୍ଗ ନେତାଗଣ ବିଶେଷ କରି ବାଳ ଗଙ୍ଗାଧର ତିଳକ, ଗୋପାଳକୃଷ୍ଣ ଗୋଖଲେ, ମହାତ୍ମା ଗାନ୍ଧୀ, ଜବାହରଲାଲ୍ ନେହେରୁ, ସର୍ଦ୍ଦାର ପଟେଲ୍, ଡକ୍ଟର୍ ରାଜେନ୍ଦ୍ର ପ୍ରସାଦ, ମୌଲାନା ଆଜାଦ୍, ସରୋଜିନୀ ନାଇଡୁ, ଲାଲ୍‌ବାହାଦୁର ଶାସ୍ତ୍ରୀ, ସୁଭାଷ ଚନ୍ଦ୍ର ବୋଷ ଏବଂ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ନିକଟରେ ଆମ ଦେଶ ଚିର କୃତଜ୍ଞ ।

"ଏହା ଅତ୍ୟନ୍ତ ପରିତୋଷର ବିଷୟ ଯେ, ଆମ ଦେଶ ଦିନକୁ ଦିନ ଅଧିକରୁ ଅଧିକ ଶକ୍ତିଶାଳୀ ହେଉଛି । ଆମ ଦେଶରେ ଗଣତନ୍ତ୍ରର ମୂଳଦୁଆ ସୁଦୃଢ଼ ହୋଇଛି । ଅର୍ଥନୈତିକ କ୍ଷେତ୍ରରେ ଆମେ ଏପରି ମାତ୍ରାରେ ସ୍ୱାବଲମ୍ବୀ ହୋଇ ପାରିଛୁ ଓ ନିଜକୁ ପୁନଃପ୍ରତିଷ୍ଠା କରିପାରିଛୁ, ଯାହାକି ଯେକୌଣସି ଦେଶ ପକ୍ଷେ

ଗର୍ବ ଓ ଗୌରବର ବିଷୟ । ଆମ ଜାତୀୟ ଜୀବନରେ ଓ ଅନ୍ୟାନ୍ୟ ବହୁ କ୍ଷେତ୍ରରେ ଆମେ ଦ୍ରୁତ ପ୍ରଗତି ହାସଲ କରିଛୁ ।

"ବିଗତ ନଅ ବର୍ଷ ଧରି ରାଜ୍ୟରେ ଏକ ସୁଦୃଢ଼ ସରକାର ରହି ଆସିଛି, ଯାହା ଫଳରେ ଏହି ସମୟ ମଧ୍ୟରେ ବିଭିନ୍ନ ଉନ୍ନୟନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ହାସଲ ହୋଇ ପାରିଛି । ରାଜ୍ୟରୁ ଦାରିଦ୍ର୍ୟ ଓ ଅନଗ୍ରସରତା ଦୂର କରିବାଲାଗି ବହୁବିଧ ପ୍ରଗତିଶୀଳ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଇଛି । ବିଗତ କେତେ ବର୍ଷ ଭିତରେ ବିଭିନ୍ନ କ୍ଷେତ୍ରରେ ଯେଉଁ ପ୍ରଗତି ହାସଲ ହୋଇଛି, ସେ ସମ୍ପର୍କରେ ଏଠାରେ ଉଲ୍ଲେଖ କରିବା ପ୍ରାସଙ୍ଗିକ ହେବ ।

"ରାଜ୍ୟର ପ୍ରାୟ ଦୁଇ ତୃତୀୟାଂଶ ଆୟ କୃଷିରୁ ମିଳିଥାଏ ଏବଂ ରାଜ୍ୟର ତିନି ଚତୁର୍ଥାଂଶ ଶ୍ରମଜୀବୀ କୃଷି କାର୍ଯ୍ୟରେ ନିଯୁକ୍ତ ଥାଆନ୍ତି । ତେଣୁ କୃଷି ଉତ୍ପାଦନ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏକ ସୁଚିନ୍ତିତ ଆଭିମୁଖ୍ୟ ଗ୍ରହଣ କରାଯାଇଛି । ଅଧିକରୁ ଅଧିକ ଜମିକୁ ଜଳସେଚନ ସୁବିଧା ଯୋଗାଇବା ସହିତ ଏକର ପିଛା ଅଧିକ ପରିମାଣର ସାର ପ୍ରୟୋଗ ପ୍ରତି ଯଥେଷ୍ଟ ଗୁରୁତ୍ୱ ଦିଆଯାଇଛି । ଫଳରେ ୧୯୭୯-୮୦ରେ ୧୩ ଲକ୍ଷ ହେକ୍ଟର ଜମି ଜଳସେଚିତ ହେଉଥିବା ସ୍ଥଳେ ୧୯୮୮-୮୯ ବେଳକୁ ଏହା ୧୭.୨୨ ଲକ୍ଷ ହେକ୍ଟରକୁ ବୃଦ୍ଧି ପାଇଛି । ସେହିପରି ରାସାୟନିକ ସାର ପ୍ରୟୋଗ ହେକ୍ଟର ପ୍ରତି ୮.୧୫ କିଲୋଗ୍ରାମ୍‌ରୁ ୨୫ କିଲୋଗ୍ରାମ୍‌କୁ ବୃଦ୍ଧି ପାଇଛି । ୧୯୫୧-୫୨ ମସିହାରେ ରାଜ୍ୟରେ ଖାଦ୍ୟଶସ୍ୟ ଉତ୍ପାଦନ ମାତ୍ର ୨୩.୯୪ ଲକ୍ଷ ମେଟ୍ରିକ୍ ଟନ୍ ଥିବା ସ୍ଥଳେ ୧୯୮୮-୮୯ ସୁଦ୍ଧା ୭୪ ଲକ୍ଷ ମେଟ୍ରିକ୍ ଟନ୍‌ରେ ପହଞ୍ଚିଛି ।

"ଅଧିକ ପ୍ରୋତ୍ସାହନ ଓ ସୁବିଧା ସୁଯୋଗ ଯୋଗାଇ ଦିଆଯାଇ ରାଜ୍ୟରେ ଶିଳ୍ପ ଅଭିବୃଦ୍ଧି ଲାଗି ଏକ ଅନୁକୂଳ ବାତାବରଣ ସୃଷ୍ଟି କରାଯାଇଛି । ୧୯୭୯-୮୦ରେ ରାଜ୍ୟରେ ୫୭ଟି ବୃହତ୍ ଓ ମଧ୍ୟମ ଧରଣ ଶିଳ୍ପ ଥିବା ସ୍ଥଳେ ଏବେ ତାହା ୨୪୨ରେ ପହଞ୍ଚିଛି । ରାଜ୍ୟରେ କ୍ଷୁଦ୍ର ଶିଳ୍ପ ଓ କାରିଗରୀ ଭିତ୍ତିକ ଶିଳ୍ପ ସ୍ଥାପନ କ୍ଷେତ୍ରରେ ରାଜ୍ୟର ସଫଳତା ଉଲ୍ଲେଖନୀୟ । ୧୯୭୯-୮୦ରେ ରାଜ୍ୟରେ କ୍ଷୁଦ୍ର ଶିଳ୍ପ ୯,୧୧୯ ଥିବା ସ୍ଥଳେ ବର୍ତ୍ତମାନ ତା'ର ସଂଖ୍ୟା ୩୨ ହଜାର । ଭାରତ ସରକାରଙ୍କ ସକ୍ରିୟ ସହଯୋଗ ଫଳରେ ଓଡ଼ିଶାରେ ବିଭିନ୍ନ ଜାତୀୟ ପ୍ରକଳ୍ପ ପ୍ରତିଷ୍ଠା କରାଯାଇଛି । ଏହା ଫଳରେ ଓଡ଼ିଶା ଭାରତର ଶିଳ୍ପ ମାନଚିତ୍ରରେ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଛି । ୧୯୮୦ରେ ରାଜ୍ୟରେ ବିଦ୍ୟୁତ ଉତ୍ପାଦନର ପ୍ରତିଷ୍ଠିତ ସାମର୍ଥ୍ୟ ୯୧୪ ମେଗାୱାଟ୍ ଥିବା ସ୍ଥଳେ ବର୍ତ୍ତମାନ ଏହା ୧,୩୯୪ ମେଗାୱାଟ୍‌କୁ ବୃଦ୍ଧି ପାଇଛି ।

"ରାଜ୍ୟର ଲୋକସଂଖ୍ୟାର ବହୁ ଭାଗ ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ସମ୍ପ୍ରଦାୟର ଅନ୍ତର୍ଭୁକ୍ତ । ତେଣୁ, ସେମାନଙ୍କ ସାମାଜିକ ତଥା ଅର୍ଥନୈତିକ ଅବସ୍ଥାର ଉନ୍ନତି ପାଇଁ ଏବଂ ସେମାନଙ୍କୁ ସାମାଜିକ ତଥା ଅର୍ଥନୈତିକ ଶୋଷଣରୁ ମୁକ୍ତ କରିବା ଲାଗି ସ୍ୱତନ୍ତ୍ର ଉଦ୍ୟମ କରାଯାଉଛି । ୧୯୮୦ ଠାରୁ ରାଜ୍ୟରେ ୧୦.୫୭ ଲକ୍ଷ ଆଦିବାସୀ ଓ ୧୦ ଲକ୍ଷ ତଫସିଲଭୁକ୍ତ ଜାତି ପରିବାରକୁ ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ଜରିଆରେ ସାହାଯ୍ୟ କରାଯାଇଛି । ଗଣଶିକ୍ଷା କାର୍ଯ୍ୟକ୍ରମ ଜରିଆରେ ଆଦିମ ଅଧିବାସୀମାନଙ୍କ ମଧ୍ୟରୁ ନିରକ୍ଷରତା ଦୂରୀକରଣ ତଥା ସେମାନଙ୍କ ନିଶା ପ୍ରତି ଆସକ୍ତି ହ୍ରାସ କରାଇବା ଦିଗରେ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି ।

"ସ୍ୱାସ୍ଥ୍ୟସେବା ଏବଂ ଶିକ୍ଷା ସୁବିଧା ସୁଯୋଗର ସମ୍ପ୍ରସାରଣ କ୍ଷେତ୍ରରେ ପ୍ରଭୂତ ଧ୍ୟାନ ଦିଆଯାଇଛି । ଗ୍ରାମାଞ୍ଚଳ ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ଆମର ସଫଳତା ଉଲ୍ଲେଖନୀୟ ।

"ବିଗତ ନଅ ବର୍ଷ ମଧ୍ୟରେ ଗ୍ରାମାଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥାରେ ଉଲ୍ଲେଖନୀୟ ପ୍ରଗତି ହୋଇଛି । ଏହି ସମୟ ମଧ୍ୟରେ ୧୫,୧୨୨ଟି ଗ୍ରାମକୁ ସବୁଦିନିଆ ରାସ୍ତାର ବ୍ୟବସ୍ଥା କରାଯାଇଛି ।

"ନିରାଶ୍ରୟ ତଥା ଶାରୀରିକ ଅକ୍ଷମ ବ୍ୟକ୍ତିମାନଙ୍କୁ ସହାୟତା ପ୍ରଦାନ ସମ୍ପର୍କରେ ସରକାର ସଚେତନ ଅଛନ୍ତି । ଷଷ୍ଠ ପଞ୍ଚବାର୍ଷିକ ଯୋଜନାର ପ୍ରଥମ ବର୍ଷରେ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ୬୨,୦୦୦ ଉପକୃତ ହୋଇଥିବା ବେଳେ ଉପକୃତ ବ୍ୟକ୍ତିଙ୍କ ସଂଖ୍ୟା ବର୍ତ୍ତମାନ ୧.୩୫ ଲକ୍ଷକୁ ବୃଦ୍ଧି ପାଇଛି ।

"ରାଜ୍ୟରୁ ଦାରିଦ୍ର୍ୟ ଓ ଅନଗ୍ରସରତାର କଳଙ୍କ ଦୂର କରି ଜନସାଧାରଣଙ୍କ ମୁହଁରେ ହସ ଫୁଟାଇବା ପାଇଁ ରାଜ୍ୟ ସରକାର ପ୍ରବଳ ଉଦ୍ୟମ କରି ଆସୁଛନ୍ତି । ରାଜ୍ୟର ଜନସାଧାରଣଙ୍କ ମିଳିତ ଉଦ୍ୟମ ଓ ସହଯୋଗ ତଥା ଐକାନ୍ତିକ ନିଷ୍ଠା ଫଳରେ ଓଡ଼ିଶା ଯେ ନିକଟ ଭବିଷ୍ୟତରେ ଭାରତର ଅଗ୍ରୁଆ ରାଜ୍ୟମାନଙ୍କ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିବ ସେ ବିଷୟରେ ମୋର ଦୃଢ ବିଶ୍ୱାସ ରହିଛି । ଆସନ୍ତୁ, ଆଜିର ଏହି ପବିତ୍ର ଦିବସରେ, ଆମ ରାଜ୍ୟର ଜନସାଧାରଣଙ୍କର ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବା ପାଇଁ ଏବଂ ଜାତୀୟ ସ୍ୱାଧୀନତା ଓ ସଂହତିକୁ ରକ୍ଷା କରିବା ପାଇଁ ସମ୍ମିଳିତ ଉଦ୍ୟମ କରିବାର ଦୃଢ଼ ସଂକଳ୍ପ ନେବା ।"

ଜୟହିନ୍ଦ୍



## ୧୯୮୯

# ସ୍ୱାଧୀନତା ଦିବସ ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ଆଜି ଦେଶର ୪୨ତମ ସ୍ୱାଧୀନତା ଦିବସ ଉପଲକ୍ଷେ ମୁଁ ଓଡ଼ିଶାବାସୀ ମୋର ପ୍ରିୟ ଭାଇ-ଭଉଣୀଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ସ୍ୱାଧୀନତା ହେଉଛି ଜାତିର ସବୁଠାରୁ ମୂଲ୍ୟବାନ ସମ୍ପଦ । ଦୀର୍ଘକାଳ ପରାଧୀନ ରହି ଭାରତ କିପରି ଦରିଦ୍ର ହୋଇଗଲା, ଏହାର ଉଇତ କୃଷି ଓ ଶିଳ୍ପ ନଷ୍ଟଭ୍ରଷ୍ଟ ହୋଇ ପଡ଼ିଲା, ଅତ୍ୟାଚାର, ଶୋଷଣ ଓ ଲୁଣ୍ଠନ, ଦୁର୍ଭିକ୍ଷ ଓ ମହାମାରୀର ଶିକାର ହୋଇ ଏ ଜାତି କିଭଳି ହୀନବୀର୍ଯ୍ୟ ଓ ହୀନମନ୍ୟ ହେଲା, ତାହା କାହାରିକୁ ଅଜଣା ନାହିଁ । ବହୁ ତ୍ୟାଗ, ତପସ୍ୟା, ଆତ୍ମ ବଳିଦାନ ପରେ ପରାଧୀନତାର ନାଗପାଶ କାଟି ଏ ଦେଶ ସ୍ୱାଧୀନ ହୋଇଛି । ଆମର ସୌଭାଗ୍ୟ, ସ୍ୱାଧୀନତା ସଂଗ୍ରାମରେ ଆମେ ମହାତ୍ମା ଗାନ୍ଧୀଙ୍କର ନେତୃତ୍ୱ ଲାଭକରି ପାରିଥିଲେ । ସେ ଜାତୀୟ ଏକତା ଓ ଅଖଣ୍ଡତାର ମହାନ୍ ଦୀକ୍ଷା ଆମକୁ ଦେଇଥିଲେ ଓ ସାଂପ୍ରଦାୟିକ ମୈତ୍ରୀ ପ୍ରତିଷ୍ଠା ପାଇଁ ଆତ୍ମୋତ୍ସର୍ଗ କରିଥିଲେ । ପଣ୍ଡିତ ଜବାହରଲାଲ୍ ନେହେରୁ ଦେଶରେ ଏକ ସାମାଜିକ, ଅର୍ଥନୈତିକ ପରିବର୍ତ୍ତନ ପାଇଁ ମୂଳଦୁଆ ଦେଇଗଲେ ଏବଂ ଏହି ମୂଳଦୁଆ ଉପରେ ଶ୍ରୀମତୀ ଇନ୍ଦିରାଗାନ୍ଧୀ ଏ ଦେଶକୁ ପୃଥିବୀର ଏକ ଶ୍ରେଷ୍ଠ ଶକ୍ତିଶାଳୀ ଦେଶରେ ପରିଣତ କରିବା ପାଇଁ ପ୍ରାଣପାତ ଉଦ୍ୟମ କରିଥିଲେ ଏବଂ ମହାତ୍ମା ଗାନ୍ଧୀଙ୍କ ପରେ ସେ ଏହି ଭାରତବର୍ଷ ପାଇଁ ମଧ୍ୟ ଶହୀଦ ହୋଇଗଲେ । ଆଜି ଯେଉଁମାନଙ୍କର ଅସୀମ ତ୍ୟାଗର ଫଳ ସ୍ୱରୂପ ଆମେ ଏହି ସ୍ୱାଧୀନତା ଭୋଗ କରିପାରୁଛେ, ସେ ସମସ୍ତଙ୍କୁ ଅତ୍ୟନ୍ତ ଭକ୍ତି ଓ ଶ୍ରଦ୍ଧାର ସହିତ ଆମେ ସ୍ମରଣ କରିବା ।

ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ପରେ ଆମ ଦେଶର ନେତୃତ୍ୱ ଯୁବ ପ୍ରଧାନମନ୍ତ୍ରୀ ଶ୍ରୀ ରାଜୀବ ଗାନ୍ଧୀଙ୍କ ଉପରେ ନ୍ୟସ୍ତ ହେଲା । ଗତ ୫ ବର୍ଷ ମଧ୍ୟରେ ଦେଶର ବିଭିନ୍ନ ସମସ୍ୟାର ସମାଧାନ କରିବା ଦିଗରେ ସଫଳତା ହାସଲ କରି ସ୍ୱାଧୀନତା ଓ ସାର୍ବଭୌମତ୍ୱ ବଜାୟ ରଖିବାରେ ସେ ସମର୍ଥ ହୋଇଛନ୍ତି ଓ ଆନ୍ତର୍ଜାତିକ କ୍ଷେତ୍ରରେ ଭାରତର ସମ୍ମାନ ଅକ୍ଷୁଣ୍ଣ ରଖିଛନ୍ତି । ଆଧୁନିକ ଓ ବିଜ୍ଞାନ ସମ୍ମତ ପନ୍ଥାରେ ଭାରତର ଅଗ୍ରଗତି ଅବ୍ୟାହତ ରଖିବା ପାଇଁ ତାଙ୍କର ପ୍ରଗତିଶୀଳ ନେତୃତ୍ୱ ସମର୍ଥ ହୋଇଛି ।

ଗତ ୪୨ ବର୍ଷ ମଧ୍ୟରେ ଭାରତ ଶହ ଶହ ବର୍ଷ ଧରି ରହିଥିବା ତା'ର ବହୁ ସମସ୍ୟାର ସମାଧାନ କରିପାରିଛି । ରାଜନୈତିକ ଐକ୍ୟ, ଅର୍ଥନୈତିକ ଓ ସାମରିକ ଶକ୍ତି ଦ୍ୱାରା ଯେତେ ବୈଦେଶିକ ଆକ୍ରମଣ ହୋଇଛି ତାକୁ ବ୍ୟର୍ଥ କରିପାରିଛି । ବହୁ ଅଭ୍ୟନ୍ତରୀଣ ଷଡ଼ଯନ୍ତ୍ରର ମୁକାବିଲା କରିପାରିଛି । ରାଜନୀତି କ୍ଷେତ୍ରରେ ଜନସାଧାରଣଙ୍କ ନାଗରିକ ଅଧିକାରକୁ ସୁଦୃଢ଼ କରି ଗଣତନ୍ତ୍ରକୁ ସଫଳ କରିପାରିଛି । ଭାରତ ସ୍ୱାଧୀନ ହେବା ପରେ ବହୁ ଦେଶରେ ଗଣତନ୍ତ୍ର ଶାସନ ପ୍ରତିଷ୍ଠିତ ହୋଇଛି । ମାତ୍ର ତାହା ତିଷ୍ଠି ପାରିନାହିଁ । କିନ୍ତୁ ଭାରତ ଗଣତାନ୍ତ୍ରିକ ପନ୍ଥାରେ ତା'ର ବିଭିନ୍ନ ସମସ୍ୟାର ସମାଧାନ କରି ପୃଥିବୀର ସବୁ ଉନ୍ନୟନଶୀଳ ଦେଶ ଆଗରେ ଏକ ନୂଆ ଆଦର୍ଶ ରଖିପାରିଛି । ଅର୍ଥନୈତିକ କ୍ଷେତ୍ରରେ ଭାରତବର୍ଷର ଅଗ୍ରଗତି ଅତୁଳନୀୟ । ଖାଦ୍ୟଶସ୍ୟରେ ଏ ଦେଶ ସ୍ୱାବଲମ୍ବୀ ହୋଇପାରିଛି ଓ ଶିଳ୍ପ କ୍ଷେତ୍ରରେ ଦେଶର ପ୍ରଗତି ଉଲ୍ଲେଖଯୋଗ୍ୟ । ସାମରିକ କ୍ଷେତ୍ରରେ ଏ ଦେଶ କାହାରି ଉପରେ ନିର୍ଭର ନକରି ଯେକୌଣସି ଆକ୍ରମଣକାରୀର ସମ୍ମୁଖୀନ ହେବା ପାଇଁ ପ୍ରସ୍ତୁତ ହୋଇପାରିଛି । ଦେଶର କୋଟି କୋଟି ଗରିବ ଲୋକଙ୍କର ଅବସ୍ଥାର ଦ୍ରୁତ ପରିବର୍ତ୍ତନ ସମ୍ଭବ ହୋଇଛି ଓ ନିଜର ବୁଦ୍ଧି ଓ ପ୍ରତିଭା ବଳରେ ଆଜି ଯେକୌଣସି ବ୍ୟକ୍ତି ଯେକୌଣସି କ୍ଷେତ୍ରରେ ଯେକୌଣସି ଉଚ୍ଚ ସୋପାନକୁ ଉଠିବାର ସ୍ୱପ୍ନ କେବଳ ଦେଖୁନାହିଁ, ତାକୁ ସାର୍ଥକ କରିପାରୁଛି । ୪୨ ବର୍ଷ

ତଳେ ଭାରତବର୍ଷକୁ ଯେପରି ହେୟ ସ୍ଥାନ କରାଯାଉଥିଲା, ଆଜି ଦୁନିଆରେ ସେ ଅବସ୍ଥା ସମ୍ପୂର୍ଣ୍ଣ ବଦଳି ଯାଇଛି । ଭାରତ ହେଉଛି ଶତାଧିକ ନିରପେକ୍ଷ ରାଷ୍ଟ୍ରର ନେତା ଯେ କି ସଫଳତାର ସହିତ ସାମ୍ରାଜ୍ୟବାଦ, ଉପନିବେଶବାଦ, ବର୍ଣ୍ଣବୈଷମ୍ୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିପାରିଛି ଏବଂ ବିଶ୍ୱ ଶାନ୍ତି ପାଇଁ ଏକ ଅନୁକୂଳ ବାତାବରଣ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିଛି ।

ଆଜି ପ୍ରତ୍ୟେକ ଭାରତୀୟ ପାଇଁ ଏକ ମହାନ୍ ସଂକଳ୍ପର ଦିନ । ଦେଶର ଏକତା ଓ ଅଖଣ୍ଡତା, ସଂହତି ଓ ଗଣତନ୍ତ୍ର ପ୍ରତି କୌଣସି ବିପଦ ଆସିଲେ ତା'ର ମୁକାବିଲା ପାଇଁ ଆମେ ପ୍ରସ୍ତୁତ ରହିବା ଆବଶ୍ୟକ । ଦେଶର ବିଭିନ୍ନ ସ୍ଥାନରେ ଏବେମଧ୍ୟ ଉଗ୍ରପନ୍ଥୀ ଓ ସନ୍ତ୍ରାସବାଦୀମାନଙ୍କର ହୀନ ଉଦ୍ୟମ ଶେଷ ହୋଇ ନାହିଁ ।  ବୈଦେଶିକ ଷଡଯନ୍ତ୍ରକାରୀମାନେ ଏବେମଧ୍ୟ ସକ୍ରିୟ ହୋଇ କାର୍ଯ୍ୟ କରୁଛନ୍ତି । ଦେଶରେ ଏକ ଦୃଢ ସୁଦୃଢ ନେତୃତ୍ୱକୁ ନିନ୍ଦିତ କରିବା ପାଇଁ ନାନା ଅପଚେଷ୍ଟା ଲାଗିରହିଛି । ସ୍ୱାଧୀନତା ନାମରେ ସ୍ୱେଚ୍ଛାଚାରିତା ଏବଂ କୁତ୍ସା ଓ ଦାୟିତ୍ୱହୀନ ପ୍ରଚାରକୁ କେତେକ ଉଚ୍ଚ ସ୍ଥାନ ଦେଉଛନ୍ତି । ଧର୍ମ ନାମରେ ବହୁ ସଂକୀର୍ଣ୍ଣତା ମୁଣ୍ଡ ଟେକି ଉଠିଛି । ଜାତିବାଦର କ୍ଷୁଦ୍ରତା ଏବେମଧ୍ୟ ଏ ଦେଶକୁ ଦୁର୍ବଳ କରିବା ପାଇଁ ଚେଷ୍ଟିତ । ମହାତ୍ମା ଗାନ୍ଧୀ, ଜବାହରଲାଲ ନେହେରୁ, ରବୀନ୍ଦ୍ର ନାଥ ଠାକୁର, ସ୍ୱାମୀ ବିବେକାନନ୍ଦ ଓ ଶ୍ରୀ ଅରବିନ୍ଦ ଯେଉଁ ମହାନ୍ ଭାରତବର୍ଷର ସ୍ୱପ୍ନ ଦେଖିଥିଲେ ଓ ସେଥିପାଇଁ ଅହର୍ନିଶ କାର୍ଯ୍ୟ କରିଥିଲେ, ସେହି ସ୍ୱପ୍ନକୁ ରୂପାୟିତ କରିବାପାଇଁ ଆମକୁ ନିତ୍ୟ ନୂତନ ଶକ୍ତି ଓ ସଂକଳ୍ପରେ ସଂଘବଦ୍ଧ ହେବାକୁ ପଡିବ ।

ଏହି ୯ ବର୍ଷ ମଧ୍ୟରେ ଓଡିଶା ନିଜକୁ ଆଗେଇ ନେବାପାଇଁ ବିପୁଳ ଉଦ୍ୟମ କରିଛି । ରାଜନୈତିକ ଓ ଶାସନଗତ ସ୍ଥିରତା ଯୋଗୁଁ ଆମ ରାଜ୍ୟରେ ଅଭୂତପୂର୍ବ ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ପ୍ରଗତି ସମ୍ଭବ ହୋଇପାରିଛି । ୧୯୮୦ ରେ ଓଡିଶା ଥିଲା ଭାରତର ସବୁଠାରୁ ଗରିବ ରାଜ୍ୟ । ଆଜି ତିନୋଟି ରାଜ୍ୟକୁ ଓଡିଶା ପଛରେ ପକାଇ ଆଗକୁ ମାଡିଯାଇଛି — ବିହାର, ଉତ୍ତର ପ୍ରଦେଶ ଓ ମଧ୍ୟପ୍ରଦେଶ । ୧୯୮୦ ମସିହା ହିସାବ ଅନୁଯାୟୀ ଓଡିଶାରେ ଦାରିଦ୍ର୍ୟର ସୀମାରେଖା ତଳେ ଥିଲେ ଶତକଡା ୬୬.୪ ଭାଗ ଲୋକ । ଏହି ସୀମରେଖା ବହୁ ତଳକୁ ଖସି ଆସିଛି ଓ ବର୍ତ୍ତମାନ ଶତକଡା ୪୨.୮ ଭାଗରୁ କମ୍ ଲୋକ ଏହି ସୀମାରେଖା ତଳେ ଅଛନ୍ତି । ସର୍ବଭାରତୀୟ ହାର ସହ ତୁଳନା କଲେ, ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମରେ ଆମେ ଅଧିକ ସଫଳତା ଲାଭ କରିଛୁ ।

୯ ବର୍ଷ ମଧ୍ୟରେ ୧୦ ଲକ୍ଷ ୫୭ ହଜାର ଆଦିବାସୀ ଓ ୧୦ ଲକ୍ଷ ହରିଜନ ପରିବାରକୁ ବିଭିନ୍ନ ଦାରିଦ୍ର୍ୟ ବିରୋଧୀ ଓ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଜରିଆରେ ସାହାଯ୍ୟ କରାଯାଇଛି ।

ଏହା ନିଃସଂଦେହ ଯେ ଆମ ରାଜ୍ୟ ଦାରିଦ୍ର୍ୟ ମୋଚନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ଦିଗରେ ଉତ୍ସାହପ୍ରଦ ପ୍ରଗତି ହାସଲ କରିଛି । ବିଗତ ନଅ ବର୍ଷ ମଧ୍ୟରେ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନାରେ ୧୬ ଲକ୍ଷ ୨୫ ହଜାର ଏବଂ ଗ୍ରାମାଂଚଳ ଗରିବ ଲୋକଙ୍କ ଅର୍ଥନୈତିକ ଥଇଥାନ କାର୍ଯ୍ୟକ୍ରମରେ ୮ ଲକ୍ଷ ୨୧ ହଜାର ଲୋକଙ୍କୁ ସାହାଯ୍ୟ ଦିଆଯାଇଛି । ଜାତୀୟ ଗ୍ରାମାଞ୍ଚଳ ନିଯୁକ୍ତି କାର୍ଯ୍ୟକ୍ରମ ଏବଂ ଗ୍ରାମାଞ୍ଚଳ ଶ୍ରମିକ ନିଯୁକ୍ତି ଗ୍ୟାରେଣ୍ଟି କାର୍ଯ୍ୟକ୍ରମ ଅଧୀନରେ ଗ୍ରାମାଞ୍ଚଳରେ ପ୍ରାୟ ୨୨ କୋଟି ଶ୍ରମ ଦିବସ ସୃଷ୍ଟି ହୋଇଛି ଏବଂ 'ଟ୍ରାଇସେମ୍' ଯୋଜନାରେ ୫୦ ହଜାରରୁ ଊର୍ଦ୍ଧ୍ୱ ଯୁବକ ଯୁବତୀଙ୍କୁ ତାଲିମ ପରେ ଆତ୍ମନିଯୁକ୍ତି ଦିଆଯାଇଛି ।

ବିଗତ ନଅ ବର୍ଷ ମଧ୍ୟରେ ଏକଲକ୍ଷ ୩୫ ହଜାର ଲୋକଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଇଛି । କୃଷି ଶ୍ରମିକମାନଙ୍କ ପାଇଁ ଗୋଷ୍ଠୀବୀମା ପ୍ରବର୍ତ୍ତନ ଓ ସବୁଠୁ ଗରିବ ଲୋକଙ୍କ ପରିବାରର ଉପାର୍ଜନକାରୀ ବ୍ୟକ୍ତି ଦୁର୍ଘଟଣା ଯୋଗୁଁ ମୃତ୍ୟୁମୁଖରେ ପଡିଲେ ଉକ୍ତ ପରିବାରକୁ ବୀମା ଅର୍ଥ ସାହାଯ୍ୟ ଦେବାପାଇଁ ବ୍ୟବସ୍ଥା କରାଯାଇଛି ।

ଖାଦ୍ୟଶସ୍ୟ ଉତ୍ପାଦନ କ୍ଷେତ୍ରରେ ଆମ ରାଜ୍ୟ ନୂତନ ରେକର୍ଡ ସୃଷ୍ଟି କରିଛି । ଷଷ୍ଠ ଯୋଜନା ଆରମ୍ଭ ବେଳକୁ ମାତ୍ର ୩୮ ଲକ୍ଷ ଟନ୍ ଖାଦ୍ୟଶସ୍ୟ ଉତ୍ପାଦିତ ହୋଇଥିବା ବେଳେ ଗତବର୍ଷ ୭୪ ଲକ୍ଷ ଟନ୍ ଖାଦ୍ୟଶସ୍ୟ ଉତ୍ପାଦିତ ହୋଇଛି । ୧୯୮୦ ମସିହା ପୂର୍ବରୁ ଆମେ ହେକ୍ଟର୍ ପିଛା ମାତ୍ର ୮ କିଲୋଗ୍ରାମ ସାର ବ୍ୟବହାର କରୁଥିଲୁ । ଗତବର୍ଷ ହେକ୍ଟର୍ ପିଛା ସାର ବ୍ୟବହାର ପରିମାଣ ୨୫ କିଲୋଗ୍ରାମ୍ ହୋଇଥିଲା ଓ ଆସନ୍ତା ବର୍ଷ ଏହା ୪୫ କିଲୋଗ୍ରାମକୁ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି । ତୈଳବୀଜ ଉତ୍ପାଦନ କ୍ଷେତ୍ରରେ ସର୍ବଭାରତୀୟ ସ୍ତରରେ ଆମ ରାଜ୍ୟ ଅଗ୍ରଣୀ ହୋଇଛି । ହେକ୍ଟର୍ ପିଛା ଚିନାବାଦାମ ଉତ୍ପାଦନ କ୍ଷେତ୍ରରେ ସାରା ଦେଶରେ ଆମ ରାଜ୍ୟ ପ୍ରଥମ ସ୍ଥାନ ଅଧିକାର କରିଛି ।

୧୯୮୦ ପୂର୍ବରୁ ରାଜ୍ୟରେ ୧୩ ଲକ୍ଷ ହେକ୍ଟର୍ ଜମି ଜଳସେଚିତ ହେଉଥିଲା । ଷଷ୍ଠ ଯୋଜନା ଶେଷ ସୁଦ୍ଧା ଏହା ୧୭.୨୨ ଲକ୍ଷ ହେକ୍ଟରକୁ ବୃଦ୍ଧି ପାଇ ସପ୍ତମ ଯୋଜନା ଶେଷକୁ ମୋଟ ଚାଷ ଜମିର ଶତକଡା ୪୦ ଭାଗକୁ ଜଳସେଚନ ସୁବିଧା ମିଳିବ ବୋଲି ଆଶା କରାଯାଉଛି ।

କଳକାରଖାନା କ୍ଷେତ୍ରରେ ଆମେ ବହୁ ପଛରେ ପଡିଥିଲେ । ବୃହତ୍, ମଧ୍ୟମ ଶିଳ୍ପ ସଂଖ୍ୟା ଥିଲା ମାତ୍ର ୫୭ । ବର୍ତ୍ତମାନ ତା'ର ସଂଖ୍ୟା ହେଉଛି ୧୮୫ । କ୍ଷୁଦ୍ର ଶିଳ୍ପ ଥିଲା ନଅ ହଜାର । ବର୍ତ୍ତମାନ ସେଗୁଡିକର ସଂଖ୍ୟା ହେଉଛି ୩୨ ହଜାର । କୁଟୀର ଶିଳ୍ପର ସଂଖ୍ୟା ପ୍ରାୟ ୭ ଲକ୍ଷ ୭୨ ହଜାରରେ ପହଞ୍ଚିଛି । ପ୍ରାୟ ଏକଲକ୍ଷ ହସ୍ତତନ୍ତ ବସିଛି । ଶିଳ୍ପସଂସ୍ଥାଗୁଡିକରେ ପ୍ରାୟ ୧୭ ଲକ୍ଷ ଲୋକ କାମଧନ୍ଦା ପାଉଛନ୍ତି । କେନ୍ଦ୍ର ସରକାରଙ୍କ ଦ୍ୱାରା ଦୁଇହଜାର ସାତଶହ କୋଟି ଟଙ୍କା ବ୍ୟୟରେ ନାଲ୍‌କୋ, ଚାରିଶହ କୋଟି ଟଙ୍କା ବ୍ୟୟରେ ପାରାଦୀପ ଫସ୍‌ଫେଟ୍ ନିର୍ମିତ ହୋଇଛି । ଏକହଜାର କୋଟି ଟଙ୍କା ବ୍ୟୟରେ ସଇଁତଳା ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ କାରଖାନା ନିର୍ମିତ ହେଉଛି । ଶିଳ୍ପୋଦ୍ୟୋଗୀମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଓଡିଆ ।

ବିଜୁଳି ଶକ୍ତି ୧୯୮୦ ମସିହା ପୂର୍ବରୁ ଥିଲା ୯୧୪ ମେଗାୱାଟ୍ । ବର୍ତ୍ତମାନ ହେଉଛି ଦୁଇହଜାର ମେଗାୱାଟ୍‌ରୁ ଊର୍ଦ୍ଧ୍ୱ ।

ଗତ ନଅବର୍ଷ ମଧ୍ୟରେ ୩୬ ହଜାର ୪୦୨ ଗ୍ରାମକୁ ନଳକୂପ ସାହାଯ୍ୟରେ ପାନୀୟ ଜଳ ଯୋଗାଇ ଦିଆଯାଇଛି ।

ଗ୍ରାମାଞ୍ଚଳର ଅର୍ଥନୈତିକ ବିକାଶ ପାଇଁ ରାସ୍ତାଘାଟର ପ୍ରସାର ନିତାନ୍ତ ଆବଶ୍ୟକ । ବିଗତ ନଅବର୍ଷ ମଧ୍ୟରେ ରାସ୍ତାଘାଟ ନିର୍ମାଣ ପ୍ରତି ଅଧିକ ଗୁରୁତ୍ୱ ଦିଆଯିବା ଫଳରେ ୫୨ଟି ସବ୍‌ଡିଭିଜନ୍ ଓ ୨୧୪ ବ୍ଲକ୍ ମଧ୍ୟରେ ପକ୍କା ରାସ୍ତା ଯୋଗାଯୋଗ ହୋଇଛି । ୧୫ ହଜାର ୧୨୨ଟି ଗ୍ରାମକୁ ସବୁଦିନିଆ ରାସ୍ତା ଦ୍ୱାରା ସଂଯୋଗ କରାଯାଇଛି । ଛୋଟ ବଡ ୧୦୪୧ଟି ସେତୁ ନିର୍ମିତ ହୋଇଛି ।

ପ୍ରଧାନମନ୍ତ୍ରୀ ଶ୍ରୀ ରାଜୀବ ଗାନ୍ଧୀ ଜନସାଧାରଣଙ୍କୁ କ୍ଷମତା ଦେବା ଉଦ୍ଦେଶ୍ୟରେ ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣ ବ୍ୟବସ୍ଥାର ଅଂଶ ସ୍ୱରୂପ ପଞ୍ଚାୟତିରାଜ ଓ ନଗରପାଳିକାର ପୁନର୍ବିନ୍ୟାସ ପାଇଁ ପଦକ୍ଷେପ ନେଇଛନ୍ତି । ଏହି ବୈପ୍ଳବିକ ବ୍ୟବସ୍ଥା ଓଡିଶାରେ ମଧ୍ୟ ପ୍ରବର୍ତ୍ତିତ ହେବ । ଜବାହର ରୋଜଗାର ଯୋଜନା ଦ୍ୱାରା ଗ୍ରାମାଞ୍ଚଳର ଅଭାବ ଅସୁବିଧା ପୂରଣ ପାଇଁ ଗ୍ରାମବାସୀମାନେ ଗ୍ରାମସଭା ମାଧ୍ୟମରେ କାର୍ଯ୍ୟକ୍ରମ ସ୍ଥିର କରି ତାହା କାର୍ଯ୍ୟକାରୀ କରିବେ ।

ଏହି କାର୍ଯ୍ୟକ୍ରମଗୁଡିକ ବ୍ୟତୀତ ରାସ୍ତାଘାଟ, ପୋଲ, ସ୍କୁଲଗୃହ ଗରିବଲୋକଙ୍କ ପାଇଁ ଗୃହ, ହରିଜନ ଆଦିବାସୀଙ୍କ ପାଇଁ ଗୃହ ନିର୍ମାଣ କ୍ଷେତ୍ରରେ ବିପୁଳ ଅଗ୍ରଗତି ହୋଇଛି । ପର୍ଯ୍ୟଟନର ଅପୂର୍ବ ବିକାଶ ଘଟିଛି । ଓଡିଆ ଭାଷାକୁ ସରକାରୀ ଭାଷା ରୂପେ ବ୍ୟବହାର କରାଯାଇ ଆମର ଜାତୀୟ ସ୍ୱାଭିମାନ ପ୍ରତିଷ୍ଠା କରାଯାଇଛି । ସାହିତ୍ୟ, ସଂଗୀତ, ନାଟକ, ଲଳିତ କଳାକୁ ଉତ୍ସାହିତ କରାଯାଇଛି । କ୍ରୀଡା କସରତ୍, ଯାତ୍ରା, ଥିଏଟର୍‌ର ବିକାଶ ଓ ଚଳଚ୍ଚିତ୍ର ଶିଳ୍ପର ଦ୍ରୁତ ଅଗ୍ରଗତି ଘଟିଛି ।

ଓଡିଶା ଆଜି ଭାରତର ଏକ ପଛୁଆ, ଅଭିଶପ୍ତ ରାଜ୍ୟ ନୁହେଁ । ଏହା ନୂତନ ଶକ୍ତି, ନୂତନ ତେଜ, ନୂତନ ବେଗରେ ଏକ ଅଗ୍ରଗାମୀ ରାଜ୍ୟ ।

ବହୁ ପଥ ଆମେ ଅତିକ୍ରମ କରିଛେ । ତଥାପି ଆମକୁ ଆହୁରି ସୁଦୀର୍ଘ ପଥ ଅତିକ୍ରମ କରିବାକୁ ପଡିବ ଯେଉଁଦିନ ଆମର ପୂର୍ବପୁରୁଷମାନଙ୍କର ସ୍ୱପ୍ନ ସାର୍ଥକ ହୋଇ ଏକ ସୁଖୀ ଓ ସମୃଦ୍ଧ ଭାରତବର୍ଷ ଗଢି ଉଠିବ ।

**ଜୟ ଭାରତ ମାତା, ଜୟ ଉତ୍କଳ ଜନନୀ ।**

ଓଡ଼ିଶାକୁ ଭାରତର ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ
ସଙ୍କଳ୍ପବଦ୍ଧ ହୁଅନ୍ତୁ

# ସ୍ୱାଧୀନତା ଦିବସ ଉପଲକ୍ଷେ ସୂଚନା ଓ ଲୋକ ସମ୍ପର୍କ ରାଷ୍ଟ୍ରମନ୍ତ୍ରୀଙ୍କ ବାର୍ତ୍ତା

ସୂଚନା ଓ ଲୋକ ସମ୍ପର୍କ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂହ ସ୍ୱାଧୀନତା ଦିବସ ଉପଲକ୍ଷେ ରାଜ୍ୟର ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଏକ ବାର୍ତ୍ତା ଦେଇ କହିଛନ୍ତି ଯେ ବିଗତ ୯ ବର୍ଷ ମଧ୍ୟରେ ରାଜନୈତିକ ଓ ପ୍ରଶାସନିକ ସ୍ଥିରତା ଯୋଗୁଁ ଓଡ଼ିଶାର ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ କ୍ଷେତ୍ରରେ ବିପୁଳ ପରିବର୍ତ୍ତନ ସମ୍ଭବ ହୋଇଛି । ଓଡ଼ିଶାକୁ ଭାରତର ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ଛାତ୍ର ଓ ଯୁବକ, ଶ୍ରମିକ ତଥା ବୁଦ୍ଧିଜୀବୀମାନଙ୍କର ଆନ୍ତରିକ ସହଯୋଗ ସେ କାମନା କରିଛନ୍ତି । ଶ୍ରୀ ସିଂହଙ୍କ ପୂର୍ଣ୍ଣାଙ୍ଗ ବାର୍ତ୍ତା ନିମ୍ନରେ ପ୍ରଦତ୍ତ ହେଲା :

"ସ୍ୱାଧୀନ ଭାରତର ଜନ୍ମ ତିଥି ଅଗଷ୍ଟ ୧୫ କେବଳ ଭାରତବାସୀଙ୍କ ପାଇଁ ନୁହେଁ ସାରା ବିଶ୍ୱ ପକ୍ଷେ ଏହା ଏକ ସ୍ମରଣୀୟ ଦିବସ । ବହୁ ବର୍ଷର ପରାଧୀନତା ପରେ ବିଦେଶୀ ଶାସନର ଶୃଙ୍ଖଳ ଛିନ୍ନ କରି ୧୯୪୭ ମସିହାର ଏହି ପବିତ୍ର ଦିବସରେ ଭାରତ ସ୍ୱାଧୀନ ହେଲା । ଦେଶବାସୀଙ୍କର ଅସୀମ ତ୍ୟାଗ, ନିଷ୍ଠାପର ତଥା ଐକାନ୍ତିକ ଉଦ୍ୟମ ଓ ବହୁ ନରନାରୀଙ୍କ ପ୍ରାଣବଳି ଫଳରେ ସ୍ୱାଧୀନତା ପ୍ରାପ୍ତି ସମ୍ଭବ ହେଲା । ଯେଉଁ ଅଗଣିତ ନରନାରୀ ଅସୀମ କଷ୍ଟ ଓ ତ୍ୟାଗ ବରଣ କରି ପ୍ରାଣବଳି ଦେଇଥିଲେ, ଯେଉଁମାନଙ୍କ ନିଷ୍ଠା ଓ ତ୍ୟାଗ ବଳରେ ଆମେ ଆଜି ସ୍ୱାଧୀନ ଦେଶର ନାଗରିକ ଭାବରେ ଗର୍ବ ଓ ଗୌରବ ଅର୍ଜନ କରିଛୁ ସେହିମାନଙ୍କ ପବିତ୍ର ସ୍ମୃତି ପ୍ରତି ଆଜି ଆମେ ପ୍ରଥମେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା । ଜାତୀୟ ଆନ୍ଦୋଳନର କର୍ଣ୍ଣଧାର ମହାମାନବ ମହାତ୍ମା ଗାନ୍ଧୀ, ପଣ୍ଡିତ ଜବାହରଲାଲ୍ ନେହେରୁ, ସର୍ଦ୍ଦାର୍ ପଟେଲ ଓ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ପ୍ରମୁଖ ନେତୃବୃନ୍ଦଙ୍କ ପ୍ରତି ଏ ଜାତି ଚିର କୃତଜ୍ଞ । କେବଳ ଦେଶର ସ୍ୱାଧୀନତା ପ୍ରାପ୍ତି ନୁହେଁ, ଏ ଦେଶ ଓ ଜାତିକୁ ଦିଗ୍‌ଦର୍ଶନ ଦେବାରେ ସେମାନଙ୍କର ଅବଦାନ ଚିରସ୍ମରଣୀୟ ହୋଇ ରହିବ ।

"ପବିତ୍ର ଆମର ଜନ୍ମଭୂମି, ସ୍ୱର୍ଣ୍ଣପ୍ରସୂ ଏହି ଭାରତ ବର୍ଷ । ମହାନ୍ ଏହାର ଐତିହ୍ୟ, ମହାନ୍ ଏହାର ପରମ୍ପରା । ଏହାର ପ୍ରତି ଧୂଳିକଣା ଆମ ପାଇଁ ପବିତ୍ର । ଭାରତରେ ଜନ୍ମ ଗ୍ରହଣ କରି ପ୍ରତ୍ୟେକ ଭାରତବାସୀ ଏହି ଗର୍ବ ଓ ଗୌରବର ଅଧିକାରୀ ।

"ଦେଶ ସ୍ୱାଧୀନ ହେବା ପରେ ଆଜି ଚୟାଳିଶ ବର୍ଷ ଅତିକ୍ରାନ୍ତ ହୋଇ ସାରିଛି । ଦେଶର ଅଧିକାଂଶ ନାଗରିକଙ୍କର ଜନ୍ମ 'ସ୍ୱାଧୀନତାର ଉତ୍ତର କାଳରେ । କିନ୍ତୁ ଅତୀତ ହିଁ ବର୍ତ୍ତମାନର ଜନକ । ସ୍ୱାଧୀନତା

ସଂଗ୍ରାମର ଅପୂର୍ବ ଆତ୍ମୋତ୍ସର୍ଗର ଝଲକ, ବର୍ତ୍ତମାନକୁ ଦେଉଛି ଉଦ୍ଦୀପନା, ଭବିଷ୍ୟତକୁ କରିବ ଉଦ୍‌ବୁଦ୍ଧ, ଅଗ୍ରଗାମୀ ହେବା ପାଇଁ ଆମକୁ ଦେବ ପ୍ରେରଣା ।

"ସ୍ୱାଧୀନତା ପରବର୍ତ୍ତୀ କାଳରେ ସବୁ କ୍ଷେତ୍ରରେ ଆମ ଦେଶ ଉଲ୍ଲେଖଯୋଗ୍ୟ ପ୍ରଗତି ହାସଲ କରିପାରିଛି । ଯୁବ ପ୍ରଧାନମନ୍ତ୍ରୀ ଶ୍ରୀ ରାଜୀବ ଗାନ୍ଧୀଙ୍କ ବୈପ୍ଳବୀକ ଚିନ୍ତାଧାରା ଯୋଗୁଁ ବିଶ୍ୱର ବୃହତ୍ତମ ଗଣତାନ୍ତ୍ରିକ ରାଷ୍ଟ୍ର ରୂପେ ଭାରତ ଆଜି ସମ୍ମାନଜନକ ସ୍ଥାନ ହାସଲ କରିପାରିଛି । ଅର୍ଥନୈତିକ କ୍ଷେତ୍ରରେ ମଧ୍ୟ ଅମେ ଲାଭ କରିପାରିଛେ ଅପୂର୍ବ ସାଫଲ୍ୟ । ବିଜ୍ଞାନ ଓ କାରିଗରୀ କୌଶଳ, କୃଷି ଓ ଶିଳ୍ପ ପ୍ରଭୃତି ବିଭିନ୍ନ କ୍ଷେତ୍ରରେ ଆମର ସଫଳତା ଉଲ୍ଲେଖନୀୟ । ଯୁବକମାନଙ୍କୁ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିବା ପାଇଁ ସୁଯୋଗ ଦେବା ଉଦ୍ଦେଶ୍ୟରେ ଭୋଟ ଦାନ ବୟସ ୧୮ ବର୍ଷକୁ ହ୍ରାସ କରିବା, ଜଟିଳ ଓ ବିବଦମାନ ସମସ୍ୟାଗୁଡ଼ିକର ସମାଧାନ, ପଞ୍ଚାୟତିରାଜ ଓ ନଗରପାଳିକା ବ୍ୟବସ୍ଥାର ପୁନର୍ବିନ୍ୟାସ କରିଆରେ ସାଧାରଣ ଲୋକଙ୍କୁ କ୍ଷମତା ପ୍ରଦାନ, ଜବାହର ରୋଜଗାର ଯୋଜନା ପ୍ରବର୍ତ୍ତନ ପ୍ରଭୃତି କାର୍ଯ୍ୟକ୍ରମଗୁଡ଼ିକ ଜନମାନସରେ ଅପୂର୍ବ ପୁଲକ ଆଣି ଦେଇଛି ।

—

"ବିଗତ ୯ ବର୍ଷ ମଧ୍ୟରେ ଆମ ରାଜ୍ୟରେ ରାଜନୈତିକ ଓ ପ୍ରଶାସନିକ ସ୍ଥିରତା ଯୋଗୁଁ ଓ ନିରବଚ୍ଛିନ୍ନ ସାଧନା ବଳରେ ଆମେ ଅଛି ସମୃଦ୍ଧି ପଥରେ ଦ୍ରୁତ ଗତିରେ ଅଗ୍ରସର ହେଉଛୁ । କୃଷି, ଜଳସେଚନ, ଗମନାଗମନ ବ୍ୟବସ୍ଥା, ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ ଓ ସମାଜ କଲ୍ୟାଣ ପ୍ରଭୃତି କାର୍ଯ୍ୟକ୍ରମରେ ଓଡ଼ିଶା ଉଲ୍ଲେଖଯୋଗ୍ୟ ସାଫଲ୍ୟ ହାସଲ କରିପାରିଛି । କୃଷି ଉତ୍ପାଦନ କ୍ଷେତ୍ରରେ ଆମ ରାଜ୍ୟ ନୂତନ ରେକର୍ଡ ସୃଷ୍ଟି କରିଛି । ଏକ ନୂତନ ଶିଳ୍ପ ସଂସ୍କୃତି ସୃଷ୍ଟି ହେବା ଫଳରେ ବହୁ କଳକାରଖାନା ରାଜ୍ୟରେ ଗଢ଼ି ଉଠିଛି । ନଅ ବର୍ଷ ତଳେ ଓଡ଼ିଶାରେ ଯେତେ ଗରିବ ଲୋକ ଥିଲେ ସେମାନଙ୍କ ସଂଖ୍ୟା ଏବେ ସର୍ବଭାରତୀୟ ହାର ତୁଳନାରେ ବହୁତ ହ୍ରାସ ପାଇଛି । ଆଜି ଓଡ଼ିଶା ଭାରତର ସବୁଠୁ ପଛୁଆ ରାଜ୍ୟ ନୁହେଁ । ଜନସାଧାରଣଙ୍କ ଆଶା ଆକାଂକ୍ଷା ପୂରଣ କରି ଓଡ଼ିଶାକୁ ଭାରତର ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ଆମକୁ ପ୍ରଗତିର ବେଗକୁ ବହୁଗୁଣିତ କରିବାକୁ ହେବ ।

"ପବିତ୍ର ସ୍ୱାଧୀନତା ଦିବସ ଉପଲକ୍ଷେ ମୁଁ ରାଜ୍ୟବାସୀଙ୍କ ପ୍ରତି ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରୁଛି ଓ ଛାତ୍ର, ଯୁବକ, ଶ୍ରମିକ, ବୁଦ୍ଧିଜୀବୀ ତଥା ସବୁ ଶ୍ରେଣୀର ଲୋକଙ୍କୁ ବିନମ୍ର ନିବେଦନ କରୁଛି ଯେ ଅସନ୍ତୁ ଅମେ ସମସ୍ତେ ମିଳିମିଶି ଓଡ଼ିଶାକୁ ଭାରତର ଅଗ୍ରଗଣ୍ୟ ରାଜ୍ୟରେ ପରିଣତ କରିବା ପାଇଁ ଆଜିର ପବିତ୍ର ଦିବସରେ ପୁଣି ଥରେ ସଙ୍କଳ୍ପ ନେବା ।"

ଜୟହିନ୍ଦ୍

## • ଜାତୀୟ ସଙ୍ଗୀତ

ଜନ-ଗଣ-ମନ-ଅଧିନାୟକ ଜୟ ହେ
ଭାରତ-ଭାଗ୍ୟ-ବିଧାତା

ପଞ୍ଜାବ-ସିନ୍ଧୁ-ଗୁଜରାଟ-ମରାଠା
ଦ୍ରାବିଡ-ଉତ୍କଳ-ବଙ୍ଗ

ବିନ୍ଧ୍ୟ-ହିମାଚଳ-ଯମୁନା-ଗଙ୍ଗା
ଉଚ୍ଛଳ ଜଳଧି ତରଙ୍ଗ

ତବ ଶୁଭ ନାମେ ଜାଗେ
ତବ ଶୁଭ ଆଶୀଷ ମାଗେ
ଗାହେ ତବ ଜୟ ଗାଥା

ଜନଗଣ-ମଙ୍ଗଳଦାୟକ ଜୟ ହେ,
ଭାରତ-ଭାଗ୍ୟ-ବିଧାତା

ଜୟ ହେ, ଜୟ ହେ, ଜୟ ହେ,
ଜୟ ଜୟ ଜୟ ଜୟ ହେ ।

# ବନ୍ଦେ ମାତରମ୍

ସୁଜଳାମ୍, ସୁଫଳାମ୍, ମଳୟଜ ଶୀତଳାମ୍
ଶସ୍ୟ ଶ୍ୟାମଳାମ୍ ମାତରମ୍ ।
ଶୁଭ୍ରଜ୍ୟୋତ୍ସ୍ନାଂ ପୁଲକିତ ଯାମିନୀମ୍
ଫୁଲ୍ଲ କୁସୁମିତ ଦ୍ରୁମଦଳ ଶୋଭିନୀମ୍
ସୁହାସିନୀମ୍ ସୁମଧୁର ଭାଷିଣୀମ୍
ସୁଖଦାଂ ବରଦାଂ ମାତରମ୍ ।।

ବନ୍ଦେ ମାତରମ୍ ।।।





# ଆମ ଜାତୀୟ ପତାକା

ଭାରତୀୟ ଜାତୀୟ ପତାକାର ଆଦ୍ୟଭାଗ କେଶରୀ, ମଧ୍ୟଭାଗ ଶ୍ୱେତ ଏବଂ ନିମ୍ନଭାଗ ସବୁଜ ରଙ୍ଗ । କେଶରୀ ରଙ୍ଗ ହେଲା ସାହସ ଓ ତ୍ୟାଗର ପ୍ରତୀକ । ସତ୍ୟ, ଶାନ୍ତି ଓ ପବିତ୍ରତା ପାଇଁ ଶ୍ୱେତ ରଙ୍ଗ ଉଦ୍ଦିଷ୍ଟ । ସବୁଜ ରଙ୍ଗ ବୀରତ୍ୱ, ବିଶ୍ୱାସ, ଶ୍ରଦ୍ଧା ଓ ଭକ୍ତିର ନିଦର୍ଶନ । ଶାନ୍ତି ଓ ପ୍ରଗତିର ପ୍ରତୀକ ରୂପେ ପତାକାର ମଧ୍ୟଭାଗରେ ଅଶୋକଚକ୍ର ବିଦ୍ୟମାନ ।

ଆକାର—ଜାତୀୟ ପତାକା ପାଞ୍ଚଗୋଟି ଆକାରରେ ମିଳିଥାଏ—
(୧) ୨୧ × ୧୪ (୨) ୧୨ × ୮ (୩) ୬ × ୪
(୪) ୩ × ୨ ଓ (୫) ९ × ६

**ପତାକା ପ୍ରଦର୍ଶନର ନିୟମାବଳୀ:—**

* ସରକାରୀ କୋଠାମାନଙ୍କରେ ଜାତୀୟ ପତାକା ଉଡାଇବାକୁ ହେଲେ ଏହା ରବିବାର ଓ ଛୁଟିଦିନ ସମେତ ସବୁଦିନ ଉଡ଼ାଯିବ ଓ ପାଗର ଅବସ୍ଥା ଯେପରି ହୋଇଥାଉ ପଛକେ ସୂର୍ଯ୍ୟୋଦୟ ଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଉଡୁଥିବ । ଅତି ବିଶିଷ୍ଟ ଅବସରରେ ଏହା ରାତିରେ ମଧ୍ୟ ଉଡା ଯାଇ ପାରେ ।
* ଯଦି କୌଣସି ସଭାମଞ୍ଚରେ ପତାକା ଉଡ଼ା ଯାଉଥାଏ, ତେବେ ତାହା ବକ୍ତାଙ୍କ ଡାହାଣ ପଟକୁ ରହିବ । ଯଦି ଏହା ଅନ୍ୟ ଭାବେ ପ୍ରଦର୍ଶିତ ହୋଇଥାଏ ତେବେ ପତାକାଟି ବକ୍ତାଙ୍କ ପଛପଟେ ଓ ଊର୍ଦ୍ଧ୍ୱରେ ରହିବ ।
* କୌଣସି ଶୋଭାଯାତ୍ରା ବା ପରେଡରେ ନିଆଗଲାବେଳେ ପତାକାଟି ଶୋଭାଯାତ୍ରାର ଅଗ୍ରଭାଗରେ ଡାହାଣ ପଟକୁ ରହିବ ଅର୍ଥାତ୍ ପତାକାଟି ନିଜର ଡାହାଣ ପଟକୁ ରହିବ । ଯଦି ଅନ୍ୟ କେତେକ ପତାକା ଗୋଟିଏ ଧାଡ଼ିରେ ନିଆଯାଉଥାଏ, ତେବେ ଧାଡ଼ି ସାମ୍ନାର କେନ୍ଦ୍ର ସ୍ଥାନରେ ଜାତୀୟ ପତାକାଟି ରହିବ ।
* ନଷ୍ଟ ହୋଇଯାଇଥିବା କିମ୍ବା ଅବ୍ୟବସ୍ଥିତ ବା ମୋଡ଼ି ମକଚି ହୋଇଯାଇଥିବା ପତାକା ପ୍ରଦର୍ଶନ କରାଯିବ ନାହିଁ ।
* କୌଣସି ବ୍ୟକ୍ତି ବା ବସ୍ତୁକୁ ପ୍ରଣାମ ଜଣାଇବା ଉଦ୍ଦେଶ୍ୟରେ ପତାକା ନତ କରାଯିବ ନାହିଁ ।
* କୌଣସି ପତାକା ଜାତୀୟ ପତାକା ସହିତ ଉଡାଯାଇ ପାରିବ ନାହିଁ ।
* ସଭା ସମିତିରେ ବକ୍ତାଙ୍କ ଟେବୁଲର ଆଚ୍ଛାଦନ ରୂପେ କିମ୍ବା ସଭାମଞ୍ଚ ଉପରେ ଝାଲର ଆକାରରେ ଜାତୀୟ ପତାକା ବ୍ୟବହାର କରାଯିବ ନାହିଁ ।
* ଜାତୀୟ ପତାକାକୁ ଭୂମି କିମ୍ବା ଘର ତଳ ସ୍ପର୍ଶ କରିବାକୁ କିମ୍ବା ପାଣିରେ ଘୁସୁରିବାକୁ ଦିଆଯିବ ନାହିଁ ।
* ଜାତୀୟ ପତାକା ଉତ୍ତୋଳନ ବା ଅବତରଣ ଉତ୍ସବ ସମୟରେ ସେଠାରେ ଉପସ୍ଥିତ ସମସ୍ତ ଲୋକ ପତାକା ଆଡକୁ ମୁହଁ କରି ସାବଧାନ ହୋଇ ଠିଆ ହେବେ । ଯେଉଁମାନେ ୟୁନିଫର୍ମ ପିନ୍ଧି ଉପସ୍ଥିତ ଥିବେ ସେମାନେ ପତାକାକୁ ଯଥାରୀତି ଅଭିବାଦନ ଜଣାଇବେ ।

# ଜାତୀୟତାର ପ୍ରତୀକ

କାଶ୍ମୀରରୁ କନ୍ୟାକୁମାରୀ ଯାଏଁ ଓ କାମରୂପଠାରୁ ଦ୍ୱାରକା ଯାଏଁ ଆମର ୬୮ କୋଟି ଲୋକଙ୍କୁ ଆଜି ଏକାଠି ବାନ୍ଧି ରଖିଛି ତିନୋଟି ମମତାର ଡୋରି :


## • ଜାତୀୟ ପତାକା



## • ଜାତୀୟ ସଙ୍ଗୀତ

ଜନଗଣ ମନ ଅଧିନାୟକ ଜୟ ହେ
ଭାରତ-ଭାଗ୍ୟ-ବିଧାତା !
ପଞ୍ଜାବ ସିନ୍ଧୁ ଗୁଜରାଟ ମରାଠା
ଦ୍ରାବିଡ଼ ଉତ୍କଳ ବଙ୍ଗ
ବିନ୍ଧ୍ୟ ହିମାଚଳ ଯମୁନା ଗଙ୍ଗା
ଉଚ୍ଛଳ ଜଳଧି ତରଙ୍ଗ
ତବ ଶୁଭ ନାମେ ଜାଗେ ତବ ଶୁଭ
ଆଶିଷ ମାଗେ
ଗାଏ ତବ ଜୟ ଗାଥା !
ଜନଗଣ ମଙ୍ଗଳ-ଦାୟକ ଜୟହେ !
ଭାରତ-ଭାଗ୍ୟ-ବିଧାତା !
ଜୟହେ, ଜୟହେ, ଜୟହେ, ଜୟ ଜୟ ଜୟ ଜୟ ହେ !

## • ଜାତୀୟ ସଙ୍କେତ




ଏ ତିନୋଟିର ପଛରେ ଅଛି—ଯୁଗ-ଯୁଗର ଇତିହାସ, ଆମର ପ୍ରାଚ୍ୟ ପରମ୍ପରା ଓ ଆତ୍ମତ୍ୟାଗର ମହନୀୟତା । ବଂଶାନୁକ୍ରମେ ସମଗ୍ର ଜାତି ତଥା ପ୍ରତ୍ୟେକ ବ୍ୟକ୍ତି ପକ୍ଷେ ଏ ତିନୋଟି ଗୋଟିଏ ଗୋଟିଏ ପବିତ୍ର ନ୍ୟାସ ବା ଦାୟ; ସେଗୁଡ଼ିକର ସୁରକ୍ଷା ପାଇଁ ଏ ଜାତି ଯୁଗେ ଯୁଗେ ପ୍ରାଣ ପଣ କରି ଆସିଛି, କରୁଛି ଓ କରୁଥିବ । ନିଜର ବିଶ୍ୱାସରେ ଅଟଳ ରହି ଯେଉଁ ଜାତି ଯୂପକାଠରେ ହସି ହସି 'ଶିର' ଦେଇପାରେ, ସାରା ବିଶ୍ୱର କ୍ରୁଦ୍ଧ ଦୃଷ୍ଟିରେ ଦେଖି ଯେ ବିଶ୍ୱ ମଞ୍ଚରେ ନିରପେକ୍ଷତାର ମଶାଲ ଜାଳି ଧରେ, ଯାର ଆତ୍ମଶକ୍ତି ଆଗରେ ସଙ୍ଗୀନ୍ ମୁନ ମଥା ନତ କରେ—ତା'ର ଆତ୍ମା ଅଜେୟ, ଅମର ।

ଆ
ମ
ର

ପ
ତା
କା

—ଚିତ୍ରଟିର ପରିଚୟ ସମସ୍ତେ ଜାଣନ୍ତି ।



# ମୋ ଦୃଷ୍ଟିରେ ....

ସ୍ୱାଧୀନତା ଦିବସରେ "ଉତ୍କଳ ପ୍ରସଙ୍ଗ"ର ଏହି ବିଶେଷ ସଂଖ୍ୟା ତା'ର ବିଜ୍ଞ ପାଠକ ପାଠିକାମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଜ୍ଞାପନ କରୁଛି ।

ଭାରତର ଜୟଯାତ୍ରା ପଥରେ, ଭାରତୀୟ ଜୀବନରେ ଦେଶ ସ୍ୱାଧୀନ ହେବାର ବୟାଳିଶ ବର୍ଷ ପୂରି ଯାଉଅଛି । ଭାରତ ତା'ର ଲମ୍ବା ଜୀବନ ଯାତ୍ରା ପଥରେ ଦ୍ରୁତ ସୁଲଭ କ୍ଷିପ୍ର ଗତିରେ ଆଗେଇ ଚାଲିବ ଆହୁରି ଆଗକୁ, ବହୁତ ଦୂରକୁ – ଏହା ହିଁ ଆମର ଆଶା । "ଉତ୍କଳ ପ୍ରସଙ୍ଗ"ର ଏହା ହିଁ କାମନା ।

ଏହି ପରିପ୍ରେକ୍ଷୀରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱରେ ଦକ୍ଷ ଶାସନର ଦଶ ବର୍ଷରେ ପଦାର୍ପଣ କରିଥିବା ଆନନ୍ଦର ବିଷୟ । ତେଣୁ ଏହି ବିଶେଷ ସଂଖ୍ୟାରେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଚାଲିଥିବା ଶାସନର ବିଶେଷ ପର୍ଯ୍ୟାଲୋଚନା କରାଯାଇଛି ଏବଂ ଆମେ ଏଥି ପ୍ରତି ପାଠକମାନଙ୍କ ଦୃଷ୍ଟି ଆକର୍ଷଣ କରୁଛୁ ।

ଶାସନର ବିକେନ୍ଦ୍ରୀକରଣ ପଥରେ ପଞ୍ଚାୟତିରାଜର ନୂତନ ଢାଞ୍ଚା ଏବେ ଭାରତର ରାଜନୈତିକ, ସାମାଜିକ ଓ ସାଂସ୍କୃତିକ ଜୀବନରେ ନବ ସ୍ପନ୍ଦନ ଜାଗ୍ରତ କରି ପାରିଛି । ପ୍ରଧାନମନ୍ତ୍ରୀ ଶ୍ରୀ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସମ୍ପର୍କରେ ଦେଇଥିବା ଭାଷଣର ଅନୁବାଦ ଏହି ସଂଖ୍ୟାର ପ୍ରଥମ ଲେଖା ରୂପେ ପ୍ରକାଶିତ ହୋଇଛି ।

ଏବର୍ଷ ଭୁବନେଶ୍ୱରରେ ଅନୁଷ୍ଠିତ କୃଷକମେଳାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଯେଉଁ ବକ୍ତୃତା ଦେଇଥିଲେ ତା'ର ସାରାଂଶ ଏହି ସଂଖ୍ୟାରେ "ସୁନାର ଓଡ଼ିଶା ଗଠନ" ଶୀର୍ଷକ ପ୍ରବନ୍ଧରେ ପ୍ରକାଶ ପାଇଛି । ଓଡ଼ିଶା ଶାସନ ଯେ ଶିଳ୍ପାୟନ ସହ କୃଷିର ଉନ୍ନୟନକୁ ସମ ପରିମାଣରେ ଗୁରୁତ୍ୱ ଦେଉଛନ୍ତି ତାହା ଏହି ଲେଖାରୁ ସ୍ପଷ୍ଟ ହୋଇଯିବ ବୋଲି ଆମେ ଆଶା କରୁଛୁଁ ।

ଏହି ସଂଖ୍ୟା ରାଜ୍ୟର ବିଶିଷ୍ଟ ମନ୍ତ୍ରୀ, ଐତିହାସିକ, ସାହିତ୍ୟିକ ଓ ଅନ୍ୟାନ୍ୟ ବ୍ୟକ୍ତିମାନଙ୍କ ଲେଖା ଦ୍ୱାରା ସମୃଦ୍ଧ । ଶେଖ୍ ମତ୍‌ଲୁବ୍ ଅଲ୍ଲୀଙ୍କ "ଓଡ଼ିଶାରେ ଜଳସେଚନର ପ୍ରସାର", ଶ୍ରୀ ରାସ ବିହାରୀ ବେହେରାଙ୍କର "କୃଷି କ୍ଷେତ୍ରରେ ଓଡ଼ିଶାର ପ୍ରଗତି", ଶ୍ରୀ ତମ୍ବରୁଧର ଉଲାକାଙ୍କର "ଓଡ଼ିଶାରେ ସାମାଜିକ ବନୀକରଣ" ଓ ଶ୍ରୀ ଶରତ ରାଉତଙ୍କର "ଓଡ଼ିଶାରେ ପର୍ଯ୍ୟଟନର ବିକାଶ" ସମ୍ପର୍କୀୟ ଲେଖାମାନ ବିଗତ ଦଶନ୍ଧିରେ ବିଭିନ୍ନ କ୍ଷେତ୍ରରେ ହୋଇଥିବା ଅଗ୍ରଗତିର ଆଲେଖ୍ୟ ।

ଡକ୍ଟର୍ ସତ୍ୟନାରାୟଣ ରାଜଗୁରୁଙ୍କର "ଓଡିଶାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ", ଡକ୍ଟର୍ ବୈଦ୍ୟନାଥ ମିଶ୍ରଙ୍କର "ଓଡିଶାର ଅର୍ଥନୈତିକ ସ୍ଥିତି", ଶ୍ରୀ ସାତକଡି ହୋତାଙ୍କର "ଓଡିଶାର ସାଂସ୍କୃତିକ ପୁନରୁଦ୍ଧାର" ଓ ଅଧ୍ୟାପକ ରାଜକିଶୋର ରାୟଙ୍କର "ଏକ ଉତ୍ସର୍ଗୀକୃତ ଜୀବନ" ପ୍ରବନ୍ଧ ଚତୁଷ୍ଟୟ ପ୍ରତି ଆମେ ପାଠକଙ୍କର ଦୃଷ୍ଟି ଆକର୍ଷଣ କରିବୁ ।

ଭାରତର ସ୍ୱାଧୀନତା ଦିବସ ମହାନ୍ ଦ୍ରଷ୍ଟା ଋଷି ଅରବିନ୍ଦଙ୍କର ଜନ୍ମ ଦିବସ । "ଶ୍ରୀ ଅରବିନ୍ଦଙ୍କ ସ୍ୱପ୍ନର ଭାରତ" ଏଇ ପାଇଁ କାଳୋପଯୋଗୀ । ସ୍ୱାଧୀନତା ସଂଗ୍ରାମରେ ଓଡିଶାର ଦାନ କମ ମହତ୍ତ୍ୱପୂର୍ଣ୍ଣ ନୁହେଁ । ବାଲେଶ୍ୱର ଜିଲ୍ଲାର ଲୁଣିଆ ତଥା ସୁନ୍ଦରଗଡ ଜିଲ୍ଲାର ଅମ୍କୋ-ସିମ୍କୋ ଭଳି ଲୋକଲୋଚନକୁ ଆସି ନ ଥିବା ଦୁଇଟି ଘଟଣା ଏଇ ସଂଖ୍ୟାରେ ଉଲ୍ଲେଖ କରାଯାଇଛି ।

ଭାରତ ଓ ତା'ର ପଡୋଶୀ ରାଜ୍ୟମାନଙ୍କ ମଧ୍ୟରେ ରହିଥିବା ସମ୍ପର୍କକୁ ଭିତ୍ତି କରି ସ୍ୱାଧୀନତା ଦିବସରେ ଶ୍ରୀମତୀ ସ୍ମିତା ମିଶ୍ରଙ୍କର "ନେପାଳର ଭାରତ ସହ ସମ୍ପର୍କ" ଶୀର୍ଷକ ପ୍ରବନ୍ଧ ପ୍ରତି ମଧ୍ୟ ଆମେ ପାଠକଙ୍କ ଦୃଷ୍ଟି ଆକର୍ଷଣ କରୁଛୁ ।

# ପଂଚାୟତି ରାଜ

ଶ୍ରୀ ରାଜୀବ ଗାନ୍ଧୀ

ଏହି ସମ୍ମେଳନରେ ଯୋଗ ଦେଇ ମୁଁ ଅତ୍ୟନ୍ତ ଆନନ୍ଦ ଲାଭ କରୁଛି । ସମ୍ମେଳନ ପାଇଁ ଏପରି ଏକ ଉପଯୁକ୍ତ ଦିନ ଧାର୍ଯ୍ୟ କରିଥିବାରୁ ମୁଁ ମନ୍ତ୍ରଣାଳୟକୁ ସାଧୁବାଦ ଜଣାଉଛି । ଏହି ଦିନଟି ୪୦ ତମ ଗଣରାଜ୍ୟ ଦିବସ ଓ ଗାନ୍ଧୀଙ୍କ ମହାପ୍ରୟାଣ ମଝିରେ ପଡ଼ିଛି । ପ୍ରଥମ ଗଣରାଜ୍ୟ ଦିବସରେ ଆମେ ଯେତେବେଳେ ସମ୍ବିଧାନକୁ ସ୍ୱୀକୃତି ଦେଲୁ ସେତେବେଳେ ଜନସାଧାରଣଙ୍କ ହାତରେ କ୍ଷମତା ଦେବା ପାଇଁ ଆମେ ଅଙ୍ଗୀକାରବଦ୍ଧ ହୋଇଥିଲୁ । ଗାନ୍ଧିଜୀ ଇଂରେଜ ତଥା ସାମ୍ରାଜ୍ୟବାଦୀ ଶକ୍ତି ବିରୁଦ୍ଧରେ ଲକ୍ଷ୍ୟ ହାସଲ ନିମନ୍ତେ ସଂଗ୍ରାମ କରିଥିଲେ । ମୁଁ ବିଶେଷ ଖୁସି ଯେ ଆଗାମୀ ଦୁଇଦିନ ମଧ୍ୟରେ ଏ ସଂପର୍କରେ ଆଲୋଚନା କରିବା ପାଇଁ ଆମେ ଏହି ସୁଯୋଗ ପାଉଛୁ । ଭାଷଣ ଶେଷରେ ମୋର ଏକ ଅଭିଯୋଗ କରିବାର ଥିଲା । କିନ୍ତୁ ପ୍ରଥମରୁ ମୁଁ ତାହା ଉଲ୍ଲେଖ କରୁଛି । ଭଜନଲାଲ୍‌ଜୀ ଆଠ ହଜାର ଲୋକଙ୍କୁ ଦିଲ୍ଲୀ ଆସିବା ପାଇଁ ନିମନ୍ତ୍ରଣ କରିଛନ୍ତି । ଆଲୋଚନା ନିମନ୍ତେ ମାତ୍ର ଦୁଇ ଦିନ ଓ ଗୋଟିଏ ରାତି ସମୟ ଧାର୍ଯ୍ୟ କରିଛନ୍ତି । ଆମନ୍ତ୍ରିତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯଦି ପ୍ରତ୍ୟେକ ପାଞ୍ଚ ମିନିଟ କରି କହନ୍ତି ତା'ହେଲେ ଧାର୍ଯ୍ୟ ସମୟଠାରୁ ବିନିଯୋଗ ହେବ । ମୁଁ ଅନୁଭବ କରୁଛି ଯେ ଏତେ ଅଳ୍ପ ସମୟ ମଧ୍ୟରେ ଆମେ କାର୍ଯ୍ୟସୂଚୀ ଭଲଭାବରେ ଆଲୋଚନା କରି ପାରିବା ନାହିଁ । ମୋର ଆଶା, ଭଜନଲାଲ୍‌ଜୀ ଅନ୍ତତଃ ଦ୍ୱିଗୁଣିତ ସଂଖ୍ୟକ ବକ୍ତା ସେମାନଙ୍କ ମତାମତ ଦେବା ପାଇଁ ସମ୍ମେଳନଟିକୁ ଆଉ ଦୁଇ ଦିନ ବଢାଇ ଦେବେ । ଶିବିରରେ ମଧ୍ୟ ଆଉ ଦୁଇ ଦିନ ରହିବାର ସୁବ୍ୟବସ୍ଥା କରିବେ ।

ସ୍ୱାଧୀନତା ପରେ ଗଣତନ୍ତ୍ରର ତୃତୀୟ ସ୍ତର ସୁଦୃଢ କରିବା ପାଇଁ ଆମେ ସମ୍ବିଧାନରେ ଅଙ୍ଗୀକାରବଦ୍ଧ ହୋଇଥିଲୁ । ଦିଲ୍ଲୀ ଏବଂ ରାଜ୍ୟ ରାଜଧାନୀରୁ ଶାସିତ ପ୍ରଥମ ଓ ଦ୍ୱିତୀୟ ସ୍ତର କେତେଗୋଟି ନିର୍ବାଚନ ପରେ ସୁଦୃଢ ହୋଇଛି । ଆଉ କେହି ଏହାକୁ ଦୁର୍ବଳ କରି ପାରିବେ ନାହିଁ । ତୃତୀୟ ସ୍ତର କିନ୍ତୁ ଦୁର୍ବଳ ରହିଛି । ଏହା ପ୍ରଥମ ଦୁଇଟି ସ୍ତରକୁ ଦୁର୍ବଳ କରୁଛି । କାରଣ ଉକ୍ତସ୍ତର ଲୋକମାନେ କାଗଜ ବାଘରେ ପରିଣତ ହୋଇଛନ୍ତି । ଏହାର ଗଠନ ମଧ୍ୟ ଶୂନ୍ୟଗର୍ଭକ ହୋଇ ପଡିଛି । ପଞ୍ଚାୟତରାଜ ଅନୁଷ୍ଠାନଗୁଡିକୁ ସୁଦୃଢ କରିବା ଦ୍ୱାରା ଏସବୁର ତ୍ରୁଟିବିଚ୍ୟୁତି ଦୂର ହେବ । ଦିଲ୍ଲୀ ଓ ରାଜ୍ୟ ରାଜଧାନୀରେ ଗଣତନ୍ତ୍ରକୁ ସୁଦୃଢ କରିବା ପାଇଁ ପଞ୍ଚାୟତ ସ୍ତରରେ ଗଣତାନ୍ତ୍ରିକ ଅନୁଷ୍ଠାନଗୁଡିକୁ ଅଧିକ ଶକ୍ତିଶାଳୀ କରାଯିବା ଆବଶ୍ୟକ । ଅଭିବୃଦ୍ଧି ପଦ୍ଧତିକୁ ତ୍ୱରାନ୍ୱିତ କରିବା ପାଇଁ ପଞ୍ଚାୟତରାଜ ଅନୁଷ୍ଠାନଗୁଡିକୁ ଜିଲ୍ଲା, ବ୍ଲକ୍ ଓ ଗ୍ରାମ ସ୍ତରରେ ଶକ୍ତିଶାଳୀ କରାଯିବା ଆବଶ୍ୟକ ।

## ପ୍ରତିଶ୍ରୁତିର ସଫଳ ରୂପାୟନ

ବିଗତ ଦେଢବର୍ଷ ମଧ୍ୟରେ ଆମେ ଏହି କ୍ଷେତ୍ରରେ ଅନେକ କାର୍ଯ୍ୟ କରିଛୁ । ପ୍ରଥମେ ଜିଲ୍ଲାପାଳମାନଙ୍କ ସହିତ ଆଲୋଚନା କରିଛୁ । ସଚିବ ଓ ମୁଖ୍ୟ ସଚିବମାନଙ୍କ ସହିତ କଥାବାର୍ତ୍ତା କରିଛୁ । ଦଳ ଓ ମନ୍ତ୍ରଣାଳୟରେ ମଧ୍ୟ ଆଲୋଚନା କରାଯାଇଛି । ଆମେ ଭଲଭାବେ ପ୍ରସ୍ତୁତ ହୋଇ ଆସିଛୁ । ମୁଁ ଆଶା କରୁଛି ପ୍ରତିଶ୍ରୁତିର ସଫଳ ରୂପାୟନ ଦିଗରେ ଆମେ ଆପଣଙ୍କୁ ସହାୟ କରିବା । ସ୍ୱାଧୀନତା ସଂଗ୍ରାମ ସମୟରେ ଏବଂ ଆମ ସମ୍ବିଧାନରେ ଆମେ କେତେକ ପ୍ରତିଶ୍ରୁତି ଦେଇଥିଲୁ । ଉପର ପାହ୍ୟାର ଲୋକମାନେ ରାଜନୀତି ଓ ପ୍ରଶାସନରେ ନିଜର ପ୍ରତିଷ୍ଠା ଜାହିର୍ କରିବାରେ ବ୍ୟସ୍ତ । ସେମାନେ ଜାତୀୟ ଅନୁଷ୍ଠାନଗୁଡିକୁ ସମ୍ପୂର୍ଣ୍ଣ ଅବହେଳା ପ୍ରଦର୍ଶନ କରୁଛନ୍ତି । ପଞ୍ଚାୟତ ନିର୍ବାଚନ ସମୟରେ ନାମମାତ୍ର ଭୂମିକା ଗ୍ରହଣ କରୁଛନ୍ତି । ବିଗତ ୧୦–୨୦ ବର୍ଷ ଧରି ମୁଖ୍ୟତଃ ମନୋନୀତ ସଦସ୍ୟମାନେ ଏଇସବୁ ପଞ୍ଚାୟତ ପରିଚାଳନା କରୁଛନ୍ତି । ଏହା ଜନତନ୍ତ୍ରକୁ ସୁଦୃଢ କରି ପାରିବ ନାହିଁ । ତେଣୁ ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ସମାଜର ସର୍ବନିମ୍ନ ସ୍ତରରେ କ୍ଷମତା ବିକେନ୍ଦ୍ରୀକରଣ ସମ୍ଭବ ହୋଇ ପାରୁନାହିଁ । ଯାହାସବୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ସେଗୁଡିକ ମଧ୍ୟ ଘୋର ଜବରଦସ୍ତି ଲଦି ଦିଆଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ । କ୍ଷମତା ବିକେନ୍ଦ୍ରୀକରଣ କାର୍ଯ୍ୟକାରୀ ହୋଇଥିବା କେତେକ ରାଜ୍ୟରେ ପ୍ରଶାସନ ଦ୍ୱାରା ଜଣେ ସଦସ୍ୟ ପୌରପାଳିକାକୁ ମନୋନୀତ ହେଉଛନ୍ତି କିମ୍ବା ଜଣେ ମନ୍ତ୍ରୀଙ୍କୁ ସେଠାରେ ଅବସ୍ଥାପିତ କରାଯାଉଛି । ପ୍ରକୃତରେ କ'ଣ ଘଟୁଛି ? ସିଦ୍ଧାନ୍ତ ଗ୍ରହଣକାରୀ କର୍ତ୍ତୃପକ୍ଷ ରାଜ୍ୟ ସରକାର କିମ୍ବା ପ୍ରଶାସନର ପକ୍ଷଭୁକ୍ତ ହେଉଛନ୍ତି । ଫଳରେ, ସର୍ବନିମ୍ନ ସ୍ତରର ପ୍ରତିନିଧିତ୍ୱ ହୋଇ ପାରୁନାହିଁ । ଅଧିକନ୍ତୁ, ଗ୍ରାମାଞ୍ଚଳ ଲୋକମାନଙ୍କର ଅଭିବୃଦ୍ଧି

ପର୍ଯ୍ୟାପ୍ତ ପରିମାଣରେ ଅର୍ଥ ସମ୍ବଳ ବିନିଯୋଗ ହୋଇ ପାରୁନାହିଁ । ଯେଉଁ ପ୍ରକୃତ ଅର୍ଥ ବ୍ୟୟ ହେଉଛି ଗ୍ରାମାଞ୍ଚଳ ଲୋକମାନଙ୍କ ଆବଶ୍ୟକତା ଅନୁଯାୟୀ ତାହା ବ୍ୟୟ ହେଉନାହିଁ । ଯୋଜନା ପ୍ରସ୍ତୁତିର ପରିକଳ୍ପନା ଓ ରୂପାୟନ କ୍ଷେତ୍ରରେ ପଞ୍ଚାୟତରାଜ ଅନୁଷ୍ଠାନଗୁଡିକ ଠିକ୍‌ଭାବରେ ଅଂଶ ଗ୍ରହଣ କରିପାରୁ ନ ଥିଲେ । ଆମକୁ ଏହି ପରିସ୍ଥିତି ପରିବର୍ତ୍ତିତ କରିବାକୁ ପଡିବ । ପୂର୍ବ ପ୍ରତିଶ୍ରୁତିର ପରିଣାମ କଣ ହୋଇଥିଲା ? ପଣ୍ଡିତଜୀ ଓ ଗାନ୍ଧିଜୀ ଯେଉଁ କ୍ଷମତା ଲୋକଙ୍କୁ ଦେବାକୁ ଚାହିଁଥିଲେ ଏବଂ ଯେଉଁ କ୍ଷମତା ଆମ ସମ୍ବିଧାନ ପ୍ରଦାନ କରିଥିଲା ତାହା ଲୋକଙ୍କ ନିକଟରେ ପହଞ୍ଚିଲା ନାହିଁ । ଏହାର ଅର୍ଥ ଯେଉଁସବୁ ପରିକଳ୍ପନା ଓ ଯୋଜନା ପ୍ରସ୍ତୁତ ହୋଇଥିଲା ସେସବୁ ପ୍ରକୃତରେ ଲୋକମାନଙ୍କ ଆବଶ୍ୟକତା ପୂରଣ କରି ପାରିଲା ନାହିଁ । ଦିଲ୍ଲୀ ଏବଂ ରାଜ୍ୟ ରାଜଧାନୀଗୁଡିକରୁ ଯେଉଁସବୁ ବିକାଶ ଯୋଜନା ପ୍ରସ୍ତୁତ ହୋଇଥିଲା ସେଗୁଡିକ ଅବସ୍ଥାର ଉନ୍ନତି ଘଟାଇ ପାରିଲା ନାହିଁ କିମ୍ବା କଷ୍ଟ ଦୂର କରି ପାରିଲା ନାହିଁ । ଫଳରେ ଯୋଜନାଗୁଡିକ ସମ୍ପୂର୍ଣ୍ଣ ହେବା ପରେ ମଧ୍ୟ ସେମାନଙ୍କ ସୁଫଳ ଆପଣଙ୍କ ନିକଟରେ ପହଞ୍ଚି ପାରିଲା ନାହିଁ ।

## ବ୍ୟାପକ ବ୍ୟବଧାନ

ଯେଉଁସବୁ ଅର୍ଥନୈତିକ ସମୃଦ୍ଧି ଲାଭ ହୋଇଥିଲା ଯୋଜନା ପ୍ରସ୍ତୁତି ଓ ରୂପାୟନ ମଧ୍ୟରେ ବ୍ୟାପକ ବ୍ୟବଧାନ ରହିଥିବାରୁ ସେସବୁ ପ୍ରଭାବଶାଳୀ ହୋଇ ପାରିଲା ନାହିଁ । ଫଳରେ ସାମାନ୍ୟ ସାମାନ୍ୟ ସମସ୍ୟାର ସମାଧାନ ପାଇଁ ଲୋକମାନେ ସରକାରଙ୍କୁ ଚାହିଁ ରହିଲେ । ମୋ ନିଜ ନିର୍ବାଚନ ମଣ୍ଡଳୀର ଦୃଷ୍ଟାନ୍ତ ଦେଇ ମୁଁ କହି ପାରେ ଯେ ଛୋଟଛୋଟ ସମସ୍ୟାର ସମାଧାନ ପାଇଁ ଲୋକମାନେ ମୋତେ ଭେଟୁଛନ୍ତି । ମୋ ନିର୍ବାଚନ ମଣ୍ଡଳୀକୁ ପୁଙ୍ଖାନୁପୁଙ୍ଖ ଭାବେ ମୁଁ ଜାଣେ । କେଉଁଠି କିଛି ଅସୁବିଧା ରହିଥିବାରୁ ଏମ୍.ପି., ଏମ୍.ଏଲ୍.ଏ, ଏପରିକି ମୁଖ୍ୟମନ୍ତ୍ରୀମାନେ ସାମାନ୍ୟ ସାମାନ୍ୟ ବିଷୟରେ ମୋ ନିକଟକୁ ଆସୁଛନ୍ତି । ଗ୍ରାମ ସ୍ତରରେ ଯେଉଁ ସମସ୍ୟାମାନ ସମାଧାନ ହୋଇ ପାରିବ ସେଠାରେ ସେସବୁ ହେବା ଉଚିତ । ଏପରି ସମସ୍ୟା ସହିତ କେନ୍ଦ୍ର ସରକାର ଯଦି ସମ୍ପୃକ୍ତ ରହନ୍ତି ତାହେଲେ ଯାହାସବୁ କରାଯିବା ଆବଶ୍ୟକ ସେଗୁଡିକ ଠିକ ସମୟରେ କିମ୍ବା ଠିକ ଭାବରେ କରାଯାଇ ପାରିବ ନାହିଁ । ପ୍ରକଳ୍ପ ରୂପାୟନ କ୍ଷେତ୍ରରେ ଅନେକ ନୀତିନିୟମ ପାଳନ କରିବାକୁ ହୁଏ । ଅନେକ ଲୋକ ଏଥି ସହିତ ସମ୍ପୃକ୍ତ । ତେଣୁ ଏସବୁ ସମସ୍ୟା ସୃଷ୍ଟି କରେ । ଦିଲ୍ଲୀରୁ ଆପଣମାନେ ଗ୍ରାମାଞ୍ଚଳ ଅଭିବୃଦ୍ଧି ପାଇଁ ପ୍ରୟାସ କରୁଛନ୍ତି । ମାତ୍ର ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ସ୍ଥାନରେ ରହିଲେ ଆପଣମାନେ ଯେପରି ଦୋଷତ୍ରୁଟି ଦୂର କରି ପାରନ୍ତେ ଦିଲ୍ଲୀରୁ ତାହା ସମ୍ଭବ ହେବ ନାହିଁ । ଏଇ କାରଣରୁ ସମୃଦ୍ଧି ଯୋଜନା ଠିକଭାବରେ କାର୍ଯ୍ୟ କରୁ ନାହିଁ ବୋଲି ଅଭିଯୋଗ ଶୁଣିବାକୁ ପଡିବ ।

ଆମ ଲୋକମାନେ କେନ୍ଦ୍ର ସରକାର ବା ରାଜ୍ୟ ସରକାରଙ୍କ ଉପରେ ସମସ୍ତ ପ୍ରକାର ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଯେ ସମ୍ପୂର୍ଣ୍ଣ ନିର୍ଭରଶୀଳ ନୁହନ୍ତି, ଏହା ପ୍ରମାଣ କରିବା ପାଇଁ ଆମେ ନିଶ୍ଚିତ ପଦକ୍ଷେପ ଗ୍ରହଣ କରିବା । ଉନ୍ନୟନ ଯୋଜନା ଓ ସାମାଜିକ ପରିବର୍ତ୍ତନ ପଦ୍ଧତିରେ ସେମାନେ ପ୍ରତ୍ୟକ୍ଷଭାବେ ସମ୍ପୃକ୍ତ ରହିବା ଉଚିତ । ଜନସାଧାରଣ ଓ ପ୍ରଶାସନ ମଧ୍ୟରେ ଥିବା ବ୍ୟବଧାନ ଦୂର ହେଲେ ଏହା ହୋଇ ପାରିବ । ଲୋକମାନେ ରାଜନୀତିରେ ଥାନ୍ତୁ କି ସରକାରରେ ଥାନ୍ତୁ, ପ୍ରତିଟି ଅଭାବ ଅସୁବିଧା ଦୂର କରିବା ପାଇଁ ସେମାନଙ୍କୁ ଯେପରି ଦିଲ୍ଲୀ ବା ରାଜ୍ୟ ରାଜଧାନୀକୁ ଦୌଡିବା ପାଇଁ ନ ହୁଏ, ସେଥିପ୍ରତି ଆମେ ଦୃଷ୍ଟି ରଖିବା । ଜିଲ୍ଲା, ବ୍ଲକ୍ ବା ଗ୍ରାମ ସ୍ତରରେ ଅଭିବୃଦ୍ଧି କାର୍ଯ୍ୟ ଯଦି ପରିକଳ୍ପିତ ହୋଇପାରେ ସେଠାରେ ତାହା କାର୍ଯ୍ୟକାରୀ ହେବା ଉଚିତ । ଏପରି ନ କଲେ ଯୋଜନା ଏବଂ ଯୋଜନାର ରୂପାୟନ ବିଳମ୍ବିତ ହେବ ।

## ସାମାଜିକ ଅନ୍ୟାୟ ଦୂରୀକରଣ

ଦୁର୍ବଳ ଶ୍ରେଣୀ ଉପରେ ଯେଉଁ ସାମାଜିକ ଅନ୍ୟାୟ ଏବଂ ଅତ୍ୟାଚାର ଚାଲିଛି ଆମେ ତାହା ଦୂର କରିବାକୁ ଚାହୁଁ । ଏଇ ଦାୟିତ୍ୱ ଏଯାଏଁ ସମ୍ଭାଳି ହୋଇନାହିଁ । ଏପରିକି ଆଜି ମଧ୍ୟ ଅତ୍ୟାଚାର ବହୁ ରହିଛି । ଦୁର୍ବଳ ଶ୍ରେଣୀର ଲୋକ, ତଫସିଲଭୁକ୍ତ ଜାତି, ଉପଜାତିର ଲୋକ ଏବଂ ମହିଳାମାନେ ଏହାର ଶିକାର ହେଉଛନ୍ତି । ଆମେ ଜାତି ନିର୍ମାଣ କ୍ଷେତ୍ରରେ ଲୋକମାନଙ୍କୁ ସମ୍ପୃକ୍ତ କରିବାକୁ ଚାହୁଁ । ଆମର ଆଶା, ରାଷ୍ଟ୍ରର ପ୍ରତ୍ୟେକ ବ୍ୟକ୍ତି ଏଇ କାର୍ଯ୍ୟରେ ମନୋନିବେଶ କରନ୍ତୁ । ଏହା ପୂର୍ଣ୍ଣମାତ୍ରାରେ କାର୍ଯ୍ୟକାରୀ କରାଯାଇ ନ ଥିବାରୁ ରାଜନୈତିକ ଦଲାଲ୍‌ମାନେ ମୁଣ୍ଡ ଟେକୁଛନ୍ତି । ଉନ୍ନୟନ କ୍ଷେତ୍ରରେ ଅବସ୍ଥା ମଧ୍ୟ ଅନୁରୂପ । ଯେକୌଣସି କାର୍ଯ୍ୟ ସମ୍ପାଦନ କରିବା ପାଇଁ ଲୋକମାନେ କେତେକ ରାଜନୈତିକ ଦଲାଲଙ୍କୁ ଖୋଜୁଛନ୍ତି । ଏଇପ୍ରଥା ଉଚ୍ଛେଦ କରିବାକୁ ପଡିବ । ଏହା କରିବା ପାଇଁ ପଞ୍ଚାୟତିରାଜ ଅନୁଷ୍ଠାନକୁ ସବୁଠୁ ଅଧିକ କ୍ଷମତା ଦେବା ପାଇଁ ହେବ । ଏହାହିଁ ଥିଲା ଗାନ୍ଧିଜୀ ଏବଂ ପଣ୍ଡିତଜୀଙ୍କ ଅଭିଳାଷ । ମାତ୍ର ସେହି ଆଦର୍ଶ ମଝିରେ ଲୋପ ପାଇଲା । ଏବେ ପଣ୍ଡିତଜୀ ଓ ଗାନ୍ଧିଜୀଙ୍କ ମାର୍ଗରେ ଅଗ୍ରସର ହେବା ପାଇଁ ଆପଣମାନଙ୍କୁ ଆମେ ଶକ୍ତି ଦେବାକୁ ସାହାଯ୍ୟ କରିବୁ ।

ସାଧାରଣ ଲୋକଙ୍କୁ କ୍ଷମତା ଦେବା ଅତି ଜରୁରୀ । ଆମେ ଦୁର୍ବଳ ଶ୍ରେଣୀ, ତଫସିଲଭୁକ୍ତ ଜାତି, ଉପଜାତି ଏବଂ ମହିଳାମାନଙ୍କ ପ୍ରତି ବିଶେଷ ଦୃଷ୍ଟି ଦେବା । ଭାଷାଗତ ତଥା ଅନ୍ୟାନ୍ୟ ସମ୍ପ୍ରଦାୟର ଲୋକଙ୍କ ପାଇଁ ବିଶେଷ ଯତ୍ନ ଆବଶ୍ୟକ । ସେମାନଙ୍କ ସୁରକ୍ଷା ମଧ୍ୟ ଜରୁରୀ । ସମାଜର ସର୍ବନିମ୍ନ ସ୍ତରରେ କ୍ଷମତାର ବିକେନ୍ଦ୍ରୀକରଣ ଧନୀ ଓ ସବର୍ଣ୍ଣଙ୍କ ଦ୍ୱାରା କିମ୍ବା ଜାତି ପ୍ରଥାରୁ ଫାଇଦା ଉଠାଉଥିବା ବ୍ୟକ୍ତିଙ୍କ ଦ୍ୱାରା ଯେପରି ପଣ୍ଡ ନ ହୁଏ ଏଥିପ୍ରତି ଆମେ ସଜାଗ ରହିବା । ଫଳରେ ଦୁର୍ବଳ ଶ୍ରେଣୀର ଲୋକଙ୍କ ଉପରୁ ଅତ୍ୟାଚାର ହ୍ରାସ କରିବା ପରିବର୍ତ୍ତେ ଅତ୍ୟାଚାର ଯେପରି ଅଧିକ ନ ହୁଏ ସେଥିପ୍ରତି ଆମେ ସଜାଗ ରହିବା । ପଞ୍ଚାୟତରାଜ ପ୍ରଥା ଦରିଦ୍ର, ଦୁର୍ବଳ ଶ୍ରେଣୀର ଲୋକଙ୍କୁ ସାମାଜିକ ନ୍ୟାୟ ପ୍ରଦାନ କରିବା ଉଚିତ । ଏଇ ସମସ୍ୟା ସମ୍ପର୍କରେ ଆମେ ଆପଣମାନଙ୍କ ସୁଚିନ୍ତିତ ପରାମର୍ଶ ଆଶା କରୁଛୁ ।

## ଦୁର୍ବଳର ସୁରକ୍ଷା

ଏଇ ସମ୍ମେଳନର ଚାରିଦିନ ମଧ୍ୟରେ ମୁଁ ଏସବୁ ସମସ୍ୟା ସମ୍ପର୍କରେ ଖୋଲାଖୋଲିଭାବେ ଆପଣଙ୍କ ସହିତ ଆଲୋଚନା କରିବାକୁ ଚାହେଁ । ମାତ୍ର ଆପଣମାନେ ମନେ ରଖିବେ କ୍ଷମତା ବିକେନ୍ଦ୍ରୀକରଣର ଯେଉଁ ପଦ୍ଧତି ଅନୁସୃତ ହେଲେ ମଧ୍ୟ ଏହା ଦୁର୍ବଳଙ୍କୁ ସୁରକ୍ଷା କରିବା ଉଚିତ । ନିର୍ବାଚନ ମଧ୍ୟ ଠିକ ସମୟରେ ହେବା ଦରକାର । ଆବଶ୍ୟକ ହେଲେ କେତେ ପ୍ରକାର ସଂରକ୍ଷଣ ବ୍ୟବସ୍ଥା ପ୍ରବର୍ତ୍ତିତ ହେବା ଉଚିତ । ସଂରକ୍ଷିତ ଆସନ ବା ପଦ କିପରି ପୂର୍ଣ୍ଣ ହେବ ସେ ବିଷୟରେ ଆମେ ଚିନ୍ତା କରିବା ଉଚିତ । ଏସବୁ ନିର୍ବାଚନ ବା ମନୋନୟନ ଦ୍ୱାରା ହେବ ? ଅନ୍ୟ କେତେକ ରାଷ୍ଟ୍ରରେ ଯେପରି ସର୍ବାଧିକ ଭୋଟରେ ପରାଜିତ ସଦସ୍ୟଙ୍କୁ ମଧ୍ୟ ନିର୍ବାଚିତ ବୋଲି ଘୋଷଣା କରାଯାଇଥାଏ, ଆମେ ସେହି ପ୍ରଥା ଅନୁସରଣ କରିବା କି ? ବା ଆମେ ଅନ୍ୟ କେତେକ ପ୍ରଥା ଅନୁସରଣ କରିବା ? ଅବଶ୍ୟ ପ୍ରତ୍ୟେକ ପ୍ରଥାର ଦୁର୍ବଳୀୟ ଶକ୍ତି ରହିଛି ।

## ବିବିଧ ପ୍ରଥା

ବହୁବିଧ ପ୍ରଥା ରହିଛି–ପ୍ରତ୍ୟେକଟିର ମଧ୍ୟ ନିଜସ୍ୱ ଦୋଷ ଦୁର୍ବଳତା ଓ ଶକ୍ତି ରହିଛି । ଏସବୁ ପ୍ରଥାକୁ ଆମେ ଭିନ୍ନ ଦୃଷ୍ଟିରୁ ବିଚାର କରିବା । ଆପଣମାନେ ଦରିଦ୍ର ଶ୍ରେଣୀ ପ୍ରତି ବିଶେଷ ଦୃଷ୍ଟି ରଖି ସେମାନଙ୍କୁ କିପରି ସାହାଯ୍ୟ କରାଯାଇ ପାରିବ ସେକଥା କହନ୍ତୁ । ଆଉ ଗୋଟିଏ ପ୍ରଥା ହୋଇପାରେ ଏକଦା ଲୋକସଭା ନିର୍ବାଚନ ପାଇଁ ପ୍ରବର୍ତ୍ତିତ ବହୁ ସଦସ୍ୟ ନିର୍ବାଚନ ମଣ୍ଡଳୀ ପ୍ରଥାର ପୁନରୁଦ୍ଧାର । ଅନ୍ୟ ଏକ ଉପାୟ ହୋଇପାରେ ହରିଜନ, ଆଦିବାସୀ, ସଂଖ୍ୟାଲଘୁ ଏବଂ ଅନ୍ୟାନ୍ୟ ଦୁର୍ବଳ ଶ୍ରେଣୀର ଲୋକ ବାସ କରୁଥିବା ଅଞ୍ଚଳରେ ସାମାଜିକ ନ୍ୟାୟ କମିଟି ଓ ବିଶେଷ କମିଟି ସ୍ଥାପନ ।

ଆପଣମାନଙ୍କୁ ପଞ୍ଚାୟତିରାଜ ଅନୁଷ୍ଠାନ ଓ ରାଜ୍ୟ ସରକାରଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରି ଉଭୟ ମଧ୍ୟରେ ସମ୍ପର୍କ ନିର୍ଦ୍ଧାରଣ କରିବାକୁ ପଡ଼ିବ । କାରଣ କୌଣସି ଭୁଲ ପନ୍ଥା ପଦ୍ଧତିଟିକୁ ଅଥର୍ବ କରିପାରେ, ସେଥିପାଇଁ ଆପଣମାନେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ଉଚିତ । ଜିଲ୍ଲା ପରିଷଦ ଏବଂ ସେଗୁଡ଼ିକର ସଭାପତିଙ୍କ ସହିତ ଜିଲ୍ଲାପାଳଙ୍କର କିଭଳି ସମ୍ପର୍କ ରହିବ, ଆପଣମାନେ ତାହା ଚିନ୍ତା କରିବା ଉଚିତ । ପୁନଶ୍ଚ ଜିଲ୍ଲା ପରିଷଦ, ବ୍ଲକ୍ ଓ ଗ୍ରାମସ୍ତରରେ କେଉଁସବୁ ଅନୁଷ୍ଠାନ କାର୍ଯ୍ୟ କରିବ ଆପଣମାନେ ତାହା ସ୍ଥିର କରିବେ ।

ବିକାଶ ଯୋଜନା କିପରି ସବୁଠାରୁ ପ୍ରଭାବଶାଳୀଭାବେ ରୂପାୟିତ ହେବ ଆପଣମାନେ ତାହା ଆଲୋଚନା କରିବା ଉଚିତ । କାରଣ ଏହା ଆମକୁ ଅଧିକ ଦୁର୍ବଳ କରିବ । ନଗରପାଳିକା ଅଞ୍ଚଳ ସହିତ ଜିଲ୍ଲା ପରିଷଦର ସମ୍ପର୍କ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ । ସେଗୁଡ଼ିକ ଜିଲ୍ଲା ପରିଷଦ ସହିତ ସମାନ ମର୍ଯ୍ୟାଦା ଲାଭ କରନ୍ତୁ କିମ୍ବା ସେମାନଙ୍କ ଅନ୍ତଃସ୍ଥ ବା ଅଧୀନସ୍ଥ ସଂସ୍ଥା ରୂପେ କାର୍ଯ୍ୟ କରନ୍ତୁ ସେଥିରେ କିଛି ଯାଏ ଆସେ ନାହିଁ । ପ୍ରତ୍ୟେକ ପ୍ରଥାର ସ୍ୱକୀୟ ଶକ୍ତି ଅଛି, ଦୁର୍ବଳତା ମଧ୍ୟ ଅଛି ।

ଜିଲ୍ଲା ଶାସନ ଯଦି ଗଠିତ ହୁଏ, ଏହା ଜିଲ୍ଲା ପରିଷଦକୁ ସୁଦୃଢ଼ କରିବ । ଏପରି ପ୍ରଶାସନ ଅଧୀନରେ ରହୁଥିବା କ୍ଷୁଦ୍ର ସହରଗୁଡ଼ିକ ବିକାଶର ପ୍ରୋତ୍ସାହ ଲାଭ କରିବ । ମାତ୍ର ଜିଲ୍ଲା ପରିଷଦଗୁଡ଼ିକୁ ଯଦି ଜିଲ୍ଲା ପ୍ରଶାସନ ବାହାରେ ରଖାଯାଏ ତାହାହେଲେ ଗ୍ରାମାଞ୍ଚଳ ଉନ୍ନୟନ ଉପରେ ଅଧିକ ନଜର ରହିବ । ଉଭୟ ପ୍ରଥାର ଆବଶ୍ୟକତା ଉପଲବ୍ଧି କରିହୁଏ । ତେଣୁ ଭାରସାମ୍ୟ ରଖିବାଭଳି ଗୋଟିଏ ମାର୍ଗ ଅନ୍ୱେଷଣ କରିବାକୁ ପଡ଼ିବ । କେବଳ ଗ୍ରାମାଞ୍ଚଳ ଉନ୍ନୟନ ପାଇଁ ପରିକଳ୍ପନା କରିବା ଆଜି ଯଥେଷ୍ଟ ନୁହେଁ । ଶିକ୍ଷିତ ଲୋକମାନେ ଆଜି ବିବିଧ ପ୍ରକାର ନିଯୁକ୍ତି ଓ ଅନ୍ୟାନ୍ୟ ସୁବିଧା ଆଶା କରନ୍ତି । ଏଥି ନିମନ୍ତେ ସେମାନେ କ୍ଷୁଦ୍ର ସହର ଓ ମହାନଗରୀଗୁଡ଼ିକୁ ଚାଲି ଯାଉଛନ୍ତି । ଆପଣମାନେ ବିକଳ୍ପ ପନ୍ଥାରୁ ଶକ୍ତି ସଞ୍ଚୟ କରୁଥିବା ଏକ ପଦ୍ଧତି ପ୍ରବର୍ତ୍ତନ କରିବା ଉଚିତ । ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରୁଥିବା ଏକ ପ୍ରଥା ଆପଣମାନେ ଉଦ୍ବର୍ତ୍ତନ କରିବା ଉଚିବା ଉଚିତ । ଆମ ଯୋଜନା ପଦ୍ଧତିରେ ଜିଲ୍ଲା, ବ୍ଲକ୍ ଓ ଗ୍ରାମସ୍ତରରେ କେଉଁଭଳି ଭୂମିକା ଗ୍ରହଣ କରାଯିବ ଆପଣମାନେ ସେସବୁ ଆଲୋଚନା କରିବା ବାଞ୍ଛନୀୟ ।

## ଅଷ୍ଟମ ପଞ୍ଚବାର୍ଷିକ ଯୋଜନା

ଜିଲ୍ଲାସ୍ତରରୁ ଅଷ୍ଟମ ଯୋଜନାର ପରିକଳ୍ପନା ପ୍ରବର୍ତ୍ତିତ କରିବା ପାଇଁ ମୁଁ ଯୋଜନା କମିଶନଙ୍କୁ ନିର୍ଦ୍ଦେଶ ଦେଇଛି । ସେମାନେ ପଥଶସ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ସମୟର ସ୍ୱଳ୍ପତା ଦୃଷ୍ଟିରୁ ଆମେ ଯେଉଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରିବାକୁ ପରିକଳ୍ପନା କରିଥିଲୁ ତାହା ସମ୍ଭବ ହେଉନାହିଁ । ମାତ୍ର ଆମେ ବର୍ତ୍ତମାନର ଅଦ୍ଭୁତ ପରିସ୍ଥିତିକୁ ସୁଧାରିବା ପାଇଁ ଅନ୍ତତଃ ଗୋଟିଏ ରାସ୍ତା ଖୋଜିବା । ମୁଁ ଆଶା କରୁଛି ଅଷ୍ଟମ ଯୋଜନାର ଦ୍ୱିତୀୟ କିମ୍ବା ତୃତୀୟ ବର୍ଷକୁ ଏହି କାର୍ଯ୍ୟ ବିଶେଷ ଅଗ୍ରଗତି କରିବ । ରାଜ୍ୟ ଯୋଜନା ସଙ୍ଗଠନ ଓ ଯୋଜନା କମିଶନଙ୍କ ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା ହେବ ।

ପରବର୍ତ୍ତୀ ଗୁରୁତ୍ୱପୂର୍ଣ୍ଣ ବିଷୟଟି ହେଉଛି ସମ୍ପଦ ସମସ୍ୟା । ଆପଣମାନେ ସମ୍ପଦର ସଦୁପଯୋଗ ପାଇଁ ନିଶ୍ଚିତ ପନ୍ଥା ଗ୍ରହଣ କରିବା ଉଚିତ । ଆମେ ଆଜି ଯେଉଁ ପରିମାଣରେ ଅର୍ଥ ପ୍ରଦାନ କରୁଛୁ ତାହାଦ୍ୱାରା ପ୍ରକୃତ ବିକାଶ ସମ୍ଭବ ହେବ ନାହିଁ । ଆମେ ସମ୍ବଳ ଭିକ୍ଷା କରୁଥିବା, ମାତ୍ର କାର୍ଯ୍ୟଟି ସୁସମ୍ପନ୍ନ ହେଉଛି କି ନାହିଁ ସେଥିପ୍ରତି କେହି ଦୃଷ୍ଟି ଦେବେ ନାହିଁ । ଅତି ଦୂରରୁ ଅର୍ଥ ଏବଂ ଯୋଜନା ନିର୍ଦ୍ଧାରିତ ହେଉଥିବାରୁ ଅନେକ ସମୟରେ ଆପଣମାନେ ନିଜର ପ୍ରକୃତ ଆବଶ୍ୟକତାକୁ ଅଗ୍ର ଆଗରେ ରଖନ୍ତି ନାହିଁ । ସରକାରଙ୍କଠାରେ ବଳକା ଅର୍ଥ କେତେ ରହିଛି ଏବଂ ସେଥିରୁ କେତେ ଆପଣମାନେ ପାଇ ପାରିବେ ସେଥିପ୍ରତି ସମସ୍ତଙ୍କର ଲକ୍ଷ୍ୟ ରହିଛି । ଜିଲ୍ଲାସ୍ତରରେ ଏବଂ ତଳସ୍ତରମାନଙ୍କରେ ସମ୍ବଳ କିପରି ଉଠାଯାଇ ପାରିବ ସେକଥା ଆପଣମାନେ ଚିନ୍ତା କରିବା ଆବଶ୍ୟକ । ରାଜ୍ୟର ଆୟବୃଦ୍ଧି କରିବା ପାଇଁ ଆପଣମାନଙ୍କୁ କେତେ କ୍ଷମତା ଦିଆଯିବ ଏବଂ କିଭଳି ଦିଆଯିବ, ଆପଣମାନେ ଆଲୋଚନା କରିବେ ।

## ପ୍ରଥାର ଦୃଢ଼ୀକରଣ

କ୍ଷମତା କିପରି ବିକେନ୍ଦ୍ରିତ ହେବ ସେକଥା ଆପଣମାନେ ଆଲୋଚନା କରିବା ଆବଶ୍ୟକ । ପଞ୍ଚାୟତିରାଜ ପ୍ରଥା ଯେତେବେଳେ ଆରମ୍ଭ ହେଲା ପୌର ସଂସ୍ଥାଗୁଡ଼ିକୁ କ୍ଷମତା ପ୍ରଦାନ କରିବା ରାଜ୍ୟର ନିୟନ୍ତ୍ରଣାଧୀନ ଥିଲା । ଅନେକ ସମୟରେ ଗୋଟିଏ ହାତରୁ ପ୍ରଦାନ କରାଯାଉଥିବା କ୍ଷମତା ଅନ୍ୟ ହାତ ଅପହରଣ କରୁଥିଲା । ଏହା ଆଉଥରେ ଯେପରି ନ ଘଟେ । ଆପଣମାନଙ୍କୁ କ୍ଷମତା କିପରି ଦିଆଯିବା ଉଚିତ ? ସିଧାସଳଖ କେନ୍ଦ୍ରରୁ ନା ରାଜ୍ୟ ସରକାରଙ୍କଠାରୁ ପୌର ସଂସ୍ଥାମାନେ କ୍ଷମତା ପାଇବେ ? ପୁଣି ଏହି କ୍ଷମତା ଆପଣଙ୍କଠାରୁ କେହି ଯେପରି ଅପହରଣ କରିବାକୁ ସମର୍ଥ ନ ହେବେ ସେଥିପ୍ରତି ଆପଣ ସଜାଗ ହେବା ଉଚିତ । ସମ୍ବିଧାନ କିପରି ସଂଶୋଧିତ ହେବ, କେତେ ପରିମାଣରେ ହେବ ଓ କେଉଁଭଳି ହେବ ? ସର୍ବନିମ୍ନ ସଂଶୋଧନ କେତେ ହେବା ଉଚିତ, ସବୁଠୁ ବେଶୀରେ କେତେ ହେବା ଉଚିତ ? ଅତି କମ୍‌ରେ ପଞ୍ଚାୟତଗୁଡ଼ିକୁ ନିଶ୍ଚିତଭାବେ ଠିକ୍ ସମୟରେ ନିର୍ବାଚିତ ହେବା ଉଚିତ ଏବଂ ନ୍ୟାଯ୍ୟ କାରଣଗୁଡ଼ିକ ବିନା ଏହି ସଂସ୍ଥାଗୁଡ଼ିକ ଭଙ୍ଗାଯିବା ଉଚିତ ନୁହେଁ । କେତେକ କାରଣରୁ ଯଦି ଏହି ସଂସ୍ଥାଗୁଡ଼ିକୁ ଭାଙ୍ଗି ଦିଆଯାଏ, ଲୋକସଭା ବା ବିଧାନସଭାଗୁଡ଼ିକୁ ଯେଉଁଭଳି ପୁନଃନିର୍ବାଚନ ଅନୁଷ୍ଠିତ ହେଉଛି, ସେହି ପଦ୍ଧତି ଅନୁସୃତ ହେବା ଉଚିତ । ଏହାହିଁ ସର୍ବନିମ୍ନ ଆବଶ୍ୟକତା । ଏଥିରୁ ଯଥେଷ୍ଟ ଅଧିକ ମଧ୍ୟ ହୋଇପାରେ । ସର୍ବଶ୍ରେଷ୍ଠ ମଧ୍ୟମ ପନ୍ଥାଗୁଡ଼ିକ କ'ଣ ? ଆମେ ସେସବୁ କିପରି ଅନୁସରଣ କରି ପାରିବା ? ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ଯେପରି ଥିଲା ସେଗୁଡ଼ିକୁ ସେପରି ରଖିବାକୁ ଆମେ ଚାହୁଁନା । ଆପଣମାନଙ୍କୁ ଆମେ ଯେଉଁ ଅନୁଷ୍ଠାନର ଦାୟିତ୍ୱ ଦେଉଛୁ ସେସବୁକୁ ଆମେ ପୁଣି ନୂଆ କରି ଗଢ଼ିବାକୁ ଚାହୁଁ । ଶକ୍ତିମନ୍ତ କରିବାକୁ ଚାହୁଁ । ନିର୍ବାଚନ ଯେପରି ଠିକ୍ ସମୟରେ ହୁଏ, ଆପଣଙ୍କ ହାତରେ ଯେପରି ପ୍ରକୃତ କ୍ଷମତା ରହେ ଏଥିପ୍ରତି

ଆମେ ଦୃଷ୍ଟି ଦେଉଛୁ । ବିଗତ ୨୫ ବର୍ଷର ଅଭିଜ୍ଞତାରୁ ଆମେ ଶିକ୍ଷାଲାଭ କରିବା ଉଚିତ । ଆମେ କଣ କରି ପାରୁଛୁ, କଣ କରି ପାରୁନୁ, ଆମର ଦୋଷ ଦୁର୍ବଳତା କେଉଁଠି ଏବଂ ସେସବୁ ଠିକ୍ ହେବ କିପରି ସେସବୁ ଆମେ ବିଚାର କରିବା ଉଚିତ । ଦାୟିତ୍ୱମାନ ଉତ୍ତମଭାବେ ସଂଜ୍ଞାୟିତ କରାଯିବା ଉଚିତ । ଆପଣମାନଙ୍କୁ ଠିକଭାବେ ସମ୍ବଳ ପ୍ରଦାନ କରାଯିବା ଉଚିତ । ଦୁର୍ବଳ ଶ୍ରେଣୀର ଲୋକମାନଙ୍କ ସ୍ୱାର୍ଥ ଯେପରି ସୁରକ୍ଷିତ ହୋଇ ପାରିବ ଏବଂ ସେମାନେ ଯେପରି ଏଇ ପ୍ରଥା ଦ୍ୱାରା ଦୁର୍ବଳତର ନ ହେବେ ବରଂ ପ୍ରକୃତରେ ଶକ୍ତି ଅହରଣ କରିବେ ଏ ସମ୍ପର୍କରେ ଆମେ ସୁନିଶ୍ଚିତ ପଦକ୍ଷେପ ଗ୍ରହଣ କରିବା ଉଚିତ ।

ମୁଁ ଆଶା କରୁଛି ଏଇ ନୂଆ ପ୍ରଥା ଲୋକମାନଙ୍କର ପ୍ରକୃତ ଆଶା, ଅଭିଳାଷା ପୂରଣ କରିବ । ଅତୀତର ଭୁଲଭ୍ରାନ୍ତି ଆଉ ଥରେ ଯେପରି ଦେଖା ନ ଦିଏ ସେଥିପାଇଁ ନିଶ୍ଚିତ ପନ୍ଥା ଗ୍ରହଣ କରାଯିବା ଉଚିତ । ମୁଁ ଆଶା କରୁଛି ଏହାଦ୍ୱାରା ସମାଜର ଦରିଦ୍ରତମ ଲୋକଙ୍କୁ ଉପକୃତ କରିବ । ଏହି ଲକ୍ଷ୍ୟ ହାସଲ ପାଇଁ ଆମକୁ ରାଜନୈତିକ ଦଳମାନଙ୍କ ଅଡ୍ଡା ଭାଙ୍ଗି ଦେବାକୁ ପଡିବ । କିମ୍ବା, ବ୍ଲକ୍ ଓ ଗ୍ରାମମାନଙ୍କୁ ସେଠାରେ ବାସ କରୁଥିବା ଅଧିବାସୀମାନଙ୍କୁ ପ୍ରକୃତ କ୍ଷମତା ଦେବାକୁ ପଡିବ ।

ସମ୍ମେଳନର ଚାରି ଦିନ ଏପରି ଆଲୋଚନା ପର୍ଯ୍ୟାପ୍ତ ନୁହେଁ । ତେଣୁ ଆପଣମାନଙ୍କୁ ଏକ ପ୍ରଶ୍ନପତ୍ର ଦିଆ ଯାଇଛି । ମୁଁ ଆଶା କରୁଛି ଆପଣମାନେ ମନଯୋଗପୂର୍ବକ ପ୍ରଶ୍ନଗୁଡିକ ଅଧ୍ୟୟନ କରିବେ । ସେସବୁର ଉତ୍ତର ଲେଖି ଆମମାନଙ୍କୁ ଫେରସ୍ତ ଦେବେ । ମୁଁ ପ୍ରତିଶ୍ରୁତି ଦେଉଛି ଯେ ଆପଣମାନଙ୍କ ଉତ୍ତରଗୁଡିକ ସମୀକ୍ଷା କରି ସେଥିରେ ଥିବା ମତାମତକୁ ଆମ ଉତ୍ତମଭାବେ ଧ୍ୟାନ ଦେବୁ ।

ମୁଁ ଆଶା କରୁଛି ସମ୍ମେଳନର ଚତୁର୍ଥ ଦିବସରେ ମୁଁ ଅବସରରେ ଆପଣମାନଙ୍କୁ ଭେଟିବି ଏବଂ ଅଧିକ ସମୟ ଦେଉଛି । ଏଥି ନିମନ୍ତେ ମୁଁ ଅଲଗା ଅଢେଇ ଘଣ୍ଟା ସମୟ ରଖିଛି । ଆଜି ମୁଁ ଅନେକ ବିଷୟ କହିଲିଣି । ସେଦିନ କମ୍ କହିବି ଏବଂ ଆପଣମାନଙ୍କଠାରୁ ବେଶି ଶୁଣିବି । ମୁଁ ଆଶା କରୁଛି, ମନରେ ଦ୍ୱିଧା ନ ରଖି ଆପଣମାନେ ଖୋଲାଖୋଲିଭାବେ ଆଲୋଚନା କରିବେ ।

ଏଠାରେ ସ୍ୱଳ୍ପସଂଖ୍ୟକ ମହିଳା ଉପସ୍ଥିତ ଅଛନ୍ତି । ମହିଳା ପ୍ରତିନିଧିମାନେ ଯେପରି ସେମାନଙ୍କର ସମସ୍ତ ମତାମତ ବ୍ୟକ୍ତ କରିବାର ପୂର୍ଣ୍ଣ ସୁଯୋଗ ପାଆନ୍ତି ଉଦ୍ୟୋକ୍ତାମାନେ ସେଥିପ୍ରତି ଦୃଷ୍ଟି ଦେବେ ।

ଶେଷରେ ମୁଁ ଆପଣମାନଙ୍କୁ ଦିଲ୍ଲୀକୁ ସ୍ୱାଗତ କରୁଛି ଏବଂ ଆଶା କରୁଛି କୋହଲା ପାଗ ସତ୍ତ୍ୱେ ଆପଣମାନଙ୍କ ରହିବା ପାଇଁ ଏଠାରେ ସୁବନ୍ଦୋବସ୍ତ କରାଯାଇଛି । କୌଣସି ଅଭାବ, ଅସୁବିଧା ଥିଲେ ଆମକୁ ଜଣାଇବେ । ଆମେ ସେସବୁକୁ ଦୂର କରିବା ପାଇଁ ଉଦ୍ୟମ କରିବୁ । ମୁଁ ଦେଖିଲି ସାଧାରଣତନ୍ତ୍ର ଦିବସରେ ଦୂରଦର୍ଶନରେ ବସି ଆପଣମାନେ ପ୍ୟାରେଡ୍ ଦେଖୁଥିଲେ । ସେ ଦୃଶ୍ୟ ଆପଣ ନିଶ୍ଚିତଭାବେ ଉପଭୋଗ କରିଛନ୍ତି ।

ଆଲୋଚନା ଆରମ୍ଭ ହେବା ପୂର୍ବରୁ ଗାନ୍ଧିଜୀଙ୍କ ସମାଧି ଦର୍ଶନ କରିବା ଆପଣମାନଙ୍କ ପକ୍ଷେ ଉଚିତ ହେବ । ଆପଣଙ୍କ ସମ୍ମୁଖରେ ପର୍ଯ୍ୟାପ୍ତ ତାତ୍ପର୍ଯ୍ୟପୂର୍ଣ୍ଣ କର୍ତ୍ତବ୍ୟ ରହିଛି । ଏହା ଗାନ୍ଧିଜୀଙ୍କ ଚିନ୍ତା ଓ ସଂଗ୍ରାମ ସମ୍ପର୍କିତ ଏବଂ ସ୍ୱାଧୀନତା ସଂଗ୍ରାମର ବିଶାଳ ଅଂଶ । ଏସବୁ ପରିତ୍ୟକ୍ତ ହୋଇଛି, ମାତ୍ର ପରିପୂର୍ଣ୍ଣ ହେବା ଉଚିତ । ଆପଣମାନଙ୍କ ଆଲୋଚନାର ସଫଳତା କାମନା କରି ମୁଁ ଶୁଭେଚ୍ଛା ଜଣାଉଛି । ସମ୍ମେଳନର ଚତୁର୍ଥ ଦିବସରେ ମୁଁ ଯେତେବେଳେ ଆପଣମାନଙ୍କୁ ଭେଟିବି, ଆଜି ଯେଉଁସବୁ ପ୍ରଶ୍ନ ଏଠାରେ ଉପସ୍ଥାପିତ କରିଛି ସେସବୁର ଉତ୍ତମ ଓ ଓଜନଦାର ଉତ୍ତର ପାଇବି ବୋଲି ଆଶା ।

ଉତ୍ତରାଞ୍ଚଳ ପଞ୍ଚାୟତିରାଜ ସମ୍ମେଳନ,
ଜାନୁଆରୀ ୨୭, ନୂଆଦିଲ୍ଲୀ ।



# ସୁନାର ଓଡ଼ିଶା ଗଠନ

ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ

ଦୁଇ ବର୍ଷ ଧରି କୃଷକ ସମ୍ମେଳନ ଅନୁଷ୍ଠିତ ହେଲାଣି । ପ୍ରଥମ ବର୍ଷ ଖରାଦିନରେ । ଦ୍ୱିତୀୟ ବର୍ଷ ମଧ୍ୟ ଖରା ଦିନରେ । ଗତବର୍ଷ ଅପେକ୍ଷା ଏ ବର୍ଷ ଖରା ଅଧିକ ବାଧୁଛି । ସମସ୍ତ ଅସୁବିଧା ସତ୍ତ୍ୱେ ଓଡ଼ିଶାର ପ୍ରତି ପଞ୍ଚାୟତରୁ 10 ଜଣ କରି ଏଇ ସମ୍ମେଳନରେ ଉପସ୍ଥିତ ଅଛନ୍ତି । ଓଡ଼ିଶାର କୃଷି ଉତ୍ପାଦନ ବୃଦ୍ଧି କରି ଆମ ପ୍ରଦେଶକୁ ଭାରତର ଅନ୍ୟ ରାଜ୍ୟଗୁଡ଼ିକର ସମକକ୍ଷ କରିବା ଏଇ ସମ୍ମେଳନର ଉଦ୍ଦେଶ୍ୟ ।

ଗତ ବର୍ଷକୁ ଆମେ ଜଳସେଚନ ବର୍ଷ ରୂପେ ଗ୍ରହଣ କରିଥିଲେ । ଏ ବର୍ଷ ହେଉଛି ଯୋଜନାର ଶେଷ ବର୍ଷ । ଏହାକୁ କୃଷି ଓ ଜଳସେଚନ ବର୍ଷ ରୂପେ ଗ୍ରହଣ କରାଯାଇଛି । ସମଗ୍ର ଦେଶରେ କୃଷି ଉତ୍ପାଦନର ଯେଉଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ଓଡ଼ିଶାର ଅଂଶ ତାର ଦଶ ଭାଗରୁ ଏକ ଭାଗ । କାରଣ ଓଡ଼ିଶାରେ କୃଷି ଉତ୍ପାଦନ-ବୃଦ୍ଧିର ସମ୍ଭାବନା ଅତ୍ୟନ୍ତ ଉଜ୍ଜ୍ୱଳ । ଭାରତର ସର୍ବାଧିକ ଫସଲ ଉତ୍ପାଦନକାରୀ ରାଜ୍ୟ ପଞ୍ଜାବ ଓ ହରିଆନା ସହିତ ଧାନ. ଓ ଗହମ ଉତ୍ପାଦନ କ୍ଷେତ୍ରରେ ଆମେ କିପରି ସମକକ୍ଷ ହୋଇପାରିବା: ଏଇ ସମସ୍ୟା ସଂପର୍କରେ ଚାଷୀଭାଇମାନଙ୍କ ସହିତ ଭାବ ବିନିମୟ କରିବାପାଇଁ ସମ୍ମେଳନ ଡକାଯାଇଛି । ବିଗତ ବର୍ଷ ମଧ୍ୟ କୃଷକ ସମ୍ମେଳନରେ ପରାମର୍ଶ ଗ୍ରହଣ କରାଯାଇଥିଲା । ସେ ସବୁ କେତେଦୂର କାର୍ଯ୍ୟକାରୀ ହୋଇଛି ଚାଷୀଭାଇମାନେ ତାହା ସମୀକ୍ଷା କରିବେ । ସରକାରଙ୍କର ଭୁଲ-ତ୍ରୁଟି ଯେପରି ସଂଶୋଧିତ ହୋଇ ପାରିବ ସେଥିପାଇଁ ଚାଷୀଭାଇମାନେ ମତାମତ ପ୍ରଦାନ କରିବେ । ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବା ପାଇଁ ପରାମର୍ଶ ଦେବେ । ଶକ୍ତିଶାଳୀ ପଞ୍ଚାୟତରାଜ ବ୍ୟବସ୍ଥା ପୁନଃପ୍ରବର୍ତ୍ତିତ ହେଉଥିବା ସମୟରେ କୃଷି ଉତ୍ପାଦନ ବୃଦ୍ଧି ସେ ସମୃଦ୍ଧି ପାଇଁ ସବୁମତେ ସହାୟକ ହେବ ଏଥିରେ କୌଣସି ଦ୍ୱିଧା ନାହିଁ ।

ଗତବର୍ଷ ଚାଷୀମେଳାରେ ଜଳସେଚନ ଓ ସାର ପ୍ରୟୋଗ ବୃଦ୍ଧି ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା । ଏ କ୍ଷେତ୍ରରେ ଅନେକ ସୁଫଳ ମିଳିଛି । ପଞ୍ଜାବ, ହରିଆନାରେ ହେକ୍ଟର ପ୍ରତି 150 କିଲୋ ପର୍ଯ୍ୟନ୍ତ ସାର ବ୍ୟବହୃତ ହେଉଛି । ବଙ୍ଗଳା ଓ ବିହାର ମଧ୍ୟ ଆମଠାରୁ ଅଧିକ ସାର ପ୍ରୟୋଗ କରୁଛନ୍ତି । 1980ରେ ମୋ ସରକାର ଶାସନ ଦାୟିତ୍ୱ ଗ୍ରହଣ କରିବା ସମୟରେ ରାଜ୍ୟରେ ହେକ୍ଟର ପିଛା 9 କିଲୋ ସାର ଦିଆଯାଉଥିଲା । ଗତ ବର୍ଷ ଏଇ ପରିମାଣ 17 କିଲୋକୁ ବୃଦ୍ଧି ପାଇଛି । ଗତ ବର୍ଷ ହେକ୍ଟର ପ୍ରତି 30 କିଲୋ ସାର ପ୍ରୟୋଗ ପାଇଁ ଐତିହାସିକ ନିଷ୍ପତ୍ତି ଗ୍ରହଣ କରାଯାଇଛି । କିନ୍ତୁ ଏବେ ସମୀକ୍ଷାରୁ ଜଣାଯାଇଛି ଯେ ହେକ୍ଟର ପ୍ରତି 25 କିଲୋ ସାର ପ୍ରୟୋଗ ହେଉଛି । କଳାହାଣ୍ଡି, ବଲାଙ୍ଗୀର ଓ କୋରାପୁଟର କେତେକ ବ୍ଲକ୍‌ରେ ତଥା ଅନ୍ୟାନ୍ୟ କେତେକ ଅଞ୍ଚଳରେ ମରୁଡ଼ି ଯୋଗୁ ଚାଷୀମାନେ ସାର ବ୍ୟବହାର କରି ପାରିଲେ ନାହିଁ । ଅକ୍ଟୋବର ମାସରୁ ବର୍ଷା ନ ହେବା ଯୋଗୁ ଯେତିକି ଜମିରେ ରବି ଫସଲ କରିବା କଥା ଆମେ କରି ପାରିଲୁ ନାହିଁ । ସେହି ପରିମାଣରେ ସାର ପ୍ରୟୋଗ ହ୍ରାସ ପାଇଲା । ତେଣୁ ହାରାହାରି 17 ରୁ 25 କିଲୋରେ ଆମେ ପହଁଚିଲୁ ।

ଆଗାମୀ ବର୍ଷ ପାଇଁ ଏଇ ପରିମାଣ ହେକ୍ଟର ପିଛା 46 କିଲୋ ରଖାଯାଇଛି । ଏହା ଅତ୍ୟନ୍ତ ଉଚ୍ଚାଭିଳାଷୀ କାର୍ଯ୍ୟକ୍ରମ ଏବଂ କୃଷି ପ୍ରଗତି କ୍ଷେତ୍ରରେ ଏକ ବଡ଼ ଧରଣର ଲମ୍ଫ । କିନ୍ତୁ ଏଇ ଲକ୍ଷ୍ୟରେ ପହଁଚିଲେ ମଧ୍ୟ ଆମେ ସବୁ ରାଜ୍ୟର ସମକକ୍ଷ ହୋଇ ପାରିବା ନାହିଁ । ପ୍ରାୟ ସବୁ ରାଜ୍ୟ ବର୍ତ୍ତମାନ ହେକ୍ଟର ପିଛା 50 କିଲୋରୁ ଅଧିକ ସାର ବ୍ୟବହାର କରୁଛନ୍ତି । ଜମିରେ ସାର ପ୍ରୟୋଗକୁ ଉତ୍ସାହିତ କରିବା ପାଇଁ ସରକାର ବିକ୍ରୟ କର 5 ପର ସେଣ୍ଟ ରୁ 2 ପରସେଣ୍ଟ କୁ ହ୍ରାସ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଗତ ବର୍ଷ ଆମେ

10 କେ. ଜି. ପୁଡ଼ିଆ ବ୍ୟବହାର କରିଥିଲେ । ଏପରି 3 ଲକ୍ଷ ପୁଡ଼ିଆ ଛୋଟ ଛୋଟ ଚାଷୀମାନଙ୍କୁ ଯୋଗାଇ ଦିଆଯାଇଥିଲା । ଏଥର 12 ଲକ୍ଷ 10 କେ. ଜି. ପୁଡ଼ିଆ ଦିଆଯିବ । ପ୍ରତ୍ୟେକ ବ୍ଳକ୍‌ରେ ଆଉ ଗୋଟିଏ ଲେଖାଏ ସାରକେନ୍ଦ୍ର ଖୋଲାଯିବ । ସାର ବିହନ ଚାଷୀମାନଙ୍କୁ ଯୋଗାଇ ଦିଆଯିବ । ପୋକମରା ଔଷଧ ଉପରେ ବିକ୍ରି କର ପଡ଼ିବ ନାହିଁ । କୃଷି ଯନ୍ତ୍ରପାତି ଉପରେ ମଧ୍ୟ ଏଉ ଶୁଳ୍କ ପଡ଼ିବ ନାହିଁ । ସାର୍ଟିଫାଏଡ୍ ବିହନ ଉପରୁ ମଧ୍ୟ ସେଲ୍‌ସ୍‌ଟାକ୍ସ ଛାଡ଼ କରାଯିବ ।

ଅନୁରୂପ ଭାବରେ ଏ ବର୍ଷ ଆମେ ହେକ୍ଟର ପ୍ରତି 11/11 1/2 କୁଇଣ୍ଟାଲ ଚାଉଳ ଉତ୍ପାଦନ କରିଛୁ । ବର୍ତ୍ତମାନ ଏହାକୁ 15 କୁଇଣ୍ଟାଲକୁ ବଢ଼ାଇବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ଉନ୍ନତ ଧରଣର ବିହନ ପ୍ରୟୋଗ ଏଥିପାଇଁ ବିଶେଷ ଜରୁରୀ । ନହେଲେ ଆମେ ସର୍ବଭାରତୀୟ ସ୍ତରରେ ସାର୍ଥକତା ଲାଭ କରିପାରିବା ପାଇଁ କୃଷି ଯନ୍ତ୍ରପାତି, ସାର ପ୍ରୟୋଗ ଓ ଉନ୍ନତ ବିହନ ବ୍ୟବହାର ମାଧ୍ୟମରେ ଉତ୍ପାଦନ ବୃଦ୍ଧି ପାଇବ ।

ଗତ ବର୍ଷ ବିଭିନ୍ନ ବାବଦରେ ଚାଷୀମାନଙ୍କୁ 50 କୋଟି ଟଙ୍କା ସାହାଯ୍ୟ ଦିଆଯାଇଛି । ଫସଲ ବୀମା ନିମନ୍ତେ 13 କୋଟି 19 ଲକ୍ଷ ଟଙ୍କା ସାହାଯ୍ୟ କରାଯାଇଛି । ଏ ବର୍ଷ ଏଇ ବୀମା ପରିମାଣ 16 କୋଟି 19 ଲକ୍ଷକୁ ବୃଦ୍ଧି ପାଇଛି । ଏହା ବ୍ୟତୀତ କେତେକ ଧରଣର ଋଣ ଛାଡ଼ କରିବା ପାଇଁ ନିଷ୍ପତ୍ତି ହୋଇଛି । 70,000 ଆଦିବାସୀଙ୍କର 250 ଟଙ୍କା ପର୍ଯ୍ୟନ୍ତ ଋଣ ଭରଣା କରାଯାଇଛି । ବହୁଦିନ ଧରି ସେମାନଙ୍କର ଋଣ ବାକୀ ଥିବାରୁ ସେମାନଙ୍କୁ ଏହି ସାହାଯ୍ୟ ଦେବାପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି ।

ଚାଷୀମାନଙ୍କୁ ଯେଉଁ ସବୁ ସାହାଯ୍ୟ ଦିଆଯାଇଛି ତାର ସଂକ୍ଷିପ୍ତ ତାଲିକା ଏଠାରେ ମୁଁ ଦେଉଛି । ଆଦିବାସୀ ଅଞ୍ଚଳରେ ଥିବା 217 ଟି ଲ୍ୟାମ୍ପକୁ ସରକାର 40 ଲକ୍ଷ ଟଙ୍କା ସାହାଯ୍ୟ ଦେଇଛନ୍ତି । ସେମାନେ ବକେୟା ସମବାୟ ଋଣ ପରିଶୋଧ କରିବା ପାଇଁ 5 ପରସେଣ୍ଟ ସୁଧ ଛାଡ଼ କରାଯାଇଛି । ସେଥିପାଇଁ 11 କୋଟି ଟଙ୍କା ଋଣ ପରିଶୋଧ ହୋଇଛି ଏବଂ ସରକାର ଏ ବାବଦରେ 92 ଲକ୍ଷ ଟଙ୍କା ଦେଇଛନ୍ତି । 10 କେ; ଜି. ସାର ପୁଡ଼ିଆ ବାବଦକୁ 16 ଲକ୍ଷ ଟଙ୍କା ବ୍ୟୟ କରାଯାଇଛି 14ଟି ବ୍ଳକ୍‌କୁ ପୁରସ୍କାର ଦିଆଯାଇଛି । 2000 ଚାଷୀଙ୍କୁ ଏଇ ସମ୍ମିଳନରେ ପୁରସ୍କାର ଦିଆଯାଉଛି । ସେ ବାବଦରେ 34 ଲକ୍ଷ ଟଙ୍କା ବ୍ୟୟ ହୋଇଛି ।

ଚାଷୀମାନଙ୍କ ପାଇଁ ସବୁଠୁ ବଡ ସାହାଯ୍ୟ ଜଳସେଚନ ଗୋଟିଏ ହେକ୍ଟର ଖରିଫ୍ ଚାଷ ପାଇଁ ପ୍ରାୟ 100 ଟଙ୍କା ଖର୍ଚ୍ଚ ହେଉଛି କିନ୍ତୁ 40 ଟଙ୍କା କର ଧାର୍ଯ୍ୟ କରାଯାଉଛି । ଏ କ୍ଷେତ୍ରରେ ପ୍ରତ୍ୟେକ ଚାଷୀକୁ 60 ଟଙ୍କା ରିହାତି ଦିଆଯାଉଛି । ଓଡ଼ିଶାରେ ଚିନାବାଦାମ ଓ ଅନ୍ୟାନ୍ୟ ଫସଲ ପାଇଁ ଅନ୍ୟାନ୍ୟ ରାଜ୍ୟ ତୁଳନାରେ କମ୍ ସେଚନ ଶୁଳ୍କ ଦେବାକୁ ପଡୁଛି । ଆମର ଖରିଫ୍ ଓ ରବି ଏଇ ଦୁଇଟି ଜଳସେଚନ ବାବଦରେ ପ୍ରାୟ 26 କୋଟି ଟଙ୍କା ସାହାଯ୍ୟ ଦିଆଯାଉଛି । ଗୋଟିଏ କିଲୋମିଟର ପର୍ଯ୍ୟନ୍ତ ବିଦ୍ୟୁତ୍ ଶକ୍ତି ଆଣିବା ପାଇଁ ମଧ୍ୟ ଚାଷୀମାନଙ୍କୁ ସାହାଯ୍ୟ ଦିଆଯାଉଛି । ଜଳ ଅମଳ ଯୋଜନା ଦ୍ୱାରା ଚାଷୀମାନେ ଯେଉଁ ପାଣି ପାଉଛନ୍ତି ସେଥିପାଇଁ ଟିକସ ଦେବାକୁ ପଡୁନାହିଁ । ଉପକୂଳବର୍ତ୍ତୀ ଜିଲ୍ଲା ଗୁଡ଼ିକରେ ବିଶେଷତଃ କଟକ, ବାଲେଶ୍ୱରରେ ଜଳ ଅମଳ ଯୋଜନା ଦ୍ୱାରା ଚାଷୀମାନେ ବିଶେଷ ଉପକୃତ ହେଉଛନ୍ତି । ଆଦିବାସୀ ଓ ହରିଜନ ଚାଷୀଙ୍କ ଜୀବନ ବୀମା ଯୋଜନାରେ 9000 ଟଙ୍କା ଏବଂ ଜୀବନ ଧାରା ଯୋଜନା ଅନୁଯାୟୀ କୂଅ ଖୋଳିବା ପାଇଁ 8000 ଟଙ୍କା ମୋ ସରକାର ବ୍ୟୟ କରୁଛନ୍ତି । ଗତବର୍ଷ 15000 କୂଅ ଖୋଳାଯାଇଛି । 15000 ଆଦିବାସୀ ହରିଜନ ଚାଷୀ 9000 ଟଙ୍କା ମାଗଣା ପାଇଛନ୍ତି । ଏ ବର୍ଷ 33000 ଚାଷୀଙ୍କୁ ଏଉ ସୁବିଧା ଦିଆଯିବ । ଏହା ବ୍ୟତୀତ କୂଅ ଖୋଳିବା ପାଇଁ ହରିଜନ ଆଦିବାସୀ ଚାଷୀକୁ 5000 ଟଙ୍କା, ଅଣ ଆଦିବାସୀ କ୍ଷୁଦ୍ର ଚାଷୀକୁ 4000 ଟଙ୍କା ଦିଆଯାଉଛି । ସେହିପରି ରାଜ୍ୟର ଯେ କୌଣସି ସ୍ଥାନରେ କ୍ଷୁଦ୍ର ଓ ନାମମାତ୍ର ଚାଷୀକୁ କୂଅ ଖୋଳିବା ବାବଦ 3000 ଟଙ୍କା ସାହାଯ୍ୟ କରାଯାଉଛି । ଏଇ ପରିମାଣ ଯଥେଷ୍ଟ ହେଉ ନଥିବାରୁ ଅଧିକ 1000 ଟଙ୍କା ଏ ବାବଦ ସାହାଯ୍ୟ କରାଯାଉଛି । ଚାଷୀମାନଙ୍କୁ ସର୍ବମୋଟ ପ୍ରାୟ ପାଞ୍ଚ କୋଟି ଟଙ୍କା ସାହାଯ୍ୟ କରାଯାଉଛି ।

ଗତ ଷଷ୍ଠ ଓ ସପ୍ତମ ଯୋଜନାରେ ଜଳସେଚନ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି । ଯଦି ଜଳସେଚନ ସୁବିଧା ହୋଇପାରିବ ତା'ହେଲେ ଓଡ଼ିଶାରେ କୃଷିର ଅଧେ କାମ ହୋଇଯିବ । କାରଣ ଚାଷୀମାନେ ଗୋଟିଏ ଫସଲ ସ୍ଥାନରେ ଦୁଇଟି ପାଇପାରିବେ । ଅତୀତରେ ଥିବା ଜଳସେଚନ ସୁବିଧାକୁ ଆମେ ଦ୍ୱିଗୁଣିତ କରିବା । ଦଶ ବର୍ଷ ତଳେ ଶତକଡ଼ା ୧୯ ଭାଗ ଜମି ଜଳସେଚନ ସୁବିଧା ପାଉଥିବାବେଳେ ୧୯୮୯-୯୦ ସୁଦ୍ଧା ଏହା ଶତକଡ଼ା ୩୫କୁ ବୃଦ୍ଧି ପାଇଛି । ଏ ଦିଗରେ ୧୪ ଶହ କୋଟି ଟଙ୍କା ବ୍ୟୟ ହେଉଛି । ଗତ ଯୋଜନାରେ ୧୧ ଲକ୍ଷ ଏକର ଜମି ଜଳସେଚିତ ହୋଇଥିଲା । ଏ ବର୍ଷ ଆହୁରି ଏଗାର ଲକ୍ଷ ଏକର ଜମି ଜଳସେଚିତ ହେଉଛି ।

ଓଡ଼ିଶାରେ ଶହେକେ ୭୮ ଜଣ ଚାଷୀ ଅଛନ୍ତି । ଯଦି ୭୮ ଭାଗ ଚାଷୀଙ୍କ ଅବସ୍ଥା ପରିବର୍ତ୍ତନ ନହୁଏ, ତା'ହେଲେ ଗାଁଗଣ୍ଡା ଅବସ୍ଥାର ପରିବର୍ତ୍ତନ ହେବନାହିଁ । ଓଡ଼ିଶାକୁ ଭାରତର ଅଗ୍ରଗାମୀ ରାଜ୍ୟ କରିବା ପାଇଁ, ଗାଁଗଣ୍ଡାର ସମୃଦ୍ଧି ପାଇଁ ଚାଷର ଉନ୍ନତି ଦରକାର । ଚାଷୀର ଉନ୍ନତି ଦରକାର ।

ଅନେକ ସମାଲୋଚନା କରୁଛନ୍ତି ଯେ ରାଜ୍ୟ ସରକାର କୃଷି ପ୍ରତି ଅଧିକ ଧ୍ୟାନ ଦେଉନାହାନ୍ତି । ଶିଳ୍ପ ଉପରେ

ଅଧିକ ଗୁରୁତ୍ୱ ଦିଆଯାଉଛି । ମାତ୍ର ଏହା ଭୁଲ୍ । କୃଷି ପ୍ରତି ସରକାର ପ୍ରଥମ ଧ୍ୟାନ ଦେଉଛନ୍ତି, ଶିଳ୍ପର ପ୍ରଶ୍ନ ତା' ପଛରେ । କୃଷି ଓ ଶିଳ୍ପ ମଧ୍ୟ ପରସ୍ପର ବିରୋଧୀ ନୁହନ୍ତି । ଉଦାହରଣ ସ୍ୱରୂପ ଆଜି ଯଦି ଆମେ ତେଲ କଳ ବସାଇ ନଥାନ୍ତେ ତା'ହେଲେ ଚିନାବାଦାମ ଯେତେ ଅଧିକ ଚାଷ କଲେ ମଧ୍ୟ ସେ ଚିନାବାଦାମକୁ ନ୍ୟାଯ୍ୟ ମୂଲ୍ୟରେ ବିକ୍ରି କରିପାରନ୍ତେ ନାହିଁ । ଗୁଜୁରାଟରୁ, ଆନ୍ଧ୍ରରୁ ବେପାରୀମାନେ ଆସି ସ୍ୱଳ୍ପ ଦାମ୍‌ରେ ଆମ ଚାଷୀଙ୍କଠାରୁ ଚିନାବାଦାମ ନେଇଯାଆନ୍ତି । ତେଣୁ ଓଡ଼ିଶା ଅଏଲ ଫେଡେରେସନ୍ ଗଠିତ ହୋଇଛି । ବଡ଼ ଧରଣର ତେଲ କଳ ଖୋର୍ଦ୍ଧାରେ ପ୍ରତିଷ୍ଠିତ ହୋଇଛି । ବରଗଡ଼ରେ ଗୋଟିଏ ତେଲକଳ ସମବାୟ ଭିତ୍ତିରେ ସ୍ଥାପିତ ହୋଇଛି । ଏଇଭଳି ଭାବେ ଚିନାବାଦାମର ସଦୁପଯୋଗ ହେଉଛି ।

କୃଷିଜାତ ଦ୍ରବ୍ୟ ଉପରେ ଶିଳ୍ପ ସମୃଦ୍ଧି ନିର୍ଭର କରେ । ଏବେ ଦୁଇଟି ଚିନିକଳ ପ୍ରତିଷ୍ଠିତ ହେଉଛି । ଗୋଟିଏ ନୟାଗଡ଼ରେ, ଗୋଟିଏ ବଡ଼ମ୍ବାରେ । ଏ ବର୍ଷ ଆହୁରି ପାଞ୍ଚୋଟି ଚିନିକଳ ପ୍ରତିଷ୍ଠା କରାଯିବ । ବଲାଙ୍ଗୀର, କଳାହାଣ୍ଡି, ଢେଙ୍କାନାଳ, ନବରଙ୍ଗପୁର ଓ କଟକର କୌଣସି ସ୍ଥାନରେ ଏସବୁ ପ୍ରତିଷ୍ଠିତ ହେବ । ଏଥିପାଇଁ ଆପେକ୍ଷିକ ଭାବେ ଆଖୁ ଉତ୍ପାଦନ ବୃଦ୍ଧି କରିବାକୁ ହେବ ।

ଆଖୁ ଚାଷ ଓ ଚିନିକଳ ଯୋଗୁ ମହାରାଷ୍ଟ୍ର ଆଜି ଏକ ସମୃଦ୍ଧ ପ୍ରଦେଶରେ ପରିଣତ ହୋଇଛି । ୧୯ ଇଞ୍ଚ ବର୍ଷା ହେଉଥିବା ଅହମଦ ନଗର ଜିଲ୍ଲାରେ ମଧ୍ୟ ୧୮ଟି ଚିନିକଳ ରହିଛି । ଆମର ଯେତେ ବର୍ଷା ହେଉଛି ତା'ର ତିନି ଭାଗରୁ ଭାଗେ ତାଙ୍କର ବର୍ଷା ହେଉଛି । ମାତ୍ର ବର୍ଷା ଜଳକୁ ସେମାନେ ସୁନ୍ଦର ଭାବରେ ବ୍ୟବହାର କରୁଛନ୍ତି । ଓଡ଼ିଶାରେ ଏହାର ବିପୁଳ ସମ୍ଭାବନା ରହିଛି । ଅଧିକରୁ ଅଧିକ ଚିନିକଳ ଆମେ ମଧ୍ୟ ବସେଇ ପାରିବା । ଓଡ଼ିଶାରେ ଏବେ ୮ଟି ସୂତାକଳ ଅଛି । କେବଳ କଳାହାଣ୍ଡି ଜିଲ୍ଲାରେ ଗତବର୍ଷ ଅଢ଼େଇ କୋଟି ଟଙ୍କାର କପା ଉତ୍ପାଦିତ ହୋଇଛି । ତେଣୁ କୃଷିଭିତ୍ତିକ ଶିଳ୍ପ ହିଁ ଗ୍ରାମାଞ୍ଚଳ ବିକାଶର ଏକମାତ୍ର ପନ୍ଥା ।

ଯେପରି ଭାବରେ ରୁଗ୍‌ଣ ଶିଳ୍ପକୁ ସାହାଯ୍ୟ ଦିଆଯାଉଛି ରୁଗ୍‌ଣ କୃଷିକୁ ସେହିପରି ଭାବରେ ସାହାଯ୍ୟ କରାଯାଉଛି । ଅନେକ ପ୍ରକାର ରିହାତି ବ୍ୟବସ୍ଥା ହୋଇଛି । ଚାଷୀମାନେ ଯେପରି ଉଚିତ୍ ମୂଲ୍ୟ ପାଇବେ ସେ ଦିଗରେ ବ୍ୟବସ୍ଥା ହୋଇଛି । ଗରିବ ଆଦିବାସୀଙ୍କ ଋଣ ସରକାର ଭରଣା କରୁଛନ୍ତି । ପୁରୁଣା ଋଣରୁ ୫ ପରସେଣ୍ଟ ଛାଡ଼ କରାଯାଉଛି । ରିଜର୍ଭ ବ୍ୟାଙ୍କର ଦାବିଦା ସତ୍ତ୍ୱେ ସରକାର ରାଜକୋଷରୁ ଏହି ପରିମାଣ ଭରଣା କରିଛନ୍ତି ।

କିନ୍ତୁ ଅଯୌକ୍ତିକ ଭାବରେ କେହି ଯଦି ସବୁ ସମବାୟ ଋଣ ଛାଡ଼ କରିବା ପାଇଁ ଦାବୀ କରେ ସରକାର ସେଥିରେ ନାରାଜ. ତା'ହେଲେ ଧନୀଆମଲା, ଅଧୀଆମଲା ସବୁ ସମାନ ହୋଇଯିବ । ଗୋଟିଏ ବର୍ଷର ସମବାୟ ଋଣର ପରିମାଣ ୨୦୦/୩୦୦ କୋଟି ଟଙ୍କା । ସବୁ ଋଣ ଛାଡ଼ କଲେ ପରବର୍ତ୍ତୀ ବର୍ଷ କେହି ଋଣ ପାଇବେ ନାହିଁ । ପୁନଶ୍ଚ ଯେଉଁମାନେ ଋଣ ନେଇଛନ୍ତି ସେମାନେ ଯଦି ଛାଡ଼ ପାଇବେ ଯେଉଁମାନେ ଋଣ ନ ନେଇଛନ୍ତି ସେମାନେ କି ଅପରାଧ କଲେ ? ଆମେ ଯଦି ବ୍ୟାଙ୍କରୁ ଋଣ ନେଇ ଋଣ ଶୁଝିବା ନାହିଁ ତା'ହେଲେ ଜାତୀୟ କରଣ ବ୍ୟାଙ୍କ ଚଳିବ କିପରି ? ସାହୁକାର, ମହାଜନ ଓ ଜମିଦାରଙ୍କ ହାତରୁ ରକ୍ଷା ପାଇବା ପାଇଁ ଆମେ ବ୍ୟାଙ୍କର ଆଶ୍ରୟ ନେଇଛୁ, ଏହାକୁ ପୁଷ୍ଟ ନ କଲେ ଚାଷୀକୁଳ ଦୁରବସ୍ଥାର ସମ୍ମୁଖୀନ ହେବ ।

ଏହା ବ୍ୟତୀତ ମରୁଡ଼ିର ମୁକାବିଲା କରିବା ପାଇଁ ଫସଲ ବୀମା, ଶସ୍ୟବୀମା କାର୍ଯ୍ୟକାରୀ କରିବା ଆବଶ୍ୟକ । ଏଇ ଫସଲ ବୀମା ଫଳରେ ଯେଉଁ ଚାଷୀ ଭାଇମାନେ ସମବାୟ ଋଣ କରିଥିବେ ସେମାନଙ୍କୁ ଆଉ ଋଣ ଶୁଝିବାକୁ ପଡ଼ିବ ନାହିଁ । ରୁଗ୍‌ଣ ଶିଳ୍ପକୁ ସରକାର ହାତକୁ ନେବା ଭଳି କୃଷି କ୍ଷେତ୍ରରେ ଚାଷୀର ଜମି ଯଦି ରୁଗ୍‌ଣ ହୋଇଗଲା ସରକାର ତାକୁ ହାତକୁ ନେବେନାହିଁ ମାତ୍ର ତା'ର ଅବସ୍ଥା ସମ୍ଭାଳିବା ପାଇଁ ଯଥାସମ୍ଭବ ପଦକ୍ଷେପ ଗ୍ରହଣ କରିବେ । କୃଷି ଉପକରଣ ଯୋଗାଇ ଦେବା ଓ ଜଳସେଚନ ବ୍ୟବସ୍ଥା କରିବା ମାଧ୍ୟମରେ ଏହା ସମ୍ଭବ ହେବ ।

ଆମେ ୨୩ ଲକ୍ଷ ଏକର ଜମିରେ ଜଳସେଚନ ବ୍ୟବସ୍ଥା କରିବା ଏକ ଐତିହାସିକ ବିପ୍ଳବ । ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ସବୁ ଯୋଜନା କାର୍ଯ୍ୟକାରୀ ହେବାକୁ ଯାଉଛି । ଫଳରେ ଗୋଟିଏ ଗୋଟିଏ ଜିଲ୍ଲାର ଚେହେରା ସମ୍ପୂର୍ଣ୍ଣ ବଦଳି ଯିବ । ଉପର କୋଲାବ ଯୋଜନା କାର୍ଯ୍ୟକାରୀ ହେଲେ କୋରାପୁଟର ଭାଗ୍ୟ ପରିବର୍ତ୍ତନ ହେବ । ଉପର ଇନ୍ଦ୍ରାବତୀ ମାଧ୍ୟମରେ କଳାହାଣ୍ଡିର ଦୁଇରୁ ଅଢ଼େଇ ଲକ୍ଷ ଏକର ଜମି ଜଳସେଚିତ ହେବ । ରେଙ୍ଗାଲି ଜଳସେଚନ ଯୋଜନା ଜରିଆରେ ଢେଙ୍କାନାଳ, ବାଲେଶ୍ୱର ଓ କଟକର ବହୁ ଅଞ୍ଚଳ ଜଳସେଚିତ ହେବ ଏବଂ ୬ ରୁ ୭ ଲକ୍ଷ ଏକର ଜମି ଶସ୍ୟ-ଶ୍ୟାମଳା ହେବ ।

କଳାହାଣ୍ଡିରେ ମରୁଡ଼ିର ସ୍ଥାୟୀ ପ୍ରତିକାର ପାଇଁ ବିଭିନ୍ନ ଯୋଜନା ହାତକୁ ନେବାକୁ ପଡ଼ିବ । ନୂଆପଡ଼ା ସବ୍‌ଡିଭିଜନ ପାଇଁ ସେଚ ଯୋଜନା କାର୍ଯ୍ୟକାରୀ କରିବାକୁ ହେବ । ବଲାଙ୍ଗୀରର ଟିଟିଲାଗଡ଼ ଓ ଲେଉ୍‌ଫଟ୍‌ରେ ଆମେ ସ୍ୱତନ୍ତ୍ର ଜଳସେଚନ ବ୍ୟବସ୍ଥା କରିପାରିବା । ସେହିପରି କେନ୍ଦୁଝରର କାନପୁର ଜଳସେଚନ ଯୋଜନା ଆମେ ଆଗାମୀ ଯୋଜନା ଭିତରେ କାର୍ଯ୍ୟକାରୀ କରିବା । ବୌଦ୍ଧର ମାଧ ଯୋଜନାକୁ ବ୍ୟାରେଜରେ ପରିଣତ କରିବାକୁ ମଧ୍ୟ ଆମେ ନିଷ୍ପତ୍ତି ନେଇଛୁ । ଗଞ୍ଜାମର ବାଘବତୀ ଯୋଜନାକୁ ଆମେ ଯଥାଶୀଘ୍ର କାର୍ଯ୍ୟକାରୀ କରିବା । ଯେଉଁ ଜଳଅମଳ ଯୋଜନା ସୁନ୍ଦରଗଡ଼ ଓ ସମ୍ବଲପୁରର ଅଣ୍ଟାସୁରୁଡ଼ା ଅଞ୍ଚଳକୁ ରୂପାନ୍ତରିତ କରିବ ତାକୁ ମଧ୍ୟ କାର୍ଯ୍ୟକାରୀ କରିବା । ସମ୍ବଲପୁରର ଅମ ଯୋଜନା ଓ ମୟୂରଭଞ୍ଜର ସୁବର୍ଣ୍ଣରେଖା ଯୋଜନାକୁ ମଧ୍ୟ ଶୀଘ୍ର କାର୍ଯ୍ୟକାରୀ କରାଯିବ । ଏସବୁ ଜଳସେଚନ ଯୋଜନା

କାର୍ଯ୍ୟକାରୀ ହେଲେ ଓଡ଼ିଶା ଅଚିରେ ସୁନାର ରାଜ୍ୟରେ ପରିଣତ ହେବ ।

ଏଇ ଜଳସେଚନ ପ୍ରକଳ୍ପମାନ କାର୍ଯ୍ୟକାରୀ କରିବା ପାଇଁ ଆମର ଯଥେଷ୍ଟ ସମ୍ବଳ ଆବଶ୍ୟକ । ମନବଳ ଆବଶ୍ୟକ । ୨୦ ଲକ୍ଷ ୨୫ ଲକ୍ଷ ଏକର ଜମିର ଜଳ ବ୍ୟବସ୍ଥା କରିବା ବଡ କଥା ନୁହେଁ । ଆମେ ବଦ୍ଧପରିକର ହେଲେ ଆଗାମୀ ଯୋଜନାରେ ଏହା କାର୍ଯ୍ୟକାରୀ କରିପାରିବା ।

୧୯୩୬ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ୧୯୮୦ ମସିହା ଭିନ୍ନ ରୂପ ନେଇଛି । ଗତ ୧୦ ବର୍ଷ ମଧ୍ୟରେ ପ୍ରଗତିଶୀଳ ଶାସନ ଯୋଗୁ ଭାରତବର୍ଷରେ ଓଡ଼ିଶା ସୁନାର ରାଜ୍ୟରେ ପରିଣତ ହୋଇଛି । ଦୃଢ଼ ପ୍ରଗତିଶୀଳ ଶାସନ ଯୋଗୁ ଭାରତର ତିନୋଟି ରାଜ୍ୟ ଉତ୍ତରପ୍ରଦେଶ, ବିହାର ଓ ମଧ୍ୟପ୍ରଦେଶକୁ ପଛରେ ପକାଇ ଓଡ଼ିଶା ଆଗକୁ ମାଡ଼ି ଯାଇଛି । ଯଦି ଆମର ୮/୯ ବର୍ଷର ପରିଶ୍ରମରେ ଆମେ ଏତେ ଅଗ୍ରଗତି କରିପାରିଛୁ ୨୩ ଲକ୍ଷ ଏକର ଜମିରେ ଜଳ ବ୍ୟବସ୍ଥା କରି ପାରିଛୁ, ଚିନାବାଦାମ କ୍ଷେତ୍ରରେ ଭାରତରେ ଅଗ୍ରଣୀ ରାଜ୍ୟ ହୋଇ ପାରିଛୁ, ତୈଳବୀଜ ଚାଷ କ୍ଷେତ୍ରରେ ଅଗ୍ରଣୀ ହୋଇ ପାରିଛୁ ଗହମରେ, ବିରିରେ ମୁଗରେ ସର୍ବଭାରତୀୟ ସ୍ତରରେ ଆନୁପାତିକ ଭାବେ ଅଧିକ ଉତ୍ପାଦନ କରିପାରିଛୁ ତା'ହେଲେ ଅଧିକ ମନୋବଳ, ସଂକଳ୍ପ ଓ ପ୍ରଚେଷ୍ଟା ମାଧ୍ୟମରେ ଆମେ ଅସାଧ୍ୟ ସାଧନ କରି ପାରିବା । ୬୦ରୁ ୮୦ ମସିହା ମଧ୍ୟରେ କୃଷିର ଅଗ୍ରଗତି ଥିଲା ୪ ପରସେଣ୍ଟ । ୮୦ ରୁ ୮୮ ମଧ୍ୟରେ ଏହା ହେଲା ଶତକଡା ୨୦ ପରସେଣ୍ଟ । ୧୬ ଲକ୍ଷ ଟନ୍‌ରୁ ୭୦ ଲକ୍ଷ ଟନ୍‌କୁ ଆମ ଖାଦ୍ୟ ଉତ୍ପାଦନ ବୃଦ୍ଧି ପାଇଛି । କୃଷି ଅଗ୍ରଗତି କ୍ଷେତ୍ରରେ ଏହା ବିପ୍ଳବାତ୍ମକ ସାଫଲ୍ୟ । ତେଣୁ ଅକ୍ଷୟ ତୃତୀୟା ପର୍ବରୁ ଆମେ ଓଡ଼ିଶାକୁ କୃଷି ଉତ୍ପାଦନରେ ପ୍ରଥମ କରିବା ପାଇଁ ଆଉ ଥରେ ଦୃଢ଼ ସଂକଳ୍ପ ନେବା ।

ଓଡ଼ିଶାରେ ଖାଲ ଜମି ଯେପରି ଅଛି; ଡିପ ଜମି ମଧ୍ୟ ସେହିପରି । ତେଣୁ ମାତ୍ର ୫୦ ଭାଗ ଦୃଷ୍ଟିପାତ ଯୋଗୁ ସବୁ ସ୍ଥାନରେ ସମାନ ଫସଲ ହେଉନାହିଁ । ଅନେକ ସମୟରେ ବର୍ଷା ଆଦୌ ହେଉନାହିଁ । ଫଳରେ ସୁନ୍ଦରଗଡ଼, ବଲାଙ୍ଗୀର, କଳାହାଣ୍ଡି ଜିଲ୍ଲାରେ ଧାନ ଫସଲ ମରି ଯାଉଛି । ତେଣୁ ସୁନ୍ଦରଗଡ଼ ପ୍ରଭୃତି ଅଞ୍ଚଳରେ ଚାଷୀମାନେ ଏକତ୍ରିତ ହୋଇ ପଡ଼ିଆ ଜମିରେ ହରଡ଼, ସୋୟାବିନ, ଚିନା ବାଦାମ ଚାଷ କରୁଛନ୍ତି । ଏପରି ଚାଷ ମାଧ୍ୟମରେ ଏକର ପିଛା ଆମେ ୨,୦୦୦ ଟଙ୍କା ପାଇ ପାରିବା । ସେମାନେ ପଡ଼ିଆ ଜମିରେ ଆକାଶପାଣିଆ ଜମିରେ କୃଷି ସମୃଦ୍ଧିର ନୂତନ ଦୃଷ୍ଟାନ୍ତ ଉପସ୍ଥାପିତ କରିଛନ୍ତି । ତେଣୁ ଗ୍ରାମସେବକ, କୃଷି ବିଭାଗର କର୍ମକର୍ତ୍ତା ଓ ନିର୍ଦ୍ଦେଶକ ସଂଗଠିତ ଭାବରେ ଗୋଟିଏ ଶକ୍ତି ପ୍ରସ୍ତୁତ କରନ୍ତୁ ଯାହା ଫଳରେ ସବୁ ଜମିରେ ଉନ୍ନତ ଉତ୍ପାଦନ ହୋଇପାରିବ । ଏହା ଦାରିଦ୍ର୍ୟ ଦୂରୀକରଣ ପାଇଁ ସହାୟକ ହେବ ।

ଏବେ କେନ୍ଦ୍ର ସରକାରଙ୍କ ଦ୍ୱାରା ଜବାହର ରୋଜଗାର ଯୋଜନା ଓ ପଞ୍ଚାୟତିରାଜ ଯୋଜନା କାର୍ଯ୍ୟକାରୀ ହେଉଛି । ଓଡ଼ିଶାରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ଚାଲୁ ହେବ । ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦ । ଏସବୁ ପ୍ରତ୍ୟକ୍ଷ ନିର୍ବାଚନ ହେବ । ଓ୍ୱାର୍ଡ ମେମ୍ବର, ପଞ୍ଚାୟତ ସମିତି ମେମ୍ବର ଓ ଜିଲ୍ଲା ପରିଷଦ ମେମ୍ବର ପାଇଁ ପୃଥକ ପୃଥକ ତିନୋଟି ବାକ୍‌ସ ରହିବ । କେନ୍ଦ୍ରରୁ ମଧ୍ୟ ଉନ୍ନତିମୂଳକ କାର୍ଯ୍ୟ ପାଇଁ ପଞ୍ଚାୟତ ସମିତିକୁ ପ୍ରତ୍ୟକ୍ଷ ସାହାଯ୍ୟ ମିଳିବ । ରାଜ୍ୟ ଯୋଜନାରେ ପଞ୍ଚାୟତ ସାହାଯ୍ୟ ପରିମାଣ ସ୍ଥିରୀକୃତ ହେବ । ପଞ୍ଚାୟତ ସ୍ତରରେ ଲୋକମାନେ କ'ଣ କରିବାକୁ ଚାହୁଁଛନ୍ତି ତାହା ସ୍ଥିର କରିବେ । କଣ୍ଟ୍ରାକ୍ଟରମାନେ, ବି. ଡି. ଓ.ମାନେ ଓ କଲେକ୍ଟରମାନେ ନିଜ ସ୍ୱାର୍ଥ ପ୍ରୀତ୍ୟାର୍ଥେ ଯେପରି କାମ କରୁଛନ୍ତି ସେଇ ପନ୍ଥା ଆଉ ଅନୁସୃତ ହେବନାହିଁ । ପଞ୍ଚାୟତରାଜ ଜରିଆରେ ଇ. ଆର. ଆର. ପି. ଓ ଆଇ. ଆର. ଡି. ପି. ସାହାଯ୍ୟ ଦିଆଯିବ । ଗାଁର ସମସ୍ତ ବ୍ୟକ୍ତି ଏଇ ସାହାଯ୍ୟ ସମ୍ପର୍କରେ ପ୍ରତ୍ୟକ୍ଷଭାବେ ଅବଗତ ରହିବେ ।

ଆଉ ଗୋଟିଏ ନିଷ୍ପତ୍ତି ନିଆଯାଇଛି ମହିଳାମାନଙ୍କୁ ଅଗ୍ରାଧିକାର ଦେବା ପାଇଁ । ଶତକଡ଼ା ୩୦ଭାଗ ମହିଳାଙ୍କୁ ପଞ୍ଚାୟତ ସ୍ତରରେ ପ୍ରତିନିଧିତ୍ୱ ନେବା ପାଇଁ ସ୍ଥିର କରାଯାଇଛି । ସେହିଭଳି ଆଦିବାସୀ ହରିଜନ ଅଞ୍ଚଳରେ ଆନୁପାତିକ ପ୍ରତିନିଧିତ୍ୱର ବ୍ୟବସ୍ଥା ହୋଇଛି । ଯଦି ଗୋଟିଏ ଅଞ୍ଚଳରେ ୧୦ଭାଗ ଆଦିବାସୀ ଅଛନ୍ତି ସେଠାରୁ ୧୦% ପ୍ରତିନିଧିତ୍ୱ କରିବେ, ୬୦ଭାଗ ଥିଲେ ୬୦% ପ୍ରତିନିଧିତ୍ୱ କରିପାରିବେ । ପାଞ୍ଚ ବର୍ଷ ମଧ୍ୟରେ ପଞ୍ଚାୟତ ସମିତି, ଜିଲ୍ଲା ପରିଷଦ ଓ ପଞ୍ଚାୟତ କେହି ଭାଙ୍ଗି ପାରିବେ ନାହିଁ । ଯଦି ଭାଙ୍ଗିବେ ୬ ମାସ ମଧ୍ୟରେ ପୁନି ନିର୍ବାଚନ ହେବ ।

ଜବାହର ଯୋଜନାର ଉଦ୍ଦେଶ୍ୟ ଗୋଟିଏ ପରିବାରରେ ଅନ୍ତତଃ ଜଣକୁ କାମ ଯୋଗାଇ ଦେବା । ଏବେ ଏନ. ଆର. ପି. ଓ ଆର. ଏଲ. ଇ. ଜି. ପି.ରେ ଯେଉଁ ଟଙ୍କା ଦିଆଯାଉଛି ବର୍ତ୍ତମାନ ସେହି ପରିମାଣ ଦେଢ଼/ଦୁଇ ଗୁଣ ବଢ଼ାଇ ଦିଆଯାଉଛି । ସଡ଼କ ତୋଳା କାମରେ ହେଉ, ରାସ୍ତା କାମରେ ହେଉ, ଇନ୍ଦିରା ଆବାସ ଯୋଜନା କାମରେ ହେଉ କିମ୍ବା ପୋଖରୀ ଖୋଳାଇବା କାମରେ ହେଉ ନିଯୁକ୍ତି ପାଉନଥିବା ପରିବାରରୁ ଜଣକୁ କର୍ମନିଯୁକ୍ତି ଦିଆଯିବ ।

ତେଣୁ ସୁନାର ଓଡ଼ିଶା ଗଢ଼ିବା ପାଇଁ ଜାତି, ବର୍ଣ୍ଣ, ଦଳ ନିର୍ବିଶେଷରେ ସମସ୍ତେ ସଙ୍କଳ୍ପବଦ୍ଧ ଉଦ୍ୟମ କରିବା ପାଇଁ ମୁଁ ଆହ୍ୱାନ ଜଣାଉଛି

# ଓଡ଼ିଶାରେ ଜଳସେଚନର ପ୍ରସାର

ସେକ୍ ମତଲୁବ୍ ଅଲ୍ଲି, ମନ୍ତ୍ରୀ

ଓଡ଼ିଶା ଗୋଟିଏ କୃଷି ପ୍ରଧାନ ରାଜ୍ୟ । ଏହାର ଶତକଡା ପ୍ରାୟ ୮୦ ଭାଗ ଅଧିବାସୀ କୃଷି ଉପରେ ନିର୍ଭର କରି ଚଳିଆସୁଛନ୍ତି । ସୁତରାଂ ରାଜ୍ୟର ଜଳସମ୍ପଦ ଓ ଚାଷୋପଯୋଗୀ ଜମିର ଉପଯୁକ୍ତ ବିକାଶ ନିମନ୍ତେ ଉତ୍ତମ ଜଳସେଚନ ବ୍ୟବସ୍ଥା କରିବାର ବିଶେଷ ଆବଶ୍ୟକତା ରହିଛି । ହିସାବରୁ ଜଣାଯାଏ ଯେ, ରାଜ୍ୟର ସମୁଦାୟ ଚାଷୋପଯୋଗୀ ଜମିର ପରିମାଣ ୬୫.୫୯ ଲକ୍ଷ ହେକ୍ଟର ମଧ୍ୟରୁ ବିଭିନ୍ନ ରକମର ଜଳସେଚନ ପ୍ରଣାଳୀ ମାଧ୍ୟମରେ ପ୍ରାୟ ୫୯ ଲକ୍ଷ ହେକ୍ଟର, ଅର୍ଥାତ୍ ଶତକଡା ପ୍ରାୟ ୮୮ ଭାଗ ଜମିରେ ଜଳସେଚନ ବ୍ୟବସ୍ଥା କରାଯାଇ ପାରିବ । ଏହାର ହିସାବ ନିମ୍ନରେ ପ୍ରଦତ୍ତ ହେଲା—

| | | ଲକ୍ଷ ହେକ୍ଟର |
|---|---|---|
| (କ) | ବୃହତ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ | ୩୯.୪୯ |
| (ଖ) | କ୍ଷୁଦ୍ର ଜଳସେଚନ ପ୍ରକଳ୍ପ | ୮.୭୯ |
| (ଗ) | ଉଠା ଜଳସେଚନ ପ୍ରକଳ୍ପ | ୮.୮୮ |
| (ଘ) | ଅନ୍ୟାନ୍ୟ ବିଭାଗ ଜରିଆରେ | ୧.୮୪ |
| | ମୋଟ | ୫୯.୦୦ |

ଜଳସେଚନ ସକାଶେ ଜଳ ସମ୍ପଦର ଅଭାବ ଆମ ରାଜ୍ୟରେ ନାହିଁ । ମାତ୍ର ୧୮୬୬ ମସିହା ବେଳକୁ ଓଡ଼ିଶାରେ ଜଳସେଚନ ପାଇଁ କୌଣସି ବ୍ୟବସ୍ଥା ନଥିଲା କହିଲେ ଚଳେ । ସେହି ବର୍ଷର ନ'ଅଙ୍କ ଦୁର୍ଭିକ୍ଷ ଜଳସେଚନ ପାଇଁ ବାଟ ଫିଟାଇଲା । ଫଳରେ "ଓଡ଼ିଶା କେନାଲ"ର କାର୍ଯ୍ୟ ଆରମ୍ଭ କରାଗଲା, ଯାହାଦ୍ୱାରା ସୀମିତ ଭାବରେ କଟକ ଓ ବାଲେଶ୍ୱର ଜିଲ୍ଲାରେ ଜଳସେଚନ ସମ୍ଭବପର ହେଲା । ଏହାପରେ ୧୯୦୦ ମସିହାରେ ଋଷିକୁଲ୍ୟା ପ୍ରକଳ୍ପର କାର୍ଯ୍ୟ ହାତକୁ ନିଆଯାଇ ଗଞ୍ଜାମ ଜିଲ୍ଲାରେ ଜଳସେଚନର ଅଯ୍ୟମାରମ୍ଭ ହେଲା । ହୀରାକୁଦ ବନ୍ଧ ପ୍ରକଳ୍ପ ଯଦିଓ ରାଜ୍ୟର ତଥା ସ୍ୱାଧୀନ ଭାରତର ସର୍ବ ପ୍ରଥମ ବହୁମୁଖୀ ବନ୍ଧ ଯୋଜନା ଅଟେ, ପଞ୍ଚବାର୍ଷିକ ଯୋଜନା ଆରମ୍ଭ ହେଲା ବେଳକୁ (୧୯୫୧–୫୨) ରାଜ୍ୟରେ ବିଭିନ୍ନ କିସମର ଛୋଟ ବଡ ଜଳସେଚନ ପ୍ରକଳ୍ପମାନଙ୍କ ଜରିଆରେ ମାତ୍ର ୧,୬୬,୯୨୦ ହେକ୍ଟର ଖରିଫ ଓ ୩,୮୯୦ ହେକ୍ଟର ରବି ଜମି ପାଇଁ ଜଳସେଚନର ସୁବିଧା ଥିଲା । ଯୋଜନାବଦ୍ଧ ଉନ୍ନୟନମୂଳକ କାର୍ଯ୍ୟକ୍ରମ ବିଭିନ୍ନ ପଞ୍ଚବାର୍ଷିକ ଯୋଜନା କାଳରେ ହାତକୁ ନିଆଯାଇ ଥିଲେ ମଧ୍ୟ ଷଷ୍ଠ ଯୋଜନାର ପ୍ରାରମ୍ଭ (୧୯୮୦ ମସିହା) ସୁଦ୍ଧା ରାଜ୍ୟରେ ଜଳସେଚନର ବିକାଶ ନିମନ୍ତେ ସମୁଚିତ ଦୃଷ୍ଟି ଦିଆଯାଇ ନଥିଲା । ସେହି ସମୟକୁ ରାଜ୍ୟରେ ବିଭିନ୍ନ ଶ୍ରେଣୀର ଜଳସେଚନ ପ୍ରଣାଳୀମାନଙ୍କ ମାଧ୍ୟମରେ ୧୨ ଲକ୍ଷ ୯୦ ହଜାର ହେକ୍ଟର ଖରିଫ ଜମିରେ ଜଳସେଚନ କରିବା ସମ୍ଭବ ହୋଇଥିଲା । ଏହା ରାଜ୍ୟର ସମୁଦାୟ ଚାଷୋପଯୋଗୀ ଜମିର ଶତକଡା ୧୯.୬ ଭାଗ ଏବଂ ମୋଟ ଜଳସେଚନୋପଯୋଗୀ ଜମିର ଶତକଡା ୨୧.୮ ଭାଗ ଅଟେ । ସେତେବେଳକୁ ରାଜ୍ୟରେ ୩୯ଟି ବୃହତ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ, ୩ଟି ସମ୍ପ୍ରସାରଣ ତଥା ଆଧୁନିକୀକରଣ ପ୍ରକଳ୍ପ, ୩୩୧ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର କାର୍ଯ୍ୟ ଅସମ୍ପୂର୍ଣ୍ଣ ହୋଇ ବିଭିନ୍ନ ସ୍ତରରେ ଥିଲା । ପ୍ରଧାନତଃ ଆବଶ୍ୟକୀୟ ବ୍ୟୟ ବରାଦ ଅଭାବରେ ଏହି ସବୁ ପ୍ରକଳ୍ପଗୁଡିକର କାର୍ଯ୍ୟ ତ୍ୱରାନ୍ୱିତ କରାଯାଇ ପାରୁ ନଥିଲା ।

ଷଷ୍ଠ ଯୋଜନା କାଳରେ ଜଳସେଚନର ପ୍ରସାର ପାଇଁ ବିଶେଷ ଗୁରୁତ୍ୱ ଦିଆଗଲା । ମରୁଡ଼ି ପ୍ରପୀଡ଼ିତ ଓ ଜଳସେଚନ ଅଭାବ ରହିଥିବା ଅଞ୍ଚଳରେ ବିଶେଷତଃ ଆଦିବାସୀ ଏବଂ ଆର୍ଥିକ ଅନଗ୍ରସର ଅଞ୍ଚଳରେ ଜଳସେଚନ ବ୍ୟବସ୍ଥା କରିବା ପାଇଁ ସମୁଚିତ ଧ୍ୟାନ ଦିଆଗଲା । ଏହି ଯୋଜନା କାଳରେ ନୂତନ କରି ୨ଟି ବୃହତ୍ ଜଳସେଚନ ପ୍ରକଳ୍ପ, ୬ଟି ମଧ୍ୟମ ଜଳସେଚନ ପ୍ରକଳ୍ପ ଏବଂ ୬୭ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର କାର୍ଯ୍ୟ ହାତକୁ ନିଆଗଲା । କମ୍ ସମୟରେ ଉଠା ଜଳସେଚନ ପ୍ରକଳ୍ପ

ଜରିଆରେ ଜଳସେଚନ ସୁଯୋଗ ସୃଷ୍ଟି କରାଯାଇ ପାରୁଥିବାରୁ ଏହି ଯୋଜନା କାଳରେ ଓଡିଶା ଉଠା ଜଳସେଚନ ନିଗମର କାର୍ଯ୍ୟକୁ ମଧ୍ୟ ତ୍ୱରାନ୍ୱିତ କରାଗଲା । ଷଷ୍ଠ ଯୋଜନା କାଳରେ ଦୁଇଟି ବୃହତ୍ ଜଳସେଚନ ପ୍ରକଳ୍ପ, ଯଥା–ମହାନଦୀ ତ୍ରିକୋଣଭୂମି ଜଳସେଚନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ, ସାଲନ୍ଦୀ ପ୍ରକଳ୍ପ, ଛଅଟି ମଧ୍ୟମ ଜଳସେଚନ ପ୍ରକଳ୍ପ, ଯଥା– କାଳ ଖଡକେଇ, କେଶା, ସାଇପାଳ, ତାଳୁକା ଏବଂ ରାମନଦୀ, ଦୁଇଟି ଆଧୁନିକୀକରଣ ପ୍ରକଳ୍ପ, ଯଥା–ବଳଦିହା, ହୀରାକୁଦ ଜଳସେଚନ ପ୍ରକଳ୍ପର ସମ୍ପ୍ରସାରଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଥିଲା । ଏତଦ୍‌ବ୍ୟତୀତ ବିଶ୍ୱ ବ୍ୟାଙ୍କ ସହାୟତାରେ କାର୍ଯ୍ୟକାରୀ ହେଉଥିବା ଡୁମୁରବାହାଲ ମଧ୍ୟମ ଜଳସେଚନ ପ୍ରକଳ୍ପର କାର୍ଯ୍ୟ ମଧ୍ୟ ପ୍ରାୟ ସମ୍ପୂର୍ଣ୍ଣ ହୋଇଥିଲା । ଫଳରେ ଷଷ୍ଠ ଯୋଜନା କାଳ ମଧ୍ୟରେ ଏହି ସମସ୍ତ ପ୍ରକଳ୍ପଗୁଡିକ ଜରିଆରେ ଏବଂ କାର୍ଯ୍ୟକାରୀ ହେଉଥିବା ଅନ୍ୟ କେତେକ ପ୍ରକଳ୍ପଗୁଡିକରୁ ଆଂଶିକ ଜଳସେଚନ ସମ୍ଭବ ହେବା ଯୋଗୁଁ ଅତିରିକ୍ତ ୧,୧୧,୪୯୦ ହେକ୍ଟର ଖରିଫ ଜମିରେ ଜଳସେଚନ ଯୋଗାଇ ଦିଆଯାଇ ପାରିଥିଲା । ଏଥି ମଧ୍ୟରେ କେନ୍ଦ୍ରୀୟ ଅନୁଦାନରେ କାର୍ଯ୍ୟକାରୀ ହେଉଥିବା ଯୋଟେରୁ ବୃହତ୍ ଜଳସେଚନ ପ୍ରକଳ୍ପ ମଧ୍ୟ ଅନ୍ତର୍ଭୁକ୍ତ ।

କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କ୍ଷେତ୍ରରେ ମଧ୍ୟ ସନ୍ତୋଷଜନକ ଅଗ୍ରଗତି ପରିଲକ୍ଷିତ ହୋଇଥିଲା । ପୂର୍ବ ଯୋଜନା କାଳରୁ ଗତି ଆସୁଥିବା ୩୩୧୯ଟି ପ୍ରକଳ୍ପ ମଧ୍ୟରୁ ୩୨୨ଟି ପ୍ରକଳ୍ପର କାର୍ଯ୍ୟ ଏବଂ ନୂତନ କରି ହାତକୁ ନିଆଯାଇଥିବା ୧୭ଟି ପ୍ରକଳ୍ପ ମଧ୍ୟରୁ ୮ଟିର କାମ ଷଷ୍ଠ ଯୋଜନା କାଳ ମଧ୍ୟରେ ସମ୍ପୂର୍ଣ୍ଣ କରାଯାଇ ୩୬,୬୧୦ ହେକ୍ଟର ଖରିଫ ଜମିରେ ଜଳସେଚନ ପାଇଁ ବ୍ୟବସ୍ଥା କରାଯାଇଥିଲା । ଏହି ଯୋଜନା କାଳର ଶେଷାର୍ଦ୍ଧରୁ କେନ୍ଦ୍ର ସରକାର ଗ୍ରାମାଞ୍ଚଳରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ R.L.E.G.P. କାର୍ଯ୍ୟକ୍ରମ ପ୍ରବର୍ତ୍ତନ କରିବା ଫଳରେ କୃଷିର ଅଧିକ ବିକାଶ ନିମନ୍ତେ ଜଳସେଚନର ଗୁରୁତ୍ୱ ଉପଲବ୍ଧି କରି ବହୁ ବର୍ଷ ଧରି ସମ୍ପୂର୍ଣ୍ଣ ଅକାମୀ ହୋଇ ପଡିଥିବା ଅଥବା ଅର୍ଦ୍ଧ କାର୍ଯ୍ୟକ୍ଷମ ଥିବା ଅନେକଗୁଡିଏ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର କାର୍ଯ୍ୟ ମଧ୍ୟ ହାତକୁ ନିଆଗଲା ।

ଉଠା ଜଳସେଚନ କାର୍ଯ୍ୟକ୍ରମରେ ମଧ୍ୟ ଏହି ସମୟରେ ଉଲ୍ଲେଖନୀୟ ଅଗ୍ରଗତି କରାଯାଇ ପାରିଥିଲା । ଉଦାହରଣ ସ୍ୱରୂପ, ଷଷ୍ଠ ପଞ୍ଚବାର୍ଷିକ ଯୋଜନା ପ୍ରାରମ୍ଭରେ ରାଜ୍ୟରେ ମୋଟ ୩,୯୯୦ଟି ଉଠା ଜଳସେଚନ ପଏଣ୍ଟ ଜରିଆରେ ୮୭,୬୯୦ ହେକ୍ଟର ଖରିଫ ଜମିରେ ଜଳସେଚନ କରାଯାଉଥିବା ବେଳେ, କେବଳ ଷଷ୍ଠ ଯୋଜନା କାଳରେ ୪,୨୫୩ଟି ପଏଣ୍ଟ ବସାଯାଇ ଅତିରିକ୍ତ ୯୯,୮୯୦ ହେକ୍ଟର ଜମିରେ ଜଳସେଚନ ସାମର୍ଥ୍ୟ ସୃଷ୍ଟି କରାଯାଇଥିଲା ।

ଏହିପରି ଷଷ୍ଠ ଯୋଜନା କାଳରେ ଜଳସେଚନ ବିଭାଗ ଜରିଆରେ କାର୍ଯ୍ୟକାରୀ ହେଉଥିବା ସବୁ ପ୍ରକାରର ପ୍ରକଳ୍ପ ମାଧ୍ୟମରେ ନିମ୍ନଲିଖିତ ମତେ ମୋଟ ୨,୪୭,୯୯୦ ହେକ୍ଟର ଖରିଫ ଜମି ପାଇଁ ଜଳସେଚନ ବ୍ୟବସ୍ଥା କରାଯାଇଥିଲା ।

| | |
|---|---|
| (କ) ବୃହତ୍ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ | ୧,୧୧,୪୯୦ ହେକ୍ଟର |
| (ଖ) କ୍ଷୁଦ୍ର ଜଳସେଚନ ପ୍ରକଳ୍ପ | ୩୬,୬୧୦ ହେକ୍ଟର |
| (ଗ) ଉଠା ଜଳସେଚନ ପ୍ରକଳ୍ପ | ୯୯,୮୯୦ ହେକ୍ଟର |
| ମୋଟ | ୨,୪୭,୯୯୦ ହେକ୍ଟର |

ଏତଦ୍‌ବ୍ୟତୀତ ଗୋଷ୍ଠୀ ଉନ୍ନୟନ, କୃଷି ଓ ସମବାୟ ବିଭାଗ ଜରିଆରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଛୋଟ ଛୋଟ ପ୍ରକଳ୍ପ ଦ୍ୱାରା ଏହି ସମୟ ଭିତରେ ୧,୮୪,୦୭୦ ହେକ୍ଟର୍ ଖରିଫ୍ ଜମିରେ ମଧ୍ୟ ଜଳସେଚନ ସାମର୍ଥ୍ୟ ସୃଷ୍ଟି କରାଯାଇଥିଲା । ଫଳରେ ଷଷ୍ଠ ଯୋଜନା କାଳରେ ସର୍ବମୋଟ ୪,୩୨,୦୬୦ ହେକ୍ଟର୍ ଖରିଫ୍ ଜମିରେ ଅତିରିକ୍ତ ଜଳସେଚନ ସାମର୍ଥ୍ୟ ସୃଷ୍ଟି କରାଯାଇଥିଲା । ଅର୍ଥାତ୍ ଏହି ପାଞ୍ଚବର୍ଷ ମଧ୍ୟରେ କେବଳ, ଜଳସେଚନ କ୍ଷେତ୍ରରେ ଶତକଡା ପ୍ରାୟ ୩୩ ଭାଗ ବୃଦ୍ଧି ଘଟିଥିଲା । ଏହା ଉଲ୍ଲେଖନୀୟ ଅଭିବୃଦ୍ଧି ଅଟେ । ତେଣୁ ଷଷ୍ଠ ଯୋଜନାର ଶେଷ ସୁଦ୍ଧା ମୋଟ ୧୭.୨୨ ଲକ୍ଷ ହେକ୍ଟର୍ ଖରିଫ ଜମିରେ ଜଳସେଚନ ପାଇଁ ସୁବିଧା କରାଯାଇଥିଲା, ଯାହାକି ରାଜ୍ୟର ସମୁଦାୟ ଚାଷୋପଯୋଗୀ ଜମିର ଶତକଡା ୨୬.୨୫ ଭାଗ ଏବଂ ଜଳସେଚନ ଯୋଗ୍ୟ ଜମିର ଶତକଡା ୭୯.୧୯ ଭାଗ ଅଟେ ।

ସପ୍ତମ ଯୋଜନା କାଳରେ ଜଳସେଚନ କାର୍ଯ୍ୟକ୍ରମର ରଥଚକ୍ରକୁ ଅଧିକ ଗତିଶୀଳ କରିବା ପାଇଁ ପଦକ୍ଷେପ ନିଆଯାଇଛି । ସରକାରଙ୍କ ଉଦ୍ଦେଶ୍ୟ ହେଉଛି, ଜଳସେଚନ ଅଭାବ ଥିବା ଅଞ୍ଚଳରେ ବିଶେଷତଃ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଏବଂ ଅର୍ଥନୈତିକ ଦୃଷ୍ଟିରୁ ପଛୁଆ ଅଞ୍ଚଳରେ କିପରି ଅଗ୍ରାଧିକାର ଭିତ୍ତିରେ ଜଳସେଚନର ପ୍ରସାର ହୋଇପାରିବ ଏବଂ କିପରି ବହୁତ କମ୍ ସମୟ ମଧ୍ୟରେ ସର୍ବଭାରତୀୟ ସ୍ତରରେ ଓଡିଶା ଅନ୍ୟ ରାଜ୍ୟମାନଙ୍କର ସମକକ୍ଷ ହୋଇପାରିବ, ସେଥିପାଇଁ ନିମ୍ନଲିଖିତ ମତେ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି ।

## ବୃହତ ଓ ମଧ୍ୟମ ଜଳସେଚନ

ସପ୍ତମ ପଞ୍ଚବାର୍ଷିକ ଯୋଜନାର ପ୍ରାରମ୍ଭରେ ରାଜ୍ୟରେ ୩ଟି ବହୁମୁଖୀ ଜଳସେଚନ ପ୍ରକଳ୍ପ, ୧୨ଟି ବୃହତ ଏବଂ ୩୧ଟି ମଧ୍ୟମ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିଲା । ଏତଦ୍‌ବ୍ୟତୀତ କେନ୍ଦ୍ରୀୟ ସାହାଯ୍ୟ ପ୍ରାପ୍ତ "ପୋଟେରୁ" ବୃହତ ଜଳସେଚନ ପ୍ରକଳ୍ପର କାର୍ଯ୍ୟ ମଧ୍ୟ ଚାଲୁ ରହିଥିଲା । ଏହିସବୁ ପ୍ରକଳ୍ପମାନଙ୍କ ଜରିଆରେ ସପ୍ତମ ଯୋଜନା କାଳରେ ଅତିରିକ୍ତ ୧,୫୧,୯୭୦ ହେକ୍ଟର୍ ଖରିଫ୍ ଏବଂ ୯୦,୫୦୦ ହେକ୍ଟର୍ ରବି ଜମିରେ ଜଳସେଚନ ସୁବିଧା ଯୋଗାଇ ଦେବାପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ରେଙ୍ଗାଲି, ଅପର୍ କୋଲାବ୍ ଏବଂ ଅପର୍ ଇନ୍ଦ୍ରାବତୀ ନଦୀବନ୍ଧ ପ୍ରକଳ୍ପଗୁଡିକ ବହୁମୁଖୀ ଯୋଜନା ଅଟେ । ରାଜ୍ୟରେ ଶିଳ୍ପବିକାଶ ପ୍ରତି ଦୃଷ୍ଟି ରଖି ବୈଦ୍ୟୁତ୍ ଚାହିଦା ପୂରଣ କରିବା ଉଦ୍ଦେଶ୍ୟରେ ଏହିସବୁ ବହୁମୁଖୀ ଯୋଜନାର ବନ୍ଧ ନିର୍ମାଣ କାର୍ଯ୍ୟ ଅଗ୍ରାଧିକାର ଭିତ୍ତିରେ କରାଯାଉଛି । ଇତ୍ୟବସରେ ରେଙ୍ଗାଲି ଓ ଅପର୍ କୋଲାବ୍ ବନ୍ଧ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ

ହୋଇଛି ଏବଂ ପ୍ରତ୍ୟେକ ପ୍ରକଳ୍ପର ଦୁଇଟି ଲେଖାଏ ୟୁନିଟ୍‌ରୁ ବିଦ୍ୟୁତ ଶକ୍ତି ଉତ୍ପନ୍ନ କରାଯାଉଛି । ଅପର୍ ଇନ୍ଦ୍ରାବତୀ ପ୍ରକଳ୍ପର ବନ୍ଧ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି ।

ସୀମିତ ସମ୍ବଳ ମଧ୍ୟରେ ରେଙ୍ଗାଲି, ଅପର୍ କୋଲାବ୍‌ର ଜଳକୁ ଜଳସେଚନ କାର୍ଯ୍ୟରେ ଠିକ ସମୟରେ ଲଗାଯାଇ ପାରି ନଥିଲା । ସୁବର୍ଣ୍ଣରେଖା ଅନ୍ତଃରାଜ୍ୟ ପ୍ରକଳ୍ପର ମୁଖ୍ୟ କାର୍ଯ୍ୟଗୁଡ଼ିକ ବିହାର ରାଜ୍ୟ ମଧ୍ୟରେ ତ୍ୱରାନ୍ୱିତ ହେବା ଫଳରେ, ଅଷ୍ଟମ ଯୋଜନାର ପ୍ରଥମ ଭାଗରେ ଓଡ଼ିଶା ସୀମାରେ ଜଳସେଚନ ପାଇଁ ଜଳ ମିଳିବ । ସେହି ସମୟ ବେଳକୁ ଓଡ଼ିଶାରେ କେନାଲ୍ ଖନନ କାର୍ଯ୍ୟ ପଥା ସମୟରେ ସମ୍ପୂର୍ଣ୍ଣ କରାଯିବା ଆବଶ୍ୟକ । ରାଜ୍ୟରେ ଦ୍ରୁତ ଜଳସେଚନ ତଥା କୃଷି ବିକାଶ ପାଇଁ ସ୍ୱତନ୍ତ୍ର ବ୍ୟୟବରାଦ କରାଯାଇ ଅପର୍ କୋଲାବ୍, ଅପର୍ ଇନ୍ଦ୍ରାବତୀ, ରେଙ୍ଗାଲି ଓ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେନାଲ୍ ଖନନ କାର୍ଯ୍ୟ ୧୯୮୭-୮୮ ମସିହାରୁ ହାତକୁ ନିଆଯାଇଛି । ପ୍ରଥମେ ଦୁଇଟି ପ୍ରକଳ୍ପ ପାଇଁ ଜାପାନ୍ ସରକାରଙ୍କର O.E.C.F. ଋଣ ପାଇବାରେ ଆମେ ସଫଳ ହୋଇଛୁ । କୌଣସି ଜଳସେଚନ ପ୍ରକଳ୍ପ ପାଇଁ O.E.C.F. ଋଣ ପାଇବା ଏହା ଆମ ଦେଶରେ ପ୍ରଥମ । ଏହି ଦୁଇଟି ପ୍ରକଳ୍ପରୁ ଆଂଶିକ ଜଳସେଚନ ମଧ୍ୟ ମିଳିଲାଣି । ରେଙ୍ଗାଲି ଜଳସେଚନ ପ୍ରକଳ୍ପ ପାଇଁ ସୋଭିଏତ ଋଷ ସରକାରଙ୍କର ଆର୍ଥିକ ସାହାଯ୍ୟ ପାଇବା ପାଇଁ ଉଦ୍ୟମ ହେଉଅଛି ।

୧୯୮୩ ମସିହାରେ ୧୮ଟି ମଧ୍ୟମ ଜଳସେଚନ ପ୍ରକଳ୍ପର କାର୍ଯ୍ୟ ପାଇଁ (Orissa Irrigation-II ନାମରେ) ୧୦୫ ନିୟୁତ ଡଲାର୍ ଆର୍ଥିକ ସାହାଯ୍ୟ ବିଶ୍ୱ ବ୍ୟାଙ୍କ୍ ନିକଟରୁ ନିଆଯାଇଥିଲା । ଏହାର ସମୟ ସୀମା ଭିତି ମଧ୍ୟରେ ସମ୍ପୂର୍ଣ୍ଣ ହୋଇଛି ଏବଂ ୧୮ଟି ପ୍ରକଳ୍ପ ମଧ୍ୟରୁ ୯ଟିର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ସେଗୁଡ଼ିକ ହେଲା– ଡୁମରବାହାଲ, ଝାରବନ୍ଧ, ତଳସରା, ସରଫଗଡ଼, ଗୋହିରା, କୁଁଅରିଆ, ଦହ, ପିଲାଶାଲକୀ ଓ ରେମାଳ । ୪ଟିର କାର୍ଯ୍ୟ ଚଳିତ ଆର୍ଥିକ ବର୍ଷ ସମ୍ପୂର୍ଣ୍ଣ ହେବ । ଅବଶିଷ୍ଟ ୫ଟି ପ୍ରକଳ୍ପର କାର୍ଯ୍ୟ ସହିତ ଆଉ କେତେକ ବୃହତ ଓ ମଧ୍ୟମ ପ୍ରକଳ୍ପର କାର୍ଯ୍ୟ ପାଇଁ Orissa Irrigation-3 ନାମରେ ବିଶ୍ୱ ବ୍ୟାଙ୍କ୍‌ର ଆର୍ଥିକ ସହାୟତା ପାଇଁ ପଦକ୍ଷେପ ନିଆଯାଉଛି ।

ମହାନଦୀ ତ୍ରିକୋଣ ଭୂମିର ଜନାକୀର୍ଣ୍ଣ ଦୋଆବ ଅଞ୍ଚଳରେ ବନ୍ୟା ତଥା ମରୁଡ଼ି ଉଭୟର ପ୍ରକୋପ ଚାଷୀମାନେ ସହ୍ୟ କରିଥାଆନ୍ତି । ଏହାର ପ୍ରତିକାର କରିବା ଉଦ୍ଦେଶ୍ୟରେ ପ୍ରଥମ ପଦକ୍ଷେପ ସ୍ୱରୂପ ବିରୂପା–ଗେଙ୍ଗୁଟି ଜଳସେଚନ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି । ମହାନଦୀ–ଚିତ୍ରୋତ୍ପଳା ପ୍ରକଳ୍ପର କାର୍ଯ୍ୟ ଚଳିତ ଆର୍ଥିକ ବର୍ଷରେ ଆରମ୍ଭ କରାଯିବ । ଅର୍ଥିଲି ମଧ୍ୟମ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ଏବଂ ଯେଉଁସବୁ ପ୍ରକଳ୍ପଗୁଡ଼ିକର ନିର୍ମାଣ କାର୍ଯ୍ୟ ଏହି ବର୍ଷ ସମ୍ପୂର୍ଣ୍ଣ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି, ସେଗୁଡ଼ିକ ହେଲା– ମହାନଦୀ–ବିରୂପା ବ୍ୟାରେଜ୍, କଞ୍ଚାରୀ, ସୁନେଇ, ରାମିଆଳ, ସୁନ୍ଦର, ଅପର୍ ଯୁକ୍ତେଲ୍ ଏବଂ ରେମାଳର ସମ୍ପ୍ରସାରଣ କାର୍ଯ୍ୟ । ଏତଦ୍‌ବ୍ୟତୀତ ତିନୋଟି ସମ୍ପ୍ରସାରଣ ପ୍ରକଳ୍ପ ଯଥା– ଘୋଡ଼ାହାଡ଼, ବରଗଡ଼ ମୁଖ୍ୟ କେନାଲ୍ ଓ ଘାସେଲ୍‌ର କାର୍ଯ୍ୟ ମଧ୍ୟ ଚଳିତ ବର୍ଷ ସମ୍ପୂର୍ଣ୍ଣ ହେବ ।

## କ୍ଷୁଦ୍ର ଜଳସେଚନ (ପ୍ରବାହ)

ରାଜ୍ୟରେ ମୋଟ ପ୍ରାୟ ୧୦ ଲକ୍ଷ ହେକ୍ଟର୍ ଜମିରେ କ୍ଷୁଦ୍ର ଜଳସେଚନ (ପ୍ରବାହ) ପ୍ରକଳ୍ପଗୁଡ଼ିକ ମାଧ୍ୟମରେ ଜଳସେଚନ ସାମର୍ଥ୍ୟ ସୃଷ୍ଟି କରିବା ପାଇଁ ଯେଉଁ ହିସାବ କରାଯାଇଛି, ତନ୍ମଧ୍ୟରୁ ସପ୍ତମ ଯୋଜନାର ପ୍ରାରମ୍ଭରେ ୩.୩୫ ଲକ୍ଷ ଖରିଫ୍ ଜମିରେ ଜଳସେଚନ କରାଯାଉଥିଲା । ବୃହତ୍ ଓ ମଧ୍ୟମ ପ୍ରକଳ୍ପ ତୁଳନାରେ କ୍ଷୁଦ୍ର ପ୍ରକଳ୍ପଗୁଡ଼ିକର ନିର୍ମାଣ କାର୍ଯ୍ୟ କମ୍ ସମୟ ମଧ୍ୟରେ ସମ୍ଭବପର । ସେଥିପାଇଁ ସପ୍ତମ ଯୋଜନା କାଳରେ ଅସମ୍ପୂର୍ଣ୍ଣ ପ୍ରକଳ୍ପଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ପାଇଁ ଅଗ୍ରାଧିକାର ଦିଆଯାଇଛି । ସପ୍ତମ ଯୋଜନାର ପ୍ରାରମ୍ଭରେ ରାଜ୍ୟରେ ମୋଟ ୫,୪୮୩ଟି କ୍ଷୁଦ୍ର ପ୍ରକଳ୍ପ ମଧ୍ୟରୁ ୨,୨୫୦ଟି କାର୍ଯ୍ୟକ୍ଷମ ଅବସ୍ଥାରେ, ୮୩୦ଟି ଆଂଶିକ କ୍ଷମ ଏବଂ ୧,୪୨୩ଟି ସମ୍ପୂର୍ଣ୍ଣ ଅକ୍ଷମ ଅବସ୍ଥାରେ ଥିଲା । ଏତଦ୍‌ବ୍ୟତୀତ ୯୦ଟି ନୂତନ ପ୍ରକଳ୍ପ ନିର୍ମାଣାଧୀନ ଥିଲା । ସେଥି ମଧ୍ୟରୁ ୪୨ଟିର କାର୍ଯ୍ୟ ଇତି ମଧ୍ୟରେ ସମ୍ପୂର୍ଣ୍ଣ କରାଯାଇଛି ଏବଂ ୧୧ଟିର କାର୍ଯ୍ୟ ଚଳିତ ଆର୍ଥିକ ବର୍ଷ ସମ୍ପୂର୍ଣ୍ଣ ହେବ । R.L.E.G.P. ମାଧ୍ୟମରେ ହାତକୁ ନିଆଯାଇଥିବା ୧୭୦ଟି ପ୍ରକଳ୍ପର ପୁନରୁଦ୍ଧାର କାର୍ଯ୍ୟ ମଧ୍ୟରୁ ୯୯ଟିର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ଏବଂ ଅବଶିଷ୍ଟ ପ୍ରକଳ୍ପର କାର୍ଯ୍ୟ ଚଳିତ ବର୍ଷ ସମ୍ପୂର୍ଣ୍ଣ ହେବ । ମରୁଡ଼ି ପ୍ରତିକାର ନିମନ୍ତେ ହାତକୁ ନିଆଯାଇଥିବା ୧୨୫ଟି ପ୍ରକଳ୍ପର ପୁନରୁଦ୍ଧାର କାର୍ଯ୍ୟ ମଧ୍ୟ ଚଳିତ ବର୍ଷ ସମ୍ପୂର୍ଣ୍ଣ ହେବ । ପୁନଶ୍ଚ ରାଜ୍ୟର ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ଯଥା– କୋରାପୁଟ ଓ କଳାହାଣ୍ଡିର ଆଠଟି ବ୍ଲକ୍‌ରେ ଆଦିବାସୀ ଲୋକମାନଙ୍କର ଉନ୍ନତି ନିମନ୍ତେ ୬୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୧୫ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର କାର୍ଯ୍ୟ ଗତବର୍ଷ ଆରମ୍ଭ କରାଯାଇଛି । ଏହି କାର୍ଯ୍ୟ ଚଳିତ ବର୍ଷ ମଧ୍ୟ ସମ୍ପୂର୍ଣ୍ଣ ହେବ । ଫଳରେ ଅତିରିକ୍ତ ୬୧୪ ହେକ୍ଟର୍ ଖରିଫ୍ ଜମି ପାଇଁ ଜଳସେଚନ ମିଳିବ । ଏହିପରି ସପ୍ତମ ଯୋଜନା କାଳରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ମାଧ୍ୟମରେ ଅତିରିକ୍ତ ମୋଟ ୪୨,୬୫୦ ହେକ୍ଟର୍ ଖରିଫ୍ ଓ ୫,୯୭୮ ହେକ୍ଟର୍ ରବି ଜମିରେ ଜଳସେଚନ କରାଯିବା ପାଇଁ କାର୍ଯ୍ୟକ୍ରମ ରହିଛି ।

## ଉଠା ଜଳସେଚନ

ସପ୍ତମ ଯୋଜନାର ପ୍ରାରମ୍ଭରେ ୮,୨୪୩ଟି ପଏଣ୍ଟ ଜରିଆରେ ମୋଟ ୧,୮୭,୪୮୦ ହେକ୍ଟର୍ ଜମି ପାଇଁ ଜଳସେଚନର ସୁବିଧା ଥିଲା । ଏହି ଯୋଜନା କାଳରେ ପ୍ରତିବର୍ଷ ୧,୦୦୦ଟି ହିସାବରେ ପାଞ୍ଚବର୍ଷରେ ୫,୦୦୦ଟି ପଏଣ୍ଟ ସ୍ଥାପନ କରି ଅତିରିକ୍ତ ୧,୨୦,୦୦୦ ହେକ୍ଟର୍ ଜମିକୁ ଜଳସେଚନ ଦେବା ପାଇଁ ପରିକଳ୍ପନା କରାଯାଇଛି । ଏହି ଯୋଜନା D.R.D.A. ଏବଂ ଅନ୍ୟାନ୍ୟ ଅର୍ଥଲଗାଣ ସଂସ୍ଥାର ଆର୍ଥିକ ସହାୟତାରେ ସମାହିତ ହେଉଅଛି ।

ରାଜ୍ୟରେ ଭୂତଳ ଓ ଭୂପୃଷ୍ଠ ଜଳ ସଙ୍ଗଠନର ଦୃଢ଼ୀକରଣ ନିମନ୍ତେ ଦୁଇକୋଟି ଟଙ୍କାର ଏକ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା

ମଧ୍ୟ କାର୍ଯ୍ୟକାରୀ ହେଉଛି । ଏତଦ୍‌ବ୍ୟତୀତ କଟକ, ପୁରୀ ଓ ବାଲେଶ୍ୱର ଜିଲ୍ଲାରେ ୫୬୦ଟି ନଳକୂପ ଓ ୧୫୦ଟି ନଦୀ ଉଠା ନଳକୂପ ସାହାଯ୍ୟରେ ଅତିରିକ୍ତ ୨୮,୦୫୦ ହେକ୍ଟର୍ ଜମିରେ ଜଳସେଚନ ସୁବିଧା ଯୋଗାଇ ଦେବା ପାଇଁ ପ୍ରସ୍ତାବ ଅଛି ।

ଜଳସେଚନ ବିଭାଗର ପ୍ରକଳ୍ପଗୁଡିକ ବ୍ୟତୀତ, ଗୋଷ୍ଠୀ ଉନ୍ନୟନ ଓ କୃଷି ସମବାୟ ବିଭାଗ ମଧ୍ୟ କ୍ଷୁଦ୍ର ପ୍ରକଳ୍ପ, କୂପ ଓ ଜଳଅମଳ ପ୍ରକଳ୍ପ ଇତ୍ୟାଦି ମାଧ୍ୟମରେ ଜଳସେଚନ ସାମର୍ଥ୍ୟ ସୃଷ୍ଟି କରିଥାନ୍ତି ।

ଏହିପରି ଭାବରେ ସପ୍ତମ ଯୋଜନା କାଳରେ ଅତିରିକ୍ତ ୪,୩୨,୬୩୭ ହେକ୍ଟର୍ ଖରିଫ୍ ଓ ୧,୬୬,୫୫୦ ହେକ୍ଟର୍ ରବି ଜମିରେ ଜଳସେଚନ ସାମର୍ଥ୍ୟ ସୃଷ୍ଟି କରିବା ପାଇଁ କାର୍ଯ୍ୟକ୍ରମ ରହିଛି । ଏହାର ହିସାବ ଏବଂ ଯୋଜନାର ପ୍ରଥମ ଚାରିବର୍ଷ ମଧ୍ୟରେ ହାସଲ ହୋଇଥିବା ପରିମାଣର ହିସାବ ନିମ୍ନରେ ପ୍ରଦତ୍ତ ହେଲା–

ଉଦ୍ଦେଶ୍ୟରେ Irrigation Advancement Programme ମାଧ୍ୟମରେ ମହାନଦୀ ତ୍ରିକୋଣଭୂମି ଦ୍ୱିତୀୟ ପର୍ଯ୍ୟାୟ ପ୍ରକଳ୍ପର ଅସମ୍ପୂର୍ଣ୍ଣ କାର୍ଯ୍ୟଗୁଡିକ ସମ୍ପୂର୍ଣ୍ଣ କରିବା ପାଇଁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଫଳରେ ୪୦ଟି କେନାଲ୍‌ର ସମ୍ପ୍ରସାରଣ କରାଯାଇ ଅତିରିକ୍ତ ୨୯,୬୮୦ ହେକ୍ଟର୍ ଖରିଫ୍ ଜମି ଓ ୨୧,୬୫୦ ହେକ୍ଟର୍ ରବି ଜମି ପାଇଁ ଜଳସେଚନ ମିଳିବ । ସେହିପରି ୧୨ଟି ଜଳ ନିଷ୍କାସନ ନାଳିର କାର୍ଯ୍ୟ ହାତକୁ ନିଆଯାଇଛି, ଯାହାଦ୍ୱାରା ପ୍ରାୟ ୨୮,୫୦୦ ହେକ୍ଟର୍ ଜମିରେ ଜଳସେଚନ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହେବ । ଏତଦ୍‌ବ୍ୟତୀତ ଉପରୋକ୍ତ ୫ଟି ଜିଲ୍ଲାରେ ୭୧ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର ତଥା ନୂତନ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇ ଅତିରିକ୍ତ ୫,୧୬୫ ହେକ୍ଟର୍ ଖରିଫ୍ ଓ ୨୪୩ ହେକ୍ଟର୍ ରବି ଜମି ପାଇଁ ଜଳସେଚନ ଯୋଗାଇ ଦିଆଯିବ । ଓଡିଶାରେ କ୍ରିକ୍ ଜଳସେଚନ ପ୍ରକଳ୍ପ ଏକ ନୂତନ ପରିକଳ୍ପନା । ରାଜ୍ୟର ପ୍ରିୟ ମୁଖ୍ୟମନ୍ତ୍ରୀ ଏହି କ୍ରିକ୍ ଜଳସେଚନ ବ୍ୟବସ୍ଥା ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି । ଯାହା ଫଳରେ

| ଜଳସେଚନ ପ୍ରଣାଳୀ | ସପ୍ତମ ଯୋଜନାର ଲକ୍ଷ୍ୟ (ହେକ୍ଟର୍) | | ୧୯୮୫–୮୬ରୁ୧୯୮୮–୮୯ରେ ସୃଷ୍ଟି ହୋଇଥିବା ଜଳସେଚନ ଜମିର ପରିମାଣ (ହେକ୍ଟର୍) | |
|---|---|---|---|---|
| | ଖରିଫ | ରବି | ଖରିଫ | ରବି |
| (୧) | (୨) | (୩) | (୪) | (୫) |
| (କ) ବୃହତ ଓ ମଧ୍ୟମ .. | ୧,୫୧,୯୨୦ | ୯୦,୫୦୦ | ୪୦,୯୯୦ | ୧୩,୩୦୦ |
| (ଖ) କ୍ଷୁଦ୍ର ଜଳସେଚନ .. | ୧୪,୧୧୭ | ୪,୦୫୦ | ୩୩,୫୨୩ | ୪,୩୦୭ |
| (ଗ) ଉଠା ଜଳସେଚନ .. | ୧,୨୦,୦୦୦ | ୬୨,୦୦୦ | ୫୨,୬୫୨ | ୩୧,୫୯୧ |
| (ଘ) ଅନ୍ୟାନ୍ୟ ବିଭାଗ ଜରିଆରେ .. | ୧,୪୬,୫୫୦ | .. | ୭୦,୫୮୫ | .. |
| ମୋଟ | ୪,୩୨,୬୩୭ | ୧,୬୬,୫୫୦ | ୧,୯୭,୭୫୦ | ୪୯,୧୯୮ |

ଏଥିରୁ ଜଣାପଡିବ ଯେ, ଲକ୍ଷ୍ୟ ହାସଲ ହେବାରେ ବ୍ୟତିକ୍ରମ ଘଟିଛି । ଏହାର କାରଣସବୁ ଏଠାରେ ଆଲୋଚନା କରିବା ନିଷ୍ପ୍ରୟୋଜନ । ମାତ୍ର ଅବଶିଷ୍ଟ ସମୟ ମଧ୍ୟରେ ଲକ୍ଷ୍ୟ ହାସଲ କରିବା ପାଇଁ କାର୍ଯ୍ୟକ୍ରମ ଜାରୀ ରହିଛି ।

ସପ୍ତମ ଯୋଜନାର ଶେଷ ଦୁଇବର୍ଷ ମଧ୍ୟରେ ଦେଶରେ କୃଷି ଉତ୍ପାଦନ ବୃଦ୍ଧି କରିବା ପାଇଁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ଏଥିପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ରାଜ୍ୟର ପାଞ୍ଚଟି ଜିଲ୍ଲା ଯଥା– କଟକ, ପୁରୀ, ବାଲେଶ୍ୱର, ଗଞ୍ଜାମ ଓ ସମ୍ବଲପୁରରେ କାର୍ଯ୍ୟକାରୀ ହେଉଛି । କୃଷି ପାଇଁ ଜଳସେଚନ ଅତ୍ୟାବଶ୍ୟକ ହୋଇଥିବାରୁ ପ୍ରଧାନମନ୍ତ୍ରୀଙ୍କର ଏହି ଆହ୍ୱାନକୁ ଫଳବତୀ କରିବା ଉଦ୍ଦେଶ୍ୟରେ ଆମର ପ୍ରିୟ ମୁଖ୍ୟମନ୍ତ୍ରୀ ରାଜ୍ୟ ପାଇଁ ଏହି ଦୁଇବର୍ଷକୁ ଜଳସେଚନ ବର୍ଷ ରୂପେ ପାଳନ କରିବା ପାଇଁ ଘୋଷଣା କରିଛନ୍ତି । ଆମର ଲକ୍ଷ୍ୟ ହେଉଛି, ସପ୍ତମ ଯୋଜନା ପାଇଁ ଯେଉଁ ଲକ୍ଷ୍ୟଧାର୍ଯ୍ୟ ହୋଇଛି ତାହାକୁ ପୂରଣ କରିବା ଏବଂ ଅତିରିକ୍ତ ଜମିରେ ଜଳସେଚନ ସୁବିଧା ଯୋଗାଇଦେବା । ଏହି

ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ କୁଆରିଆ ମୁହାଣ ଦେଇ ଲୁଣି ଜଳ ପ୍ରକୋପରୁ ଚାଷ ଜମିକୁ ରକ୍ଷା କରି ଜଳସେଚନ ବ୍ୟବସ୍ଥା କରିବା ଉଦ୍ଦେଶ୍ୟରେ ଏହି ପରିକଳ୍ପନା ୧୯୮୪–୮୫ ମସିହାରୁ R.L.E.G.P. ମାଧ୍ୟମରେ ହାତକୁ ନିଆଯାଇଛି । ଫଳରେ ୧୦ଟି ପ୍ରକଳ୍ପର କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ପ୍ରାୟ ୬ ହଜାର ହେକ୍ଟର୍ ଜମିରେ ଜଳସେଚନ ମିଳିବ । ଏହା ସାଙ୍ଗକୁ ଅତିରିକ୍ତ ୩୦ଟି କ୍ରିକ୍ ପ୍ରକଳ୍ପ କଟକ ଓ ବାଲେଶ୍ୱର ଜିଲ୍ଲାରେ I.A.P. କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ କରାଯାଇଛି, ଯାହା ଫଳରେ ଚଳିତ ବର୍ଷ ଶେଷ ସୁଦ୍ଧା ଅତିରିକ୍ତ ୧୯,୬୫୧ ହେକ୍ଟର୍ ଖରିଫ୍ ଓ ୯,୮୨୫ ହେକ୍ଟର୍ ରବି ଜମି ପାଇଁ ଜଳସେଚନ ସୁବିଧା ସୃଷ୍ଟି ହୋଇ ପାରିବ । ଏହି କ୍ରିକ୍ ପ୍ରକଳ୍ପରୁ ଜଳସେଚନ ପାଇଁ ଜଳକର ନିଆଯାଉ ନଥିବା ଏକ ମହତ୍ତ୍ୱପୂର୍ଣ୍ଣ ବିଷୟ ଅଟେ ।

ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଜଳସେଚନର ଦ୍ରୁତ ସମ୍ପ୍ରସାରଣ ନିମନ୍ତେ ସପ୍ତମ ଯୋଜନାରେ ଅଗ୍ରାଧିକାର ଦିଆଯାଇଥିବା ବିଷୟ ପୂର୍ବରୁ ଉଲ୍ଲେଖ କରାଯାଇଛି । ବିଭିନ୍ନ

ତିନିମର ଜଳସେଚନ ପ୍ରକଳ୍ପ ପାଇଁ ସପ୍ତମ ଯୋଜନା କାଳରେ ବ୍ୟୟ ହେଉଥିବା ମୋଟ ୭୮୯ କୋଟି ଟଙ୍କା ମଧ୍ୟରୁ ପ୍ରାୟ ୩୧୧ କୋଟି ଟଙ୍କା ଏହି ଅଞ୍ଚଳରେ ଖର୍ଚ୍ଚ କରାଯାଉଛି ଏବଂ ଏହା ଫଳରେ ଅତିରିକ୍ତ ୮୦,୪୭୦ ହେକ୍ଟର୍ ଖରିଫ୍ ଓ ୪୫,୯୮୨ ହେକ୍ଟର୍ ରବି ଜମି ପାଇଁ ଜଳସେଚନ ସାମର୍ଥ୍ୟ ସୃଷ୍ଟି କରାଯାଇ ପାରିବ ।

ଆମ ରାଜ୍ୟରେ ପ୍ରଚୁର ଜଳ ସମ୍ପଦ ରହିଛି ଏବଂ ଏହାର ସଦୁପଯୋଗ କରିବା ପାଇଁ ସରକାର ବଦ୍ଧ ପରିକର । ସପ୍ତମ ଯୋଜନା ଶେଷ ସୁଦ୍ଧା ରାଜ୍ୟରେ ମୋଟ ଚଷୋପଯୋଗୀ ଜମିର ଶତକଡା ୩୧.୨୦ ଭାଗ ଏବଂ ଜଳସେଚନୋପଯୋଗୀ ଜମିର ଶତକଡା ୩୪.୬୮ ଭାଗ ଜମିରେ ଜଳସେଚନ ସୁବିଧା ସୃଷ୍ଟି କରିବା ଲକ୍ଷ୍ୟ ନେଇ ଆମେ ଆଗେଇ ଚାଲିଛୁ ।



# ଓଡ଼ିଶାରେ ସାମାଜିକ ବନୀକରଣ

ଡମ୍ବରୁଧର ଉଲାକା, ରାଷ୍ଟ୍ରମନ୍ତ୍ରୀ

ଆମ ଦେଶରେ ତଥା ରାଜ୍ୟରେ କ୍ରମାଗତ ଭାବେ ଜଙ୍ଗଲ ଅମିତ ଦ୍ରୁତ ବେଗରେ ହ୍ରାସ ପାଇବାରେ ଲାଗିଛି । ବର୍ଷକୁ ହାରାହାରି ୧,୦୦୦ ବର୍ଗ କିଲୋମିଟର ବା ଲକ୍ଷ ହେକ୍ଟର ହାରରେ ଜଙ୍ଗଲ ଅମିତ ନଷ୍ଟ ହୋଇଯାଉଛି । ସ୍ୱାଧୀନତା ପରଠାରୁ ଦେଶର ଜନସଂଖ୍ୟା ଅବିରତ ବୃଦ୍ଧି ପାଉଛି । ତା ସହିତ ଜନସାଧାରଣଙ୍କର ଜଙ୍ଗଲଜାତ ଦ୍ରବ୍ୟ ଉପରେ ଚାହିଦା ମଧ୍ୟ ବଢ଼ି ଚାଲିଛି । ଫଳ ସ୍ୱରୂପ ଆଜି ଗାଁ ପାଖରେ ବଣ ଜଙ୍ଗଲ ନାହିଁ । ଜାଳକାଠ ଗୋଟିଏ ଆଣିବାକୁ ହେଲେ, ଲୋକମାନଙ୍କୁ ଆଠ, ଦଶ କିଲୋମିଟର ଯିବାକୁ ପଡୁଛି । ପିଲା ଓ ମୁନିବମାନେ ବଣଭୋଜି କରିବାକୁ ଖୋଜିଲେ, ୪୦-୫୦ କିଲୋମିଟର ଯାଇ ଜଙ୍ଗଲ ଖୋଜିବାକୁ ପଡୁଛି । ଗାଁର ଗାଈ ଗୋରୁଙ୍କ ପାଇଁ ଚରାଣି ଭୂମି ନାହିଁ । ଜଙ୍ଗଲ ଉପରେ ନିର୍ଭରଶୀଳ ରହୁଥିବା ଲୋକମାନଙ୍କ ନିମନ୍ତେ ବିକଳ୍ପ କାମଧନ୍ଦା ନାହିଁ । ଘର ଛପର ପାଇଁ କାଠ, ବାଉଁଶ କିମ୍ବା ଛଣ, ଲଙ୍ଗଳ ବା ଶଗଡ ଚକ ପାଇଁ କାଠ ଆଖ ପାଖରେ ମିଳୁ ନାହିଁ । ଏହି ପରିସ୍ଥିତି ଗ୍ରାମାଞ୍ଚଳରେ ସାମାଜିକ, ଅର୍ଥନୈତିକ ତଥା ଦୈନନ୍ଦିନ ଜୀବନ ଯାପନ ପ୍ରଣାଳୀରେ ଗୁରୁତର ସମସ୍ୟା ସୃଷ୍ଟି କରିଛି ।

ଏହି ପରିପ୍ରେକ୍ଷୀରେ ଜାତୀୟ କୃଷି କମିଶନ ୧୯୭୬ ମସିହାରେ ପ୍ରଥମଥର ପାଇଁ ସାମାଜିକ ବନୀକରଣ ଉପରେ ଗୁରୁତ୍ୱ ଆରୋପ କରିଥିଲେ । କମିଶନଙ୍କ ରିପୋର୍ଟରେ ଦେଶର ଜଙ୍ଗଲ ଉନ୍ନୟନ କ୍ଷେତ୍ରରେ ଦୁଇଟି ପ୍ରଧାନ ଅଭିମୁଖ୍ୟ ପ୍ରତିଫଳିତ ହୋଇଥିଲା । ପ୍ରଥମଟି ସାମାଜିକ ବନୀକରଣ । ଗାଁ ଗହଳିର ଅଗଣିତ ଜନସାଧାରଣଙ୍କର ମୌଳିକ ବନଜାତ ଦ୍ରବ୍ୟର ଚାହିଦା ଏହି ଜଙ୍ଗଲରୁ ମିଳି ପାରିବ । ଏହି ମୌଳିକ ଚାହିଦାଗୁଡ଼ିକ ହେଲା, ରନ୍ଧନ ପାଇଁ ଜାଳେଣି କାଠ, କୃଷି ଉପକରଣ ଓ ଘର ତିଆରି ପାଇଁ ଛୋଟ କାଠ, ବାଉଁଶ, ଗାଈ ଗୋରୁଙ୍କ ପାଇଁ ଚରାଣ, ଖାଦ୍ୟ ପାଇଁ ଫଳ-ମୂଳ ଓ ପରିଶେଷରେ ଗାଁ ସନ୍ନିକଟରେ ଏକ ସବୁଜ ମନୋରମ ପରିବେଶ-ଲୋକମାନଙ୍କର ଏହି ଅତ୍ୟାବଶ୍ୟକତାଗୁଡ଼ିକ ନିମନ୍ତେ ପାରମ୍ପରିକ, ସଂରକ୍ଷଣ ଜଙ୍ଗଲ ଉପରେ ନିର୍ଭର ନକରି ଗାଁ ପାଖରେ ସାମାଜିକ ଜଙ୍ଗଲ ସୃଷ୍ଟି କରିବା ସମୀଚୀନ ହେବ । ଦ୍ୱିତୀୟଟି ଉତ୍ପାଦନଭିତ୍ତିକ ବନ-ଯେଉଁଥିରୁ ଜଙ୍ଗଲ ଉପରେ ନିର୍ଭରଶୀଳ କଳକାରଖାନା ପାଇଁ କଞ୍ଚାମାଲ ମିଳିପାରିବ । ରାସ୍ତାଘାଟ, କୋଠାବାଡ଼ି ପାଇଁ କାଠ ଓ ପ୍ରତିରକ୍ଷା ଚାହିଦା ଆଦି ମେଣ୍ଟିପାରିବ ।

୧୯୮୩-୮୪ ଆର୍ଥିକ ବର୍ଷଠାରୁ ସ୍ୱଇଡେନ ସରକାରଙ୍କ ଆର୍ଥିକ ସହାୟତାରେ ୨୩ କୋଟି ଟଙ୍କା ସମ୍ବଳ ବିନିଯୋଗ କରି ଓଡ଼ିଶାର ନଅ ଗୋଟି ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟ ସାମାଜିକ ବନୀକରଣ କାର୍ଯ୍ୟକ୍ରମ ଆରମ୍ଭ କରାଗଲା । ପରେ ଏହି ପୁଞ୍ଜି ଲଗାଣ ୨୮ କୋଟିକୁ ବୃଦ୍ଧି କରାଗଲା । ପ୍ରଥମ ପର୍ଯ୍ୟାୟରେ କୋରାପୁଟ, କଳାହାଣ୍ଡି, ଫୁଲବାଣୀ ଓ ସୁନ୍ଦରଗଡ଼- ଏହି ଚାରୋଟି ଜିଲ୍ଲାକୁ ବାଦ ଦିଆଯାଇଥିଲା । ୧୯୮୮ ମସିହାରେ ଯୋଜନାର ପ୍ରଥମ ପର୍ଯ୍ୟାୟ ଶେଷ ହୋଇ ଯାଇଛି । ଏହି ସମୟ ଭିତରେ ଓଡ଼ିଶାର ନଅ ଗୋଟି ଜିଲ୍ଲାର ୩୫,୦୦୦ ଗ୍ରାମ ମଧ୍ୟରୁ କେବଳ ଏକ ଦଶମାଂଶ ଅର୍ଥାତ୍ ୩,୫୦୦ ଗ୍ରାମରେ ବନୀକରଣ କରାଯିବାର ଲକ୍ଷ୍ୟ ରଖାଯାଇଥିଲା । ଏହା ବ୍ୟତୀତ ୨୧,୭୦୦ ହେକ୍ଟର ଜମିରେ ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି, ୨୦,୩୦୦ ହେକ୍ଟର ନଷ୍ଟ ହୋଇ ଯାଇଥିବା ଜଙ୍ଗଲର ପୁନଃବନୀକରଣ, ୧,୫୦୦ ହେକ୍ଟର କ୍ଷୟପ୍ରାପ୍ତ ଜଙ୍ଗଲର ପୁନରୁଦ୍ଧାର କାର୍ଯ୍ୟକ୍ରମ ମଧ୍ୟ ପ୍ରଥମ ପର୍ଯ୍ୟାୟ ଯୋଜନାର ଲକ୍ଷ୍ୟ ଅନ୍ତର୍ଭୁକ୍ତ ଥିଲା । ରାଜ୍ୟରେ ପ୍ରାୟ ୨,୦୦୦ ଭୂମିହୀନ, ଗରିବ ଚାଷି ତଥା ଆଦିବାସୀମାନଙ୍କୁ କୃଷିଭିତ୍ତିକ ବୃକ୍ଷରୋପଣ ମାଧ୍ୟମରେ ୧,୦୦୦ ହେକ୍ଟର ଜମିରେ ଥଇଥାନ କରିବାକୁ ମଧ୍ୟ ଲକ୍ଷ୍ୟ ରଖାଯାଇଥିଲା । ୧୯୮୮-୮୯ ଆର୍ଥିକ ବର୍ଷଠାରୁ ସାମାଜିକ ବନୀକରଣ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ ଓଡ଼ିଶାର ସମସ୍ତ ତେର ଗୋଟି ଜିଲ୍ଲାରେ କାର୍ଯ୍ୟକାରୀ କରାଯାଉଛି ।

ଯୋଜନାର ପ୍ରଥମ ପର୍ଯ୍ୟାୟରେ ବିଭିନ୍ନ କ୍ଷେତ୍ରରେ ହାସଲ କରାଯାଇଥିବା ଲକ୍ଷ୍ୟ ନିମ୍ନରେ ପ୍ରଦତ୍ତ ଦିଆଗଲା । ଦ୍ୱିତୀୟ ପର୍ଯ୍ୟାୟରେ ଆର୍ଥିକ ବ୍ୟୟ ଅଟକଳ ୭୮ କୋଟି ଟଙ୍କା ରଖାଯାଇଛି । ଏଥିରୁ ଶତକଡ଼ା ୪୯ ଭାଗ ସ୍ୱଇଡେନ ସରକାର ବହନ କରିବେ ଓ ବାକି ୫୧ ଭାଗ ରାଜ୍ୟ ସରକାର ନିଜର ଯୋଜନା ଅଟକଳରୁ ବହନ କରିବେ ।

**ପ୍ରଥମ ପର୍ଯ୍ୟାୟର ଲକ୍ଷ୍ୟ ହାସଲ (୧୯୮୩-୧୯୮୮)**

| | | |
|---|---|---|
| ୧ | ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି | ୧୮,୩୪୬ ହେକ୍ଟର୍ |
| ୨. | ପୁନଃ ବନୀକରଣ | ୧୩,୭୩୭ ହେକ୍ଟର୍ |
| ୩. | କ୍ଷୟପ୍ରାପ୍ତ ଜଙ୍ଗଲର ପୁନରୁଦ୍ଧାର | ୧୪,୯୮୪ ହେକ୍ଟର୍ |
| ୪. | ଗ୍ରାମ୍ୟ ଦରିଦ୍ରଙ୍କ ପାଇଁ ବୃକ୍ଷ ଚାଷ | ୧,୫୦୯ ହେକ୍ଟର୍ |
| ୫. | କ୍ଷେତ କଡେ ଜଙ୍ଗଲ ନିମନ୍ତେ ଚାରା ବିତରଣ | ୩୪୯.୨୬ ଲକ୍ଷ |
| ୬. | (କ) ଯୋଜନା ଅନ୍ତର୍ଭୁକ୍ତ ଗ୍ରାମର ସଂଖ୍ୟା | ୩୬୨୩ |
| | (ଖ) ଯୋଜନା ଅନ୍ତର୍ଭୁକ୍ତ ଜିଲ୍ଲାର ସଂଖ୍ୟା | ୯ |

**ଦ୍ୱିତୀୟ ପର୍ଯ୍ୟାୟର ଧାର୍ଯ୍ୟ ଲକ୍ଷ୍ୟ (୧୯୮୯-୧୯୯୩)**

| | | |
|---|---|---|
| ୧. | (କ) ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି | ୫୨,୫୦୦ ହେକ୍ଟର୍ |
| | (ଖ) ଲଣ୍ଡା ପାହାଡରେ ବୃକ୍ଷରୋପଣ | ୨,୭୫୦ ହେକ୍ଟର୍ |
| | (ଗ) ପଥ ପାର୍ଶ୍ୱ ବନୀକରଣ | ୪୦୦ ହେକ୍ଟର୍ |
| ୨. | ପୁନଃ ବନୀକରଣ | ୧୦,୦୦୦ ହେକ୍ଟର୍ |
| ୩. | କ୍ଷୟପ୍ରାପ୍ତ ଜଙ୍ଗଲର ପୁନରୁଦ୍ଧାର | ୬,୫୦୦ ହେକ୍ଟର୍ |
| ୪. | ଆନୁଷ୍ଠାନିକ ଓ ସାମାଜିକ ବୃକ୍ଷରୋପଣ | ୨୫୦ ହେକ୍ଟର୍ |
| ୫. | (କ) ଗ୍ରାମ୍ୟ ଦରିଦ୍ରଙ୍କ ପାଇଁ ବୃକ୍ଷ ଚାଷ (ସାଧାରଣ) | ୬,୨୫୦ ହେକ୍ଟର୍ |
| | (ଖ) ଗ୍ରାମ୍ୟ ଦରିଦ୍ରଙ୍କ ପାଇଁ ବୃକ୍ଷ ଚାଷ (ଆଦିବାସୀ ବହୁଳ) | ୩,୭୫୦ ହେକ୍ଟର୍ |
| ୬. | କ୍ଷେତ କଡେ ଜଙ୍ଗଲ ନିମନ୍ତେ ଚାରା ବିତରଣ | ୧,୦୪୦ ଲକ୍ଷ |
| ୭. | ଦ୍ୱିତୀୟ ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ | |
| | (କ) ହେବାକୁ ଲକ୍ଷ୍ୟ ରଖାଯାଇଥିବା ଗ୍ରାମର ସଂଖ୍ୟା | ୭୫୦ |
| | (ଖ) ଯୋଜନା ଅନ୍ତର୍ଭୁକ୍ତ ଜିଲ୍ଲାର ସଂଖ୍ୟା | ୧୩ |

ସାମାଜିକ ବନୀକରଣ ଯୋଜନାଟି ଏକ ଗ୍ରାମ ବିକାଶମୂଳକ ଯୋଜନା । ଏହା ଅନ୍ୟ ବନୀକରଣ ଯୋଜନାଠାରୁ ପୃଥକ୍ । ଏ ପର୍ଯ୍ୟନ୍ତ ଜନସାଧାରଣ, ବନଜାତ ପଦାର୍ଥର ଉପଭୋକ୍ତା ମାତ୍ର ଥିଲେ । ଏବେ ସେମାନେ ଉତ୍ପାଦନକାରୀ ଭାବେ ଅଂଶ ଗ୍ରହଣ କରିବାର ବେଳ ଆସିଛି । ଅର୍ଥାତ୍ ସମାଜିକ ବନୀକରଣ ଯୋଜନାରେ ସୃଷ୍ଟି ହୋଇଥିବା ଜଙ୍ଗଲଗୁଡ଼ିକର ପରିଚାଳନା ଦାୟିତ୍ୱ ପର୍ଯ୍ୟାୟକ୍ରମେ ଗ୍ରାମବାସୀମାନଙ୍କୁ ହସ୍ତାନ୍ତର କରାଯାଉଛି । ଏହି ଜଙ୍ଗଲଗୁଡ଼ିକର ପରିଚାଳନା, ରକ୍ଷଣାବେକ୍ଷଣ ତଥା ଉତ୍ପାଦିତ ବନଜାତ ଦ୍ରବ୍ୟଗୁଡ଼ିକର ସୁଷମ ବଣ୍ଟନ ଗ୍ରାମବାସୀମାନଙ୍କର ଦାୟିତ୍ୱ ।

ଏଥି ନିମନ୍ତେ ଯୋଜନା ଗ୍ରହଣ କରିଥିବା ପ୍ରତିଟି ଗ୍ରାମରେ ଗ୍ରାମ କମିଟିମାନ ଗଠନ କରାଯାଇଛି । ସ୍ଥାନୀୟ ସରପଞ୍ଚ ବା ଗାଁର ମୁଖିଆ ବ୍ୟକ୍ତି ଏହି କମିଟିର ସଭାପତି ରହିବେ । କମିଟିରେ ମହିଳା ଅନୁସୂଚିତ ଜାତି ଓ ଉପଜାତି ଏବଂ ଗରିବ, ଭୂମିହୀନ ଲୋକଙ୍କର ପ୍ରତିନିଧି ମଧ୍ୟ ରହିବେ । ଏହି କମିଟି ଗାଁରେ ବନ ବିଭାଗ ଅଙ୍ଗରୂପ ଭାବେ କାମ କରିବ । ଅର୍ଥାତ୍ କେଉଁଠି ଜଙ୍ଗଲ ସୃଷ୍ଟି କରାଯିବ ଓ କେଉଁ ଜାତୀୟ ଗଛ ଲଗାଯିବ ତାହା କମିଟି ସ୍ଥିର କରିବ । ନର୍ସରୀରେ ଚାରା ଉତ୍ପାଦନଠାରୁ ଆରମ୍ଭ କରି ଜମି ଚିହ୍ନଟ, ଗାତ ଖୋଳିବା, ଚାରାରୋପଣ ଆଦି କାମ ଗ୍ରାମ ବନ କମିଟି ତଦାରଖରେ ହେବ । ଲଗା ଯାଇଥିବା ଗଛଗୁଡ଼ିକର ସୁରକ୍ଷା ତଥା ରକ୍ଷଣାବେକ୍ଷଣ କମିଟିର ଦାୟିତ୍ୱ । ଗ୍ରାମ୍ୟ ଜଙ୍ଗଲଗୁଡ଼ିକର ସୁପରିଚାଳନା ନିମନ୍ତେ ରାଜ୍ୟ ସରକାର ୧୯୮୫ ମସିହାରେ "ଓଡ଼ିଶା ଗ୍ରାମ୍ୟ ଜଙ୍ଗଲ ଆଇନ" ପ୍ରଣୟନ କରିଛନ୍ତି । ଏହି ଆଇନରେ ଗ୍ରାମ ବନ କମିଟିର ସଭ୍ୟମାନଙ୍କୁ ବିଶେଷ କ୍ଷମତା ପ୍ରଦାନ କରାଯାଇଛି ଏବଂ କମିଟିର ଦୁଇଜଣ ସଭ୍ୟ, ଗ୍ରାମ୍ୟ ଜଙ୍ଗଲରୁ ହିତାଧିକାରୀ ଗ୍ରାମବାସୀମାନଙ୍କୁ ସେମାନଙ୍କର ନିଜସ୍ୱ ବ୍ୟବହାର ପାଇଁ କାଠ'ନେବା ପାଇଁ ପରମିଟ ଦେଇ ପାରିବେ । ଆଇନଟିକୁ କାର୍ଯ୍ୟକାରୀ କରିବା ନିମନ୍ତେ ସାମାଜିକ ବନୀକରଣ ଯୋଜନାରେ ସୃଷ୍ଟି ହୋଇଥିବା ଜଙ୍ଗଲଗୁଡ଼ିକୁ ଗ୍ରାମ୍ୟ ଜଙ୍ଗଲ ବୋଲି ଘୋଷଣା କରିବାକୁ ପଡ଼ିବ । ରାଜ୍ୟ ସରକାର ଏଥିନିମନ୍ତେ ଯଥାଯଥ ପଦକ୍ଷେପ ନେଇ ସାରିଲେଣି । ନିକଟରେ କଟକ ଜିଲ୍ଲାର ସାମାଜିକ ଜଙ୍ଗଲଗୁଡ଼ିକ ଗ୍ରାମ ଜଙ୍ଗଲ ରୂପେ ଘୋଷିତ ହୋଇ ସାରିଛି । ଗ୍ରାମବାସୀ ଏବଂ ବନ ବିଭାଗ ଭିତରେ ମିଳିତ ରାଜିନାମା ସଦୃଶ ଯୌଥ ପରିଚାଳନା ଦଲିଲମାନ ପ୍ରସ୍ତୁତ କରାଯାଉଛି । ସରକାରୀ କାର୍ଯ୍ୟପ୍ରତି ଲୋକମାନଙ୍କର ବିଶ୍ୱାସ ହାସଲ କରାଇବା ଏହି ରାଜିନାମାର ଲକ୍ଷ୍ୟ । ସାମାଜିକ ବନର ପରିଚାଳନା, ସୁରକ୍ଷା, ଲୋକମାନଙ୍କର ଦାୟିତ୍ୱ ଓ ଅମଳ ପରେ ସୁଷମ ବଣ୍ଟନ ପ୍ରଣାଳୀ ଆଦି ବିଷୟ ଏହି ଦଲିଲରେ ଉଲ୍ଲେଖ ରହିଥାଏ ।

ଏହି ଯୋଜନାରେ ଚାରା ପ୍ରସ୍ତୁତି କେବଳ ବିଭାଗୀୟ ଉଦ୍ୟମରେ ନହୋଇ, ଅଧିକରୁ ଅଧିକ ଚାରା ବେସରକାରୀ ସଂସ୍ଥା ଜରିଆରେ ପ୍ରସ୍ତୁତ କରାଇବାର ଉଦ୍ୟମ ହେଉଛି । ସ୍କୁଲ କଲେଜର ଛାତ୍ର ଛାତ୍ରୀ, ଯୁବକ ସଂଘ, ମହିଳା ସମିତି, ଗ୍ରାମ ବନ କମିଟି ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ଜରିଆରେ ଚାରା କେନ୍ଦ୍ରମାନ ସ୍ଥାପନ କରାଯାଇ ଅଧିକରୁ ଅଧିକ ଚାରା ପ୍ରସ୍ତୁତ କରାଯାଉଛି । ଏଥିପାଇଁ ଆବଶ୍ୟକୀୟ ବୈଷୟିକ ସହାୟତା ବନ ବିଭାଗ ଦେଉଛି । ଚଳିତ ବର୍ଷଠାରୁ ପ୍ରତି ଜିଲ୍ଲାରେ ଅନ୍ତତଃ ଗୋଟିଏ ବ୍ଲକର ସମସ୍ତ ବନୀକରଣ କାର୍ଯ୍ୟକ୍ରମ ଅର୍ଥାତ୍ ଚାରା ପ୍ରସ୍ତୁତିଠାରୁ ଆରମ୍ଭକରି ବୃକ୍ଷରୋପଣ ଶେଷ ପର୍ଯ୍ୟନ୍ତ

ସବୁ ଗ୍ରାମ ବୈଠକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବା ଗ୍ରାମ ବନ କମିଟି ମାଧ୍ୟମରେ କରାଯାଉଥିବା ଉଦ୍ୟମ ହେଉଛି । ଏହି ଉଦ୍ୟମ ସଫଳ ହେଲେ କ୍ରମେକ୍ରମେ ଏହାଦ୍ୱାରା ସୃଷ୍ଟି ହେଉଥିବା ସମସ୍ତ ଜଙ୍ଗଲକୁ ଗ୍ରାମ ବନ କମିଟି କିମ୍ବା ସ୍ଥାନୀୟ ସ୍ୱେଚ୍ଛାସେବୀ ସଂସ୍ଥାମାନଙ୍କୁ ଦିଆଯାଇ ପାରିବ ।

ସାମାଜିକ ବନୀକରଣ ଯୋଜନାର ଅନ୍ୟ ଏକ କାର୍ଯ୍ୟକ୍ରମ ହେଉଛି, ଗ୍ରାମ୍ୟ କେନ୍ଦ୍ରୀୟ ପାଇଁ ବୃକ୍ଷ ପଟ୍ଟା । ଏଥିରେ ଦିଆଯାଉଥିବା ଜମିଗୁଡ଼ିକ ପାଇଁ ବୃକ୍ଷ ପଟ୍ଟା ଦେବାର ବ୍ୟବସ୍ଥା ଅଛି । ଏଥିରେ ବୃକ୍ଷ ମାଲିକ ଗଛ ବିକ୍ରି ବା ନିଜେ ବ୍ୟବହାର କରିପାରିବେ ନାହିଁ । କିନ୍ତୁ ଗଛ ଉପରେ ତା'ର ଫଳ ଭୋଗ କରିବା ଅଧିକାର ରହିବ । ଗଛମୂଳରେ ପଡ଼ିଥିବା ଡାଳକୁ ମଧ୍ୟ ନେଇପାରିବେ । ପ୍ରଥମ ପର୍ଯ୍ୟାୟରେ ୧,୨୩୬ ଗୋଟି ପରିବାରଙ୍କୁ ସମୁଦାୟ ବୃକ୍ଷ ୨,୯୩୫ଟି ଭୂମିହୀନ ପରିବାର ଏହି କାର୍ଯ୍ୟକ୍ରମରେ ଉପକୃତ ହୋଇଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ଏହି କାର୍ଯ୍ୟକ୍ରମରେ ୨୦,୦୦୦ ଭୂମିହୀନ ପରିବାରଙ୍କୁ ୫ ଲକ୍ଷ ଗଛ ଲଗାଯିବାର ଲକ୍ଷ୍ୟ ରହିଛି । ବିଶେଷ କରି କୋରାପୁଟ, କଳାହାଣ୍ଡି, ଫୁଲବାଣୀ, ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଆଦି ଛଅ ଗୋଟି ଆଦିବାସୀ ବହୁଳ ଜିଲ୍ଲାରେ ୬,୫୦୦ ଆଦିବାସୀ ପରିବାରଙ୍କୁ କୃଷିଭିତ୍ତିକ ବୃକ୍ଷ ଗୁଚ୍ଛ ମାଧ୍ୟମରେ ଥଇଥାନ କରି ସେମାନଙ୍କୁ ପାରମ୍ପରିକ ପୋଡୁଚାଷରୁ ନିବର୍ତ୍ତାଇବା ପାଇଁ ଯୋଜନା କରିବାରେ ଉଦ୍ୟମ କରାଯାଉଛି ।

ସାମାଜିକ ବନୀକରଣ ଯୋଜନାଟି କେବଳ ସରକାରୀ କାର୍ଯ୍ୟକ୍ରମରେ ସୀମିତ ନୁହେଁ । ଜନ ସହଯୋଗହିଁ ଏହି ଯୋଜନାର ସଫଳତାର ମୂଳଚାବି । ତେଣୁ ଯୋଜନାର ପ୍ରତିଟି ସ୍ତରରେ ଜନସାଧାରଣ ଏବଂ ବିଶେଷ କରି ଲୋକ ପ୍ରତିନିଧିମାନଙ୍କର ସହଯୋଗ କାମନା କରାଯାଉଛି । ସେହିପରି ଗ୍ରାମ ବନ କମିଟିମାନଙ୍କରେ ଯୁବ ନେତୃତ୍ୱ ଅର୍ଥାତ୍ ଯୁବକ ସଂଘର ସଭ୍ୟମାନେ ସକ୍ରିୟ ଭାବରେ ଅଂଶ ଗ୍ରହଣ କଲେ, କମିଟି ଅଧିକ ଶକ୍ତିଶାଳୀ ହୋଇ ପାରିବ ଏବଂ ଗ୍ରାମ୍ୟ ଜଙ୍ଗଲଗୁଡ଼ିକର ପରିଚାଳନା ଦାୟିତ୍ୱ ବହନ କରିବାରେ ସଫଳ ଭୂମିକା ତୁଲାଇ ପାରିବ । ସାମାଜିକ ବନୀକରଣ ଯୋଜନାର ସଫଳ ରୂପାୟନ ପାଇଁ ରାଜ୍ୟର ପ୍ରତିଟି ସ୍ତରରେ କାର୍ଯ୍ୟରତ ଜନ ପ୍ରତିନିଧି, ଯୁବ ନେତୃତ୍ୱ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କର ସକ୍ରିୟ ସହଯୋଗ ତଥା ସଦିଚ୍ଛା ଏକାନ୍ତ କାମ୍ୟ ।



# ଓଡ଼ିଶାରେ ପର୍ଯ୍ୟଟନର ବିକାଶ

ଶ୍ରୀ ଶରତ ରାଉତ

ପର୍ଯ୍ୟଟନ ବିଭବରେ ସମୃଦ୍ଧ ଓଡ଼ିଶା ବହୁକାଳରୁ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିଆସୁଅଛି । ଏହାର ପ୍ରାଚୀନ ଶୈଳ ସଂସ୍କୃତି, କାରୁକାର୍ଯ୍ୟପୂର୍ଣ୍ଣ ମନ୍ଦିରମାଳା, ବିସ୍ତୀର୍ଣ୍ଣ ବେଳାଭୂମି, ପଲ୍ଲୀଶ୍ରୀ ତଥା ବନବନାନୀର ପ୍ରାକୃତିକ ଦୃଶ୍ୟ ସମସ୍ତଙ୍କୁ ମୁଗ୍ଧ କରିଥାଏ । ତେଣୁ ପୁରାତନ ଯୁଗରୁ ଆଜି ପର୍ଯ୍ୟନ୍ତ ଓଡ଼ିଶା ପର୍ଯ୍ୟଟକମାନଙ୍କ ରମ୍ୟ ସ୍ଥଳୀ ରୂପେ ସୁପରିଚିତ ।

ଆଧୁନିକ ଯାନ୍ତ୍ରିକ ସଭ୍ୟତାର ଅଭ୍ୟୁଦୟ ଫଳରେ ମାନବ ପାଇଁ ଦୂରତ୍ୱ ଓ ସମୟ କମିଯାଇଛି । ଏଣୁ ବାଣିଜ୍ୟ-ବ୍ୟବସାୟ, ଶିକ୍ଷା ଓ ଧର୍ମାର୍ଜନ ସହିତ ଆମୋଦ ପ୍ରମୋଦ ପର୍ଯ୍ୟଟନର ଏକ ମୁଖ୍ୟ ଅଙ୍ଗ ହୋଇପାରିଛି । ଏହି ପରିପ୍ରେକ୍ଷୀରେ ଓଡ଼ିଶା ଏବେ ଏବେ ପର୍ଯ୍ୟଟନ ମାନଚିତ୍ରରେ ଗୁରୁତ୍ୱପୂର୍ଣ୍ଣ ଆସନ ଲାଭକରିଛି । ଓଡ଼ିଶାରେ ପର୍ଯ୍ୟଟନର ବିକାଶ ବାସ୍ତବରେ ଷଷ୍ଠ ପଞ୍ଚବାର୍ଷିକ ଯୋଜନା ପ୍ରାରମ୍ଭ (୧୯୮୦-୮୧)ରୁ ଦ୍ରୁତତର ହୋଇଛି । ଏ କ୍ଷେତ୍ରରେ ଚଳିତ ଦଶନ୍ଧି ପର୍ଯ୍ୟଟନ ଶିଳ୍ପର ବିକାଶକୁ ତ୍ୱରାନ୍ୱିତ କରି ରାଜ୍ୟର ଅର୍ଥନୈତିକ ବିକାଶ ଓ ପ୍ରଗତି ପଥରେ ବିଶେଷ ସହାୟକ ହୋଇପାରିଛି ।

ପର୍ଯ୍ୟଟକମାନଙ୍କର ଆବଶ୍ୟକତା ବହୁମୁଖୀ ହେଲେହେଁ ବାସ-ବ୍ୟବସ୍ଥା, ପରିବହନ ଓ ଚିତ୍ତ ବିନୋଦନ ସର୍ବ ପ୍ରଧାନ । ୧୯୮୦ ମସିହାରେ ରାଜ୍ୟ ସରକାରଙ୍କ ଦ୍ୱାରା ହୋଟେଲକୁ ଏକ ଶିଳ୍ପରୂପେ ଘୋଷଣା କରାଯିବା ଫଳରେ ଶିଳ୍ପୋଦ୍ୟୋଗୀମାନେ ହୋଟେଲ ନିର୍ମାଣ ନିମିତ୍ତ ବିଭିନ୍ନ ପ୍ରୋତ୍ସାହନ ପାଇପାରିଲେ । ଏହାଦ୍ୱାରା ରାଜ୍ୟ ମଧ୍ୟରେ ବିଭିନ୍ନ ପ୍ରକାରର ହୋଟେଲ ସଂଖ୍ୟାର ଅଭିବୃଦ୍ଧି ହୋଇଛି । ୧୯୮୦-୮୧ ମସିହାରେ ୧୭୨ଟି ଘରୋଇ ହୋଟେଲ ଥିବା ସ୍ଥଳେ ୧୯୮୮-୮୯ ବର୍ଷ ଶେଷସୁଦ୍ଧା ତାହା ୪୩୫ରେ ପହଞ୍ଚି ପାରିଛି । ସରକାରୀ ସ୍ତରରେ ୧୯୮୦ ମସିହା ସୁଦ୍ଧା ରାଜ୍ୟ ମଧ୍ୟରେ ୧୨ ଗୋଟି ପର୍ଯ୍ୟଟନ ବଙ୍ଗଳା ଥିଲା ଏବଂ ସେଗୁଡ଼ିକ କେବଳ ମଧ୍ୟ ବ୍ୟୟକାରୀ ପର୍ଯ୍ୟଟକଙ୍କପାଇଁ ଉଦ୍ଦିଷ୍ଟ ଥିଲା । ସେହିବର୍ଷ ଏଗୁଡ଼ିକୁ ବ୍ୟବସାୟିକ ସୁପରିଚାଳନାପାଇଁ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମକୁ ହସ୍ତାନ୍ତର କରାଗଲା । ଉକ୍ତ ନିଗମ ରାଉରକେଲାରେ ଏକ ପାନ୍ଥ ନିବାସ ନିର୍ମାଣ ବ୍ୟତୀତ କଟକ ପୌର ଅତିଥି ଭବନ ଓ କୋଣାର୍କସ୍ଥ ଟ୍ରାଭଲର୍ସ ଲଜକୁ ପାନ୍ଥନିବାସ ରୂପେ ପରିଚାଳନା କରୁଛନ୍ତି । ନିମ୍ନ ବ୍ୟୟକାରୀ ପର୍ଯ୍ୟଟକମାନଙ୍କ ପାଇଁ ଷଷ୍ଠ ଯୋଜନାକାଳରେ କୋରାପୁଟ ଜିଲ୍ଲାର ଗୁପ୍ତେଶ୍ୱର; କଟକ ଜିଲ୍ଲାର ଯାଜପୁର ଓ ଧବଳେଶ୍ୱର ଏବଂ ବାଲେଶ୍ୱର ଜିଲ୍ଲାର ଆରଡ଼ି, ପଞ୍ଚଲିଙ୍ଗେଶ୍ୱର ଓ ଚନ୍ଦନେଶ୍ୱର-ଠାରେ ଛଅଗୋଟି ପାନ୍ଥଶାଳାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା । ବର୍ତ୍ତମାନ ଏଗୁଡ଼ିକର ନିର୍ମାଣ କାର୍ଯ୍ୟ ଶେଷ ହୋଇ ପର୍ଯ୍ୟଟକମାନଙ୍କ ପାଇଁ ଉନ୍ମୁକ୍ତ ହୋଇ ସାରିଛି । ଏତଦ୍ ବ୍ୟତୀତ କର୍ଣ୍ଣିଲେ, ଶରଣକୁଳ, ଯାଜପୁର ରୋଡ଼ ଓ କପିଳାସଠାରେ ଚାରିଗୋଟି ପାନ୍ଥଶାଳା ନିର୍ମାଣ କରିବାପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇଛି । ଭାରତ ପର୍ଯ୍ୟଟନ ଉନ୍ନୟନ ନିଗମ ଓ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମଙ୍କ ମିଳିତ ଉଦ୍ୟମରେ ପୁରୀଠାରେ 'ନୀଳାଚଳ ଅଶୋକ' ନାମରେ ଏକ ତିନି ତାରକା ହୋଟେଲ ପ୍ରତିଷ୍ଠା ହୋଇ-ସାରିଛି । ଅଭୟାରଣ୍ୟରେ ରାତ୍ରୀଯାପନ ଓ ଭ୍ରମଣ ପାଇଁ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟଙ୍କ ସହାୟତାରେ ଶିମିଳିପାଳସ୍ଥ ଲୁଲୁଙ୍ଗଠାରେ ୪୦ ଶଯ୍ୟା ବିଶିଷ୍ଟ ଏକ ଅରଣ୍ୟ ନିବାସ ସ୍ଥାପିତ ହୋଇଛି ଏବଂ ସାତପଡ଼ା ଓ କୋଣାର୍କଠାରେ ଦୁଇଗୋଟି ଯାତ୍ରୀ ନିବାସ ନିର୍ମାଣ ପାଇଁ ମଂଜୁରୀ ମିଳିଛି ।

କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟଙ୍କ ସ୍ୱୀକୃତିପ୍ରାପ୍ତ 'ଭାରତୀୟ ଯାତ୍ରୀ-ଆବାସ-ବିକାଶ-ସମିତି' ନାମକ ଏକ ସଂସ୍ଥାଦ୍ୱାରା ପୁରୀଠାରେ ଏକ ଯାତ୍ରୀନିବାସ ନିର୍ମାଣ କରାଯାଉଛି ।

ଷଷ୍ଠ ଯୋଜନା ପ୍ରାରମ୍ଭ ଯଥା ୧୯୮୦-୮୧ ଆରମ୍ଭରେ ସରକାରୀ କ୍ଷେତ୍ରରେ ବିଭିନ୍ନ ପ୍ରକାରର ୧୬ ଗୋଟି ଯାନ ପର୍ଯ୍ୟଟକଙ୍କ ପାଇଁ ଉଦ୍ଦିଷ୍ଟ ଥିଲା । ଏହା ବ୍ୟବସାୟ ଭିତ୍ତିକ ହୋଇଥିବା ହେତୁ, ଏଗୁଡ଼ିକ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମକୁ ହସ୍ତାନ୍ତର କରାଗଲା । ବର୍ତ୍ତମାନ ଏହାର ସଂଖ୍ୟା ୨୨କୁ ବୃଦ୍ଧି ପାଇଛି ଏବଂ ଏହି ଯାନଗୁଡ଼ିକ ଭଡ଼ାରେ ଦିଆଯିବା ବ୍ୟତୀତ ସଂପ୍ରଦର୍ଶିତ ଭ୍ରମଣ ବ୍ୟବସ୍ଥା ପାଇଁ ମଧ୍ୟ ବ୍ୟବହୃତ ହେଉଛି ।

ପର୍ଯ୍ୟଟକମାନଙ୍କର ଚିତ୍ତବିନୋଦନ ପାଇଁ ଷଷ୍ଠ ଯୋଜନା କାଳରେ ଅର୍ତ୍ତି ସ୍ନାନ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇ ଏ ମଧ୍ୟରେ ସଂପୂର୍ଣ୍ଣ ହୋଇସାରିଛି ଓ ଚିଲିକା ହ୍ରଦରେ ନୌବିହାର ପାଇଁ ମୋଟର ଲଞ୍ଚର ବ୍ୟବସ୍ଥା କରାଯାଇଛି । ବରକୁଲଠାରେ ଏକ ଜଳକ୍ରୀଡ଼ା ପ୍ରକଳ୍ପ ଓ ଦିବା ଭ୍ରମଣକାରୀମାନଙ୍କ ପାଇଁ ସୁଖ ସ୍ୱାଚ୍ଛନ୍ଦ୍ୟ କେନ୍ଦ୍ର ସ୍ଥାପନ ନିମିତ୍ତ ଦୃଢ଼ ପଦକ୍ଷେପ ନିଆଯାଉଛି । ଜାତୀୟ ରାଜପଥରେ ଭ୍ରମଣ କରୁଥିବା ପର୍ଯ୍ୟଟକମାନଙ୍କୁ ସୁଖ-ସୁବିଧା ଯୋଗାଇଦେବା ଉଦ୍ଦେଶ୍ୟରେ ସୁନାବେଡ଼ା, ଚମ୍ପୁଆ, ରାମେଶ୍ୱର ଓ ଅନୁଗୁଳଠାରେ ଚାରିଗୋଟି ପାନ୍ଥଶାଳା ନିର୍ମାଣ ପାଇଁ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ଅନୁମତି ପ୍ରଦାନ କରିଅଛନ୍ତି ।

ପର୍ଯ୍ୟଟନ ଉପଯୋଗୀ ସୁବିଧା-ସୁଯୋଗର ପ୍ରଚାର, ପ୍ରସାର ଓ ଦର୍ଶନୀୟ ସ୍ଥାନ ସମ୍ପର୍କରେ ବିଶଦ ବିବରଣୀ ଦେବା ତଥା ପର୍ଯ୍ୟଟକଙ୍କୁ ଭ୍ରମଣ ସମୟରେ ସବୁ ପ୍ରକାର ସାହାଯ୍ୟ କରିବାପାଇଁ ଓଡ଼ିଶାର ବିଭିନ୍ନ ସ୍ଥାନରେ ପର୍ଯ୍ୟଟକ କାର୍ଯ୍ୟାଳୟ ରହିଛି । ୧୯୮୦-୮୧ ଆରମ୍ଭରେ ଏହାର ସଂଖ୍ୟା ମାତ୍ର ୮ ଗୋଟି ଥିବା ସ୍ଥଳେ ବର୍ତ୍ତମାନ ତାହା ୧୯କୁ ବୃଦ୍ଧି ପାଇଛି । ଏଥିରୁ ରାଜ୍ୟ ମଧ୍ୟରେ ୧୬ ଗୋଟି ଓ ରାଜ୍ୟ ବାହାରେ ୩ ଗୋଟି ରହିଛି । ଭାରତର ପ୍ରଖ୍ୟାତ ନଗରୀ, ଯଥା—ଦିଲ୍ଲୀ, କଲିକତା ଓ ମାଡ୍ରାସରେ ଏହି କାର୍ଯ୍ୟାଳୟ ରହିଥିବା ସ୍ଥଳେ ବମ୍ବେରେ ଏହା ଅବିଳମ୍ବେ ସ୍ଥାପିତ ହେବ । ଏଗୁଡ଼ିକ ଓଡ଼ିଶାକୁ ପର୍ଯ୍ୟଟକ ପ୍ରେରଣରେ ମୁଖ୍ୟ ଭୂମିକା ଗ୍ରହଣ କରନ୍ତି । ସେହିପରି ବିମାନ ଓ ରେଳରୁ ଅବତରଣ ମାତ୍ରେ ପର୍ଯ୍ୟଟକମାନଙ୍କୁ ସେମାନଙ୍କର ଗନ୍ତବ୍ୟ ସ୍ଥାନ ସମ୍ପର୍କରେ ସବିଶେଷ ଧାରଣା ଦେବାପାଇଁ ପର୍ଯ୍ୟଟକ ସୂଚନା କେନ୍ଦ୍ରମାନ ପ୍ରତିଷ୍ଠା କରାଯାଇଛି । ୧୯୮୦-୮୧ ବର୍ଷରେ ଏହାର ସଂଖ୍ୟା ମାତ୍ର ୨ ଗୋଟି ଥିବା ସ୍ଥଳେ, ବର୍ତ୍ତମାନ ତାହା ୧୮କୁ ବୃଦ୍ଧି ପାଇଛି । ଏତଦ୍ ବ୍ୟତୀତ ପର୍ଯ୍ୟଟନ ପ୍ରସାର ପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗ ବିଭିନ୍ନ ପ୍ରକାର ରଙ୍ଗିନ ପୁସ୍ତିକା ଓ ମାନଚିତ୍ର ପ୍ରକାଶ କରିବା ସଙ୍ଗେ ସଙ୍ଗେ ଜାତୀୟ ଓ ଆଞ୍ଚଳିକ ପତ୍ରପତ୍ରିକାରେ ନିୟମିତ ଭାବେ ବିଜ୍ଞାପନ ପ୍ରକାଶ କରୁଛନ୍ତି । ଏହି ବିଭାଗ ଆନ୍ତର୍ଜାତୀୟ ସମ୍ମିଳନୀ ଓ ମେଳା ମହୋତ୍ସବରେ ଭାଗନେବା ସହିତ ପର୍ଯ୍ୟଟନ ସମ୍ଭାର ଉପରେ କେତେଗୁଡ଼ିଏ ଚଳଚ୍ଚିତ୍ର ପ୍ରସ୍ତୁତ କରି ବିଭିନ୍ନ ମହୋତ୍ସବରେ ପ୍ରଦର୍ଶନ କରୁଛନ୍ତି । ଫଳରେ ଓଡ଼ିଶାକୁ ପର୍ଯ୍ୟଟକମାନେ ଭ୍ରମଣରେ ଆସିବାପାଇଁ ଅଧିକ ଆକୃଷ୍ଟ ହେଉଛନ୍ତି ।

ମୋଟଉପରେ କହିବାକୁ ଗଲେ ଚଳିତ ଦଶନ୍ଧିରେ ଓଡ଼ିଶାରେ ପର୍ଯ୍ୟଟନର ବହୁମୁଖୀ ବିକାଶ ହୋଇପାରିଛି । ତତ୍ ସଙ୍ଗେ ସଙ୍ଗେ ଦିଲ୍ଲି, ବମ୍ବେ, କଲିକତା, ହାଇଦ୍ରାବାଦ, ତିରୁପତି, ମାଡ୍ରାଜ, ଗୌହାଟୀ, ବାଙ୍ଗାଲୋର, ତ୍ରିଭେନ୍ଦ୍ରମ ଓ କୋଚିନ୍ ସହିତ ରେଳ ଯୋଗାଯୋଗ ଏବଂ ଦିଲ୍ଲୀ, କଲିକତା, ନାଗପୁର, ହାଇଦ୍ରାବାଦ, ବାରଣାସୀ ଓ ପୋର୍ଟବ୍ଲେୟାର ସହିତ ଭୁବନେଶ୍ୱରର ସିଧାସଳଖ ବୋଇଙ୍ଗ୍ ବିମାନ ସଂଯୋଗ ହେତୁ ଓଡ଼ିଶା ବହୁ ସ୍ୱଦେଶୀ ଓ ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରୁଛି । ଏହାଫଳରେ ଆମ ରାଜ୍ୟକୁ ପର୍ଯ୍ୟଟକଙ୍କ ଆଗମନ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ୧୯୮୦-୮୧ ମସିହାରେ ଓଡ଼ିଶାକୁ ଆସିଥିବା ସ୍ୱଦେଶୀ ଓ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ଯଥାକ୍ରମେ ୨,୧୧,୯୬୫ ଓ ୨୪,୨୫୩ ଥିବା ସ୍ଥଳେ ୧୯୮୮-୮୯ ବର୍ଷ ଶେଷ ସୁଦ୍ଧା ଏହି ସଂଖ୍ୟା ୧୧,୩୧,୯୭୫ ଓ ୩୦,୦୧୪ ରେ ପହଞ୍ଚିପାରିଛି ।

ପର୍ଯ୍ୟଟକମାନେ ସବୁ ସ୍ଥାନରେ ଓ ସବୁ ସମୟରେ ସମ୍ମାନନୀୟ ଅତିଥିରୂପେ ଗଣ୍ୟ ହୁଅନ୍ତି । ଓଡ଼ିଶାରେ ମଧ୍ୟ ଏହାର ବ୍ୟତିକ୍ରମ ହେବା ଅସମ୍ଭବ । ଏଠାକୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଓ ସୁଯୋଗ ଯୋଗାଇଦେବା ଆମ ସମସ୍ତଙ୍କର ଏକାନ୍ତ କର୍ତ୍ତବ୍ୟ । ଯଥାର୍ଥରେ ଆମର ପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ କହିଛନ୍ତି—"ଓଡ଼ିଶାରେ ପର୍ଯ୍ୟଟନର ଅଭିବୃଦ୍ଧି ଅସୀମ । ଶ୍ରୀଯୁକ୍ତ ରାଜୀବ ଗାନ୍ଧିଙ୍କର ବଳିଷ୍ଠ ନେତୃତ୍ୱରେ ପରିଚାଳିତ ସରକାର ଏ ବିଷୟରେ ସଂପୂର୍ଣ୍ଣ ସଚେତନ । ଏହି ସୁଯୋଗକୁ ଆମେ ପୂର୍ଣ୍ଣମାତ୍ରାରେ ବିନିଯୋଗ କରିବା ।"

---

ପର୍ଯ୍ୟଟନ ରାଷ୍ଟ୍ରମନ୍ତ୍ରୀ ଓଡ଼ିଶା

ଯଦି ସମାଜରେ ଉଚ୍ଚ, ନୀଚ, ଧନୀ, ଗରିବ ଭେଦଭାବ ବଢ଼େ, ତାହାହେଲେ ବ୍ୟଗ୍ରତା ବଢ଼ିବ, ଝଗଡ଼ା ବଢ଼ିଯିବ, ଶାନ୍ତି ଓ ଶୃଙ୍ଖଳା ରହି ପାରିବ ନାହିଁ । ଯେଉଁ ସମାଜରେ ସ୍ୱାଧୀନତା ବଳୀୟାନ ହୋଇ ପାରିବ, ଦେଶର ପ୍ରଗତି ଓ ବିକାଶରେ ଅଗ୍ରଗତି ହୋଇ ପାରିବ, ସେଥିପାଇଁ ଆମକୁ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ ।

ଶ୍ରୀମତୀ ଇନ୍ଦିରା ଗାନ୍ଧୀ

# ଓଡ଼ିଶାର ଅତୀତ ବର୍ତ୍ତମାନ ଓ ଭବିଷ୍ୟତ

ଡକ୍ଟର ସତ୍ୟନାରାୟଣ ରାଜଗୁରୁ

କୌଣସି ଗୋଟିଏ ଦେଶ ବା ଜାତିର ଉତ୍ଥାନ ପତନ କିପରି ମହାକାଳ ହସ୍ତରେ କନ୍ଦୁକ ପରି ଛାଡ଼ି କରେ, ସେଥିର ଏକ ସୁନ୍ଦର ଚିତ୍ର ଆମ ଓଡ଼ିଶା ଏବଂ ଓଡ଼ିଆ ଜାତିର ଗତ ଅର୍ଦ୍ଧ ଶତାବ୍ଦୀ ବ୍ୟାପୀ ସାମାଜିକ ଇତିହାସରୁ ପ୍ରମାଣିତ ହୁଏ । ଯେଉଁ ଜାତି ଭୁବନେଶ୍ୱରର ଶ୍ରୀ ଲିଙ୍ଗରାଜ ମନ୍ଦିର, କୋଣାର୍କର ଶ୍ରୀ ସୂର୍ଯ୍ୟ ମନ୍ଦିର, ପୁରୀର ଶ୍ରୀ ଜଗନ୍ନାଥ ମନ୍ଦିରପରି ବିରାଟ ପ୍ରାସାଦମାନ ଗଢ଼ି ପାରିଥିଲା: ଯେଉଁ ଜାତିର ପ୍ରାଚୀନ ସାହିତ୍ୟ ଓ ସଂସ୍କୃତି ଆଜି ସୁଦ୍ଧା ଅପ୍ରତିଦ୍ୱନ୍ଦ୍ୱୀ ହୋଇପାରିଛି; ସେହି ଓଡ଼ିଆ ଜାତି ଯେ ଦିନେ କଟଣା ଚକ୍ରରେ ନିଷ୍ପେଷିତ ହୋଇ ଜାତୀୟ ଗୌରବ ହରାଇ ପରମୁଖାପେକ୍ଷୀ ହେବ, ଏହା କେହି କେବେ କଳ୍ପନା କରି ନ ଥିଲେ । ଯେତେବେଳେ ଓଡ଼ିଶା ଖଣ୍ଡ ଖଣ୍ଡ ହୋଇ ଗୋଟି ପ୍ରଦେଶର ଯୁଗ୍ମକାରରେ ପଡ଼ି ନିର୍ଯ୍ୟାତନା ଭୋଗୁଥିଲା, ଘନ ଘନ ପ୍ରାକୃତିକ ବିପର୍ଯ୍ୟୟହେତୁ ଗରିବ ଓ ନିଃସହାୟ ଅବସ୍ଥାରେ ରହିଥିଲା । ସେତେବେଳେ ପଡ଼ୋଶୀ ଜାତିମାନେ ତାକୁ କେବଳ ଘୃଣା କରୁ ନଥିଲେ । ତାର ମାତୃଭାଷାକୁ ମଧ୍ୟ ନିର୍ମୂଳ କରି ଦେବାକୁ ଉଦ୍ୟମ ଚଳାଇଥିଲେ ।

ବିଂଶ ଶତାବ୍ଦୀ ଆରମ୍ଭରେ ଓଡ଼ିଆ ଜାତିର ପତନ ଶେଷ ସୀମାରେ ପହଞ୍ଚିଲା । ସେତେବେଳେ ମହାକାଳ ହସ୍ତରେ କନ୍ଦୁକଟି ଉପରକୁ ଉଠିଲପରି କେତେକ ପ୍ରାତଃସ୍ମରଣୀୟ ନେତାଙ୍କ ଉଦ୍ୟମରେ ଓଡ଼ିଶାରେ ଆନ୍ଦୋଳନ ସୃଷ୍ଟି ହେଲା—ଖଣ୍ଡ ବିଖଣ୍ଡିତ ଓଡ଼ିଆ ଜାତିକୁ ଏକତ୍ରିତ କରିବା ପାଇଁ । ସେହି ମହାପୁରୁଷଙ୍କ ଉଦ୍ୟମ ୧୯୩୬ ମସିହାରେ ସଫଳ ହେଲା । ଖଣ୍ଡିତ ହୋଇଥିଲେ ମଧ୍ୟ ଓଡ଼ିଆମାନେ ଏକ ସ୍ୱତନ୍ତ୍ର ରାଜ୍ୟରେ ଏକତ୍ରିତ ହୋଇ ରହିବା ସୁବିଧା ପାଇଲେ । ଅର୍ଦ୍ଧାଧିକ ଶତାବ୍ଦୀର ସେହି ଇତିହାସ ଆଜି ଅନୁଧ୍ୟାନ କଲେ ସ୍ପଷ୍ଟ ଜଣାପଡେଯେ, ସୁବିଧା ଓ ସୁଯୋଗ ପାଇଲେ ଏକ ଉନ୍ନତ ଜାତି କିପରି ବିଜୁଳି ବେଗରେ ବିକାଶ ଲାଭ କରିପାରେ । ଦ୍ୱିତୀୟ ପୃଥିବୀ ଯୁଦ୍ଧରେ ଜାପାନ ଓ ଜର୍ମାନୀ ସର୍ବସ୍ୱାନ୍ତ ହୋଇ ମଧ୍ୟ ଅଳ୍ପ କେତୋଟି ବର୍ଷରେ ପୃଥିବୀର ଉନ୍ନତ ରାଷ୍ଟ୍ରରୂପେ ପରିଗଣିତ ହୋଇ ପାରିଛନ୍ତି । କିନ୍ତୁ ସେଥିପାଇଁ ଯେଉଁ କଠୋର ନିଷ୍ଠା ଜାତୀୟ ଏକତା ଓ ପରିଶ୍ରମ ଆବଶ୍ୟକ, ତାହା ସେହି ଜାତିମାନଙ୍କ ପ୍ରାଚୀନ ସଂସ୍କୃତିର ପ୍ରେରଣା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

୧୯୫୫ ମସିହାରେ ଫ୍ରାନ୍ସର ଜଣେ ନୃତତ୍ତ୍ୱ ଅଧ୍ୟାପିକା ଓଡ଼ିଶା ସଂଗ୍ରହାଳୟ, ଭୁବନେଶ୍ୱରଠାରେ ମୋତେ ପଚାରିଲେ "କୋଣାର୍କ ମନ୍ଦିର ଗଠନ ପାଇଁ ଓଡ଼ିଶାର ଗଜପତି ରାଜା କେଉଁ ଦେଶରୁ ଶିଳ୍ପୀମାନଙ୍କୁ ଆଣିଥିଲେ ତାହା ଆପଣ କହିବେ କି" ? ତାଙ୍କର ଏ ପ୍ରଶ୍ନରେ ମୁଁ ବିସ୍ମିତ ହେଲି । ପଚାରିଲି "ଆପଣ ଏଥିର କିଛି ସନ୍ଧାନ ପାଇଛନ୍ତି କି ?" ସେ କହିଲେ "ନା ତେବେ ଓଡ଼ିଶାର ବହୁ ଅଞ୍ଚଳ ମୁଁ ବୁଲି ଆସିଲିଣି । କାହିଁ କେଉଁଠି ହେଲେ ସେ ମନ୍ଦିରରେ ପ୍ରଦର୍ଶିତ ନାରୀ ବା ପୁରୁଷ ମୂର୍ତ୍ତିର ସମତୁଲ ମଣିଷ ମୁଁ ଏଠାରେ ଦେଖି ପାରିଲିନି । ତେବେ କୋଣାର୍କର ଶିଳ୍ପୀ କେଉଁ ଦେଶର ମଣିଷକୁ ଆଦର୍ଶ କରି ଏପରି ସୁନ୍ଦର-ସବଳ-ସ୍ୱାସ୍ଥ୍ୟସମ୍ପନ୍ନ ମୂର୍ତ୍ତିଗୁଡ଼ିକ ଗଢ଼ି ଥିଲେ ?" ମୁଁ ତାଙ୍କ ଇଙ୍ଗିତ ଓ ପରିକଳ୍ପନା ବୁଝିପାରି କହିଲି, ଆପଣ ନିଜେ ନୃତତ୍ତ୍ୱ ଗବେଷଣା କରନ୍ତି କାଳ-ଚକ୍ର ଦ୍ୱାରା ନିୟନ୍ତ୍ରିତ ହୁଏ ତାହା କଣ ଜାଣନ୍ତି ନାହିଁ ? ୧୩ଶ ଶତାବ୍ଦୀରେ ଯେତେବେଳେ ମୁସଲମାନ ଶାସକଙ୍କ ହସ୍ତରେ ପଡ଼ିଥିଲା, ସେତେବେଳେ ଓଡ଼ିଶାର

ସେହିପରି ମହାନେତାମାନେ ଓଡ଼ିଆ ଜାତିର କଲ୍ୟାଣକୁ ଆଶ୍ରୟ କରି ଓଡ଼ିଶାର ସ୍ୱାଧୀନତା ରକ୍ଷା କରି ପାରିଥିଲେ । ସେ ଯୁଗର ଓଡ଼ିଆ କଳାକାରୀଙ୍କ କୀର୍ତ୍ତି କୋଣାର୍କ ମନ୍ଦିରରେ ପ୍ରଦର୍ଶିତ ହୋଇଅଛି । କାଳଚକ୍ରର ଆବର୍ତ୍ତରେ ଓଡ଼ିଶା ତଥା ଓଡ଼ିଆ ଜାତିର ପତନ ହେଲା । ଓଡ଼ିଶା ଖଣ୍ଡ ଖଣ୍ଡ ହୋଇ ବିଚ୍ଛିନ୍ନ ହେଲା । ରାଜନୈତିକ ଓ ସାମାଜିକ ବିଭେଦ ସୃଷ୍ଟି ହେଲା । ଘନ ଘନ ବନ୍ୟା ଓ ମରୁଡ଼ିର କରାଳଗ୍ରାସରେ ଓଡ଼ିଆଙ୍କ ମେରୁଦଣ୍ଡ ଭାଙ୍ଗି ପଡ଼ିଲା । ଶାସକ ଶ୍ରେଣୀର ବୈମାତୃକ ବ୍ୟବହାର ପ୍ରତିକ୍ରିୟା ଅଧିକ ନିର୍ମମ ଭାବେ ଓଡ଼ିଆଙ୍କ ପ୍ରାଚୀନ ସଂସ୍କୃତିକୁ ଚୂର୍ଣ୍ଣ କରିଦେଲା । ମୁସଲମାନ, ମରହଟ୍ଟା ଓ ବ୍ରିଟିଶ ଶାସକମାନଙ୍କ ଶୋଷଣ ଅତି ତୀବ୍ର ହୋଇ କୋଣାର୍କ-ସ୍ରଷ୍ଟାର ସେହି ବଳିଷ୍ଠ ଜାତିକୁ ପଙ୍ଗୁ କରି ଦେଲା । ଜଣେ ସୁନ୍ଦର ବଳିଷ୍ଠ ଯୁବକ ପକ୍ଷାଘାତ ରୋଗରେ ଯେପରି ତାର ସମସ୍ତ ଶକ୍ତି ଓ ସୌନ୍ଦର୍ଯ୍ୟ ହରାଇ ଦିଏ, ସେପରି ଓଡ଼ିଆ ଜାତି ୧୯୩୬ ମସିହାରେ ସ୍ୱତନ୍ତ୍ର ପ୍ରଦେଶ ପାଇବା ପର୍ଯ୍ୟନ୍ତ ଘୋର ନିର୍ଯ୍ୟାତନାରେ ପଡ଼ିଥିଲେ । ସେହି ନିଷ୍ପେଷିତ ଓଡ଼ିଆମାନଙ୍କୁହିଁ ଆପଣ ଏବେ ଓଡ଼ିଶାରେ ଦେଖୁଛନ୍ତି । ଆଉ ଦୁଇ ତିନି ଦଶନ୍ଧି ପରେ ଦୟାକରି ଯଦି ଓଡ଼ିଶାକୁ ଆସିବେ, ତା'ହେଲେ ମୋର ବିଶ୍ୱାସ, ଆପଣ ଏଠା ମଣିଷମାନଙ୍କ ରୂପ ନିଶ୍ଚୟ ବଦଳିଥିବା ଦେଖି ପାରିବେ ସେତେବେଳେ ଆପଣ କହିବେ ଯେ, କୋଣାର୍କ ମନ୍ଦିରର ଶିଳ୍ପୀ ଏହି ଓଡ଼ିଆଙ୍କୁ ଛାଡ଼ି ଅନ୍ୟ କେହି ହୋଇ ନଥିବେ" ।

ମୋର ଏକଥା ଶୁଣି ଅଧ୍ୟାପିକା ନୀରବ ହେଲେ । କିନ୍ତୁ ଏଥିରେ ସେ ତୃପ୍ତ ହୋଇ ନଥିବା ଲକ୍ଷଣ ତାଙ୍କ ମୁଖରୁ ମୁଁ ଲକ୍ଷ କରି ନାହିଁ ।

ଆଜି ସେହି ୩୫ ବର୍ଷ ଆଗର କଥା ମୋର ମନେ ପଡ଼ୁଛି । ମୁଁ ଯଦି ସେ ଦେଇଥିବା ଠିକଣାଟି ପାଇଥାନ୍ତି, ତେବେ ତାଙ୍କୁ ମୋର ସେକଥା ଏବେ ସ୍ମରଣ କରାଇ ଓଡ଼ିଶାକୁ ଆସିବା ପାଇଁ ନିମନ୍ତ୍ରଣ କରନ୍ତି ।

ବାସ୍ତବରେ ପ୍ରକୃତି ଓ ମନୁଷ୍ୟଜାତିର ବୈଚିତ୍ର୍ୟ ତଥା ଉତ୍‌ଥାନ ପତନ ମୂଳରେ ମହାକାଳର ଅଦୃଶ୍ୟ ଅଙ୍ଗୁଳି ନିର୍ଦ୍ଦେଶହିଁ ସନ୍ନିହିତ । ୧୯୪୦ ସାଲରେ କଟକ ଓ ଭୁବନେଶ୍ୱରରେ ଯେଉଁ ପ୍ରାକୃତିକ ପରିବେଶ ମଧ୍ୟରେ ଦରିଦ୍ର-ଅଶିକ୍ଷିତ-ରୁଗ୍ଣ ମଳିଆ ଶ୍ରେଣୀ ସ୍ୱକପରେ ସୃଷ୍ଟି ହୋଇ ମ୍ୟାଲେରିଆ ମହାମାରୀରେ ସଢ଼ି ସଢ଼ି ହାହାକାର କରୁଥିଲେ, ସେତେବେଳର ସେହିଲୋକଙ୍କୁ ଏବେ କ୍ୱଚିତ୍ ଦେଖିବାକୁ ମିଳେ । ୩୦ ବର୍ଷ ମଧ୍ୟରେ ଆଜି ଓଡ଼ିଶାରେ ତଥା ଓଡ଼ିଆ ସମାଜରେ ଯେଉଁ ପରିବର୍ତ୍ତନ ଦେଖା ଦେଇଛି, ସେଥିର ସାକ୍ଷୀ ରୂପେ ମୋପରି କେତେକ ବୃଦ୍ଧ ଅଦ୍ୟାପି ଓଡ଼ିଶାରେ ବଂଚି ରହିଛନ୍ତି ।

ଏବେବି ମୋର ପ୍ରିୟ ବନ୍ଧୁ ସ୍ୱର୍ଗୀୟ କେଦାର ନାଥ ମହାପାତ୍ର କହିଥିବେ, "ସତେ କଣ ଆମ ଲିଙ୍ଗରାଜ ମନ୍ଦିର ପୁରୀର ଶ୍ରୀମନ୍ଦିର ପରି ପ୍ରାଧାନ୍ୟ ଲାଭ କରିବ ? ସତେ କଣ ପୁରୀ ବଡ଼ଦାଣ୍ଡ ପରି ଦାଣ୍ଡଟିଏ ଆମ ଭୁବନେଶ୍ୱରରେ ନିର୍ମିତ ହେବ, ଯେଉଁଠି ଅଶୋକାଷ୍ଟମୀ ଦିନ "ରୁକୁଣା ରଥ ଯାତ୍ରା ହୋଇ ପାରନ୍ତା ? ସତେ କଣ ଆମର ପଡ଼ୋଶୀ ବଙ୍ଗ, ବିହାର, ଆନ୍ଧ୍ରରେ ବାସ କରୁଥିବା ଲୋକଙ୍କ ସଙ୍ଗେ ଶିକ୍ଷା କ୍ଷେତ୍ରରେ ଓଡ଼ିଆ ପିଲେ ଦେଶ ବିଦେଶରେ ସୁନାମ ଅର୍ଜନ କରିପାରିବେ ?"

ସ୍ୱର୍ଗୀୟ ମହାପାତ୍ରଙ୍କ ସେହି ସ୍ୱପ୍ନ ଆଜି ବାସ୍ତବରେ ପରିଣତ ହୋଇଥିବା ଦେଖାଯାଏ । ଏବେ ଓଡ଼ିଆ ଜାତି ଅତି ଦ୍ରୁତ ଗତିରେ ଉନ୍ନତି ପଥରେ ଆଗେଇ ଚାଲିଛି । ଓଡ଼ିଶାର ପାଞ୍ଚଟି ବିଶ୍ୱବିଦ୍ୟାଳୟରୁ ଉଚ୍ଚ ଶିକ୍ଷା ପାଇ ଓଡ଼ିଶାର ଛାତ୍ରମାନେ ଅନ୍ୟ ପ୍ରଦେଶର ପ୍ରତିଯୋଗିତାରେ ଯଥେଷ୍ଟ ସୁନାମ ଅର୍ଜିଲେଣି । ବିଜ୍ଞାନ ଗବେଷଣା କ୍ଷେତ୍ରରେ ମଧ୍ୟ ଯଥେଷ୍ଟ ଉନ୍ନତି ଲାଭକରି ଭାରତରେ ଓଡ଼ିଶା ଶୁଭ ସଙ୍କେତ ଏବେ ସ୍ଥାପନ କରୁଛି । ଶିଳ୍ପ ତଥା କୃଷି କ୍ଷେତ୍ରରେ ଯଥେଷ୍ଟ ପରିମାଣରେ ବିକାଶ ଲାଭ କରିଥିବାରୁ ଖାଦ୍ୟ ତଥା ଆବଶ୍ୟକୀୟ ପଦାର୍ଥର ଅଭାବ ବହୁ ପରିମାଣରେ ଦୂର ହୋଇ ଯାଇଛି । ବୈଜ୍ଞାନିକ ପଦ୍ଧତିରେ କୃଷିର ବିକାଶ ଏବେ ଯଥେଷ୍ଟ ବିକାଶ ଲାଭ କଲଣି । ତେଣୁ ପଲ୍ଲୀର ଅର୍ଥନୈତିକ ଦୀନତା ଧ୍ୱଂସ ହେବ । ବନ୍ୟା ଓ ମରୁଡ଼ିର କରାଳ ଗ୍ରାସରୁ ଉଦ୍ଧାର ଲାଭ କରି ଓଡ଼ିଶାର କୃଷକ ଶ୍ରେଣୀ ଆଉ ସର୍ବହରା ସ୍ଥିତିରେ ଦୁଃଖ କଷ୍ଟ କରୁ ନାହାନ୍ତି । ମହାମାରୀ, ବସନ୍ତ ମ୍ୟାଲେରିଆର କରାଳ ଗ୍ରାସରେ ଗ୍ରାମ ଓ ବସ୍ତି ଉଜୁଡ଼ା ହେବା ଦୃଶ୍ୟ ଆଜି ଏକ ଅତୀତ କାହାଣୀରେ ପରିଣତ ହେଲଣି । ଆଦିବାସୀ ଓ ଅସ୍ପୃଶ୍ୟ ଜାତିମାନଙ୍କ ଦୀନତା ବହୁ ପରିମାଣରେ ଖର୍ବ ହୋଇଛି । ଲୋକସାଧାରଣଙ୍କ ରାଜନୈତିକ ଓ ସାମାଜିକ ଚେତନା ବିକାଶ ଲାଭ କରିଛି । ତେଣୁ ଆତ୍ମ-ନିର୍ଭରଶୀଳତାର ମୂଲ୍ୟବୋଧ ନାରୀ ଓ ପୁରୁଷ ନିର୍ବିଶେଷରେ ସମସ୍ତେ ଉପଲବ୍ଧି କରିଥିବା ଦେଖାଯାଏ । ପଲ୍ଲୀ ଓ ନଗର-ଗୁଡ଼ିକର ପାରିବେଶିକ ପରିଚ୍ଛନ୍ନତା ଓ ସୌନ୍ଦର୍ଯ୍ୟ ଯଥେଷ୍ଟ ବୃଦ୍ଧି ଲାଭ କରିଛି । ଶିକ୍ଷା କ୍ଷେତ୍ରରେ ମଧ୍ୟ ଐନ୍ଦ୍ରଜାଲିକ ପରିବର୍ତ୍ତନ ହୁଏ । ଓଡ଼ିଶାର ଛାତ୍ର ସମ୍ପ୍ରଦାୟ, ଯେଉଁମାନେ ଏ ଜାତିର ଭବିଷ୍ୟତ କର୍ଣ୍ଣଧାର ହେବେ, ସେମାନେ ଆଉ ଦୁର୍ବଳ ଭୟଭୀତ, ବିନୀତ ଛାତ୍ର ଗୋଷ୍ଠୀ ହୋଇ ରହି ନାହାନ୍ତି । ପୃଥିବୀର ଉନ୍ନତ ଜାତିମାନଙ୍କ ପରି ସୁସ୍ଥ ଓ ସାମର୍ଥ୍ୟ ଲାଭ କରି ଜାତୀୟ ବିକାଶ ପଥରେ ସେମାନେ ଅଗ୍ରସର ହେବାକୁ ପ୍ରେରଣା ଲାଭ କଲେଣି । ଓଡ଼ିଆ ସାହିତ୍ୟର ବିକାଶ ହେତୁ ଭାଷା ଦୃଷ୍ଟିରୁ ତାହା ଭାରତର ଅନ୍ୟ କେତୋଟି ଉନ୍ନତ ଭାଷା ମଧ୍ୟରେ ପରିଗଣିତ ହୋଇ ସମ୍ମାନିତ ହୋଇ ପାରିଛି । ସାଂସ୍କୃତିକ ବିକାଶ ହେତୁ ଭାରତ କାହିଁକି ପୃଥିବୀର ବିଭିନ୍ନ ଉନ୍ନତ ରାଷ୍ଟ୍ରରେ ମଧ୍ୟ ଓଡ଼ିଶା ଆଜି ଯଥେଷ୍ଟ ଗୌରବ ଲାଭ କଲଣି । ଓଡ଼ିଶାରେ, ରାଜଧାନୀ ଯାହାକି ୪୦ ବର୍ଷ ଆଗେ ଏକ ଜଙ୍ଗଲରେ ପରିଣତ ହୋଇ ଶ୍ୱାପଦ ଜନ୍ତୁଙ୍କ କ୍ରୀଡ଼ା ଭୂମିଥିଲା । ଖଣ୍ଡଗିରି, ଉଦୟଗିରିକୁ ଗୋଟିଏ କି ଦୁଇଟି ମାତ୍ର ଶଗଡ଼ରେ ଯାତ୍ରା କରି ଘୋର ବିପଦ ଶଙ୍କୁଳ ହୋଇ-

ଥିଲ, ସେଥିର ବିବଶତା ଏବେ ମୁକ୍ତୋତ୍ପାଦିତ ହୋଇ-ପାରିଛି । ମନୁଷ୍ୟ ଦ୍ୱାରା ଆବିଷ୍କୃତ ଶକଟ ଆଜି ଏକ କାହାଣୀ ହୋଇଗଲଣି । ଅଥଚ ମୋର ଅତୀତ ଅନୁଭୂତିର ଏହା ଗୋଟିଏ ବାସ୍ତବ ଘଟଣା । ଆର୍ଥିକ ଅଭାବ ଅନାଟନର ଶେଷ ସୀମାରେ ଥିବା ଦୁର୍ବଳ ଶ୍ରମିକମାନେ ହାତରେ ଶଗଡ଼ ଟାଣି ଯାତ୍ରୀମାନଙ୍କୁ ସେଠାର ବିଭିନ୍ନ ଦର୍ଶନୀୟ ସ୍ଥାନକୁ ନେଇ ଯାଇ କିଛି ରୋଜଗାର କରିବା ବ୍ୟବସାୟ ସେମାନେ କରୁଥିଲେ । ଆଉ ମଧ୍ୟ କେତେକ ଗରିବ ମୁନିଆ ଶ୍ରମିକମାନେ ହୋଟେଲରେ କାମ କରି କିଛି କିଛି ରୋଜ-ଗାର କରୁଥିଲେ । ସେହି ଲଜ୍ଜାଜନକ ଦୁଃଖଦ ଅବସ୍ଥା ଏବେ ସମ୍ପୂର୍ଣ୍ଣ ବଦଳି ଯାଇଛି । ଆଜି ନୂତନ ରାଜଧାନୀରେ ଯେଉଁ ଉନ୍ନତିପୂର୍ଣ୍ଣ ପ୍ରଗତି ଓ ପରିବେଶ ସୃଷ୍ଟି ହୋଇଛି ତାହା ଅର୍ଦ୍ଧଶତାବ୍ଦୀ ପୂର୍ବେ ସ୍ୱପ୍ନରେ ମଧ୍ୟ କେହି ଚିନ୍ତାକରି ନ ଥିଲେ । ଓଡ଼ିଶାର ପ୍ରଚୁର ଖଣିଜ ପଦାର୍ଥ ଗୁଡ଼ିକର ଉତ୍ତୋଳନ କରିବା ଫଳରେ ବିଭିନ୍ନ ସ୍ଥାନରେ ଶିଳ୍ପପ୍ରତିଷ୍ଠାନ ସମ୍ଭବ ହେଉଛି । ତାହା ଆମ ରାଜ୍ୟର ଆର୍ଥିକ ଦୃଷ୍ଟିରୁ ବହୁପରିମାଣରେ ଖର୍ଚ୍ଚ କରିଦେଇ ବିଦ୍ୟୁତ୍ ପରିବେଷଣ ଦିଗରେ ଓଡ଼ିଶା ଏବେ ସ୍ୱାବଲମ୍ବୀ ହେବାକୁ ଯାଉଛି । ଏହା ପୂର୍ଣ୍ଣ ହେଲେ ବହୁ ସଂଖ୍ୟାରେ କ୍ଷୁଦ୍ର ଓ ମଧ୍ୟମ ଧରଣର ଶିଳ୍ପ ପଲ୍ଲୀ ଅଞ୍ଚଳରେ ପ୍ରତିଷ୍ଠିତ ହେବ । ଯାହା ଫଳରେ ଓଡ଼ିଶାର ବେକାର ସମସ୍ୟା ସନ୍ତୋଷଜନକ ଭାବେ ନିଷ୍ପତ୍ତି ହୋଇ-ପାରିବ । ବ୍ୟବସାୟ କ୍ଷେତ୍ରରେ ସମୁଦ୍ର ପରିବହନ ବିଷୟ ପଥରୁ ଯେଉଁ କାର୍ଯ୍ୟ ଅନୁଷ୍ଠିତ ହେଉଛି ତାହା ବାସ୍ତବରେ ଯଥେଷ୍ଟ ନ ହେଲେ ସୁଦ୍ଧା ନିରାଶଜନକ ନୁହେଁ । ପାରାଦୀପ ବନ୍ଦର ସଙ୍ଗେ ଗୋପାଳପୁରର ମଧ୍ୟମ ଧରଣର ବନ୍ଦର କାର୍ଯ୍ୟକାରୀ ହେଲେ ଓଡ଼ିଶାର ବହିର୍ବାଣିଜ୍ୟ ଯଥେଷ୍ଟ ଉନ୍ନତି ସାଧନ କରିବ । ଆକାଶ ପଥରେ ମଧ୍ୟ କ୍ରମେ ଦୂରଗାମୀ ଓ ଯାତ୍ରୀବାହୀ ବାୟୁଯାନ ପାଇଁ ଷ୍ଟେସନ ବ୍ୟବସ୍ଥାର ପ୍ରସାରଣ କାର୍ଯ୍ୟ ଏବେ ଓଡ଼ିଶା ସରକାର ଓ କେନ୍ଦ୍ର ସରକାରଙ୍କ ମିଳିତ ଉଦ୍ୟମରେ ହାତକୁ ନିଆଯାଉଛି । ଭବିଷ୍ୟତରେ ବିଦେଶୀ ଦର୍ଶକମାନଙ୍କ ଏହା ଏକ ଆକର୍ଷଣୀୟ ରାଜ୍ୟରେ ପରିଣତ ହେବ । ମନ୍ଦିର ମାଳା ପରିହିତା ଏ ରାଜ୍ୟର ରାଜଧାନୀ ପୃଥିବୀର ଏକ ଶ୍ରେଷ୍ଠ କଳା ମଣ୍ଡିତ ନଗରୀର ଖ୍ୟାତି ଧାରଣ କରିବ ।

ଧର୍ମ ସମ୍ବନ୍ଧୀୟ ଚିନ୍ତାଧାରା ଏ ରାଜ୍ୟ ଲୋକଙ୍କୁ ଜାତିଭେଦ ନିର୍ବିଶେଷରେ ଯେଉଁ ପ୍ରେରଣା ଦେଉଛି ସେଥିର ମୌଳିକ କେନ୍ଦ୍ର ହେଉଛି ମହୋଦଧିର ପବିତ୍ର ଶ୍ରୀକ୍ଷେତ୍ର, ଯେଉଁଠି ଶ୍ରୀ ଜଗନ୍ନାଥ ସମସ୍ତ ଧର୍ମର ମୂଳାଧାର ରୂପେ ବିରାଜିତ । ଆଜି ପୃଥିବୀର ଅସ୍ଥିରତା ଓ ଧର୍ମ ବିପ୍ଳବର ସମାଧାନପାଇଁ ଓଡ଼ିଶାର ଶ୍ରୀ ଜଗନ୍ନାଥ ଏକମାତ୍ର ଦେବତା, ଯେ କି ମାନବ ଜାତିକୁ ସତ୍‌ପଥରେ ଚାଳିତ କରି ପାରିବେ । ସେହି ମହତ୍ ପ୍ରେରଣା ବହୁ ଚିନ୍ତାଶୀଳ ଲୋକଙ୍କୁ ଏବେ ଅନୁପ୍ରାଣିତ କଲାଣି ।


ବାସ୍ତବରେ ଭାରତର ପୂର୍ବ ଓ ଦକ୍ଷିଣ ଦିଗରେ ବାସ କରୁଥିବା କୋଟି କୋଟି ଲୋକଙ୍କ ଧର୍ମ, ଭାଷା, ଆଚାର ଓ ସଂସ୍କୃତିରେ ମୌଳିକ ପ୍ରଭେଦ ହେତୁ ଜାତୀୟ ଯେଉଁ ବୈଚିତ୍ର୍ୟତାର ଉଦ୍ଭବ ଦେଖା ଦେଉଛି ତାହା ଓଡ଼ିଶାପରି କେତେଗୁଡ଼ିକ ରାଜ୍ୟରେ ନିରପେକ୍ଷ ବାତାବରଣ ସୃଷ୍ଟି କରିବ ବୋଲି ବିଶ୍ୱାସ ହୁଏ । ଆମର ଏ ଉନ୍ନତି କେବେ ସଫଳ ହେବ ? କେବେ ଏ ଜାତି ପୁଣି ସେହି ପ୍ରାଚୀନ ଯୁଗର ସାହସ ଓ ଜାତୀୟ ପ୍ରେରଣା ଲାଭ କରି ବଳିଷ୍ଠ ହୋଇ ଉଠିବ ? ଏଠାରେ ଗୋଟିଏ ଐତିହାସିକ ଘଟଣାର ଅବତାରଣା କଲେ ବୋଧହୁଏ ଅସଙ୍ଗତ ହେବ ନାହିଁ । ଖ୍ରୀ. ଅ. ୧୫ଶ ଶତାବ୍ଦୀ ଦ୍ୱିତୀୟାର୍ଦ୍ଧରେ ଉତ୍ତର ଭାରତରୁ ଯେତେବେଳେ ମୁସଲମାନ ରାଜାଙ୍କ ଆକ୍ରମଣ ହେତୁ ହିନ୍ଦୁଧର୍ମ ନିର୍ମୂଳ ହେବାକୁ ବସିଥିଲା ସେତେବେଳେ ଓଡ଼ିଶାର ପ୍ରବଳ ପରାକ୍ରାନ୍ତ ଗଜପତି ମହାରାଜା କପିଳେନ୍ଦ୍ର ଦେବ ତାଙ୍କ ସେନାପତି ଗୋପୀନାଥ ମହାପାତ୍ରଙ୍କ ସାହାଯ୍ୟରେ ଦିଲ୍ଲୀର ସୁଲତାନଙ୍କ ସମେତ ଗୁଜୁରାଟ, ମାଳବ (ରାଜସ୍ଥାନ), କର୍ଣ୍ଣାଟକ ଓ ଗୌଡ଼ (ବିହାର ଓ ବଙ୍ଗ) ପ୍ରଭୃତି ଦେଶରେ ହିନ୍ଦୁ ଧର୍ମକୁ ସୁରକ୍ଷିତ କରିଥିଲେ । ଯେପରି ମହାପ୍ରଳୟରେ ପଙ୍କମଗ୍ନ ପୃଥିବୀକୁ ଭଗବାନ ବିଷ୍ଣୁ ବରାହ ରୂପରେ ଉଦ୍ଧାର କରିଥିଲେ । ଏ ପ୍ରସଙ୍ଗଟି କଟକ ଜିଲ୍ଲାର ଗୋପୀନାଥପୁର ଶିଳାଲେଖରେ ଏକ ସୁନ୍ଦର ଶ୍ଳୋକରେ ପ୍ରକାଶ କରଯାଇଛି । ଯୁଗେ ଯୁଗେ ଧର୍ମର ଅଧଃପତନ ବେଳେ କିମ୍ବା ବୈଦେଶିକ ଆକ୍ରମଣରୁ ଦେଶ ଓ ଜାତିକୁ ସୁରକ୍ଷିତ କରିବା ମହତ୍ କାର୍ଯ୍ୟ । ଓଡ଼ିଶାର ରାଜାମାନେ ଏକ କର୍ତ୍ତବ୍ୟ ରୂପେ ପାଳନ କରୁଥିଲେ । ଦକ୍ଷିଣର ନିଜାମ ଜଲାଲୁଦ୍ଦିନ୍ ଏକଦା ହିନ୍ଦୁ ବ୍ରାହ୍ମଣଙ୍କ ପ୍ରତି ଦୁର୍ବ୍ୟବହାର କରିବା ଶୁଣି ଖ୍ରୀ: ୧୫ ଶତାବ୍ଦୀ ଆରମ୍ଭରେ ଓଡ଼ିଶାର ଗଜପତି ରାଜା ନିଃଶଙ୍କ ଭାନୁ ବଙ୍ଗ ଦେଶରେ ଅଭିଯାନ ଚଳାଇ ସୋନାର୍ଗାରେ ବିଜୟସ୍ତମ୍ଭ ଖଡ଼ା କରି ଫେରିଥିଲେ । ତେଣୁ ଶ୍ରୀକ୍ଷେତ୍ରରେ ତାଙ୍କୁ ଉଚ୍ଚସ୍ଥିତ ସମ୍ମାନ ଦିଆଯାଇଥିଲା । 'ସାହିତ୍ୟ ଦର୍ପଣ'କାର ସନ୍ଧିବିଗ୍ରହୀ ବିଶ୍ୱନାଥ କବିରାଜଙ୍କ ବିରଚିତ ସଂସ୍କୃତ ନାଟିକା 'ଚନ୍ଦ୍ରକଳା' ଶ୍ରୀଜଗନ୍ନାଥ ମନ୍ଦିରରେ ଅଭିନୀତ ହୋଇଥିଲା । ଏ ଦୃଷ୍ଟିରୁ ବିଶ୍ୱପଟରେ ସର୍ବ ଭାରତୀୟ ସ୍ତରରେ ଓଡ଼ିଶା ତାର ସୁନାମ ଯେପରି ପ୍ରତିଷ୍ଠା କରିଥିଲା ତାହା ଏବେ ମଧ୍ୟ ସମ୍ଭବ ହେବ ଯଦି :—

ମୋର ଏହି 'ଯଦି'ର ତାତ୍ପର୍ଯ୍ୟ କରିବାକୁ ହେଲେ ବହୁତ କିଛି ବିଷୟର ଅବତାରଣା କରିବାକୁ ହେବ । କିନ୍ତୁ ସଂକ୍ଷେପରେ ଏତିକିମାତ୍ର କହିବା ଆବଶ୍ୟକ ଯେ ମାତୃଭୂମି ଓ ମାତୃଭାଷାର ଉନ୍ନତି ପାଇଁ ଆହୁରି କିଛି ଦୂର ଆମେ ଅଗ୍ରସର ହେବା ଆବଶ୍ୟକ । ଏଥିପାଇଁ ମୁଖ୍ୟତଃ ଓଡ଼ିଆଙ୍କ ମଧ୍ୟରେ ଏକତା ଓ ଶୃଙ୍ଖଳା ଜ୍ଞାନ ଅଧିକ ପରିମାଣରେ ଜାଗ୍ରତ କରିବା ଆବଶ୍ୟକ । ଦିନେ ଜାତୀୟ ଏକତା ଓ ଶୃଙ୍ଖଳା ଓଡ଼ିଆଙ୍କ ମଧ୍ୟରେ ଦେଖା ଦେଇଥିଲା । ଯେତେବେଳେ ନୂତନ ଓଡ଼ିଶା ପ୍ରଦେଶ ଗଠନ ପାଇଁ ଜାତୀୟ ଆନ୍ଦୋଳନ ସୃଷ୍ଟିକରି ମଧୁବାବୁ, ଗୋପବନ୍ଧୁ, ପାରଳା ମହାରାଜା ପ୍ରମୁଖ କେତେଜଣ ମହାପ୍ରାଣ ଓଡ଼ିଆ ଜାତିର ମୂଳଦୁଆ ପକାଇ ଥିଲେ । ଆଜି ଅର୍ଦ୍ଧଶତାବ୍ଦୀ ପରେ ଓଡ଼ିଶାର ଯଥେଷ୍ଟ ଉନ୍ନତି ସମ୍ପାଦିତ

ହୋଇଥିଲେ ସୁଦ୍ଧା ସରିହିଁକ ଅଘଟ ହେତୁ ଯେତେ ଦ୍ରୁତ ଗତିରେ ଆମେ ଆଗେଇ ପାରନ୍ତେ ତେତେ ସମ୍ଭବ ହୋଇ ପାରିନି । ସମସ୍ତ ଦୁର୍ବଳତାର ନିରାକରଣ ସମ୍ଭବ ହେବ ଯଦି ଜାତୀୟ ଜାଗରଣ ପାଇଁ ନିସ୍ୱାର୍ଥ ଆଚରଣଗତ ନିଷ୍ଠା ଓ ଶିକ୍ଷା ଓଡ଼ିଆଙ୍କ ମନରେ ଛାତ୍ର ଜୀବନର ଜାଗ୍ରତ ହେବ ।

ତିରୁପତିର ତେଲୁଗୁ ଇଷ୍ଟଦେବତା ଶ୍ରୀ ଭେଙ୍କଟେଶ୍ୱର ଯେପରି ଆନ୍ଧ୍ର ଜାତି ପ୍ରତି କରୁଣା ପ୍ରଦର୍ଶନ କରିଛନ୍ତି ସେପରି ଓଡ଼ିଶାର ଇଷ୍ଟଦେବତା ଶ୍ରୀ ଜଗନ୍ନାଥ ଯେ ଓଡ଼ିଆଙ୍କୁ ଅନୁଗ୍ରହ କରି ଉନ୍ନତି ପଥରେ ଏ ଜାତିକୁ ଟାଣିନିଅନ୍ତୁ ଏହାହିଁ ଆମର ବିଶ୍ୱପତିଙ୍କପାଦେ ନିବେଦନ ।

ଟିଙ୍କରଲେନ୍ ପାରଳାଖେମୁଣ୍ଡି



# ଓଡ଼ିଶାର ଅର୍ଥନୈତିକ ସ୍ଥିତି

ଡକ୍ଟର ବୈଦ୍ୟନାଥ ମିଶ୍ର

ଓଡ଼ିଶାର ଅର୍ଥନୀତି ଯଦି ଯଥେଷ୍ଟ ଉନ୍ନତି ନ କରିବ, ତାହାହେଲେ ଓଡ଼ିଶା ନିଜର ଆସନ ସାରା ଭାରତରେ ପ୍ରତିଷ୍ଠା କରି ପାରିବ ନାହିଁ । ଅର୍ଥନୈତିକ ପ୍ରଗତି ଉପରେ କେବଳ ଜନସାଧାରଣଙ୍କର ଆର୍ଥିକ ସ୍ଥିତି ନିର୍ଭର କରେ ନାହିଁ, ରାଜନୈତିକ ଓ ସାମାଜିକ ପ୍ରତିଷ୍ଠା ମଧ୍ୟ ନିର୍ଭର କରେ । ତେଣୁ ଅର୍ଥନୈତିକ ପ୍ରଗତି ପ୍ରତି ଗୁରୁତ୍ୱ ଦେବା ପ୍ରତ୍ୟେକଙ୍କର କର୍ତ୍ତବ୍ୟ । ଗତ ୯-୧୦ ବର୍ଷ ଭିତରେ ଓଡ଼ିଶାର ଅର୍ଥନୀତିରେ କି କି ପରିବର୍ତ୍ତନ ହୋଇଛି, ତାର କେତେକ ସୂଚନା ଆମେ ନିମ୍ନରେ ପ୍ରଦତ୍ତ କରୁଛୁ । ଓଡ଼ିଶାରେ କୃଷିର ସ୍ଥାନ ଭାରତରେ ଅନ୍ୟ ରାଜ୍ୟଠାରୁ ଅନେକ ଅଧିକ । ସାରା ଭାରତରେ କୃଷିର ଗୁରୁତ୍ୱ ଏହା ଭିତରେ ଅନେକ କମିଛି । ୧୯୫୦-୫୧ରେ ସାରା ଭାରତରେ ମୋଟ ଜାତୀୟ ଉତ୍ପାଦନ ଶତକଡା ପ୍ରାୟ ୫୯/୬୦ ଭାଗ କୃଷିରୁ ସଂଗୃହୀତ ହେଉଥିଲା । ଏବେ କୃଷିର ଭାଗ କମି ପ୍ରାୟ ଏକ ତୃତୀୟାଂଶ ହୋଇଛି । ଅଥଚ ଓଡ଼ିଶାରେ ଏ ପର୍ଯ୍ୟନ୍ତ କୃଷିର ଗୁରୁତ୍ୱ କମି ନାହିଁ । ଏବେ ମଧ୍ୟ ଓଡ଼ିଶାରେ କୃଷିରୁ ମୋଟେ ରାଜ୍ୟ ଉତ୍ପାଦନ ଶତକଡା ୬୦/୬୧ ଭାଗ ସଂଗୃହୀତ ହେଉଛି । ଏଥିରେ ପ୍ରାୟ ଶତକଡା ୭୫ ଭାଗ ଶ୍ରମିଜୀବୀ ନିର୍ଭର କରୁଛନ୍ତି । ଗତ ୯/୧୦ ବର୍ଷ ଭିତରେ କୃଷି ଉତ୍ପାଦନରେ ଅନେକ କିଛି ଉନ୍ନତି ହୋଇଛି । ୧୯୮୦-୮୧ ବେଳକୁ ଓଡ଼ିଶାରେ ୫୭ ଲକ୍ଷ ଖାଦ୍ୟଶସ୍ୟ ଉତ୍ପାଦିତ ହେଉଥିଲା ବୋଲି ହିସାବ ବାହାରିଛି । ୧୯୮୫-୮୬ରେ ଏହା ବୃଦ୍ଧି ପାଇ ପ୍ରାୟ ୭୦ ଲକ୍ଷ ଟନ୍ ହୋଇଛି । ଗତବର୍ଷର ପ୍ରବଳ ମରୁଡ଼ି ଯୋଗୁଁ ଏହା କମି ପ୍ରାୟ ୫୦ ଲକ୍ଷ ଟନ୍‌କୁ ଆସିଛି । ଚଳିତବର୍ଷ ଖାଦ୍ୟଶସ୍ୟର ଉତ୍ପାଦନ ଅନେକ ଅଧିକ ହେବ ବୋଲି ଆଶା କରାଯାଉଛି ।

କୃଷିର ଉତ୍ପାଦନ ପାଇଁ ଜଳସେଚନ ଏକ ପ୍ରଧାନ ଉପାଦାନ । ଜଳସେଚନ ଯେତିକି ଅଧିକ ହେବ, କୃଷିର ଉତ୍ପାଦିକା ଶକ୍ତି ସେତିକି ଅଧିକ ହେବ । ଚାଷୀମାନେ ଜଳସେଚିତ ଅଞ୍ଚଳରେ ନିଜ ଜମିରେ ଦୁଇ, ତିନୋଟି ଫସଲ ଉତ୍ପନ୍ନ କରିପାରିବେ । ଗତ ୮/୯ ବର୍ଷ ଭିତରେ ଜଳସେଚନରେ ଅନେକ ଉନ୍ନତି ହୋଇଛି । ଷଷ୍ଠ ଯୋଜନା ଆରମ୍ଭ ବେଳକୁ ଓଡ଼ିଶାରେ ପ୍ରାୟ ୧୩ ଲକ୍ଷ ହେକ୍ଟର ଜମିରେ ଜଳସେଚନର ସୁବିଧା ଥିଲା । ଏହା ଏବେ ବୃଦ୍ଧି ପାଇ ପ୍ରାୟ ୧୯ ଲକ୍ଷ ହେକ୍ଟର ହୋଇଛି । ମୋଟ ଚାଷ ଜମିର ୨୮/୨୯ ଭାଗ ଅଞ୍ଚଳ ଏବେ ଜଳସେଚନ ସୁବିଧା ପାଉଛି । ଅବଶ୍ୟ ଜଳସେଚନର ଗୋଟିଏ ଅସୁବିଧା ହେଉଛି ଯେ ଖରିଫ ଋତୁରେ ଯେତେ ଜମିରେ ଜଳସେଚନ ହେଉଛି, ରବି ଋତୁରେ ସେତେ ଜଳସେଚନ ହୋଇ ପାରୁନାହିଁ । ଖରିଫ ଋତୁରେ ଜଳସେଚନକୁ ସାଧାରଣତଃ ରକ୍ଷାକାରୀ ଜଳସେଚନ ବୋଲି କୁହାଯିବ । କାରଣ ଯଥେଷ୍ଟ ବର୍ଷା ନହେଲେ କି ଠିକ୍ ସମୟରେ ବର୍ଷା ନହେଲେ ଜଳସେଚନ ଫସଲ ଉତ୍ପନ୍ନରେ ସାହଯ୍ୟ କରିବ । ରବି ଜଳସେଚନକୁ ଉତ୍ପାଦନକାରୀ ଜଳସେଚନ ବୋଲି କୁହାଯାଏ । ଏହି ଜଳସେଚନ ଫଳରେ ଗୋଟିଏ ଜମିରୁ ୨/୩ଟି ଫସଲ ଉତ୍ପନ୍ନ କରିବା ସମ୍ଭବ ହୁଏ । ରବି ଜଳସେଚନ କମ୍ ଥିବାରୁ ଓଡ଼ିଶାରେ ଅନ୍ୟାନ୍ୟ ଉନ୍ନତ ରାଜ୍ୟ ତୁଳନାରେ ହେକ୍ଟର ପିଛା କମ୍ ରାସାୟନିକ ସାର ବ୍ୟବହୃତ ହେଉଛି । କାରଣ ଖରିଫ ଋତୁରେ ସାଧାରଣତଃ କୌଣସି ଚାଷୀ ଚାଷ ଜମିରେ ଅଧିକ ରାସାୟନିକ ସାର ବ୍ୟବହାର କରିବାକୁ ଚାହେଁ ନାହିଁ । ଓଡ଼ିଶାରେ ସାଧାରଣତଃ ଶତକଡା ୫୪/୫୫ ଭାଗ ଜମିରେ ଧାନ ଉତ୍ପାଦନ କରାଯାଏ । ମୋଟ ବାର୍ଷିକ ଧାନ ଉତ୍ପାଦନ ପ୍ରାୟ ୫୦ ଲକ୍ଷ ଟନ୍ । ତାହା ଭିତରୁ ଖରିଫରେ ୪୬/୪୭ ଲକ୍ଷ ଟନ୍ ଓ ରବିରେ ମୋଟେ ୩/୪ ଲକ୍ଷ ଟନ୍ । ସେଥିପାଇଁ ଧାନ ଜମିର ଉତ୍ପାଦିକା ଶକ୍ତି ଏ ପର୍ଯ୍ୟନ୍ତ ବୃଦ୍ଧି ହୋଇ ପାରିନାହିଁ ।

ଓଡ଼ିଶା କୃଷିର ଏକ ବଡ ବିପଦ ହେଉଛି ଯେ ଓଡ଼ିଶାରେ ଝଡ଼, ତୋଫାନ, ବନ୍ୟା ଓ ମରୁଡ଼ି ଲାଗି ରହିଛି । ଏହି ଦୈବୀ ଦୁର୍ବିପାକକୁ ଏ ପର୍ଯ୍ୟନ୍ତ ଆମେ ନିୟନ୍ତ୍ରଣ କରି ପାରି ନାହୁଁ । ରିଜର୍ଭ ବ୍ୟାଙ୍କର ଏକ କମିଟି ରିପୋର୍ଟରୁ ଏବେ ପ୍ରକାଶ ପାଇଛି ଯେ, ୧୯୬୫ ଠାରୁ ୧୯୮୦ ଭିତରେ ୧୦ ବର୍ଷ କାଳ ମୌସୁମୀ ପ୍ରବାହ ଓଡ଼ିଶାର କୃଷି ପାଇଁ ସୁବିଧା ଜନକ ହୋଇ ନାହିଁ । ପ୍ରତ୍ୟେକ ୧/୨ ବର୍ଷରେ ଥରେ ଲେଖାଏଁ ବନ୍ୟା କି ମରୁଡ଼ି ଦ୍ୱାରା ଫସଲର ଅନେକ କ୍ଷତି ହେଉଛି । ଗତ ବର୍ଷ ଯେଉଁ କ୍ଷତି ହୋଇଥିଲା ତାହା ଅତି ସାଂଘାତିକ । ସେଥିପାଇଁ ଅଧିକ ଜମିରେ ଅଧିକ ଉତ୍ପନ୍ନକ୍ଷମ ବିହନ ପ୍ରୟୋଗ କରି ଚାଷୀ ଜମିର ଉତ୍ପାଦିକା ବୃଦ୍ଧି କରିବାକୁ ସେତେ ମନ ଦେଉନାହିଁ । ତେବେ ଏ କଥା ସ୍ୱୀକାର କରିବାକୁ ହେବ ଯେ ଚାଷପ୍ରଣାଳୀ ଓ ଫସଲ ବିଭିନ୍ନତାରେ ଏହା ଭିତରେ ଅନେକ ପରିବର୍ତ୍ତନ ହୋଇଛି । ଏହି ପରିବର୍ତ୍ତନ ଯଦି

ସ୍ଥିରରହେ, ତାହାହେଲେ କୃଷିର ଉତ୍ପାଦିକା ଶକ୍ତି ନିଶ୍ଚୟ ଯେ ବୃଦ୍ଧି ହେବ, ଏଥିରେ କୌଣସି ସନ୍ଦେହ ନାହିଁ ।

ଅର୍ଥନୈତିକ ପ୍ରଗତି ପାଇଁ ଶିଳ୍ପର ଗୁରୁତ୍ୱ ଯଥେଷ୍ଟ ଅଧିକ ବୋଲି ସମସ୍ତେ ସ୍ୱୀକାର କରୁଛନ୍ତି । ଗତ ୮/୯ ବର୍ଷ ଭିତରେ ଓଡ଼ିଶାରେ ଶିଳ୍ପ ପାଇଁ ଏକ ଅନୁକୂଳ ବାତାବରଣ ସୃଷ୍ଟି ହୋଇଛି । ସରକାର ଏ ଦିଗରେ ଅନେକ ସାହାଯ୍ୟ କରିଛନ୍ତି । ସରକାର ଶିଳ୍ପର ଉନ୍ନତି କରିବା ପାଇଁ ଯେଉଁ ନୀତି ଗ୍ରହଣ କରିଛନ୍ତି, ସେଥିରେ ଅନେକ ଉଦ୍ୟୋଗୀ ଶିଳ୍ପ ପ୍ରତିଷ୍ଠା କରିବାପାଇଁ ଆଗଭର ହେବାର ଦେଖାଯାଉଛି । ଏପରିକି ଓଡ଼ିଶା ବାହାରୁ ମଧ୍ୟ ଅନେକ ଶିଳ୍ପପତି ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା କରିବାପାଇଁ ବିଶେଷ ଆଗ୍ରହ ପ୍ରକାଶ କରୁଛନ୍ତି । ଗତ ୯/୧୦ ବର୍ଷ ଭିତରେ ଅନେକ ନୂତନ ଶିଳ୍ପ ପ୍ରତିଷ୍ଠିତ ହୋଇଛି । ଷଷ୍ଠ ଯୋଜନା ଆରମ୍ଭ ବେଳକୁ ଓଡ଼ିଶାରେ ମୋଟେ ୫୭ଟି ବୃହତ ଓ ମଧ୍ୟମ ଧରଣର ଶିଳ୍ପ ପ୍ରତିଷ୍ଠିତ ହୋଇଥିଲା । ଏବେ ଏହାର ସଂଖ୍ୟା ୧୮୫ କୁ ବୃଦ୍ଧି ପାଇଛି । କ୍ଷୁଦ୍ର ଶିଳ୍ପ ବି ଅନେକ ବୃଦ୍ଧି ପାଇଛି । ୧୯୮୦-୮୧ ବେଳକୁ କ୍ଷୁଦ୍ର ଶିଳ୍ପ ସଂଖ୍ୟା ପ୍ରାୟ ୯ ହଜାର ଥିଲା । ଏବେ ଏହାର ସଂଖ୍ୟା ପ୍ରାୟ ୩୨ ହଜାର । ଯେଉଁ ହାରରେ ଶିଳ୍ପର ଉନ୍ନତି ହେଉଛି, ସେହି ଉନ୍ନତି ହାର ଯଦି ସ୍ଥିର ରହେ, ତାହାହେଲେ ୫/୧୦ ବର୍ଷ ଭିତରେ ଓଡ଼ିଶା ଶିଳ୍ପ କ୍ଷେତ୍ରରେ ଭାରତରେ ନିଜର ଆସନ ଦୃଢ଼ କରିବାରେ ସମର୍ଥ ହୋଇ ପାରିବ । ତେବେ ଶିଳ୍ପର ଉନ୍ନତି କ୍ଷେତ୍ରରେ ଗୋଟିଏ ବଡ଼ ସମସ୍ୟା ହେଉଛି ବିଦ୍ୟୁତ ଶକ୍ତିର ଅଭାବ । ଷଷ୍ଠ ଯୋଜନା ପୂର୍ବରୁ ଓଡ଼ିଶାରେ ବିଦ୍ୟୁତ ଶକ୍ତି ବଳକା ଥିଲା ବୋଲି କୁହାଯାଉଛି । ଏବେ ଶିଳ୍ପର ପ୍ରଗତି ଯୋଗୁଁ ଅନେକ ପରିମାଣରେ ନିଅଣ୍ଟ ହୋଇଛି । ସାରା ଭାରତରେ ବିଦ୍ୟୁତ ଶକ୍ତିର ଚାହିଦା ବର୍ଷକୁ ଶତକଡ଼ା ୧୦/୧୧ ଭାଗ ବୃଦ୍ଧି ପାଉଥିବା ବେଳକୁ ଓଡ଼ିଶାରେ ଶତକଡ଼ା ୨୦ ହାରରେ ବୃଦ୍ଧି ପାଉଛି । ତେଣୁ ଏବେ ଲୋଡ଼ୁଥିବା ଆମର ଯେତେ ବିଦ୍ୟୁତ ଶକ୍ତି ଦରକାର, ଆମେ ତା'ର ମୋଟେ ଶତକଡ଼ା ୪୦/୫୦ ଭାଗ ଉତ୍ପାଦନ କରୁଛୁ । ତାଳଚେର ଥର୍ମାଲ ଓ ଇବ୍ ଉପତ୍ୟକାରୁ ବିଦ୍ୟୁତ ସଂଗୃହୀତ ହେଲେ ବୋଧ ହୁଏ ଭବିଷ୍ୟତରେ ବିଦ୍ୟୁତ ଶକ୍ତିର ଏତେ ଅଭାବ ପଡ଼ିବ ନାହିଁ ଏବଂ ଏହା ଫଳରେ ଶିଳ୍ପର ପ୍ରଗତି ସହଜ ଓ ସୁଗମ ହେବ ।

ଗତ ୮/୯ ବର୍ଷ ଭିତରେ ଦାରିଦ୍ର୍ୟ ଦୂରୀକରଣ ଯୋଜନା ଯୋଗୁଁ ପ୍ରାୟ ୧୭ ଲକ୍ଷ ଆଦିବାସୀ ଓ ହରିଜନ ନିଜର ଆର୍ଥିକ ଅବସ୍ଥା ଉନ୍ନତି କରିବାକୁ ସୁଯୋଗ ପାଇଛନ୍ତି । ଏହା ବ୍ୟତୀତ ଅନ୍ୟାନ୍ୟ ଦରିଦ୍ର ଗୋଷ୍ଠୀର ୧୬ ଲକ୍ଷ ଲୋକ ନିଜର ଆର୍ଥିକ ଅବସ୍ଥା ଉନ୍ନତି କରି ପାରିଛନ୍ତି । କୃଷିର ଉନ୍ନତି, ଶିଳ୍ପର ପ୍ରସାର ଓ ଦାରିଦ୍ର୍ୟ ଦୂରୀକରଣ ଯୋଜନାର ଅଗ୍ରଗତି ଯୋଗୁଁ ୮/୯/୧୦ ବର୍ଷ ଭିତରେ ଓଡ଼ିଶାର ବାର୍ଷିକ ଆୟ ଶତକଡ଼ା ପ୍ରାୟ ୬ ହାରରେ ବୃଦ୍ଧି ପାଉଛି । ଏହି ବୃଦ୍ଧି ଯୋଗୁଁ ଦାରିଦ୍ର୍ୟ ଅନେକ ପରିମାଣରେ କମି ପାରିଛି । ୧୯୭୮-୭୯ରେ ଓଡ଼ିଶାରେ ପ୍ରାୟ ୬୫/୬୬ ଭାଗ ଲୋକ ଦାରିଦ୍ର୍ୟ ସୀମାରେଖାର ନିମ୍ନରେ ଥିଲେ ବୋଲି ହିସାବ ବାହାରିଛି । ଏବେ ଯୋଜନା କମିଶନ କହିଛନ୍ତି ଯେ ଓଡ଼ିଶାରେ ପ୍ରାୟ ଶତକଡ଼ା ୪୩ ଭାଗ ଲୋକ ଦାରିଦ୍ର୍ୟ ସୀମାରେଖାର ନିମ୍ନରେ ଅଛନ୍ତି । ଅବଶ୍ୟ ସାରା ଭାରତ ତୁଳନାରେ ଏହା କିଛି ଅଧିକ । କିନ୍ତୁ ୧୯୭୮-୭୯ରେ ସାରା ଭାରତରେ ମୋଟେ ଶତକଡ଼ା ୪୮ ଭାଗ ଲୋକ ଦାରିଦ୍ର୍ୟ ସୀମାରେଖାର ନିମ୍ନରେ ଥିଲେ । ତାହା ଏବେ କମି ପ୍ରାୟ ୩୭ ଭାଗ ହୋଇଛି । ଓଡ଼ିଶାର ଦାରିଦ୍ର୍ୟ ୬୫/୬୬ରୁ କମି ୪୩ ହୋଇଛି । ତେଣୁ ଅନୁପାତ ହିସାବରେ ଏହା ଭାରତଠାରୁ କମ ବୋଲି କହିହେବ ନାହିଁ ।

ଓଡ଼ିଶାରେ ତିନୋଟି ପ୍ରଧାନ ସମସ୍ୟା ପ୍ରତି ଏବେ ଯୋଜନାରେ ଗୁରୁତ୍ୱ ଦିଆଯାଉଛି । ପ୍ରଥମ ହେଉଛି କୃଷିର ଉତ୍ପାଦିକା ଶକ୍ତି ବୃଦ୍ଧି କରିବା । ଓଡ଼ିଶାରେ କ୍ଷୁଦ୍ର ଚାଷୀ ଓ ନାମକୁ ମାତ୍ର ଚାଷୀଙ୍କ ସଂଖ୍ୟା ବହୁତ ଅଧିକ, ପ୍ରାୟ ଶତକଡ଼ା ୭୪/୭୫ ଭାଗ । ସେମାନଙ୍କୁ ଅଧିକ ଜମି ଦେଇ ହେବ ନାହିଁ । ଚାଷ ଜମିର ମାତ୍ରା ଅଧେ ଅଧେ କମୁଛି । କିନ୍ତୁ ସେମାନଙ୍କ ପାଇଁ ଯଦି ଅଧିକ ଜଳସେଚନର ବ୍ୟବସ୍ଥା କରାଯିବ ଓ ଚାଷର ଉନ୍ନତି ପାଇଁ ଯେଉଁସବୁ ସାମଗ୍ରୀ ଦରକାର ଯଥା ସାର, ଅଧିକ ଉତ୍ପାଦନକ୍ଷମ ବିହନ ଓ ପୋକମରା ଔଷଧ ସୁବିଧାରେ ଶସ୍ତାରେ ଯୋଗାଇ ଦିଆଯିବ, ତାହାହେଲେ ଚାଷର ଉନ୍ନତି ହେବାରେ ବେଶୀ କିଛି ଅସୁବିଧା ସୃଷ୍ଟି ହେବନାହିଁ । ଚାଷୀମାନଙ୍କର ଚାଷ ପ୍ରଣାଳୀ ଉପରେ ଅନେକ ପ୍ରତ୍ୟକ୍ଷ ଅନୁଭୂତି ଅଛି । କିନ୍ତୁ ସେମାନଙ୍କ ପାଖରେ ଯଥେଷ୍ଟ ପୁଞ୍ଜି ନାହିଁ କି ଆଧୁନିକ ଚାଷ ପ୍ରଣାଳୀ ବିଷୟରେ ଜ୍ଞାନ ନାହିଁ । ସରକାର ବର୍ତ୍ତମାନ ଏହିସବୁ ସୁବିଧା ସୃଷ୍ଟି କରିବା ପାଇଁ ଅନେକ ଉଦ୍ୟମ ଆରମ୍ଭ କରିଛନ୍ତି ।

ଦ୍ୱିତୀୟ ସମସ୍ୟା ହେଉଛି ବିଦ୍ୟୁତ ଶକ୍ତିର ଅଭାବ । ଶିଳ୍ପ ପାଇଁ ଉଦ୍ୟମ ଆରମ୍ଭ ହୋଇଛି । କିନ୍ତୁ ବିଦ୍ୟୁତ ଶକ୍ତିର ଅଭାବ ଯୋଗୁଁ ଅନେକ ଶିଳ୍ପ ରୁଗ୍ଣ ହୋଇ ଯାଉଛି କିମ୍ବା ସେଥିରୁ ଯେତେ ଲାଭ ମିଳିବା କଥା, ସେତେ ଲାଭ ମିଳୁନାହିଁ । ସେଥିପାଇଁ ସରକାର ଯୋଜନାରେ ଏହି ବିଦ୍ୟୁତ ଉପରେ ଯଥେଷ୍ଟ ଅଧିକ ଗୁରୁତ୍ୱ ଦେଇଛନ୍ତି । ଯୋଜନାରେ ଯେତେ ପୁଞ୍ଜି ବିନିଯୋଗ ହେଉଛି, କେବଳ ଜଳସେଚନ ଓ ବିଦ୍ୟୁତ ଶକ୍ତିରେ ତା'ର ୩୦ ଭାଗରୁ ଅଧିକ ପୁଞ୍ଜି ବିନିଯୋଗ କରାଯାଉଛି ।

ତୃତୀୟ ସମସ୍ୟା ହେଉଛି ଦାରିଦ୍ର୍ୟ । ଓଡ଼ିଶାରେ ପ୍ରାୟ ଶତକଡ଼ା ୩୮ ଭାଗ ହେଉଛନ୍ତି ଆଦିବାସୀ ଓ ହରିଜନ । ଏହା ବ୍ୟତୀତ ଅନ୍ୟାନ୍ୟ ଅନେକ ଦରିଦ୍ର ଲୋକ ଅଛନ୍ତି । ବିଶେଷ କରି କୃଷି ଶ୍ରମିକମାନେ ଅଧିକାଂଶ ଯାଗାରେ ଦାରିଦ୍ର୍ୟ ସୀମାରେଖାର ନିମ୍ନରେ ଅଛନ୍ତି । ନାମକୁ ମାତ୍ର ଚାଷୀମାନଙ୍କର ଅବସ୍ଥା ମଧ୍ୟ ସେତେ ଉନ୍ନତ ନୁହେଁ । ଗାଁ ଗହଳରେ ଛୋଟ ଛୋଟ କାରୀଗରମାନେ ସହରର ପ୍ରତିଯୋଗିତା ଯୋଗୁଁ ଉଠିଇ ପାରୁ ନାହାନ୍ତି । ତେଣୁ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମକୁ ଯୋଜନାରେ ଗୁରୁତ୍ୱ ଦେଇ ଦାରିଦ୍ର୍ୟ ସୀମାରେଖାର ନିମ୍ନରେ ଥିବା ଲୋକମାନଙ୍କ ସଂଖ୍ୟା କମେଇବାକୁ ହେବ । କୃଷି ଓ ଶିଳ୍ପର ଯଦି ଉନ୍ନତି ହେବ ଏବଂ ଏହା ଫଳରେ ଯଦି କର୍ମ ନିଯୋଜନ ଓ ମଜୁରି ବୃଦ୍ଧି ହେବ, ତାହାହେଲେ ଦାରିଦ୍ର୍ୟ ହାର ମଧ୍ୟ କମ୍ ହେବ । କିନ୍ତୁ ଭାରତ ଓ ଓଡ଼ିଶାର ଅର୍ଥନୈତିକ ଭିତ୍ତି ଯାହା ସେଥିରେ କୃଷି ଓ ଶିଳ୍ପର ପ୍ରଗତି କରି ଦାରିଦ୍ର୍ୟ ଦୂର କରିବାକୁ ସମୟ ଲାଗିବ । ସିଧାସଳଖ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ଗ୍ରହଣ ନକଲେ ଦାରିଦ୍ର୍ୟ ଦୂର କରିବା ସହଜ ହେବ ନାହିଁ । ସେଥିପାଇଁ ଯୋଜନାରେ ଏହିସବୁ କାର୍ଯ୍ୟକ୍ରମ ପାଇଁ ଅଗ୍ରାଧିକାର ଦିଆଯାଉଛି ।

ଉପାଧ୍ୟକ୍ଷ
ରାଜ୍ୟ ଯୋଜନା ବୋର୍ଡ, ଭୁବନେଶ୍ୱର ।

ରାଜ୍ୟର ସର୍ବତୋମୁଖୀ ଉନ୍ନୟନ ପାଇଁ ଯେଉଁ ସାଧୁତା ନିଷ୍ଠା, ଉଦାର ଦୃଷ୍ଟିକୋଣ ରହିବା ଆବଶ୍ୟକ, ତାହା ରହୁନାହିଁ । ଓଡ଼ିଶା ସେହିପରି ପଡ଼ିଥାଉ ପଛକେ ନିଜର ଉଦ୍ଦେଶ୍ୟ, ଈର୍ଷା, ସ୍ୱାର୍ଥ କେତେଦୂର ସାଧିତ ହୋଇପାରିବ ତାହା ବିଭିନ୍ନ ଦଳ, ବ୍ୟକ୍ତି ବିଶେଷଙ୍କୁ ଅଭିଭୂତ କରି ରଖିଛି ।

— ଜାନକୀ ବଲ୍ଲଭ ପଟ୍ଟନାୟକ

# ଓଡ଼ିଶାରେ ସାଂସ୍କୃତିକ ପୁନରୁଦ୍ଧାର

ସାତକଡ଼ି ହୋତା

ଓଡ଼ିଆମାନେ ଏକ ପ୍ରାଚୀନ ସଂସ୍କୃତିର ଅଧିକାରୀ ବୋଲି ଗର୍ବ କରନ୍ତି । କିନ୍ତୁ ସଂସ୍କୃତି କଥା କହିଲାବେଳେ ଗୋଟିଏ ବିଷୟ ମନେ ରଖିବାକୁ ହେବ ଯେ ସଭ୍ୟତା ସହିତ ସଂସ୍କୃତିର ମଧ୍ୟ ପରିବର୍ତ୍ତନ ଘଟେ । ସଭ୍ୟତାରେ ସମୟାନୁକୂଳ ପରିବର୍ତ୍ତନ ନ ଘଟିଲେ ବିବର୍ତ୍ତନଧର୍ମୀ ମଣିଷ ଏକ ସ୍ଥିର ବିନ୍ଦୁରେ ରହିଯାଏ, ତେଣୁ ଏହି ସ୍ଥିତାବସ୍ଥା ପ୍ରଗତି ଓ ସଂସ୍କୃତିର ବିରୋଧୀ । ସଂସ୍କାର ମଧ୍ୟରୁ ସଂସ୍କୃତିର ଉତ୍ପତ୍ତି । ମଣିଷର ଜୀବନଚର୍ଯ୍ୟାରେ ନିରନ୍ତର ଉତ୍କର୍ଷ ଆଡ଼କୁ ଯାତ୍ରା କରିବାର ଯେଉଁ ପ୍ରୟାସ ତାହାହିଁ ତାକୁ ବିବର୍ତ୍ତନଧର୍ମୀ କରିଥାଏ ଏବଂ ସେହି ପ୍ରକ୍ରିୟାରୁ ଚେତନାର ବିକାଶ ଘଟିବା ସଙ୍ଗେ ସଙ୍ଗେ ଚଳଣିରେ ମଧ୍ୟ ପରିବର୍ତ୍ତନ ଘଟେ । ସେଥିପାଇଁ ସଂସ୍କୃତିକୁ ମଣିଷର ଜୀବନ ଧାରା ବୋଲି କୁହାଯାଇଥାଏ । ଏଲଭିନ୍ ହାଚ୍‌ଙ୍କ ଭାଷାରେ, ପ୍ରଚଳିତ ରୁଚି ଓ ରୀତି, ବ୍ୟବହାର ମୂଲ୍ୟବୋଧ, ବିଶ୍ୱାସ, ବ୍ୟବହାରିକ ପଦ୍ଧତି, ରାଜନୈତିକ ଅନୁଷ୍ଠାନ, ସଜୀୟ ଅର୍ଥନୈତିକ ଆଭିମୁଖ୍ୟ ପ୍ରଭୃତି ଏହାର ଅନ୍ତର୍ଗତ; ଯାହା ଜନ୍ମଗତ ଉତ୍ତରାଧିକାର ସୂତ୍ରରେ ନହୋଇ ଗୋଟିଏ ପୁରୁଷରୁ ଅନ୍ୟ ଗୋଟିଏ ପୁରୁଷକୁ ଶିକ୍ଷା ମାଧ୍ୟମରେହିଁ ପ୍ରଦାନ କରାଯାଇଥାଏ । ଏହା ବ୍ୟତୀତ ସଂସ୍କୃତି ସହିତ ସୃଜନଶୀଳତାର ମଧ୍ୟ ଗୋଟିଏ ଅବିଚ୍ଛେଦ୍ୟ ସମ୍ପର୍କ ରହିଛି । ସୃଜନଶୀଳତାହିଁ ମଣିଷ ଭିତରେ ନୂତନ ଚେତନା ଓ ନୂତନ ସୃଷ୍ଟି କରିବାର ଶକ୍ତି ଓ ସମ୍ଭାବନାକୁ ଜନ୍ମ ଦେଇଥାଏ । ତେଣୁ ସଂସ୍କୃତି କହିଲେ ଆମେ ଏପରି ଏକ ବ୍ୟାପକ ଅର୍ଥ ବୁଝୁ ଯାହା ମଣିଷର ଆଚରଣ, ଆଭିମୁଖ୍ୟ, କ୍ରିୟାଶୀଳତା, ରୁଚି ଓ ମୂଲ୍ୟବୋଧକୁ ଏକାବେଳେ ଆମ ଆଗରେ ପ୍ରକାଶିତ କରେ ।

ଓଡ଼ିଆ ସଂସ୍କୃତି ସଭ୍ୟତାର ବିବର୍ତ୍ତନ ମଧ୍ୟ ଦେଇ ଗତି କରି ଆସିଥିଲେହେଁ ତା'ର ନିଜସ୍ୱ ଶକ୍ତି, ଶୈଳୀ ଓ ସୃଜନଶୀଳତା ହରାଇ ନାହିଁ । କିନ୍ତୁ ସମୟୋଚିତ ସଂସ୍କାର ନହେବା ଯୋଗୁଁ ବେଳେ ବେଳେ ଏହା ସ୍ଥିତାବସ୍ଥା ବା ପରମ୍ପରାର ବଳୟ ଭିତରେ ନିଜକୁ ଦୁର୍ବଳ କରିଛି । ଓଡ଼ିଶା ଏହିପରି ସଙ୍କଟର ସମ୍ମୁଖୀନ ଥରେ ନୁହେଁ ବହୁବାର ହୋଇଛି । ସାଧାରଣତଃ ଊନବିଂଶ ଶତାବ୍ଦୀକୁ ଆମେ ଓଡ଼ିଆ ସଂସ୍କୃତି, ସାହିତ୍ୟ ଓ ସୃଜନଶୀଳତା କ୍ଷେତ୍ରରେ ଏକ ଅନ୍ଧକାର ଯୁଗ ବୋଲି ଚିହ୍ନିତ କରୁ । କିନ୍ତୁ ଊନବିଂଶ ଶତାବ୍ଦୀର ଶେଷ ଭାଗରେ ଓ ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଓଡ଼ିଶାର ଜନଜୀବନରେ ଯେପରି କର୍ମପ୍ରବଣତା, ଉତ୍କର୍ଷତା ଆଡ଼କୁ ଯାତ୍ରା କରିବାର ଅବିଚଳିତ ସଂଗ୍ରାମ ବା ଅପ୍ରତିହତ ଗଣଜାଗରଣ ଦେଖାଯିବାର କଥା, ତାହା ଦେଖାଯାଇ ନାହିଁ । ମଧୁସୂଦନ ଦାସ, ଗୋପବନ୍ଧୁ ଦାସ ପ୍ରଭୃତି ବରପୁତ୍ରମାନେ ଜନ୍ମଗ୍ରହଣ କରି ମଧ୍ୟ ଓଡ଼ିଶାର ଜନଜୀବନରେ ଉଦ୍ଦାମ ସଂଗ୍ରାମୀ ମନୋଭାବ ବା ଉଚ୍ଚାକାଂକ୍ଷା ସୃଷ୍ଟି କରାଯାଇ ପାରିନଥିଲା । ଫଳରେ ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇ ମଧ୍ୟ ଭାରତୀୟ ଜନଜୀବନରେ ଯେଉଁ ନୂତନ ଚେତନା, ଲକ୍ଷ୍ୟ ହାସଲ କରିବାଲାଗି ସଂଗ୍ରାମୀ ମନୋଭାବ ଓ ପ୍ରଚଳିତ ଜୀବନଧାରାରେ ପରିବର୍ତ୍ତନ ଆଣିବାର ସଚେତନ ଓ ସଂଘବଦ୍ଧ ଉଦ୍ୟମ ଦେଖାଦେଇଥିଲା ତାହା ଓଡ଼ିଶା ଆଚରଣଗତ କରିପାରି ନଥିଲା । ଫଳରେ ସ୍ୱାଧୀନତା ସଂଗ୍ରାମ ଗଣଶକ୍ତି ଓ ସୃଜନଶୀଳତାକୁ ଯେପରି ସଂଜୀବିତ ଓ ସଂକଳ୍ପବଦ୍ଧ ଉଦ୍ୟମଶୀଳତାରେ ପରିଣତ କରିବାରେ ସହାୟକ ହୋଇଥିଲା ଏଠାରେ ତାହା ସେପରି ବ୍ୟାପକ ଓ ଫଳପ୍ରସୂ ହୋଇପାରି ନଥିଲା । ଏହି କାରଣରୁ ଓଡ଼ିଆ ଚରିତ୍ରରେ

ସାମୟିକ ଅଧିନତାସହ ସ୍ଥିତାବସ୍ଥା ଓ ପାରମ୍ପରିକତାର ବନ୍ଧନରୁ ବାହାରି ଆସି ନୂତନକୁ ବରଣ କରିବାର ଦୁଃସାହସ ପ୍ରକଟିତ ହୋଇପାରି ନାହିଁ। ନ୍ୟୁନମନ୍ୟତାସହ ଗୋଟିଏ ପ୍ରକାର ବିଚ୍ଛିନ୍ନତା ବୋଧତାର ଆଚରଣ, ରୁଚି, ଆଦର୍ଶ ଓ କର୍ମପ୍ରବଣତାକୁ ଆଚ୍ଛନ୍ନକରି ରଖିଥିଲା । ଏପରି ଏକ ସ୍ଥିତିରୁ ଗୋଟିଏ ଜାତିକୁ ପ୍ରଚଣ୍ଡ କର୍ମପ୍ରବଣତାରେ ଭର୍ତ୍ତି ଦବା ସକାଶେ ଅନୁପ୍ରାଣିତ କରିବା ଓ ଆଳସ୍ୟ, ଅବିମୃଶ୍ୟକାରୀତା, ପରଶ୍ରୀକାତରତା ଏବଂ ହୀନମନ୍ୟତା ଭିତରୁ ଓଟାରି ଆଣି ନୂତନ ଜନଶୀଳତାର ସ୍ରଷ୍ଟାଭବରେ ପ୍ରତିଷ୍ଠିତ କରିବା ଯେ ଏକ ମହାନ କାର୍ଯ୍ୟ, ଏଥିରେ ସନ୍ଦେହ ନାହିଁ । ସେହି କାର୍ଯ୍ୟ ସ୍ୱାଧୀନତାଠାରୁ ଆରମ୍ଭ ହୋଇ ପାରିଥାଆନ୍ତା, କିନ୍ତୁ ହୋଇପାରିଲା ନାହିଁ । ଏବଂ ଆମକୁ ପ୍ରାୟ ତିରିଶ ବର୍ଷରୁ ଅଧିକ ସେଥିପାଇଁ ଅପେକ୍ଷା କରିବାକୁ ପଡ଼ିଲା । ଗୋଟିଏ ଜାତିର ସଂସ୍କୃତି ଜୀବନ୍ତ ଓ କ୍ରିୟାଶୀଳ ଅବସ୍ଥାରେ ନଥିଲେ ଜାତିର ପ୍ରାଣରେ ବା ଲୋକମାନଙ୍କ ମନରେ ସଙ୍କଳ୍ପ ବା ସ୍ପନ୍ଦନ ସୃଷ୍ଟି କରେ ନାହିଁ । ଅଥଚ ସଂସ୍କୃତିର ଧର୍ମ ହେଉଛି ଏହି ଯେ ଏହା ନିରନ୍ତର ବ୍ୟକ୍ତି ଓ ସମଷ୍ଟିକୁ ଊର୍ଦ୍ଧ୍ୱମୁଖୀ ଓ ଅଗ୍ରଗାମୀ କରିବାରେ ସହାୟତା କରିଥାଏ । ସେଥିପାଇଁ ସଭ୍ୟତା ଓ ସଂସ୍କୃତିକୁ ଉତ୍କର୍ଷତା ଆଡ଼କୁ ଯାତ୍ରା ବୋଲି ଅଭିହିତ କରାହୁଏ ।

ଗୋଟିଏ ଜୀବନ୍ତ ସଂସ୍କୃତି ଲୋକ ଚରିତ୍ରର ପ୍ରଧାନ ଆଧାର ହେବା ଉଚିତ । ମଣିଷର ଅନ୍ତସତ୍ତା ସହିତ ଏହାର ବାହ୍ୟ ସ୍ୱରୂପ ସଂସ୍କୃତିଦ୍ୱାରାହିଁ ନିୟନ୍ତ୍ରିତ ହୁଏ । ସୁତରାଂ ସଂସ୍କୃତି ମଣିଷର ଆଚାର ବ୍ୟବହାରରେ ସଦାବେଳେ ପ୍ରସ୍ଫୁଟିତ ହୁଏ । ଯେଉଁଠାରେ ଏହି କ୍ରିୟା ଶିଥିଳ ବା କୁସଂସ୍କାରଗ୍ରସ୍ତ ଓ ସଂକୀର୍ଣ୍ଣ ସେଠାରେ ସଂସ୍କୃତିର ଧର୍ମ ସାଧିତ ହୁଏ ନାହିଁ; ବରଂ ସଂସ୍କୃତି ନାମରେ ଅପସଂସ୍କୃତିର ସୃଷ୍ଟି ହୁଏ । ସ୍ୱାଧୀନତା ପରେ ଓଡ଼ିଆ ସଂସ୍କୃତିର ପୁନରୁଦ୍ଧାର ପାଇଁ ସମ୍ୟକ୍ ଚେଷ୍ଟା ଯେ ହୋଇ ନାହିଁ ତାହା କହି ହେବ ନାହିଁ; କିନ୍ତୁ ଏହା ଯେପରି ବ୍ୟାପକ ହେବାର କଥା ତାହା ହୋଇ ନାହିଁ । ଏହି କାରଣରୁ ସାହିତ୍ୟ ଓ କଳା, କୃଷି, ବିଜ୍ଞାନ ଓ ଶିଳ୍ପ, ସ୍ଥାପତ୍ୟ ଓ ବିଭିନ୍ନ ସୃଜନାତ୍ମକ କ୍ଷେତ୍ରରେ ଓଡ଼ିଆମାନେ ଯେପରି ଅଫୁରନ୍ତ ପ୍ରାଣଶକ୍ତିର ପରିଚୟ ଦେବାର କଥା ତାହାଦେଇ ପାରି ନାହାନ୍ତି । ଓଡ଼ିଶୀ ସଂଗୀତ ଓ ନୃତ୍ୟ ଓଡ଼ିଆ ସାହିତ୍ୟ ଓ ଅର୍ଥନୈତିକ ବିକାଶରେ କେତେକ ଆଖି ଦୃଶିଆ କାର୍ଯ୍ୟ ହୋଇଛି ସତ; କିନ୍ତୁ ସାମଗ୍ରିକ ଭବରେ ସମଗ୍ର ଜନଜୀବନକୁ ସ୍ପନ୍ଦିତ କରି ସେମାନଙ୍କ ମଧ୍ୟରେ ଆବଶ୍ୟକ ହେଉଥିବା ଉଚ୍ଚାଭିଳାଷ ଓ ଦୁଃସାହସ ସହିତ କାମ କରିବାର ଦୁର୍ବାର ପ୍ରେରଣା ସୃଷ୍ଟି କରି ପାରି ନାହିଁ । ଏହା କରିବା କିନ୍ତୁ ଜୀବନ୍ତ ସଂସ୍କୃତିର କାର୍ଯ୍ୟ । ସେଥିପାଇଁ ସଂସ୍କୃତି ଭିତରେ ଅପସଂସ୍କୃତିର ଅପମିଶ୍ରଣକୁ ପ୍ରତିରୋଧ କରିବାକୁ ହୁଏ । ଏହା କେତେବେଳେ ପରମ୍ପରା ଓ ପ୍ରଚଳିତ ବିଶ୍ୱାସ ଓ ବ୍ୟବହାର ନାମରେ ଯେଉଁ କୁସଂସ୍କାର ବା ଅଗ୍ରହଣୀୟ ଅସାର ବିଚାର ଜନଜୀବନରେ ଆଦୃତ ହୋଇ ଯାଇଥାଏ ତାହା ଚିହ୍ନଟ କରି ସେଗୁଡ଼ିକୁ ବହିଷ୍କାର କରିବାକୁ ହୁଏ । ଏହି କାର୍ଯ୍ୟ ଆପେ ଆପେ ହୋଇ ଯାଏନାହିଁ । ସେଥିଲାଗି ସୁଚିନ୍ତିତ ସଚେତନ ଉଦ୍ୟମ ଆବଶ୍ୟକ ହୁଏ । ପ୍ରାୟ ଦେଢ଼ଶହ ବର୍ଷର ଶିଥିଳତା ଓଡ଼ିଆ ସଂସ୍କୃତିକୁ ସେଥିପାଇଁ କାବୁକରି ରଖିଥିଲା ।

ଓଡ଼ିଆ ସଂସ୍କୃତି ଓ ପରମ୍ପରାରେ ଅତୀତରେ ସମନ୍ୱୟ ଓ ସଂହତିର ଯେଉଁ ସ୍ୱର ବହୁକାଳ ଧରି ଜନଜୀବନକୁ ସ୍ପନ୍ଦିତ କରିଥିଲା ଇତିହାସର ଗୌରବାବହ ଘଟଣା ଗୁଡ଼ିକ ତାହାର ଜୀବନ୍ତ ସାକ୍ଷୀ । ସେହିପରି ସେତେବେଳର କୀର୍ତ୍ତି କାଳଜୟୀ ଓ ଚାକୁଲ୍ୟମାନ । କୋଣାର୍କ, ପୁରୀ, ଭୁବନେଶ୍ୱର ନୃସିଂହନାଥ ଶିବିଙ୍ଗ ଓ ଅନ୍ୟ ସ୍ଥାନର ସ୍ଥାପତ୍ୟ କଳା ସେହିପରି ଏକ ସମୁନ୍ନତ ସଂସ୍କୃତିର ନିଦର୍ଶନ; ପୁଣି ଶାରଳା ସାହିତ୍ୟ ଜଗନ୍ନାଥ ଦାସଙ୍କ ସମୟର ସାହିତ୍ୟ ଓ ତା ପରବର୍ତ୍ତୀ ସାହିତ୍ୟ ଓ କଳା ସେତେବେଳର ଜନଜୀବନରେ ଆଦୃତ ସଂସ୍କୃତିର ପ୍ରକୃତ ପରିଚୟ ।

ପ୍ରାୟ ଦେଢ଼ଶହ ବର୍ଷର ଆଳସ୍ୟ ଓ ଅକର୍ମଣ୍ୟତା ଭିତରୁ ବାହାରି ଆସିବା ସହଜ ନୁହେଁ । ଭୌଗଳିକ ଓ ଐତିହାସିକ କାରଣରୁ ଓଡ଼ିଶାର ଓଡ଼ିଆତ୍ୱ ବା ଓଡ଼ିଆ ଜାତୀୟତା କେବଳ ତିନି ଚାରୋଟି ଜିଲ୍ଲା ଭିତରେ ସୀମାବଦ୍ଧ ଥିଲା କହିଲେ ଚଳେ; ଅନ୍ୟତ୍ର ଯାହା ହୋଇଛି ତାହା ସୀମିତ । ଗୋଟିଏ ପତିତ ଓ ନିଷ୍ପେଷିତ ଜାତିକୁ ଉଦ୍ଧାର କରି ଉପରକୁ ଉଠାଇବାର ଦାୟିତ୍ୱ ଅତି ବିରାଟ । ମଧୁବାରିଷ୍ଟର, ଗୋପବନ୍ଧୁ ଦାସ, ଫକୀର ମୋହନ ସେନାପତି, ଗଙ୍ଗାଧର ମେହେର, ଗୌରୀ ଶଙ୍କର, ରାଧାନାଥ ଓ ଭକ୍ତକବି ମଧୁସୂଦନ, ପାରଳାଖେମୁଣ୍ଡିର ମହାରାଜା ପ୍ରଭୃତି ମହାରଥୀମାନେ ଏହି ଦାୟିତ୍ୱକୁ କେବଳ ଗ୍ରହଣ କରି ନଥିଲେ; ଏହାକୁ ଏକ ଚ୍ୟାଲେଞ୍ଜ୍ ଭବରେ ଗ୍ରହଣ କରି ଓଡ଼ିଆ ମାନଙ୍କୁ ସଂଗଠିତ କରି ସେମାନଙ୍କ ଭିତରେ ପୁଣି ମର୍ଯ୍ୟାଦା ଓ ଏକତ୍ୱବୋଧ ସୃଷ୍ଟି କରିବା ସକାଶେ ସର୍ବାଗ୍ରେ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ଓ ଓଡ଼ିଆ ଭାଷାକୁ ଏକ ସ୍ୱତନ୍ତ୍ର ଭାଷା ଭବରେ ପ୍ରତିଷ୍ଠିତ କରିବା ଯେ ଦରକାର ତାହା ହୃଦୟଙ୍ଗମ କରି ସେଥିପାଇଁ ଯେଉଁ ଶ୍ରମ ଓ ତ୍ୟାଗ କରି ଯାଇଛନ୍ତି ତାହା ଇତିହାସର ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ସ୍ୱତନ୍ତ୍ର ପ୍ରଦେଶ ସହଜରେ ସୃଷ୍ଟି ହୋଇ ନାହିଁ । ଓଡ଼ିଆ ଭାଷା ଓ ସାହିତ୍ୟର ସ୍ୱାଭିମାନ ସହଜରେ ଫେରି ଆସି ନାହିଁ । ସେଥିପାଇଁ ଅକ୍ଳାନ୍ତ ପରିଶ୍ରମ, ସଚେତନ ଉଦ୍ୟମ କରିବାକୁ ପଡ଼ିଛି । ସଂସ୍କୃତି ଏହି କାର୍ଯ୍ୟକୁ ସହଜ କରିଛି । ଓଡ଼ିଆ ସଂସ୍କୃତି ଲୋପ ପାଇ ଯାଇଥିଲେ ଏହି ଜାତୀୟ କାର୍ଯ୍ୟ ଅଧା ବାଟରେ ଅଟକି ଯାଇଥାଆନ୍ତା । ଇତିହାସର ଅନ୍ଧକାର ଭିତରୁ ଜାତିମାନ ଜଗତକୁ ବାହାରି ଆସି ନିଜର ଯୋଗ୍ୟ ସ୍ଥାନ ଅଧିକାର କରିବାର ଭାଗ୍ୟ ଓ ଗୌରବ ସବୁ ଜାତିର ହୁଏନାହିଁ, ସେଥିପାଇଁ ଏକ ଶୁଭ ମୁହୂର୍ତ୍ତ ଓ ଅଶେଷ ତ୍ୟାଗ ଓ ତପସ୍ୟାର ପ୍ରୟୋଜନ ହୁଏ । ଜାତିର ଜୀବନରୁ ଆଳସ୍ୟ ଓ ଜଡ଼ତା, ଅବିମୃଶ୍ୟକାରିତା ଓ ହୀନମନ୍ୟତା ଦୂର କରି ସେମାନଙ୍କ ଭିତରେ ଉଦାମ କର୍ମଚଞ୍ଚଳତା ଓ ସଂକଳ୍ପବଦ୍ଧ ଉଦ୍ୟମ ସହିତ ଉଚ୍ଚାଭିଳାଷ ସୃଷ୍ଟି କରିବା ଏକ ଐତିହାସିକ କାର୍ଯ୍ୟ । ସେହି କାର୍ଯ୍ୟ ପାଇଁ ବିଂଶ ଶତାବ୍ଦୀର ପ୍ରଥମ ଭାଗରେ

ଯେଉଁ କାମ ହୋଇଛି ତାର ପ୍ରଭାବ ପରେ କିନ୍ତୁ ଶିଥିଳ ହୋଇଛି । ସ୍ୱାଧୀନତା ସଂଗ୍ରାମର ଉଚ୍ଛ୍ୱସିତ ଧ୍ୱନି ଜନଗଣଙ୍କର ପ୍ରାଣକୁ ଓ ଭାରତର ବହୁ ସ୍ଥାନକୁ ନିନାଦିତ କରୁଥିଲା ବେଳେ ଏବଂ ପରିବର୍ତ୍ତନ ପାଇଁ ଜନଜୀବନରେ ଅପୂର୍ବ ଉନ୍ମାଦନା ଓ ତ୍ୟାଗ କରିବାର ସ୍ପୃହା ସୃଷ୍ଟି କରୁଥିଲା ବେଳେ ଓଡ଼ିଶାତ ପଛରେ ପଡ଼ି ଯାଇଥିଲା । ସ୍ୱାଧୀନତା ସଂଗ୍ରାମ ଯେ ଓଡ଼ିଶାର ପ୍ରତ୍ୟେକ ଅଞ୍ଚଳ ଓ ପ୍ରତ୍ୟେକ ଓଡ଼ିଆ ବା ଅଧିକାଂଶ ଓଡ଼ିଆଙ୍କୁ ସଚେତନ କରିପାରିନଥିଲା ଏହା କଅଣ ଅଭଥରେ ଛାଡ଼ିଦବାକୁ ହେବ ? ସେଥିଲାଗି ମହାଭାରତୀୟ ଜୀବନ ସ୍ରୋତରେ ଓଡ଼ିଶାର ଯୋଗଦାନ ଯେପରି ଦୁର୍ବଳ; ଓଡ଼ିଶାର ସ୍ୱକୀୟ ଜୀବନସ୍ରୋତରେ ଏହାର ଜୟଯାତ୍ରା ସେହିପରି ଅଦୃଶ୍ୟ ସେଥିପାଇଁ ସ୍ୱାଧୀନତା ଅର୍ଜନ କରିବା ପରେ ପରେ ଜନଜୀବନକୁ ସଂଗଠିତ କରି ଜାତିର ସାମଗ୍ରିକ ବିକାଶରେ ଲୋକମାନଙ୍କୁ ତତ୍ପର ଓ ତତ୍ପର କରିବା କାର୍ଯ୍ୟ କରାଯାଇ ପାରିନାହିଁ । ଜୀବନ୍ତ ସଂସ୍କୃତିଟିଏ ସଦାବେଳେ ମଣିଷ ଭିତରେ ଉଚ୍ଚାକାଂକ୍ଷା ସୃଷ୍ଟି କରେ, ଉତ୍କ୍ଷିପ୍ତ ଆଦର୍ଶକୁ ଯାହା ଚରିତାର୍ଥ କରିବାଲାଗି ଅନୁପ୍ରାଣିତ କରେ ଏବଂ ଲକ୍ଷ୍ୟରେ ପହଞ୍ଚିବାପାଇଁ କର୍ମ ପ୍ରବଣତା ସୃଷ୍ଟି କରେ । ସେତେବେଳେ ଓଡ଼ିଆ ସଂସ୍କୃତିର କ୍ଷେତ୍ର ସୀମିତ ଥିବାରୁ ଏବଂ ସଂସ୍କୃତି ନାମରେ ଅପ ସଂସ୍କୃତି ଜନଜୀବନରେ ପ୍ରାଧାନ୍ୟ ପାଇ ଯାଇଥିବାରୁ; ସେହି ମୋହଗ୍ରସ୍ତ ଲୋକମାନଙ୍କୁ ଉଦ୍ଧାର କରି ଅନ୍ଧବିଶ୍ୱାସ ସହିତ ପରମ୍ପରା ନାମରେ ସେମାନଙ୍କୁ ଅବଶ କରୁଥିବା ବହୁ ଆଚାର ଓ ପ୍ରଥା ପଦ୍ଧତିର ବନ୍ଧନ ଛିନ୍ନକରି ସାଲିସ ବିହୀନ ଜୀବନ ସଂଗ୍ରାମର ମୁକାବିଲା କରିବା ଲାଗି ସେମାନଙ୍କୁ ପ୍ରସ୍ତୁତ କରାଇବା ଓ ସେମାନଙ୍କ ମଧ୍ୟରେ ନୂତନ କିଛି କରିବାର ଉନ୍ମେଷଶୀଳତା ସୃଷ୍ଟି କରିବା ଦୁଷ୍କର କାର୍ଯ୍ୟ ହେଲେ ମଧ୍ୟ ସେଥିପାଇଁ ଅଂଗୀକାରବଦ୍ଧ ଉଦ୍ୟମ ଆରମ୍ଭହେଲା ଅନେକ ବିଳମ୍ବରେ । ସ୍ୱାଧୀନତାର ଶୁଭମୁହୂର୍ତ୍ତରୁ ଅନେକ ରାଜ୍ୟରେ ସାମାଜିକ, ଅର୍ଥନୈତିକ ଓ ସାମଗ୍ରିକ ବିକାଶ ଲାଗି ଯେପରି ବୀର ବିକ୍ରମରେ କାର୍ଯ୍ୟ କରି ଯାଇଥିଲା, ତାହା ଓଡ଼ିଶାର ଜନ ଜୀବନରେ ଜାଗରଣ ଓ ନେତୃତ୍ୱ ଅଭାବରୁ ହୋଇ ପାରିନାହିଁ କହିଲେ ଅନେକ ଆଚମ୍ବିତ ହେବେ, କିନ୍ତୁ ଏହାହିଁ ସତ୍ୟ ।

ସେଥିଲାଗି ଓଡ଼ିଶାର ଅର୍ଥନୈତିକ ଅଭ୍ୟୁଦୟ ସହିତ ଏହାର ସାଂସ୍କୃତିକ ପୁନରୁତ୍ଥାନର ସମୟଟିକୁ ଚିହ୍ନିତ କରାଯାଏ । ପ୍ରାୟ ଏକ ସମୟରେ ଏହା ହୋଇ ପାରିଛି । ଏହାହିଁ ସଂସ୍କୃତିର ସହଜାତ କ୍ରିୟା । ସଭ୍ୟତାର ଜୟଯାତ୍ରାରେ ସଂସ୍କୃତି ସବୁକାଳରେ ପ୍ରେରଣାର ଉତ୍ସ ହୋଇ ଆସିଛି । ସଂସ୍କୃତି ବୈଠକ ଖାନାର ସାଜସଜ୍ଜା ବା ଲଘୁ ଗୋଷ୍ଠୀର ବାକ୍ୟ ବିନିମୟ ମଧ୍ୟରେ ଆବଦ୍ଧ ନୁହେଁ ; ଏହାର ପ୍ରତିଫଳନ ଜନଜୀବନରେ । ଜନଜୀବନରେ ନୂତନ ଉର୍ଦ୍ଧ୍ୱମୁଖୀ ଆକାଂକ୍ଷା ସୃଷ୍ଟି କରିବା ଓ ଲୋକ ଚରିତ୍ରରେ ଜମାଟ ବାନ୍ଧିଥିବା ଶିଥିଳତା ଓ ଅନ୍ୟାନ୍ୟ ଅଦକ୍ଷତାକୁ ବହିଷ୍କାର କରିବା ସଂସ୍କୃତିର କାର୍ଯ୍ୟ । ସେଥିପାଇଁ ପରିବର୍ତ୍ତନ ଆଣିବା ପୂର୍ବରୁ ସଂସ୍କୃତି ଭିତରୁ ଅପସଂସ୍କୃତିକୁ ବିତାଡ଼ିତ କରି ଏହା ଯେପରି ଆଉ ଜନଜୀବନକୁ ପ୍ରଭାବିତ ନକରେ ସେହିପରି ଯୋଜନାବଦ୍ଧ ଉଦ୍ୟମ ହେବା ବାଂଛନୀୟ । ଗତ ଦଶନ୍ଧିରେ ଓଡ଼ିଶାକୁ ଏକ ଆଗୁଆ ରାଜ୍ୟ ଭାବରେ ଗଢ଼ିବାର ସଂକଳ୍ପ ଓ ସାଧନାରେ ଯେଉଁ ନୂତନ ଉଦ୍ୟମଶୀଳତା ଓ ଆଗ୍ରହ ପ୍ରକଟିତ ହେଉଛି, ତାହା ଜାଗ୍ରତ ସଂସ୍କୃତିର ଅବଦାନ । ଗତ ଦଶବର୍ଷ ଭିତରେ ଓଡ଼ିଆ ସଂସ୍କୃତିକୁ ଆଦରଣ ଗତ ଓ ସହାୟ କରିବା ସକାଶେ ଯେପରି ଉଦ୍ୟମ ହୋଇଛି, ତାହା ବିଗତ ଦେଢ଼ଶହ ବର୍ଷରୁ ଉର୍ଦ୍ଧ୍ୱ ସମୟ ମଧ୍ୟରେ ହୋଇ ନଥିଲା । ଅର୍ଥନୈତିକ ବିକାଶ ସହିତ ଜାତିର ସାମଗ୍ରିକ ବିକାଶ ଜଡ଼ିତ । ପୁଣି ଏହି ବିକାଶର ଧାରା ଯେତିକି ବ୍ୟାପ୍ତ ଓ ସାର୍ବଜନୀନ ହେବ; ଏହାର ସୁଫଳ ସେତିକି ବେଶୀ ଅନୁଭୂତ ହେବ । ଓଡ଼ିଶା ଭୌଗଳିକ ଦୃଷ୍ଟିରୁ ୧୯୪୮ରୁ ଏକ ହୋଇ ସାରିଥିଲା; କିନ୍ତୁ ଯୋଗା ଯୋଗ ଓ ସାମାଜିକ ପ୍ରଚଳନର ଅଭାବ ଓ ଅସୁବିଧା ଯୋଗୁ ଓଡ଼ିଶାର ବିଭିନ୍ନ ଅଞ୍ଚଳ ମଧ୍ୟରେ ଏକ ବିଚ୍ଛିନ୍ନତା ବୋଧ ସୃଷ୍ଟି ହୋଇ ଯାଇଥିଲା । ପଶ୍ଚିମ ଓଡ଼ିଶା ସହିତ ଉପକୂଳ ଓଡ଼ିଶାର ସାମାଜିକ ସଂପର୍କ ଯେପରି ଅବହେଳିତ ଅବସ୍ଥାରେ ଥିଲା, ସେହିପରି ନଦୀମାତୃକା ଦେଶ ଓ ପାହାଡ଼ ପର୍ବତ ପୂର୍ଣ୍ଣ ଏଇ ଭୂଖଣ୍ଡର ବହୁ ଅଞ୍ଚଳ ସହିତ ରାଜଧାନୀର ସଂପର୍କ ଶିଥିଳ ଅବସ୍ଥାରେ ଥିଲା । ଏହି ଶିଥିଳତା ଓ ବିଚ୍ଛିନ୍ନତାବୋଧ ସଂସ୍କୃତି ଓ ବିକାଶ ବିରୋଧୀ ବହୁକାଳ ପରେ ଓଡ଼ିଶାର ବିପୁଳ ପ୍ରାକୃତିକ ସଂପଦର ସଦୁପଯୋଗ କରି ଏହାର ସର୍ବାଙ୍ଗୀନ ଅର୍ଥନୈତିକ ବିକାସ ଘଟାଇବା ସକାଶେ ସୁପରିକଳ୍ପିତ ଉଦ୍ୟମ ଆରମ୍ଭ ହେଲା । ଯୋଗାଯୋଗର ସୁବ୍ୟବସ୍ଥା କରି ବିଭିନ୍ନ ଅଞ୍ଚଳର ଲୋକମାନଙ୍କ ମଧ୍ୟରେ ଗଢ଼ି ଉଠିଥିବା ନୈରାଶ୍ୟ ଓ ବିଚ୍ଛିନ୍ନତାବୋଧ ଦୂର କରିବା ଏହି ପରିକଳ୍ପନାର ଅନ୍ତର୍ଗତ । ଏଥିପାଇଁ ଆଜି କୋରାପୁଟର ଦୁର୍ଗମ ସ୍ଥାନ ଅତିକ୍ରମ କରି ନୂତନ ରେଳପଥ ପଡ଼ୁଛି, ପଶ୍ଚିମାଞ୍ଚଳର ନାଭିକେନ୍ଦ୍ର ସମ୍ବଲପୁର ସହିତ ଓଡ଼ିଶାର ରାଜଧାନୀ ଓ ଉପକୂଳ ଅଞ୍ଚଳକୁ ସଂଯୋଗ କରି ଦୂରତ୍ୱର ବାଧା ଘୁଞ୍ଚାଇବା ଲାଗି ରେଳପଥ ନିର୍ମାଣ କରା ଯାଉଛି । କଟକ ଜିଲା ସହିତ କେନ୍ଦୁଝର ଜିଲାର ବିରାଟ ଖଣି ଅଞ୍ଚଳକୁ ସଂଯୁକ୍ତ କରି ପାରାଦୀପ ବନ୍ଦରର ପଶ୍ଚାତ୍ ଦେଶ ସହିତ ଏହାକୁ ସଂଯୋଗ କରିବା ଲାଗି ଉଦ୍ୟମ ହେଉଛି । ଖାଲି ରେଳ ଯୋଗାଯୋଗ ନୁହେଁ, ସଡ଼କ ପଥର ସଂପ୍ରସାରଣ ଓ ଆକାଶମାର୍ଗରେ ଚଳାଚଳର ସୁବିଧା ବୃଦ୍ଧି କରିବା ଦ୍ୱାରା ଅତୀତର ସେଇ ବିଚ୍ଛିନ୍ନତା ବୋଧ ଓଡ଼ିଆପ୍ରାଣକୁ ଆଉ ନିପୀଡ଼ିତ କରି ନାହିଁ । ଏଥି ସହିତ ଡାକ, ତାର, ଟେଲିଫୋନ, ଦୂରଦର୍ଶନ ରେଡ଼ିଓ ଓ ଅନ୍ୟାନ୍ୟ ଗଣ-ମାଧ୍ୟମର ଦ୍ରୁତ ବିକାଶ କରାଯାଉଛି । ଗଣ ମାଧ୍ୟମର ବିକାଶ ଘଟିଲେ, ଲୋକଙ୍କ ମଧ୍ୟରେ ସଂଯୋଗ ଓ ସମ୍ପର୍କ ପାଇଁ ଆଗ୍ରହ ସୃଷ୍ଟି ହୁଏ । ଏହି ଆଗ୍ରହରୁ ସାମାଜିକତାର ସୃଷ୍ଟି ଏବଂ ସାମାଜିକତା ସାମାଜିକ ପ୍ରଚଳନର ସହାୟକ । ସଂସ୍କୃତି ସାମାଜିକତାକୁ ପରିପୁଷ୍ଟ କରେ । ସମାଜରେ

ପରିବର୍ତ୍ତନର ପଥରୋଧ କରି ଛିଡ଼ା ହୋଇଥିବା ଅନ୍ଧ ବିଶ୍ୱାସ, କୁସଂସ୍କାର, ମତାନ୍ଧତା, ହିଂସା ଓ ହଠକାରୀତା । ସଂସ୍କୃତି ଆଚରଣଗତ କରିବାଦ୍ୱାରାହିଁ ଦୂର ହୁଏ । ଓଡ଼ିଶାକୁ ପ୍ରଗତି ପଥରେ ନେଇଯିବାପାଇଁ ଜନ ଚରିତ୍ରକୁ ସଂଶୋଧନ କରିବାର ଏବଂ ଜନଚରିତ୍ରରୁ ଜଡ଼ତା, ନ୍ୟୁନମନ୍ୟତା ଦୂରକରି ସେମାନଙ୍କ ଭିତରେ ଉଚ୍ଚାକାଂକ୍ଷା, ଦୁଃସାହସ, କର୍ମପ୍ରବଣତା ସୃଷ୍ଟି କରିବା ଜନନାୟକମାନଙ୍କର କର୍ତ୍ତବ୍ୟ । ଏହି କର୍ତ୍ତବ୍ୟ ଯେତିକି ଆତ୍ମପ୍ରତ୍ୟୟର ସହିତ ଅଙ୍ଗୀକାରବଦ୍ଧ ଭାବରେ ସମାହିତ ହେବ, ସଂସ୍କାର ବା ପରିବର୍ତ୍ତନ ସେତିକି ବେଗରେ ସାଧିତ ହୋଇ ପାରିବ । ଅଦୂରଦର୍ଶିତା, ଲକ୍ଷ୍ୟହୀନତା ଓ ନିର୍ଲିପ୍ତତା ସବୁକାଳରେ ସବୁ ସମୟରେ ଚରିତ୍ରର କଳଙ୍କ । ପ୍ରତ୍ୟେକ ବ୍ୟକ୍ତି ଭିତରେ ଯେଉଁ ଲୁକ୍କାୟିତ ଗବେଷଣାଶୀଳତା ରହିଛି ତାକୁ ପ୍ରକାଶ କରିବା ସକାଶେ ଆବଶ୍ୟକ ଭିତ୍ତିଭୂମି ପ୍ରସ୍ତୁତ କରିବାକୁ ହୁଏ । ସେହି ଭିତ୍ତିଭୂମି ହେଲା ଦେଶରେ ସାମାଜିକ ନ୍ୟାୟର ମାନ୍ୟତା ଓ ପ୍ରଚଳନ । ଆଇନର ଶାସନ କେବଳ ନୀତି ଭାବରେ ଗ୍ରାହ୍ୟ ନହୋଇ ଶାସନରେ ଏହାର ପ୍ରତିଫଳିତ ହେବ ଏବଂ ଆର୍ଥିକ ବୈଷମ୍ୟ, ଧର୍ମ ଓ ଜାତିଗତ ପାର୍ଥକ୍ୟର ଦୂରୀକରଣ କରିବାରେ ଶାସନର ସହାୟ ଓ ଗଠନମୂଳକ ଭୂମିକା ଗ୍ରହଣ କରିବ । ସରକାର ଗୋଟିଏ ଦଳଦ୍ୱାରା ଗଠିତ ହୁଏ; କିନ୍ତୁ ଏହାର କାର୍ଯ୍ୟ କେବଳ ସେହି ଦଳଭୁକ୍ତ ବା ସମର୍ଥକମାନଙ୍କ ମଧ୍ୟରେ ସୀମାବଦ୍ଧ ରହି ନ ପାରେ । ଯେତେବେଳେ ସବୁ ଅଞ୍ଚଳର, ସବୁ ଶ୍ରେଣୀ ଓ ଦଳ ମତର ଲୋକ ଅନୁଭବ କରିବେ ଯେ ଅର୍ଥନୈତିକ ବିକାଶ ସହିତ ସାମାଜିକ ନ୍ୟାୟର ସୁଫଳର ମଧ୍ୟ ସେମାନେ ଅଧିକାରୀ; ସେତେବେଳେ ଜାତି ଗଠନ ଓ ଅର୍ଥନୈତିକ ବିକାଶ ଏବଂ ସାମାଜିକ କଲ୍ୟାଣମୂଳକ କାର୍ଯ୍ୟରେ ସେମାନେ କେବଳ ସହଯୋଗ କରିବେ ନାହିଁ, ସେଥିରେ ଆଗ୍ରହର ସହିତ ଅଂଶ ଗ୍ରହଣ କରିବେ ।

ଲୋକମାନଙ୍କୁ ଭଲ କାର୍ଯ୍ୟରେ ପ୍ରବୃତ୍ତ କରିବାର ଦାୟିତ୍ୱ କେତେକ ସମାଜ ସଂସ୍କାରକଙ୍କ ଉପରେ ଛାଡ଼ି ଦିଆଯାଇ ପାରିବ ନାହିଁ; ଶାସକ ଓ ଶାସନ ବାହାରେଥିବା ବୁଦ୍ଧିଜୀବି, ସମାଜ ସେବୀ ଓ ଜନନାୟକମାନଙ୍କୁ ଏହାର ଦାୟିତ୍ୱ ବହନ କରିବାକୁ ପଡ଼ିବ । ଏହି ପ୍ରକ୍ରିୟାଟି ଉଣାଅଧିକେ ଆରମ୍ଭ ହୋଇଛି; କିନ୍ତୁ ଏଥିରେ ସଫଳତା ଅର୍ଜନ କରିବା ଏହାର ଭିତ୍ତିଭୂମିର ବ୍ୟାପକତା ଓ ଦୃଢ଼ତା ଉପରେ ନିର୍ଭର କରେ । ଏହା ଯେତିକି ସଫଳ ହେବ ଜାତିଗଠନ କାର୍ଯ୍ୟରେ ଦେଖାଯାଉଥିବା ତ୍ରୁଟି ଓ ଜନ-ଜୀବନରେ ଆଦୃତ ହୋଇଯାଇଥିବା ଭ୍ରଷ୍ଟାଚାର ପ୍ରତି ଲୋକ—ମାନଙ୍କର ସଚେତନତା ସେତିକି ବଢ଼ିବ ଏବଂ ସେମାନେ ନୀରବଦ୍ରଷ୍ଟା ଭାବରେ ଛିଡ଼ା ନହୋଇ ଜାତୀୟ କାର୍ଯ୍ୟରେ ଅଂଶ ଗ୍ରହଣ କରିବେ । ଲୋକମାନଙ୍କ ଭିତରେ କର୍ମାଭିମୁଖୀ ସଂସ୍କୃତିକୁ ଆଚରଣଗତ କରାଇବାର ଆବଶ୍ୟକତା ରହିଛି । ସଂସ୍କୃତି ମନରେ ଶୃଙ୍ଖଳା, ସଦାଚରଣ ଓ ପ୍ରତ୍ୟାଶା ସୃଷ୍ଟି କରେ । କର୍ତ୍ତବ୍ୟ ଓ ଅଧିକାର ସମ୍ପର୍କରେ ବ୍ୟକ୍ତିକୁ ସଚେତନ କରାଏ । ପ୍ରତ୍ୟାଶା ଓ କର୍ତ୍ତବ୍ୟ ବୋଧ ଉଦ୍ୟମ- ଶୀଳତା ସୃଷ୍ଟି କରନ୍ତି । ସଂସ୍କୃତିରେ ଯେଉଁ ଉଦରଣଶୀଳତା ରହିଛି ତାହାହିଁ ଉପରକୁ ଉଠିବାର ଉତ୍କ୍ଷେପଣ ଭୂମି । ସେଇ ଭୂମି ଦୃଢ଼ ହୁଏ ସାଂସ୍କୃତିକ ଚେତନା ଶକ୍ତିଶାଳୀ ହେଲେ । ଓଡ଼ିଶା ଭୂଇଁ ଏକ ପ୍ରାଚୀନ ସଂସ୍କୃତି ଓ ଐତିହ୍ୟର ବହୁ ଉତ୍‌ଥାନ ଓ ପତନ ପ୍ରତ୍ୟକ୍ଷ କରିଛି । କଳିଙ୍ଗ, ଉତ୍କଳ, ଓଡ଼ିଶା କେଉଁଟି ଅଧିକ ଗ୍ରହଣ ଯୋଗ୍ୟ ସେ ବିଷୟରେ ବିତର୍କ କରି ଲାଭ ନାହିଁ । ରାଜ୍ୟଜୟ କରିବାର ବେଳ ଗଳିଯାଇଛି । ରାଜ୍ୟ ଓ ରାଜନୀତି ଏ ବେ ଆଉ ସଧାରଣ ଲୋକଙ୍କର ଆୟତ୍ତର ବାହାରେ ନୁହେଁ; ସେମାନେ ସାର୍ବଭୌମ ନାଗରୀକ ଏବଂ ସେମାନଙ୍କର ଅଧିକାର ଓ କର୍ତ୍ତବ୍ୟ ସଂବିଧାନର ଅନ୍ତର୍ଗତ । ଗଣତନ୍ତ୍ରର ସଫଳତା ଗଣ ଜୀବନରେ ଶୃଙ୍ଖଳା, ସଂଗଠନ, ସହଯୋଗ, ସଂହତି ଓ ସମନ୍ୱୟ ଉପରେ ନିର୍ଭର କରେ । ଏଗୁଡ଼ିକ ସଂସ୍କୃତିର ଆଧାର । ସୁତରାଂ ବ୍ୟକ୍ତିଗତ ଓ ସାମାଜିକ ଜୀବନରେ ସଂସ୍କୃତି ପ୍ରାଧାନ୍ୟ ପାଇଲେ ଏଦିଗରେ ଲୋକଙ୍କର ଆଚରଣ, ଚଳଣି ଓ ମୂଲ୍ୟବୋଧରେ ମଧ୍ୟ ସେହିପରି ପରିବର୍ତ୍ତନ ଘଟିବ । ସଚେତନ ଉଦ୍ୟମ ଫଳରେ ଗତ ଦଶବର୍ଷ ମଧ୍ୟରେ ସଂସ୍କୃତି ସର୍ବସାଧାରଣଙ୍କ ଦ୍ୱାରା କେବଳ ଆଦୃତ ହୋଇ ନାହିଁ; ଲୋକମାନଙ୍କ ମଧ୍ୟରେ ପ୍ରବଳ କର୍ମ ପ୍ରବଣତା ସୃଷ୍ଟି କରିପାରିଛି । ପର୍ଯ୍ୟଟନ ଓ ଯୋଗାଯୋଗର ସୁବିଧା ବୃଦ୍ଧି ପାଇଥିବାରୁ ସଂପର୍କ ଗଢ଼ି ଉଠୁଛି ବିଭିନ୍ନ ମାଧ୍ୟମରେ । ଯେଉଁ ଜ୍ଞାନ ଓ କୌଶଳ ଉଚ୍ଚ ଶିକ୍ଷିତମାନଙ୍କ ମଧ୍ୟରେ ସୀମିତ ଥିଲା ତାହା ଶିକ୍ଷା ଓ ପ୍ରଯୁକ୍ତି ବିଦ୍ୟାର ବିକାଶ ଓ ଅଭ୍ୟାସ ଫଳରେ ସାଧାରଣ ଲୋକର ସମ୍ବଳରେ ପରିଣତ ହୋଇଛି । ଶିକ୍ଷାର ମାନ ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ସାକ୍ଷର ସଂଖ୍ୟା ପଚିଶ ପ୍ରତି ଶତରୁ ଟପି ଯିବାରୁ ଜନ ଜୀବନରେ ଯେପରି ଅନୁଷ୍ଠାନର ପରିଚାଳନାରେ ମଧ୍ୟ ସେହିପରି ନୂତନ ଉଦ୍ୟମ ପରିଲକ୍ଷିତ ହେଉଛି । ସ୍ୱାଧୀନତା ପାଇବା ଦିନଠାରୁ ସପ୍ତମ ଦଶକର ଶେଷ ଭାଗଯାଏ ଶିଳ୍ପ, କୃଷି, ବାଣିଜ୍ୟ କାରୀଗରୀ ବିଦ୍ୟାରେ ନିଜର କୃତୀତ୍ୱ ପ୍ରଦର୍ଶନ କରିବା ସକାଶେ ଯେତେ ଓଡ଼ିଆ ଓଡ଼ିଶା ବାହାରକୁ ଜୀବିକାର୍ଜ୍ଜନ ଉଦ୍ଦେଶ୍ୟରେ ଯାଇଥିଲେ, ଗତ ଦଶ ବର୍ଷରେ ତାଠାରୁ ଅଧିକ ସଂଖ୍ୟକ ଶିକ୍ଷିତ ଓ ତାଲିମପ୍ରାପ୍ତ ଓଡ଼ିଆ ଓଡ଼ିଶା ଓ ଭାରତ ବାହାରକୁ ଯାଇଛନ୍ତି । ଓଡ଼ିଶାରେ ଭିତ୍ତିଭୂମି ପ୍ରସ୍ତୁତ କରି ଶିଳ୍ପାୟନ ଲାଗି ଯେଉଁ ନୂତନ ସୁଯୋଗ ଓ ସମ୍ଭାବନା ସୃଷ୍ଟି କରାଯାଇଛି ତାହା ଯେପରି ପ୍ରତିକୂଳ ଅବସ୍ଥାର ସମ୍ମୁଖୀନ ନହୁଏ ସେଥିପାଇଁ ଶିଳ୍ପ ସଂସ୍କୃତି ଗଢ଼ି ଉଠିବା ଉପରେ ଗୁରୁତ୍ୱ ଆରୋପ କରାଯାଉଛି । ଏଥିପାଇଁ ଯେଉଁ ପ୍ରେରଣା ଓ ପ୍ରୋତ୍ସାହନ ଜନ ଜୀବନରେ ସୃଷ୍ଟି ହୋଇଛି ତାହା ସାଂସ୍କୃତିକ ଜାଗରଣର ଫଳ । ସେହିପରି କାରିଗରୀ କୌଶଳ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ବିଭିନ୍ନ ବିଭାଗରେ ପ୍ରତିଦିନ ଦେଖାଯାଉଥିବା ବିଶେଷତ୍ୱ ଓ ନୂତନ ଉଦ୍ଭାବନ ଯେପରି ଆମ ଲୋକଙ୍କର ଦୃଷ୍ଟି ବାହାରେ ରହି ନଯାଏ ସେଥି ସକାଶେ ସଚେତନ ଉଦ୍ୟମ ଆରମ୍ଭ ହୋଇଛି । ମନେ ରଖିବାକୁ ହେବ ଯେ ଏହି ଉଦ୍ୟମ

ଦିନକର ବା ଦଶବର୍ଷ ମଧ୍ୟରେ ସୀମିତ ନୁହେଁ, ଏହା ନିରନ୍ତର ଜାରୀ ରଖିବା ସଚେତନ ଲୋକମାନଙ୍କର କର୍ତ୍ତବ୍ୟ ।

ସଭ୍ୟତାର ଯାହା ହିଁ ସଂସ୍କୃତି ପ୍ରଗତି । ସଂସ୍କୃତି ସ୍ଥାଣୁ ନୁହେଁ, ନିତ୍ୟ ପରିବର୍ତ୍ତନଶୀଳ ପୃଥିବୀରେ ଏହା ଖାଦ୍ୟପେୟ ପରି ମଣିଷର ପ୍ରାଥମିକ ଆବଶ୍ୟକତାର ଅନ୍ତର୍ଭୁକ୍ତ । ଦାରିଦ୍ର୍ୟର ସୀମାରେଖା ତଳେ ଅଶୀ ଭାଗ ଲୋକ ନିର୍ଯ୍ୟାତିତ ହେଉଥିବା ଘଟଣା ଆଜି ଇତିହାସ ହୋଇଗଲାଣି । ଏବେ ପ୍ରତି ଶତ ପଚାଶ ଭାଗ ଦାରିଦ୍ର୍ୟର ସୀମାରେଖା ତଳେ । ସେମାନଙ୍କୁ ଏକ ନିଶ୍ଚିତ ସୁଖୀ ଜୀବନ ଦେବା ପାଇଁ ପ୍ରୟାସ କରାଯାଉଛି । ସମାଜର ସଂପଦ ଓ ସମ୍ବଳ ଯେପରି ସମସ୍ତେ ବାଣ୍ଟି ଚୁଣ୍ଟି ଭୋଗ କରିବେ ଓ ସମାଜୀକରଣର ପ୍ରକ୍ରିୟା ତ୍ୱରାନ୍ୱିତ ହେବ ସେଥିପାଇଁ ଦୃଷ୍ଟି ଆକୃଷ୍ଟ ହେବା ସ୍ୱାଭାବିକ । ବଣ ଜଙ୍ଗଲରେ ରହୁଥିବା ଆଦିବାସୀ ଓ ପଛୁଆ ଶ୍ରେଣୀର ଲୋକମାନଙ୍କ ଜୀବନଧାରାରେ ଯେଉଁ ପରିବର୍ତ୍ତନ ଏବେ ପରିଲକ୍ଷିତ ହେଉଛି ତାହା ଏଡ଼ି ଦିଆଯାଇ ନପାରେ । ସମସ୍ତଙ୍କ ମଧ୍ୟରେ ଆଗକୁ ଦୌଡ଼ିବାର ସ୍ପୃହା ଜାତ ହୋଇ ସାରିଲାଣି; ଅନେକ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ଦୌଡ଼ିବାକୁ ଆରମ୍ଭ କଲେଣି; କିନ୍ତୁ ଅନେକ ପଥ ରହିଛି ଅତିକ୍ରମ କରିବା ପାଇଁ । ସେଇ ପଥ ଅତିକ୍ରମ କରିବାପାଇଁ ଯେଉଁ ଆୟାସ ଓ ଉଦ୍ୟମ ଆବଶ୍ୟକ, ଯେଉଁ ତ୍ୟାଗ ଓ ସଙ୍କଳ୍ପ ଲୋଡ଼ା; ତାହା ଜନଜୀବନରେ ଧୀରେ ଧୀରେ ହେଲେ ମଧ୍ୟ ସୃଷ୍ଟି ହେବାର ନିଶ୍ଚିତ ଆଭାସ ଦେଖା ଗଲାଣି । ଆଳସ୍ୟ ଓ ଜଡ଼ତା ତ୍ୟାଗ କରି ନୂତନ ଜୀବନର ଅଧିକାରୀ ହେବାଲାଗି ଥରେ ଜନଜୀବନରେ ଆକାଂକ୍ଷା ସୃଷ୍ଟି ହେଲେ ତାହାହିଁ ସେମାନଙ୍କୁ ଉଦ୍ୟମ କରିବାରେ ପ୍ରବୃତ୍ତ କରାଏ, ଆଗକୁ ଯିବାଲାଗି ପ୍ରରୋଚିତ କରେ । ଏହି ମହତ କାର୍ଯ୍ୟଟି ଆରମ୍ଭ ହୋଇଥିବାର ଲକ୍ଷଣ ସର୍ବତ୍ର ବିଦ୍ୟମାନ ।

କିନ୍ତୁ ଜନସାଧାରଣଙ୍କ ମଧ୍ୟରେ ନୂତନ ସାଂସ୍କୃତିକ ଜାଗରଣ ଓ ଉତ୍କର୍ଷତା ଆଡ଼କୁ ଯାତ୍ରା କରିବାର ଏଇ ଦୁର୍ବାର ଅଭିଳାଷ ଯେପରି ପ୍ରଶାସନିକ ଓ ଆନୁଷ୍ଠାନିକ ସହଯୋଗ ଓ ପୋଷକତା ପାଇବାର କଥା, ତାହା ପାଇନାହିଁ । ଦୁର୍ନୀତି ଓ ଭ୍ରଷ୍ଟାଚାର ସହିତ ପ୍ରଶାସନିକ ଦୁର୍ବଳତା ଏହାର ଅନ୍ତରାୟ ହେଉଛି । ଗୋଟିଏ ଜାଗ୍ରତ ଓ ପ୍ରତିଯୋଗୀତାରେ ଅବତୀର୍ଣ୍ଣ ଜାତି ଆଗରେ ପ୍ରତିବନ୍ଧକ ସୃଷ୍ଟି ନ କରି, ପଥରେ ଥିବା ଅନ୍ତରାୟ ଗୁଡ଼ିକୁ ଗୋଟି ଗୋଟି କରି ଦୂରକରିବାକୁ ହେବ । ପ୍ରଶାସନିକ କାର୍ଯ୍ୟରେ ସାଧୁତା ଓ କ୍ଷିପ୍ରତା ନ ଆସିଲେ, ଆମର ସବୁ ଉଦ୍ୟମ ଶିଥିଳ ହୋଇଯିବ । ସାଂସ୍କୃତିକ ଜାଗରଣ ଫଳରେ ଆମେ ପ୍ରସ୍ତୁତି ପର୍ବ ଶେଷ କରି ପ୍ରତିଯୋଗୀତାରେ ଅବତୀର୍ଣ୍ଣ, ଏତେବେଳେ ନାଲିଫିତା ତଳେ ଆମର ଆଶା, ଆକାଂକ୍ଷାକୁ ଚାପିଦବାର ଉଦ୍ୟମକୁ ଆଉ ସହ୍ୟ କରି ହେବ ନାହିଁ । ଦେଢ଼ଶହ ବର୍ଷର ଜଡ଼ତା ତ୍ୟାଗ କରି ପ୍ରଗତିର ଯେଉଁ ଯାତ୍ରା ଆରମ୍ଭ ହୋଇଛି, ତାହା ଜଗନ୍ନାଥଙ୍କର ରଥଯାତ୍ରା ପରି । ଏଠାରେ ଭକ୍ତର ପ୍ରାଧାନ୍ୟ ଜଣକର ନୁହେଁ । ପ୍ରଶାସନକୁ ପ୍ରତ୍ୟେକ ସ୍ତରରେ ନ୍ୟାୟଶୀଳ କରିବା, ଦୁର୍ନୀତିକୁ ଦୂର କରିବା ଓ ସାମାଜିକ ସେବା କରୁଥିବା ଅନୁଷ୍ଠାନଗୁଡ଼ିକୁ ସହାୟ କରିବାର ଦାୟାତ୍ୱ କେବଳ ସରକାରଙ୍କର ନୁହେଁ; ଜନସାଧାରଣଙ୍କର ମଧ୍ୟ । ବହୁକାଳର ନ୍ୟୁନମନ୍ୟତା ତ୍ୟାଗ କରି ଓଡ଼ିଆ ଭାରତବର୍ଷର ନବ ଜୀବନରେ ଉପଯୁକ୍ତ ସ୍ଥାନ ଦଖଲ କରିବା ଆକାଂକ୍ଷେ ଯେଉଁ ଉଦ୍ୟମ ଆରମ୍ଭ କରିଛି, ତାହା ନନ୍ଦିଘୋଷ ରଥର ଯାତ୍ରା ପରି ଅପ୍ରତିହତ । ଆଜି ସେଥିପାଇଁ କୁହାଯାଉଛି ଯେ ସଂସ୍କୃତି ପ୍ରତ୍ୟେକ ଓଡ଼ିଆ ପ୍ରାଣରେ ସନ୍ଦିତ ହେଉ; ଯୁଗ ଯୁଗର ଜଡ଼ତା, ମତାନ୍ଧତା, ଅନ୍ଧବିଶ୍ୱାସ ଓ କୁସଂସ୍କାରକୁ ବହିଷ୍କାର କରି ନୂତନ ଓଡ଼ିଶା ଗଠନର ସଙ୍କଳ୍ପବଦ୍ଧ ଉଦ୍ୟମକୁ ଆହୁରି ଦୃଢ଼ ଓ ଶକ୍ତିଶାଳୀ କରାଯାଉ ।

ଏହା କହୁବେଳେ ଫ୍ରାନ୍ସର ରାଷ୍ଟ୍ରପତି ମିତେରାଁ ୧୯୮୪ରେ ଜାତିପ୍ରତି ଦେଇଥିବା ଏକ ଉଦ୍‌ବୋଧନର କିୟଦଂଶ ଏଠାରେ ଉଦ୍ଧାର କରିବା ପ୍ରାସଙ୍ଗିକ ମନେ କରୁଛି ।


"The French are begjnning to understand that it is enterprice that creates wealth, that it Is enterprice that creates Jobs, and that it is enterprice that determines our standard of living and our place in the world."

ଇଉରୋପ ମହାଦେଶରେ ଫ୍ରାନ୍ସର ସଂସ୍କୃତି ଅତି ପ୍ରାଚୀନ । ସେଠାରେ ଯଦି ଆଗକୁ ଯିବାପାଇଁ ପ୍ରବଳ ଉଦ୍ୟୋଗ କରିବାଲାଗି ଲୋକମାନଙ୍କୁ ଉଦ୍‌ବୋଧନ ଦିଆଯାଏ, ତାହା ସମାନ ଭାବରେ ଓଡ଼ିଶା ବା ଭାରତ ପ୍ରତି ପ୍ରଯୁଜ୍ୟ । ଆମେ ମଧ୍ୟ ଆଜି କହିବା ଯେ ଉଦ୍ୟୋଗହିଁ ସଂପଦ ସୃଷ୍ଟି କରେ, ଉଦ୍ୟୋଗ ଦ୍ୱାରାହିଁ ନିଯୁକ୍ତିର କ୍ଷେତ୍ର ବିସ୍ତାରିତ ହୁଏ ଏବଂ କେବଳ ପ୍ରବଳ ଉଦ୍ୟୋଗ ଦ୍ୱାରାହିଁ ଆମର ଜୀବନଧାରଣର ମାନକୁ ବୃଦ୍ଧି କରାଯାଇ ପାରେ । ଭାରତବର୍ଷ ତଥା ପୃଥିବୀରେ ନିର୍ମଳ ପୂର୍ବଦୃଷ୍ଟି, କଠୋର ଶ୍ରମ ଏବଂ ପ୍ରତ୍ୟେକ ସ୍ତରରେ ପ୍ରବଳ ଉଦ୍ୟୋଗ ଓ ଶୃଙ୍ଖଳା ଦ୍ୱାରାହିଁ ଆମେ ଆମର ନ୍ୟାୟୋଚିତ ସ୍ଥାନ ଅଧିକାର କରିପାରିବା । ସୁତରାଂ ଗଣଜୀବନରେ ସାଂସ୍କୃତିକ ଚେତନା ଓ ପୁନରୁତ୍‌ଥାନକୁ ସ୍ଥାୟୀ କରିବା ନିମନ୍ତେ ସଫଳ ଓ ସମବେତ ପ୍ରଚେଷ୍ଟା ଆବଶ୍ୟକ । ଏହା କହୁବେଳେ ମନେ ରଖିବାକୁ ହେବ ଯେ କେଉଁ ପଥ ଓ ପନ୍ଥା ଆମେ ଗ୍ରହଣ କରିବା ତାହା ଆମର ବିଚାର ଶକ୍ତି, ବିବେକ ଓ ବୁଦ୍ଧି ଉପରେ ନିର୍ଭର କରେ । କାରଣ ଅଙ୍କୁଶ ବ୍ୟତୀତ ସ୍ୱାଧୀନତା ଯେପରି ବିଶୃଙ୍ଖଳା ଓ ଯନ୍ତ୍ରଣାର କାରଣ ହୋଇଥାଏ । ସେହିପରି ବନ୍ଧନ ନ ଥିବା ମୁକ୍ତ ଅବାଧ ସ୍ୱାଧୀନତା ମଧ୍ୟ ଧ୍ୱଂସର କାରଣ ହୋଇଥାଏ । ଶୃଙ୍ଖଳା ଓ ସୌନ୍ଦର୍ଯ୍ୟବୋଧ ସଂସ୍କୃତି-


ଠାରୁ ଅବିଚ୍ଛିନ୍ନ । କିନ୍ତୁ ଶଠତା, ସ୍ୱାର୍ଥପରତା, ନିଷ୍କ୍ରିୟତା ସଂସ୍କୃତିର ଶତ୍ରୁ । ଆଜି ଆତ୍ମନିରୀକ୍ଷଣ କରିବାର ବେଳ । ଭବିଷ୍ୟତ ଯେ ବର୍ତ୍ତମାନର ଗର୍ଭରେ ଜନ୍ମନିଏ ଏହା କଅଣ କହିବାକୁ ହେବ ? ଜଗନ୍ନାଥ ସଂସ୍କୃତି ସହିତ ଯେଉଁ ଗଣ ଚେତନା ସଂଶ୍ଳିଷ୍ଟ ଅଛି ତାହା ଓଡ଼ିଆମାନଙ୍କୁ ସଂବୋଧିତ ଓ ଅନୁପ୍ରାଣିତ କରୁ—ଏହାହିଁ ଜଗନ୍ନାଥଙ୍କଠାରେ ପ୍ରାର୍ଥନା ।

୯-ଷ୍ଟେସନ ସ୍କୋୟାର, ଭୁବନେଶ୍ୱର—୭୫୧୦୦୧

ଆମ ଶିଳ୍ପ ...
ଆମ ପ୍ରଗତି



ଦାରିଦ୍ର୍ୟ ଦୂରୀକରଣ
ଦିଗରେ....






ସ୍ୱାସ୍ଥ୍ୟ
ସେବା......



କୃଷି ଓ
ଜଳସେଚନ.....









କୃଷି ଓ ଜଳସେଚନ......

ଗ୍ରାମାଞ୍ଚଳର ମହିଳାଙ୍କ ପାଇଁ.....













ଗ୍ରାମାଞ୍ଚଳର ବିକାଶ ଦିଗରେ.....





ଆଜି ଏମାନେ ବି ହସନ୍ତି......





ଇନ୍ଦିରା ଆବାସ ଯୋଜନା......

# ଐତିହାସିକ ଦଶନ୍ଧି

ଶ୍ରୀ ରାମଚନ୍ଦ୍ର ମିଶ୍ର

ରାଜ୍ୟ ବିଧାନସଭା ନିର୍ବାଚନରେ ଅଭୂତପୂର୍ବ ସଂଖ୍ୟାଗରିଷ୍ଠତା ଲାଭ କରିଥିବା ଦଳର ଅପ୍ରତିଦ୍ୱନ୍ଦ୍ୱୀ ନେତା ନିର୍ବାଚିତ ହୋଇଥିବାରୁ, ୯ ଜୁନ ୧୯୮୦ ଦିନ ଓଡ଼ିଶାର ଜନସାଧାରଣଙ୍କ ସର୍ବଶ୍ରେଷ୍ଠ ସେବକ ରୂପେ ଯାହାର ମସ୍ତକରେ କଣ୍ଟକିତ ମୁକୁଟ ପିନ୍ଧାଇ ଦିଆଯାଇଥିଲା, ସେହି ରାଜନୀତି ବିଜ୍ଞାନବିତ୍, ସାହିତ୍ୟିକ, ସାମ୍ବାଦିକ ତଥା ସମାଜସେବୀ ଯୁବପୁରୁଷ ସେହିଦିନ କ'ଣ ନିଜେ ବି ଜାଣିଥିଲେ ଯେ ଆଗାମୀ ଦଶନ୍ଧି ଓଡ଼ିଶା ଇତିହାସରେ ଅଭାବନୀୟ ପ୍ରଗତି, ଅଭୂତପୂର୍ବ ଉନ୍ନୟନ ତଥା ଅତ୍ୟାଶ୍ଚର୍ଯ୍ୟ ସଫଳତା ନିମନ୍ତେ ଅବିସ୍ମରଣୀୟ ହୋଇ ଏକ ନବଶୃଙ୍ଗୀ ଦିଗ୍‌ନିର୍ଣ୍ଣାୟକ ହୋଇ ରହିଯିବ ? ରାଜ୍ୟକୁ ଦ୍ରୁତ ଉନ୍ନତିର ପଥରେ ଅଗ୍ରସର କରାଇବା ନିମନ୍ତେ ଯେଉଁ ଅଭିଜ୍ଞତା, ଦୂରଦୃଷ୍ଟି, ସାହସ ଓ ଧୈର୍ଯ୍ୟ ଶାସକମାନଙ୍କର ରହିବା ଆବଶ୍ୟକ ତଥା ଭାରତର ଦରିଦ୍ରତମ ରାଜ୍ୟକୁ ସମୃଦ୍ଧିର ସୋପାନରେ କ୍ରମେ ଆରୋହଣ କରାଇବା ନିମନ୍ତେ ଯେଉଁ ଦୃଢ଼ତା ଏବଂ କେନ୍ଦ୍ର ସରକାରଙ୍କ ଠାରେ ବିଶ୍ୱାସ ଜନ୍ମାଇବା ଶକ୍ତି ଦରକାର ତାର ଏକ ଅପୂର୍ବ ସମନ୍ୱୟ ଓଡ଼ିଶାବାସୀ ତାଙ୍କର ମୁଖ୍ୟମନ୍ତ୍ରୀଙ୍କ ଠାରେ ଉପଲବ୍ଧି କରିପାରିଥିବାରୁ ପରବର୍ତ୍ତୀ ନିର୍ବାଚନରେ ତାଙ୍କ ନେତୃତ୍ୱକୁ ୧୪୭ଟି ସ୍ଥାନରୁ ୧୧୭ଟି ବିଧାୟକ ସଂଖ୍ୟା ଜୟଯୁକ୍ତ କରାଇ ସେମାନଙ୍କର ପ୍ରଗାଢ଼ ବିଶ୍ୱାସ ଏବଂ ଅଗାଧ ସ୍ନେହର ପରିଚୟ ଦ୍ୱିତୀୟଥର ନିମନ୍ତେ ଦେଇଥିଲେ ।

## ପ୍ରଗତି କାହା ଯୋଗୁଁ ?

ଓଡ଼ିଶାର ଏହି ଅଭୂତପୂର୍ବ ପ୍ରଗତି କେବଳ କଂଗ୍ରେସ (ଇ) ଦଳ ଯୋଗୁଁହିଁ ସମ୍ଭବ ହୋଇଛି ବୋଲି ନିଜେ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଲୋକ ସାଧାରଣରେ ପ୍ରକାଶ୍ୟ ଏବଂ ଘରୋଇ ନିଭୃତ ଆଲୋଚନାରେ ବାରମ୍ବାର କହି ଆସୁଥିଲେ ମଧ୍ୟ ପ୍ରଗତିର ବେଗ ଏବଂ ଉନ୍ନୟନର ସର୍ବବ୍ୟାପକତ୍ୱ ନିମନ୍ତେ ଦଳ ଅପେକ୍ଷା ନେତାଙ୍କ ବ୍ୟକ୍ତିତ୍ୱ ଯେ ଅଧିକ ପରିମାଣରେ କୃତିତ୍ୱ ଦାବୀ କରେ, ତାର ପ୍ରମାଣ ସମସାମୟିକ ଭାରତବର୍ଷର କଂଗ୍ରେସ(ଇ) ଦଳ ଦ୍ୱାରା ଶାସିତ ଅନ୍ୟାନ୍ୟ ରାଜ୍ୟମାନଙ୍କରେ ହୋଇଥିବା ଉନ୍ନତି ଓ ପ୍ରଗତି ଅଥବା ଏହି ଓଡ଼ିଶା ରାଜ୍ୟରେ ଏହା ପୂର୍ବରୁ ଶାସନ କରି ଆସୁଥିବା କଂଗ୍ରେସ ଦଳର ଅନ୍ୟାନ୍ୟ ମୁଖ୍ୟମନ୍ତ୍ରୀଙ୍କ ଶାସନ କାଳରେ ଓଡ଼ିଶାରେ ହୋଇଥିବା ଉନ୍ନତି ଓ ପ୍ରଗତି ବିଷୟରେ ଏକ ତୁଳନାତ୍ମକ ସମୀକ୍ଷା କରିଦେଲେ ମିଳିଯିବ । ଅବଶ୍ୟ ମନେ ରଖିବାକୁ ହେବ ଯେ ଦୀର୍ଘ ୯ ବର୍ଷ ଧରି ଏକାଦିକ୍ରମେ ମୁଖ୍ୟମନ୍ତ୍ରୀ ହୋଇ ରହିବାରେ ଶ୍ରୀ ଜାନକୀ ବଲ୍ଲଭ ଓଡ଼ିଶାର ଏକ ମାତ୍ର ଜନନାୟକ ଏବଂ ତାଙ୍କ ପୂର୍ବରୁ ଅନ୍ୟ କୌଣସି ଓଡ଼ିଆ ମୁଖ୍ୟମନ୍ତ୍ରୀ ହୋଇ ଏକକାଳୀନ ସର୍ବାଧିକ ରହିଥିବା ସମୟର ପ୍ରାୟ ଦୁଇଗୁଣ ସମୟ ସେ ମୁଖ୍ୟମନ୍ତ୍ରୀ ହୋଇ ରହି ପାରିଅଛନ୍ତି । ଏହାହିଁ ତାଙ୍କର ରାଜନୈତିକ ବିଚକ୍ଷଣତାର ଏକ ଜ୍ଞାପକ ।

ଶ୍ରୀ ପଟ୍ଟନାୟକ ସମସାମୟିକ ଭାରତବର୍ଷରେ ଏକମାତ୍ର କଂଗ୍ରେସ(ଇ) ମୁଖ୍ୟମନ୍ତ୍ରୀ ଯେ ଉଭୟ ଶ୍ରୀମତୀ ଇନ୍ଦିରା ଗାନ୍ଧି ଓ ଶ୍ରୀ ରାଜୀବ ଗାନ୍ଧିଙ୍କର ସମଭାବରେ ବିଶ୍ୱାସ ଭାଜନ ହୋଇ ପାରି ଭାରତର ଯେ କୌଣସି କଂଗ୍ରେସ (ଇ) ଶାସିତ ରାଜ୍ୟରେ ବିଗତ ୯ ବର୍ଷ ଧରି ଶାସନର ମୁଖ୍ୟ ହୋଇ ରହି ପାରିଛନ୍ତି । ଏହି ଦୀର୍ଘ ସମୟ ଭିତରେ ଉତ୍ତର ପ୍ରଦେଶ, ବିହାର, ମହାରାଷ୍ଟ୍ର ଓ ଗୁଜରାଟ ପରି ଅନେକ ସୁପ୍ରତିଷ୍ଠିତ ଓ ଦୃଢ଼ ଶାସିତ ରାଜ୍ୟମାନଙ୍କରେ ଏକାଧିକ ଥର ମୁଖ୍ୟମନ୍ତ୍ରୀ ପରିବର୍ତ୍ତନ ହୋଇଥିବା ସ୍ଥଳେ ଓଡ଼ିଶା ପରି ସ୍ପର୍ଶାନୁଭବଶୀଳ ରାଜ୍ୟରେ ନାନା ପ୍ରତିକୂଳ ପରିସ୍ଥିତି, ଦଳୀୟ ଚକ୍ରାନ୍ତ ଓ ବିଶୃଙ୍ଖଳା ତଥା ରାଜନୈତିକ ଅସ୍ଥିରତା ସତ୍ତ୍ୱେ ବିଗତ ଦଶନ୍ଧିରେ ଜଣେ ମାତ୍ର ମୁଖ୍ୟମନ୍ତ୍ରୀ ରୂପରେ ସେ ଯେଉଁ କୀର୍ତ୍ତିମାନ ସ୍ଥାପନା କରିଛନ୍ତି ତାହା ଯେତିକି ସ୍ପୃହଣୀୟ ସେତିକି ବିସ୍ମୟଜନକ ।

## ଅର୍ଥନୈତିକ ଉନ୍ନତି

ବିଗତ ୯ ବର୍ଷ ଧରି ଶାସନଗତ ସ୍ଥିରତା ଫଳରେ ଓଡ଼ିଶାରେ ଅପୂର୍ବ ଭାବରେ ଯୋଜନାଗତ ଉନ୍ନତି ପରିଲକ୍ଷିତ ହୋଇଥିଲା । ପଞ୍ଚମ ଯୋଜନାରେ ଓଡ଼ିଶା ନିମନ୍ତେ ମାତ୍ର ୫୮୫ କୋଟି ଟଙ୍କା ବ୍ୟବସ୍ଥା କରାଯାଇଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ଯୁକ୍ତି ଏବଂ କେନ୍ଦ୍ରରେ ପ୍ରଭାବ ଫଳରେ ଷଷ୍ଠ ଯୋଜନାରେ ଓଡ଼ିଶା ନିମନ୍ତେ ବ୍ୟୟ ବରାଦ ପ୍ରାୟ ଅଢ଼େଇଗୁଣ କରି ୧,୫୦୦ କୋଟି ଟଙ୍କା କରାଯାଇଥିଲା ଏବଂ ସପ୍ତମ ଯୋଜନାରେ ଏହି ବ୍ୟୟ ବରାଦ ଆଉଥରେ ଅଢ଼େଇଗୁଣ ହୋଇ ୨,୭୦୦ କୋଟି ଟଙ୍କାକୁ ବୃଦ୍ଧି

ପାଇଥିଲା । ଷଷ୍ଠ ଯୋଜନାରେ ୧,୫୦୦ କୋଟି ସ୍ଥଳେ ୧,୫୬୨ କୋଟି ଏବଂ ସପ୍ତମ ଯୋଜନାରେ ୨,୭୦୦ କୋଟି ସ୍ଥଳେ ୩,୫୦୦ କୋଟି ଟଙ୍କା ବ୍ୟୟ ହେବାର ଆଶା କରାଯାଉଅଛି । ଏହି ଯୋଜନାବଦ୍ଧ ପ୍ରଗତି ଓଡ଼ିଶାରେ ଏକ ନୂତନ ଦିଗନ୍ତ ଆଶାର ସଂଚାର କରିଅଛି ଯେ ଶାସନଗତ ଅସ୍ଥିରତା ଏବଂ ରାଜନୈତିକ ଦୁର୍ବଳତାକୁ ଆମେ ଅବଶେଷରେ ଶେଷଥର ପାଇଁ ଅତିକ୍ରମ କରିପାରିଛୁ । ଏହି ଯୋଜନା ବ୍ୟୟ ଫଳରେ ରାଜ୍ୟରୁ ଜାତ ହୋଇଥିବା ନିଟ୍ ଉତ୍ପାଦନ ୧୯୮୦ ମସିହାରେ ୧,୧୧୪ କୋଟି ଟଙ୍କାରୁ ବୃଦ୍ଧି ପାଇ ୧୯୮୬ ରେ ୧,୫୬୬ କୋଟି ଟଙ୍କା ହୋଇଥିଲା ଏବଂ ୧୯୯୦ ମସିହା ବେଳକୁ ଏହା ୨,୦୦୦ କୋଟି ଟଙ୍କା ହୋଇପାରିବ ବୋଲି ଆଶା କରାଯାଉଅଛି । ରାଜ୍ୟରୁ ଜାତ ହୋଇଥିବା ଏହି ନିଟ୍ ଉତ୍ପାଦନର ଆଶାତୀତ ବୃଦ୍ଧି ଫଳରେ ଓଡ଼ିଶାର ମୁଣ୍ଡପିଛା ଆୟ ୧୯୮୦ ମସିହାରେ ଟ ୨୩୧ ଥିଲାବେଳେ ୧୯୮୬ ମସିହା ବେଳକୁ ଟ ୪୩୭କୁ ବୃଦ୍ଧି ପାଇଅଛି ଏବଂ ୧୯୯୦ ମସିହା ବେଳକୁ ପ୍ରାୟତ ୬୫୦କୁ ବୃଦ୍ଧି ପାଇଥିବାର ସମ୍ଭାବନା ରହିଅଛି । ଏହି ବୃଦ୍ଧି ଫଳରେ ଦାରିଦ୍ର୍ୟରେଖାର ନିମ୍ନରେ ଥିବା ଓଡ଼ିଶାର ଲୋକସଂଖ୍ୟା ୧୯୭୮ ମସିହାରେ ଶତକଡା ୬୬.୪୦ ଥିବାବେଳେ ୧୯୮୪ ମସିହା ବେଳକୁ ଶତକଡା ୪୨.୮୦ ଭାଗକୁ କମି ଆସିଅଛି ଏବଂ ଦାରିଦ୍ର୍ୟରେଖାର ନିମ୍ନରେ ରହିଥିବା ଲୋକସଂଖ୍ୟାର ଆଶାଜନକ କ୍ରମ ହ୍ରାସ ଆମକୁ ନିଶ୍ଚୟ ଆଶାନ୍ୱିତ କରି ପାରୁଅଛି ଯେ, ୧୯୯୦ ମସିହା ବେଳକୁ ଓଡ଼ିଶାରେ ଶତକଡା ୩୨ ଭାଗ ମାତ୍ର ଲୋକ ଦାରିଦ୍ର୍ୟସୀମାରେଖା ନିମ୍ନରେ ରହିଥିବେ । ଏହା ସଫଳ ହେଲେ ନିଶ୍ଚୟ ଆମର ବହୁଦିନର ଆଶା ସଫଳ ହୋଇଯିବ ।

## ବିପଦର ବନ୍ଧୁ

କିନ୍ତୁ, ହିସାବ କିତାବ, ଅଙ୍କ ଓ ଗଣିତ ଦ୍ୱାରା ଗୋଟିଏ ଜାତି ବା ଦେଶ ତା'ର ନେତାଙ୍କୁ ଚିହ୍ନି ନଥାଏ, ସେ ଚିହ୍ନା ପଡ଼ିଥାଏ ଦରଦ ଓ ଭାବର ବିନିମୟ ଦ୍ୱାରା । ପଣ୍ଡିତ ନେହେରୁ ଯେପରି ଭାରତୀୟମାନଙ୍କ ସହ ଏକାତ୍ମ ହୋଇଯାଇଥିଲେ, ଯୁଦ୍ଧ ସମୟରେ ଚର୍ଚ୍ଚିଲ ବିଲାତର ଅନମନୀୟତାକୁ ଏକୀକୃତ ଭାବରେ ବୁଝାଇ ପାରୁଥିଲେ, ଓଡ଼ିଆମାନଙ୍କର ଉଚ୍ଚାଭିଳାଷକୁ ସେହିପରି ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଜୀବନ୍ୟାସ ଦେଇ ମୂର୍ତ୍ତ କରିପାରିଛନ୍ତି ।

ଏହି ଦୀର୍ଘ ୯ ବର୍ଷ ଭିତରେ ଅନେକ ପ୍ରାକୃତିକ ବିପର୍ଯ୍ୟୟ, ପ୍ରଳୟଙ୍କରୀ ବନ୍ୟା, ଉତ୍କଟ ମରୁଡ଼ି ଏବଂ ବିଧ୍ୱଂସକାରୀ ବାତ୍ୟା ଓଡ଼ିଶା ବକ୍ଷରେ ଆସିଛି ଏବଂ ସେହି ଚରମ ବିପଦର ମୁହୂର୍ତ୍ତରେ ସେହି ବାତ୍ୟା ପ୍ରପୀଡ଼ିତ ବା ବନ୍ୟା ଧୌତ ଅଥବା ଅକାଳ କବଳିତ ଅଞ୍ଚଳର ଲୋକେ ଉପଲବ୍ଧି କରିଛନ୍ତି ମୁଖ୍ୟମନ୍ତ୍ରୀଙ୍କର ସମ୍ବେଦନଶୀଳ ଓ ସହାନୁଭୂତିସମ୍ପନ୍ନ ଉପସ୍ଥିତି । ଓଡ଼ିଶାର ଯେ କୌଣସି ଅଞ୍ଚଳ ଯେତେବେଳେ ଯେ କୌଣସି ଅତିକାୟ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି ସେତେବେଳେ ମୁଖ୍ୟମନ୍ତ୍ରୀ ସେ ଅଞ୍ଚଳକୁ ନିଜେ ଯାଇ ଲୋକଙ୍କ ଦୁରବସ୍ଥା ପ୍ରତ୍ୟକ୍ଷ ଭାବରେ ଦେଖି ସେମାନଙ୍କୁ ସାହାଯ୍ୟ ଓ ସେ ଅଞ୍ଚଳର ପୁନର୍ନିର୍ମାଣ କାର୍ଯ୍ୟର ପରିଚାଳନା ନିଜେ କରିଅଛନ୍ତି । ତାଙ୍କ ଶାସନର ପ୍ରାରମ୍ଭରେ ୧୯୮୦ ମସିହାରେ ବଂଶଧାରା ନଦୀର ବନ୍ୟାରେ ଗୁଣୁପୁର ସହର ଯେତେବେଳେ ନଦୀ ଗର୍ଭରେ ଲୁପ୍ତ ହୋଇ ଯାଇଥିଲା ଓ ସାରା ପୃଥିବୀଠାରୁ ବିଚ୍ଛିନ୍ନ ହୋଇ ଯାଇଥିଲା ସେତେବେଳେ ମୁଖ୍ୟମନ୍ତ୍ରୀ ବାହାର ଦୁନିଆର ପ୍ରଥମ ଲୋକ ଯେ ଗୁଣୁପୁରବାସୀଙ୍କୁ ଆଶ୍ୱାସନା ଦେବାକୁ ଯାଇ ସେଠାରେ ପହଞ୍ଚିଥିଲେ । ସେହିପରି ୧୯୮୯ ମସିହାର ବୈଶାଖମାସରେ ଯେତେବେଳେ କାଳ ବୈଶାଖୀ ବାଲେଶ୍ୱର ଜିଲ୍ଲାକୁ ସମ୍ପୂର୍ଣ୍ଣ ଧ୍ୱଂସ ବିଧ୍ୱସ୍ତ କରି ଦେଇଥିଲା ସେତେବେଳେ ମୁଖ୍ୟମନ୍ତ୍ରୀ ହଠାତ୍ ଚାନ୍ଦିପୁରଠାରେ ଅବତରଣ କରିଥିଲେ । ଲୋକମାନଙ୍କ ଦୁଃଖରେ ସହାନୁଭୂତି ଜଣାଇ ପର୍ଯ୍ୟାପ୍ତ ସାହାଯ୍ୟର ବ୍ୟବସ୍ଥା କରିବାକୁ । ଏହି ଦୁଇ ଘଟଣା ମଝିରେ କଳାହାଣ୍ଡି, ବଲାଙ୍ଗୀର ଓ ଫୁଲବାଣୀ ଜିଲ୍ଲାରେ ଜଳ ବିହୁନେ ଅନଟନ ପଡ଼ିଅଛି, ମହାନଦୀ ଓ ବୈତରଣୀରେ ପ୍ରବଳ ବନ୍ୟା ଆସି କୂଳବର୍ତ୍ତୀ ଅଞ୍ଚଳ ଭସାଇ ଦେଇଛି, କେଉଁଠି ସବର୍ଣ୍ଣମାନେ ଲାଠି ଧରି ଭିଡ଼ି ପଡ଼ିଛନ୍ତି ହରିଜନ ବସ୍ତି ଉପରକୁ ବା ଅନ୍ୟ କେଉଁଠି ସାମ୍ପ୍ରଦାୟିକ ଦଙ୍ଗା ମୁଣ୍ଡ ଟେକିବାକୁ ଚେଷ୍ଟା କରିଅଛି—କିନ୍ତୁ ଏହି ପ୍ରତ୍ୟେକ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ନିଜେ ଯାଇ ଶାସନର ପ୍ରତ୍ୟକ୍ଷ ପରିଚାଳନା କରି ପୀଡ଼ିତ ଲୋକଙ୍କର ଦୁଃଖ ଲାଘବ କରି ଅଛନ୍ତି—ଏପରିକି ବିପର୍ଯ୍ୟୟଗ୍ରସ୍ତ ଲୋକମାନେ ସ୍ୱତଃସ୍ଫୂର୍ତ୍ତ ଭାବରେ ଏବେ ଧରିନେଉଛନ୍ତି ଯେ ନିଶ୍ଚୟ ମୁଖ୍ୟମନ୍ତ୍ରୀ ତାଙ୍କ ଗହଣକୁ ଆସି ସେମାନଙ୍କ ଦୁଃଖ ଶୁଣିଯିବେ । ଅବସ୍ଥା ବୁଝିଯିବେ । ବିପର୍ଯ୍ୟୟଗ୍ରସ୍ତ ଜନସାଧାରଣଙ୍କ ମନରେ ଏଭଳି ଆଶା ଉଦ୍ରେକ ଏହାହିଁ ଓଡ଼ିଶା ଶାସନରେ ପ୍ରଥମ । ଯଦି ଦୁର୍ବିପାକ ଏବଂ ବିପଦ ଭିତରେ ବନ୍ଧୁତ୍ୱର ପ୍ରକୃତ ପରିଚୟ ମିଳିଥାଏ, ତେବେ ଓଡ଼ିଶାର ଜନସାଧାରଣ ଏହି ସହାନୁଭୂତି ସମ୍ପନ୍ନ ମୁଖ୍ୟମନ୍ତ୍ରୀଙ୍କୁ ନିଶ୍ଚୟ ଆପଣାର ଜଣେ ହିତୈଷୀ ବନ୍ଧୁ ଭାବରେ ଗ୍ରହଣ କରି ସାରିଛନ୍ତି । ଶାସିତ ଏବଂ ଶାସକଙ୍କ ମଧ୍ୟରେ ଏପରି ଏକାତ୍ମଭାବତା ସଚରାଚର ଦୁର୍ଲଭ ।

## କେନ୍ଦ୍ରରୁ ଅଧିକ ଅର୍ଥ ବିନିଯୋଗ

ଦେଶ ସ୍ୱାଧୀନ ହେବାଠାରୁ ୧୯୮୦ ମସିହା ପର୍ଯ୍ୟନ୍ତ ଓଡ଼ିଶାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ହିରାକୁଦ ବନ୍ଧ, ରାଉରକେଲା ଇସ୍ପାତ କାରଖାନା ଏବଂ ସୁନାବେଡାଠାରେ ଉଡ଼ାଜାହାଜର ଇଞ୍ଜିନ ନିର୍ମାଣ ନିମନ୍ତେ କାରଖାନା— ଏଭଳି ତିନିଗୋଟି ମାତ୍ର ଅନୁଷ୍ଠାନ ସ୍ଥାପିତ ହୋଇଥିଲା । କିନ୍ତୁ ୧୯୮୦ ମସିହାରେ ଓଡ଼ିଶାରେ ଏକ ସ୍ଥିତିଶୀଳ ଓ ପ୍ରଗତିମୂଳକ ଶାସନର ପ୍ରାକ୍ କାଳରେ ଆଲୁମିନିୟମ ପ୍ରକଳ୍ପ କାର୍ଯ୍ୟକାରୀ କରିବା ଲାଗି ସେହି ବର୍ଷ ନଭେମ୍ବର ମାସରେ ଭାରତ ସରକାର ପୁଞ୍ଜି ଲଗାଣ ନିଷ୍ପତ୍ତି ନେଇଥିଲେ । ଏସିଆର ସର୍ବ ବୃହତ୍ ଏହି ସୁସଂକୃତ ଆଲୁମିନା-ଆଲୁମିନିୟମ ପ୍ରକଳ୍ପ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଦ୍ୱାରା ୨,୪୦୮ କୋଟି ଟଙ୍କା ବ୍ୟୟରେ ସମ୍ପୂର୍ଣ୍ଣ ହୋଇସାରିଅଛି ।

ପାରାଦୀପଠାରେ ଭାରତ ସରକାରଙ୍କ ସହାୟତାରେ ୪୦୦ କୋଟି ଟଙ୍କା ବ୍ୟୟରେ ଫସଫେଟ ଭିତ୍ତିକ ପାରାଦୀପ ସାରକାରଖାନା ସ୍ଥାପନ କରିବାକୁ ନିଷ୍ପତ୍ତି ମଧ୍ୟ ସେହି ସମୟରେ ଗୃହୀତ ହୋଇ ଥିଲା । ଏବେ ସେ କାରଖାନା ସମ୍ପୂର୍ଣ୍ଣ ହୋଇ ଉତ୍ପାଦନ ଆରମ୍ଭ କରିସାରିଲାଣି ।

ବଲାଙ୍ଗୀରର ସଇଁତଲାଠାରେ ୧,୦୦୦ କୋଟି ଟଙ୍କା ବ୍ୟୟ କରାଯାଇ ଦେଶରକ୍ଷା ବିଭାଗ ତରଫରୁ ଏକ ଗୋଳାବାରୁଦ ନିର୍ମାଣ କାରଖାନା ପ୍ରସ୍ତୁତ କରାଯାଉଅଛି ଏବଂ ଏହି କାରଖାନା ଆସନ୍ତା ବର୍ଷ ବେଳକୁ ଉତ୍ପାଦନ ଆରମ୍ଭ କରିବ ବୋଲି ଆଶା କରାଯାଉଅଛି ।

ଭୁବନେଶ୍ୱର ନିକଟରେ ମଞ୍ଚେଶ୍ୱରଠାରେ ରେଳବାଇ ବିଭାଗ ତରଫରୁ ଗୋଟିଏ ରେଳଗାଡ଼ି ମରାମତି କାରଖାନା ସ୍ଥାପନା କରାଯାଇଅଛି । ଜାତୀୟ ତାପଜ ବିଦ୍ୟୁତ ନିଗମ କଣିହାଠାରେ ୨,୦୦୦ କୋଟି ଟଙ୍କା ବ୍ୟୟରେ ଏକ ଅତିକାୟ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା କରୁଛନ୍ତି ।

ଏହି ପ୍ରକଳ୍ପଗୁଡ଼ିକ ଗଢ଼ି ଉଠିବା ସାଙ୍ଗେସାଙ୍ଗେ ଏଥିଲାଗି ଆବଶ୍ୟକ ହେଉଥିବା ଦ୍ରବ୍ୟ ଓ ଯନ୍ତ୍ରାଂଶ ଯୋଗାଇବା ନିମନ୍ତେ ଅନୁସଙ୍ଗିକ ଶିଳ୍ପର ବିକାଶ, ବିଶେଷତଃ କ୍ଷୁଦ୍ର ଶିଳ୍ପଗୁଡ଼ିକର ପ୍ରସାର ଏହି ସମ୍ପର୍କରେ ଉଲ୍ଲେଖନୀୟ ।

ଭାରତ ସରକାରଙ୍କ ରେଳ ମନ୍ତ୍ରଣାଳୟ ପକ୍ଷରୁ ବିଗତ ୯ ବର୍ଷ ମଧ୍ୟରେ ଓଡ଼ିଶା ନିମନ୍ତେ ଉଲ୍ଲେଖନୀୟ କାର୍ଯ୍ୟ ଆରମ୍ଭ କରାଯାଇଅଛି । ସମ୍ବଲପୁର-ତାଳଚେର ରେଳପଥର (୧୭୨ କି.ମି.) ତାଳଚେରଠାରୁ ଅନୁଗୁଳ ପର୍ଯ୍ୟନ୍ତ ରେଳଲାଇନ ଏହିବର୍ଷ କାର୍ଯ୍ୟ କରିବ । ୧୯୮୩-୮୪ରେ ଅନୁମୋଦନ ଲାଭ କରିଥିବା କୋରାପୁଟ-ରାୟଗଡ଼ା (୧୭୫ କି.ମି.) ରେଳଲାଇନର ନିର୍ମାଣ କାର୍ଯ୍ୟ ମଧ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି । ଯକ୍ଷପୁରା—ବାଂଶପାଣି (୧୭୯ କି.ମି.) ରେଳଲାଇନର ଯକ୍ଷପୁରାଠାରୁ ଦଇତାରୀ ପର୍ଯ୍ୟନ୍ତ ରେଳପଥ ୧୯୮୧ ରେ ସମ୍ପୂର୍ଣ୍ଣ ହୋଇ ଯାଇଅଛି ।

ସ୍ୱାଧୀନତା ପରଠାରୁ ୧୯୮୦ ମସିହା ପର୍ଯ୍ୟନ୍ତ ଓଡ଼ିଶାର ୧,୪୭୦ କି.ମି. ରେଳପଥ ସହିତ ୫୭୫ କି.ମି. ନୂତନ ରେଳପଥ ଯୋଗ କରାଯାଇଥିବା ସ୍ଥଳେ ୧୯୮୦ ମସିହାଠାରୁ ଆଜି ପର୍ଯ୍ୟନ୍ତ ୪୯୧ କି.ମି. ରେଳପଥ ନୂତନ ଭାବରେ ନିର୍ମାଣ କରାଯିବା ପ୍ରସ୍ତାବ ଅନୁମୋଦନ କରାଯାଇ କାର୍ଯ୍ୟ ଆରମ୍ଭ ହୋଇଛି ।

ଦୂରଦର୍ଶନ ଓ ଆକାଶବାଣୀ କ୍ଷେତ୍ରରେ ମଧ୍ୟ ବର୍ତ୍ତମାନ ସରକାରଙ୍କର ଅବିରାମ ଓ ଫଳପ୍ରଦ ଚେଷ୍ଟା ହେତୁ ଅନେକ ଉନ୍ନତି ହୋଇଛି । ୧୯୮୦ ପର୍ଯ୍ୟନ୍ତ ଓଡ଼ିଶାରେ କେବଳ ସମ୍ବଲପୁରଠାରେ ଗୋଟିଏ ଏକ କିଲୋୱାଟ୍ ଟେଲିଭିଜନ ଷ୍ଟେସନ ଏବଂ କଟକ, ସମ୍ବଲପୁର ଏବଂ ଜୟପୁରରେ ତିନିଗୋଟି ଆକାଶବାଣୀର କେନ୍ଦ୍ର ଥିଲା । କିନ୍ତୁ ୧୯୮୦ ମସିହା ପରେ କଟକଠାରେ ଗୋଟିଏ ୧୦ କିଲୋୱାଟ୍ ଷ୍ଟେସନ ଏବଂ ଜୟପୁର, କୋରାପୁଟ, ଭବାନୀପାଟଣା, ଫୁଲବାଣୀ, ବାଲେଶ୍ୱର, ବାରିପଦା, ରାଉରକେଲା, ବ୍ରହ୍ମପୁର ଏବଂ ସୁନ୍ଦରଗଡଠାରେ ୯ ଗୋଟି ଟେଲିଭିଜନ ଷ୍ଟେସନ ବସିଅଛି । ଏହି ବର୍ଷ ଶେଷ ସୁଦ୍ଧା ବଲାଙ୍ଗିର, ଭଞ୍ଜନଗର ଏବଂ କେନ୍ଦୁଝରଠାରେ ମଧ୍ୟ ଟେଲିଭିଜନ ଷ୍ଟେସନ ବସିଯିବ । ତେଣୁ ଏହି ଦଶନ୍ଧିରେ ଓଡ଼ିଶାର ଶତକଡ଼ା ୫୬ ଭାଗ ଲୋକ ଟେଲିଭିଜନ ଦେଖିବା ସୁଯୋଗ ପାଇବେ । ଏହା ବ୍ୟତୀତ ଜୟପୁର ଆକାଶବାଣୀ କେନ୍ଦ୍ରକୁ ୧୦୦ କିଲୋୱାଟ ଏବଂ ଭବାନୀପାଟଣାଠାରେ ମଧ୍ୟ ୨ଟି ୧୦୦ କିଲୋୱାଟ୍ ଆକାଶବାଣୀର କେନ୍ଦ୍ର ଓ ବ୍ରହ୍ମପୁର, ବାରିପଦା, କେନ୍ଦୁଝର, ବଲାଙ୍ଗୀର ଏବଂ ରାଉରକେଲାଠାରେ ନୂତନ ଆକାଶବାଣୀ କେନ୍ଦ୍ର ସ୍ଥାପନ କରାଯାଇଅଛି ।

କେନ୍ଦ୍ର ସରକାରଙ୍କ ସାହାଯ୍ୟ, ସାହଚର୍ଯ୍ୟ ଏବଂ ଅଗାଧ ବିଶ୍ୱାସ ଫଳରେ ରାଜ୍ୟ ସରକାର ଆହୁରି ଦ୍ରୁତଗତିରେ ଅଗ୍ରସର ହେବାକୁ ସୁଯୋଗ ପାଇଛନ୍ତି ।

## ଶିଳ୍ପାୟିତ ଓଡ଼ିଶା

ଶାସନଭାର ଗ୍ରହଣ କରିବାର ପ୍ରାକ୍‌କାଳରେ ଶ୍ରୀ ପଟ୍ଟନାୟକ ଯେତେବେଳେ ଓଡ଼ିଶାକୁ ଦ୍ରୁତ ଶିଳ୍ପାୟନ କ୍ଷେତ୍ରରେ ଅଗ୍ରସର କରାଇବାକୁ ଆହ୍ୱାନ ଦେଇ ଏକ ହଜାର ଦିନରେ ଏକ ହଜାର କୋଟି ଟଙ୍କା ମୂଳଧନରେ ଏକ ହଜାର ଗୋଟି ଶିଳ୍ପ ପ୍ରତିଷ୍ଠା କରିବା ସମ୍ଭବ ବୋଲି କହିଥିଲେ ସେତେବେଳେ ଓଡ଼ିଶାର ବୁଦ୍ଧିଜୀବୀ ତଥା ଶିଳ୍ପପତିମାନେ ଏହାକୁ ଏକ ନିର୍ବାଚନୀୟ ପ୍ରଚାର ଏବଂ ଅତ୍ୟନ୍ତ ବେଶୀ ହେଲେ ଏକ ଅବାସ୍ତବ ରଙ୍ଗୀନ ସ୍ୱପ୍ନ ବୋଲି ବିଚାର କରୁଥିଲେ । କିନ୍ତୁ ଶାସନର ପ୍ରଥମ ବର୍ଷ ହିଁ କେନ୍ଦ୍ର ସରକାରଙ୍କ ତରଫରୁ ୨,୪୦୮ କୋଟି ଟଙ୍କାର ଆଲୁମିନିୟମ କାରଖାନା ଓ ୪୦୦ କୋଟି ଟଙ୍କାର ସାର କାରଖାନା ସମ୍ପର୍କରେ ନିଷ୍ପତ୍ତି ନିଆଯାଇଥିଲା । ତା ବ୍ୟତୀତ ସୁନାବେଡ଼ାଠାରେ ଦେଶରକ୍ଷା ବିଭାଗର କାରଖାନା ଏବଂ ମଞ୍ଚେଶ୍ୱରଠାରେ ରେଳଡବା ମରାମତି କାରଖାନା ସ୍ଥାପିତ ହୋଇ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ ଯେ ପଣ୍ଡୁଲବ୍‌ଧ କଳ୍ପନାବିଳାସ ନୁହେଁ ତାହା ପ୍ରମାଣ କରି ଦେଇଥିଲା ।

ଷଷ୍ଠ ଯୋଜନାର ପ୍ରାକ୍‌କାଳରେ ଓଡ଼ିଶା ସରକାର ଯେଉଁ ଶିଳ୍ପନୀତି ଗ୍ରହଣ କରିଥିଲେ ତାହା ଉତ୍ପାଦନ ବୃଦ୍ଧି, ଅଧିକ କର୍ମ ଯୋଗାଣ, ଶିଳ୍ପମାନଙ୍କର ବିଭିନ୍ନ ଅଞ୍ଚଳ ଏବଂ କ୍ଷେତ୍ରକୁ ପ୍ରସାର ଓ ଶିଳ୍ପ ରୁଗ୍‌ଣ ନିରୋଧ ଉପରେ ଗୁରୁତ୍ୱ ଦେଇଥିଲା । ସପ୍ତମ ଯୋଜନା ନିମନ୍ତେ ୧୯୮୬ ମସିହାରେ ଯେଉଁ ଶିଳ୍ପନୀତି ଘୋଷିତ ହୋଇଥିଲା ତାହା ଷଷ୍ଠ ଯୋଜନାରେ ମିଳିଥିବା ସୁଫଳର ଭିତ୍ତି ଉପରେ ଆଧୁନିକତମ ଶିଳ୍ପ, ଉନ୍ନତ କାରିଗରୀ ବିଦ୍ୟାର ବ୍ୟବହାର, ପୁରୁଣା ଶିଳ୍ପର ଆଧୁନିକୀକରଣ ଏବଂ ବୈଷୟିକ ତଥା ବ୍ୟବସାୟିକ ଦକ୍ଷତା ବୃଦ୍ଧି ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା ।

ଷଷ୍ଠ ଯୋଜନା ପୂର୍ବରୁ ରାଜ୍ୟରେ ୫୭ ଗୋଟି ବୃହତ୍ ଓ ମଧ୍ୟମ ଧରଣର ଶିଳ୍ପ ଥିଲାବେଳେ ୧୯୮୮ ମସିହା ସୁଦ୍ଧା ଏହି ୯ ବର୍ଷ ଭିତରେ ୫୩୮ କୋଟି ଟଙ୍କା ମୂଳଧନରେ ୧୨୭ ଟି ବୃହତ୍ ଓ ମଧ୍ୟମ ଧରଣର ନୂତନ ଶିଳ୍ପ ସ୍ଥାପିତ ହୋଇ ପାରିଅଛି ଏବଂ ଏହାଦ୍ୱାରା ୪୨,୦୦୦ ଲୋକଙ୍କୁ କର୍ମ ଯୋଗାଇ ଦିଆଯାଇପାରିଛି । ସେହିପରି ୧୯୮୦ ବେଳକୁ ରାଜ୍ୟରେ ୯,୧୧୯ ଟି କ୍ଷୁଦ୍ରଶିଳ୍ପ ଥିଲାବେଳେ ବିଗତ ୯ ବର୍ଷ ଭିତରେ ଅଧିକା ୨୨,୮୦୩ଟି କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠା ହୋଇଅଛି ଏବଂ ଏହାଦ୍ୱାରା ଅଧିକା ଦେଢ଼ଲକ୍ଷ ଲୋକଙ୍କ ନିମନ୍ତେ ନୂତନ କର୍ମ ସଂସ୍ଥାନ କରାଯାଇ ପାରିଅଛି । କୁଟୀର ଶିଳ୍ପ କ୍ଷେତ୍ରରେ ମଧ୍ୟ ୧୯୮୮ ବେଳକୁ କୁଟୀର ଶିଳ୍ପ ସଂଖ୍ୟା ୭୭୧,୬୮୬ ହୋଇ ପାରିଅଛି ଏବଂ ଏଥିରେ ସାଢ଼େ ଚାରି ଲକ୍ଷ ଲୋକ ଜୀବିକା ନିର୍ବାହ କରୁଛନ୍ତି ।

ଗତାନୁଗତିକ ଶିଳ୍ପର ଦ୍ରୁତ ପ୍ରସାର ହେଉଥିବାବେଳେ ନୂତନ ଇଲେକ୍ଟ୍ରୋନିକ୍ସ ଶିଳ୍ପରେ ଜାଗରଣ ସୃଷ୍ଟି ହୋଇ ନବଦିଗନ୍ତର ଉନ୍ମେଷଣ ହୋଇଅଛି । ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ଆଠଗୋଟି ଇଲେକ୍ଟ୍ରୋନିକ୍ସ ଶିଳ୍ପ ସ୍ଥାପନା ହୋଇ ଟେଲିଭିଜନ, କାପାସିଟର ପ୍ରଭୃତି ଦ୍ରବ୍ୟ ଉତ୍ପାଦନ ହେଉଥିବାବେଳେ ଆହୁରି ୨୨ଗୋଟି ଇଲେକ୍ଟ୍ରୋନିକ୍ସ ଶିଳ୍ପ ଉତ୍ପାଦନକ୍ଷମ ହେବା ପଥରେ ଅଛନ୍ତି । ଭୁବନେଶ୍ୱରଠାରେ ଏକ ସୁପର କମ୍ପ୍ୟୁଟର ପ୍ରତିଷ୍ଠା କରାଯାଇଅଛି ଏବଂ ଭୁବନେଶ୍ୱରକୁ ଏକ ସଫ୍ଟ-ଓ୍ୱେୟାର ନଗରୀ ରୂପେ ଗଢ଼ି ତୋଳିବାକୁ ସ୍ଥିର କରାଯାଇଅଛି ।

ଓଡ଼ିଶାର ଶିଳ୍ପୋଦ୍ୟୋଗୀ ଓ ଶିଳ୍ପପତିମାନଙ୍କୁ ମୌଳିକ ସୁବିଧା ଓ ସୁଯୋଗ ଯୋଗାଇ ଦେବାକୁ ଏକ ନୂତନ ପ୍ରତିଷ୍ଠାନ 'ଇଡ୍‌କୋ'ର ପରିକଳ୍ପନା କରି ଏବଂ ସେମାନଙ୍କୁ ମୂଳଧନ ଋଣ ଏବଂ ଇକ୍ୱିଟି ସେୟାର ହିସାବରେ ସାହାଯ୍ୟ ଦେବାକୁ 'ଇପିକଲ' ସଂସ୍ଥାର ପୁନର୍ବିନ୍ୟାସକରି ଶିଳ୍ପ ପ୍ରସାର ନିମନ୍ତେ ସରକାର ଯେଉଁ ସାହସିକ ପଦକ୍ଷେପ ନେଲେ ତାର ଉଲ୍ଲେଖ ଏଠାରେ ଆବଶ୍ୟକ । ନୂତନ ଶିଳ୍ପମାନଙ୍କୁ ବିଦ୍ୟୁତ୍‌ଶକ୍ତି ଦେବା ନିମନ୍ତେ ସୁବିଧା କରି ଦିଆଯାଇଅଛି ।

ଅବଶ୍ୟ ଏକ, ଦୁଇ କରି ଗଣିଗଣି ପ୍ରଥମ ଏକ ହଜାର ଦିନରେ ଏକ ହଜାର ଶିଳ୍ପ ହୋଇ ପାରିଲା କି ନାହିଁ ତାହାର ଖୁଣ୍ଟିନାଟି ବିବରଣ ଆବଶ୍ୟକ ବା ସମ୍ଭବ ମଧ୍ୟ ନୁହେଁ । କିନ୍ତୁ ଏହା ନିଶ୍ଚିତ ଭାବରେ କହି ହେବ ଯେ ଶିଳ୍ପାୟନ ଦିଗରେ ଯାହା ଅସମ୍ଭବ ଏବଂ ଆକାଶକୁସୁମ ବୋଲି ମନେ ହେଉଥିଲା, ତାହା ଆଜି କେବଳ ସମ୍ଭବ ନୁହେଁ, ବାସ୍ତବରେ ରୂପାନ୍ତରିତ ହୋଇ ଯାଇଅଛି, ଏକ ଶିଳ୍ପିକ ବାତାବରଣ ଏବେ ଓଡ଼ିଶାର ଅଙ୍ଗେଅଙ୍ଗେ ଖେଳି ଚାଲୁଛି ଏବଂ ଏହାହିଁ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କର ଓଡ଼ିଶାକୁ ଏକ ମହତ୍ ସେବା ଏବଂ ଦାନ । ପରିସଂଖ୍ୟାନ ଅପେକ୍ଷା ଅନ୍ୟ ଏକ ବିସ୍ମୟ ବିଷୟ ହେଉଛି ଯେ ଆଜି ମଧ୍ୟମ ଏବଂ କ୍ଷୁଦ୍ର ଶିଳ୍ପଗୁଡ଼ିକର ଆର୍ଥିକ ସ୍ୱଚ୍ଛଳତା

ଓ ସମ୍ଭଳ ୧୯୮୦ ମସିହା ଅପେକ୍ଷା ଅଧିକ ଉନ୍ନତ ଏବଂ ଦକ୍ଷ ରହିବାକୁ ସକ୍ଷମ ।

ଏହି ସମ୍ପର୍କରେ ବହୁ ଚର୍ଚ୍ଚିତ ଓଡ଼ିଶାରେ ଦ୍ୱିତୀୟ ଇସ୍ପାତ ଶିଳ୍ପ ପ୍ରତିଷ୍ଠା ସମ୍ପର୍କରେ ଆଲୋଚନା ନ କଲେ ଓଡ଼ିଶାରେ ଏହି ଦଶନ୍ଧିରେ ଶିଳ୍ପର ପ୍ରଗତି ବିଷୟରେ ଆଲୋଚନା ଅସମ୍ପୂର୍ଣ୍ଣ ରହିଯିବ । ଓଡ଼ିଶାର ଦଇତାରୀଠାରେ ଏକ ଇସ୍ପାତ ଶିଳ୍ପ ସ୍ଥାପନ କରିବାକୁ ୧୯୮୦ ପୂର୍ବରୁ ନୀତିଗତ ନିଷ୍ପତ୍ତି ହୋଇଥିଲା । କିନ୍ତୁ ଇସ୍ପାତର ଚାହିଦା ଏବଂ ପୃଥିବୀ ବଜାରରେ ମୂଲ୍ୟକୁ ଦେଖି ତଥା ବର୍ତ୍ତମାନ ଭାରତବର୍ଷରେ ସ୍ଥାପିତ ହୋଇଥିବା ଇସ୍ପାତ କାରଖାନାମାନଙ୍କର ସାମର୍ଥ୍ୟର ପୂର୍ଣ୍ଣ ଉପଯୋଗୀତାକୁ ବିଚାର କରି ଭାରତ ସରକାର ୧୯୮୦ ମସିହା ପରେ ଅନ୍ୟ କୌଣସି ସ୍ଥାନରେ ନୂତନ ଭାବରେ ଇସ୍ପାତ ଶିଳ୍ପ ନ ବସାଇବାକୁ ଆପାତତଃ ସ୍ଥିର କରିଥିବାରୁ ଓଡ଼ିଶାରେ ଦ୍ୱିତୀୟ ଇସ୍ପାତ କାରଖାନା ବସିପାରୁ ନାହିଁ । ତା ବଦଳରେ ମଧ୍ୟପ୍ରଦେଶର ନିର୍ଦ୍ଦିଷ୍ଟ ଦାବୀ ସତ୍ତ୍ୱେ ଓଡ଼ିଶାରେ ଆଲୁମିନିୟମ ଉତ୍ପାଦନ ନିମନ୍ତେ ନିଷ୍ପତ୍ତି ନିଆ ହୋଇଛି । ତଥାପି ଏବେ ମଧ୍ୟ ନିଃସନ୍ଦେହ ଭାବରେ କୁହାଯାଇପାରେ ଯେ ଯଦି ଭବିଷ୍ୟତରେ ଭାରତବର୍ଷରେ ଅନ୍ୟ ଏକ ଇସ୍ପାତ କାରଖାନା ବସାଇବା ନିଷ୍ପତ୍ତି ନିଆଯିବ, ତାହେଲେ ଓଡ଼ିଶାର ଏ ସଂପର୍କିତ ଦାବୀକୁ କେନ୍ଦ୍ର ସରକାର ସହଜରେ ଉପେକ୍ଷା କରି ପାରିବେ ନାହିଁ ।

ଓଡ଼ିଶାରେ ଶିଳ୍ପର ଅଭିବୃଦ୍ଧି ସମସ୍ତ ଭାରତ ତଥା ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ରାଜୀବ ଗାନ୍ଧିଙ୍କ ଦୃଷ୍ଟି ଆକର୍ଷଣ କରି ପାରିଥିଛି । ବିହାର ରାଜ୍ୟରେ ଏକ ସଭାରେ ଶ୍ରୀ ରାଜୀବ ଗାନ୍ଧି ଓଡ଼ିଶାରେ ଶିଳ୍ପର ଦ୍ରୁତ ବିକାଶର ଉଦାହରଣ ଦେଇ ବିହାର ତଥା ଅନ୍ୟ ରାଜ୍ୟମାନଙ୍କୁ ତାର ଅନୁକରଣ କରିବାକୁ ଉପଦେଶ ଦେଇଛନ୍ତି ।

### କୃଷିର ଅଭିବୃଦ୍ଧି

ଓଡ଼ିଶା ଅର୍ଥନୀତିରେ କୃଷି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଆସିଛି । କାରଣ ଓଡ଼ିଶାର ମୋଟ ଆୟର ପ୍ରାୟ ଶତକଡା ୭୦ ଭାଗ କୃଷିରୁ ହିଁ ଆସିଥାଏ ଏବଂ ଓଡ଼ିଶାର ଶ୍ରମଜୀବୀଙ୍କ ମଧ୍ୟରୁ ପ୍ରତିଭାଗରୁ ତିନିଭାଗ କୃଷି କ୍ଷେତ୍ରରେ ହିଁ ଅଛନ୍ତି । ତେଣୁ ଶିଳ୍ପ କ୍ଷେତ୍ରରେ ଯେତେ ଅଧିକ ଉତ୍ପାଦନ ହେଲେ ମଧ୍ୟ କୃଷକହିଁ ଓଡ଼ିଶା ଅର୍ଥନୀତିରେ ଉନ୍ନତି ଆଣିବା ନିମନ୍ତେ ଏବଂ କୃଷିହିଁ କର୍ମ ସଂସ୍ଥାନ ବୃଦ୍ଧି ନିମନ୍ତେ ପ୍ରଧାନ ଅବଲମ୍ବ । ସେହି ଦୃଷ୍ଟିରୁ କୃଷି ପ୍ରତି ବର୍ତ୍ତମାନ ସରକାର ଶାସନଭାର ଗ୍ରହଣ କରିବା ଦିନଠାରୁ ଅଧିକ ଯତ୍ନଶୀଳ ହୋଇଛନ୍ତି ଏବଂ ବିଗତ ୯ ବର୍ଷ ଭିତରେ ଅନନ୍ୟ ସଫଳତା ଲାଭ କରି ପାରିଛନ୍ତି ।

୧୯୮୦ ମସିହାରେ ଓଡ଼ିଶାରେ ଖାଦ୍ୟଶସ୍ୟ ଉତ୍ପାଦନ ପରିମାଣ ଥିଲା ମୋଟ ୩୮.୭୩ ଲକ୍ଷ ଟନ କିନ୍ତୁ ୧୯୮୯ ବେଳକୁ ତାହା ୭୪ ଲକ୍ଷ ଟନରେ ପହଞ୍ଚି ପାରିଛି । ୧୯୭୯-୮୦ରେ ଖରିଫ ଉତ୍ପାଦନ ୨୯.୧୮ ଲକ୍ଷ ଟନ ଥିଲା ବେଳକୁ ୧୯୮୮-୮୯ ବେଳକୁ ୫୨ ଲକ୍ଷ ଟନ ଖରିଫ ଉତ୍ପାଦନ ହୋଇଥିଲା । ୧୯୭୮-୮୦ରେ ରବି ଶସ୍ୟ ୫.୭୭ ଲକ୍ଷ ଟନ ଉତ୍ପାଦନ ହୋଇଥିଲା ବେଳେ ୧୯୮୫-୮୬ ବେଳକୁ ଏହା ୧୧ ଲକ୍ଷ ଟନ ହୋଇଥିଲା ।

ଏହି ବୃଦ୍ଧି ନିମନ୍ତେ କେବଳ ଇନ୍ଦ୍ରଙ୍କ ଦୟା ଉପରେ ନିର୍ଭର ନକରି ଅନେକ ବିଜ୍ଞାନ ସମ୍ମତ ଫଳପ୍ରଦ ଉପାୟ ବ୍ୟବହାର କରାଯାଇ ଉତ୍ପାଦିକା ଶକ୍ତି ଏବଂ ବିଭିନ୍ନ ଫସଲ ନିମନ୍ତେ ସେହି କୃଷି ଜମିର ପୁନଃ ପୁନଃ ବ୍ୟବହାର ବୃଦ୍ଧି କରାଯାଇଥିବାରୁ ଓଡ଼ିଶା କୃଷି କ୍ଷେତ୍ରରେ ଅନେକ ଅଗ୍ରଗତି ହୋଇପାରିଛି । ଜଳସେଚିତ ଅଞ୍ଚଳରେ ଯାନ୍ତ୍ରିକ କୃଷି ପଦ୍ଧତିର ପ୍ରଚଳନ, ଉତ୍ପାଦନ ବୃଦ୍ଧି ନିମନ୍ତେ ବିଭିନ୍ନ ପ୍ରକାର ଫସଲ ଏକା ଜମିରୁ ଅମଦାନୀ, ଜଳସମ୍ପଦର ସୁପରିଚାଳନା, ରାସାୟନିକ ସାର ପ୍ରୟୋଗରେ ଉନ୍ନତି ଏବଂ ସମ୍ଭବ ସ୍ଥଳରେ ରବି ଋତୁରେ ତୈଳବୀଜ ଡ଼ାଲି ଜାତୀୟ ଫସଲ ତଥା ପନିପରିବା ତୃତୀୟ ଶସ୍ୟ ରୂପେ ଅମଦାନୀ କରିବା, ଅଣ ଜଳସେଚିତ ଜମିକୁ ଜଳସେଚନ ସୁବିଧାର ବିସ୍ତାର, କୃଷି ସମ୍ପ୍ରସାରଣ ପ୍ରଭୃତି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଥିବା ପଦକ୍ଷେପ ନେଇ ଓଡ଼ିଶାରେ ଶସ୍ୟ ଅମଦାନୀ ବୃଦ୍ଧି ପାଇଅଛି ।

ରାସାୟନିକ ସାରର ବ୍ୟବହାର ୧୯୭୯-୮୦ ରେ ହେକ୍ଟରପିଛା ୮.୧୫ କେ.ଜି. ଥିଲା ବେଳେ ୧୯୮୮-୮୯ରେ ତିନି ଗୁଣ ବୃଦ୍ଧି ପାଇ ୨୫ କେ.ଜି. ହୋଇପାରିଅଛି । ରାଜ୍ୟରେ କୃଷକମାନଙ୍କୁ ବିଭିନ୍ନ ବିକ୍ରୟ କେନ୍ଦ୍ର ଜରିଆରେ କମ୍ ଦାମ ଓ ଅଳ୍ପ ବ୍ୟବହାର ହୋଇ ପାରୁଥିବା ୧୦ କେ.ଜି. ରାସାୟନିକ ସାର ଏବଂ ଉନ୍ନତ ବିହନ ପ୍ରଭୃତି ଆକାରରେ ଯୋଗାଇ ଦିଆଯାଉଥିବାରୁ କୃଷକ ଏବେ ରାସାୟନିକ ସାର ଏବଂ ଉନ୍ନତ ବିହନ ବ୍ୟବହାର କରି ପାରୁଅଛି ଏବଂ ଏଥି ନିମନ୍ତେ ଆଗ୍ରହ ମଧ୍ୟ ପ୍ରକାଶ କରୁଅଛି ।

ତୃତୀୟ ଫସଲର ପ୍ରବର୍ତ୍ତନ ଯୋଗୁଁ ରାଜ୍ୟରେ ୧୯୭୯-୮୦ରେ ୧.୭୫ ଲକ୍ଷ ହେକ୍ଟରରେ ଚିନାବାଦାମ ଚାଷ ହେଉଥିବା ବେଳେ ୧୯୮୬-୮୭ ବେଳକୁ ୩.୪୫ ଲକ୍ଷ ହେକ୍ଟରରେ ଚିନାବାଦାମ ହେଉଥିଲା । ଚିନାବାଦାମ ଉତ୍ପାଦିକା ଶକ୍ତି ୧୯୭୯-୮୦ରେ ହେକ୍ଟର ପିଛା ୭ କ୍ୱିଣ୍ଟାଲ ଥିବାବେଳେ ୧୯୮୫-୮୬ ବେଳକୁ ୧୪.୩୪ କ୍ୱିଣ୍ଟାଲକୁ ବୃଦ୍ଧି ପାଇଥିଲା । ତେଣୁ ରାଜ୍ୟରେ ଚିନାବାଦାମ ଉତ୍ପାଦନ ୧୯୭୯-୮୦ ରେ ୧.୨୩ ଲକ୍ଷ ଟନ ଥିଲା ବେଳକୁ ୧୯୮୫-୮୬ ବେଳକୁ ୪.୬୩ ଲକ୍ଷ ଟନ ହୋଇ ପାରିଥିଲା । ସେହିପରି ମୋଟ ତୈଳବୀଜ ଶସ୍ୟ ୧୯୭୯-୮୦ରେ ୨.୭୯ ଲକ୍ଷ ଟନ ଥିବା ବେଳକୁ ୧୯୮୭-୮୮ ବେଳକୁ ୮.୨୦ ଲକ୍ଷ ଟନ ଏବଂ ରବି ଶସ୍ୟର ଉତ୍ପାଦନ ୧୯୭୯-୮୦ରେ ୫.୭୭ ଲକ୍ଷ ଟନ ଥିଲା ବେଳକୁ ୧୯୮୫-୮୬ ବେଳକୁ ୧୧ ଲକ୍ଷ ଟନ୍ ହୋଇଥିଲା ।

କୃଷିର ସମୃଦ୍ଧି ନିମନ୍ତେ କୃଷକମାନଙ୍କୁ ଅଧିକ ଋଣ ଟଙ୍କା ମଞ୍ଜୁର କରିବାକୁ ସୁବିଧା ଦିଆଯାଇଅଛି । ୧୯୭୯-୮୦ରେ କୃଷକମାନଙ୍କୁ ୪୧.୦୬ କୋଟି ଟଙ୍କା ଋଣ ଦିଆଯାଇଥିଲା କିନ୍ତୁ ୧୯୮୮-୮୯ ରେ ସେହି ଋଣ ପରିମାଣ ୭୫ କୋଟି ଟଙ୍କାକୁ ବଢ଼ିଯାଇଅଛି ।

ଫସଲ ବୀମା ଯୋଜନା ୧୯୮୦ରେ ହିଁ ରାଜ୍ୟରେ ପ୍ରଥମେ ମୁଖ୍ୟମନ୍ତ୍ରୀ ପରୀକ୍ଷାମୂଳକ ଭାବେ ପ୍ରଚଳନ କରାଇଥିଲେ ଏବଂ ତାହା ୧୯୮୫ ଠାରୁ ଖରିଫ ଚାଷ ନିମନ୍ତେ ୧୨୪ ଟି ବ୍ଲକ ଏବଂ ରବି ଚାଷ ନିମନ୍ତେ ୩୫ ଟି ବ୍ଲକକୁ ପ୍ରସାରିତ କରାଯାଇଥିଲା । ଏବେ ରାଜ୍ୟରେ ଏକ ବ୍ୟାପକ ଫସଲ ବୀମା ଯୋଜନା ପ୍ରଚଳିତ ହୋଇଅଛି ଏବଂ ଏଥିନିମନ୍ତେ କ୍ଷୁଦ୍ର ଏବଂ ନାମମାତ୍ର କୃଷକମାନେ ଶତକଡା ୩ ହାର ବଦଳରେ ଶତକଡା ୧ ହାରରେ ଦେବାକୁ ସୁବିଧା କରିଦିଆ ଯାଇଅଛି ।

କୃଷିର ସମ୍ପ୍ରତିତ ବିକାଶ ନିମନ୍ତେ ସରକାରୀ ଚାଷ ଉପଯୋଗୀ ପଡ଼ିଆ ଭୂମିକୁ ଭୂମିହୀନ ଲୋକଙ୍କ ଭିତରେ ବିଶେଷତଃ ଆଦିବାସୀ ଓ ହରିଜନମାନଙ୍କ ମଧ୍ୟରେ କ୍ରମ ବର୍ଦ୍ଧମାନ ହାରରେ ବଣ୍ଟନ କରାଯାଉଅଛି । ୧୯୮୧ରୁ ୧୯୮୯ ଭିତରେ ୧,୧୪,୮୮୨ ଏକର ପଡ଼ିଆ ଜମି ୭୮,୦୬୮ ଜଣ ଭୂମିହୀନଙ୍କ ମଧ୍ୟରେ ବଣ୍ଟନ କରାଯାଇଅଛି ଏବଂ ସେମାନଙ୍କ ମଧ୍ୟରେ ୨୪,୮୧୮ ଜଣ ଆଦିବାସୀ ଓ ୧୯,୭୦୮ ଜଣ ହରିଜନ ଅଛନ୍ତି ।

କୃଷି ଭିତ୍ତିକ ଅର୍ଥନୀତିରେ ପଶୁପାଳନର ମର୍ଯ୍ୟାଦା ଯଥେଷ୍ଟ ବେଶୀ । ୧୯୮୦ ରୁ ୧୯୮୯ ଭିତରେ ୧୩୨ ଗୋଟି ପଶୁ ଚିକିତ୍ସାଳୟ, ୧,୦୬୭ଟି କୃତ୍ରିମ ପ୍ରଜନନ କେନ୍ଦ୍ର ଏବଂ ୪୪୭ଟି ସହାୟକ କେନ୍ଦ୍ର ଖୋଲା ଯାଇଅଛି ।

୧୯୮୦ରେ ଓଡ଼ିଶାରେ ଡକ୍ଟର କୁରିଏନଙ୍କ ଉପଦେଶ ଅନୁସାରେ ଦୁଗ୍ଧ ବନ୍ୟା ଯୋଜନା ଆରମ୍ଭ କରି ସରକାର ଭୁବନେଶ୍ୱର

ଓ ରାଉରକେଲାଠାରେ ଦୈନିକ ୬୦,୦୦୦ ଓ ୩୦,୦୦୦ ଲିଟର ଦୁଗ୍ଧ ରହିବା ଭଳି ଦୁଗ୍ଧ ଜାତ ଦ୍ରବ୍ୟର ଉତ୍ପାଦନ, ସଂରକ୍ଷଣ ଓ ବିକ୍ରୟ ନିମନ୍ତେ ଦୁଇଗୋଟି ପ୍ରତିଷ୍ଠାନ ସ୍ଥାପନ କରିଅଛନ୍ତି । ଓମଫେଡ୍ ସଂସ୍ଥା ଏହି ସରକାରଙ୍କ ସୃଷ୍ଟି ଏବଂ ଏହାଦ୍ୱାରା ଏବେ ପ୍ରତିଦିନ ୪୫,୦୦୦ ଲିଟର ଦୁଗ୍ଧ କଟକ, ଭୁବନେଶ୍ୱର ଓ ରାଉରକେଲା ନଗରୀମାନଙ୍କରେ ବିକ୍ରୟ ହେଉଛି ।

କୃଷିଜାତ ଦ୍ରବ୍ୟର ସମୁଚିତ ବ୍ୟବହାର ନିମନ୍ତେ କୃଷିଭିତ୍ତିକ ଶିଳ୍ପ ଓଡ଼ିଶାରେ ପ୍ରତିଷ୍ଠା କରା ଯାଉଅଛି । ସରକାରୀ ଉଦ୍ୟୋଗରେ ନୟାଗଡ ଏବଂ ବଡ଼ମ୍ବାଠାରେ ଦୁଇଟି ଚିନିକଳ ପ୍ରତିଷ୍ଠା କରାଯାଇଅଛି ।

କୃଷି କ୍ଷେତ୍ରରେ ଯେଉଁ ବିପ୍ଳବ ସାଧିତ ହୋଇଅଛି ତାହା ପ୍ରଗତିଧର୍ମୀ ହୋଇନଥିବାରୁ ଏବେ ମଧ୍ୟ ବହୁ ବୁଦ୍ଧିଜୀବୀ ଭାବୁଛନ୍ତି ଯେ ରାଜ୍ୟ ସରକାର କୃଷିକୁ ଗୁରୁତ୍ୱ ନ ଦେଇ ଶିଳ୍ପ ସୃଷ୍ଟି କରିବାରେ ମନଯୋଗ କରିଅଛନ୍ତି । କିନ୍ତୁ କୃଷି ଏବଂ ଶିଳ୍ପ ରାଜ୍ୟର ଅର୍ଥନୀତିର ଅଭିବୃଦ୍ଧି ନିମନ୍ତେ ତଥା ବେକାର ସମସ୍ୟାର ସମାଧାନ ନିମନ୍ତେ ଆବଶ୍ୟକ ଦୁଇଟି ଅଙ୍ଗ ଏବଂ ରାଜ୍ୟର ବିକାଶ ନିମନ୍ତେ ଏ ଦୁଇଟି ଯାକର ସମଭାବରେ ଉନ୍ନତି କରିବା ଆବଶ୍ୟକ ବୋଲି ରାଜ୍ୟ ସରକାର ସମ୍ପୂର୍ଣ୍ଣ ସଚେତନ ଅଛନ୍ତି ବୋଲି ଉପରୋକ୍ତ ସମୀକ୍ଷାରୁ ପ୍ରତୀୟମାନ ହେବ ।

## ଜଳସେଚନ

କୃଷିର ଉନ୍ନତି ନିମନ୍ତେ ଜଳସେଚନ ବ୍ୟବସ୍ଥାର ଆବଶ୍ୟକତା ସମ୍ପର୍କରେ ଆଗରୁ ସୂଚନା ଦିଆଯାଇଅଛି । ଓଡ଼ିଶାର ମୋଟ ଚାଷ ଜମି ୬୫.୫୯ ଲକ୍ଷ ହେକ୍ଟର ଏବଂ ସେଥିରୁ ପ୍ରାୟ ୫୯ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦେଇ ହେବ । ସେଥିରୁ ୧୯୮୦ ସୁଦ୍ଧା ଶତକଡା ୧୯.୨ ଭାଗ ଅର୍ଥାତ୍ ୧୨.୯ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ଯୋଗାଇ ଦିଆ ଯାଇପାରିଥିଲା । ଅଧିକାଂଶ ଜଳସେଚନ ପ୍ରକଳ୍ପ ସମ୍ବଳ ଅଭାବରୁ ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଥିଲା । ୧୯୮୦ରେ ଏହିପରି ୩୯ ଟି ବୃହତ୍ ଓ ମଧ୍ୟମ ଧରଣର ପ୍ରକଳ୍ପ ଓ ୩୩୧ଟି କ୍ଷୁଦ୍ର ଜଳସେଚନ ଯୋଜନା ଅସମ୍ପୂର୍ଣ୍ଣ ହୋଇ ରହିଥିଲା । ତା ବ୍ୟତୀତ ଷଷ୍ଠ ଯୋଜନାରେ ୧୬ଟି ମଧ୍ୟମ ଧରଣର ପ୍ରକଳ୍ପ ଓ ୬୭ଟି କ୍ଷୁଦ୍ର ଜଳସେଚନ ଯୋଜନା ଆରମ୍ଭ କରାଯାଇଥିଲା ।

ଜଳସେଚନର ପ୍ରସାର ନିମନ୍ତେ ବ୍ୟୟସାପେକ୍ଷ ବୃହତ୍ ଓ ମଧ୍ୟମ ଧରଣର ଜଳସେଚନ ପ୍ରକଳ୍ପ ବ୍ୟତୀତ ଅଳ୍ପ ଖର୍ଚ୍ଚରେ ତ୍ୱରିତ ଫଳପ୍ରଦ ହେଉଥିବା ୩୦ଟି କ୍ରିକ୍ ଜଳସେଚନ ଯୋଜନା ଓ ୭୧ଟି କ୍ଷୁଦ୍ର ଜଳସେଚନ କଟକ ଓ ବାଲେଶ୍ୱର ଜିଲ୍ଲାରେ ଏବଂ ସମଗ୍ର ରାଜ୍ୟରେ ଉଠା ଜଳସେଚନ ଯୋଜନା ଉପରେ ଏବେ ଅଧିକ ଗୁରୁତ୍ୱ ଆରୋପଣ କରାଯାଇଅଛି । ଅସମ୍ପୂର୍ଣ୍ଣ ଯୋଜନାଗୁଡ଼ିକୁ ସମ୍ପୂର୍ଣ୍ଣ କରି ଅଧିକ ଜମିକୁ ଜଳ ଯୋଗାଇ ଦେବାକୁ ସରକାରଙ୍କ ପଦକ୍ଷେପ ମଧ୍ୟ ସ୍ୱାଗତ ଯୋଗ୍ୟ । ସେହି ଉଦ୍ଦେଶ୍ୟରେ ୧୯୮୮ ରୁ ୧୯୯୦ ପର୍ଯ୍ୟନ୍ତ ସପ୍ତମ ଯୋଜନା କାଳର ଶେଷ ଦୁଇ ବର୍ଷକୁ 'ଜଳସେଚନ ବର୍ଷ' ବୋଲି ଘୋଷଣା କରାଯାଇ ଜଳସେଚନ ଯୋଜନାଗୁଡ଼ିକ ତ୍ୱରିତ ଫଳପ୍ରଦ କରାଇବାକୁ ସରକାର ନିଷ୍ପତ୍ତି ନେଇଛନ୍ତି ।

୧୯୮୦ ସୁଦ୍ଧା ରାଜ୍ୟରେ ମୋଟ ୩,୯୦୦ଟି ଉଠାଜଳସେଚନ ଯୋଜନା କାର୍ଯ୍ୟ କରୁଥିବା ବେଳେ ୧୯୮୦ ରୁ ୧୯୮୯ ପର୍ଯ୍ୟନ୍ତ ୯ ବର୍ଷରେ ୬,୬୬୯ଟି ଉଠା ଜଳସେଚନ ଯୋଜନା କାର୍ଯ୍ୟକ୍ଷମ ହୋଇପାରିଅଛି ।

୧୯୮୯ରେ ଜୀବନଧାରା ନାମରେ ଏକ ନୂତନ ଯୋଜନା ଅନୁମୋଦନ ଲାଭ କରିଅଛି ଏବଂ ଏହାଦ୍ୱାରା ରାଜ୍ୟର ୨୫,୦୦୦ ଆଦିବାସୀ ଓ ହରିଜନ ଚାଷୀଙ୍କ ନିମନ୍ତେ ବିନା ମୂଲ୍ୟରେ ଗୋଟିଏ ଗୋଟିଏ କୂଅ ଖୋଳାଇ ଦିଆଯିବା ନିମନ୍ତେ ପ୍ରସ୍ତାବ ରହିଅଛି । ଏହା ଛଡା ଆଉ ୪୮,୦୦୦ କୂଅ ଖୋଳିବା ନିମନ୍ତେ ଚାଷୀଙ୍କୁ ପ୍ରତ୍ୟେକ କୂଅ ନିମନ୍ତେ ୩,୦୦୦ ଟଙ୍କା ସାହାଯ୍ୟ ଦେବା ନିମନ୍ତେ ନିଷ୍ପତ୍ତି ନିଆଯାଇଅଛି ।

## ବିଦ୍ୟୁତ୍‌ଶକ୍ତି

ଯେ କୌଣସି ଦେଶର ଉନ୍ନତିର ନିର୍ଣ୍ଣାୟକ ମାନଦଣ୍ଡ ଭାବେ ସର୍ବସମ୍ମତ ଭାବେ ସ୍ୱୀକୃତ ହୋଇଛି ବିଦ୍ୟୁତ୍‌ଶକ୍ତିର ସେ ଦେଶରେ ବ୍ୟବହାର ହେଉଥିବା ପରିମାଣ ଏବଂ ଓଡ଼ିଶାରେ ବିଦ୍ୟୁତ୍‌ଶକ୍ତିର ବ୍ୟବହାର ଗତ ୯ ବର୍ଷ ଭିତରେ ଚାରି ଗୁଣରୁ ଅଧିକ ହୋଇଛି ।

ମାର୍ଚ୍ଚ ୧୯୮୦ ବେଳକୁ ଓଡ଼ିଶାରେ ବିଦ୍ୟୁତ୍ ଉତ୍ପାଦନ ନିମନ୍ତେ ସ୍ଥାପିତ କ୍ଷମତା ଥିଲା ୯୧୪ ମେଗାୱାଟ୍ ଏବଂ ୧୯୭୯-୮୦ରେ ୨୫୩.୭ କୋଟି ୟୁନିଟ୍ ବିଦ୍ୟୁତଶକ୍ତି ଉତ୍ପାଦନ ହୋଇଥିଲା । ସେହି ବର୍ଷ ଏହି ବିଦ୍ୟୁତ୍‌ଶକ୍ତି ଓଡ଼ିଶାର ଚାହିଦା ସମ୍ପୂର୍ଣ୍ଣ ଭାବରେ ମେଣ୍ଟାଇ ସାରିବା ପରେ ୧.୮ କୋଟି ୟୁନିଟ୍ ବିଦ୍ୟୁତ୍‌ଶକ୍ତି ଅନ୍ୟ ରାଜ୍ୟମାନଙ୍କୁ ରପ୍ତାନୀ କରାଯାଇଥିଲା ଅର୍ଥାତ୍ ଓଡ଼ିଶା ବିଦ୍ୟୁତ୍‌ଶକ୍ତିରେ ଗୋଟିଏ ବଳକା ରାଜ୍ୟ ଥିଲା ।

ଓଡ଼ିଶାରେ ଶ୍ରୀ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହେବା ପରେ ପରେ ଶିଳ୍ପର ଦ୍ରୁତ ପ୍ରସାର ଏବଂ କୃଷି କ୍ଷେତ୍ରରେ ଅଧିକ ଉଠାଜଳସେଚନ କାର୍ଯ୍ୟକାରୀ ହେବା ଫଳରେ ସେହି ବର୍ଷଠାରୁ ଓଡ଼ିଶା ବିଦ୍ୟୁତ୍‌ଶକ୍ତି ଉତ୍ପାଦନ କ୍ଷେତ୍ରରେ ନିଅଣ୍ଟିଆ ରାଜ୍ୟ ହୋଇଥିଲା, ଯଦି ଚ ଏହି ୯ ବର୍ଷ ଭିତରେ ୧,୨୭୬ ମେଗାୱାଟ୍ ଅଧିକ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ଓଡ଼ିଶାରେ ସ୍ଥାପିତ ହୋଇ ପାରିଅଛି ।

୧୯୮୨ ମସିହାରେ ତାଳଚେର ସମ୍ପ୍ରସାରଣ ଯୋଜନାର ୨୨୦ ମେଗାୱାଟ୍, ୧୯୮୫ ମସିହାରେ ରେଙ୍ଗାଲି ଜଳବିଦ୍ୟୁତ୍ ଯୋଜନାର ୧୦୦ ମେଗାୱାଟ୍ ଏବଂ ୧୯୮୮ ମସିହାରେ ଉପର କୋଲାବ ଜଳବିଦ୍ୟୁତ୍ ଯୋଜନାର ୧୬୦ ମେଗାୱାଟ୍ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକ ବିଦ୍ୟୁତ୍‌ଶକ୍ତି ଉତ୍ପାଦନ କରୁଛନ୍ତି ।

ଏତଦ୍‌ବ୍ୟତୀତ ଜାତୀୟ ଆଲୁମିନିୟମ କମ୍ପାନୀ ଅନୁଗୁଳଠାରେ ୪୮୦ ମେଗାୱାଟ୍ ଓ ଦାମନଯୋଡ଼ିଠାରେ ୧୮.୫ ମେଗାୱାଟ୍, ରାଉରକେଲା ଇସ୍ପାତ ଶିଳ୍ପର ନିଜସ୍ୱ ବିଦ୍ୟୁତ୍ କେନ୍ଦ୍ରରେ ୨୪୫ ମେଗାୱାଟ୍, ଭାରତୀୟ ସ୍ୱର୍ଣ୍ଣକ୍ରୋମ କମ୍ପାନୀର ଚଉଦ୍ୱାରଠାରେ ୧୦୮ ମେଗାୱାଟ୍ ଓ ତାଳଚେର ସାର କାରଖାନାର ୨୮.୫ ମେଗାୱାଟ୍ ସମେତ ବିଭିନ୍ନ ଅନୁଷ୍ଠାନମାନଙ୍କର ୮୯୫.୮ ମେଗାୱାଟ୍ କ୍ଷମତା ସମ୍ପନ୍ନ ବିଦ୍ୟୁତ୍‌ଶକ୍ତି ଉତ୍ପାଦନ କେନ୍ଦ୍ର ଏହି ୯ ବର୍ଷ ଭିତରେ ସ୍ଥାପନା କରା ଯାଇଅଛି । ଏହି ଘରୋଇ ସଂସ୍ଥାମାନଙ୍କୁ ବୃହତ୍ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା କରିବାକୁ ଅନୁମତି ଦେଇ, ସେଥିରୁ ଉତ୍ପାଦିତ ବିଦ୍ୟୁତ୍‌ଶକ୍ତିରୁ ସମ୍ପୂର୍ଣ୍ଣ ଭାବରେ ନିଜର ଚାହିଦା ମେଣ୍ଟାଇବା ପରେ ଉଦ୍‌ବୃତ୍ତ ବିଦ୍ୟୁତ୍‌ଶକ୍ତିକୁ ରାଜ୍ୟ ବିଦ୍ୟୁତ୍ ବୋର୍ଡକୁ ବିକିବାକୁ ସୁବିଧା ଦେବା ହେତୁ ରାଜ୍ୟରେ ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ସରକାରୀ ଓ ବେସରକାରୀ ସଂସ୍ଥାମାନଙ୍କ ମଧ୍ୟରେ ଏକ ସୁସ୍ଥ ପ୍ରତିଯୋଗିତା ଆରମ୍ଭ ହୋଇ ପାରିଅଛି ଏବଂ ଏହି ନୀତିଗତ ନିଷ୍ପତ୍ତି ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ନେଇ ଓଡ଼ିଶାର ପ୍ରଭୂତ ଉପକାର କରିଅଛନ୍ତି ।

ଏହିପରି ବାସ୍ତବରେ ଦେଖିବାକୁ ଗଲେ ବିଗତ ୯ ବର୍ଷ ଭିତରେ ଓଡ଼ିଶାର ବିଦ୍ୟୁତ୍ ଉତ୍ପାଦନ ନିମନ୍ତେ ସ୍ଥାପିତ କ୍ଷମତା ୯୧୪ ମେଗାୱାଟରୁ ୨,୧୯୦ ମେଗାୱାଟକୁ ବୃଦ୍ଧି ପାଇଥିଲେ ମଧ୍ୟ ଓଡ଼ିଶା ବିଦ୍ୟୁତ୍‌ଶକ୍ତି ନିମନ୍ତେ ଏକ କ୍ରମବର୍ଦ୍ଧିଷ୍ଣୁ ନିଅଣ୍ଟିଆ ରାଜ୍ୟ ହୋଇ ଯାଇଅଛି । ତେଣୁ ବିଦ୍ୟୁତ୍ ଯୋଗାଣ କ୍ଷେତ୍ରରେ ସାଧାରଣତଃ ସମଗ୍ର ରାଜ୍ୟରେ ଓ ବିଶେଷତଃ ବିଦ୍ୟୁତ୍‌ଶକ୍ତିକୁ କଞ୍ଚାମାଲ ହିସାବରେ

ବ୍ୟବହାର କରୁଥିବା ଶିଳ୍ପମାନଙ୍କରେ, ଯଥା ଫେରୋସିଲିକନ୍, ଫେରୋକ୍ରୋମ, ଫେରୋମାଙ୍ଗାନିଜ୍, ସ୍ପଞ୍ଜକ୍ରୋମ ପ୍ରଭୃତି ଶିଳ୍ପମାନଙ୍କରେ ବିଦ୍ୟୁତ୍‌ଶକ୍ତିର ବ୍ୟବହାରରେ ନିୟନ୍ତ୍ରଣ କରି ଦିଆଯାଇଛି ।

ଏହି ବିଦ୍ୟୁତ୍‌ଶକ୍ତିର ବ୍ୟବହାରରେ ନିୟନ୍ତ୍ରଣ କରାଯାଇଥିଲେ ମଧ୍ୟ ୧୯୮୭-୮୮ ବର୍ଷ ରାଜ୍ୟରେ ମୋଟ ୫୬୯.୮ କୋଟି ୟୁନିଟ୍ ବିଦ୍ୟୁତ୍‌ଶକ୍ତି ବ୍ୟବହାର କରାଯାଇଥିଲା ଏବଂ ସେଥିରୁ ରାଜ୍ୟ ବିଦ୍ୟୁତ୍ ବୋର୍ଡ ଏବଂ ରାଜ୍ୟସରକାରଙ୍କ ଅଧୀନରେ ଥିବା ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକରୁ ମାତ୍ର ୩୯୩.୧ କୋଟି ୟୁନିଟ୍ ବିଦ୍ୟୁତ୍‌ଶକ୍ତି ଉତ୍ପାଦନ ହୋଇଥିଲା ଓ ଅବଶିଷ୍ଟ ୧୦୯.୭ କୋଟି ୟୁନିଟ୍ ବିଦ୍ୟୁତ୍‌ଶକ୍ତି ନାଲ୍‌କୋ ବିଦ୍ୟୁତ୍ କେନ୍ଦ୍ରରୁ ଏବଂ ୭୭.୬ କୋଟି ୟୁନିଟ୍ ବିଦ୍ୟୁତ୍‌ଶକ୍ତି ରାଜ୍ୟ ବାହାରୁ ଆମଦାନୀ କରାଯାଇଥିଲା ।

୧୯୮୭-୮୮ ବର୍ଷରେ ରାଜ୍ୟର ନିୟନ୍ତ୍ରିତ ବିଦ୍ୟୁତ୍‌ଶକ୍ତିର ଚାହିଦା ୫୬୯.୮ କୋଟି ୟୁନିଟ୍ ହୋଇଥିଲେ ମଧ୍ୟ, ବିଦ୍ୟୁତ୍‌ଶକ୍ତି ଯଦି ଘୋଷଣା ନାମା ଦ୍ୱାରା ଏବଂ ଅଘୋଷିତ ଭାବରେ କାଟ କରାଯାଇ ନଥାନ୍ତା, ଅର୍ଥାତ୍ ବିଦ୍ୟୁତ୍‌ଶକ୍ତି ଯଦି ସମସ୍ତଙ୍କୁ ସେମାନଙ୍କର ଚାହିଦା ଅନୁସାରେ ବିନା ପ୍ରତିବନ୍ଧକରେ ଯୋଗାଇ ଦିଆଯାଇଥାନ୍ତା ତା'ହେଲେ ବିଦ୍ୟୁତ୍‌ଶକ୍ତି ୧୯୮୯-୯୦ ବର୍ଷରେ ୧,୧୧୩ କୋଟି ୟୁନିଟ୍ ଏବଂ ୧,୯୯୯-୨,୦୦୦ ବର୍ଷରେ ୩,୨୪୬ କୋଟି ୟୁନିଟ୍ ଓଡ଼ିଶାରେ ବ୍ୟବହାର କରାଯାଇ ପାରନ୍ତା ବୋଲି ଉଭୟ କେନ୍ଦ୍ରୀୟ ବିଦ୍ୟୁତ୍ ପ୍ରାଧିକରଣ ଏବଂ ରାଜ୍ୟ ସରକାରଙ୍କ ବିଶେଷଜ୍ଞମାନେ ପୃଥକ୍ ଭାବରେ ମତ ପ୍ରକାଶ କରିଅଛନ୍ତି ।

ଏଥିରୁ ସ୍ପଷ୍ଟ ବୁଝାଯିବ ଯେ ଶ୍ରୀ ପଟ୍ଟନାୟକଙ୍କର ପ୍ରଥମ ୯ ବର୍ଷରେ ବିଦ୍ୟୁତ୍‌ଶକ୍ତିର ଚାହିଦା ୨୫୧.୯ କୋଟି ୟୁନିଟ୍‌ରୁ ୧,୧୧୩ କୋଟି ୟୁନିଟ୍‌କୁ ଅର୍ଥାତ୍ ସାଢ଼େ ଚାରିଗୁଣ ବଢ଼ି ଯାଇଅଛି କିନ୍ତୁ ଏହି ବର୍ଦ୍ଧିତ ଚାହିଦା ମେଣ୍ଟାଇବା ଆଶା ନିକଟ ଭବିଷ୍ୟତରେ କ୍ଷୀଣ । ତେଣୁ ଓଡ଼ିଶାବାସୀଙ୍କୁ ମନସ୍ତାତ୍ତ୍ୱିକ ଭାବରେ ଏହି ନିଅଣ୍ଟିଆ ପରିସ୍ଥିତି ପ୍ରତି ପ୍ରସ୍ତୁତ ହୋଇ ରହିବା ବ୍ୟତୀତ ଅନ୍ୟ ଉପାୟ ନାହିଁ ।

ତଥାପି ଏହି ପରିସ୍ଥିତିର ମୁକାବିଲା କରିବା ନିମନ୍ତେ ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପ, ତାଳଚେର ତାପଜ ବିଦ୍ୟୁତ କେନ୍ଦ୍ରର ଆଧୁନିକୀକରଣ ଓ ହିରାକୁଦଠାରେ ସପ୍ତମ ୟୁନିଟ୍ ସ୍ଥାପନା କରିବା ଯୋଜନାଗୁଡ଼ିକ ପ୍ରଗତିର ବିଭିନ୍ନ ଅବସ୍ଥାରେ ଅଛି । ତା ବ୍ୟତୀତ ଜାତୀୟ ତାପଜ ବିଦ୍ୟୁତ୍ କର୍ପୋରେସନ ଦ୍ୱାରା ତାଳଚେରର କଣିହା ଠାରେ ଏକ ସୁପର ତାପଜ କେନ୍ଦ୍ର (୨,୦୦୦ ମେଗାୱାଟ୍) ଓ ଇବ୍ ଉପତ୍ୟକାରେ ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ ଦ୍ୱାରା ୮୦୦ ମେଗାୱାଟ୍ କ୍ଷମତା ସମ୍ପନ୍ନ ଦୁଇଟି ବିଦ୍ୟୁତ୍ ଶକ୍ତି ଉତ୍ପାଦନ କେନ୍ଦ୍ରର ଶିଳାନ୍ୟାସ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ରାଜୀବ-ଗାନ୍ଧି ଜୁନ ୧୯୮୯ରେ ଦେଇଛନ୍ତି ।

ଏବେ ଓଡ଼ିଶାରେ ଅନେକ ଜଳବିଦ୍ୟୁତ୍ ଓ ତାପଜ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ସ୍ଥାପନ କରିବା ନିମନ୍ତେ ଅନୁସନ୍ଧାନ ଚାଲିଅଛି । ଜଳବିଦ୍ୟୁତ୍ ଯୋଜନା ଭିତରେ ସିନ୍ଦୋଳ (୩୦୦ ମେଗାୱାଟ୍), ଭୀମକୁଣ୍ଡ (୩୦୦ ମେଗାୱାଟ୍) ଓ ମଣିଭଦ୍ର (୯୦୦ ମେଗାୱାଟ୍) ଏବଂ ତାପଜ ଯୋଜନା ଭିତରେ ଇବ୍ ତାପଜ କେନ୍ଦ୍ରର ସମ୍ପ୍ରସାରଣ (୧,୦୦୦ ମେଗାୱାଟ୍), ଯାଜପୁର ରୋଡ୍ (୪୨୦ ମେଗାୱାଟ୍), ନରାଜ (୪୨୦ ମେଗାୱାଟ୍) ଏବଂ ଗୋପାଳପୁର [୪୦୦ ମେଗାୱାଟ୍] ପ୍ରଧାନ ଅଟେ ।

୧୯୭୯-୮୦ ସୁଦ୍ଧା ରାଜ୍ୟର ୧୭,୨୩୧ଟି ଗ୍ରାମକୁ ବିଦ୍ୟୁତ୍ ଯୋଗାଇ ଦିଆଯାଇଥିବା ସ୍ଥଳେ ୧୯୮୮-୮୯ ସୁଦ୍ଧା ୨୯,୧୮୬ଟି ଗ୍ରାମକୁ ବିଦ୍ୟୁତ୍ ଯୋଗାଇ ଦିଆଯାଇଥିଲା । ୧୯୭୯-୮୦ ସୁଦ୍ଧା ରାଜ୍ୟର ୧୨,୮୬୩ଟି ଉଠାଜଳସେଚନ ପମ୍ପକୁ ବିଦ୍ୟୁତ୍ ଯୋଗାଣ ହୋଇଥିବା ସ୍ଥଳେ ୧୯୮୮-୮୯ ସୁଦ୍ଧା ୪୬,୦୦୨ଟି ଉଠାଜଳସେଚନ ପମ୍ପକୁ ବିଦ୍ୟୁତ୍ ଯୋଗାଇ ଦିଆଯାଇଥିଲା । ତେଣୁ ବିଗତ ୯ ବର୍ଷ ଭିତରେ ପ୍ରାୟ ୧୨,୦୦୦ ଗ୍ରାମ ଏବଂ ୩୩,୦୦୦ ଉଠାଜଳସେଚନ ପମ୍ପକୁ ବିଦ୍ୟୁତ୍ ଯୋଗାଇ ଦିଆ ଯାଇପାରିଅଛି । ଏହା ବ୍ୟତୀତ ହରିଜନ ଓ ଆଦିବାସୀଙ୍କ ଗୃହକୁ ମାଗଣାରେ ବିଦ୍ୟୁତ୍‌ଶକ୍ତି ବ୍ୟବହାର ଉପଯୋଗୀ କରି ଗୋଟିଏ ଆଲୋକ ଖଞ୍ଜି ଦେବା ବ୍ୟବସ୍ଥା ୧୯୮୮-୮୯ରେ 'କୁଟିର ଜ୍ୟୋତି' ଯୋଜନାରେ ଅନୁମୋଦିତ ହୋଇ ସେହିବର୍ଷ ଶେଷ ସୁଦ୍ଧା ୭୩,୧୯୮ଟି ଗୃହକୁ ବିଦ୍ୟୁତ୍ ଯୋଗାଇ ଦିଆ ଯାଇଅଛି ।

### ବନ୍ଦର ନିର୍ମାଣ

ଗୋପାଳପୁର ଠାରେ ୩୨.୨୦ କୋଟି ଟଙ୍କା ଖର୍ଚ୍ଚ ହୋଇ ୧୯୮୦ରୁ ୧୯୮୭ ଭିତରେ ଏକ କ୍ଷୁଦ୍ର ବନ୍ଦର ନିର୍ମାଣ କରାଯାଇ ଫେବୃଆରୀ ୧୯୮୭ରେ ଓଡ଼ିଶାବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଥିଲା ।

ପାରାଦୀପ ବନ୍ଦରରେ ନୂତନ ବର୍ଥ କରାଯାଇ ବନ୍ଦରର ସମ୍ପ୍ରସାରଣ କରାଯାଇଅଛି । ଏହି ବନ୍ଦର ଭିତରକୁ ଏକ ଲକ୍ଷ ୭୦ ହଜାର ଟନ୍‌ର ଜାହାଜ ଆଣିବା ନିମନ୍ତେ ବନ୍ଦରକୁ ଆବଶ୍ୟକତା ମତେ ଗଭୀରତର କରିବାକୁ ଦକ୍ଷିଣ କୋରିଆର ହୁଣ୍ଡାଇ କମ୍ପାନୀ ଦେଇଥିବା ପ୍ରସ୍ତାବ ଅନୁଯାୟୀ ୧୯୮୯ ଅକ୍ଟୋବରଠାରୁ କାର୍ଯ୍ୟ ଆରମ୍ଭ କରାଯିବାର ସମ୍ଭାବନା ରହିଅଛି ।

ବିଗତ ୯ ବର୍ଷ ଭିତରେ ଧାମରା ଠାରେ ଗୋଟିଏ ମାଛଧରା ବନ୍ଦର ନିର୍ମାଣ କରାଯାଇଅଛି ଏବଂ ଅସ୍ତରଙ୍ଗ, ଗୋପାଳପୁର ଏବଂ ପାରାଦୀପଠାରେ ମାଛଧରା ବନ୍ଦର ନିର୍ମାଣାଧୀନ ଅଛି ।

### ପାନୀୟଜଳ

ଦେଶ ସ୍ୱାଧୀନ ହେବା ପରେ ୩୩ ବର୍ଷ ବିତିଗଲା, କିନ୍ତୁ ଗାଁର ଗରୀବ ବିଶେଷତଃ ସ୍ତ୍ରୀମାନେ ପିଇବା ପାଣି ମାଠିଆଏ ପାଇଁ ୪ ବା ୬ କିଲୋମଟର ଦୂର ଝରଣା ବା ପୋଖରୀକୁ ଯିବା ଦୃଶ୍ୟ ଯିଏ ନ ଦେଖିଛି, ସେ ବୁଝି ପାରିବନି ଏ ପରିସ୍ଥିତିର ହୀନମନ୍ୟତା । ଓଡ଼ିଶାରେ ୪୨,୨୨୧ଟି ଗ୍ରାମ ରହିଛି । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଯେ ୧୯୮୦ ସୁଦ୍ଧା ମାତ୍ର ୩,୪୬୧ଟି ଗ୍ରାମରେ ନଳକୂପ ଦ୍ୱାରା ପାନୀୟ ଜଳ ମିଳୁଥିଲା, ଆଉ ୩୮,୭୬୦ଟି ଗ୍ରାମର ଅଧିକାଂଶ ଲୋକେ ହୁଏତ ଦୂର ସ୍ଥାନରୁ ପିଇବା ପାଣି ଆଣୁଥିଲେ ବା ନିକଟରେ ଥିବା ଅପରିଷ୍କାର ଜଳ ବ୍ୟବହାର କରି ରୋଗକୁ ନିମନ୍ତ୍ରଣ କରୁଥିଲେ ପ୍ରତିଦିନ ନିଜର ଘରକୁ । ଏହି ପରିସ୍ଥିତିରୁ ଓଡ଼ିଶାକୁ ରକ୍ଷା କରିବାକୁ ପ୍ରତ୍ୟେକ ଗ୍ରାମରେ ନଳକୂପ ସାହାଯ୍ୟରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ଏକ ବିରାଟ ଯୋଜନା ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ପ୍ରସ୍ତୁତ କରାଯାଇଥିଲା ଏବଂ ଏହାକୁ କାର୍ଯ୍ୟକାରୀ କରିବା ନିମନ୍ତେ ଯଥେଷ୍ଟ ପରିମାଣର ଅର୍ଥର ମଧ୍ୟ ବ୍ୟବସ୍ଥା କରାଯାଇଥିଲା । ଏହି ଲକ୍ଷ୍ୟ ଆଜି ପ୍ରାୟ ସମ୍ପୂର୍ଣ୍ଣ । ୧୯୮୦-୮୧ ରୁ ୧୯୮୮-୮୯ ଭିତରେ ୧୧୦,୫୩୪ ନଳକୂପ ଦ୍ୱାରା ୩୯,୬୮୩ ଗୋଟି ଗ୍ରାମକୁ ଏବେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆ ସରିଲାଣି ଏବଂ ବଳକା ୨,୫୩୮ଟି ଗ୍ରାମକୁ ୧୯୯୦ ସୁଦ୍ଧା ନଳକୂପ ଦ୍ୱାରା ଜଳ ଯୋଗାଇ ଦିଆଯିବ ।

### ଅଭିନନ୍ଦନୀୟ ବିରଳତା


ଏପରି ଭାବରେ ଓଡ଼ିଶାର ସର୍ବତୋଭାବେ ସର୍ବାଙ୍ଗୀନ ଉନ୍ନତି ବିଗତ ୯ ବର୍ଷ ଭିତରେ କରାଯାଇ ପାରିଛି ଏବଂ ୧୯୮୦-୯୦

ଏହି ଦଶନ୍ଧି ବାସ୍ତବରେ ଓଡ଼ିଶା ଇତିହାସରେ ଏକ ଉଜ୍ଜ୍ୱଳ ସ୍ୱର୍ଣ୍ଣ ଦୀପ୍ତ ହୋଇ ସର୍ବଦିନ ନିମନ୍ତେ ଏକ ଅନନ୍ୟ ଓ ବିରଳ ଦଶନ୍ଧି ରୂପେ ପରିଚିତ ହୋଇ ରହିବ ।

ପ୍ରଧାନମନ୍ତ୍ରୀ ଶ୍ରୀ ରାଜୀବ ଗାନ୍ଧି ଏହାକୁ ପ୍ରଶଂସାକରି ଅନୁଗୁଳଠାରେ ୨୧ ଜୁନ୍ ୧୯୮୯ ଦିନ କହିଥିଲେ, ''ଓଡ଼ିଶାରେ ଏକ ସ୍ଥିର ଓ ଦୃଢ଼ ସରକାର ପ୍ରତିଷ୍ଠା ଯୋଗୁଁ ଏହି ରାଜ୍ୟର ବିକାଶ ଧାରା ଦେଶରେ ସର୍ବାଧିକ ହୋଇ ପାରିଛି'' ଏବଂ ଏଥିପାଇଁ ସେ ରାଜ୍ୟସରକାରଙ୍କୁ ସାଧୁବାଦ ଜଣାଇଛନ୍ତି ।


---


ପ୍ଲଟ ୨୪୪, ୨୪୫
ଖାରବେଳ ନଗର, ଭୁବନେଶ୍ୱର ।



ଜଗତପୁରଠାରେ ଅନୁଷ୍ଠିତ ସ୍ପଞ୍ଜ ବଲ୍ ପ୍ରତିଯୋଗିତାରେ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂ ବ୍ୟାଟିଙ୍ଗ କରୁଛନ୍ତି ।

# ଓଡ଼ିଶାର ବିଭିନ୍ନ ଦର୍ଶନୀୟସ୍ଥାନ
# ଆପଣଙ୍କୁ ସ୍ୱାଗତ କରେ





- ନିଜରୁଚି ଅନୁସାରେ ସ୍ୱେଚ୍ଛୃତିକ ପରିଭ୍ରମଣ କରିବାର ଆନନ୍ଦଲାଭ କରନ୍ତୁ ।
- ରାତ୍ରିଯାପନ, ଖାଦ୍ୟପେୟ, ଓ ଭ୍ରମଣ ପାଇଁ ରାଜ୍ୟସରକାରଙ୍କ ପର୍ଯ୍ୟଟନ ବିଭାଗ ଓ ପର୍ଯ୍ୟଟନ ଉନ୍ନୟନ ନିଗମ ଦ୍ୱାରା ପରିଚାଳିତ ପାନ୍ଥନିବାସ, ପାନ୍ଥଶାଳା ଓ ଅରଣ୍ୟନିବାସ ମାନଙ୍କରେ ସୁବନ୍ଦୋବସ୍ତ ରହିଛି ।

**ପାନ୍ଥନିବାସ**
ଭୁବନେଶ୍ୱର, ପୁରୀ, କୋଣାର୍କ
ବରକୁଳ, ରମ୍ଭା, ଚାନ୍ଦିପୁର, ସମ୍ବଲପୁର,
ନୃସିଂହନାଥ, କଟକ, ତପ୍ତପାଣି ଓ
ରାଉରକେଲା


**ପାନ୍ଥଶାଳା**
ଧବଳେଶ୍ୱର, ଯାଜପୁର, ପଥରାଜ-
ପୁର, ଆରଡ଼ି, ପଞ୍ଚଲିଙ୍ଗେଶ୍ୱର,
ଚନ୍ଦନେଶ୍ୱର ଓ ଗୁପ୍ତେଶ୍ୱର

**ଅରଣ୍ୟ ନିବାସ**
ଲୁଲୁଙ୍ଗ (ଶିମିଳିପାଳ)





- କର୍ମକ୍ଳାନ୍ତ ତଥା ପ୍ରୀତିକର ପରିବେଶ ମଧ୍ୟରେ ରହି ସ୍ୱାସ୍ଥ୍ୟକର ବାତାବରଣ ଅନୁଭବ କରନ୍ତୁ ।
- ସବିଶେଷ ବିବରଣୀ ପାଇଁ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲା ତଥା ନୂଆଦିଲ୍ଲୀ, କଲିକତା ଓ ମାଡ୍ରାସଠାରେ ଥିବା ପର୍ଯ୍ୟଟନ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରନ୍ତୁ ।



ପର୍ଯ୍ୟଟନ ବିଭାଗ
ଓଡ଼ିଶା ସରକାର
ଭୁବନେଶ୍ୱର

# ସେକାଳ ଓ ଏକାଳ

ଡକ୍ଟର୍ ବଂଶୀଧର ମହାନ୍ତି

ମୁଁ ଆଜି ଯାହା ଲେଖିବାକୁ ଯାଉଛି ତାହା ମୋ ନିତି ପ୍ରତି ଚଲାବାଟର କେତେକ ଅନୁଭୂତି । ମୁଁ ମୋର ଅଧ୍ୟାପକ ଜୀବନରୁ ଓଡ଼ିଆ ଭାଷା, ସାହିତ୍ୟ ଓ ଗୌରବମୟ ସଂସ୍କୃତିକୁ ଭଲ ପାଇ ଆସିଛି । ଓଡ଼ିଶାର ଗାଁ ଗହଳ, ମଠ ମନ୍ଦିର, ପାହାଡ ପର୍ବତ ବୁଲି ଅତୀତ ଓଡ଼ିଶାର ଗୌରବମୟ ଇତିହାସର ଛିନ୍ନ ପୃଷ୍ଠା ଖୋଜି ପାଇବାକୁ ଚେଷ୍ଟା କରିଛି । ସାରା ଜୀବନଟା ଏଇ ବାଟରେ ବିତାଇ ଦେଇଛି । ଏଥିରେ ମୋର ବହୁତ ଆନନ୍ଦ–ବହୁତ ତୃପ୍ତି ।

ମୋର ଗବେଷଣା, ମୋର ତଥ୍ୟ ସଂଗ୍ରହ ବହୁ ଲୋକଙ୍କ ସଙ୍ଗରେ ମିଶିବାକୁ ସୁଯୋଗ ଦେଇଛି । ଜାତି ଅଜାତି ମୋର କିଛି ନାହିଁ–ସବୁ ଶ୍ରେଣୀର ଲୋକଙ୍କ ସାଙ୍ଗରେ ମିଶିଛି । ହରିଜନ ସାଇରେ ବସି ଘଣ୍ଟାଘଣ୍ଟା ଦୁଃଖ ସୁଖ ହେଉଛି, ରିକ୍ସାରେ ଗଲାବେଳେ ରିକ୍ସାବାଲା ସାଥିରେ ତା ଜୀବନର ଭଲମନ୍ଦ ଶୁଣିଥାଏ । ସାଧୁସନ୍ଥଙ୍କ ମୁହଁରୁ ମାଳିକା, ବ୍ରହ୍ମଜ୍ଞାନ ସାଙ୍ଗକୁ ଶୁଣିଥାଏ ସେମାନଙ୍କ ମଠବାଡିର ହାଲଚାଲ, ଦେଶ ବିଦେଶ ବିଷୟରେ ସେମାନଙ୍କର ଧାରଣା । ମୋତେ ଏସବୁ ଆଲୋଚନା ବହୁତ ଆନନ୍ଦ ଦେଇଥାଏ ।

ସାହିତ୍ୟ ଆଉ ଗବେଷଣା ମୋର ପେଶା ହେଲେ ବି ମୁଁ ଦେଶର, ରାଜ୍ୟର ପୁଣି ଅଞ୍ଚଳର ଚାରିଆଡେ କ'ଣ ଘଟୁଛି ତାହା ଜାଣିବାକୁ ଚେଷ୍ଟା କରିଥାଏ । ମାସକେ ଥରେ ଦୁଇଥର ଗାଁକୁ ଯାଇଥାଏ–ପିଲାଏ ନ ଯାଆନ୍ତୁ ପଛେ ଗାଁ ମାଟି, ଗାଁ ଘର, ଗାଁର ସାଇପଡିଶା ବନ୍ଧୁବାନ୍ଧବ ମୋର ବହୁଦିନର ପରିଚିତ ଧୋବାସାଇ, ବାଉରିସାଇ, କୁମ୍ଭାରସାଇର ଲୋକବାକଙ୍କସହ ଆଳାପ ଆଲୋଚନା, ସବୁଆଡ଼ବୁଲା ମୋତେ କେତେ ଯେ ଆନନ୍ଦ ଦେଇଥାଏ କହି ହେବନାହିଁ ।

ଭୁବନେଶ୍ୱରରୁ ଜଗତସିଂହପୁର ଦୁଇ ତିନି ଘଣ୍ଟାର ବାଟ । ପିଲାଦିନେ ଜଗତସିଂହପୁରରୁ କଟକ ନାଲି ରାସ୍ତାଟିଏ ଥିଲା–କଟକ ସହରରେ ମଧ୍ୟ ସେଇ ନାଲି ରାସ୍ତା । ଝଡବତାସରେ ରାସ୍ତାକଡ ଗଛ ଡାଳକୁ ଦା' ଗାଣି କାଟନ୍ତା ଶାଁ ଶାଁ ଲାଗୁଥାଏ । ଏଇ ଅଳ୍ପ ୬/୭ ବର୍ଷ ତଳେ ଯେଉଁ ରାସ୍ତା ଦେଖିଥିଲି ଆଜି କିନ୍ତୁ ତା'ର ରୂପ ବଦଳି ଯାଇଛି । କେବଳ ଗୋଟିଏ ଅଧେ ରାସ୍ତା ନୁହେଁ ସୁଅଡେ ପିଚ ରାସ୍ତା କଡର ଧାଡିଧାଡି ଅକାଶିଆ ଗଛ, କେହି ହେଲେ ଗଛରୁ ଡାଳଟିଏ ଭାଙ୍ଗୁ ନାହାନ୍ତି ।

ଆମ ଗାଁ ବାଉନ୍ଠଗାଁ ଅଳ୍ପଦୂର । ଏଇ ଅଳ୍ପ କେତେଦିନ ହେଲା ମୂଳରାସ୍ତାରୁ ଦେଖୁଛି ଗାଁ ନାଳବନ୍ଧରେ ଗୋଡି ପଡଚା ହେଉଛି । ଆଉ ପନ୍ଦର ଦିନ ପରେ ଦେଖିଲା ବେଳକୁ ରାସ୍ତାଟି ପିଚୁ ହୋଇଯାଇଛି । ଯେଉଁ ନାଳବନ୍ଧରେ ଗୋଡ ଖସି ମଣିଷ ଚିଳିକଟଡ଼ା ପଡୁଥିଲା ଆଜି ସେସବୁକୁ ଚିନ୍ତା କରି ହେଉନି ।

ଦୋକାନ ଉପରେ ଦୋକାନ ବଢି ଚାଲିଛି । ଆଗେ ଗାଁରେ କୋଠାଘରଟିଏ ନ ଥିଲା । ସୁଅଡେ ଦେଖୁଚ ମାଟିର ଉଞ୍ଚ ପିଣ୍ଡା ଆଉ ଚାଳଘର । ସେଇଟିକ, ଲଣ୍ଠନ ଆଲୁଅରେ ଆମର ପଢାପଢି–ଚଳାଚଳି । ବାହା ନିମିତ୍ତକୁ ଆସେ ଡେ ଲାଇଟ୍, ଆଉ ପଞ୍ଚ ଲାଇଟ୍ ନ ହେଲେ ଗ୍ୟାସ୍ ଲାଇଟ୍ ।

ଏଇ କେତେବର୍ଷ ହେଲା ଗାଁର ଚେହେରା ପୁରା ବଦଳି ଯାଇଛି । ଆମ ହରିଜନ ବସ୍ତିର କୃଷ୍ଣ କୋରାପୁଟ୍‌ରେ ଏସ୍.ଡି.ଓ. ଚାକିରି କରି ତା'ର ମାଟି ଘରକୁ କୋଠା କରିଛି । ଆମ ଛୋଟିଆ ଗାଁଟିରେ ଦଶ ଘର ଏଇ କେତେଟା ବର୍ଷ ଭିତରେ କୋଠା ହେଉଛି । ବାହାର ଲୋକେ ଗାଁରେ ଆସି ଭଡା ଦେଇ ଘରେ ରହୁଛନ୍ତି । ଯେଉଁ ଚାହାଳୀରେ ମୁଁ ପାଠ ପଢିଥିଲି ସେ ଗାଁ ସ୍କୁଲ୍ ଆଜି ହୋଇଛି ମାଇନର୍ ସ୍କୁଲ୍ ଓ ସେଠି ଛାତ୍ରଛାତ୍ରୀ ସଂଖ୍ୟା ଦୁଇଶହ । ପଚାରି ବୁଝିଲି ସ୍କୁଲ୍‌ଟିରେ ପାଞ୍ଚଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅଛନ୍ତି ।

ସରକାରୀ ପ୍ରଚାର ଦରକାର କ'ଣ ? ଗାଁରେ ଆଉ ଘର ଉଠେଇବାକୁ ଜାଗା ନାହିଁ । ନଡିଆ ଗଛରେ ଗାଁଟି ଏମିତି ପୁରି ଉଠିଛି ଯେ ମନେହେବ ସତେ ଯେମିତି କେରଳର ଗୋଟିଏ ଗାଁରେ ଭିଡିଯାଇଛି । ଦେଖିଲି ନୂଆ ଅଜ୍‌ବେଷ୍ଟସ୍ ଘର ପାଖକୁ ଲାଗିଥିବା ଦୁଇଟି ଫଳନ୍ତି ନଡିଆ ଗଛ କଟା ହେବାର ଯୋଜନା ଚାଲିଛି । ବର୍ଷ ପବନରେ ପୁଣିଏ ନଡିଆ ଛାତରେ ପଡି ଅଜ୍‌ବେଷ୍ଟସ୍ କଣ ହୋଇଗଲା ।

କିନ୍ତୁ ଗୋଟିଏ ଉଚ୍ଚ ଗାଁର ଅନୁପାତ ଲୋକ ଚାକିରିଆ । ସେଠି ଗାଁର ଲୋକସଂଖ୍ୟା ତିନିହଜାର ହେବ ଅଛି ସେ ଗାଁରେ ପଚିଶି ପଚାଶ ଜଣ ଲୋକ ଚାକିରି ପ୍ରାପକ ହୋଇଛନ୍ତି । ଯାଇ କଲେଜରେ ଛାତ୍ରଛାତ୍ରୀ ସଂଖ୍ୟା ହେଲେଣି ବାରିହଜାର, ହାଇସ୍କୁଲରେ ପ୍ରାୟ ଦେଢହଜାର । ପାଖକୁ ପାଖ କଲେଜ୍ ସ୍କୁଲର କଳନା ନାହିଁ । ମୋ ସମୟରେ ସମଗ୍ର ଓଡିଶାରେ ଥିଲା ଗୋଟିଏ ଦୁଇଟି କଲେଜ୍—ଆମକୁ ବାଧ୍ୟ ହୋଇ ରେଭେନ୍ସା କଲେଜ୍‌କୁ ଯିବାକୁ ପଡିଥିଲା ।

ପିଲାଦିନେ ଯେଉଁ ବାଳଗଛଟିରେ ଭୋଜି ବର୍ଷପାଣିରେ ଭିଜୁଥିଲି ସେସବୁ ତାଙ୍କୁ ଦେଇ ମୁଁ ଅନ୍ୟ ଏକ ଯାଗାକୁ ଉଠି ଆସିଲି । ସେ ଯାଗାରେ ଦୁଇଟା ପରିବାର କେମିତି ଚଳିବେ ? ଆଜି ଗାଁକୁ ଗଲେ ସେ ଘରଟି ଭଗ୍ନ ଭୁବନ ପାଲଟିଛି । ସେ ଘରଟିରେ ରଙ୍ଗୀନ୍ ଟିଭି, ଫ୍ରିଜ୍ ଅଉ କେତେ କ'ଣ ଆଧୁନିକ ଉପକରଣ ତା'ର ଇୟତ୍ତା ନାହିଁ ।

ସେଦିନ ଭୁବନେଶ୍ୱରରୁ ଯାଇ ଗାଁରେ ସନ୍ଧ୍ୟାରେ ପହଞ୍ଚିଲି । ସନ୍ଧ୍ୟାରେ ଆସିଲି ହରିଜନ ସାଇକୁ । ଆଗେ ସେ ସାଇରେ ପଶିଲେ "ବାବୁ ଆସ୍ତୁ କେବେ ଆସିଲେ, କ'ଣ ବା ଖାଇବା ମିଳିବ ନାହିଁ ?" ପାଖରେ ଯାହା ଥାଏ ଟଙ୍କାଏ ଦି ଟଙ୍କା ବଢେଇ ଦେଉଥାଏ । ଆଜି କିନ୍ତୁ ସେମାନଙ୍କର ଅବସ୍ଥା ସ୍ୱଚ୍ଛଳ । ଟଙ୍କା ପଇସା ମଗାମଗି ନାହିଁ । ବରଂ କୋଠିଏ ପଥକୁ ଗଲେ ସେ ପଚାରି ବସେ "ବାବୁ କ'ଣ ପଇଡ ଖାଇବେ ?" ମୁଁ ହଁ ମାରିଲେ ସେ ଦୁଇ ଚାରିଟା ପଇଡ ଦିଆଇ ଦେଉଥାଏ ପିଇବାକୁ ।

"କ'ଣ କେମିତି ଚାଲିଛି" ପଚାରିଲେ ସେ କହେ, "ଯାହା ସେମିତି ଚଳାଇବ ନକେଇ କରୁଛନ୍ତି । ମୁଲ ମଜୁରୀରେ ଚଳିବା କଥା । ଆଉ ବାବୁଆ ଚାକୁ ପାଞ୍ଚ ପଢିଲେ । ବେଙ୍ଗାଲୁରୁ ଦୁଇ ହଜାର ଟଙ୍କା ଋଣ ଆଣିଛି । ପୁଅ କାହିଁକି ରିକ୍ସା ଚଲାଇ । ନହେଲେ ମୋ ପେଟପ୍ରାଣ ଚଳିବ କିପରି ?" ଆଉଥର ଗାଁକୁ ଗଲି ଦେଖେତ ଶଙ୍କରା ଚାନ୍ଦ ଦୁଆର ମୁହଁରେ ରିକ୍ସାଟା ଥୁଆ ହୋଇଛି । ସେଇ ରିକ୍ସାରେ ଚଢି ଅଉ ଦିନ ବାଜାର ଧରି ବସ୍ ଷ୍ଟାଣ୍ଡକୁ ଆସିଲି ଆଉ ତାକୁ ଦେଲି ପାଞ୍ଚଟଙ୍କା ରିକ୍ସା ଭଡା ।

ଗାଁର ଭଜିକରି ରାସ୍ତା ଘରରେ ଆଜି ମୋରମ୍ ପଡିଛି—ଗାଁ ବାଡରେ ଦୁଇଟା ବାର୍ ଲାଇଟ୍ । ଗାଁରେ ଦୁଇଟି ନଳକୂପ—ଗୋଟିଏ ହରିଜନ ସାହିରେ ଆଉ ଗୋଟିଏ ମୋ ଗାଁରେ । ସନ୍ଧ୍ୟାରେ ମୁଁ ଘର ଘର ବୁଲେ । କେଉଁଠି ଯାନ—କେଉଁଠି ସରବତ୍ । ସନ୍ଧ୍ୟାରେ ହରିଜନ ବସ୍ତି ଭିତରେ ଶୁଣେ ରାମ ଲୋଇ ରନନ । ଏବେ ତାଙ୍କ ଭାଗବତ ଘରଟି ଇଟାରେ ତିଆରି ହୋଇ ଚାଲାମ୍ ପଡିଛି । ଦେଖୁଛି ଗଟ୍ଟି ଉପରେ ଜଗନ୍ନାଥ ଦାସଙ୍କର ଚାଳପତ୍ର ଭାଗବତ ପୋଥି ଥୁଆ ହୋଇଛି—ମୋର ପ୍ରଶ୍ନରେ ସେମାନେ କହିଲେ "ପୋଥିଗୁଡିକ ଲୁହାଶି ମଠର ମହନ୍ତ ଆମ ଭାଗବତ ଘରକୁ ଦାନ କରିଛନ୍ତି ।" ମୁଁ ଭାବିଲି ଯାହା ହେଉ ଏବେବି ଜଗନ୍ନାଥ ପ୍ରଭୁ ଦେଶରେ ଆଜି ଅନେକ ଉଦଯାବାକୁ ପାଉଥିବା ବେଳେ ଅନେକ ପ୍ରାନ୍ତର ଭାଗବତ … ମଧ୍ୟ ବଞ୍ଚାଇ ରଖୁଛନ୍ତି । ମନେପଡିଲା ଏଠି ଆମ .ଶିଳଦାର ଭାଗବତର ଶୁଦ୍ଧ ସଂସ୍କରଣ କରାଉଛନ୍ତି । କିନ୍ତୁ ଏବେ ବି … ଗାଁ ଗହଳର ଭାଗବତ ଗାଦିରେ ପୁରା ଭାଗବତ ପାଠ ଶୁଣୁଛି । ମୁଁ ଶାସ୍ତ୍ରୀ … ନିକଟରେ ଭାଗବତ ମିଳିବା କଥା ଜାଣିବାକୁ । ସେମାନେ କହିଲେ "ବାବୁ, ଭୁବନେଶ୍ୱରରେ ପଢି ଏ ବହି ମିଳୁଛି କେତେ ଅନେ ଟଙ୍କା ଦେଇଦେବୁ । ଆମକୁ କେମିତି ଟିକିଏ ଅନୁଗ୍ରହ କରନ୍ତୁ ।" ମୁଁ କହିଲି, "ଆରେ ତୁମେ କିଛିକି … ମୋତେ ଅଗମ … ମଗ ଭାଗବତ … ନିମନ୍ତ୍ରଣ ଦେଲେ ।" ମୁଁ ଘର କହି ଘରକୁ ଫେରିଲି । ଭାବିଲି ଉତୁଡରେ ଓଡିଆ ସାହିତ୍ୟ, ଧର୍ମ ଆଉ ସଂସ୍କୃତିକୁ ଏମାନେ ହିଁ ବଞ୍ଚେଇ ରଖିଛନ୍ତି ।

କଟକରେ କେତୋଟି କୁମାର ପାଠି ଚିତ୍ରାରେ ପାଖାପାଖି ପଢ଼ ପଢୁଛନ୍ତି । ସାଙ୍ଗରେ ଥିବା ବଡବାବୁ କହିଲା, "ବାବୁ, ଏ ଯେଉଁ ପାଠିରେ କୁରି ପୁଅଙ୍କ ପରା ଯାଉଛି ସେଥିରେ କ'ଣ ତାଙ୍କୁ ଚଳିବ ମିଳିବ ?" ମୁଁ କହିଲି "ନାଇଁରେ ଭାଇ, ଏମାନେ ତ ମୁକ୍ତ ମୁର୍ଖ- ଅଛର ଶିକ୍ଷାରେ ପିଲା ନୁମ ଭାଗବତ ଘରେ ସେମାନେ ଭାଗବତ ପଢିବେ । ଭାଗବତ ପଢିବା ପାଇଁ ସେମାନଙ୍କୁ ପରା ଶିକ୍ଷା ଦିଆଯାଉଛି ।" ଚକଟା ମୋ କଥାରେ ଚୁପ୍ ରହିଲା ।

ଗାଁ ପାଖରେ ମୋ ସମୟରେ ପିଲାଦିନେ ଯେଉଁ ଡିସ୍ପେନ୍‌ସରୀ ଡାକ୍ତରଖାନା ଥିଲା ଆଜି ସେଇ ଡାକ୍ତରଖାନାର ରୂପ ବଦଳି ଯାଇଛି । ଡାକ୍ତରଖାନାରେ ଶହେଟି ବେଡ୍ ରହିଛି । ସେତେବେଳେ ଗୋଟିଏ ହେଲେ ଔଷଧ ଦୋକାନ ଟାଉନ୍‌ରେ ନ ଥିଲା । ଡାକ୍ତରଖାନା ସାମ୍ନାରେ ଆଜି ଦଶଟିରୁ ଅଧିକ ଔଷଧ ଦୋକାନ ।

ମୋ ପିଲା ଦିନର ଆମ ଗାଁ ଆଉ ଜଗତସିଂହପୁରର ରୂପ ଏଇ ସାତ ଆଠ ବରଷ ଭିତରେ ପୁରା ବଦଳି ଯାଉଛି । ଟାଉନ୍ ହୋଇଛି ଘୋଡାଉଣ୍ଡ । ଆମ ସମୟର ନାଲି ରାସ୍ତା—ଗାଈକୁ ଫେରିଲେ ଗୋଡ ଧୋଇବାକୁ ପଡୁଥିଲା । ସମଗ୍ର ଟାଉନ୍‌ରେ ଥିଲା ଦୁଇଟି କି ଚାରିଟି ହୋଟ, ଚାହି ଘର ଦୋକାନ । ଏଇ କେତେଟା ବର୍ଷ ଭିତରେ ଗାଁ ଓ ଟାଉନ୍‌ର ରୂପ ବଦଳି ଯାଉଛି ।

ଭୁବନେଶ୍ୱର ପରି ସକାଳୁ ଖବରକାଗଜବାଲା ସମ୍ବାଦପତ୍ର ପକେଇ ଦେଇ ଯାଉଛି । ଦିଲ୍ଲୀ ପାର୍ଶ୍ୱରୁଡିବାଲା ଖାଇବାରେ ପରିବର୍ତ୍ତନ ହୋଇ ଯାଉଛି । ଘରେ ଘରେ ଟିଭି ଲାଗିଛି । ପିଲାଦିନେ ଆମ ଗାଁରେ କେହି ଜଣେ ଅଧା ଦୈନିକ ଖବର କାଗଜ ଚାରି ପାଞ୍ଚ ଦିନ ପରେ ପଢୁଥିବା ବେଳେ ଜାଣୁ କେମିତି ଉତ୍ସବ ସେଥିରେ ପାଇଁ ସମ୍ବାଦ ଶୁଣିବାକୁ ଆସିଲେ । ଆଜି କେବଳ ସେଇ ଗାଁ—ସେଇ ମାଟି ରହିଛି କିନ୍ତୁ ରୂପ ତାର ସମ୍ପୂର୍ଣ୍ଣ ବଦଳି ଯାଉଛି । ଆଜି ଗାଁରେ ଯେଉଁ ଘରକୁ ଯାଉଛି ସେମାନେ ଚାହା ଚପେ ପାଖରେ ଥୋଇ ଦେଉଛନ୍ତି । ମୁଁ ଯେତେବେଳେ ମାଟ୍ରିକ୍ ପାସ୍ କଲି ଗାଁରେ ହଇଚଇ ପଡିଗଲା । ଗାଁରେ ସେତେବେଳେ ଆମର ଦଶ ଦାଦା ମାଟ୍ରିକ୍ ପାସ୍ କରି ପୋଲିସ୍ ଚାକିରି ପାଇଥିଲେ । ଆଉ ଜଣେ ଥିଲେ ଅଣ୍ଡରମାଟ୍ରିକ୍ । ମୁଁ ମାଟ୍ରିକ୍ ପାସ୍ କରି ଯେତେବେଳେ କଟକର ରେଭେନ୍ସା କଲେଜ୍‌ରେ ପଢିଲି ସେତେବେଳେ ଗାଁକୁ ଆସିଲା ବେଳେ ମୋତେ କେତେ ସମ୍ମାନ—କେତେ ଖାତିର, କେତେ ପ୍ରଶ୍ନ । "ବାବୁ କଟକରୁ କ'ଣ ଆଣିଛ ଆମ ପାଇଁ," "ଆଉ କେତେ ଦିନ ପାଠ ପଢିବ," "ପାଠ ପଢିଲେ କଣ ଚାକିରି ହେବଟି ?"—ଆଜି ସେଇ ଗାଁଟିରେ ମାଟ୍ରିକ୍, ଆଇ.ଏ., ଆଇ.ଏସ୍‌ସି., ବି.ଏ., ଏମ୍.ଏ ପାଶ୍ କାଲାଙ୍କ ସଂଖ୍ୟା ଗଣି ହେବ ନାହିଁ । ଓକିଲ, ଇଞ୍ଜିନିୟର, ଡାକ୍ତର, ଅଧ୍ୟାପକ ମଧ୍ୟ ଅନେକ । କେବଳ ଏତିକି ଅସୁବିଧା ଯେ ଦିଏ ଦେଶାନ୍ତରେ ରହିଛନ୍ତି. ଗାଁ ସହିତ ତାଙ୍କର ସମ୍ପର୍କ ନାହିଁ—ଗାଁର ଲୋକସଂଖ୍ୟା ବଢି ଚାଲିଛି କିନ୍ତୁ ଗାଁରେ ଲୋକ କହିଲେ ବୁଢାବୁଢୀ, ରିଟାୟାର୍ଡ଼ ଲୋକ ହିଁ ପ୍ରଧାନ ।

ସବୁ ହେଲେ ଦାଦିଙ୍କ ତାପ୍ତ ମେଲାରେ ମେଳା ବସେ । ଆଶୋକବା ବାଲେ ହାଟ ବଜାରର ଦରଦାମ—ମୁଗ ଫସଲ ଚିଠି ଦୁଆପଥର ମାତରେ ନିଷ୍ପ ହୋଇଗଲା । ରାଉରକେଲାରେ କହିଲି କେମିତି ପ୍ରମୋଶନ ପାଇଲା, ଅଉ ଦରମା ତାର ମାସକୁ ସାତେ ତିନି ହଜାର । ଏତେ ଟଙ୍କା କରିବ କଅଣ—ଖଜଳ ଟାଉନରେ ଜାଗା କିଣି ଘର ତୋଳିବ ନ ହେଲେ କଟକରେ ଟା ଶଶୁର ଘର ପାଖେ ଜମି କିଣି ଘର କରିବ । ନିଧିର ତେହେରା ମଛ ପୋଖରୀ କଥିଲା ପାଇଁ ସେ ବି କାଁ ଦିନରୁ ଅଖୋଇଛି । ମଛ କିଲୋ ହୋଇଯିବ ଅଠର

କୋଟିଏ ଟଙ୍କା–ଜାଣିଲୁ ବର୍ଷିକି ମାତ୍ର ବ୍ୟବସାୟରେ ବହୁତ ଲାଭ । ତୋ ପୋଷାକ ଜଗାରଖା ଅଭାବରୁ ସିନା ମାଛ ଯେତେ ମିଳିବାର ତାହା ମିଳୁ ନାହାନ୍ତି । ତୁ ଦେଖ୍ ଗଲା ବରଷ ବାହାଘର ସିଜିନ୍‌ରେ କେଉଁଠାର କେବେହେଲେ କୌଣଲ୍ୟଙ୍କ ପାର୍ଥଲ ଛାଡି ଚାରି ଛିଣ୍ଡୁାଲ ମାଛ ମିଳିଲା । କହିଲୁ କେତେ ଟଙ୍କା ନ ପାଇଲା ସେ ।

ପର ଭିନୁ ଏମ୍.ଏ. ପାସ୍ କରି ଯେଉଁ ସ୍ପିନିଂ ମିଲ୍ କରିଛି ସେଥିରେ ସେ ଅଉ ତା'ର ଭାଗୀଦାରମାନେ ଚଳି ପାରୁଛନ୍ତି । ଅଉ ତା' ମିଲ୍‌ର ଲୁଙ୍ଗି ଗାମୁଛା ବଡବାଗ କି ଖୋର୍ଦ୍ଧା ଲୁଙ୍ଗିକୁ ଟିଟା ଖାଟି ଦେବ । ଯାହାହେଉ କହିଲୁ ସେ କ'ଣ ମାସକୁ ସେଥିରୁ ତିନି ଚାରି ହଜାର ନ କମଉଛି । ନ ହେଲେ ଅଉ ବର୍ଷ କଲା ଭରଣା ବାହାଘର–ଯେତେବେଳେ ଦେଖିବ ଚବିଶ ଘଣ୍ଟା ହିରୋହଣ୍ଡାରେ– ମାସକୁ କ'ଣ ତାର ପାଞ୍ଚଶ ଟଙ୍କାର ତେଲ ଖର୍ଚ୍ଚ ନ ହେଉଛି । ଗାଡିଟିଏ କରିଥିଲେ ସେ କ'ଣ ତା କେତେ ପାରନ୍ତା ।" ତାପରେ ଓଡିଶା ଖବର–ଭାରତର ଖବର ଆଲୋଚନା ହୁଏ । ଇଲେକ୍‌ସନ୍ କେବେ ହେବ–ଏ ଥରକ ରଥ ଯାତ୍ରାକୁ ବର୍ଷା ପାଇଁ ସମ୍ଭବ ବେଶ ଲୋକ ହେବେ ନାହିଁ । ଅଚ୍ଛା କହିଲୁ ଏ ଥରକ ରେଟରେ କିଏ କିଣିବ ? କଟକ ଭୁବନେଶ୍ୱରରେ ଜମି ରେଟ୍ କେମିତି ବଢି ଚଢି ଚାଲିଛି ଇତ୍ୟାଦି ।

ଅମ ପିଲା ଦିନେ ଏ ସବୁ ଆଲୋଚନା, ଏ ସବୁ କଥା ମୋ କଳ୍ପନାର ବାହାରେ ଥିଲା । ମୁଁ ବର୍ତ୍ତମାନ ଗାଁ ଅଉ ସହର ଭିତରେ କିଛି ଗୋଟାଏ ଫରକ୍ ଅଛି ବୋଲି ମନେ ହେଉ ନାହିଁ । ମୁଁ ଭାବିଲି ତୁମେ ସହର ଅଉ ମଫସଲ କଥାଟା ଲୋପ ପାଇଯିବ ।

ମୋତେ ବେଳେବେଳେ ଗାଁରେ ପଚାରନ୍ତି, " ଅଚ୍ଛା କହିଲୁ ବାବୁ, ତୁ ତ ଭାରତସାରା ବୁଲିଛୁ ତୋତେ କେଉଁ ଦେଶ ଭଲ ଲାଗେ ?" ମୁଁ କହେ, "ଦାଦା, ମୁଁ ଯଦି ସତ କଥା କହିବି ତୁମେ ବିଶ୍ୱାସ କରିବ ନାହିଁ । ତୁମେ ବାବା, ରାଉରକେଲାକୁ ଭଲ କହିବ କାରଣ ସେଠାରେ ତୁମେ ତୁମର ଜୀବନ ବିତାଇଛ । କିନ୍ତୁ ମୋ ଅନୁଭୂତିରୁ ମୁଁ କହିବି ଯେ ମୁଁ ଯେତେବେଳେ ବାଲେଶ୍ୱର ଡିଏଁ ସେତେବେଳେ ମୋର ଛାତି ପଣେ–ଏଣେ ପଲାସ ଦେଖିଲେ ଯେମିତି ହୋଇ ଯାଏ । ଅଉ ଦେଶକୁ ପୁଅତେ ଯିବ ସିଅତେ ଭୟ ଓ ଅଶାନ୍ତି କିନ୍ତୁ ଓଡିଶା ପରି ଶାନ୍ତି କେଉଁଅତେ ନାହିଁ । ଅମେ ଶାଗ ପଖାଳ ଖାଉ ପଛେ ସେ ଶାନ୍ତି ଅଉ ଅନ୍ୟ କୌଣସି ପ୍ରଦେଶରେ ନାହିଁ । ଅଉ ମୋର ବ୍ୟକ୍ତିଗତ ଅନୁଭୂତି ଯେ ସମଗ୍ର ଭାରତରେ ଭୁବନେଶ୍ୱର ହିଁ ସବୁଠାରୁ ଶାନ୍ତିପୂର୍ଣ୍ଣ ସୌନ୍ଦର୍ଯ୍ୟମୟ ସହର । ଯେତେ ବର୍ଷା ହେଉ ପଛେ ଟୋପାଏ ହେଲେ ପାଣି ରାସ୍ତାରେ ଦେଖିବାକୁ ପାଇବ ନାହିଁ । ସବୁ ପରିଷ୍କାର ପରିଚ୍ଛନ୍ନ ଅଉ ସହର ବଢିଚାଲିଛି । ଦିନ ଅସିବ ଯେତେବେଳେ ଏ ସହରଟି ହେବ ଦିଲ୍ଲୀର ସମକକ୍ଷ । ଦିଲ୍ଲୀରେ ଭୟ ରହିଛି, ଆଶଙ୍କା ରହିଛି କିନ୍ତୁ ଭୁବନେଶ୍ୱର ହେଉଛି ପ୍ରକୃତରେ ଭୁବନର ଈଶ୍ୱର ବା ପୃଥିବୀର ଶ୍ରେଷ୍ଠ ସ୍ଥାନ ।

ମୋତେ ପୁଣି ଦାଦା ପଚାରିଲେ, "ତୁମ ଘରଠୁଁ ଇନ୍ଦିରା ଗାନ୍ଧି ପାର୍କ କେତେଦୂର । ସେ ପାର୍କଟା କୁଆଡେ ଭାରି ଭଲ ହୋଇଛି । ଅଉ କାଗଜରେ ବାହାରିଛି କୁଆଡେ ସେ ପାର୍କରେ କୋଟିଏ ଉଣି ଟଙ୍କା ଖର୍ଚ୍ଚ ହୋଇଛି । ଅଚ୍ଛା ତୁ ଅଉ ଥରକୁ ଅସେ ତୋ ସାଙ୍ଗରେ ଯିବି–ଦେଖିବା କେମିତି କ'ଣ ହୋଇଛି । କୁଆଡେ ଏତେ ଇଲେକ୍ଟ୍ରି ଲାଗିଛି ଯେ–କିଏ କହୁଛି ପାଂଶ, କିଏ କହୁଛି ହଜାରେ । ହେଇରେ, ଏତେ ବଡ ମୂର୍ତ୍ତି ରୁଷିଆରୁ କେମିତି ଅସିଲା । ଉଡାଜାହାଜରେ ନାଁ ଜାହାଜରେ ?" ମୁଁ ବା ଏତେ ପ୍ରଶ୍ନର କିପରି ଉତ୍ତର ଦେବି ? ଶେଷକୁ କହିଲି ତୁମେ ନ ଅସିଲେ କିଛି ଜାଣିପାରିବ ନାହିଁ ।

ଅଚ୍ଛା ଭୁବନେଶ୍ୱରରେ ଖଣ୍ଡେ ଶସ୍ତାରେ ଜାଗା ମିଳିବ ନାହିଁ ? ପୁଅ ଦୁଇ ତିନିଥର ଲଟେରୀ ଦରଖାସ୍ତ କଲା–କିଛି ହେଲା ନାହିଁ । ଟଙ୍କା ଫେରସ୍ତ ଅସିଲା । ନ ହେଲେ ତୁ ହେଲେ ଖଣ୍ଡେ ପ୍ରାଇଭେଟ୍ ପ୍ଲଟ୍ ବୁକ୍ । ମୁଁ କହିଲି ତୁମର ଏଠାରେ ଯେତେ ଜାଗା ଅଛି ତାକୁ ତ ସମ୍ଭାଳି ପାରୁନା ପୁଣି ବୁଢା ଦିନକୁ ଏତେ ଲୋଭ କାହିଁକି ? ପିଲାଙ୍କର ଦରକାର ସେ ତାଙ୍କ କଥା ବୁଝିବେ ନାହିଁ ?

ମୁଁ ଦାଦାଙ୍କୁ କହିଲି "ତୁମେ ଯେତେ ପଇସା ରଖିଛ ଓଡିଶାସାର ବୁଲି ନାନା ସ୍ଥାନ ଦେଖ । ଦାଦା କହିଲେ ମୋର ଟ୍ରେନ୍ ପାସ୍‌ରେ ମୁଁ କେଉଁଅତେ ନ ବୁଲିଛି ? ମୁଁ କହିଲି, ତୁମେ ଖାଲି ପୁରୀ ଦେଖିଛ ଅଉ କିଛି ଦେଖିନା । ଏବେ ଯେଉଁ ଲଳିତଗିରି, ଉଦୟଗିରି, ରତ୍ନଗିରି ଖୋଳା ଯାଉଛି ଅଉ ସେଠାରେ ମ୍ୟୁଜିୟମ୍ ତୁମେ ଦେଖିଛ କି ? କୋଣାର୍କ ପାଖରେ ଯେଉଁ ସୌଖିନ୍ ହୋଟେଲ୍ ତିଆରି ହୋଇଛି ତା ଦେଖିବାର କଥା । ଅଉ ଏଇ କେତୋଟା ବର୍ଷ ବୋଇଲେ ସାତ ଅଠ ବର୍ଷ ଭିତରେ ଭୁବନେଶ୍ୱରର ଚେହେରା ପୁରା ବଦଳି ଯାଇଛି–କଥାରେ ଅଜିକାଲି କହୁଛନ୍ତି, "ଦିଲ୍ଲୀ ନ ଦେଖିଲେ ଭୁବନେଶ୍ୱର ଦେଖ"–ପୁଣି ତାପା ମଞ୍ଚେଶ୍ୱରର ଶିଳ୍ପ ଅଞ୍ଚଳର ଶହଶହ କାରଖାନା–କେତେକେତେ ହୋଟେଲ୍ ପୁଣି ପ୍ଲାନେଟୋରିୟମ ଗଢି ଉଠୁଛି" ।

ଦାଦାଙ୍କୁ ନିମନ୍ତ୍ରଣ ଦେଇ ତହିଁ ଆରଦିନ ସକାଳୁ ଭୁବନେଶ୍ୱର ବାହାରି ଅସିଲି । ମଟରରେ ବସି ଅସିଲାବେଳେ ମୋର ଭାବନାର ଲହରୀ ଗୋଟିକ ପରେ ଗୋଟିଏ ଉଠୁଥାଏ ତାର ଗଣନା ନାହିଁ । ମୋର ଗାଁ – ଭୁବନେଶ୍ୱର ରାଜଧାନୀ ପୁଣି ସର୍ବୋପରି ଓଡିଶାର ଛବିକ ଅପରୂପ ଯେ ଆଖିରେ ଝଲସି ଉଠୁଥାଏ । ଓଡିଶାରେ ଅମର କଅଣ ନ ଥିଲା ? ଏଇ ଓଡିଆ ଜାତିର ଗଙ୍ଗା ଠାରୁ ଗୋଦାବରୀଯାଏ ରାଜୁତି କରୁଥିଲା ! କୈବର୍ତ୍ତ ପୁଣି କଳିଙ୍ଗପାଟଣା ବନ୍ଦରରୁ ଶହଶହ କଳିଙ୍ଗ ସାଧବର ବୋଇତ ପାଲ ଉଡେଇ କାହିଁ କେତେ ଦୂର ଦେଶକୁ ଯାଉଥିଲେ ବଣିଜ କରିବା ପାଇଁ କେବଳ ସେତିକି ନୁହେଁ ଜାଭା, ବାଲି, ବ୍ରହ୍ମଦେଶ ପ୍ରଭୃତିରେ ସମୁଦ୍ରବିଜୟୀ କଳିଙ୍ଗ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ – ଓଡିଶାର ଶହଶହ ହଜାର ହଜାର ମନ୍ଦିର ମୁଖଶାଳା ଭିତରେ କୋଣାର୍କ, ପୁରୀ, ଭୁବନେଶ୍ୱର ପ୍ରଭୃତି ମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ ଓଡିଶାକୁ ବିଶ୍ୱ ଦରବାରରେ ପରିଚିତ କରାଇଛି ଏକ କଳାପ୍ରେମୀ ଜାତି ଭାବରେ, ତେବେ ସେ ଶିଳ୍ପୀକୁଳ ଗଲେ କୁଆଡେ ? ଓଡିଶାର ଜଗନ୍ନାଥ ସଂସ୍କୃତି ଅଜି ସମଗ୍ର ବିଶ୍ୱରେ ପ୍ରସାରଲାଭ କରିବାରେ ଲାଗିଛି – ଓଡିଆର ସାହିତ୍ୟ, ସଙ୍ଗୀତ, ନୃତ୍ୟ ଓ କଳାର ଗରିମ ଓଡିଶା ସାରା ବିଞ୍ଛେଇ ହୋଇ ପଡିଛି, ତାର ପୁଣି ପୁନରୁଦ୍ଧାର ହେବ କିପରି ? ଅବଶ୍ୟ ଅଶାର ବିଷୟ, ମୋ ପିଲାବେଳର ଓଡିଶା, ମୋ ପଢିଲା ବେଳର ଓଡିଶା ଏଇ କେତୋଟି ବର୍ଷ ଭିତରେ ଯେଉଁ ଉଲ୍ଲେଖନୀୟ ଅଗ୍ରଗତି କରି ପ୍ରଗତି ପଥରେ ଅଗେଇ ଚାଲିଛି ତା ବାସ୍ତବିକ କଳ୍ପନାତୀତ । ଏମିତି ଭାବୁଭାବୁ ଦେଖିଲି ଭୁବନେଶ୍ୱର ପାଖେଇ ଅସିଲା । ସଞ୍ଜ ହୋଇ ଅସୁଥାଏ । କୁଆଡେ ପାଖରୁ ଦେଖାଯାଉଥାଏ ଆକାଶରେ ତାରା ବିଞ୍ଛେଇ ହେଲା ପରି ହଜାର ହଜାର ବିଜୁଳି ଅଲୁଅ । ହଜାର ହଜାର ବର୍ଷ ଭିତରେ ଗୋଟିକ ପରେ ଗୋଟିଏ ରାଜଧାନୀ ଗଢି ଉଠିଛି ଏଇ ଭୁବନେଶ୍ୱରରେ । ମନରେ ଭାବିଲି ବୋଧହୁଏ ମନ୍ଦିରମାଳିନୀ ଭୁବନେଶ୍ୱରର କିଛିନା କିଛି ଗୋଟାଏ ମାହାତ୍ମ୍ୟ ରହିଛି ।

ପୁନାମା ଗେଟ୍, ଭୁବନେଶ୍ୱର–୨

# ଏକ ଅମ୍ଳାନ ନେତୃତ୍ୱ

ଶ୍ରୀ ଚିନ୍ତାମଣି ବେହେରା

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଶାର ରାଜନୀତିକ ଇତିହାସରେ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଆଜି ଏକ ଅନନ୍ୟ ଓ ଅପ୍ରତିଦ୍ୱନ୍ଦ୍ୱୀ ଆସନର ଅଧିକାରୀ । ଏହି ଅନନ୍ୟତାର ଅନ୍ୟତମ ମୁଖ୍ୟ କାରଣ ହେଉଛି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବରେ ତାଙ୍କର ଶାସନକାଳ କେବଳ ଯେ ଦୀର୍ଘତମ ତାହା ନୁହେଁ, ମହତ୍ତମ ମଧ୍ୟ । ନିକଟରେ ତାଙ୍କ ରାଜ୍ୟଶାସନର ନଅବର୍ଷ ପୂର୍ଣ୍ଣ ହୋଇ ଦଶମ ବର୍ଷରେ ପଦାର୍ପଣ କରିଛି । ଏତେ ଦୀର୍ଘକାଳ ଧରି ଓଡ଼ିଶାକୁ ଶାସନ କରିବାର ଓ ନେତୃତ୍ୱ ଦେବାର ସୌଭାଗ୍ୟ ପୂର୍ବରୁ କୌଣସି ମୁଖ୍ୟମନ୍ତ୍ରୀ ଲାଭ କରି ନ ଥିଲେ । ମାତ୍ର ଏ କ୍ଷେତ୍ରରେ ଏହି କୃତିତ୍ୱ ଓ ଗୌରବର ଅଧିକାରୀ ହେବା ଜାନକୀବାବୁଙ୍କ ପକ୍ଷରେ ଯେତିକି ଗୌରବାବହ, ଓଡ଼ିଶା ଓ ଓଡ଼ିଆ ଜାତି ପକ୍ଷରେ ମଧ୍ୟ ସେତିକି ଶୁଭଙ୍କର ଓ ସୌଭାଗ୍ୟଜନକ ।

ଓଡ଼ିଶା-ରାଜନୀତିରେ ପ୍ରବେଶ କରିବା ତାଙ୍କର ବେଶୀ ଦିନର ଘଟଣା ନୁହେଁ । ସେ ମୁଖ୍ୟତଃ ଥିଲେ ଜଣେ ସାମ୍ବାଦିକ ଓ ସାରସ୍ୱତ ସାଧକ । ସୃଜନଶୀଳତା ଓ ହୃଦୟ-ସମ୍ବାଦ ସଂଗ୍ରହ ଥିଲା ତାଙ୍କର ମୌଳିକ ସ୍ୱଧର୍ମ । ଏହି ସ୍ୱଧର୍ମରୁ ସେ ଯାବତ୍ ସେ ବିଚ୍ୟୁତ ହୋଇ ନାହାନ୍ତି କହିଲେ ଚଳେ । ମାତ୍ର ଏହି ସ୍ୱଧର୍ମକୁ ଭିତ୍ତି ଓ ଆୟତନ କରି ତାଆରି ଚୌହଦି ଉପରେ ଗଢ଼ିଉଠିଛି ତାଙ୍କର ରାଜନୀତିକ ବିଚକ୍ଷଣତାର ଯେଉଁ ପ୍ରାଚୀର, ରାଜନୀତି କ୍ଷେତ୍ରରେ ତାହା ତାଙ୍କର ବିରୋଧୀଶକ୍ତି ନିକଟରେ ଆଜି ହୋଇଉଠିଛି ଦୁର୍ଭେଦ୍ୟ ଓ ଅନତିକ୍ରମ୍ୟ ।

ଯେ କୌଣସି ଶାସକ ରାଜକୋଷରୁ ବିପୁଳ ଅର୍ଥ ବ୍ୟୟ କରି ନିଜ ରାଜ୍ୟ ବା ଜାତିକୁ ହୁଏତ ଦାନ କରିପାରେ ଅସଂଖ୍ୟ ଘାଟ, ପ୍ରାସାଦ, ଉଦ୍ୟାନ ବା କାରଖାନା । ମାତ୍ର ଜଣେ ଶାସକ ପକ୍ଷରେ ଏହା ତା'ର ଅକ୍ଷୟ କୀର୍ତ୍ତି ବା କୃତିତ୍ୱର ପରିଚାୟକ ନୁହେଁ । ସେହି ଶାସକ ଯଥାର୍ଥରେ ହୋଇଥାଏ ସୁଶାସକ, ଜନଗଣ ମନର ଅଧିନାୟକ ଓ ଅମ୍ଳାନ ଯଶର ଅଧିକାରୀ ଯିଏ ନିଜର ଜାତି ଓ ଜନତାକୁ ଦେଇଥାଏ ଆଗେଇଯିବାର ଅନୁପ୍ରେରଣା, ଜନମାନସରେ ଭରିଦେଇଥାଏ ନୂତନ ସ୍ୱପ୍ନ ଓ ସମ୍ଭାବନାର ସଙ୍କେତ ଏବଂ ଜାତିର ଆତ୍ମାରେ ସଂଚାର କରିଥାଏ ଦୃଢ଼ ଆତ୍ମବଳ ଓ ଆତ୍ମପ୍ରତ୍ୟୟର ଗରିମା । ଏହି ଶେଷୋକ୍ତ ଅଭିଳଷିତ କାର୍ଯ୍ୟଟି ସଂସାଧିତ ହୋଇଛି ଜାନକୀବାବୁଙ୍କ ଦୀର୍ଘ ଶାସନକାଳର ପରିଧି ମଧ୍ୟରେ ଏବଂ ତାଙ୍କରି ନେତୃତ୍ୱରେ ଓଡ଼ିଶା ଓ ଓଡ଼ିଆଜାତି ଆଜି ହୋଇପାରିଛି ସେହି ଆତ୍ମଶ୍ଳାଘା ଓ ଆତ୍ମପ୍ରତ୍ୟୟର ଅଧିକାରୀ । ଭାରତର ଅନ୍ୟାନ୍ୟ ଅଗ୍ରସର ଓ ପ୍ରଗତିଶୀଳ ରାଜ୍ୟମାନଙ୍କ ସହିତ ଓଡ଼ିଶା ଆଜି ସମାସନରେ ଉପବିଷ୍ଟ । ଜଣେ ଯଥାର୍ଥ ଓ ଯୋଗ୍ୟ ନେତାର ସ୍ୱରୂପ ଓ ବ୍ୟକ୍ତିତ୍ୱ ସମ୍ପର୍କରେ ଋଗ୍‌ବେଦରେ କୁହାଯାଇଛି, "ସୁସଂଦୃଶଂ, ସୁପ୍ରତୀକଂ ସ୍ୱ-ଅଞ୍ଚଂ ହବ୍ୟବାହ । ଅରତିମ୍ ମାନୁଷାଣାମ୍ ।" (୭।୧୦।୩) ଅର୍ଥାତ୍ ନେତାହେବେ ସୁନ୍ଦର, ଦର୍ଶନୀୟ, ଉତ୍ତମ ପ୍ରଗତିଶୀଳ ବ୍ୟବହାର ସମ୍ପନ୍ନ ଏବଂ ମନୁଷ୍ୟମାନଙ୍କୁ ଆଗେଇ ନେଇଯିବାର ଗୁଣ ସମ୍ଭାରରେ ପରିପୂର୍ଣ୍ଣ । ମୋର ମନେହୁଏ, ନେତୃତ୍ୱର ଏହି ମୌଳିକ ଧର୍ମ ଜାନକୀବାବୁଙ୍କ ବ୍ୟକ୍ତିତ୍ୱ ମଧ୍ୟରେ ନିହିତ, ଯାହା ଫଳରେ ଏକ ଉନ୍ନତ ଓ ଅଗ୍ରସର ରାଜ୍ୟର ବାସିନ୍ଦା ଭାବରେ ଆମ ମନରେ ସେ ଆଜି ଅହମିକା ଓ ସ୍ୱାଭିମାନ ସୃଷ୍ଟି କରି ପାରିଛନ୍ତି ।

ଜାନକୀବାବୁ କେବଳ ଜଣେ ଶାସକ ବା ରାଜନୀତିଜ୍ଞ ମାତ୍ର ନୁହଁନ୍ତି, ମୁଁ ପ୍ରଥମରୁ କହିଛି ସେ ମୁଖ୍ୟତଃ ଜଣେ

ସ୍ରଷ୍ଟା; ତାଙ୍କର ହୃଦୟ ଜଣେ କବି ଓ ଶିଳ୍ପୀର ହୃଦୟ । ତାଙ୍କର ଏହି କବି ହୃଦୟର ସ୍ୱପ୍ନ ନୀରସ ରାଜନୀତି କ୍ଷେତ୍ରକୁ ସଂସ୍ପର୍ଶିତ ହୋଇ ତାହାକୁ କରିପାରିଛି ରସସିକ୍ତ ଓ ଧର୍ଣ୍ଣସ୍ପୃକ୍ତ । ତାଙ୍କ ବ୍ୟକ୍ତିତ୍ୱର ଅନ୍ୟ ଯେଉଁ ମୌଳିକ ଧର୍ମଟି ତାଙ୍କ ନେତୃତ୍ୱକୁ କରିପାରିଛି ପ୍ରାଣବନ୍ତ ଓ ଦୀର୍ଘଜୀବୀ ତାହା ହେଉଛି ତାଙ୍କର ଚାରିତ୍ରିକ ବିନୟ । ମହର୍ଷି ମନୁ ଯଥାର୍ଥରେ କହିଛନ୍ତି, "ବିନିତାତ୍ମା ନୃପତି କଦାପି ବିନାଶ ପାଏ ନାହିଁ ।"

ବିନୀତାତ୍ମାହି ନୃପତିର୍ନ ବିନଶ୍ୟତି କର୍ହିଚିତ୍ ।

(ମନୁସଂହିତା, ୭।୩୯)

ଏ ସମ୍ପର୍କରେ କହିବାକୁ ଯାଇ ମହର୍ଷି ମନୁ ପୁଣି ଚେତାବନୀ ଦେଉଛନ୍ତି 'ଅବିନୟ ଯୋଗେ ସପରିଚ୍ଛଦ (ପରିଜନ ସମେତ) ବହୁରାଜା ନଷ୍ଟ ହୋଇଛନ୍ତି ଏବଂ ବିନୟ ଯୋଗେ ବନବାସ ରାଜାମାନେ ମଧ୍ୟ ରାଜ୍ୟ ପାଇଛନ୍ତି ।'

ବହବୋଽ ବିନୟାନଷ୍ଟା ରାଜାନଃ ସପରିଚ୍ଛଦାଃ ।
ବନସ୍ଥା ଅପି ରାଜ୍ୟାନି ବିନୟା ପ୍ରତି ପେଦିରେ ।।

(ମନୁସଂହିତା ୭।୪୦

ଓଡ଼ିଶାର ରାଜନୀତିକ ଇତିହାସରେ ଅବିନୟ, ଅହଂକାର ଓ ଆତ୍ମାକଳନଦ୍ୱାରା ନେତୃତ୍ୱ ବ୍ୟର୍ଥ ହୋଇଥିବାର ଦୃଷ୍ଟାନ୍ତ ଆମ ନିକଟରେ ଅଭାବ ନାହିଁ ।

ସ୍ୱପ୍ନ, ସଂକଳ୍ପ ଓ ସାଧନା ଜାନକୀବାବୁଙ୍କ ବ୍ୟକ୍ତିତ୍ୱ ସହିତ ଅଙ୍ଗାଙ୍ଗୀଭାବେ ଜଡ଼ିତ । ମହାଭାରତର ଶାନ୍ତିପର୍ବରେ ଭୀଷ୍ମ ଯୁଧିଷ୍ଠିରଙ୍କୁ ରାଜଧର୍ମ ସମ୍ପର୍କରେ ଉପଦେଶ ଦେବାକୁ ଯାଇ କହିଛନ୍ତି, 'ତୁମେ ସର୍ବଦା ଉଦ୍ୟୋଗୀ ହୋଇ କର୍ମକର । ପୁରୁଷକାରଭିନ୍ନ କେବଳ ଦୈବଦ୍ୱାରା ରାଜକାର୍ଯ୍ୟ ସିଦ୍ଧ ହୁଏନା' । ଜାନକୀବାବୁଙ୍କ ବ୍ୟକ୍ତିତ୍ୱ ମଧ୍ୟରେ ଏହି ପୁରୁଷକାରର ଉଦ୍ୟୋଗ, ଉତ୍ଥାନ ବା ଅଭ୍ୟୁଦୟର ସ୍ୱପ୍ନ ଯେପରି ସଂଶ୍ଳିଷ୍ଟ, ମୁକ୍ତ ଉଦାର ମାନବବାଦୀ ଧର୍ମଚେତନାର ଦୃଢ଼ ବିଶ୍ୱାସଦ୍ୱାରା ତାହା ସେହିପରି ସମୃଦ୍ଧ । ଓଡ଼ିଆ ଜାତିର ପ୍ରାଣରେ ଏହି ପୁରୁଷକାରର ପ୍ରତିଷ୍ଠା ପାଇଁ ସେ ଏକଦା ଆରମ୍ଭ କରିଥିଲେ 'ପୌରୁଷ' ପତ୍ରିକାର ସମ୍ପାଦନା ଓ ପ୍ରକାଶନ ଏବଂ ତାଙ୍କ ଶାସନକାଳର ଦୀର୍ଘ ସମୟ ମଧ୍ୟରେ ଆମକୁ ସେ ଦେଇଛନ୍ତି ସେଇ ପୌରୁଷର ପ୍ରତିଷ୍ଠା ଓ ସମ୍ଭ୍ରମ । କବି ଗଙ୍ଗାଧର ମେହେର ପରାଧୀନ ଉତ୍କଳରେ ଏକଦା ଦୁଃଖ ଓ କ୍ଷୋଭ ପ୍ରକାଶ କରି ଲେଖିଥିଲେ, 'ନ ଥାଏ ପୁରୁଷକାର ଯେଉଁ ଦେଶେ, ସହି ନେଇଥାଏ ସହସ୍ର ଗାଳି' । ସ୍ୱାଧୀନ ଉତ୍କଳରେ ମହାଭାରତୀୟତାର ଜାତୀୟ ସ୍ରୋତରେ ଓଡ଼ିଶାକୁ ସାମିଲ କରି ଓଡ଼ିଆ ଜାତିକୁ ଜାନକୀବାବୁ ଆଜି ଦେଇପାରିଛନ୍ତି ପୁରୁଷକାରର ସେଇ ଗୌରବ ଓ ଗରିମା ଏବଂ ତାଙ୍କ ଶାସନକାଳର ଏହାହିଁ ହେଉଛି ଓଡ଼ିଆ ଜାତିକୁ ତାଙ୍କର ସର୍ବୋତ୍ତମ ଦାନ ।

ଏ ଜାତିର ମହାକବି ସାରଳା ଦାସ ରାଜଧର୍ମ ସମ୍ପର୍କରେ କହିବାକୁ ଯାଇ ଲେଖିଛନ୍ତି;

"କୃଷି କର୍ମକାରୀ ଜନେ ନ ଦଣ୍ଡିବୁ ଧନ
ଗୋଚର ନିମନ୍ତେ ଛାଡ଼ିଦେବୁ ବହୁସ୍ଥାନ ।

*    *    *

ଗୁଣୀଗଣ ଜାଣିକରି କରୁଥିବୁ ପୂଜା
କବିମାନଙ୍କୁ କୃପଣ ନ ହୋଇବୁ ରାଜା ।"

(ଶାନ୍ତିପର୍ବ—ଯୁଧିଷ୍ଠିରଙ୍କ ପ୍ରତି ଭୀଷ୍ମଙ୍କ ଉପଦେଶ)

ଓଡ଼ିଶାର କୃଷକ ସମାଜ ପ୍ରତି ଜାନକୀବାବୁଙ୍କ ସମ୍ବେଦନଶୀଳତା, ପ୍ରାକୃତିକ ପରିବେଶର ସୁରକ୍ଷାପାଇଁ ସଯତ୍ନ ଉଦ୍ୟମ, ଗୁଣୀ ଓ ବିଦ୍ୱଜ୍ଜନ ପ୍ରତି ତାଙ୍କର ସଶ୍ରଦ୍ଧ ବ୍ୟବହାର ଏବଂ କବି ଓ ସାହିତ୍ୟିକମାନଙ୍କ ପ୍ରତି ତାଙ୍କର ଅକୃପଣ ଅନୁରାଗ ଆଜି କାହାରିକୁ ଅବିଦିତ ନାହିଁ । ସାରସ୍ୱତ ଗୋଷ୍ଠୀ ପ୍ରତି ତାଙ୍କର ମମତା ଓ ଅନୁରାଗ ଏତେ ପ୍ରଗାଢ଼ ଓ ଗଭୀର ଯେ, ବରଂ କୁହାଯାଇପାରେ ବହୁ ସାଧାରଣ ଓ ଅଯୋଗ୍ୟ ଲେଖକ ମଧ୍ୟ ତାଙ୍କର କୃପାଲାଭ କରିବାକୁ ସମର୍ଥ ହୋଇପାରିଛନ୍ତି । ଦୁଃସ୍ଥ ସାରସ୍ୱତ ସାଧକ ଓ ଶିଳ୍ପୀମାନଙ୍କୁ ଭତ୍ତା ପ୍ରଦାନ, ଓଡ଼ିଶାରେ ଶିଳ୍ପ ପ୍ରସାର ଏବଂ ଭାରତୀୟ ସଂସ୍କୃତି ଓ ସଂସ୍କୃତ ସାହିତ୍ୟର ସୁବିକାଶ ପାଇଁ ଯଥାକ୍ରମେ 'ଇଡ୍‌କୋ' ପ୍ରତିଷ୍ଠାନ ଓ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା, ଓଡ଼ିଶୀ ନୃତ୍ୟ ଗବେଷଣା କେନ୍ଦ୍ର ଏବଂ ଚିଲିକା ନୌତାଲିମ୍ କେନ୍ଦ୍ରର ପ୍ରତିଷ୍ଠା ପ୍ରଭୃତି ତାଙ୍କ ଶାସନ କାଳର କେତୋଟି ଉଲ୍ଲେଖନୀୟ କୃତିତ୍ୱ । ତାଙ୍କ ଭଳି ଜଣେ ଯୋଗ୍ୟ ସନ୍ତାନକୁ ନେତା ଓ ଶାସକ ଭାବରେ ଲାଭ କରି ଉତ୍କଳ ଲକ୍ଷ୍ମୀ ନିଜ ଅର୍ଘ ଓ ଆମ୍ଭାରେ ଯେ ଆଜି ଶ୍ରୀମୟୀ ଓ ସମୃଦ୍ଧା, ତାହା ତାଙ୍କର ପରମ ପ୍ରତିଦ୍ୱନ୍ଦୀ ମଧ୍ୟ ମୁକ୍ତକଣ୍ଠରେ ସ୍ୱୀକାର କରିବ । ଉତ୍କଳ ଜନନୀଙ୍କ ସେବାରେ ତାଙ୍କ ଜୀବନ କାଳି ବର୍ଦ୍ଧିତ ହେଉ ଏବଂ ତାଙ୍କ ନେତୃତ୍ୱର ପୁରୋଦୃଷ୍ଟି ଓ ଦିଗ୍‌ଦର୍ଶନ ଦ୍ୱାରା ଓଡ଼ିଆ ଜାତି ଅଧିକରୁ ଅଧିକ ଅଗ୍ରସର ହେଉ, ଏହାହିଁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଦେଶ ଓ ସଂସ୍କୃତି ପ୍ରେମୀ ପ୍ରତି ଓଡ଼ିଆ ପ୍ରାଣ ସହିତ ମୋର ଆଜି ଏକାନ୍ତ ପ୍ରାର୍ଥନା ।

ସେହି ସବୁଠୁ ଭାରତୀୟ, ଯେ ତା'ର ଦେଶକୁ ବିଭିନ୍ନ ଧର୍ମ ସଂପ୍ରଦାୟର ଏକ ଉଦାର ସମନ୍ୱୟ ଭୂମି ବୋଲି ଗର୍ବ କରେ । ଧର୍ମ ସମ୍ପର୍କରେ ଯାହା ସତ୍ୟ, ଭାଷା ଓ ବିଭିନ୍ନ ଭାଷାଭାଷୀ ସମ୍ପ୍ରଦାୟମାନଙ୍କ କ୍ଷେତ୍ରରେ ତାହା ମଧ୍ୟ ସତ୍ୟ ।

ଜାନକୀ ବଲ୍ଲଭ ପଟ୍ଟନାୟକ

# ଏକ ଉତ୍ସର୍ଗୀକୃତ ଜୀବନ

ଶ୍ରୀ ରାଜକିଶୋର ରାୟ

ମିତ୍ରତ୍ୱ ଓ ମହନୀୟତାରେ ସୁଦୂର ପ୍ରସାରୀ ସଂଚରଣଶୀଳତା ରହିଛି । ଏହା ବ୍ୟକ୍ତି ଜୀବନକୁ ତଥା ରାଷ୍ଟ୍ରନିର୍ମାଣକୁ ପ୍ରଭାବିତ କରିଥାଏ । ଉତ୍କଳ, ବୀର ସାଧକ ଶୂନ୍ୟ କେବେ ନଥିଲା । ଏହାର ଐତିହ୍ୟରେ ବହୁ ମନୀଷୀ ପଦ-ପଙ୍କଜ ପ୍ରଚାଇ ଯାଇଛନ୍ତି । ମାନାଭାରର ପ୍ରତିମାଲ୍ୟରେ ବିଚିତ୍ର ପ୍ରତିଭର ସମାବେଶ ଘଟିଥାଏ । ଚିତ୍ର ଓ ବର୍ଣ୍ଣରେ ବିଚିତ୍ର ହେଲେ ବି, ଗୋଟିଏ ଐକ୍ୟର ଗ୍ରନ୍ଥି ଝରିଆସେ ।

କଳିଙ୍ଗ ବା ଉତ୍କଳ ବା ଉଡ୍ର ଘଟଣା ଓ ଇତିହାସର ପରମ୍ପରାରେ ସମୃଦ୍ଧ ଥିଲେ ବି ବ୍ରିଟିଶ ଶାସନର ପରିପ୍ରେକ୍ଷୀରେ ଏହାର ଅନ୍ତର୍ନିହିତ ସାଂସ୍କୃତିକ, ଧର୍ମୀୟ ଓ ଜନଚେତନାରେ ଘୋର ବିପର୍ଯ୍ୟୟ ଘଟିଗଲା । ବିଭିନ୍ନ ରାଷ୍ଟ୍ରରେ ଖଣ୍ଡିତ ରହି ଏହାର ଅଭିବ୍ୟକ୍ତି ବିଶାଳ ହୋଇ ପାରିଲା ନାହିଁ । ସେଇଁ ଉତ୍କଳର ମନୀଷୀମାନେ ଏହାକୁ ଏକ ସ୍ୱତନ୍ତ୍ର ପ୍ରଦେଶ କରିବାରେ ଜୀବନ ଉତ୍ସର୍ଗ କଲେ, ସେମାନେ ଏ ଜାତିର ଚିରସ୍ମରଣୀୟ ।

## ସିଂହାବଲୋକନ

୧୯୮୦ ପର୍ଯ୍ୟନ୍ତ ସିଂହାବଲୋକନ କଲେ ଦେଖାଯାଏ ସ୍ୱର୍ଗତ ପାରଳାଖେମଣ୍ଡି ମହାରାଜ କୃଷ୍ଣଚନ୍ଦ୍ର ସିଂହଦେଓ, ସ୍ୱର୍ଗତ ବିଶ୍ୱନାଥ ଦାଶ, ସ୍ୱର୍ଗତ ରାଜେନ୍ଦ୍ର ନାରାୟଣ ସିଂହଦେଓ, ସ୍ୱର୍ଗତ ଡକ୍ଟର ହରେକୃଷ୍ଣ ମହତାବ, ଶ୍ରୀଯୁକ୍ତ ନୀଳମଣି ରାଉତରାୟ, ଶ୍ରୀଯୁକ୍ତ ବିଜୁ ପଟ୍ଟନାୟକ, ସ୍ୱର୍ଗତ ବୀରେନ୍ ମିତ୍ର ଓ ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କର ମୁଖ୍ୟମନ୍ତ୍ରୀତ୍ୱ କାଳରେ ରାଜ୍ୟର ସାମୁହିକ ଅଗ୍ରସରତା ଯଥାଯଥ ହୋଇଥିଲେ ବି ଶାସନର ନିରବଚ୍ଛିନ୍ନତା, ସଂକଳ୍ପବଦ୍ଧ ଯୋଜନା ରୂପାୟନରେ ଐକ୍ୟ ଓ ସଂହତି ଘେନି ନେତୃତ୍ୱ, ବ୍ୟାପକ ସମୃଦ୍ଧିର ଅଭିବୃଦ୍ଧି ସେତେ ପ୍ରଖର ଓ କାର୍ଯ୍ୟକାରୀ ହୋଇ ପାରି ନଥିଲା  ଜାତି ଓ ରାଜ୍ୟର ମହାନ୍ ଜୀବନ ଶିଳ୍ପୀ ସ୍ୱର୍ଗତ ଡକ୍ଟର ହରେକୃଷ୍ଣ ମହତାବ ବହୁ ଦିଗରେ ଧୀମାନ୍, ସଂସ୍କୃତି, ସାହିତ୍ୟ, ଇତିହାସ, ରାଜନୀତିରେ ଧୂରୀଣ ବ୍ୟକ୍ତି ମଧ୍ୟ ସୁସ୍ଥ ଓ ଶାନ୍ତ ପରିବେଶରେ କେତେବର୍ଷ ପାଇଁ ନିରବଚ୍ଛିନ୍ନ ଶାସନରେ ଅଧିଷ୍ଠିତ ହୋଇପାରି ନଥିଲେ । ନିର୍ବାଚନ ପରେ ସୀମିତ ପାଞ୍ଚ ବର୍ଷ ବି ପୂର୍ତ୍ତି ହୋଇ ପାରିଲା ନାହିଁ ।

## ଜଣେ ସାମ୍ବାଦିକର ଉତ୍ଥାନ

ଭାରତବର୍ଷରେ ଏ ପରମ୍ପରା ଅତି ଉଜ୍ଜ୍ୱଳ । ଶିକ୍ଷକତା ଓ ସାମ୍ବାଦିକତା ଏ ଦୁଇଟି ସମ୍ପଦରେ ଭରା ଦେଇ ଯେଉଁମାନେ ଜୀବନ ଆରମ୍ଭ କରିଥିଲେ, ସେମାନେ ବିଶ୍ୱବନ୍ଦ୍ୟ । ଗାନ୍ଧିଜୀଙ୍କଠାରୁ ଆରମ୍ଭ କରି ସର୍ବପଲ୍ଲୀ ରାଧାକୃଷ୍ଣନ୍, ଲାଲା ଲଜପତ୍ ରାୟ, ତିଳକ, ଗୋଖଲେ ପ୍ରମୁଖ ମନୀଷୀମାନେ ଏହି ପଥର ଅଭିଯାତ୍ରୀ । ସାମ୍ବାଦିକତା ଗବାକ୍ଷଦେଇ ବିଶ୍ୱପ୍ରାଙ୍ଗଣରେ ଜ୍ଞାନର ମହିମା ଅନୁଭୂତ ହୁଏ । ଆଜି ଏହି ପରମ୍ପରାର ମାଲ୍ୟ ସୂତ୍ରରେ ଯେଉଁ କୁସୁମଟି ସୁବାସ ବିତରଣ କରୁଛନ୍ତି,ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ । ପୂର୍ବୋକ୍ତ ମୁଖ୍ୟମନ୍ତ୍ରୀମାନଙ୍କର ଶାସନଲବ୍ଧ ଜ୍ଞାନ, ଦେଶର ଇତିହାସ, ରାଜନୀତିର ଉତ୍ଥାନ ପତନ, କିଏ କେଉଁ ପ୍ରକାର ଲୋକ, କାହାର କି ବିଚକ୍ଷଣତା, ଜନପ୍ରିୟତାର କାରଣ ନିର୍ଣ୍ଣୟ, ତଦନୁଯାୟୀ ନିଜକୁ ପ୍ରସ୍ତୁତ କରିବା ପାଇଁ ବହୁ ସଂଘାତ ଓ ଆପଦର ସମ୍ମୁଖୀନ ଏହି ଉଚ୍ଚଶିକ୍ଷିତ ଯୁବକର ରାଜନୀତି ଓ ଶାସନ ମଞ୍ଚରେ ଆବିର୍ଭାବ ଘଟଣା ଏକ ଐତିହାସିକ ପ୍ରାରବ୍ଧ ଘଟଣା ବୋଲି କହିବାକୁ ହେବ ।

ନମ୍ର କମ୍ର ବ୍ୟକ୍ତିତ୍ୱ । ଶତ୍ରୁ ମିତ୍ରରେ ଭେଦହୀନ ଶ୍ରଦ୍ଧା । ଭାରତୀୟ ସଂସ୍କୃତି ଓ ଧର୍ମବୋଧରେ ଅନୁପ୍ରାଣିତ ପ୍ରାଣମୟ ଅନୁଭୂତୀ । ସଂସ୍କୃତ ଭାଷା ଓ ସାହିତ୍ୟରେ ବିଦ୍ୱାନ୍ । ସହନଶୀଳତା,ଧୈର୍ଯ୍ୟ, ଅବିଚଳିତ ମାନସିକତା, ସୂର୍ଯ୍ୟ ଅସ୍ତ ଗଲେ ବି ନୂତନ ପ୍ରଭାତର ଆଶା ଓ ଆଶ୍ୱାସନାରେ ନିଜର ବ୍ୟକ୍ତିତ୍ୱକୁ ଶାଣିତ କରି ରଖିବା, ରାଜନୀତିରେ ବିରୋଧୀ ବ୍ୟକ୍ତି ସାମାଜିକ ଓ ଅନ୍ତରଙ୍ଗ ମୈତ୍ରୀରେ ସ୍ନେହାସ୍ପଦ.... ଏ ଭାବରେ ଯେ ଲୋକଟି ସଦା ଅଲଙ୍କୃତ ଆଜି ଓଡ଼ିଶାର ଦୁଇକୋଟି ଲୋକଙ୍କର ଭାଗ୍ୟବିଧାତା ଭାବରେ ନବମବର୍ଷ ଆସନ ପରିଧି ଅତିକ୍ରମ କରି ଦଶମ ବର୍ଷରେ ଉପନୀତ ପ୍ରାକ୍‌କାଳରେ ସର୍ବଦିଗରୁ ଅଭିନନ୍ଦନୀୟ ।

## ଶାସନ ପ୍ରାରମ୍ଭରେ ଶିଳ୍ପ ଧ୍ୱନି

ଜାନକୀ ବଲ୍ଲଭଙ୍କର ମୁଖ୍ୟମନ୍ତ୍ରୀତ୍ୱର ପ୍ରଥମ ପ୍ରଭାତରେ ଯେ ଧ୍ୱନିଟି, ସେ ଧ୍ୱନିମୟ କଲେ । ତାହା ତାଙ୍କର ଓଡ଼ିଶାକୁ ଶିଳ୍ପାୟନ

କରିବାରେ ଐତିହାସିକ ପ୍ରସ୍ତୁତି ଥିଲା । ହଜାରେ ଦିନରେ... ଏ ଶବ୍ଦ ପ୍ରବାଦ ହୋଇ ରହିନାହିଁ । ଏହା କଳ୍ପନା ବା ଆକାଶକୁସୁମ ବାଷ୍ପ ହୋଇ ନୁହେଁ । ଏହା ସତ୍ୟ ଓ ସିଦ୍ଧପ୍ରାପ୍ତ ।

୧୯୮୦ ମସିହା ଶିଳ୍ପନୀତି ଅନନ୍ୟସାଧାରଣ । ୧୯୮୦ ପୂର୍ବରୁ ରାଜ୍ୟରେ ୫୯ଟି ବୃହତ୍ ଓ ମଧ୍ୟମ ଧରଣର ଶିଳ୍ପ ଥିଲା । ୧୯୮୦ ପରେ ୧୦୬ ଟି ବୃହତ୍ ଓ ମଧ୍ୟମ ଧରଣର ଶିଳ୍ପ ଉତ୍ପାଦନକ୍ଷମ ହୋଇଛି ଏବଂ ଏହିଭଳି ୧୧୦ଟି ଅଧିକ ଶିଳ୍ପ କାର୍ଯ୍ୟକାରୀ ହେଉଛି । ୧୯୮୦ ପୂର୍ବରୁ ୯,୧୧୯ଟି କ୍ଷୁଦ୍ର ଶିଳ୍ପ ଥିଲା । ଷଷ୍ଠ ଯୋଜନାରେ ଅଧିକ ୧୪,୩୧୮ ଟି କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ହୋଇଛି । ୧୯୮୧ ଠାରୁ କ୍ରମାଗତ ପ୍ରତିବର୍ଷ ଧରି ଓଡ଼ିଶାର ଉତ୍ପାଦନତା ଭାରତ ସରକାରଙ୍କ ଦ୍ୱାରା ପ୍ରଶଂସିତ ହୋଇଛି । ଜିଲ୍ଲା ଶିଳ୍ପକେନ୍ଦ୍ର ଠିକା କ୍ଷୁଦ୍ର ଶିଳ୍ପ ଓ କାରିଗରୀ ଶିଳ୍ପ ସଂସ୍ଥା ତଥା ନୂତନ ନିଯୁକ୍ତି ପାଇଁ ସୁଯୋଗ ସୁବିଧା କ୍ଷେତ୍ରରେ ଓଡ଼ିଶା ପ୍ରତ୍ୟେକ ବର୍ଷ ସାରା ଦେଶରେ ପ୍ରଥମସ୍ଥାନ ଅଧିକାର କରିଛି । ଆଇ.ଡ଼ି.ବି.ଆଇ. ୧୯୬୪ରୁ ୧୯୮୫ ମଧ୍ୟରେ ଓଡ଼ିଶାକୁ ୫୨୫.୮୭ କୋଟି ଟଙ୍କା ମଞ୍ଜୁର କରିଥିବା ବେଳେ କେବଳ ଷଷ୍ଠ ଯୋଜନାର ପାଞ୍ଚବର୍ଷ ମଧ୍ୟରେ ଏଥିମଧ୍ୟରୁ ୪୩୭.୨୫ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ୧୯୮୪-୮୫ ମସିହାରେ ଆଇ.ଡ଼ି.ବି.ଆଇ. ସାରା ଦେଶରେ ବିଭିନ୍ନ ଶିଳ୍ପକୁ ସିଧା ସଳଖ ମଞ୍ଜୁର କରିଥିବା ଋଣର ଶତକଡା ୧୧ ଭାଗ ଓଡ଼ିଶାକୁ ଦିଆଯାଇଛି ଯାହାକି ଉତ୍ତର ପ୍ରଦେଶ ଓ ମହାରାଷ୍ଟ୍ର ପରେ ତୃତୀୟ ବୃହତ୍ ମଞ୍ଜୁରୀ ।

ପୂର୍ବ ଶିଳ୍ପନୀତିରେ କ୍ଷୁଦ୍ର ଶିଳ୍ପମାନେ ସେମାନଙ୍କର ପ୍ରସ୍ତୁତ ସାମଗ୍ରୀ ଉପରେ ହୋଇଥିବା ବିକ୍ରିକର ଉପରେ ଏକ ଲକ୍ଷ ଟଙ୍କା ଯାଏ ଋଣ ପାଉବାର ବ୍ୟବସ୍ଥା ଥିଲା । ନୂତନ ଶିଳ୍ପ ନୀତିରେ ଏ ବ୍ୟବସ୍ଥା ପରିବର୍ତ୍ତେ ୫ ବର୍ଷ ପାଇଁ ସେମାନଙ୍କର ପ୍ରସ୍ତୁତ ସାମଗ୍ରୀ ଉପରୁ ବିକ୍ରିକର ଛାଡ଼ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

ଓଡ଼ିଶା ବର୍ତ୍ତମାନ ଭାରତରେ ଶିଳ୍ପସମୃଦ୍ଧ ରାଜ୍ୟମାନଙ୍କ ଭିତରେ ଏକ ନିର୍ଦ୍ଦିଷ୍ଟ ସ୍ଥାନ ଅଧିକାର କରିଛି । ଏହା ଶ୍ଳାଘନୀୟ ।

## ସୁଷମ ଅଗ୍ରଗତି

ଓଡ଼ିଶା ଭାରତର ସବୁଠାରୁ ଗରିବ ରାଜ୍ୟ ହୋଇ ରହି ନାହିଁ । ଅନ୍ୟ ତିନୋଟି ରାଜ୍ୟକୁ ଓଡ଼ିଶା ପଛରେ ପକାଇ ଅଗ୍ରସର ହୋଇଛି । ବିହାର, ଉତ୍ତର ପ୍ରଦେଶ ଓ ମଧ୍ୟପ୍ରଦେଶ । ୧୯୮୩ ମସିହା ହିସାବ ଅନୁଯାୟୀ ଓଡ଼ିଶାରେ ଦାରିଦ୍ର୍ୟର ସୀମାରେଖା ତଳେ ଶତକଡା ୬୬.୪ ଭାଗ ଲୋକ । ଏହି ସୀମାରେଖା ବର୍ତ୍ତମାନ ଶତକଡା ୪୨.୮ ଭାଗରୁ କମ୍ ଲୋକ ଏହି ସୀମାରେଖା ତଳେ ଅଛନ୍ତି ।

୯ ଲକ୍ଷ ୫୦ ହଜାର ଆଦିବାସୀ ଓ ଆଠ ଲକ୍ଷ ହରିଜନ ପରିବାରକୁ ବିଭିନ୍ନ ଦାରିଦ୍ର୍ୟବିରୋଧୀ ଓ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଦେଇ ଅଧିକ ସାହାଯ୍ୟ କରାଯାଇଛି ।

କଳକାରଖାନା କ୍ଷେତ୍ରରେ ଓଡ଼ିଶା ପଛରେ ଥିଲା । ବୃହତ୍ ଓ ମଧ୍ୟମ ଶିଳ୍ପ ଥିଲା ମାତ୍ର ୫୭ । ବର୍ତ୍ତମାନ ଏହାର ସଂଖ୍ୟା ୧୮୫ । କ୍ଷୁଦ୍ର ଶିଳ୍ପ ଥିଲା ୯ ହଜାର । ବର୍ତ୍ତମାନର ସଂଖ୍ୟା ୩୨ ହଜାର । ବିଦ୍ୟୁତ୍‌ଶକ୍ତି ୧୯୮୦ ପୂର୍ବରୁ ଥିଲା ୯୦୪ ମେଗାୱାଟ୍ । ବର୍ତ୍ତମାନ ହେଉଛି ୧,୩୯୪ ମେଗାୱାଟ୍ । ଯୋଜନା ଶେଷକୁ ହେବ ୨,୬୪୭ ମେଗାୱାଟ୍ ।

ରାସ୍ତାଘାଟ, ପୋଲ, ସ୍କୁଲଗୃହ, ଗରିବ ଲୋକଙ୍କ ପାଇଁ ଗୃହ, ହରିଜନ ଆଦିବାସୀଙ୍କ ପାଇଁ ଗୃହନିର୍ମାଣ କ୍ଷେତ୍ରରେ ବିପୁଳ ଅଗ୍ରଗତି ହୋଇଛି । ପର୍ଯ୍ୟଟନର ଅପୂର୍ବ ବିକାଶ ଘଟିଛି, ଓଡ଼ିଆ ଭାଷାକୁ ସରକାରୀ ଭାଷା ରୂପେ ବ୍ୟବହାର କରାଯାଇ ସ୍ୱାଭିମାନ ପ୍ରତିଷ୍ଠା କରାଯାଇଛି । ନୃତ୍ୟ, ସାହିତ୍ୟ, ସଙ୍ଗୀତ, ନାଟକ ଲଳିତ କଳାକୁ ଉତ୍ସାହିତ କରାଯାଇଛି । ଯାତ୍ରା, ଥିଏଟର, ପାଲା ଆଖଡ଼ାର ବିକାଶ ଓ ଚଳଚ୍ଚିତ୍ର ଶିଳ୍ପର ଦ୍ରୁତ ଅଗ୍ରଗତି ଘଟିଛି ।

କୃଷିପ୍ରଧାନ ଓଡ଼ିଶାରେ କୃଷିର ପ୍ରଭୂତ ଅଗ୍ରଗତି ହୋଇଛି । ଗ୍ରାମାଞ୍ଚଳରେ ଖାଦ୍ୟଦ୍ରବ୍ୟ ଯୋଗାଣ ଆଶାନୁରୂପ ହୋଇପାରୁଛି । ନାରୀ ଶିକ୍ଷାର ପ୍ରସାର ଉଲ୍ଲେଖଯୋଗ୍ୟ । ପ୍ରାଥମିକ ସ୍ତରରେ ୧୯୮୦-୮୧ ମସିହାରେ ପ୍ରାଥମିକ ବିଦ୍ୟାଳୟରେ ୬ରୁ ୧୪ ବର୍ଷ ବୟସର ଝିଅମାନଙ୍କ ସଂଖ୍ୟାଥିଲା ୧୨,୮୦,୦୦୦ । କିନ୍ତୁ ୧୯୮୭-୮୮ ମସିହାରେ ଏହି ଛାତ୍ରୀମାନଙ୍କ ସଂଖ୍ୟା ୧୮,୯୧,୦୦୦ ବୃଦ୍ଧିପାଇଛି । ନିରକ୍ଷରତା ଦୂର ପାଇଁ କାର୍ଯ୍ୟକ୍ରମ ଆଶାନୁରୂପ ହୋଇପାରିଛି । ବିଗତ ନଅବର୍ଷ ମଧ୍ୟରେ ଜଳସେଚନ କ୍ଷେତ୍ରରେ ଅଗ୍ରଗତି ହୋଇଛି । ନଗର ଉନ୍ନୟନ ଯୋଜନା, ଦାଦନ ଶ୍ରମିକ ସମସ୍ୟା, ସାମାଜିକ ବନୀକରଣ, ଆଦିବାସୀ ହରିଜନ କଲ୍ୟାଣ, ବିଦ୍ୟୁତ୍ ଶକ୍ତିର ସୁପରିକଳ୍ପନା କ୍ଷେତ୍ରରେ ପଦକ୍ଷେପ ନିଆଯାଇଛି ।

କଳା ଓ ସଂସ୍କୃତି କ୍ଷେତ୍ରରେ ଓଡ଼ିଶୀ ନୃତ୍ୟ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ଏକ ଉଲ୍ଲେଖଯୋଗ୍ୟ କାର୍ଯ୍ୟ ହୋଇଛି । ସାହିତ୍ୟିକ, କଳାକାର, ସାମ୍ବାଦିକଙ୍କୁ ପେନ୍‌ସନ୍ ବ୍ୟବସ୍ଥା ଦ୍ୱାରା ଏକ ମହତ୍ କାର୍ଯ୍ୟ ସଂପାଦିତ ହୋଇଛି । ଓଡ଼ିଶୀ ନୃତ୍ୟାଙ୍ଗନାମାନଙ୍କର ଦେଶ ବିଦେଶରେ ଉଚ୍ଚକୋଟିର କଳା ପ୍ରଦର୍ଶନ ଓଡ଼ିଶାକୁ ସାର୍ଥକ ସୁନାମ ଆଣିଛି । ଗୁରୁ କେଳୁଚରଣ ମହାପାତ୍ର ପୃଥିବୀବ୍ୟାପୀ ଯଶରେ ଯଶସ୍ୱୀ ହୋଇଛନ୍ତି । କଳିଙ୍ଗ ଷ୍ଟୁଡ଼ିଓର ସଂପ୍ରସାରଣ ଓ କଲରଲେବରେଟରୀ ପ୍ରତିଷ୍ଠା ଏ ଶାସନର ଏକ ମହତ୍ତ୍ୱପୂର୍ଣ୍ଣ ଘଟଣା । ଓଡ଼ିଆ ଚଳଚ୍ଚିତ୍ରକୁ ଶିଳ୍ପ ଭାବରେ ଗ୍ରହଣ କରାଯାଇଥିବାରୁ ଏହାର ଭବିଷ୍ୟତ ବଦଳି ଯାଇଛି । ସାହିତ୍ୟ ଏକାଡେମୀ, ସଙ୍ଗୀତ ନାଟକ ଏକାଡେମୀର ଉପାୟନ ଅଧିକ ବୃଦ୍ଧି କରାଯାଇଛି । ଓଡ଼ିଶାରେ ବନ୍ୟଜନ୍ତୁ ସଂରକ୍ଷଣ, ଅରଣ୍ୟ ସମ୍ପଦର ସୁରକ୍ଷା, ନନ୍ଦନ କାନନର ଆକର୍ଷଣୀୟ ପଶୁ, ପକ୍ଷୀ, ସଫାରୀ ପାର୍କ, ଭିତର କନିକାର ଲୁଣା ଜଙ୍ଗଲର ବନ୍ୟପ୍ରାଣୀ ସୁରକ୍ଷା, ପରିବେଶ ପ୍ରଦୂଷଣ ନିବାରଣ ପାଇଁ ପଦକ୍ଷେପ, ବୃକ୍ଷମିତ୍ର ପୁରସ୍କାର ବ୍ୟବସ୍ଥା ପ୍ରଭୃତି ଜାତୀୟ କାର୍ଯ୍ୟକ୍ରମରେ ଓଡ଼ିଶା ଅଗ୍ରଗତି କରୁଛି ।

## ମହାସମ୍ମେଳନ ଓ ପ୍ରତିମା ପ୍ରତିଷ୍ଠା

ଶାସନର ନିରବଚ୍ଛିନ୍ନତା ଦ୍ୱାରା ଉତ୍ସାହଜନକ ପ୍ରକ୍ରିୟା ମଧ୍ୟ ଦେଇ ଆମେ ଦେଖିଛୁ ବିରାଟ କୃଷକ ମେଳା, ସର୍ବଭାରତୀୟ ମହିଳା କଂଗ୍ରେସର ଅଧିବେଶନ, ମାସବ୍ୟାପୀ ଯାତ୍ରା ସମାରୋହ, ପରେଡ଼ ପଡ଼ିଆ ପରିବର୍ତ୍ତେ, କଳିଙ୍ଗ ଷ୍ଟାଡ଼ିୟମରେ ସ୍ୱାଧୀନତା ଓ ସାଧାରଣତନ୍ତ୍ର ଦିବସମାନଙ୍କରେ ପରେଡ଼ ପରିକଳ୍ପନା । ବହୁ ବାଧା ଓ ବାଦ ବିସମ୍ବାଦ ସତ୍ତ୍ୱେ ପରେଡ଼ ଗ୍ରାଉଣ୍ଡରେ ସ୍ୱର୍ଗତ ଇନ୍ଦିରା ଗାନ୍ଧିଙ୍କର ପ୍ରତିମୂର୍ତ୍ତି ସ୍ଥାପନ, କଟକ, ଭୁବନେଶ୍ୱରରେ ଜବାହରଲାଲ ନେହେରୁ, ସ୍ୱର୍ଗତ ଡକ୍ଟର ମହତାବ, ସ୍ୱର୍ଗତ ଗୋରାଚନ୍ଦ୍ର ମହାନ୍ତି, ଗଜପତି କୃଷ୍ଣଚନ୍ଦ୍ର ପ୍ରମୁଖ ମହାପୁରୁଷମାନଙ୍କର ପ୍ରତିମା ପ୍ରତିଷ୍ଠା, ନେହେରୁ ଇନ୍‌ଡୋର ଷ୍ଟାଡ଼ିୟମରେ ସର୍ବଭାରତୀୟ ଶିଶୁ ଚଳଚ୍ଚିତ୍ର ଉତ୍ସବ, ପ୍ରତ୍ୟେକ ବର୍ଷ ଚଳଚ୍ଚିତ୍ର ମହୋତ୍ସବ, ଶିଶୁ ବିଜ୍ଞାନ ପ୍ରଦର୍ଶନୀ, ଲଳିତ କଳା ଏକାଡେମୀ ପକ୍ଷରୁ ବିବିଧ ଚିତ୍ର ପ୍ରଦର୍ଶନୀ, [illegible] ଦେଶରେ ଐକ୍ୟ ଓ ସଂହତି ସ୍ଥାପନ ଉଦ୍ଦେଶ୍ୟରେ ଗଣଦୌଡ଼ର ବ୍ୟବସ୍ଥା, କ୍ରୀଡ଼ାର ମାନ ଉନ୍ନତ ପାଇଁ ସ୍ୱତନ୍ତ୍ର କ୍ରୀଡ଼ା ନିର୍ଦ୍ଦେଶାଳୟ ସ୍ଥାପନ, ସଂସ୍କୃତ ଭାଷା ଓ ସାହିତ୍ୟ ଅଧ୍ୟୟନ ଅନୁଶୀଳନ ପାଇଁ ଶ୍ରୀକ୍ଷେତ୍ରରେ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପ୍ରଭୃତି ଯୁଗାନ୍ତକାରୀ ପ୍ରଗତି ମଧ୍ୟ ଦେଇ ଓଡ଼ିଆ ଜାତି ତା'ର ଆତ୍ମ ବିଶ୍ୱାସ ଫେରି ପାଇ ଅଗ୍ରଗତିର ଉଜ୍ଜ୍ୱଳ ସଙ୍କେତ ଦେଖାଯାଉଛି ।

## ଗତ କାଲିର ନୂତନ ଐତିହ୍ୟ

ଓଡ଼ିଶାର ଗର୍ବ ଯେ ଚାନ୍ଦିପୁରରୁ 'ଅଗ୍ନି' କ୍ଷେପଣାସ୍ତ୍ର ଉତ୍‌କ୍ଷେପଣ ଏକ ଐତିହାସିକ ଓ ବୈଜ୍ଞାନିକ ଶକ୍ତି ରୂପରେ ଆଜି ବିଶ୍ୱବନ୍ଦିତ । ଦୁଇଟି ଯୁଗାନ୍ତକାରୀ ବିଧାନ, ଜବାହରଲାଲ ରୋଜଗାର ଯୋଜନା ଓ ପଞ୍ଚାୟତ ରାଜ ସାମ୍ବିଧାନିକ ବ୍ୟବସ୍ଥାକୁ ଓଡ଼ିଶା ଶାସନ ଆତ୍ମବିଶ୍ୱାସ ସହିତ ଗ୍ରହଣ କରି ନେଇଛି । ପ୍ରଧାନମନ୍ତ୍ରୀ ଶ୍ରୀ ରାଜୀବ ଗାନ୍ଧିଙ୍କର ସେହି ମର୍ମସ୍ପର୍ଶୀ ବାଣୀ–

ଜିଁବାଣୀ

ଏ ପ୍ରଶଂସାକୁ ଈର୍ଷା କରିବାର ଅବକାଶ ନାହିଁ । ଓଡ଼ିଆର ପ୍ରକୃତରେ ଈର୍ଷା, ଅସୂୟା ହିଁ ତା'ର ନନ୍ଦିଘୋଷ ଗତିପଥକୁ ରୁଦ୍ଧ କରିଥାଏ । ଓଡ଼ିଆର ମନୋବିକଳନ ଯଦି କେଉଁଠି ଥାଏ, ତାହା ହେଲା କାହାର ପ୍ରତିଭା, କାହାର କାର୍ଯ୍ୟ ଦକ୍ଷତା, ଜୀବନରେ ସାଧନାସିଦ୍ଧ ନୈପୁଣ୍ୟ ଦେଖିହାହାକାର କରିବା । ହୃଦୟ ଭିତରକୁ ଚାହିଁ ସତ୍ୟର ମୁଖାମୁଖୀ ହୋଇ ନିଜକୁ ପ୍ରଶ୍ନ କରନ୍ତୁ: ନଅ ବର୍ଷ ଭିତରେ ଓଡ଼ିଶାର ସାମଗ୍ରିକ ଉନ୍ନୟନ ଛୋଟରୁ ବଡ଼ ଅଭିଯାନରୁ ଶୌର୍ଯ୍ୟ ଯାଏ "ଯୋଗଃ କର୍ମସୁ କୌଶଳ" ନ୍ୟାୟରେ ପ୍ରତି କ୍ଷେତ୍ରରେ ନିଷ୍ପ୍ରାଣତାକୁ ଦୂରକରି ତ୍ୱରିତ ପ୍ରାଣବନ୍ୟା ପ୍ରକାଶ ପାଉ ନାହିଁ କି ? ଅମଲାତନ୍ତ୍ରର ସହଯୋଗ, ମନ୍ତ୍ରୀମଣ୍ଡଳ ସଦସ୍ୟ ସଦସ୍ୟାମାନଙ୍କର ନିବେଦିତ ପ୍ରାଣତା, କୃଷକର ସ୍ୱାର୍ଥ, ଗରିବର ସ୍ୱାର୍ଥ, ନାରୀଶକ୍ତିର ଉଦ୍ଦୀପନା ପାଇଁ ମନ୍ତ୍ରସିଦ୍ଧ କାର୍ଯ୍ୟୋଦ୍ୟମ, ଏପରିକି ଜଙ୍ଗଲ ସୁରକ୍ଷାରେ ପଶୁପକ୍ଷୀଙ୍କ ପ୍ରତି ମମତା ବୋଧ ଏସବୁର ମୂଳରେ ନିହିତ ଥିବା ସଂକଳ୍ପ କାହାଣ ହୃଦ୍‌ବୋଧ ହେଉ ନାହିଁ ?

ସଂସଦୀୟ ଗଣତନ୍ତ୍ର ବିଧାନରେ ବିରୋଧୀ ଦଳର ଆବଶ୍ୟକତା ଅଛି । ଏ ଆବଶ୍ୟକତାର ଉପଯୋଗବେଳେ ବିରୋଧୀ ଶକ୍ତିର ପ୍ରମତ୍ତତା କେବଳ କ୍ଷମତା ଆହରଣ ପାଇଁ ଲଜ୍ଜାଲୁବର୍ଜୀ ହୋଇ ଯଦି ଭର୍ତ୍ସନା କରିବା ପ୍ରକ୍ରିୟାକୁ ବେଦମନ୍ତ୍ର ବୋଲି ମନେ କରେ, ତେବେ ଈଶ୍ୱର ଏ ଦେଶକୁ ରକ୍ଷା କରନ୍ତୁ । ଶତ୍ରୁକୁ ହଠାତ୍ ନିହତ କରିବା ପାଇଁ ଖଣ୍ଡା, ବର୍ଚ୍ଛା, ପିସ୍ତଲ ଯେତେ ଦରକାରୀ ହୁଏ ନାହିଁ, ଦରକାରୀ ହୁଏ "ଚରିତ୍ର ସଂହାର" ଭଳି ଗୋଟିଏ ସ୍ୱାଦୁ ଚମକ, ମୁଖରୋଚକ ପ୍ରକ୍ରିୟା । ଏଥିରେ ରଞ୍ଜନ ବେଶୀ, ତାହାର ସ୍ଥାୟିତ୍ୱ ବେଶୀ । ପାନ ଦୋକାନରୁ ଡ୍ରଇଂରୁମ୍ ଯାଏ କୁଟିଳ ଜଟିଳ ଚକ୍ରଚକ୍ଷୁଙ୍କ ଅଳ୍ପ ଭାଷ ଦେଇ ଏହାର ବିସ୍ତାର । ତାକୁ ବି ଏ ଶାସନ ବରଦାସ୍ତ କରୁଛି । ସ୍ଥିତପ୍ରଜ୍ଞତା ଏ ସମସ୍ତ ବ୍ୟାଧିର ନିରାକରଣ ଔଷଧ । ଏହା ଜାନକୀ ବଲ୍ଲଭଙ୍କର ପ୍ରାରବ୍ଧ ସଂସ୍କାର ଓ ଏ ଜୀବନରେ ବି ପରୀକ୍ଷିତ ସ୍ପର୍ଦ୍ଧା ।

## ପୂର୍ବ ସୂରୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି

"ଆଜି ସେହି ପୂର୍ବ ସୂରୀମାନଙ୍କୁ ଏବଂ ସେମାନଙ୍କ ସହିତ ଯେଉଁ ଅଗଣିତ ଜନତା ସଂଗ୍ରାମ କରିଥିଲେ, ମୁଁ ସେମାନଙ୍କର ପବିତ୍ର ସ୍ମୃତି ଉଦ୍ଦେଶ୍ୟରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।


୧୯୩୬ ରୁ ୧୯୮୯ ମଧ୍ୟରେ ଓଡ଼ିଶାରେ ଅଭୂତପୂର୍ବ ଉନ୍ନତି ଘଟିଛି । ଏହାର ମାନଚିତ୍ର ବଦଳି ଯାଇଛି । କୃଷି, ଶିଳ୍ପ, ଶିକ୍ଷା, ସଂସ୍କୃତି, ସମସ୍ତ କ୍ଷେତ୍ରରେ ଓଡ଼ିଶାର ବିପୁଳ ଅଗ୍ରଗତି ସମ୍ଭବ ହୋଇଛି । ଆଜି ଓଡ଼ିଶାର ଲୋକେ ସଂକଳ୍ପବଦ୍ଧ, ନିଜର ପ୍ରାଚୀନ ଗୌରବକୁ ଫେରାଇ ଆଣିବା ପାଇଁ । ଉତ୍ତର ଭାରତ ଓ ଦକ୍ଷିଣାବର୍ତ୍ତ ଭିତରେ ଅବସ୍ଥିତ ଓଡ଼ିଶା ହେଉଛି ଭାରତୀୟ ସଂସ୍କୃତିର ଏକ ସମନ୍ୱୟ ଭୂମି । ଭାଷା, ନୃତ୍ୟ, ସଙ୍ଗୀତ, ସାହିତ୍ୟ, ଧର୍ମ, ଆଚାର ବ୍ୟବହାର, ସମସ୍ତ କ୍ଷେତ୍ରରେ ଓଡ଼ିଶାରେ ଯେଉଁ ମହାନ୍ ସାଂସ୍କୃତିକ ସମନ୍ୱୟ ଗଢ଼ି ଉଠିଛି, ଭାରତବର୍ଷରେ ତାହା ଅତୁଳନୀୟ । ଓଡ଼ିଶାର ବିପୁଳ ପ୍ରାକୃତିକ ସଂପଦ, ବୁଦ୍ଧିମାନ ଓ ପରିଶ୍ରମୀ ଲୋକଶକ୍ତି ବିଶେଷ ଭାବରେ ଏକ ଜାଗ୍ରତ ଯୁବଶକ୍ତି ନିଶ୍ଚିତ ଭାବରେ ଏହାକୁ ଆଗେଇ ନେବ ଏବଂ ଓଡ଼ିଶା ଅଚିରେ ଭାରତରେ ଶୀର୍ଷସ୍ଥାନ ଅଧିକାର କରିବ । ଆଜି ଏହି ପୁଣ୍ୟ ଦିନରେ ଆମର ସଂକଳ୍ପ ହେଉ, ଓଡ଼ିଶାକୁ ଆମେ ସବୁ କ୍ଷେତ୍ରରେ ଆଗେଇନେବା ଏବଂ ଏକ ଗୌରବମୟ ସମୃଦ୍ଧଶାଳୀ ଓଡ଼ିଶା ଗଠନ କରିବା ।"

—ବନ୍ଦେ ଉତ୍କଳ ଜନନୀ

ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କର ବାର୍ତ୍ତା

ଉତ୍କଳ ପ୍ରସଙ୍ଗ, ଏପ୍ରିଲ ୧୯୮୯ ସଂଖ୍ୟା

ବଳିପଣ୍ଡି ଶ୍ରୀକ୍ଷେତ୍ର



# ସରକାରୀ ସ୍ତରରେ ମାତୃଭାଷା

ଶ୍ରୀ ବଳରାମ ମହାନ୍ତି

୧୯୫୦ ମସିହା ଜାନୁଆରୀ ୨୬ ତାରିଖରେ ଆମ ଦେଶ ଏକ ସ୍ୱାଧୀନ ସାଧାରଣତନ୍ତ୍ର ରାଷ୍ଟ୍ର ଭାବରେ ଘୋଷିତ ହେବା ପରେ ଦେଶରେ ଯେଉଁ ନୂତନ ସଂବିଧାନ କାର୍ଯ୍ୟକାରୀ ହେଲା ସେହି ସଂବିଧାନରେ କେତେକ ନିର୍ଦ୍ଦେଶମୂଳକ ନୀତି ଥିଲା । ସେଥିରୁ ଗୋଟିଏ ହେଲା—ବିଭିନ୍ନ ରାଜ୍ୟରେ ଆଞ୍ଚଳିକ ଭାଷାମାନଙ୍କ ଜରିଆରେ ରାଜ୍ୟ ଶାସନର ସମସ୍ତ କାର୍ଯ୍ୟ ପରିଚାଳିତ ହେବ । ଭାରତୀୟ ସଂବିଧାନର ଏହି ନିର୍ଦ୍ଦେଶମୂଳକ ନୀତିଟିକୁ ଓଡ଼ିଶା ସରକାର କାର୍ଯ୍ୟକାରୀ କରିବାକୁ ତତ୍ପରତା ପ୍ରକାଶ କରିଥିଲେ । ସେତେବେଳର ମୁଖ୍ୟମନ୍ତ୍ରୀ ସ୍ୱର୍ଗୀୟ ନବକୃଷ୍ଣ ଚୌଧୁରୀ ୧୯୫୦ ମସିହା ମଇ ମାସରେ ଶାସନ ଦାୟିତ୍ୱ ଗ୍ରହଣ କରିବା ପରେପରେ ନିଜ ଉଦ୍ୟମରେ ଏହି କାର୍ଯ୍ୟ ଆରମ୍ଭ କରିଥିଲେ । ଏ ସଂପର୍କରେ ସରକାରୀ ସ୍ତରରେ ପ୍ରଥମ କାର୍ଯ୍ୟ ହୋଇଥିଲା—ସରକାରୀ ସ୍ତରରେ ଭାଷା ବ୍ୟବହାର ସଂପର୍କୀୟ ଆଇନକୁ ପରିବର୍ତ୍ତନ କରିବା । ସେତେବେଳେ ଇଂରେଜୀ ଭାଷାରେ ହିଁ ସମସ୍ତ ଶାସନ କାର୍ଯ୍ୟ ପରିଚାଳିତ ହେବ ବୋଲି ଆଇନ ଥିଲା । ତେଣୁ ଏହି ଆଇନକୁ ପରିବର୍ତ୍ତନ କରି ଇଂରେଜୀ ସହିତ ଓଡ଼ିଆ ମଧ୍ୟ ସରକାରୀ ଭାଷା ରୂପେ ଗଣ୍ୟ କରାଯିବ ବୋଲି ଆଇନରେ ପରିବର୍ତ୍ତନ ହେଲା । ଆଇନରେ ଏହିଭଳି ପରିବର୍ତ୍ତନ ନହେଲେ ଓଡ଼ିଆ ଭାଷା ପ୍ରଚଳନ କରାଯାଇ ପାରିବ ନାହିଁ । ଏଥିକି ହରହର ପ୍ରଶାସନର ଉଚ୍ଚ ମହଲରେ ଚହଳ ପଡ଼ି ଯାଇଥିଲା । ସେତେବେଳର ମୁଖ୍ୟମନ୍ତ୍ରୀ ଶ୍ରୀ ଚୌଧୁରୀ ଯାହାଙ୍କ ଉଦ୍ୟମରେ ଆଇନର ଏହିଭଳି ପରିବର୍ତ୍ତନ ହେଲା ସେ ଜଣେ ଓଡ଼ିଆ ଭାଷାପ୍ରେମୀ ବୋଲି ସୁପରିଚିତ ଥିଲେ । ସେ ଦେତର ହୋଇ ସରକାରୀ ସ୍ତରରେ ଓଡ଼ିଆଭାଷା ପ୍ରଚଳନ ପାଇଁ ଆଦେଶ ଦେଇଦେଲେ ଉଚ୍ଚ ସରକାରୀ ଅଫିସରମାନଙ୍କ ପାଇଁ ତାହା ବହୁ ଅସୁବିଧା ସୃଷ୍ଟି କରିବ ବୋଲି ସେମାନଙ୍କର ଭୟ ହୋଇ ଯାଇଥିଲା । ଶ୍ରୀ ଚୌଧୁରୀ ସାଧାରଣ ସଭାମାନଙ୍କରେ ଭାଷଣ ପ୍ରସଙ୍ଗରେ ଅନେକ ସ୍ଥାନରେ ଶାସନ ସ୍ତରରେ ଓଡ଼ିଆ ଭାଷାର ବ୍ୟବହାର ଏକାନ୍ତ ଜରୁରୀ ବୋଲି ଜୋର ଦେଇ କହୁଥିଲେ । ତାଙ୍କ ମତରେ କେବଳ ନିର୍ଦ୍ଦେଶମୂଳକ ନୀତିରେ ଅଛି ବୋଲି ନୁହେଁ ଦେଶର ଜନସାଧାରଣଙ୍କୁ ଶାସନର ନିକଟବର୍ତ୍ତୀ କରାଇବାକୁ ହେଲେ ଶାସନର କାର୍ଯ୍ୟ ଲୋକଙ୍କ ଭାଷାରେ ପରିଚାଳିତ କରିବାକୁ ହେବ । ଆଜି ପର୍ଯ୍ୟନ୍ତ ଶାସନ ଇଂରେଜୀ ଭାଷା ମାଧ୍ୟମରେ ପରିଚାଳିତ ହୋଇ ଆସୁଥିବାରୁ ଲୋକେ ଶାସନଠାରୁ ଦୂରେଇ ଯାଉଛନ୍ତି । ତାଙ୍କର ଏହି ମତକୁ ଲୋକେ ଯେତେ ସମର୍ଥନ କଲେ ମଧ୍ୟ ଏହାକୁ ଯେଉଁମାନେ କାର୍ଯ୍ୟକାରୀ କରିବେ ସେମାନେ ସମର୍ଥନ କରୁନଥିଲେ ।

ସରକାରୀ ସ୍ତରରେ ପ୍ରଚଳିତ ଭାଷା ସଂପର୍କୀୟ ଆଇନର ପରିବର୍ତ୍ତନ ସଙ୍ଗେସଙ୍ଗେ ଏହାର ଦ୍ୱିତୀୟ ପଦକ୍ଷେପ ସ୍ୱରୂପ ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମରେ ଏକ ପ୍ରଶାସନ ଶବ୍ଦକୋଷ ପ୍ରଣୟନ କରିବାପାଇଁ ଉଦ୍ୟମ ହେଲା । ଏଥିପାଇଁ ଅଧ୍ୟାପକ ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ସଭାପତିତ୍ୱରେ ଗୋଟିଏ ଓଡ଼ିଆ ପ୍ରଶାସନ ଶବ୍ଦକୋଷ ପ୍ରଣୟନ କମିଟି ଗଠନ ପାଇଁ ଯେଉଁ ପ୍ରସ୍ତାବ ହେଲା ତାକୁ ସେତେବେଳର ଚିଫ୍‌ସେକ୍ରେଟେରୀ ସୁଦ୍ଧଦେବ ମୁଖାର୍ଜି ବିରୋଧକରି ଦର୍ଶାଇଥିଲେ ଯେ ଆମେ ଯଦି ସରକାରୀ ସ୍ତରରେ ଓଡ଼ିଆଭାଷା ପ୍ରଚଳନ କରୁ ତା'ହେଲେ କେନ୍ଦ୍ରସରକାରଙ୍କ ସହିତ ତଥା ଆକାଉଣ୍ଟାଣ୍ଟ ଜେନେରାଲ ଅଫିସ ସହିତ କାରବାର କରିବା ପାଇଁ ଅସୁବିଧା ହେବ । ତା'ଛଡ଼ା ଅନ୍ୟ କୌଣସି ରାଜ୍ୟରେ ଆଞ୍ଚଳିକ ଭାଷା ମାଧ୍ୟମରେ ସରକାରୀ କାର୍ଯ୍ୟ ପରିଚାଳନା କରାଯାଇ ନଥିବାରୁ ଆମେ କାହିଁକି ଓଡ଼ିଆଭାଷା ପ୍ରଚଳନ ପାଇଁ ତରତର ହେବା । ମୁଖ୍ୟମନ୍ତ୍ରୀ ଶ୍ରୀ ଚୌଧୁରୀ ମୁଖ୍ୟ ଶାସନ ସଚିବଙ୍କ ଏହି ମତକୁ ଅସ୍ୱୀକାର କରି ଆଦେଶ ଦେଲେ ଯେ ନିର୍ଦ୍ଦେଶ ମୂଳକ ନୀତିରେ ଯେତେବେଳେ ଏଥିପାଇଁ ନିର୍ଦ୍ଦେଶ ରହିଛି ତାକୁ ସମସ୍ତେ କାର୍ଯ୍ୟକାରୀ କରିବାକୁ ବାଧ୍ୟ ହେବେ ତେଣୁ ଆମେ ଏଥିପାଇଁ ଏବେଠୁ ପଦକ୍ଷେପ ନନେବା କାହିଁକି ? ତା'ପରେ ଯେଉଁସବୁ ଅସୁବିଧା କଥା ଦର୍ଶାଯାଉଛି ଯେତେବେଳେ ହେଲେ ସେହିଭଳି ଅସୁବିଧା ହେବ । ତା'ହେଲେ ବର୍ତ୍ତମାନଠୁ କାହିଁକି ସେହି ଅସୁବିଧାର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ନହେବା । ଯାହାହେଉ ୧୯୫୩ ମସିହାରେ ପ୍ରଶାସନ ଶବ୍ଦକୋଷ କମିଟି ଗଠିତ ହେଲା । ଡକ୍ଟର ମହାନ୍ତିଙ୍କ ଛଡ଼ା ଡକ୍ଟର କରୁଣାକର କର, ଡକ୍ଟର ସଦାଶିବ ମିଶ୍ର ଓ ଶ୍ରୀ ବାନାମ୍ବର ଆଚାର୍ଯ୍ୟ ପ୍ରମୁଖ ଏହି କମିଟିର ସଭ୍ୟ ଥିଲେ । ୧୯୫୫ ମସିହାରେ ଏହି କମିଟି ପ୍ରସ୍ତୁତ କରିଥିବା ପ୍ରଶାସନ ଶବ୍ଦକୋଷ ସେତେବେଳର କାବିନେଟ ବିଭାଗ ପକ୍ଷରୁ ପ୍ରକାଶିତ ହୋଇଥିଲା ।

ଓଡ଼ିଆ ଭାଷା ପ୍ରଚଳନ ପାଇଁ ତୃତୀୟ ଅସୁବିଧା ଥିଲା ଏକ ଆଧୁନିକ କିବୋର୍ଡ ସହିତ ଗୋଟିଏ ଓଡ଼ିଆ ଟାଇପ୍‌ରାଇଟର ନିର୍ମାଣ ।

ଆଧୁନିକ କିବୋର୍ଡ ପ୍ରସ୍ତୁତ କରିବା ପାଇଁ ଓଡ଼ିଆ ଭାଷାର ଲିପି ସଂସ୍କାର ଆବଶ୍ୟକ । ସେଥିପାଇଁ ସେତେବେଳର ମଧ୍ୟ ଶିକ୍ଷାର ଡାଇରେକ୍ଟର ଶ୍ରୀ ଗଜେନ୍ଦ୍ରନାଥ ମିତ୍ରଙ୍କ ଅଧ୍ୟକ୍ଷତାରେ ଗୋଟିଏ ଲିପି ସଂସ୍କାର କମିଟି ଗୋଟିଏ ଆଧୁନିକ ଓଡ଼ିଆ କିବୋର୍ଡ ପ୍ରସ୍ତୁତ କରିଦେଲେ । ଏହି କିବୋର୍ଡ ଅନୁଯାୟୀ ଓଡ଼ିଆ ଟାଇପ୍‌ରାଇଟର ତିଆରି କରିବା ପାଇଁ ରେମିଙ୍ଗ୍‌ଟନ୍ କମ୍ପାନୀକୁ ଓଡ଼ିଶା ସରକାର ଅର୍ଡର ଦେଇଥିଲେ । ସେତେବେଳର ମୁଖ୍ୟମନ୍ତ୍ରୀ ଶ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଉଦ୍ୟମରେ ଓଡ଼ିଆ ଭାଷା ପ୍ରଚଳନ ପାଇଁ ଏ ସମସ୍ତ ପ୍ରାରମ୍ଭିକ କାର୍ଯ୍ୟ ଶେଷ ହେବା ପରେ ଶ୍ରୀ ଚୌଧୁରୀ ୧୯୫୬ ଶେଷ ଭାଗରେ ଶାସନ ଦାୟିତ୍ୱରୁ ବିଦାୟ ନେଇଗଲେ । ଏହା ପରେ ପରେ ଓଡ଼ିଶା ସରକାର ଓଡ଼ିଆ ଟାଇପ୍‌ର ତିଆରି ଆଦେଶକୁ ସ୍ଥଗିତ ରଖି ପୁଣି ଗୋଟିଏ ଲିପି ସଂସ୍କାର କମିଟି ଗଠନ କଲେ ଓ ସେମାନେ ପ୍ରସ୍ତୁତ କରିଥିବା କିବୋର୍ଡ ଅନୁଯାୟୀ ଓଡ଼ିଆ ଟାଇପ୍‌ରାଇଟର ତିଆରି ପାଇଁ ଆଦେଶ ଦିଆଗଲା । ସେତେବେଳକୁ ଅନ୍ୟ କୌଣସି ଆଞ୍ଚଳିକ ଭାଷାରେ ଟାଇପ୍‌ରାଇଟର ନଥିଲା । ଯାହାହେଉ ୧୯୬୧ ମସିହାରେ ରେମିଙ୍ଗ୍‌ଟନ୍ କମ୍ପାନୀ ନୂତନ ଓଡ଼ିଆ ଟାଇପ୍‌ରାଇଟର କେତୋଟି ନମୁନା ଆଣି ସଚିବାଳୟରେ ପରୀକ୍ଷା ପାଇଁ ରଖିଥିଲେ । ପରୀକ୍ଷା କରି ଦେଖାଗଲା ଯେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଏଥିରେ ଟାଇପ୍‌ର ସ୍ପିଡ୍ ବା ଗତି ଅଧିକ ହେଉ ନାହିଁ, ତେଣୁ କମ୍ପାନୀ ଏହି ତ୍ରୁଟିକୁ ସଜାଡ଼ି ନୂତନ ଟାଇପ୍‌ରାଇଟର ଆଣି ଯୋଗାଇ ଦେଲେ ।

ଏହିପରି ପ୍ରଶାସନ ଶବ୍ଦକୋଷ ଦୁଇ ଭାଗରେ ବିଭକ୍ତ ହୋଇ ପ୍ରକାଶ ପାଇଲା । ଗୋଟିଏ ସାଧାରଣ ପ୍ରଚଳିତ ଶବ୍ଦ ଓ ଆଉ ଗୋଟିଏ ବୈଷୟିକ ଶବ୍ଦ । ନୂତନ କିବୋର୍ଡ ପ୍ରସ୍ତୁତ ହୋଇ ଓଡ଼ିଆ ଟାଇପ୍‌ରାଇଟର ନିର୍ମିତ ହୋଇ ଆସିଲା । ଓଡ଼ିଶାରେ ସମସ୍ତ ସରକାରୀ କାର୍ଯ୍ୟକୁ ଓଡ଼ିଆ ଭାଷାକୁ ସରକାରୀ ଭାଷାରୂପେ ପ୍ରଚଳନ କରିବା ନିମନ୍ତେ ସରକାରୀ ଭାଷା ଅଧିନିୟମ ଆଇନ ୧୯୫୪ ମସିହାରେ ପ୍ରଣୀତ ହୋଇ ସାରିଥିଲା । ଏହାପରେ କେତେକ ବିଭାଗର କେତେକ କାର୍ଯ୍ୟରେ ଓଡ଼ିଆ ଭାଷା ପ୍ରଚଳିତ ହୋଇଥିଲେ ମଧ୍ୟ ଶାସନରେ ଦୃଢ଼ତା ଓ ତତ୍ପରତାର ଅଭାବରୁ ସବୁ ବିଭାଗରେ ଓ ସବୁ କାର୍ଯ୍ୟରେ ଓଡ଼ିଆ ଭାଷା ପ୍ରଚଳନ ହୋଇ ପାରି ନଥିଲା । ଇତି ମଧ୍ୟରେ ଶାସନର ସବୁ କ୍ଷେତ୍ରରେ ଓଡ଼ିଆ ଭାଷାର ଦ୍ରୁତ ପ୍ରଚଳନ ପାଇଁ ଓଡ଼ିଶା ବିଧାନସଭା ଭିତରେ ଓ ବାହାରେ ଦାବୀ ହୋଇ ଆସିଛି, ମାତ୍ର ଏହି କାର୍ଯ୍ୟରେ ଆଗ୍ରହ ଅଭାବରୁ ଶାସନରେ ଶିଥିଳତା ପ୍ରକାଶ ପାଇବାରୁ ପ୍ରାୟ ୧୫ ବର୍ଷ ପର୍ଯ୍ୟନ୍ତ ବିଶେଷ ଅଗ୍ରଗତି ହୋଇ ପାରି ନଥିଲା । ୧୯୮୦ ମସିହାରେ ଓଡ଼ିଶାରେ ନୂତନ ମନ୍ତ୍ରୀମଣ୍ଡଳ ଗଠିତ ହେବା ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ତତ୍ପରତା ଯୋଗୁଁ ଏ କ୍ଷେତ୍ରରେ ଦ୍ରୁତ ଅଗ୍ରଗତି ସମ୍ଭବ ହୋଇଛି । ମୁଖ୍ୟମନ୍ତ୍ରୀ ଶାସନ ଦାୟିତ୍ୱ ଗ୍ରହଣ କରିବା ପରେ ଏ କାର୍ଯ୍ୟ ହାତକୁ ନେଇଥିଲେ । ସେ ପ୍ରଥମେ ଅନୁଭବ କରିଥିଲେ ଯେ ୧୯୫୫ ମସିହାରେ ଯେଉଁ ପ୍ରଶାସନ ଶବ୍ଦକୋଷ ପ୍ରସ୍ତୁତ ହୋଇଥିଲା ତା' ପରେ ଗତ ୩୦ ବର୍ଷ ଭିତରେ ବହୁ ନୂତନ ଶବ୍ଦ ଶାସନ ଓ ସାଧାରଣ କାର୍ଯ୍ୟ କ୍ଷେତ୍ରରେ ପ୍ରବେଶ କରିଛି । ଏଗୁଡ଼ିକର ଓଡ଼ିଆ ପ୍ରତିଶବ୍ଦ ପ୍ରସ୍ତୁତ ହେବା ଦରକାର । ଗୋଟିଏ ଇଂରେଜୀ ଶବ୍ଦକୁ ସମସ୍ତେ ଯେପରି କେବଳ ଗୋଟିଏ ଅର୍ଥରେ ବୁଝନ୍ତି ସେଥିପ୍ରତି ସେ ଜୋର ଦେବାକୁ ଚାହିଁଥିଲେ, କାରଣ ତା'ନହେଲେ ବିଭ୍ରାଟ ଘଟିବ । ସେଥିପାଇଁ ଏକ ପୂର୍ଣ୍ଣାଙ୍ଗ ପ୍ରଶାସନ ଶବ୍ଦକୋଷ ପ୍ରସ୍ତୁତ କରିବା ନିମନ୍ତେ ତାଙ୍କ ନିର୍ଦ୍ଦେଶମତେ ୧୯୮୨ ମସିହାରେ ଏକ ପ୍ରଶାସନ ସ୍ଥାୟୀ ଭାଷା କମିଟି ଗଠନ କରିଥିଲେ । ସେହି କମିଟି ପ୍ରସ୍ତୁତ କରିଥିବା ପରିବର୍ତ୍ତିତ ଓ ପରିବର୍ଦ୍ଧିତ ପ୍ରଶାସନ ଶବ୍ଦକୋଷ ୧୯୮୪ ମସିହା ଏପ୍ରିଲ ପହିଲା ଦିନ ପ୍ରକାଶିତ ହେଲା ଏବଂ ଏହାପରେ ଶାସନର ସବୁସ୍ତରରେ ଓଡ଼ିଆ ଭାଷା ପ୍ରଚଳିତ ହେବ ବୋଲି ମୁଖ୍ୟମନ୍ତ୍ରୀ ବିଧାନସଭାରେ ତଥା ବାହାରେ ଦୃଢ଼ ଭାବରେ ଘୋଷଣା କଲେ । ଏହାଫଳରେ ଏ କାର୍ଯ୍ୟରେ ଅନିଶ୍ଚିତତା ଦୂର ହୋଇଗଲା ଏବଂ ସରକାରୀ ଅଫିସର ତଥା ସହକାରୀମାନେ ବର୍ତ୍ତମାନ ନିଶ୍ଚିତ ଭାବରେ ଜାଣିଗଲେଣି ଯେ ଶାସନର ସବୁସ୍ତରରେ ଓଡ଼ିଆ ଭାଷା ପ୍ରଚଳିତ ହେବ । ତେଣୁ ସେମାନେ ଏଥିପାଇଁ ପ୍ରସ୍ତୁତ ହୋଇଗଲେଣି । ୧୯୮୪ ମସିହା ଠାରୁ ଶାସନ କାର୍ଯ୍ୟରେ ଯେଉଁ ପରିବର୍ଦ୍ଧିତ ପ୍ରଶାସନ ଶବ୍ଦକୋଷଟି ପ୍ରଚଳିତ ହେଉଛି ତାହା ମଧ୍ୟ ସଂପୂର୍ଣ୍ଣ ଶବ୍ଦକୋଷ ନୁହେଁ ବୋଲି ନିଜେ ମୁଖ୍ୟମନ୍ତ୍ରୀ ଅନୁଭବ କରୁଛନ୍ତି । ତେଣୁ ଏକ ସଂପୂର୍ଣ୍ଣ ଓଡ଼ିଆ ଶବ୍ଦକୋଷ ତଥା ଇଂରେଜୀଓଡ଼ିଆ ଶବ୍ଦକୋଷ ପ୍ରଣୟନ ପାଇଁ ସେ ଓଡ଼ିଶାର ଭାଷାତତ୍ତ୍ୱବିତ୍ ଓ ସାହିତ୍ୟିକମାନଙ୍କୁ ପରାମର୍ଶ ଦେଇ ଆସିଛନ୍ତି ଏବଂ ଏ ଦିଗରେ ସମସ୍ତ ପ୍ରକାର ସରକାରୀ ସାହାଯ୍ୟ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ଏହିଭଳି ସଂପୂର୍ଣ୍ଣ ଶବ୍ଦକୋଷ ପ୍ରଣୟନ କରାଗଲେ ତଦ୍ୱାରା କେବଳ ଶାସନକ୍ଷେତ୍ରରେ ନୁହେଁ ସମଗ୍ର ଭାବରେ ଓଡ଼ିଆ ସାହିତ୍ୟର ସମୃଦ୍ଧି ଘଟିବ । ପୂର୍ଣ୍ଣାଙ୍ଗ ଶବ୍ଦକୋଷ ଛଡ଼ା ଜ୍ଞାନବିଜ୍ଞାନର ବିଭିନ୍ନ ବିଭାବ ସଂପର୍କରେ ରଚନା ସାହିତ୍ୟ ଓଡ଼ିଆ ଭାଷାରେ ପ୍ରକାଶ ପାଇବା ଆବଶ୍ୟକ । ଶାସନ କ୍ଷେତ୍ରରେ ଓଡ଼ିଆ ଭାଷାରେ ନୋଟ୍, ଚିଠି, ଚିଠା ଆଦି ଲେଖିବାରେ ଏହିଭଳି ସାହିତ୍ୟ ସାହାଯ୍ୟ କରିବ ।

ଶାସନ କାର୍ଯ୍ୟରେ ସବୁ ସ୍ତରରେ ଇଂରେଜୀ ଭାଷା ପ୍ରଚଳିତ ହେଉଥିବାରୁ ସରକାରୀ କର୍ମଚାରୀ ଭାବରେ କାର୍ଯ୍ୟକରିବା ପାଇଁ ପ୍ରସ୍ତୁତ ହେଉଥିବା ଛାତ୍ରମାନେ ଇଂରେଜୀ ଭାଷାରେ ଦକ୍ଷତା ହାସଲ କରିବା ଦରକାର ବୋଲି ମନେ କରୁଛନ୍ତି କାରଣ ଇଂରେଜୀରେ ଲେଖିବାର ଦକ୍ଷତାଥିଲେ ତାହା ସେମାନଙ୍କର ପଦୋନ୍ନତିରେ ସହାୟକ ହେବ । ମାତ୍ର ଓଡ଼ିଆଭାଷା ଶାସନ କାର୍ଯ୍ୟର ମାଧ୍ୟମ ହୋଇଗଲେ ଛାତ୍ରମାନେ ଓଡ଼ିଆ ଭାଷା ଓ ସାହିତ୍ୟ ଅଧ୍ୟୟନ ପ୍ରତି ଅଧିକ ଧ୍ୟାନ ଦେବେ । ଏହା ଫଳରେ ସବୁ ସ୍ତରରେ ଓଡ଼ିଆ ଭାଷା ଓ ସାହିତ୍ୟ ଅଧ୍ୟୟନ ପ୍ରତି ଲୋକଙ୍କର ଆଗ୍ରହ ବୃଦ୍ଧି ପାଇବ । ତେଣୁ ଓଡ଼ିଆ ସାହିତ୍ୟର ଚାହିଦା ବୃଦ୍ଧି ପାଇବ । ଓଡ଼ିଆ ସାହିତ୍ୟ ପ୍ରତି ସାଧାରଣ ପାଠକଙ୍କର ମମତା ବୃଦ୍ଧି ପାଉନାହିଁ ବୋଲି ସାହିତ୍ୟିକ ଓ ପ୍ରକାଶକଙ୍କ ମହଲରେ ଯେଉଁ ନୈରାଶ୍ୟଭାବ ଦେଖା ଦେଇଛି ତାହା ଦୂର ହୋଇ ପାରିବ ବୋଲି ମନେହୁଏ । ତେଣୁ ମୁଖ୍ୟମନ୍ତ୍ରୀଙ୍କର ଏ ଦିଗରେ ଦୃଢ଼ତା ଓ ତତ୍ପରତା ପାଇଁ ଓଡ଼ିଶାର ବୁଦ୍ଧିଜୀବିମାନେ ତାଙ୍କ ନିକଟରେ କୃତଜ୍ଞ ।

୧୧୩ ବାପୁଜୀ ନଗର,
ଭୁବନେଶ୍ୱର ।

ଏକ ମହାନ୍ ଜାତିରୂପେ ନିଜକୁ ପ୍ରତିଷ୍ଠିତ କରିବାକୁ ହେଲେ ଜାତିର ମଧ୍ୟରେ ଗୁଣାବଳୀର ବିକାଶ କରିବାକୁ ହେବ । ନିଜକୁ ଅବହେଳିତ ଅବଜ୍ଞାତ ମନେକରି, ଅତୀତର ସେହି ହୀନାବସ୍ଥାର ଉପରକୁ ଉଠି ନପାରିଲେ ଓଡ଼ିଆ ଜାତି ସେହିପରି ପଡ଼ି ରହିଥିବ ।

— ଜାନକୀ ବଲ୍ଲଭ ପଟ୍ଟନାୟକ

# ଏଇ ଆମ ସ୍ୱାଧୀନତା

ସୁରେନ୍ଦ୍ରନାଥ ଦ୍ୱିବେଦୀ

ଏହି କ'ଣ ସେ ସ୍ୱାଧୀନତା
ଭାଙ୍ଗି ଦେଲା ଯେ ଯୁଗ ଯୁଗର ଦାସତା
ବାହାର କଲା ଯେ ମାଟି ଭିତରୁ ମଣିଷ ମୁକୁତା
ଧରାଇ ଦେଲା ଯେ ମାତୃଭୂମିର ପତାକା ।

ଏହି କ'ଣ ସେ ସ୍ୱାଧୀନତା
ଆଣିଦେଲା ଯେ କ୍ଷମତା, ସମତା, ଏକତା
କରିଦେଲା ଯେ ଛାର ଏତେ ବଡ଼ ବ୍ରିଟିଶ ସରା
ଫିଙ୍ଗିଦେଇ ତା'ର ଖିଲାଡ଼ି କୁର୍ତ୍ତା
ପିନ୍ଧାଇ ଦେଲା ଯେ ଆମ କପାଳେ ସ୍ୱଦେଶୀ ଟୀକା
ଏହି କ'ଣ ସେ ସ୍ୱାଧୀନତା ।

ସ୍ୱାଧୀନତାର ଦେଣ
ଭାରତମାତାର ଆମେ ସଭିଏଁ ଭାଇ ଭଉଣୀ ପଡ଼ୋଶ
ଜାତି ସଂହତି ଆମର ଧର୍ମ
ଦେଶ ପ୍ରଗତି ଆମର କର୍ମ
ମୁକ୍ତି ମଶାଲ ପ୍ରଜ୍ୱଳିତ
ଆମେ ଦେଶ ପ୍ରହରୀ ଜାଗ୍ରତ
ଟୁଟିବୁ ନାହିଁ, ଛିଣ୍ଡିବୁ ନାହିଁ,
ଝୁଣ୍ଟିବୁ ନାହିଁ, ଡରିବୁ ନାହିଁ,
ଫେରିବୁ ନାହିଁ କରିବୁ ଦେଶ ମହାନ,
ଆମେ ପରା ସ୍ୱାଧୀନ ।

ସ୍ୱାଧୀନ ମନ, ଜାତୀୟ ପ୍ରାଣ,
ବିଚରଣ ଯେହ୍ନେ ମୁକ୍ତ ପବନ,
ଆସୁ ଝଡ଼, ଆସୁ ତୋଫାନ
ଆସୁ ଦଇତ, ଆସୁ ଡକାଏତ, ଚୋର ତସ୍କର
ସ୍ୱାଧୀନ ଦେଶର ମଣିଷ ଆମେ
ଆମର ପୁଣି କାହାକୁ ଡର ।

ସ୍ୱାଧୀନତାର ଅର୍ଥ ନୁହେଁ
ମଣିଷ, ପଶୁ, ସାପ, ବିଛା ସବୁ ସମାନ
କରିବୁ ଦଂଶନ, ଭାଙ୍ଗିବୁ ଖାନଦାନ
ଚଳାଇ ବନ୍ଧୁକ, ଗୁଳି, ସାଇକେଲ୍ ଚେନ,
ନିଜର ଭାଇକୁ କରିବୁ ହୀନିମାନ ।

ସ୍ୱାଧୀନତାର ଅର୍ଥ ନୁହେଁ
ବିଚାର ନାହିଁ ଆଚାର ନାହିଁ
ନିଜ ଭିତରେ କରିବୁ ଲଢ଼ାଇ
ଭଗାରି କରିବୁ ନିଜର ପଡ଼ୋଶୀ ବନ୍ଧୁ ଭାଇ

ହାତାହାତି, ମରାମରି, ହାଣକାଟ, ଗୋଳାଗୁଳି,
ନାରୀହରଣ, ସବୁ ପୋଡ଼ିଦେବୁ,
ସବୁ ଜାଳିଦେବୁ
ମାନ ମହତ ଇଜ୍ଜତ କରି ଧୂଳିସାତ୍
ହିଂସା, ଈର୍ଷା, ପ୍ରତିଶୋଧ, ମୁଷ୍ଟି ପ୍ରହାର ପଶୁବତ୍ ।

ସ୍ୱାଧୀନତା ସିନା,
ନିଜ ଶିକ୍ଷା, ଦୀକ୍ଷା ବିକାଶ କରିବା
ପଢ଼ିବା, ଲେଖିବା, ଆଙ୍କିବା ଶିଖିବା
ଦେଶ ଉନ୍ନତିରେ ସାମିଲ୍ ହେବା
ଗରିବୀ ବିଲୋପ, ଯଉତୁକ ଲୋପ
ଅଜ୍ଞାନ ଅନ୍ଧାର ନାଶିବା,
ଭାଙ୍ଗିବା ନାହିଁ, ଗଢ଼ିବା ।

ଆସ ସଭିଏଁ ସ୍ନେହ ଡୋରିରେ ବନ୍ଧା ହୋଇବା
ପ୍ରୀତି ସାଗରରେ ସ୍ନାନ କରିବା
ଭାଇ ହେବା, ଭଗାରୀ ନୁହେଁ
ବନ୍ଧୁ ହେବା, ବଇରୀ ନୁହେଁ
ଦେଶ ଏକ, ଆମେ ଏକ,
ଏକା ମାତାର ସନ୍ତାନ
ଆସ ଆମେ ମିଶି ସାରା ଦୁନିଆଁରେ
ବଢ଼ାଇବା ତା'ର ସମ୍ମାନ
ଆମେରେ ସବୁ ସ୍ୱାଧୀନ ।

# ପ୍ରତିଶୋଧ

ଶ୍ରୀ ମଦନ ମୋହନ ଦାଶ

ରଣପୁରରେ ୧୯୩୯ ମସିହାର ପ୍ରାରମ୍ଭରେ ପ୍ରଜାମେଳି ହୋଇ ତା ୫-୧-୧୯୩୯ ରିଖ ପୌଷ ପୂର୍ଣ୍ଣିମା ଦିନ ବେଜଲଗେଟ୍‌ଙ୍କୁ ହତ୍ୟା କରାଯାଇଥିଲା । ସେହି ଘଟଣାରେ ରଣପୁରର ଅମର ଶହୀଦ୍ ରଘୁ-ଦିବାକରଙ୍କୁ ଫାଶୀ ଏବଂ ଆମ ଏଗାର ଜଣଙ୍କୁ ଯାବତ୍‌ଜୀବନ ଦ୍ୱୀପାନ୍ତର ଦଣ୍ଡାଦେଶ ହୋଇଥିଲା । ସେ ସମସ୍ତ ଘଟଣାମାନ ମୁଁ ଏବଂ ଅନ୍ୟାନ୍ୟ ଅନେକ ଲେଖକ ଲେଖି ପାଠକମାନଙ୍କୁ ଅବଗତ କରାଇ ଅଛୁଁ ।

କିନ୍ତୁ ଏଥି ପୂର୍ବରୁ ୧୮୯୩ ଖ୍ରୀଷ୍ଟାବ୍ଦରେ ରାଜା ବେଣୁଧର ନରେନ୍ଦ୍ରଙ୍କ ସମୟରେ ଯେଉଁ ପ୍ରଥମ ପ୍ରଜାମେଳି ହୋଇଥିଲା, ତାହାର ସଂକ୍ଷିପ୍ତ ବିବରଣୀ ନିମ୍ନରେ ପ୍ରଦାନ କରୁଅଛି ।

୧୮୯୩ ମସିହା ବେଳକୁ ଇଂରେଜମାନେ ଓଡ଼ିଶାର ଗଡ଼ଜାତଗୁଡ଼ିକୁ ପୂରା ହାତକୁ ନେଇ ରାଜାମାନଙ୍କ ଉପରେ କର ଧାର୍ଯ୍ୟ କରି ଓଡ଼ିଶାର ୨୬ଟି ଗଡ଼ଜାତମାନଙ୍କୁ କରଦ ରାଜ୍ୟ ରୂପେ ଘୋଷଣା କରିସାରିଥିଲେ । ସେଥି ମଧ୍ୟରୁ ରଣପୁର ଗୋଟିଏ ରାଜ୍ୟ । ରଣପୁରରେ ସେତେବେଳେ ରାଜା ବେଣୁଧର ନରେନ୍ଦ୍ର ମହାପାତ୍ର ରାଜ୍ୟ ଶାସନ କରୁଥିଲେ । ଇଂରେଜମାନେ ରାଜାମାନଙ୍କୁ ଘଣ୍ଟ ଛୋଡ଼ାଇ ରଖିଥିବାରୁ ରାଜାମାନେ ମନଇଚ୍ଛା ଶାସନ ଚଳାଉଥିଲେ । ରାଜା ବେଣୁଧରଙ୍କର ପୂର୍ଣ୍ଣ ବିଶ୍ୱାସ ଥିଲା, ସେ ଯାହା କରିଯିବେ ପ୍ରଜାମାନେ ପାଟି ଫିଟାଇ ପାରିବେ ନାହିଁ । ରାଜା ପ୍ରଜାମାନଙ୍କଠାରୁ ଚଉପଣୀ ଧାନ ଅଦାୟ କରିବା ପାଇଁ ରାଜ୍ୟରେ ସ୍ଥିର କରି ଆଇନ୍ ବାହାର କଲେ । ପ୍ରଜାମାନେ ମୁଣ୍ଡ ଝାଳ ଭୂଇଁରେ ମାରି ଯେଉଁ ଧାନ ପୁଞ୍ଜିକ ଅଦାୟ କରୁଥିଲେ—ସେତିକି ମାତ୍ର ଥିଲା—ସେମାନଙ୍କର ପରିବାର ବର୍ଗ ଚଳିବା ପାଇଁ ବର୍ଷକର ସମ୍ବଳ । ରାଜା ପ୍ରଜାମାନଙ୍କ ଅଦାୟ ଧାନରୁ ଜବରଦସ୍ତ ଏକ ଚତୁର୍ଥାଂଶ ନେଇ ଯାଉଥିଲେ ।

ରାଜାଙ୍କର ଧାନ ଅଦାୟକାରୀ କର୍ମଚାରୀମାନେ କହୁଥିଲେ—ଧାନ ନ ଦେଲେ ରାଜା ସାହେବ ଇଂରେଜ ସରକାର ବାହାଦୁରଙ୍କୁ ପେସ୍‌କସ୍ ଦେବେ କେଉଁଠୁ ..? ପୁଣି ରାଜା ଚଳିବେ କିପରି ?

ଏହି ପ୍ରକାର ଧାନ ଅଦାୟ ଫଳରେ ରଣପୁରର ସମସ୍ତ ପ୍ରଜା ବିଚଳିତ ହୋଇ ପଡ଼ିଥିଲେ । ପ୍ରଜାମାନେ ନିଷ୍ପତ୍ତି ନେଲେ, ରାଜା ପାଏ ଧାନ ନେବା ଅର୍ଥ ଆମର ତିନିମାସର ଦାନା ନେଇଗଲେ । ସେହି ତିନିମାସ ଖୁଣ୍ଟୁଖୁଣ୍ଟୁ ମରିବା ଅପେକ୍ଷା ରାଜା ଓ ରାଜ କର୍ମଚାରୀମାନଙ୍କ ସହିତ ମୁକାବିଲା କରି ପ୍ରାଣ ବିସର୍ଜନ କରିବା ଶ୍ରେୟସ୍କର ।

ସେତେବେଳେ ରଣପୁର—ମଧୁରଝାଲିଆ ଗ୍ରାମର ଶ୍ରୀ ବୃନ୍ଦାବନ ମହାପାତ୍ର, ଶ୍ରୀ ଭଗବାନ ସୁନ୍ଦରା, ଝାଡ଼ପଡ଼ା ଗ୍ରାମର ଶ୍ରୀ କେଳା ଉଦୟସିଂ; କଣରା ସିଂ ଗ୍ରାମର ଶ୍ରୀ ବନ୍ଧୁ ସାତରା ପ୍ରମୁଖ ବିଶିଷ୍ଟ ବିଶିଷ୍ଟ ୧୩ ଜଣ ଲୋକ ନେତୃତ୍ୱ ନେଇ ଗ୍ରାମ ଗ୍ରାମ ବୁଲି ରଣପୁରଗଡ଼ ସନ୍ନିକଟ ମୁଣ୍ଡଳି ତୋଟାଠାରେ ରାଜ୍ୟର ସମସ୍ତ ପ୍ରଜାମାନଙ୍କୁ ଏକତ୍ରିତ କରାଇଥିଲେ ।

ରାଜ୍ୟର ସମସ୍ତ ଗ୍ରାମର ବୟୋବୃଦ୍ଧ ଲୋକମାନେ ଏକାଠି ହୋଇ ରାଜା ଏବଂ ରାଜକର୍ମଚାରୀମାନଙ୍କ ଦ୍ୱାରା କରାଯାଉଥିବା ଅନ୍ୟାୟ ଅତ୍ୟାଚାର ଏବଂ ଜୁଲୁମ୍ କରି ଅଦାୟ କରାଯାଉଥିବା ଚଉପଣୀ ଧାନ ବିଷୟମାନ ଆଲୋଚନା କରାଯାଇ—ସେ ସବୁରୁ ମୁକ୍ତି ପାଇବା ପାଇଁ ନିମ୍ନ ମତେ ଗୋଟିଏ ଦାବୀ ପତ୍ର ରାଜାଙ୍କୁ ଦେବା ପାଇଁ ସ୍ଥିର କଲେ ।

## ଦାବୀପତ୍ର

୧—ଚଉପଣୀ ଧାନ ଅଦାୟ ବନ୍ଦ କରାଯାଉ ।

୨—ଗୌର କିମ୍ବା ମୁତାବକ ବନ୍ଦୋବସ୍ତ କରାଯାଇ ଖଜଣା ଧାର୍ଯ୍ୟ କରାଯାଉ ।

୩—ରାଜା ଓ ରାଜକର୍ମଚାରୀମାନଙ୍କର ଘରୋଇ କାମ କରିବା ପାଇଁ ପ୍ରଚଳିତ ମଜୁରୀ ଅନୁସାରେ ଦିନକୁ ଜଣପିଛା ଏକଅଣା ମଜୁରୀ ଦିଆଯାଉ ।

୪—ବନ୍ୟଜନ୍ତୁମାନେ, ଆମ ଗରୀବ ପ୍ରଜାମାନଙ୍କର ଫସଲ ନଷ୍ଟ କରୁଥିବାରୁ ସେମାନଙ୍କୁ ଘଉଡ଼ାଇବା ପାଇଁ ଧନୁ, ତୀର, ବର୍ଚ୍ଛା, ଭାଲି ଏବଂ ବନ୍ଧୁକମାନ ବ୍ୟବହାର କରିବା ଅନୁମତି ଦିଆଯାଉ ।

୫—ଆମ ଗରୀବ ପ୍ରଜାମାନଙ୍କର ବିବାହ, ପୁଅଣି ଓ ସୁଧଘରମାନଙ୍କରେ ଦିଆଯାଉଥିବା ପଧାନ ଶାଢ଼ୀ, ସଞ୍ଚା ଦେବା ବନ୍ଦ କରାଯାଉ ।

୬—ରାଜା ସାହେବ ଓ ଗୋରା ସାହେବମାନେ ଶିକାର କରୁଥିବା ସମୟରେ ଆମେ ଗରୀବ ପ୍ରଜାମାନେ ନିଘଞ୍ଚ ଜଙ୍ଗଲରେ ପଶି ଉପାସ ଭୋକରେ ଏବଂ ବିନା ମଜୁରୀରେ କଷ୍ଟ ଘୋଉଡ଼ାର

ଥିବାରୁ ଶୀକାରରେ ମରୁଥିବା ଜନ୍ତୁଙ୍କ ମାଂସରୁ ଆମମାନଙ୍କୁ ଏକ ଚତୁର୍ଥାଂଶ ଦିଆଯାଉ ।

୭–ପ୍ରତି ବର୍ଷ ଘର ଛପର ପାଇଁ ଜଙ୍ଗଲରୁ ବିନା ଫିସ୍‌ରେ ଲଇ, ଗୋଟି, ବାଉଁଶ ଓ ବତା ନେଇ ଘର ଛପର କରିବା ପାଇଁ ଅନୁମତି ଦିଆଯାଉ ।

୮–ପଡ଼ିଆ ପଡ଼ିଥିବା ଯାଗାମାନଙ୍କରେ ଉଠିବାଟୀ ଫସଲ କରିବା ପାଇଁ ଅନୁମତି ଦିଆଯାଉ ।

୯–ପଡ଼ୋଶୀ ରାଜ୍ୟର ପ୍ରଜାମାନେ ଆମ ରାଜ୍ୟରେ ଏବଂ ଆମେମାନେ ପଡ଼ୋଶୀ ରାଜ୍ୟରେ ଜମି ଓ ଘରବାଗୀ କ୍ରୟ ବିକ୍ରୟ କରିବା ପାଇଁ ଅନୁମତି ପ୍ରଦାନ ହେଉ ।

୧୦–ଆମ ନିଜନିଜ ମୌଜା ସରହଦ୍ ମଧ୍ୟରେ ଥିବା ନଦୀ ଓ ପୁଷ୍କରିଣୀର ମାଛ ମାରି ଖାଇବା ପାଇଁ ଅନୁମତି ଦିଆଯାଉ ।

୧୧–ଜଙ୍ଗଲରୁ କାଠ କାଟି ମୁର୍ଦାର ଜଳାଇବା ପାଇଁ ଅନୁମତି ଦିଆଯାଉ ।

୧୨–ଅଖୁ ଫସଲ କଲେ, ଅଖୁ, ଗୁଡ ଓ ପଣା ଦାଖଲ କରିବାର ଯେଉଁ ବିଧି ଅଛି ତାହା ଉଠାଇ ଦିଆଯାଉ ।

୧୩–ଆମେ ପ୍ରଜାମାନେ ସଫା ଧୋତି, ଜାକେଟି ଆଦି ପିନ୍ଧିବା ପାଇଁ କୌଣସି ବାରଣ ନ ରହୁ ।

୧୪–ଜଙ୍ଗଲରେ ମଇଁଷି ଚରାଇବା ପାଇଁ, ଆମମାନଙ୍କଠାରୁ ନିଆଯାଉଥିବା କ୍ଷୀର, ସରଦହି, କାଚ ଘିଅ ଓ ପ୍ରତି ମଇଁଷି ପିଲା ଚରାର ଫିସ୍ ପୁରେ ଛାଡ କରାଯାଉ ।

୧୫–ଆମର ମା 'ମଣିନାଗ ଦୁର୍ଗା' ଯେ କି ପର୍ବତ ଶିଖର ଦେଶରେ ମନ୍ଦିର ମଧ୍ୟରେ ବିଜେ ହୋଇଛନ୍ତି– ତାଙ୍କୁ ବିନାନୁମତିରେ ଦର୍ଶନ କରିବାର ଅଧିକାର ଦିଆଯାଉ ।

୧୬–କପାଚାଷ କଲେ, ଆମମାନଙ୍କଠାରୁ ପାଏ କପା ଜବରଦସ୍ତ ନିଆ ଯାଉଅଛି– ତାହା ବନ୍ଦ କରାଯାଉ ।

୧୭–ବିବାହମାନଙ୍କରେ ସବାରୀ, ପାଲିଙ୍କି ଏବଂ ଘୋଡ଼ା ବ୍ୟବହାର କରିବା ପାଇଁ ଅନୁମତି ଦିଆଯାଉ ।

୧୮–ରାଜାଙ୍କର ବିବାହ, ବ୍ରତ ଏବଂ ଶ୍ରାଦ୍ଧଘରମାନଙ୍କରେ ଯେଉଁ "ହୁଳହୁଳି–ବାଦ ବୋବାଳି" ମାଗଣ ନିଆ ଯାଉଅଛି ତାହା ବନ୍ଦ କରାଯାଉ ।

୧୯–ବିବାହ ସମୟେ ବରବେଶ ବେଳେ ବର ମୁଣ୍ଡରେ ପାଗ ବାନ୍ଧିବା ପାଇଁ ଅନୁମତିର ଆବଶ୍ୟକ ନ ରହୁ ।

୨୦–ବିଶେଷରେ ପ୍ରତି ମାସର ଅମାବାସ୍ୟା, ପୂର୍ଣ୍ଣିମା, ସଂକ୍ରାନ୍ତି ଯେ କୌଣସି ଗୋଟିଏ ପଡ଼ିଆ ଦିନରେ ଶ୍ରୀଶ୍ରୀ ରାଜା ସାହେବଙ୍କୁ ସାକ୍ଷାତ କରି ଆମମାନଙ୍କର ବ୍ୟକ୍ତିଗତ ଅପଭିମାନ ଜଣାଇବା ପାଇଁ ସୁବିଧା ଦିଆଯାଉ ।

ଉପରୋକ୍ତ କୋଡ଼ିଏ ଦଫା ସମ୍ବଳିତ ଦାବୀପତ୍ର ଶ୍ରୀ ଶ୍ରୀ ରାଜା ସାହେବଙ୍କ ନିକଟରେ ଦାଖଲ କରି–ହୁକୁମ୍ ଶୁଣିବା ପାଇଁ ସେହି ମୁଣ୍ଡୁକି ତୋଟାରେ ରୋଷେଇ କରି ଖାଇ ପିଇ ପ୍ରଜାମାନେ ପଡ଼ି ରହିଲେ ।

ଇତି ମଧ୍ୟରେ ରାଜାଙ୍କ ପୋଲିସ୍ କର୍ମଚାରୀମାନେ ସଭାସ୍ଥଳରେ ପହରା ମାରି ସମସ୍ତ ବିଷୟ ରାଜାଙ୍କୁ ଜଣାଉଥାନ୍ତି ।

ଏ ଦାବୀପତ୍ର ପାଇ ରାଜା, ଦେଓ୍ୟାନ ଓ ଅନ୍ୟାନ୍ୟ କେତେକ ବିଶ୍ୱସ୍ତ ଅମଲାମାନେ ପରାମର୍ଶ କରି କଟକ କମିସନର ସାହେବଙ୍କ ନିକଟକୁ ନିମ୍ନମରେ ଏକ ପତ୍ର ଲେଖି ପତ୍ର ବାହକ ହସ୍ତରେ କଟକ ପଠାଇଲେ ।

ରାଜାଙ୍କ ପତ୍ର–

ଶ୍ରୀ ଶ୍ରୀ କମିସନର ସାହେବଙ୍କ ଗୋଚରାର୍ଥେ ଆମେ ରଣପୁର ଅଧୀଶ୍ୱର ଶ୍ରୀଶ୍ରୀ ବେଣୁଧର ନରେନ୍ଦ୍ର ବଜ୍ରଧର ମହାପାତ୍ର ଜଣାଉଅଛୁଁ କି, ଆମ ରାଜ୍ୟର ବହୁ ମେଳିଆ ପ୍ରଜା ଆମ ଗଡ଼ ସନ୍ନିକଟ ମୁଣ୍ଡୁକି ତୋଟାରେ ଏକତ୍ରିତ ହୋଇ ଆମର ବହୁ ଅନିଷ୍ଟ କରି– ଏପରି କି ଆମ ପ୍ରାଣହାନୀର ଷଡ଼ଯନ୍ତ୍ର କରୁଅଛନ୍ତି ।

ଏଣୁକରି ଏ ବିପଦରୁ ଆମକୁ ରକ୍ଷା କରାଯିବା ପ୍ରତି–ସାହେବ ବାହାଦୁରଙ୍କର ଶୁଭଦୃଷ୍ଟି ଯଥା ଶୀଘ୍ର ନିକ୍ଷେପ ହେଉ । ଇତି ।

ତା ୩-୬-୧୮୯୩ ସରକାର ବାହାଦୁରଙ୍କ

ଅନୁଗତ୍ୟ

ଶ୍ରୀଶ୍ରୀ ବେଣୁଧର ନରେନ୍ଦ୍ର ବଜ୍ରଧର ମହାପାତ୍ର

କମିସନର୍ ସାହେବଙ୍କ ନିକଟକୁ ପତ୍ର ପ୍ରେରଣ କରି ସାରିବା ପରେ ଦେଓ୍ୟାନ୍ କେତେକଣ ରାଜକର୍ମଚାରୀଙ୍କୁ ସାଙ୍ଗରେ ନେଇ ମୁଣ୍ଡୁକି ତୋଟାଠାରେ ପହଞ୍ଚି ପ୍ରଜାମାନଙ୍କର ଦାବୀ ପତ୍ର ନେଇ ଆଲୋଚନାରେ ସମୟ ଅତିବାହିତ କଲେ । ପ୍ରଜାମାନଙ୍କୁ ଦାବୀ ପତ୍ରର ସମସ୍ତ ଦାବୀ ଫଏସଲ କରାଯିବା ପାଇଁ ରାଜାସାହେବ ଆଦେଶ ଦେଇଛନ୍ତି କହି ଦିନ ଗଡ଼ାଉଥାନ୍ତି । ଏହିପରି ତିନିଦିନ ଗତ ହୋଇଗଲା । ଚତୁର୍ଥ ଦିନ ସଦଳବଳେ କଟକରୁ କେତେକ ସୈନ୍ୟମାନଙ୍କ ସହିତ କମିସନର ସାହେବ ଆସି ପହଞ୍ଚିଗଲେ । ସଭାସ୍ଥଳରେ ହଜାର ହଜାର ଲୋକଙ୍କୁ ଦେଖି– ସାହେବ ଦେଓ୍ୟାନଙ୍କୁ ଡାକି ନେଇ କେତେକ ଗୁପ୍ତ ପରାମର୍ଶ ଦେଇ ସାହେବ ରଣପୁରର ରାଜବାଟୀକୁ ଚାଲିଗଲେ ।

କମିସନର ସାହେବ ରାଜବାଟୀକୁ ଯିବାପରେ ଦେଓ୍ୟାନ ପ୍ରଜାମାନଙ୍କୁ ବୁଝାଇ କହିଲେ ଯେ, ସାହେବ ରାଜାଙ୍କ ସହିତ ଆଲୋଚନା କରି ପ୍ରଜାମାନଙ୍କର ସମସ୍ତ ଦାବୀ ଫଏସଲ କରିଦେବେ । କିନ୍ତୁ ଏତେ ଲୋକ ନ ରହି କେବଳ ତୁମମାନଙ୍କର ମୁଖିଆମାନଙ୍କୁ ସାଙ୍ଗରେ ନେଇ ରାଜବାଟୀକୁ ଗଲେ । ସେଠାରେ ରାଜା ସାହେବ, ମୁଁ ଏବଂ କମିସନ ସାହେବ ଏବଂ ମୁଖିଆମାନେ ଥାଇ ସମସ୍ତ ବିଷୟ ଆଲୋଚନା କରି ଦାବୀଗୁଡ଼ିକ ଫଏସଲ କରାଯିବ । ତେଣୁ ଯେଉଁ ମୁଖିଆମାନେ ଯିବେ– ସେମାନଙ୍କୁ ଛାଡ଼ି ମୋ ସହିତ ଶୀଘ୍ର ବାହାରି ପଡନ୍ତୁ ଏବଂ ତୁମେମାନେ ଏଠାରେ ନ ରହି ନିଜନିଜ ଘରମାନଙ୍କୁ ଫେରି ଯାଅ । ତୁମେମାନେ ନ ଖାଇ ନପିଇ ଚାରିଦିନ ହେଲା ଯେଉଁ କଷ୍ଟ ପାଉଛ ତାହା ସାହେବଙ୍କୁ ଏବଂ ମୋତେ ବହୁତ ବାଧୁଛି । ସାହେବ ପୁଣି କହିଛନ୍ତି ଏସବୁ ଦାବୀଗୁଡ଼ିକ ନିଷ୍ପତ୍ତି ହୋଇଯିବା ପରେପରେ ରାଜା ସାହେବ ତୁମ ସମସ୍ତଙ୍କୁ ସ୍ନେହ ଓ ଶ୍ରଦ୍ଧାସହକାରେ ଏକ ବିରାଟ ଭୋଜିରେ ଆପ୍ୟାୟିତ କରିବେ ।

ସରଳମତି ପ୍ରଜାମାନେ ଦେଓ୍ୟାନଙ୍କର ଏ ପ୍ରକାର କୋମଳ କଥାରେ ବିଶ୍ୱାସ କରି ସାରା ରାଜ୍ୟରୁ ୧୩ ଜଣ ପ୍ରଜା ପ୍ରତିନିଧିଙ୍କୁ ଦେଓ୍ୟାନଙ୍କ ସହିତ ପଠାଇ ଦେଇ ଯେ ଯାହାର ଗ୍ରାମକୁ ଫେରିଗଲେ । ଦେଓ୍ୟାନ ତେର ଜଣ ପ୍ରଜା ପ୍ରତିନିଧିଙ୍କୁ ସଙ୍ଗରେ ନେଇ କମିସନ ସାହେବ ରହୁଥିବା ବଙ୍ଗଳାରେ ପହୁଞ୍ଚାଇ ଦେଲେ । ସେତେବେଳକୁ ସନ୍ଧ୍ୟା ହୋଇ ଯାଇଥାଏ । ରାତ୍ରିରେ ପ୍ରଜାପ୍ରତିନିଧିମାନଙ୍କୁ ଭଲଭଲ ଖାଦ୍ୟ ଦିଆଯାଇ ଆପ୍ୟାୟିତ କରାଗଲା ।

ଠିକ୍ ରାତ୍ରି ୧୧ଟା ବେଳେ ଗୋରା କମିସନର ସାହେବ ପ୍ରଜାପ୍ରତିନିଧିମାନଙ୍କୁ କହିଲେ ଯେ– ସେମାନେ ସାହେବଙ୍କ ସହିତ କଟକ ପର୍ଯ୍ୟନ୍ତ ଯିବେ । ସେଠାରେ ସାହେବ ଅଫିସରେ ରାଜା ସମର୍ଥନ କରିଥିବା ଦାବୀ ପତ୍ରର ରାଏ ଲିଖିତ ଆକାରରେ ପ୍ରଜାପ୍ରତିନିଧିମାନଙ୍କୁ ଦିଆଯିବ । ସେହିସବୁ କାଗଜ ପତ୍ର ଭବିଷ୍ୟତରେ ପ୍ରଜାମାନଙ୍କର ବହୁତ କାମରେ ଆସିବ । ପ୍ରଜା

ପ୍ରତିନିଧିମାନେ କଟକ ଯିବା ଆସିବା ଖାଇବା ଆଦି ସମସ୍ତ ଖର୍ଚ୍ଚ ସାହେବ ନିଜେ ବହନ କରିବେ ।

ପ୍ରଜା ପ୍ରତିନିଧିମାନେ ସାହେବଙ୍କ କଥାରେ ରାଜି ହୋଇ ଯିବାରୁ ରାତ୍ରି ୧୨ଟାରେ କଟକ ଯିବା ଅଭିଯାନ ଆରମ୍ଭ ହୋଇ ରାତ୍ରି ଶେଷ ବେଳକୁ ଖୋର୍ଦ୍ଧା ପାର ହୋଇ ଯାଇଥିଲେ । ତାପର ଦିନ ରାତ୍ରିରେ କଟକରେ ପହଞ୍ଚିବା ସଙ୍ଗେସଙ୍ଗେ ତେର ଜଣଯାକ ପ୍ରଜା ପ୍ରତିନିଧିମାନଙ୍କୁ କଟକ ଜେଲ୍‌ରେ ଭର୍ତ୍ତି କରାଗଲା । ସେମାନେ କଟକ ଜେଲ୍‌ରେ ଆଠଦିନ ରହିବା ପରେ ଦିନେ କମିସନର ସାହେବ ଜେଲ୍‌ରେ ପହଞ୍ଚି ସେମାନଙ୍କୁ ଶୁଣାଇ ଦେଲେ ଯେ, ରାଜଦ୍ରୋହ ଅପରାଧ ଯୋଗୁଁ ସେମାନଙ୍କୁ ପ୍ରତ୍ୟେକଙ୍କୁ ଦୁଇବର୍ଷ ଲେଖାଏ ସଶ୍ରମ କାରାଦଣ୍ଡ ଆଦେଶ ଦିଆଗଲା ।

ତା'ପର ଦିନ ସେମାନଙ୍କୁ କଟକ ଜେଲ୍‌ରୁ ସ୍ଥାନାନ୍ତରିତ କରାଯାଇ ହଜାରିବାଗ ଜେଲକୁ ନିଆଗଲା । ଦୁଇବର୍ଷ ସଶ୍ରମ କାରାଦଣ୍ଡ ଭୋଗ କରି ସେମାନେ ୧୮୯୫ ମସିହାରେ ନିଜ ନିଜର ଘରକୁ ଫେରିଲେ ।

କମିସନର ସାହେବ ପ୍ରଜାପ୍ରତିନିଧି ତେର ଜଣଙ୍କୁ ନେଇ ରଣପୁରରୁ ଚାଲିଯିବା ପରେପରେ ରଣପୁରରେ ୧୪୪ ଧାରା ଜାରି କରାଗଲା । ଯାହା ଫଳରେ ରଣପୁରର ପ୍ରଜାମାନେ ୫ ଜଣରୁ ଅଧିକ ଏକାଠି ବସି ରାଜ୍ୟ ସଂପର୍କରେ କୌଣସି ଆଲୋଚନା କରିବାର ସୁଯୋଗ ପାଇ ନଥିଲେ ।

ସେହି ଦିନଠାରୁ ରଣପୁରର ପ୍ରଜାମାନେ ରାଜା ଓ ଗୋରା ସାହେବମାନଙ୍କ ପ୍ରତି ପ୍ରତିଶୋଧର ଅପେକ୍ଷାରେ ଥିଲେ । ୧୯୩୯ ମସିହା ଜାନୁୟାରୀ ୫ ତାରିଖ ପୌଷ ପୂର୍ଣ୍ଣିମା ତିଥିରେ ବେଜଲ୍‌ଗେଟ୍‌ଙ୍କୁ ହତ୍ୟାକରି ପୂର୍ବ ରାଗର ପ୍ରତିଶୋଧ ନେଲେ ।


ପ୍ରକାଶ ଥାଉକି ୧୮୯୩ ମସିହା ରଣପୁରର ପ୍ରଥମ ପ୍ରଜାମେଳିରେ ଦୁଇବର୍ଷ ଜେଲ ଯାଇଥିବା–ରଣପୁର ଥାନା ମସ୍ତରାଝାଲିଆ ଗ୍ରାମର ସ୍ୱର୍ଗୀୟ ବୃନ୍ଦାବନ ମହାପାତ୍ରଙ୍କର ଦ୍ୱିତୀୟ ପୁତ୍ର ଶ୍ରୀ ମୁରଲିଧର ପଣ୍ଡା ଏବଂ ସେହି ଗ୍ରାମର ସ୍ୱର୍ଗତଃ ଭଗବାନ ସୁନ୍ଦରାୟଙ୍କ ଜ୍ୟେଷ୍ଠ ପୁତ୍ର ଶ୍ରୀ କୃଷ୍ଣଚନ୍ଦ୍ର ରାଉତ ଏବଂ ଜଙ୍ଗରା ସିଂ ଗ୍ରାମର ସ୍ୱର୍ଗୀୟ ବନ୍ଧୁ ସାନ୍ତରାଙ୍କ ୨ୟ ପୁତ୍ର ଶ୍ରୀ ନରସିଂହ ସାହୁ ଏପରି ୩ ଜଣ ବେଜଲ୍‌ଗେଟ୍ ହତ୍ୟା ମୋକଦ୍ଦମାରେ ଯାବଜ୍ଜୀବନ ଦ୍ୱୀପାନ୍ତର ଦଣ୍ଡାଦେଶ ପାଇ ଦୀର୍ଘ ଅ ଆଠବର୍ଷ ଗତଭାତ ଜେଲମାନଙ୍କରେ ରହି ସ୍ୱାଧୀନତା ପରେ କାରାମୁକ୍ତ ହୋଇଥିଲେ ।

ବର୍ତ୍ତମାନ ମୁରଲିବାବୁ ବଞ୍ଚିଛନ୍ତି, ଏଗାର ଜଣଙ୍କୁ ଦ୍ୱୀପାନ୍ତର ହୋଇଥିଲା । ଆମମାନଙ୍କ ମଧ୍ୟରୁ ଆଠ ଜଣ ଆମ ସାଙ୍ଗ ଛାଡ଼ି ଚାଲିଗଲେଣି । ମୁରଲିବାବୁ, ମୁଁ ଏବଂ ଭଗବାନ ସାହୁ ମାତ୍ର ତିନିଜଣ ବଞ୍ଚିରହିଛୁ ।

ଜେଲ୍ ଭିତରେ ଆମମାନଙ୍କର କଥାବାର୍ତ୍ତା ହେଲେ–ମୁଁ ସର୍ବଦା କହେ ଆମମାନଙ୍କ ମଧ୍ୟରୁ ମୁରୁଷବାବୁଇମେ ସଂଗ୍ରାମୀ ହେଉଛନ୍ତି ମୁରଲିଧର ପଣ୍ଡା, କୃଷ୍ଣଚନ୍ଦ୍ର ରାଉତ ଏବଂ ନରସିଂହ ସାହୁ । ବାକି ଆମେ ଆଠଜଣ ବିଂଶ ଶତାବ୍ଦୀର ସଂଗ୍ରାମୀ । ଇତି ।

ଜୟ-ହିନ୍ଦ୍

ତା ୧୮-୭-୧୯୮୮



# ନେପାଳର ଭାରତ ସହ ସଂପର୍କ

ଶ୍ରୀମତୀ ସ୍ମିତା ମିଶ୍ର

ଆୟତନ, ଲୋକସଂଖ୍ୟା, ପ୍ରାକୃତିକ ବିଭବ ତଥା ସାମରିକ ଶକ୍ତିରେ ଭାରତ ଦକ୍ଷିଣ ଏସିଆର ବୃହତ୍ତମ ରାଷ୍ଟ୍ର ହୋଇଥିବାରୁ ତା'ର ପଡୋଶୀ ରାଷ୍ଟ୍ରମାନେ ଭାରତର ଗତିବିଧି ତଥା ପ୍ରତ୍ୟେକ କାର୍ଯ୍ୟ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଥାଆନ୍ତି ଏବଂ ଏହା ସ୍ୱାଭାବିକ ମଧ୍ୟ । ତେଣୁ ଭାରତ ମଧ୍ୟ ପଡୋଶୀ ରାଷ୍ଟ୍ରମାନଙ୍କର ବିଶ୍ୱାସ ହାସଲ ନିମନ୍ତେ ଯଥାସମ୍ଭବ ତା'ର କାର୍ଯ୍ୟକଳାପ ଭୟରହିତ ବୁଦ୍ଧିମତାର ସହ ସମ୍ପନ୍ନ କଲେ, ପଡୋଶୀ ରାଷ୍ଟ୍ରଙ୍କର ସୌହାର୍ଦ୍ଦ୍ୟ ତଥା ସାହାଯ୍ୟ ପାଇବାର ସମ୍ଭାବନା ବେଶୀ ।

ସିଂହଳ ବା ଶ୍ରୀଲଙ୍କାର ଶାନ୍ତି ରକ୍ଷା ନିମନ୍ତେ ସେନାବାହିନୀ ପଠାଇବା ଦିନଠାରୁ ଆଶଙ୍କା କରାଯାଉଥିଲା ଯେ ଦିନେ ନା ଦିନେ ଶ୍ରୀଲଙ୍କାର ସରକାର ଏପରି ପରିସ୍ଥିତି ସୃଷ୍ଟି କରିଦେବେ ଯେ ଭାରତ ବିଶ୍ୱ ଦରବାରରେ ନିନ୍ଦିତ ହେବ, ଅନ୍ୟ ଦେଶର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରିଥିବାରୁ । ତେଣୁ ଏପରି ପରିସ୍ଥିତିରେ ଭାରତକୁ ଶ୍ରୀଲଙ୍କା ବ୍ୟତୀତ ଅନ୍ୟାନ୍ୟ ପଡୋଶୀ ରାଷ୍ଟ୍ରମାନଙ୍କ ସହ ବିଶେଷତଃ ସାର୍କ ରାଷ୍ଟ୍ରସମୂହର ପ୍ରତ୍ୟେକ ରାଷ୍ଟ୍ରସହ କଥାବାର୍ତ୍ତା ଏବଂ ବ୍ୟବହାର ଦ୍ୱାରା ଏକ ବିଶ୍ୱାସର ଅନନ୍ୟ ବାତାବରଣ ସୃଷ୍ଟି କରିବାକୁ ପଡିବ ।

ନେପାଳ ଭାରତର ଉତ୍ତର ଦିଗର ପଡୋଶୀ ଏବଂ ଏକ ସ୍ୱାଧୀନ, ସାର୍ବଭୌମ ରାଷ୍ଟ୍ର । ଏହାର ଉତ୍ତରରେ ନଗାଧିରାଜ ହିମାଳୟ ଏବଂ ପୂର୍ବ, ପଶ୍ଚିମ ଓ ଦକ୍ଷିଣରେ ଭାରତ ରହିଥିବାରୁ ନେପାଳ ଏକ ଭୂ-ଅବଦ୍ଧ (Land locked) ଦେଶ, ଯେପରି ଅଫଗାନିସ୍ତାନ ରହିଅଛି । ପୃଥିବୀରେ କେବଳ ନେପାଳ ହିଁ ଏକମାତ୍ର ଦେଶ, ଯାହାର ରାଷ୍ଟ୍ର ଧର୍ମ ହିନ୍ଦୁ ଧର୍ମ ଅଟେ । ସ୍ୱଭାବତଃ ଭାରତସହ ନେପାଳର ସମ୍ପର୍କ ଅତ୍ୟନ୍ତ ନିବିଡ ଓ ଆବେଗପୂର୍ଣ୍ଣ । ନେପାଳର ଓଡିଶା ସହିତ ସ୍ୱତନ୍ତ୍ର ସମ୍ପର୍କ ରହିଅଛି ଶ୍ରୀ ଜଗନ୍ନାଥଙ୍କୁ କେନ୍ଦ୍ର କରି, ତେଣୁ ଅତ୍ୟନ୍ତ ମଧୁର ଏବଂ ମନୋହର । ଶ୍ରୀ ଜଗନ୍ନାଥଙ୍କର ଜଣେ ପ୍ରଗାଢ ଭକ୍ତ ହିସାବରେ ପୁରୁଷାନୁକ୍ରମେ ନେପାଳ ମହାରାଜାଙ୍କର ଶ୍ରୀ ମନ୍ଦିର ଅନୁଷ୍ଠାନରେ ସ୍ୱତନ୍ତ୍ର ସ୍ଥାନ ପରମ୍ପରାଗତ ଭାବରେ ସୁପ୍ରତିଷ୍ଠିତ ।

ସ୍ୱାଧୀନତା ଲାଭ କରିବା ପରେ, ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ୍ ନେହେରୁ ୧୯୫୦ ମସିହା ଡିସେମ୍ବର ୬ ତାରିଖ ଦିନ ଭାରତୀୟ ଲୋକସଭାରେ ପଡୋଶୀ ରାଷ୍ଟ୍ର ନେପାଳ ସହ ସମ୍ପର୍କ ସମ୍ବନ୍ଧରେ ଉଲ୍ଲେଖ କରି କହିଥିଲେ, "ସତ କହିବାକୁ ହେଲେ, ପଡୋଶୀ ନେପାଳରେ କୌଣସି ବିଦେଶୀ ରାଷ୍ଟ୍ରର ପ୍ରତ୍ୟକ୍ଷ ବା ପରୋକ୍ଷ ହସ୍ତକ୍ଷେପକୁ ଭାରତ କେବେହେଲେ ବରଦାସ୍ତ କରି ପାରିବ ନାହିଁ । ନିକଟ ଅତୀତରେ ଘଟିଯାଇଥିବା ଚୀନ୍ ଓ ତିବ୍ବତ ସମ୍ପର୍କୀୟ ଘଟଣା ଯୋଗୁଁ ନେପାଳ ସମ୍ବନ୍ଧରେ ଆମର ସୁରକ୍ଷାନୁଭବଶୀଳତା ଅତୁଳି ବେଶୀ ପ୍ରାସଙ୍ଗିକ ଓ ବ୍ୟକ୍ତିଗତ ହୋଇ ଯାଇଅଛି । ହିମାଳୟ ଆମ ପାଇଁ ଏକ ସବୁଜ ସୁନ୍ଦର ତଥା ଅଭେଦ୍ୟ ସୀମା ରେଖା ଏବଂ ଅନ୍ୟ କାହାକୁ ସେହି ପ୍ରତିବନ୍ଧକକୁ ଭେଦ କରିବାକୁ ଆମେ ଅନୁମତି ଦେବୁ ନାହିଁ । ତେଣୁ ନେପାଳର ସ୍ୱାଧୀନତା ସମ୍ପର୍କରେ ଆମେ ସମ୍ପୂର୍ଣ୍ଣ ସଚେତନ ହେଲେ ମଧ୍ୟ ନେପାଳ ଭିତରେ ବା ନେପାଳକୁ ବାହାରୁ କୌଣସି ଅଘଟଣ ଘଟିବାକୁ ଅଥବା ସେହି ଅଭେଦ୍ୟ ପ୍ରତିବନ୍ଧକକୁ ଅତିକ୍ରମିତ ହେବାକୁ ବା ଏପରିକି କୌଣସିମତେ ଦୁର୍ବଳ ହେବାକୁ ମଧ୍ୟ ଆମେ ଅନୁମତି ଦେବୁ ନାହିଁ, କାରଣ ତାହା ହେଲେ ଆମ ନିଜର ନିରାପତ୍ତା ବିପନ୍ନ ହୋଇଯିବ ।"

ଭାରତର ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟର ଉଦ୍ଦେଶ୍ୟ ଥିଲା ଯେ ଯଦି ନେପାଳ ଭାରତର ଘନିଷ୍ଠ ବନ୍ଧୁ ହୋଇ ନରହେ, ତେବେ ହିମାଳୟ ପର୍ବତଶ୍ରେଣୀ ଆଉ ଅଭେଦ୍ୟ ପ୍ରାଚୀର ହୋଇ ରହିବ ବା କିପରି ? ଭାରତର ବକ୍ଷ ଦେଶ ପରି ଯେଉଁ ବିହାର ଏବଂ ଉତ୍ତରପ୍ରଦେଶ, ତାହାତ ନେପାଳର ସମତଳ ଅଞ୍ଚଳ ମଧ୍ୟ ଦେଇ ଦୁର୍ବାର ଗତିରେ ଅଗ୍ରସର ହେଉଥିବା ଚୀନ ସେନାବାହିନୀର ଦିନ କେତୋଟି ଭିତରେ ସମ୍ପୂର୍ଣ୍ଣ କରକବଳିତ ହୋଇଯିବ ! ଆଉ ସେପରି ଆକ୍ରମଣରୁ ରକ୍ଷା ପାଇବାକୁ ହେଲେ ଭାରତକୁ ଅପର୍ଯ୍ୟାପ୍ତ ଅର୍ଥ ବ୍ୟୟ କରି ନିଜ ସେନାବାହିନୀର ପ୍ରଭୂତ ବିସ୍ତାର କରିବାକୁ ପଡିବ ଏବଂ ଭାରତ-ନେପାଳ ସୀମାରେ ସେତୁ ଓ ପଥ ନିର୍ମାଣ କରିବାକୁ ପଡିବ, ବହୁଳ ମାତ୍ରାରେ ଅନୁସଙ୍ଗିକ ସାମରିକ ଭିତ୍ତି ଭାବରେ ।

୧୯୫୦ ମସିହାରେ ନେପାଳର ମହାରାଜାଙ୍କୁ ଭାରତ ପଦ୍ୟେ ମୁକ୍ତି ଦେଇଥିଲା ରାଣାମାନଙ୍କ କଠୋର ଶାସନରୁ ଏବଂ ସେଥିପାଇଁ ହେଉ ବା ଅନ୍ୟ କାରଣରୁ ହେଉ, ଭାରତର ଏହି ଘୋଷଣା ନେପାଳ ନିମନ୍ତେ ଗ୍ରହଣୀୟ ହୋଇଥିଲା ବିନା ଦ୍ୱିଧାରେ, ସମ୍ପୂର୍ଣ୍ଣ ଭାବରେ । କିନ୍ତୁ ତାପରେ ସମୟର ସ୍ରୋତ ସ୍ଥିର ଭାବରେ ବହି ଚାଲିଲା ଏବଂ କାଳକ୍ରମେ ନେପାଳ ଚୀନ ସହିତ ଏକ ଶାନ୍ତି ଓ ବନ୍ଧୁତ୍ୱ ଚୁକ୍ତିରେ ଆବଦ୍ଧ ହୋଇଗଲା । ହିମାଳୟର ଉତ୍ତର ଦେଶରେ କମ୍ୟୁନିଷ୍ଟ ବିପ୍ଳବ ପରେ ପରେ ଚୀନରେ ଯେଉଁ ବିରାଟ ପରିବର୍ତ୍ତନ ସବୁ ଘଟିଯାଇଥିଲା ତା'ର ଫଳରେ ଚୀନ କ୍ରମେ ଅଧିକରୁ ଅଧିକ ଶକ୍ତିଶାଳୀ ହେଲା ଉଭୟ ରାଜନୈତିକ ତଥା ସାମରିକ କ୍ଷେତ୍ରରେ । ସେହି ବୈପ୍ଳବିକ ପରିବର୍ତ୍ତନ ଫଳରେ ୧୯୬୨ ମସିହାର ସୀମାନ୍ତ ଯୁଦ୍ଧରେ ଭାରତର କେବଳ ସାମରିକ ସମ୍ମାନ ହାନି ହୋଇ ନ ଥିଲା, ଭାରତର ରାଜନୈତିକ ତଥା ନୈତିକ ପ୍ରଭାବ ମଧ୍ୟ ଦ୍ରୁତ ଗତିରେ ଅବନତି ହୋଇଥିଲା । ସେହି ବୈପ୍ଳବିକ ପରିବର୍ତ୍ତନର ବୈଷୟିକ ଦିଗରେ ଚୀନ ଷାଠିଏ ଦଶକର ମଧ୍ୟ ଭାଗରେ ପୃଥିବୀର ପଞ୍ଚମ ଆଣବିକ ଶକ୍ତି ରୂପେ ପ୍ରତିଷ୍ଠା ଲାଭ କରିବାକୁ ସମର୍ଥ ହୋଇଥିଲା । ସେହି ପରିସ୍ଥିତିରେ ଭାରତର ନିକଟ ସମ୍ପର୍କ ତଥା ଅନ୍ତରଙ୍ଗତା ଚୀନର ବିଷଦୃଷ୍ଟି ଆକର୍ଷଣ କରିବା ଭୟ ନେପାଳକୁ ଅଧିକ କରି ରଖିଥିଲା । ଯଦି ନିଜେ ଭାରତ ଏତେ ଦୁର୍ବଳ ଯେ ସେ ନିଜକୁ ରକ୍ଷା କରିବା ଅସମର୍ଥ ହୋଇ ଯାଇଥିଲା, ତେବେ ଚୀନର ରଣ ହୁଙ୍କାର ବିରୁଦ୍ଧରେ ନେପାଳକୁ ସୁରକ୍ଷା ଦେବା ପାଇଁ ନେପାଳ ଭାରତ ଉପରେ କଂଶ ନିର୍ଭର କରି ପାରିବ — ଶିମୁଳି ତୁଳାକୁ ରଖିବା ପାଇଁ ସେପରି ଶିଳୁପା ଖୋଜିବା ତ ଦରକାର । ତେଣୁ ନେପାଳର ମହାରାଜା ଭାରତ ଓ ନେପାଳ ସମ୍ପର୍କରେ ଅସ୍ଥ ଅଣିବା ଭଳି ଦ୍ୱିତୀୟ ପଦକ୍ଷେପ ନେଲେ, ନେପାଳରେ ନିର୍ବାଚନରେ ଜୟଲାଭ କରି ମନ୍ତ୍ରୀମଣ୍ଡଳ ଗଢିଥିବା ନେପାଳ କଂଗ୍ରେସ ମନ୍ତ୍ରୀମଣ୍ଡଳକୁ ଅଚାନକ ଭାବରେ ବରଖାସ୍ତ କରି ଦେଇ ।

ନେପାଳ କଂଗ୍ରେସ ଭାରତୀୟ ଜାତୀୟ କଂଗ୍ରେସର ଅନୁରୂପ । ଉଭୟ କଂଗ୍ରେସର ନେତାମାନେ ପରସ୍ପରର ବ୍ୟକ୍ତିଗତ ବନ୍ଧୁ, ଉଭୟ ନେତାମାନେ ଏକା ଜେଲରେ ରହି ଭାରତ ସ୍ୱାଧୀନତା ସଂଗ୍ରାମ ଲଢିଛନ୍ତି । କୋଇରାଳା ଭାତୃଦ୍ୱୟ ଉଭୟ ନେପାଳ ଏବଂ ଭାରତରେ ସମ୍ମାନର ଅଧିକାରୀ । ତେଣୁ କୋଇରାଳା ମନ୍ତ୍ରୀମଣ୍ଡଳକୁ ଭାଙ୍ଗିଦେଇ ନେପାଳର ମହାରାଜା ପଣ୍ଡିତ ନେହେରୁ ତଥା ଅନ୍ୟ ଭାରତୀୟ ନେତାଙ୍କ ମନରେ ଦୁଃଖ ଏବଂ କ୍ଷୋଭ ଜାତ କରି ପାରିଥିବାରୁ, ନେପାଳ ମହାରାଜା ଆଶା କରୁଥିଲେ ଯେ ଚୀନର ମାଓ-ଚେଙ୍କ ଅନ୍ତତଃ ବିଶ୍ୱାସ କରିବେ 'ଯେ ନେପାଳ ବାସ୍ତବିକ ଭାରତର ଗୋଟାଏ ରାଷ୍ଟ୍ର ନୁହେଁ । ଯଦିଓ ସାର୍ବଭୌମତ୍ୱ ଲାଭ କରିବା ନିମନ୍ତେ ଲାଳାୟିତ ମହାରାଜାଙ୍କୁ ଏହି ପଦକ୍ଷେପ ନିଜର କିଛିଟି ଉଦ୍ଦେଶ୍ୟ ଚରିତାର୍ଥ କରିବାକୁ ପର୍ଯ୍ୟାପ୍ତ ସୁଯୋଗ ଦେଲା, ତଥାପି ନେପାଳ ଭାରତଠାରୁ ଦୂରେଇ ଯିବା ପ୍ରକ୍ରିୟା ଏହିଠାରୁ ହିଁ ଆରମ୍ଭ ହୋଇ ଯାଇଥିଲା । ରାଷ୍ଟ୍ରର ନିର୍ବାଚିତ ପ୍ରତିନିଧିମୂଳକ ସରକାରଙ୍କୁ ବରଖାସ୍ତ କରିଦେଇ ପାରିବା ରାଜନୈତିକ ନିଷ୍ପତ୍ତି ଯଦିଓ ନେପାଳର ଆଭ୍ୟନ୍ତରୀଣ ବ୍ୟାପାର, ତଥାପି ଏହା ସାହାଯ୍ୟରେ ନେପାଳ ବିଶ୍ୱକୁ ଜଣାଇ ଦେବାକୁ ଚାହୁଁଥିଲା ଯେ ଭାରତ ନେପାଳ ନିମନ୍ତେ ପଥ ନିର୍ଦ୍ଧାରଣ କରି ପାରିବ ନାହିଁ । ଏହି କ୍ରମ ଦୂରତ୍ୱ ପ୍ରକ୍ରିୟା ଷାଠିଏ ଦଶକର ପ୍ରାରମ୍ଭରୁ ଆରମ୍ଭ ହୋଇଥିଲେ ମଧ୍ୟ ସେ ସମ୍ବନ୍ଧରେ ସୁସ୍ପଷ୍ଟ ଭାବରେ ନେପାଳର ବୈଦେଶିକ ମନ୍ତ୍ରୀମାନେ ଉଚ୍ଚାରଣ କରିବା ବେଳକୁ ପ୍ରାୟ ସତୁରୀ ଦଶକ ହୋଇ ଯାଇଥିଲା । ୧୯୬୯ ମସିହାରେ ନେପାଳର ବୈଦେଶିକ ମନ୍ତ୍ରୀ ଶ୍ରୀ କୀର୍ତ୍ତିନିଧି ବିଷ୍ଟ କହିଥିଲେ ଯେ ନେପାଳ ଅନ୍ୟ ଦେଶମାନଙ୍କ ସହ କୌଣସି ସ୍ୱତନ୍ତ୍ର ବା ବିଶେଷ ଭାବେ ନିର୍ଦ୍ଦିଷ୍ଟ ସମ୍ପର୍କ ରକ୍ଷା କରିବାରେ ବିଶ୍ୱାସ କରେ ନାହିଁ । ୧୯୭୦ ମସିହାରେ ନେପାଳର ବୈଦେଶିକ ମନ୍ତ୍ରୀ ଶ୍ରୀ ଭଣ୍ଡାରୀ ଅତି ସ୍ପଷ୍ଟ ଭାବରେ ଭାରତ ଏବଂ ଚୀନର ନାମ ଉଚ୍ଚାରଣ କରି କହିଥିଲେ ଯେ ପୃଥିବୀର ତିନିଗୋଟି ବୃହତ୍ତମ ଶକ୍ତିଙ୍କ ମଧ୍ୟରେ ଚୀନ ଅନ୍ୟତମ ଏବଂ ତେଣୁ ନେପାଳ ଚୀନର ଅନ୍ତରଙ୍ଗ ବନ୍ଧୁ ହେବାକୁ ଚାହେଁ । ତା ସଙ୍ଗେ ସଙ୍ଗେ ସେ କହିଥିଲେ ଯେ ଜାତିସଂଘରେ ଗୃହୀତ ସନନ୍ଦ ଅନୁସାରେ ଏକ ସ୍ଥଳ ବେଷ୍ଟିତ ପଡୋଶୀ ରାଷ୍ଟ୍ରକୁ ଯାତାୟାତ ନିମନ୍ତେ ଯେତିକି ସୁବିଧା ଦେବା କଥା, ଭାରତ ତାହା ବ୍ୟତୀତ ଅନ୍ୟ କୌଣସି ବିଶେଷ ବା ସ୍ୱତନ୍ତ୍ର ସୁବିଧା ନେପାଳକୁ ଦେଇ ନାହିଁ ଏବଂ ନେପାଳ ମଧ୍ୟ ତା' ଅପେକ୍ଷା ବେଶୀ ସୁବିଧା ନିମନ୍ତେ ଆଗ୍ରହୀ ନୁହେଁ ।

କିନ୍ତୁ ଭାରତଠାରୁ କ୍ରମେ ଦୂରକୁ ଚାଲି ଯାଉଥିବା ନୀତି ଯେ ସାମୟିକ ଭାବରେ ଅନନ୍ତକାଳ ପର୍ଯ୍ୟନ୍ତ ଚାଲିଲେ ଅବଶେଷରେ ଅନିର୍ଦ୍ଦିଷ୍ଟ ଲକ୍ଷ୍ୟରେ ପଥ ଭୁଲିଯିବା ଦ୍ୱାରା ନେପାଳକୁ ତା'ର ଇତିହାସ, ଧର୍ମ ଓ ପରମ୍ପରା ତଥା ଲୋକମତ ବିରୁଦ୍ଧରେ ଯିବାକୁ ପଡିବ ତାହା ମଧ୍ୟ ନେପାଳର ଚତୁର ମହାରଜାମାନେ ଭଲଭାବରେ ଜାଣିଥିଲେ । ଅପର ପକ୍ଷରେ ଭାରତ ତୁଳନାରେ ଏକ ଅତ୍ୟନ୍ତ ଶକ୍ତିଶାଳୀ ଚୀନ ଯେ କ୍ରମେ ନେପାଳକୁ ନିଜର କ୍ଷମତା ବଳୟ ଭିତରକୁ ଆକର୍ଷଣ କରି କରି ଶେଷରେ ତାକୁ ତିବ୍ବତ ପରି ଆତ୍ମସାତ କରି ନ ଦେବ ତାହା ବା କିଏ କହିବ ? ନେପାଳର ଶାସନ ପଦ୍ଧତି ହିନ୍ଦୁ ଧର୍ମର ସାଂସ୍କୃତିପ୍ରାପ୍ତ ହୋଇଥିବା ସ୍ଥଳେ ଏହା କମ୍ୟୁନିଜମ୍‌ର ଘୋର ବିରୋଧୀ, ତା ବ୍ୟତୀତ ଭାରତ ସହ ବହୁ ଶତାବ୍ଦୀ ଧରି ପ୍ରତିଷ୍ଠିତ ସାମାଜିକ, ସାଂସ୍କୃତିକ ଏବଂ ଅର୍ଥନୈତିକ ସମ୍ବନ୍ଧ ଏକ ଐତିହାସିକ ବାସ୍ତବତା, ତେଣୁ ଚୀନକୁ ନେପାଳ ଯେଉଁ ପ୍ରଶ୍ରୟ ଦେଉଥିଲା ତା'ର ମଧ୍ୟ ଏକ ନିର୍ଦ୍ଦିଷ୍ଟ ସୀମା ରହିଥିଲା । ଅପର ପକ୍ଷରେ ନେପାଳ ଏବଂ ଭାରତ ମଧ୍ୟରେ ଥିବା ପ୍ରାକୃତିକ ଏବଂ ଘନିଷ୍ଠ ସମ୍ପର୍କର ସୁଯୋଗ ନେଇ ଯଦି ଭାରତ, ବିଶେଷତଃ ବି.ପି.କୁ ସମର୍ଥନ କରୁଥିବା ନେପାଳ କଂଗ୍ରେସ୍ ଯଦି କେଉଁ ଭବିଷ୍ୟତରେ ଏକ ମନ୍ତ୍ରୀମଣ୍ଡଳ ଗଢେ, ତେବେ ନେପାଳକୁ ଭାରତ ନିଜ ସହ ମିଶାଇ ଏକ ସଂଘୀୟ ରାଷ୍ଟ୍ର ଗଠନ କରିବା ଆଶଙ୍କାରୁ ମଧ୍ୟ ନେପାଳ ଏଡାଇ ଦେଇ ପାରିବ ନାହିଁ ।

୧୯୭୧ ମସିହାରେ ପାକିସ୍ତାନ ସହିତ ଯୁଦ୍ଧରେ ଭାରତର ଜୟଲାଭ ଏବଂ ୧୯୭୪ ମସିହାରେ ପୋଖ୍ରାନ୍‌ଠାରେ ସଫଳ ଭାବରେ ଆଣବିକ ବିସ୍ଫୋରଣ ପରୀକ୍ଷା କରି ସାରିବା ପରେ ଭାରତ ମଧ୍ୟ ଏସିଆ ମହାଦେଶରେ ଚୀନ ସହ ତାଳ ଦେଇ ପାରିବା ଭଳି ଏକ ଶକ୍ତିଶାଳୀ ରାଷ୍ଟ୍ର ହୋଇ ଯାଇଥିଲା ଏବଂ ବିଶ୍ୱରେ ତା'ର ସମ୍ମାନ ମଧ୍ୟ ସେହିପରି ବୃଦ୍ଧି ପାଇଥିଲା । ତେଣୁ ଭବିଷ୍ୟତରେ ଯଦି କେବେ ଚୀନ ଓ ଭାରତ ମଧ୍ୟରେ ସଂଘର୍ଷ ହୁଏ, ତା'ହେଲେ ତାହା କେବଳ ଯେ ଅର୍ଥନୀତି କ୍ଷେତ୍ରରେ ନେପାଳକୁ ବିପର୍ଯ୍ୟସ୍ତ କରିଦେବ, ତା' ନୁହେଁ, ବରଂ ସାମରିକ ତଥା ରାଜନୈତିକ କ୍ଷେତ୍ରରେ ମଧ୍ୟ ତା'ର ପରିଣାମ ଭୟାବହ ହୋଇପାରିବ । ଏହାହିଁ ସଂକ୍ଷେପରେ ନେପାଳର ରାଜନୈତିକ ତଥା ମାନସିକ ଦ୍ୱନ୍ଦ୍ୱ ଏବଂ ଏହି ଦ୍ୱନ୍ଦ୍ୱର ସମାଧାନ ସୂତ୍ର ଖୋଜି ବାହାର କରିବା ନେପାଳ ନିମନ୍ତେ ଏକ ଜୀବନ ମରଣ ସମସ୍ୟା ସୃଷ୍ଟି କରିଛି ।

୧୯୭୫ ମସିହାରେ ନିଜର ରାଜ୍ୟାଭିଷେକ ସମୟରେ ରାଜା ମହେନ୍ଦ୍ର ଏହି ସମାଧାନ ସୂତ୍ର ଖୋଜିବାକୁ ଚେଷ୍ଟା କରିଥିଲେ ନିଜ ଭାଷଣରେ । ସେ କହିଥିଲେ ଯେ, "ନେପାଳର ଭାରତ ସହ ସମ୍ପର୍କ ଗଭୀର ଏବଂ ବିସ୍ତୃତ ହୋଇଥିବାବେଳେ, ଚୀନ ସହ ସମ୍ପର୍କ ନିବିଡ ଏବଂ ବନ୍ଧୁତ୍ୱପୂର୍ଣ୍ଣ । ଉଭୟ ଭାରତ ଏବଂ ଚୀନ ନେପାଳର ଅଭିଳାଷ, ଆଶା, ଆକାଂକ୍ଷା, ଆଶଙ୍କା ଏବଂ ସମସ୍ୟା ସହ ସୁପରିଚିତ ଏବଂ ନେପାଳ ସହ ଉଭୟଙ୍କର ଉତ୍ତମ ବୁଝାମଣା ରହିଛି । ଅତି

ନେପାଳର ସ୍ଥିତି ନିମନ୍ତେ ଅବାଧିତ ଶାନ୍ତି, ନିରଙ୍କୁଶ ଶାନ୍ତି, ଆମର ପ୍ରଗତି ନିମନ୍ତେ ଶାନ୍ତି ଆବଶ୍ୟକ । ଆମର ଉନ୍ନତି ବା ପ୍ରଗତି ଶାନ୍ତି ବିନା ସମ୍ଭବ ନୁହେଁ । ଏହି ପରିପ୍ରେକ୍ଷୀରେ ଏହି ଅଞ୍ଚଳରେ ଆନ୍ତର୍ଜାତିକ ଭାବରେ ଶାନ୍ତି ବଜାୟ ରଖିବା ଆବଶ୍ୟକ ଏବଂ ଦେଶକୁ ଶାନ୍ତିର ଏକ ଅଞ୍ଚଳ ଭାବରେ ସ୍ୱୀକାର କରିବାକୁ ମୁଁ ଆମର ବନ୍ଧୁ ପଡୋଶୀ ରାଷ୍ଟ୍ର ଭାରତ ଓ ଚୀନକୁ ପ୍ରସ୍ତାବ ଦେଉଛି ।"

ଭାରତ ଓ ଚୀନ ମଧ୍ୟରେ ସମ ଦୂରତ୍ୱ ରକ୍ଷା କରିବା ନୀତିର ଏହା ହିଁ ଶେଷ କଥା – ନେପାଳକୁ ଶାନ୍ତିର କୌଣସି ଅଞ୍ଚଳ ବୋଲି ଘୋଷଣା କରାଯାଉ । ଏକ ଦିଗରେ ଭାରତ ସହ ଐତିହାସିକ, ଧାର୍ମିକ, ସାଂସ୍କୃତିକ ଏବଂ ଅର୍ଥନୈତିକ ବନ୍ଧନ ଏବଂ ଅପର ଦିଗରେ ଚୀନର ପ୍ରବଳ ସାମରିକ ଶକ୍ତି ଏବଂ ଉତ୍କଟ ଜାତୀୟତାବାଦ ମଧ୍ୟରେ ଭାରସାମ୍ୟ ରଖିବା ନିମନ୍ତେ ନେପାଳର ଏହା ଏକ ସାହସିକ ତଥା ଦୂରଦୃଷ୍ଟି ସମ୍ପନ୍ନ ଉଦ୍ୟମ । ୧୯୫୦ ମସିହାରେ ପଣ୍ଡିତ ନେହେରୁ ଭାରତବର୍ଷର ନିରାପତ୍ତା ରକ୍ଷା କରିବାକୁ ନେପାଳକୁ ଏକ ସ୍ୱତନ୍ତ୍ର ଭୂମିକା ନିମନ୍ତେ ଦେଇଥିବା ପ୍ରସ୍ତାବର ତଥା ଭାରତ ଓ ନେପାଳ ମଧ୍ୟରେ ରହିଥିବା ସ୍ୱତନ୍ତ୍ର ଓ ବିଶିଷ୍ଟ ସମ୍ପର୍କ ବିଷୟରେ ଚିନ୍ତାଧାରାର ଉତ୍ତର ପଚିଶ ବର୍ଷ ପରେ ରାଜା ମହେନ୍ଦ୍ର ଦେଇଥିଲେ ନେପାଳର ଭାରତ ଓ ଚୀନ ମଧ୍ୟରେ ସମ ଦୂରତ୍ୱ ରକ୍ଷା କରିବା ଏବଂ ନେପାଳକୁ ଶାନ୍ତିର ଏକ ଅଞ୍ଚଳ ବୋଲି ଘୋଷଣା କରିବା ପ୍ରସ୍ତାବ ଦ୍ୱାରା ।

ନେପାଳର "ଶାନ୍ତିର ଏକ ଅଞ୍ଚଳ" ପ୍ରସ୍ତାବ ଚୀନ ଏବଂ ଅନ୍ୟ ରାଷ୍ଟ୍ରମାନେ ସର୍ତ୍ତହୀନ ଭାବରେ ଗ୍ରହଣ କରି ସାରିଛନ୍ତି, କାରଣ ତାହା ଦ୍ୱାରା ସେମାନଙ୍କର ହିତବାଦ ଅପେକ୍ଷା ଲାଭ ହେବ କିମ୍ବା, କ୍ଷତିର କୌଣସି ସମ୍ଭାବନା ନାହିଁ । କିନ୍ତୁ ଏହି ପ୍ରସ୍ତାବ ଦ୍ୱାରା ବର୍ତ୍ତମାନ ସ୍ଥିତି ଅପେକ୍ଷା ସର୍ବାଧିକ କ୍ଷତି ହେଉଥିବା ଦେଶ ଭାରତ ନିମନ୍ତେ ଏହା ସମ୍ପୂର୍ଣ୍ଣ ଗ୍ରହଣୀୟ ହୋଇ ପାରି ନାହିଁ, କାରଣ ବିଭିନ୍ନ ସର୍ତ୍ତ ବ୍ୟାଖ୍ୟା କଲାବେଳେ ନେପାଳ କହିଛି ଯେ "ପରସ୍ପରର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରିବା ନିଷେଧ" ହେଉଛି ଏହି "ଶାନ୍ତିର ଏକ ଅଞ୍ଚଳ" ପ୍ରସ୍ତାବର ଏକ ମୌଳିକ ଏବଂ ଅପରିବର୍ତ୍ତନୀୟ ସର୍ତ୍ତ ।

ଭାରତର ମତ ଯେ ଏହି ସର୍ତ୍ତଟି ମାନି ନେଲେ ନେପାଳ କଂଗ୍ରେସକୁ ଭାରତ ଭିତରେ କାର୍ଯ୍ୟ କରିବାକୁ ଆଉ ଅନୁମତି ଦେଇ ହେବ ନାହିଁ, ଯଦିଓ ନେପାଳ କଂଗ୍ରେସ ଐତିହାସିକ ଭାବରେ ଭାରତ ଜାତୀୟ କଂଗ୍ରେସ ସହ ଘନିଷ୍ଠ ଭାବରେ ସଂଶ୍ଳିଷ୍ଟ ଅଟେ । ଭାରତର ଅନ୍ୟ ଯୁକ୍ତି ହେଉଛି ଯେ ୧୯୫୦ ମସିହାରେ ସମ୍ପନ୍ନ ହୋଇଥିବା ଏବଂ ବର୍ତ୍ତମାନ ଯୁଦ୍ଧା ବଳବତ୍ତର ଥିବା "ଭାରତ ନେପାଳ ବନ୍ଧୁତା ଚୁକ୍ତି"ର ବିରୋଧାଚରଣ ଏହି "ଶାନ୍ତିର ଏକ ଅଞ୍ଚଳ" ପ୍ରସ୍ତାବ କରୁଅଛି । ବସ୍ତୁତଃରେ ଏହି "ଶାନ୍ତିର ଏକ ଅଞ୍ଚଳ" ପ୍ରସ୍ତାବ ଭାରତ ଓ ନେପାଳ ମଧ୍ୟରେ ରହିଥିବା "ସ୍ୱତନ୍ତ୍ର ଓ ବିଶେଷ ସମ୍ପର୍କ"ର ବିରୋଧ କରୁଅଛି ବୋଲି ଭାରତ ମନେ କରେ । କିନ୍ତୁ ଏ ସମ୍ପର୍କରେ ବିଚାର କରିବା କଥା ଏହି ଯେ ଚୁକ୍ତି ଉଭୟଙ୍କର ଥାଉ ବା ନ ଥାଉ ପରିସ୍ଥିତିରେ ହୋଇଥିବା ମୌଳିକ ପରିବର୍ତ୍ତନକୁ ତାହା ଏଡାଇ ଦେଇ ପାରିବ ନାହିଁ । ୧୯୫୦ ମସିହାର ପରିସ୍ଥିତି ଯେ ୧୯୮୯ ମସିହାରେ ଆଉ ନାହିଁ ତାହା ବୁଝିବାକୁ ବୁଦ୍ଧିଜୀବୀର ଆବଶ୍ୟକତା ଦରକାର ପଡିବ ନାହିଁ । ଦ୍ୱିତୀୟରେ ଚୁକ୍ତିଟି ଦୁଇଟି ପକ୍ଷଙ୍କ ମଧ୍ୟରେ ହୋଇଥିଲା । ଯେ କୌଣସି କାରଣରୁ ହେଉ, ଯଦି କୌଣସି ପକ୍ଷ ଏହି ଚୁକ୍ତିର ସବୁ ସର୍ତ୍ତ ମାନି ନେବାକୁ ପ୍ରସ୍ତୁତ ନୁହେଁ, ତେବେ ସେ ଚୁକ୍ତିର ବାସ୍ତବିକ ମୂଲ୍ୟ ଅଉ କେତିଟି ରହିଲା ? ଏବେ ବର୍ତ୍ତମାନର ପରିବର୍ତ୍ତିତ ପରିସ୍ଥିତିକୁ ଦୃଷ୍ଟିରେ ରଖି ଉଭୟ ପକ୍ଷ ଦେଶଙ୍କୁ ସମାନ ଭାବରେ ସନ୍ତୁଷ୍ଟ କରିବା ଭଳି ସୁବିଧା ପ୍ରଦାନ ନ କଲେ, ସେହି ଚୁକ୍ତି କେବଳ କାଗଜରେ ହିଁ ରହିଯିବ ଏବଂ ତାର ମୂଲ୍ୟ ମଧ୍ୟ ସେହି କାଗଜର ମୂଲ୍ୟ ଅପେକ୍ଷା ଅଧିକ ନ୍ୟୁନ ହୋଇଯିବ ନାହିଁ କି ?

ଏହି ପୃଷ୍ଠଭୂମିରେ ଭାରତ ଓ ନେପାଳ ମଧ୍ୟରେ ରହିଥିବା ସମ୍ପର୍କର ଏକ ସଂକ୍ଷିପ୍ତ ସମୀକ୍ଷା କରାଯିବା ଆବଶ୍ୟକ । ଭାରତର ଦୃଷ୍ଟିରୁ ଦେଖିବାକୁ ଗଲେ ଭାରତ ନେପାଳରେ ଚୀନର ଅନୁପ୍ରବେଶକୁ ସନ୍ଦେହ ଦୃଷ୍ଟିରେ ଦେଖିବା ସ୍ୱାଭାବିକ । ଚୀନ ଏବେ ନେପାଳକୁ ଅର୍ଥିକ ଅନୁଦାନ, ବୈଷୟିକ ସାହାଯ୍ୟ ଓ ବ୍ୟବସାୟିକ ପରିମାଣ ଅନେକ ଗୁଣରେ ବୃଦ୍ଧି କରି ଦେଇଛି ଏବଂ ଏହା ଭାରତ ନିମନ୍ତେ ଶୁଭଙ୍କର ନୁହେଁ । ଦ୍ୱିତୀୟରେ ନେପାଳରୁ ଭାରତକୁ ବହୁ ପରିମାଣରେ ଇଲେକ୍ଟ୍ରୋନିକ୍ସ ଏବଂ ବିଳାସ ଦ୍ରବ୍ୟ ଚୋରାରେ ଚାଲାଣ ହେଉଛି ଏବଂ ଏହା ଏକ ଗୁରୁତର ସମସ୍ୟା ହୋଇ ଗଲାଣି । ତୃତୀୟରେ ପାରମ୍ପରିକ ଭାବରେ ନେପାଳରେ ଭାରତୀୟମାନେ ବାଣିଜ୍ୟ, ବାଣିଜ୍ୟ, ଠିକାଦାରୀ ତଥା ନିଯୁକ୍ତି କ୍ଷେତ୍ରରେ ନେପାଳ ଅଧିବାସୀମାନଙ୍କ ସହିତ ସମାନ ସୁଯୋଗ ଓ ସୁବିଧା ପାଇ ଆସୁଥିଲେ । ଅପର ପକ୍ଷରେ ନେପାଳର ଅଧିବାସୀମାନେ ଭାରତ ଭିତରେ ସେହିପରି ସୁବିଧା ସମାନ ଭାବରେ ପାଇ ଆସୁଛନ୍ତି । ସେହି ସୁବିଧା ପାଇ ଆସୁଥିବାରୁ ଆଜି ଭାରତରେ ଗୋର୍ଖାଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ପ୍ରଦେଶ ଦାବି ହୋଇ ପାରିଲା । କିନ୍ତୁ ନେପାଳରେ ଗତ କିଛି ବର୍ଷ ହେଲା ଭାରତୀୟମାନଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖାଯାଉଛି ଏବଂ ଭାରତ-ବିରୋଧୀ ମନୋଭାବ ନେପାଳୀମାନଙ୍କ ମଧ୍ୟରେ କ୍ରମେ ବୃଦ୍ଧି ହେଉଅଛି । ଏବେ ନେପାଳରେ ଭାରତୀୟଙ୍କୁ କାର୍ଯ୍ୟ ନିମନ୍ତେ ଅନୁମତି ପତ୍ର (work-permit) ନେବାକୁ ପଡୁଛି, ଯାହା ନେପାଳୀମାନଙ୍କ ନିମନ୍ତେ ଭାରତର ପ୍ରଯୁଜ୍ୟ ନୁହେଁ । ଶେଷ ଏବଂ ସବୁଠୁ ମୁଖ୍ୟ ବିଷୟ ହେଉଛି ଯେ ଗତ ବର୍ଷ ନେପାଳ ଚୀନଠାରୁ ବିମାନବିଧ୍ୱଂସୀ କମାଣ ସହିତ ଅନେକ ଅସ୍ତ୍ରଶସ୍ତ୍ର କିଣିଛି । ଏହି ଅସ୍ତ୍ରଶସ୍ତ୍ର କାହିଁକି ଓ କାହା ବିରୁଦ୍ଧରେ ବ୍ୟବହାର ନିମନ୍ତେ ଉଦ୍ଦିଷ୍ଟ—ଏ ପ୍ରଶ୍ନର ଉତ୍ତର ନିମନ୍ତେ ଯେ କୌଣସି ବୁଦ୍ଧିମାନ ବ୍ୟକ୍ତିକୁ ବହୁତ ଦୂର ଯିବାକୁ ପଡିବ ନାହିଁ ।

ଅପର ପକ୍ଷରେ ନେପାଳ ଦୃଷ୍ଟିରୁ ଦେଖିବାକୁ ଗଲେ ଭାରତ ନେପାଳ ସହିତ ଏକ ଜ୍ୟେଷ୍ଠ ଭ୍ରାତା ବା ରକ୍ଷକ ପରି ବ୍ୟବହାର କରୁଛି । ଭାରତ ଦକ୍ଷିଣ ଏସିଆର ଥିବା ସବୁ ରାଷ୍ଟ୍ରମାନଙ୍କ ମଧ୍ୟରେ ନିଜକୁ ନେତା ବୋଲି ଭାବି ନିଜର ନେତୃତ୍ୱ ଅପପାରେ ବିଭିନ୍ନ ସମସ୍ୟାରେ ଲାଗିବ କରିବାକୁ ଚେଷ୍ଟା କରୁଥିବାରୁ ତାହା ନେପାଳ ନିମନ୍ତେ ଅସହ୍ୟ । ଦ୍ୱିତୀୟରେ ନେପାଳର ଆଭ୍ୟନ୍ତରୀଣ ବ୍ୟାପାରରେ ଭାରତ ଅଯୌକ୍ତିକ ଭାବରେ ଏବଂ ଯଥାର୍ଥତା ନଥାଇ ହସ୍ତକ୍ଷେପ କରୁଛି ବୋଲି ନେପାଳ ମତ ପୋଷଣ କରେ । ତୃତୀୟରେ ଭାରତୀୟ ଶିଳ୍ପପତିମାନେ ନେପାଳରେ ସଦ୍ୟ ଜନ୍ମ ନେଇଥିବା ନେପାଳୀ ଶିଳ୍ପମାନଙ୍କର ବାଧାପ୍ରାପ୍ତ କରିବାକୁ ଶତତ ଉଦ୍ୟମ କରୁ ଅଛନ୍ତି ଏବଂ ଭାରତ ସେହି ଭଳି ଶିଳ୍ପପତିମାନଙ୍କୁ ଉତ୍ସାହିତ କରୁଅଛି । ଶେଷ ଏବଂ ପ୍ରଧାନ ବିଷୟ ହେଲା, ମାର୍ଚ୍ଚ ୧୯୮୯ଠାରୁ ଭାରତ ନେପାଳକୁ ସମସ୍ତ ସାମଗ୍ରୀ ଯୋଗାଣ ନିମନ୍ତେ ରାସ୍ତା ବନ୍ଦ କରି ଦେଇଛି, କାରଣ ବାଣିଜ୍ୟ, ବ୍ୟବସାୟ ଓ ପରିବହନ ନିମନ୍ତେ ଭାରତ ସହ ନେପାଳ ବର୍ତ୍ତମାନ ଦୁଇଗୋଟି ପୃଥକ୍ ଚୁକ୍ତି କରିବାକୁ ଥିଲା ବେଳେ ଭାରତ ଏବେ ଜିଦ୍ ଧରିଅଛି ଯେ ଏଥି ନିମନ୍ତେ ମାତ୍ର ଗୋଟିଏ ଚୁକ୍ତି କରାଯିବ ।

ମତାନ୍ତରର ମୁଖ୍ୟ ବିବାଦୀୟ ବିଷୟଗୁଡିକର ସପକ୍ଷ ବା ବିପକ୍ଷରେ ଅନେକ ଯୁକ୍ତି କରିହେବ, କିନ୍ତୁ ମନେ ରଖିବାକୁ ସମାଧାନ ନିମନ୍ତେ ଉଭୟ ରାଷ୍ଟ୍ରଙ୍କର ସମ୍ପୂର୍ଣ୍ଣ ଇଚ୍ଛା ଦରକାର ଏବଂ ଏହି ମତାନ୍ତରକୁ ରାଜନୈତିକ ଅସ୍ତ୍ର ରୂପେ ବ୍ୟବହାର କରିବାକୁ ଯଦି ଉଭୟ ବା ଯେ କୌଣସି ଗୋଟିଏ ପକ୍ଷ ଚାହିଁ,

ତେବେ ଏହି ସମସ୍ୟାର ସମାଧାନ କେବେ ହୋଇ ପାରିବ ନାହିଁ । ଅତୀତରେ ବ୍ୟବସାୟ, ବାଣିଜ୍ୟ ଓ ଯତାୟାତ ନିମନ୍ତେ କେତେବେଳେ ଗୋଟିଏ ବା କେତେବେଳେ ଦୁଇଟି ଚୁକ୍ତି ସ୍ୱାକ୍ଷରିତ ହୋଇ ସାରିଅଛି, କିନ୍ତୁ ଏହା ଦ୍ୱାରା ଉଭୟ ଦେଶ ମଧ୍ୟରେ ଥିବା ବାଣିଜ୍ୟ ବା ବ୍ୟବସାୟରେ କୌଣସି ହ୍ରାସ ବୃଦ୍ଧି ପରିଲକ୍ଷିତ ହୋଇନାହିଁ । କିନ୍ତୁ ଉଭୟ ଦେଶର ସୁରକ୍ଷା ତଥା ନିରାପତ୍ତା ବା ଅନ୍ୟ ରାଜନୈତିକ ବିଷୟରେ ମୌଳିକ ବିଭେଦ ରହିଲେ, ସମାଧାନର ସୂତ୍ର ଖୋଜି ବାହାର କରିବା ଚେଷ୍ଟା ଅବଶ୍ୟ ନିଷ୍ଫଳ ହେବ ।

ଭାରତ ଓ ନେପାଳ ମଧ୍ୟରେ ଥିବା ଶିଥିଳ ସମ୍ପର୍କର ହଠାତ୍ ଅବନତି ହେବାର ଏକ ମୁଖ୍ୟ ଉଦାହରଣ ହେଉଛି ଯେ ୧୯୮୮ ମସିହାରେ ନେପାଳ ଚୀନ୍‌ଠାରୁ ଅନେକ ଅସ୍ତ୍ରଶସ୍ତ୍ର, ବନ୍ଧୁକ, ଗୋଳା ବାରୁଦ ଏବଂ ଉଡ଼ାଜାହାଜ ବିଧ୍ୱଂସୀ କମାଣ କିଣି ନେଇଛି । ନେପାଳର ବକ୍ତବ୍ୟ ଯେ ଏହି ଅସ୍ତ୍ରଶସ୍ତ୍ର କିଣିବା ପୂର୍ବରୁ ନେପାଳ ଭାରତକୁ ନିଜ ଉଦ୍ଦେଶ୍ୟ ଜଣାଇ ଦେଇଛି ଏବଂ ଏଥିରେ ଲୁଚାଛପା କିଛି ନାହିଁ । ଦ୍ୱିତୀୟତଃ ଏହି ଅସ୍ତ୍ରଶସ୍ତ୍ର ଚୀନ୍‌ରୁ ନେପାଳକୁ ଆସିଲା ବେଳେ ଭାରତ ଭିତର ଦେଇ ଆସି ନଥିବାରୁ ୧୯୫୦ ମସିହାର ଭାରତ–ନେପାଳ ବନ୍ଧୁତା ଚୁକ୍ତିର କୌଣସି ସର୍ତ୍ତର ଏହା ବିରୋଧାଚରଣ କରୁନାହିଁ । ତୃତୀୟତଃ ନେପାଳ ଏକ ସାର୍ବଭୌମ ଓ ସ୍ୱାଧୀନ ରାଷ୍ଟ୍ର ହୋଇଥିବାରୁ ଯେଉଁ ଦେଶଠାରୁ ଇଚ୍ଛା ଅସ୍ତ୍ରଶସ୍ତ୍ର କିଣିବାର ସ୍ୱାଧୀନତା ତାହାର ନିଶ୍ଚୟ ରହିଅଛି ଏବଂ ଭାରତର ଏ ସମ୍ପର୍କରେ ଆପତ୍ତି ଭାରତୀୟ ବଡ଼ଭାଇ ପଣିଆ ଓ ନେତାଗିରିର ଏକ ନମୁନା । କିନ୍ତୁ ଭାରତ ଏ ଯୁକ୍ତିଗୁଡ଼ିକ ଯଥାର୍ଥ ନୁହେଁ ବୋଲି କହୁଛି ।

ଏ ଭଳି ପରିସ୍ଥିତିରେ ଭାରତ କ'ଣ କରି ପାରିବ ?

ସବୁଠୁ ସରଳ ଉପାୟ ହେଲା ନେପାଳ ସହ ସମ୍ପର୍କ ସମ୍ବନ୍ଧରେ ସମଗ୍ରିକ ନିଷ୍ପତ୍ତିକୁ କିଛି ଦିନ ସ୍ଥଗିତ ରଖି, କେବଳ ବର୍ତ୍ତମାନ ଦେଖା ଦେଇଥିବା ସଙ୍କଟର ସମାଧାନ କରିବା, ବାଣିଜ୍ୟ ବ୍ୟବସାୟ ଓ ଯତାୟାତ ତଥା ନିସ୍ପତ୍ତି କ୍ଷେତ୍ରରେ ସ୍ଥିର ହୋଇଥିବା ସମସ୍ୟାଗୁଡ଼ିକର ଅପେକ୍ଷା ଆଲୋଚନା ସୂତ୍ରରେ ଏକ ସମାଧାନର ପଥ ବାହାର କରିବା । ଏପରି କଲେ ଅବଶ୍ୟ ଭାରତକୁ ନେପାଳ ଉପରେ ଚାପ ପକାଇବା ଭାରତ ସହିତ ସ୍ୱତନ୍ତ୍ର ବିଶେଷ ସମ୍ପର୍କ ନଥିବା ବିଷୟରେ ଏକମତ ହେବା ପରି ଦୃଷ୍ଟିଭଙ୍ଗୀ ଏବଂ ତାହା ଦ୍ୱାରା ନେପାଳର ସ୍ଥିତି ମଜବୁତ ହୋଇଯିବ । ଭାରତ ସବୁବେଳେ ମତବ୍ୟକ୍ତ କରିଅଛି ଯେ ନେପାଳ ଉଭୟଥିବା ସାମାଜିକ ରୀତିନୀତି, ଧର୍ମ ଏବଂ ସୁରକ୍ଷା ସମ୍ବନ୍ଧୀୟ ହେଉଛି ନେପାଳ ଓ ଭାରତ ମଧ୍ୟରେ ଥିବା ସମ୍ପର୍କର ଏକ ମୌଳିକ ଆଧାର ଏବଂ ତାହା ଏକ ଦୃଢ଼ ବନ୍ଧନ । ଏହା ହେଲେ ପର୍ଯ୍ୟନ୍ତ ଏ ଭଳି ସୂତ୍ର ସମସ୍ୟା ଭାରତର ଦେଖା ଦେଇଥିବ ଏବଂ କେଉଁ ସୂତ୍ରରେ ଦେଇ ସମସ୍ୟା ଉପରେ ଆଲୋକ ପାତ କରିବ ତାହା କହିବା କରିବା ଅସମ୍ଭବ ।

ଦ୍ୱିତୀୟ ଉପାୟଟି ହେଲା ନେପାଳକୁ ତା'ର ଦେଶର ଭାରତ ଚୀନ ସହିତ ସିଧାସଳଖ କଥାବାର୍ତ୍ତା କରି ନିଜର ନିରାପତ୍ତା ବ୍ୟବସ୍ଥାକୁ ସୁଦୃଢ଼ କରିବା । ତିବ୍ବତରେ ଚୀନର ଆଧିପତ୍ୟକୁ ସ୍ୱୀକାର କରି ଭାରତ ଯେପରି ଚୁପ ହୋଇ ରହିଛି, ଚୀନ ମଧ୍ୟ ସେପରି ନେପାଳ ଓ ଭୁଟାନ ଉପରେ ଭାରତର ପ୍ରଭାବକୁ ସ୍ୱୀକାର କରିପାରେ । ତାହେଲେ ଦୁଇଟି ବିରାଟ ଶକ୍ତିଙ୍କର ଏକମତ ହେବା ଦ୍ୱାରା ଅଞ୍ଚଳର ପରିବର୍ତ୍ତନ ହୋଇପାରିବ । କେବଳ ଏତେ ଆଧୁନିକତାବାଦର ସେପରି ଭାରତ ବହି ଆସିଛି ଏବଂ ଚିନ୍ତିଙ୍କର ଡିପ୍ଲୋମେନ୍ସି ଦ୍ୱାରରେ ସମ୍ପ୍ରତି ଘଟି ଯାଇଥିବା ଘଟଣାବଳୀର ପରିପ୍ରେକ୍ଷୀରେ ଚୀନ୍ ଏଭଳି ଏକ ପ୍ରସ୍ତାବର ବିବେଚନା କରିବା ସମ୍ବନ୍ଧରେ ଆଗ୍ରହାନ୍ୱିତ ହେବା ଅନୁଚିତ ହେବ ନାହିଁ ।

ତୃତୀୟ ଉପାୟଟି ହେଉଛି ନେପାଳକୁ, ତା'ର ପ୍ରସ୍ତାବ ଅନୁଯାୟୀ ଶାନ୍ତିର ଏକ ଅଞ୍ଚଳ ବୋଲି ଗ୍ରହଣ କରିନେବା । ଏ ସମ୍ପର୍କରେ ଏଠାରେ ମନେ ପକାଇବା ପ୍ରାସଙ୍ଗିକ ହେବ ଯେ ନିଜେ ଭାରତ ମଧ୍ୟ ଭାରତ ମହାସାଗରକୁ ଏକ ଶାନ୍ତିର ଅଞ୍ଚଳ କରି ଉକ୍ତ ବୃହତ୍ ଶକ୍ତିମାନଙ୍କର ପ୍ରଭାବରୁ ମୁକ୍ତ ରଖିବାକୁ ବିଭିନ୍ନ ସମୟରେ ବିଭିନ୍ନ ଅନୁଷ୍ଠାନରେ ତୁବ ଦାବି ଜଣାଇ ଆସିଅଛି । ସେହି ପରିପ୍ରେକ୍ଷୀରେ ନେପାଳକୁ ମଧ୍ୟ ବୃହତ୍ ଶକ୍ତିମାନଙ୍କର ପ୍ରଭାବରୁ ମୁକ୍ତ ରଖିବାକୁ ଶାନ୍ତିର ଗୋଟିଏ ଅଞ୍ଚଳ ବୋଲି ମାନି ନେବାରେ ଭାରତ ପାଇଁ କୌଣସି ମୌଳିକ ବୈଦେଶିକ ନୀତିର ପରିପନ୍ଥୀ ହେବ ନାହିଁ । ତାହେଲେ ନେପାଳ ଏଥିଅରେ ଦ୍ୱିପକ୍ଷୀୟ ସମ୍ପର୍କ ଦୃଷ୍ଟିରେ ନିରପେକ୍ଷ ରହି ଅର୍ଥନୈତିକ, ସାଂସ୍କୃତିକ ଓ ରାଜନୈତିକ କ୍ଷେତ୍ରରେ ଭାରତ ସହ ସହଯୋଗ କରିବା ନିମନ୍ତେ ସୁଯୋଗ ପାଇବ ।

ଚତୁର୍ଥ ଏବଂ ସର୍ବାପେକ୍ଷା କଠିନ ଏବଂ କଣ୍ଟକିତ ଉପାୟ ହେଲା, ନେପାଳ ସହିତ ରହି ଆସିଥିବା 'ସ୍ୱତନ୍ତ୍ର ବିଶେଷ ସମ୍ପର୍କ' ସମ୍ବନ୍ଧରେ ଦୃଢ଼ ହୋଇ, ନେପାଳ ସୀମାନ୍ତରେ ପର୍ଯ୍ୟାପ୍ତ ସୈନ୍ୟବଳ ସ୍ଥାପନ କରି ନେପାଳ ନିମନ୍ତେ ଦୃଢ଼ ବିଶ୍ୱାସ ଜନ୍ମାଇବାକୁ ପଡ଼ିବ ଯେ, ନେପାଳର ନିରାପତ୍ତାର ସୁରକ୍ଷା ନିମନ୍ତେ ଭାରତ ସବୁ ଅବସ୍ଥାରେ ଦାୟୀ ହେବ, ଏପରିକି ଆବଶ୍ୟକ ହେଲେ ଅଣବିକ ଯୁଦ୍ଧ ନିମନ୍ତେ ମଧ୍ୟ ଭାରତ ପ୍ରସ୍ତୁତ ରହିଅଛି ବୋଲି ନେପାଳର ହୃଦ୍‌ବୋଧ ହେବା ଆବଶ୍ୟକ । ଭୌଗଳିକ ଅବସ୍ଥିତି ଭିତ୍ତିରେ ନେପାଳଠାରୁ ଅଧିକ ଅସୁବିଧାରେ ଥିବା ରାଜ୍ୟମାନେ, ଯଥା – ଦକ୍ଷିଣ କୋରିଆ, ପଶ୍ଚିମ ଜର୍ମାନୀ ଓ କ୍ୟୁବା ପରି ରାଷ୍ଟ୍ରମାନେ ସେମାନଙ୍କ ନିରାପତ୍ତା ସମ୍ପର୍କରେ ଗୋଟିଏ ବା ଅନ୍ୟ ବୃହତ୍ ଶକ୍ତିଠାରୁ ନିଶ୍ଚିତ ପ୍ରତିଶ୍ରୁତି ପାଇଥିବାରୁ ନିଜ ଦେଶର ରାଜନୈତିକ ଆଭ୍ୟନ୍ତରୀଣ ବ୍ୟବସ୍ଥା ତଥା ବୈଦେଶିକ ନୀତି ନିର୍ଦ୍ଧାରଣରେ ଯେପରି ସ୍ୱାଧୀନତା ପାଇ ଅଛନ୍ତି, ନେପାଳ ମଧ୍ୟ ଭାରତଠାରୁ ସେହିପରି ଦୃଢ଼ ଓ ନିଶ୍ଚିତ ପ୍ରତିଶ୍ରୁତି ପାଇଲେ ନିଜର ରାଜତନ୍ତ୍ର ଶାସନକୁ ବଜାୟ ରଖି ଭାରତକୁ ସମର୍ଥନ କରିବା ଭଳି ବୈଦେଶିକ ନୀତି ଅନୁସରଣ କରି ନ ପାରିବ କାହିଁକି ?

ଭଡ଼ିହାଙ୍ଗର ଶିକ୍ଷା ଦେଇଯାଇ ଜାତି ଗୁଡ଼ିକରେ ତା'ର ପ୍ରାଚୀନ କୋଠିବାକୁ ଦୃଢ଼ ଦୀର୍ଘ ବନ୍ଧନ ବା ଶତାବ୍ଦୀ ଧରି । ଅତୀତରେ ଘନିଷ୍ଠ ଆଫଗାନିସ୍ତାନକୁ ପାକିସ୍ତାନ ଏହିପରି ବାଣିଜ୍ୟ, ବ୍ୟବସାୟ ଓ ଯତାୟାତ ପଥ ରୁଦ୍ଧ କରିଦେଇଥିବା ଘଟଣା ଓ ଉଭୟ ଦେଶରେ ପ୍ରଭାବ ଏବଂ ତେଣୁ ଆଫଗାନିସ୍ତାନକୁ ବାଧ୍ୟ ହୋଇ ସୋଭିଏତ୍ ରୁଷର ସହାୟତା ନେବାକୁ । ଆଫଗାନିସ୍ତାନ ବାଧ୍ୟ ହେଇ ଆନୁକୂଲ୍ୟ ହୋଇ ସୋଭିଏତ୍ ରୁଷର ସ୍ଥଳ ପଥ ଦେଇ ନିଜର ବ୍ୟବସାୟ ବାଣିଜ୍ୟ ଜାରି ରଖିଥିଲା । ଫଳରେ ଆଫଗାନିସ୍ତାନ ସୋଭିଏତ୍ ରୁଷର ନିକଟସ୍ଥ ମିତ୍ରଦେଶ ହେଲା ସୁଦୃଢ଼ ହୋଇଥିଲା ଧୀରେ ଧୀରେ ଏବଂ ସେହି ଧାର ପରବର୍ତ୍ତୀରେ ସୁଦୂର ବାଟ ଖୋଲ ହେଲା ଆଫଗାନିସ୍ତାନରେ ରୁଷ ସାମରିକ ବାହିନୀର ୧୯୭୯ ମସିହାର ଶେଷ ଦିନମାନଙ୍କରେ ଅନୁପ୍ରବେଶ । ଏହି ଅନୁପ୍ରବେଶ ଫୌଜୀ ପାକିସ୍ତାନର ଶାସନ ଏବଂ ସ୍ୱାଧୀନତା ବିପକ୍ଷ ବିପଦ ହୋଇଥିଲା ତାହା ନିକଟ ଅତୀତର ଘଟଣା, କିନ୍ତୁ ସେହି ଅବିବେକ ସମ୍ପୂର୍ଣ୍ଣ ଭାବେ ଲୋପ ପାଇନାହିଁ । ଅପର ପକ୍ଷରେ ସୋଭିଏତ୍ ସାମରିକ ବାହିନୀର ଅନୁପ୍ରବେଶ ଆଫଗାନିସ୍ତାନକୁ ଉଦ୍ବାସ୍ତୁ ଓ କ୍ଷତ ବିକ୍ଷତ କରି ଦେଇଛି ଏବଂ

ଦୀର୍ଘ ଦଶ ବର୍ଷ ଧରି ଚାଲିଥିବା ଅଫଗାନିସ୍ତାନର ଶାସନରେ ଅସ୍ଥିରତା ନିକଟ ଭବିଷ୍ୟତରେ ବଦଳିବାର ଆଶା ଦେଖା ଯାଉନାହିଁ ।

ତେଣୁ ଉଭୟ ଭାରତ ଓ ନେପାଳ ଇତିହାସ ପୃଷ୍ଠାରୁ ଶିକ୍ଷା ଲାଭ କରନ୍ତୁ । ଏହି ପରିସ୍ଥିତିରେ ଭାରତ ନେପାଳ ସହ ସମ୍ପୂର୍ଣ୍ଣ ସହାନୁଭୂତି ତଥା ଧୈର୍ଯ୍ୟର ସହିତ ବ୍ୟବହାର ନ କଲେ ଦୁର୍ଲଂଘ୍ୟ ହିମାଳୟ ସବୁଦିନେ ଅଭେଦ୍ୟ ହୋଇ ରହିବ ନାହିଁ । ନେପାଳ ନିମନ୍ତେ ହିମାଳୟର ପୃଷ୍ଠଦେଶର ଚୀନ ଅତ୍ୟନ୍ତ ଆକର୍ଷଣୀୟ ବୋଲି ମନେ ହେଉଥିଲେ ମଧ୍ୟ ସହସ୍ର ବର୍ଷ ଧରି ଯେଉଁ ସଭ୍ୟତା, ଯେଉଁ ସଂସ୍କୃତି, ଯେଉଁ ଧର୍ମ ଓ ଯେଉଁ ପରମ୍ପରା ନେପାଳକୁ ପୋଷଣ କରି ଆସିଅଛି ମାତୃସ୍ତନ ଭଳି, ତାହା ହେଉଛି ଭାରତୀୟ ସଭ୍ୟତା, ଭାରତୀୟ ସଂସ୍କୃତି, ଭାରତୀୟ ସନାତନ ଧର୍ମ ଏବଂ ଭାରତର ଐତିହ୍ୟମଣ୍ଡିତ ଗୌରବୋଜ୍ଜ୍ୱଳ ପରମ୍ପରା, ଯାହା ବିନା ନେପାଳର ଅନ୍ତଃସଳିଳ ଫଲ୍ଗୁଧାରା ଶୁଷ୍କ ହୋଇଯିବ ।

ଅଧ୍ୟାପିକା,
ରାଜନୀତି ବିଜ୍ଞାନ ବିଭାଗ,
ଶୈଳବାଳା ମହିଳା ମହାବିଦ୍ୟାଳୟ, କଟକ



'ମୋର-ମୋର ଏକା କାହିଁକି, ଆମ ସମସ୍ତଙ୍କ ସ୍ୱପ୍ନର ସ୍ୱରାଜରେ ଜାତି କିମ୍ବା ଧର୍ମଗତ ଭେଦଭାବ ରହିବ ନାହିଁ । ଏହା ଶିକ୍ଷିତ କିମ୍ବା ଧନୀ ବ୍ୟକ୍ତିମାନଙ୍କ ଏକଚାଟିଆ ଅଧିକାର ହୋଇ ରହିବ ନାହିଁ । ସ୍ୱରାଜ ସମସ୍ତଙ୍କର । ଏଥିରେ କୃଷକ, ଧନୀ, ନିର୍ଦ୍ଧନ, ଅନ୍ଧ ଓ କୋଟି କୋଟି ଭୋକିଲା ଲୋକଙ୍କ ସ୍ଥାନ ରହିଛି ।'

—ଗାନ୍ଧୀ

# ଲୁଣିଆ ଗୁଳିକାଣ୍ଡ

ଶ୍ରୀ ଉଦ୍ଧବ ଚରଣ ନାୟକ

୧୯୩୦ ଲବଣ ସତ୍ୟାଗ୍ରହ ପରେ ଆମ ଦେଶରେ ସେପରି ଦେଶବ୍ୟାପୀ ସ୍ୱାଧୀନତା ଆନ୍ଦୋଳନ ହୋଇ ନଥିଲା । ଭାରତ ମାଟିରୁ ଇଂରେଜ ଶାସକମାନଙ୍କୁ ତୁରନ୍ତ ଅପସାରଣ କରିବା ଉଦ୍ଦେଶ୍ୟରେ ୧୯୪୨ କଂଗ୍ରେସ ଅଧିବେଶନରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ନିଖିଳ ଭାରତ ଜାତୀୟ କଂଗ୍ରେସର ଏହି ବୈଠକ ବମ୍ବେର ଗୋୱାଲିୟା ଟ୍ୟାଙ୍କ ମଇଦାନରେ ୧୯୪୨ ଅଗଷ୍ଟ ମାସ ୮ ତାରିଖ ଦିନ ଅନୁଷ୍ଠିତ ହୋଇଥିଲା । 'ଭାରତଛାଡ଼' ଆନ୍ଦୋଳନ ନାମରେ ଆନ୍ଦୋଳନ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇ ପୂଜ୍ୟ ମହାତ୍ମାଗାନ୍ଧିଙ୍କୁ ଏହି ଆନ୍ଦୋଳନର ସେନାପତି ଭାବରେ ବରଣ କରାଯାଇଥିଲା । ମହାତ୍ମାଗାନ୍ଧି ଭାରତବାସୀଙ୍କୁ ଆହ୍ୱାନ ଜଣାଇ କହିଲେ, 'ସମସ୍ତେ ସ୍ୱାଧୀନତା ଆନ୍ଦୋଳନରେ ଭାଗ ନିଅ, ବିଦେଶୀ ଶାସକ ହାତରୁ ଦେଶ ରକ୍ଷାକର' । ସମଗ୍ର ଦେଶରେ 'ଭାରତ ଛାଡ଼ ଆନ୍ଦୋଳନ' ତୀବ୍ର ରୂପ ନେଲା । ଏହି ଆନ୍ଦୋଳନରେ ବହୁ ଲୋକ ଝାସ ଦେଇ ପ୍ରାଣ ବିସର୍ଜନ କରି ଶହୀଦ ହେଲେ । ଏହି ଆନ୍ଦୋଳନରେ ଅଂଶ ଗ୍ରହଣ କରୁଥିବା ଜନତାଙ୍କୁ ପୋକମାଛି ପରି ଗୋରାପଲଟନ ହତ୍ୟା କରିବାକୁ ଲାଗିଲେ । ତଥାପି ଆନ୍ଦୋଳନ ଦବିଗଲା ନାହିଁ । ଆମ ଓଡ଼ିଶାରେ ମଧ୍ୟ ଏହି ଆନ୍ଦୋଳନ ତୀବ୍ର ରୂପ ଧାରଣ କରିଥିଲା । ଏହି ଆନ୍ଦୋଳନରେ ଅଂଶ ଗ୍ରହଣ କରିଥିବା ସଂଗ୍ରାମୀମାନଙ୍କୁ ବାଲେଶ୍ୱର ଜିଲ୍ଲାର ଲୁଣିଆଠାରେ ଯେପରି ଗୋରା ପଲଟନ ନିର୍ମମ ଭାବରେ ହତ୍ୟା କଲେ ତାହା ବାସ୍ତବିକ ହୃଦୟ ବିଦାରକ ।

୧୯୪୨ ମସିହା ସେପ୍ଟେମ୍ବର ମାସ ୧୪ ତାରିଖ ଅପରାହ୍ନରେ ଲୁଣିଆ ହୋଲ ମିଲନ ପଡ଼ିଆରେ ଭାରତ ଛାଡ଼ ଆନ୍ଦୋଳନକୁ ସଫଳ କରିବା ପାଇଁ ସଂଗ୍ରାମୀମାନଙ୍କର ଏକ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭା ଅନୁଷ୍ଠିତ ହେବା ପୂର୍ବରୁ ରାଜକନିକା, ଯାଜପୁର ଓ ଭଣ୍ଡାରି ଆଦି ଅଞ୍ଚଳରେ ଜନମତ ସୃଷ୍ଟି କରାଯାଇଥିଲା । ଏହି ଲୁଣିଆ ସ୍ୱାଧୀନତା ଆନ୍ଦୋଳନ ସଭାରେ ବାଲୁଆଲିଡ଼ିଆ, ରାଜସୁନ୍ଦରପୁର, କଟ ସାହି, ସୁଗଥ, ଅନୁପାଳ, ପାଟରଡ଼ିହ, ଅନ୍ତରାଙ୍ଗୀ, ବୁରୁପଟିଆ, ଖାଉରୀ, ପଟଣା ଓ କାଣିଦିପୁର ଗ୍ରାମର ବହୁସଂଖ୍ୟକ ସଂଗ୍ରାମୀ ଯୋଗଦାନ କରିଥିଲେ । ମୁଖ୍ୟତଃ ଏହି ସଭାର ନେତୃତ୍ୱ ଗ୍ରହଣ କରିଥିଲେ ରାଜସୁନ୍ଦରପୁରର ଶ୍ରୀ ରାଧାଶ୍ୟାମ ରାୟ ମହାପାତ୍ର ଓ କାଣିଦିପୁରର ନବକିଶୋର ନାୟକ । ଅନ୍ୟାନ୍ୟ ସଂଗ୍ରାମୀମାନଙ୍କ ମଧ୍ୟରେ ମୁରଲୀଧର ପଣ୍ଡା, ନିଶାକର ପଣ୍ଡା ଓ ରଣନାଥ ପାଢ଼ୀ ଆଦିଙ୍କର ଭୂମିକା ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବର୍ତ୍ତମାନ ଏହି ସଂଗ୍ରାମୀମାନଙ୍କ ମଧ୍ୟରୁ ପ୍ରାୟ ଅଧିକାଂଶ ଜୀବିତ ଅଛନ୍ତି ବୋଲି ଜଣାଯାଏ ।

ଆଞ୍ଚଳିକ କୋର୍ଟ କଚେରୀ ବର୍ଜନ, ଆଇନ ଅମାନ୍ୟ, ପୋଲିସ ଜୁଲମର ପ୍ରତିବାଦ ତଥା ଇଂରେଜ ସହଯୋଗୀ ବ୍ୟକ୍ତିମାନଙ୍କ ସହ ଅସହଯୋଗ କରିବା ନିମନ୍ତେ ଏହି ଲୁଣିଆ ବୈଠକରେ ପ୍ରସ୍ତାବ ଗୃହୀତ ହୋଇ ଥିଲା । ଆନ୍ଦୋଳନ ଦୃଢ଼ ଭାବରେ ସୃଷ୍ଟି ହେଲା । ହରେକୃଷ୍ଣ ମହାପାତ୍ର, ନରସିଂହ ମହାପାତ୍ର ଓ ମୁରଲୀଧର ଜେନା ଆନ୍ଦୋଳନ ସଫଳ ନିମନ୍ତେ ସକ୍ରିୟ ହୋଇ ଉଠିଲେ । ଏହି ଆନ୍ଦୋଳନରେ ଯୋଗଦାନ କରୁଥିବା ଗରିବ ଓ ଖଟିଖିଆ ଲୋକମାନଙ୍କୁ ସରକାର କାମ ଦେଲେ ନାହିଁ । ସେମାନଙ୍କୁ ମଧ୍ୟ ସରକାର ନାନା ଭାବରେ ହଇରାଣ ହରକତ କଲେ । ଫଳରେ ସଂଗ୍ରାମୀମାନେ ଗରିବ ଲୋକଙ୍କୁ କାମଧନ୍ଦା ଯୋଗାଇ ଦେବା ନିମନ୍ତେ ଆଞ୍ଚଳିକ ଧନୀ ବ୍ୟକ୍ତିମାନଙ୍କୁ ଅନୁରୋଧ କଲେ । ଧନୀ ବ୍ୟକ୍ତିମାନେ ଯାହା ହେଉ ଗରିବ ଶ୍ରେଣୀର ଲୋକଙ୍କୁ ବହୁ ସାହାଯ୍ୟ କଲେ । ଦିନକୁ ଦିନକୁ ଆନ୍ଦୋଳନ ତୀବ୍ରତର ହେବାରୁ ସରକାରୀ ମହଲରେ ଚାଲେଣି ପଡ଼ିଲା । ଆନ୍ଦୋଳନକୁ ଦବାଇ ଦେବା ଉଦ୍ଦେଶ୍ୟରେ ସରକାର ଦୃଢ଼ ପରିକର ହେଲେ ।

ଭଦ୍ରକର ତତ୍କାଳୀନ ଏସ୍.ଡ଼ି.ଓ. ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ ପୋଲିସ ଏସ୍.ଆଇ. ବଳରାମ ପଟ୍ଟନାୟକଙ୍କ ସମେତ ବାରଜଣ ସଶସ୍ତ୍ର ପୋଲିସ ଫଉଜଙ୍କୁ ଲୁଣିଆ ଅଞ୍ଚଳକୁ ପଠାଇଲେ । ଦେଖିଲା ମାତ୍ରକେ ଆନ୍ଦୋଳନକାରୀମାନଙ୍କୁ ଗୁଳିକରି ଦେବା ପାଇଁ ଏସ୍.ଡ଼ି.ଓ ସେମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ତା ୨୧.୯.୪୨ ରିଖରେ ପୋଲିସ ଫଉଜ ସର୍ବ ପ୍ରଥମେ ଆସି କପାଳି ନଈକୂଳ ଖାଗଣୀ ଗ୍ରାମଠାରେ ଛାଉଣୀ ପକାଇ ରହିଲେ । ଫଉଜ ନଦୀ ପାରି ହୋଇ ସେପାରିକୁ ଯିବା ନିମନ୍ତେ ନାଉରୀମାନେ ସାହାଯ୍ୟ କଲେ ନାହିଁ । ଫଳରେ ପୋଲିସ ଫଉଜ ନଦୀ ଏ ପାରିରେ ରହି ଖାଗଣୀ, ଖ[illegible] ଓ କାଇଗଡ଼ି ଆଦି ଗ୍ରାମର ସଂଗ୍ରାମୀମାନଙ୍କୁ ଭୟଭୀତ କରି ପକାଇଲେ । ସଂଗ୍ରାମୀମାନେ ଫଉଜମାନଙ୍କ ଭୟ ପ୍ରଦର୍ଶନରେ

ଜାତର ହୋଇ ସାହସର ସହ ସେମାନଙ୍କ ସହ କଥାବାର୍ତ୍ତା କରିବାକୁ ଛଣେ ନିକଟରେ ପ୍ରବେଶ କଲେ । ତାଙ୍କ ଅଞ୍ଚଳ ଛାଡ଼ି ଯିବା ପାଇଁ ମଧ୍ୟ ସେମାନେ ଫଉଜମାନଙ୍କୁ ପ୍ରବର୍ତ୍ତାଇଲେ । ଫଉଜମାନେ ସଂଗ୍ରାମୀଙ୍କ କଥାକୁ ଭ୍ରୂକ୍ଷେପ ନକରି ତା ୨୨.୯.୪୨ ରିଖରେ କୌଣସି ଉପାୟରେ ନଦୀ ପାର ହୋଇ ଆସି ଲୁଣିଆରେ ପହଞ୍ଚିଲେ । ଯାହାହେଉ ସଂଗ୍ରାମୀମାନେ ଅତ୍ୟନ୍ତ ସାହସ ଓ ଦକ୍ଷତା ସହ ପୋଲିସ ଫଉଜଙ୍କଠାରୁ ଗୁଳି ବନ୍ଧୁକ ଆଦି ହସ୍ତଗତ କରି ନେଲେ । ଫଳରେ ପୋଲିସ ଫଉଜ ନିରସ୍ତ୍ର ହୋଇ ଅତ୍ୟନ୍ତ ବ୍ୟାକୁଳତାର ସହ ସଂଗ୍ରାମୀମାନଙ୍କ ସହ ସାଲିସ କରିବା ନିମନ୍ତେ ଚେଷ୍ଟା କଲେ । ସେମାନଙ୍କ ସାଲିସ ଫଳବତୀ ହେଲା । ସେମାନେ ସେମାନଙ୍କ ଗୁଳିବନ୍ଧୁକ ଫେରସ୍ତ ପାଇ ସେହି ଅଞ୍ଚଳ ଛାଡ଼ି ଯିବା ପାଇଁ ଉଦ୍ୟତ ହେଲେ । ସଂଗ୍ରାମୀମାନେ ଭାବିଲେ ଫଉଜମାନଙ୍କ ତରଫରୁ ସେମାନଙ୍କ ପ୍ରତି ଆଉ ବିପଦ ନାହିଁ । ଫଳରେ ସେମାନେ ପୋଲିସ ଫଉଜଙ୍କ ସହ ଭଲ ବ୍ୟବହାର ପ୍ରଦର୍ଶନ କରି ଫେରିଯିବା ନିମନ୍ତେ ସେମାନଙ୍କୁ ବାଟ ଦେଖାଇ ଦେବା ନିମନ୍ତେ ତାଙ୍କ ସହ କେତେଜଣ ସଂଗ୍ରାମୀ ଗଲେ । ଏହି ଅବସରରେ ପୋଲିସ ଫଉଜ ସଂଗ୍ରାମୀମାନଙ୍କ ପ୍ରତି ବିଶ୍ୱାସ ଘାତକତା କରିବା ନିମନ୍ତେ ସୁଯୋଗ ଖୋଜିଲେ । କଟସାହି ପଡ଼ିଆ ଦେଇ ସେମାନେ ଫେରିଲେ ବାଟରେ ପଡ଼ିଲା ମଶାଣୀ ଭୂଇଁ. ଏକ ଦକ୍ଷିଣ ପୋଖରୀ ପାଖରେ ଦୁଇଟି ଅଶ୍ୱତ୍ଥ ଗଛ ଓ ଗୋଟିଏ ଗ୍ରୁକୁଣ୍ଡା ଗଛ । ଏହି ଗଛ ତଳେ ଥାଇ ପୋଲିସ ଫଉଜ ଅତର୍କିତ ଭାବରେ ସଂଗ୍ରାମୀମାନଙ୍କ ଉପରକୁ ଗୁଳିବର୍ଷଣ କଲେ । ସମୟ ସକାଳ ୯ଟା-୫ ମିନିଟ । ସେହିଠାରେ ଟଳି ପଡ଼ିଲେ ସଂଗ୍ରାମୀବୀର ନିଧି ମହାନ୍ତି — ଗ୍ରାମ ରାହାସ୍ତୁଳିପୁର; ଶ୍ୟାମ ମାହାଳିକ ଓ କୃଷ୍ଣ ମାହାଳିକ — ଗ୍ରାମ ରାଜୁଅଙ୍କ ଡିହା; ହରିହର ଜେନା-ଗ୍ରାମ ସ୍ୱପ୍ନଠ; ଶଙ୍କର ବେହେରା -ଗ୍ରାମ ଲୁଣିଆ; ଗୋପୀ ଜେନା-ଗ୍ରାମ କଟସାହି; ଚିନ୍ତାମଣି ଦାସ-ଗ୍ରାମ କଟ ସାହି ଓ ନନ୍ଦ କିଶୋର ନାୟକ-ଗ୍ରାମ ଖଣ୍ଡିପ୍ରୁଆ । ଏମାନେ ହେଲେ ଶହୀଦ । ଦେଶ ପାଇଁ ସେମାନଙ୍କ ପ୍ରାଣ ଉତ୍ସର୍ଗୀକୃତ ହେଲା । ଅଧିକନ୍ତୁ ଅନେକ କ୍ଷତ ବିକ୍ଷତ ହେଲେ । ସେମାନଙ୍କ ମଧ୍ୟରେ ଚନ୍ଦ୍ର ମାହାଳି-ଗ୍ରାମ ଅଙ୍କପଦା; ବଂଶୀଧର ପଣ୍ଡା — ଗ୍ରାମ ଲୁଣିଆ: କାଶୀ ଜେନା-ଗ୍ରାମ ଇଟାପାଳ; ନୀଳମଣି ପଣ୍ଡା-ଗ୍ରାମ ଖରଗଡ଼ି ଓ ଶିବ ଦ୍ୱିବେଦି-ଗ୍ରାମ କଟସାହି । ନିର୍ମମ ହତ୍ୟାକାଣ୍ଡ ଘଟାଇ ପୋଲିସ ଫେରିଗଲେ ସେମାନଙ୍କ ବାଟରେ ।

ସମଗ୍ର ଲୁଣିଆ ଅଞ୍ଚଳରେ [illegible] ଓ ବୈରାଗ୍ୟର କରାଳ [illegible] ଘେରିଗଲା । ଲୋକମାନଙ୍କ [illegible] ଶୃଙ୍ଖଳ୍ୟ ଦୁଷିହେଲା । [illegible] ଆତଙ୍କିତ ହେଲେ । ତଥାପି [illegible] ପୋଲିସ ଫଉଜଙ୍କ ମନ [illegible] ହେଲା ନାହିଁ । ସେମାନେ ବିଶିଷ୍ଟ ଆନ୍ଦୋଳନକାରୀ ରାଧାଶ୍ୟାମ [illegible] ମହାପାତ୍ର ଓରଫେଙ୍କୁ ଗିରଫ କରିବା ନିମନ୍ତେ ତତ୍ପର [illegible] ରହିଲେ । ଏହି ସଂଗ୍ରାମୀମାନେ ଆତ୍ମଗୋପନ ନକରି ନିର୍ଭୟରେ ବୁଲାବୁଲି କରୁଥିଲେ । ଦିନେ ସକାଳେ ରାଧାଶ୍ୟାମ ରାୟ ମହାପାତ୍ର ଗାମୁଛା ପିନ୍ଧି ଠାକୁର ପୂଜା ନିମନ୍ତେ ଫୁଲ ତୋଳୁଥିବା କାଳରେ ହଠାତ୍ ପୋଲିସ ତାଙ୍କୁ ଗିରଫ୍ କଲେ । ପୋଲିସ ମନଇଚ୍ଛା ତାଙ୍କୁ ବିଧା, ଗୋଇଠା, ଗୁପ୍ତା ଓ ମୁଥ ମାରି ମାରି ସେଇ ଗାମୁଛା ପିନ୍ଧା ଅବସ୍ଥାରେ ତାଙ୍କ ଘରଠାରୁ ଚଲାଇ ଚଲାଇ ଭଦ୍ରକ ଥାନାକୁ ଆଣି ଆସିଲେ । ସଂଗ୍ରାମୀ ମୁରଲୀଧର ପଣ୍ଡା ଓ ଅନ୍ୟମାନଙ୍କୁ ମଧ୍ୟ ପୋଲିସ ଗିରଫ୍ କରି ଆଣିଲେ ।

ଭଦ୍ରକ ଏସ୍.ଡି.ଓ. ଙ୍କ କୋର୍ଟରେ ସଂଗ୍ରାମୀମାନଙ୍କର ବିଚାର ହେଲା । ପ୍ରଥମେ ଭାରତ ଛାଡ଼ ଆନ୍ଦୋଳନ ନିମନ୍ତେ ରାଧାଶ୍ୟାମ ରାୟ ମହାପାତ୍ରଙ୍କ ପୌରୋହିତ୍ୟରେ ସଭା ବସିଥିବାରୁ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଗଲା । ରାୟ ମହାପାତ୍ର ତାଙ୍କର ଏହି ଦୋଷ ନିମନ୍ତେ କ୍ଷମା ପ୍ରାର୍ଥନା ମାଗିବା ନିମନ୍ତେ ତାଙ୍କୁ କୋର୍ଟ ଆଦେଶ ଦେଲେ । କିନ୍ତୁ ରାୟ ମହାପାତ୍ର ଚୋକ୍ଟୋକ୍ ଭାବରେ କହିଲେ, ଏହି ମହତ୍ କାର୍ଯ୍ୟ ନିମନ୍ତେ ମୁଁ ଆଦୌ କ୍ଷମା ପ୍ରାର୍ଥନା ମାଗିବି ନାହିଁ । ମୁଁ କୌଣସି ଭୁଲ କରି ନାହିଁ । ଶେଷରେ ତାଙ୍କୁ ଓ ଧରଣୀଧର ଜେନାଙ୍କୁ ଏକ ବର୍ଷ ସଶ୍ରମ କାରାଦଣ୍ଡ ଦଣ୍ଡରେ ଦଣ୍ଡିତ କରାଗଲା ।

ଏହି ଆନ୍ଦୋଳନ ପରବର୍ତ୍ତୀ ସମୟରେ ଲୁଣିଆ ଆନ୍ଦୋଳନକୁ ପ୍ରେରଣା ପ୍ରଦାନ କରିଥିଲା ।

---

ମୁଦ୍ରିକା ଓ ରକ୍ଷଣ ବିଭାଗ, ଭୁବନେଶ୍ୱର-୧



"ଆମକୁ ଆନନ୍ଦ ଦେଉଥିବା ବଣଜଙ୍ଗଲର ଅସଂଖ୍ୟ ଜୀବଜନ୍ତୁଙ୍କୁ ଆମେ ବନ୍ୟପ୍ରାଣୀ ବୋଲି କହୁ । ସଭ୍ୟତା ଓ ସଂସ୍କୃତ ସତ୍ତ୍ୱେ ବ ଆଜିର ମଣିଷ ଏହି ହିଂସ୍ର ବନ୍ୟଜନ୍ତୁଙ୍କଠାରୁ ଆହୁରି ମାରାତ୍ମକ । ଜଙ୍ଗଲରେ ବାସକରୁଥିବା ଅସଂଖ୍ୟ ପ୍ରାଣୀଙ୍କର ସଂସ୍ପର୍ଶ ମଣିଷର ଜୀବନକୁ ସରସ ଓ ମଧୁମୟ କରିଛି । ତେଣୁ କ୍ରମେ ଲୋପ ପାଇ ଯାଉଥିବା ବନ୍ୟଜନ୍ତୁଙ୍କର ରକ୍ଷଣାବେକ୍ଷଣ ପାଇଁ ଦେଶରେ ଯେତେ ବେଶୀ ପଶୁ ଓ ପକ୍ଷୀମାନଙ୍କ ଲାଗି ଆଶ୍ରୟସ୍ଥଳୀ ଖୋଲାଯାଇ ପାରେ ସେତେ ଭଲ ।"

—ଜବାହାରଲାଲ ନେହେରୁ

# ବିପ୍ଳବୀ ବୀର ଚକ୍ର ବିଶୋଇ

ଡକ୍ଟର ଜଗନ୍ନାଥ ମହାନ୍ତି

ଆଦିବାସୀ ବୀର ଦୋରା ବିଶୋଇଙ୍କ ପରେ ଆସିଲେ ତାଙ୍କର ପୁତୁରା ଚକ୍ର ବିଶୋଇ । ଦକ୍ଷିଣରେ ଘୁମୁସର (ଆଜିର ଭଞ୍ଜନଗର) ଠାରୁ ଆରମ୍ଭ କରି ପଶ୍ଚିମରେ ଅନୁଗୋଳ ଯାଏ ଏକ ବିରାଟ ଅଞ୍ଚଳରେ ବିଦ୍ରୋହର ନିଆଁ ଜାଳି ଦେଇଥିଲେ । ତାଙ୍କ ଯୋଗୁଁ ଇଂରେଜ ଶାସନ ଟଳଟଳାନ୍ତ ହୋଇ ପଡ଼ିଥିଲେ । ଫିରିଙ୍ଗି ଫଉଜଙ୍କ ମଧ୍ୟରେ କୋହ୍ଲାଥାଳୟ ଖେଳି ଯାଇଥିଲା ।

ଘୁମୁସରର ବିଖ୍ୟାତ କନ୍ଧ ବିଦ୍ରୋହ ଘଟିଥିଲା ୧୮୩୫ ମସିହାରେ । ସେତେବେଳେ ଚକ୍ର ବିଶୋଇଙ୍କର ବୟସ ମାତ୍ର ୧୩ ବର୍ଷ । ଦୋରା ବିଶୋଇଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଇଂରେଜ ଶାସକମାନଙ୍କୁ ଥରହର କରିଥିଲା । ଘୁମୁସର ରାଜା ଧନଞ୍ଜୟ ଭଞ୍ଜ ସେତେବେଳେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ।

ଚକ୍ର ବିଶୋଇ ଏବେ ବିଦ୍ରୋହ ନିଆଁରେ ଝାସ ଦେଲେ । ତାଙ୍କର ବାପା ଶାମ ବିଶୋଇଙ୍କୁ ଫିରିଙ୍ଗି ଫଉଜ ସାମାନ୍ୟ ଏକ ଗଣ୍ଡଗୋଳରେ ହତ୍ୟା କରିଥିଲେ । ତେଣୁ ଚକ୍ର ବିଶୋଇ ଏହାର ପ୍ରତିଶୋଧ ନେବାକୁ ଛକି ରହିଥିଲେ । ଇଂରେଜମାନେ ପୁଣି ଘୁମୁସର ରାଜାଙ୍କୁ ଗାଦିରୁ ତଡ଼ି ଦେଇଥିଲେ । ସେଥିପାଇଁ ତାଙ୍କର ଅନୁଗତ ପ୍ରଜା ଭାବରେ ଚକ୍ର ବିଶୋଇ ଖୁବ୍ ରାଗି ଯାଇଥିଲେ । ପୁଣି ସର୍ଦ୍ଦାର ଭାବରେ ପରମ୍ପରାକ୍ରମେ ଯେଉଁସବୁ ସୁବିଧା ପାଉଥିଲେ, ଇଂରେଜମାନେ ସେସବୁ ଉଠାଇ ଦେଇଥିଲେ ।

ଏହିସବୁ କାରଣରୁ ଯୁବକ ଚକ୍ର ବିଶୋଇ ଘୁମୁସର ଅଞ୍ଚଳରେ ଆନ୍ଦୋଳନର ନିଆଁ ଜଳାଇ ଦେଇଥିଲେ । କନ୍ଧ ଯୁବକମାନେ ତାଙ୍କ ନେତୃତ୍ୱରେ ମାତିଉଠିଥିଲେ । ସେମାନେ ଧନୁଶର ଧରି ଲଢେଇ ପାଇଁ ବାହାରି ପଡ଼ିଥିଲେ । ଇଂରେଜ ସରକାରଙ୍କ କର୍ମଚାରୀମାନଙ୍କୁ ହାଣମାର କରିବାରେ ଲାଗିଲେ । ସରକାରୀ ଅଫିସମାନ ଲୁଟପାଟ ଆଉ ପୋଡ଼ାଜଳା କରିବାରେ ଟିକେ ହେଲେ ହେଳା କଲେ ନାହିଁ ।

କନ୍ଧମାନଙ୍କର ଗରିଲା ଯୁଦ୍ଧରେ ଫିରିଙ୍ଗି ଫଉଜ ଅସ୍ତବ୍ୟସ୍ତ ହୋଇ ପଡ଼ିଲେ । ଅନୁଗୋଳ, ବଉଦ, ସୋନପୁର, ମଦନପୁର, ଭବାନୀପାଟଣା, ପାରଳାଖେମୁଣ୍ଡି ଆଦି ଅଞ୍ଚଳରେ ବିଦ୍ରୋହର ନିଆଁ ଜଳିବାରେ ଲାଗିଲା । ଅନେକ ସ୍ଥାନରେ ଫିରିଙ୍ଗି ଫଉଜ ପରାସ୍ତ ହେଲେ । ବହୁ ସିପେହିଙ୍କୁ କନ୍ଧ ବିଦ୍ରୋହୀମାନେ ହତ୍ୟା କଲେ । ଇଂରେଜ ସରକାରଙ୍କ ଶତଚେଷ୍ଟା ସତ୍ତ୍ୱେ ତାଙ୍କୁ ଧରିବା ସମ୍ଭବ ହେଲା ନାହିଁ ।

ଘୁମୁସରର ଏକ ଗାଁ ଭୁଲାସିଙ୍ଗି । ୧୮୫୪ ମସିହାରେ ବିଦ୍ରୋହୀମାନେ ସେଇ ଗାଁ ଉପରେ ଚଢ଼ଉ କଲେ । ଲୋକମାନଙ୍କ ଧନସଂପତ୍ତି ଲୁଟପାଟ କଲେ । ଇଂରେଜ ସରକାରଙ୍କ ଧାରଣା ହେଲା ଯେ ଚକ୍ର ବିଶୋଇଙ୍କ ନେତୃତ୍ୱରେ ଏହା ଘଟିଛି । ଗଞ୍ଜାମ ମାଜିଷ୍ଟ୍ରେଟ କଟକ କମିଶନରଙ୍କୁ ଲେଖିଥିଲେ ତାଙ୍କୁ ଧରିବା ପାଇଁ । କିନ୍ତୁ କମିଶନର ଜଣାଇ ଦେଲେ ଯେ ଚକ୍ର ବିଶୋଇ ବଉଦର ଏକ ନିଘଞ୍ଚ ଜଙ୍ଗଲ ମଝିରେ ଲୁଚି ରହିଛନ୍ତି । ସେ ସେଇ ଲୁଟପାଟରେ ସଂପୃକ୍ତ ନୁହନ୍ତି ।

ତେବେ କମିଶନର ଗଞ୍ଜାମ ମାଜିଷ୍ଟ୍ରେଟଙ୍କୁ ଜଣାଇ ଦେଲେ ଯେ ସେ ବଉଦ ରାଜାଙ୍କୁ ଚକ୍ର ବିଶୋଇଙ୍କ ଉପରେ ସତର୍କ ଦୃଷ୍ଟି ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ତାଙ୍କୁ ଧରାଇ ଦେଲେ ପୁରସ୍କାର ମିଳିବ ବୋଲି ଇଂରେଜ ସରକାର ଘୋଷଣା କଲେ । ହେଲେ, କନ୍ଧ ବିଦ୍ରୋହୀମାନେ ଧନ ଲୋଭରେ ନିଜର ସର୍ଦ୍ଦାରଙ୍କୁ ଧରାଇ ଦେଲେ ନାହିଁ ।

କଟକରେ କମିଶନର ସାହେବ ମଧ୍ୟ ବଙ୍ଗ ସରକାରଙ୍କ ବିଶ୍ୱସ୍ତ ବିଭାଗ ସଚିବଙ୍କୁ ଜଣାଇ ଦେଲେ ଯେ ଚକ୍ର ବିଶୋଇ ଜଣେ ବିଦ୍ରୋହୀ ବୋଲି ଭୁଲାସିଙ୍ଗି ଗାଁର ଲୁଟପାଟ ଘଟଣାରେ ଜଡ଼ିତ କରାଯାଇଛି । ମାତ୍ର ତାହା ସମ୍ଭବତଃ ମାଲୁଡ଼ିକ୍ଲିଷ୍ଟ ଲୋକମାନଙ୍କ ଦ୍ୱାରା ଘଟିଛି ବୋଲି ନିଜର ପ୍ରକାଶ କରିଥିଲେ ।

୧୮୮୫-୮୬ ମସିହାର କଥା । ଘୁମୁସୁରରେ କନ୍ଧମାନଙ୍କର ବିଦ୍ରୋହ ପୁଣି ଥରେ ଦେଇଁ ଉଠିଲା । ସେହି ସମୟରେ ବଉଦମାନରେ କନ୍ଧମାନେ ବି ମାତି ଉଠିଲେ । କଟକ କମିଶନର ସାମୁଏଲ ସଙ୍କ ନିର୍ଦ୍ଦେଶରେ ସେସବୁ ବିଦ୍ରୋହ ଦମନ କରାଗଲା । ବଉଦ ଅଞ୍ଚଳ ଇଂରେଜ ଶାସନାଧୀନ ହେଲା ବୋଲି ଘୋଷଣା ପ୍ରକାଶ ପାଇଲା ।

ଦୀନବନ୍ଧୁ ପଟ୍ଟନାୟକଙ୍କୁ ବରଦ ଅଞ୍ଚଳର ତହସିଲଦାର ନିଯୁକ୍ତ କରାଗଲା । ଇଂରେଜମାନେ କଣ୍ଟାକୁ କଣ୍ଟାରେ କାଢ଼ିବାର ନୀତି ଧରିଲେ ଏସବୁ ବିଦ୍ରୋହ ପରେ ଚକ୍ର ଫୁଲବାଣୀ ମାଳ ଅଞ୍ଚଳର ଘନ ଜଙ୍ଗଲ ଭିତରେ ଲୁଚି ରହିଲେ । ଫିରିଙ୍ଗି ଫଉଜ ସର୍ବଦା ତାଙ୍କ ପିଛା ଧରିବାର ଜାଣି ସେ ପ୍ରତିଦିନ ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ବୁଲି ଯାଉଥିଲେ ।

୧୮୫୬ ମସିହାର ମାର୍ଚ୍ଚ ମାସ କଥା । ଛୋଟନାଗପୁର ଅଞ୍ଚଳର ପାଟଣା ଗଡ଼ଜାତ ଅଧୀନସ୍ଥ ଆଠଗାଁରେ ଚକ୍ର ବିଶୋଇ ରହୁଛନ୍ତି ବୋଲି ଖବର ମିଳିଲା । ଘୁମୁସରର ଇଂରେଜ ଅଧିକାରୀ ମ୍ୟାକ୍‌ଡୋନାଲ୍‌ଡ୍ ସାହେବ ସେଠାକୁ ନିଜେ ଯିବାକୁ ସାହସ କଲେ ନାହିଁ ।

ଦୀନବନ୍ଧୁ ପଞ୍ଚସରୀ ଜଣ ସୈନ୍ୟଙ୍କୁ ଧରି ଆଠଗାଁକୁ ଯାଇଥିଲେ । ଅପ୍ରକାଶ ଭାବରେ ଚକ୍ର ବିଶୋଇ ଓ ତାଙ୍କର ସହକର୍ମୀମାନଙ୍କ ଉପରେ ଚଢ଼ାଉ କରିଥିଲେ । ସୌଭାଗ୍ୟକୁ ଚକ୍ର ବିଶୋଇ ଏଠାରୁ ଖସି ପଳାଇଥିଲେ । ହେଲେ, ତାଙ୍କର ପ୍ରଧାନ ସହକାରୀ ଭୁଟିଆ ସର୍ଦ୍ଦାର ଓ ଅନ୍ୟ କେତେକଣ ଧରା ପଡ଼ି ଯାଇଥିଲେ । ସେଥିପାଇଁ ସେମାନଙ୍କ ମଧ୍ୟରେ ଦୁଇଶହ ଟଙ୍କାର ପୁରସ୍କାର ବାଣ୍ଟି ଦିଆଯାଇଥିଲା ।

ଧରାଯାଇଥିବା ଲୋକମାନଙ୍କ ମଧ୍ୟରେ ଜଣେ ସନ୍ନ୍ୟାସୀ ଥିଲେ । ତାଙ୍କୁ ଚକ୍ର ବିଶୋଇ ଭାବି ଦୀନବନ୍ଧୁ ଓ ତାଙ୍କର ସୈନ୍ୟମାନେ ଧରି ନେଇଥିଲେ । କିନ୍ତୁ ସେ ଅଲଗା ଲୋକ ବୋଲି ଜଣା ପଡ଼ିବାରୁ ତାଙ୍କୁ ଛାଡ଼ି ଦିଆ ଯାଇଥିଲା । ଦୀନବନ୍ଧୁ ତାପରେ ଆଉ କେତେଥର ଜଙ୍ଗଲର ବିଭିନ୍ନ ଭାଗରେ ଚଢ଼ାଉ କରିଥିଲେ । ମାତ୍ର ସେ ଚକ୍ରଙ୍କୁ ଧରିବାରେ ସମର୍ଥ ହୋଇ ନଥିଲେ ।

୧୮୫୬-୫୭ ମସିହାର କଥା । ପାରଳାଖେମୁଣ୍ଡିରେ ଶବରମାନେ ବିଦ୍ରୋହ କଲେ । ସେମାନଙ୍କର ନେତାଥିଲେ ରାମକୃଷ୍ଣ ଦଣ୍ଡସେନା । ସେମାନେ ପାରଳାଖେମୁଣ୍ଡିର ୫୦ଟି ଗାଁରେ ଲୁଟ୍‌ପାଟ କରି ନିଆଁ ଲଗାଇ ଦେଇଥିଲେ । ସେନାପତି ରବିନ୍‌ସନ୍ ବହୁ ସୈନ୍ୟ ସହିତ ଘନ ଜଙ୍ଗଲ ମଧ୍ୟରେ ପଶିଲେ । ଏହି ବିଦ୍ରୋହୀମାନଙ୍କ ଉପରେ ଅନ୍ଧନକ ଚଢ଼ାଉ କରି ଦମନ କରିଥିଲେ । ସେମାନେ ଦଣ୍ଡସେନାଙ୍କୁ ଧରି ଫାଶି ଦେଇଥିଲେ ।

ଚକ୍ର ବିଶୋଇ ଏଇ ବିଦ୍ରୋହରେ ସମ୍ପୃକ୍ତ ବୋଲି ମଧ୍ୟ ଜଣା ପଡ଼ିଥିଲା । ତେଣୁ ତାଙ୍କୁ ଧରିବାକୁ ଫିରିଙ୍ଗି ଫଉଜ ପ୍ରାଣାନ୍ତକ ଉଦ୍ୟମ କରିଥିଲେ । ହେଲେ, ତାଙ୍କୁ ଧରିବା ସେମାନଙ୍କ ପକ୍ଷେ ସମ୍ଭବ ହେଲା ନାହିଁ ।

ଓଡ଼ିଶାର କମିଶନର ବବ୍‌ଟର୍ଣ୍ଣ ଇଷ୍ଟଇଣ୍ଡିଆ କମ୍ପାନୀକୁ ଲେଖି ଜଣାଇ ଦେଲେ ଯେ ଚକ୍ର ବିଶୋଇ ତାଙ୍କର ପୁରୁଣା ଜାଗାକୁ ଛାଡ଼ି ଅନ୍ୟ କେଉଁ ନୂଆ ଅଞ୍ଚଳକୁ ଚାଲି ଯାଇଛନ୍ତି । ସେ କୁଆଡେ଼ ଗଲେ ସେ ବିଷୟରେ କାହାର ଧାରଣା ନାହିଁ । ସମ୍ଭବତଃ ସେ ଉତ୍ତର ଭାରତର ଅଜଣା ଅଶୁଣା ଅଞ୍ଚଳକୁ ଚାଲି ଯାଇଛନ୍ତି ।

ସେ ପୁଣି ଲେଖିଥିଲେ ଯେ ଚକ୍ର ବିଶୋଇ ଦୀର୍ଘ ଦେଢ଼ବର୍ଷ ହେଲା କେଉଁଠି ଦେଖା ହୋଇ ନାହାନ୍ତି କି ତାଙ୍କ କଥା ଶୁଣା ଯାଇ ନାହିଁ । ସେଥିଯୋଗୁଁ ଘୁମୁସର ଅଞ୍ଚଳରେ ସବୁ ଶାନ୍ତ ଓ ଧୀରସ୍ଥିର । କୌଣସିଠାରେ ସେମିତି ବଡ଼ ଗଣ୍ଡଗୋଳ ଘଟି ନାହିଁ ।

ଚକ୍ର ବିଶୋଇଙ୍କ ଗରିଲା ଲଢ଼େଇରେ ଫିରିଙ୍ଗି ଫଉଜ ବାରମ୍ବାର ହାରି ଯାଉଥିଲେ । ତେଣୁ ଇଂରେଜ ସରକାର ଘୋଷଣା କରିଥିଲେ ଯେ ବିପ୍ଳବୀ ଚକ୍ର ବିଶୋଇ ଆପେ ଆପେ ଧରା ଦେଲେ ତାଙ୍କୁ କ୍ଷମା ଦିଆଯିବ । ତା ଛଡା ମାସକୁ ମାସ ତାଙ୍କ ଚଳିବା ପାଇଁ ଟଙ୍କା ଦିଆଯିବ ।

ମାତ୍ର ଚକ୍ରଙ୍କର ଗୋଟିଏ ଦାବୀ ଥିଲା–ଘୁମୁସର ରାଜାଙ୍କୁ ବନ୍ଦୀଶାଳାରୁ ମୁକ୍ତକରାଯାଉ । ତାଙ୍କୁ ରାଜଗାଦିରେ ବସାଅ । ତା' ପରେ ଯାଇ ସେ ନିଜେ ନିଜେ ଧରା ଦେବେ ।

ଚକ୍ର ବିଶୋଇଙ୍କର ବିଦ୍ରୋହ ଦମନରେ ଇଂରେଜ ସରକାର ପରାସ୍ତ ହୋଇଥିଲେ ହେଁ ତାଙ୍କୁ ଧରିବାର ଆଶା ଛାଡ଼ି ନଥିଲେ । ବଡ଼ଲାଟ ଲର୍ଡଡେଲହାଉସୀ ପତ୍ର ଲେଖି ଇଷ୍ଟଇଣ୍ଡିଆ କମ୍ପାନୀକୁ ଜଣାଇଥିଲେ–"ବିଦ୍ରୋହୀ ଚକ୍ର ବିଶୋଇ ନିଶ୍ଚୟ ଆମ ହାତରେ ଧରା ପଡ଼ିବେ ।"

କିନ୍ତୁ ବଡ଼ଲାଟଙ୍କର ଏତେ ଦମ୍ଭ, ଏତେ ଆଶା ଫସର ଫାଟିଯାଇଥିଲା । ବିଦ୍ରୋହୀ ବୀର ଚକ୍ର ବିଶୋଇ ୧୮୩୬ ରୁ ୧୮୫୬ ଯାଏ କୋଡ଼ିଏ ବର୍ଷ କାଳ ଇଂରେଜ ସରକାରଙ୍କ ସହିତ ଲଢ଼େଇ କରିଥିଲେ । ଓଡ଼ିଶାର ଘନ ବଣଜଙ୍ଗଲରେ ନିଜର ଜୀବନ କଟାଇଥିଲେ । ସାହେବ ଶାସକମାନଙ୍କର ଯେତେ ପ୍ରଲୋଭନ ଆଉ ପ୍ରଚେଷ୍ଟା ସେସବୁକୁ ପଣ୍ଡ କରି ଦେଇଥିଲେ ।

ନିଜର ବ୍ୟକ୍ତିଗତ ଲାଭ ଉଠାଇବାକୁ ସେ ଟିକିଏ ହେଲେ ଚାହିଁ ନଥିଲେ । ସେ ଜାତି ଆଉ ଦେଶର ସ୍ୱାଧୀନତା ଓ ସମ୍ମାନକୁ ବଡ଼ ମନେ କରିଥିଲେ । ଘୁମୁସର ରାଜାଙ୍କୁ ରାଜଗାଦିରେ ବସାଇବା ପାଇଁ ତାଙ୍କର ପଣକୁ ରକ୍ଷା କରିବାକୁ ଶେଷ ଜୀବନ ଯାଏ ଚେଷ୍ଟା କରିଥିଲେ ।

ଖରାବର୍ଷା, ଶୀତକାକର ମଧ୍ୟରେ ସେ ଘୋର ଜଙ୍ଗଲ ଭିତରେ ଜୀବନ କଟାଇଥିଲେ । ଅଭାବ ଅସୁବିଧା, ଦୁଃଖକଷ୍ଟ ତାଙ୍କୁ ଲକ୍ଷ୍ୟ ପଥରୁ ଦୁରେଇ ଦେଇ ନଥିଲା । ସେ ଗୋଟିଏ ଦୀପଶିଖା ପରି ନିଜକୁ ତିଳତିଳ କରି ଜାଳି ଦେଇଥିଲେ । ମୁକ୍ତିର ଅଧିର ଅପେକ୍ଷାରେ ସେ ରହିଥିଲେ ଶେଷ ପର୍ଯ୍ୟନ୍ତ । ନିଜ ଜୀବନ-ଦୀପକୁ ଜଙ୍ଗଲର ଘନ ଅନ୍ଧକାର ଭିତରେ ଲିଭାଇ ଦେଇଥିଲେ । ଧନ୍ୟ ହେ ଚକ୍ର ବିଶୋଇ ! ଧନ୍ୟ ତୁମର ତ୍ୟାଗ ଆଉ ସ୍ୱାଧୀନତା ପାଇଁ ତୁମର ମମତା !!

ନିଜର ସ୍ୱାର୍ଥ ଯେତେବେଳେ ଦେଶର ସ୍ୱାର୍ଥ ସହିତ ... 

> କେବଳ ବର୍ତ୍ତ୍ୟାପଟର ସନ୍ତୁଷ୍ଟ ହୁଅନାହିଁ, ବରଂ କର୍ତ୍ତବ୍ୟ ପଥରର ଅଗ୍ରସର ହୁଅ ।
>
> –ସ୍ୱାମୀ ବିବେକାନନ୍ଦ

# ସତ୍ୟାଗ୍ରହୀ ନିରଂଜନ ପଟ୍ଟନାୟକ - ଏକ ଶ୍ରଦ୍ଧାଂଜଳି

ଶ୍ରୀ ଭବାନୀ ଶଙ୍କର ଦାଶ

୧୯୨୯ ମସିହାର କଥା । ସତ୍ୟାଗ୍ରହୀ ନିରଞ୍ଜନ ପଟ୍ଟନାୟକ ବନ୍ଧୁ ଚକ୍ରପାଣି ପ୍ରଧାନଙ୍କ ସହିତ ଲେଖିଥିଲେ ଖଣ୍ଡିଏ ଇଂରେଜୀ ପୁସ୍ତକ । ଏଇ ବହିଟି ହିନ୍ଦୁସ୍ତାନରେ ବହଳ ପଢ଼ାହେଉଥିଲା । ଓଡ଼ିଶାର ଇଂରେଜ ପ୍ରଶାସକ ତଥା ସର୍ବଭାରତୀୟ ନେତୃବୃନ୍ଦଙ୍କର ଆଖି ଖୋଲିଦେଲା ଏହି ବହି । ଉତ୍କଳର ଜାତୀୟତା ଆନ୍ଦୋଳନ ସମ୍ପର୍କରେ ଉଚ୍ଚକୋଟୀର ତଥ୍ୟମୂଳକ ଇଂରେଜୀ ଭାଷାରେ ଲିଖିତ ପୁସ୍ତକର ନାମ—"ଦି ଓଡ଼ିଆ ମୁଭ୍‌ମେଣ୍ଟ" । ଓଡ଼ିଶା ବିଷୟରେ ଅନେକ ଅଜ୍ଞାତ ତଥ୍ୟ ଏହି ପୁସ୍ତକରେ ଲିଖିତ ହୋଇଥିଲା । ଦିନେ କର୍ଜନ ସାହେବ ଉତ୍କଳୀୟମାନଙ୍କୁ ଆକ୍ଷେପ କରି କହିଥିଲେ— ଓଡ଼ିଆମାନେ ଆନ୍ଦୋଳନ କରି ଜାଣି ନାହାନ୍ତି । ସେଦିନ ଏହି ବହିଟି ପଢ଼ିଲା ପରେ ସେ ଓଠ କାମୁଡ଼ି କହି ପକାଇଥିଲେ—ଓଃ ! ମାଇଁ ଗଡ୍ !!

ସତ୍ୟାଗ୍ରହୀ ନିରଞ୍ଜନ ଜନ୍ମ ହୋଇଥିଲେ ୧୮୯୬ ମସିହା ନଭେମ୍ବର ଚଉଦ ତାରିଖ ଦିନ । ଗଞ୍ଜାମ ଜିଲ୍ଲାର ପୋଲସରା ନିକଟବର୍ତ୍ତୀ ବୁଢ଼ାକେଣ ଗାଁରେ । ପିତା ଦାମୋଦର ଦାସ (ପରେ ପଟ୍ଟନାୟକ ଉପାଧି ପ୍ରାପ୍ତ) ଆସ୍କା ମୁନସଫ୍ କୋର୍ଟରେ ନାଜର୍ ରୂପେ ଚାକିରି କରୁଥିଲେ । ଆସ୍କାରେ ଚାକିରି କରିଥିବା ହେତୁ ସେ ପରିବାରକୁ ବୁଢ଼ାକେଣରୁ ଆଣିଥିଲେ ଆସ୍କା । ଦାମୋଦରଙ୍କ ଜ୍ୟେଷ୍ଠ ପୁତ୍ର ଥିଲେ ନିରଞ୍ଜନ । ସେତେବେଳକୁ ଗଞ୍ଜାମ ଜିଲ୍ଲା ଥାଏ ମାଡ୍ରାସ ପ୍ରଦେଶ ଅଧୀନରେ । ପିଲାଦିନୁ ନିରଞ୍ଜନ ଭଲ ପଢୁଥିଲେ । ପ୍ରବେଶିକା ପରୀକ୍ଷାରେ ଶତକଡ଼ା ନବେ ନମ୍ବର ରଖି ପ୍ରଥମ ଶ୍ରେଣୀରେ ମାଡ୍ରାସ୍ ବିଶ୍ୱବିଦ୍ୟାଳୟରୁ ସେ ପାଶ୍ କଲେ । ବ୍ରହ୍ମପୁରରୁ ଆଇ.ଏସ୍‌ସି. ପାଶ୍ କରିବା ପରେ ବି.ଏ. ପଢ଼ିଥିଲେ । ତାପରେ ଓକିଲାତି ଓ କଲିକତାରୁ ଏମ୍.ଏ. ପାଶ୍ କରିଥିଲେ ।

୧୯୨୦ ମସିହାରେ ଗାନ୍ଧିଜୀଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିଲା ଅସହଯୋଗ ଆନ୍ଦୋଳନ । ନିରଞ୍ଜନବାବୁ ଏହି ଆନ୍ଦୋଳନରେ ଯୋଗ ଦେଲେ । ନିଶା ନିବାରଣ, ଚରଖା ପ୍ରଚଳନ ଓ ବୈଦେଶିକ ଦ୍ରବ୍ୟ ବର୍ଜନ କାର୍ଯ୍ୟ କରିଥିଲେ । ପୁଣ ଆନ୍ଦୋଳନରେ ସାମିଲ୍ ହେବା ପୂର୍ବରୁ ପିତା ଦାମୋଦର ଦାସ ମୃତ୍ୟୁବରଣ କରିଥିଲେ । ତଥାପି ଦେଶସେବା କାର୍ଯ୍ୟ ବାଧାପ୍ରାପ୍ତ ହୋଇ ନାହିଁ । ଇଂରେଜ୍ ସରକାରର ଆଖି ପଡ଼ିଲା ନିରଞ୍ଜନଙ୍କ କାର୍ଯ୍ୟକଳାପ ଉପରେ । ତାଙ୍କୁ ଗିରଫ କରାଯାଇ ତାମିଲନାଡୁର ତ୍ରିଚନାପଲ୍ଲୀ ଜେଲରେ ରଖାଗଲା । ଯୌବନର ଆଦ୍ୟାବସ୍ଥାରେ କଠୋର କାରାଜୀବନ ତାଙ୍କୁ ଇସ୍ପାତ ପରି କଠିନ କରି ତୋଳିଥିଲା । ୧୯୨୫ ମସିହାରେ ନିରଞ୍ଜନବାବୁ ବିବାହ କଲେ ପୁରୀ ଜିଲ୍ଲା ନିମାପଡ଼ା ନିକଟବର୍ତ୍ତୀ କୁମ୍ଭାରପଡ଼ା ଗାଁର ଜମିଦାର ଦାଶରଥି ମହାନ୍ତିଙ୍କ ଜ୍ୟେଷ୍ଠା କନ୍ୟା ବିଦ୍ୟାଧରମଣି ଦେବୀଙ୍କୁ ।

୧୯୨୭ ମସିହା ଡିସେମ୍ବର ପାଞ୍ଚ ତାରିଖ ଦିନ ମହାତ୍ମା ଗାନ୍ଧୀ ବ୍ରହ୍ମପୁରରେ ପଦାର୍ପଣ କଲେ । ଗାନ୍ଧିଜୀଙ୍କର ଏହି ଐତିହାସିକ ଗସ୍ତ ପ୍ରଚାର ଯାତ୍ରାରେ ନିରଞ୍ଜନବାବୁ ହେଲେ ଅଗ୍ରୁଆ କର୍ମୀ । ସେହି ବର୍ଷ ବ୍ରହ୍ମପୁରରୁ ସେ ପ୍ରକାଶ କରିଥିଲେ "ଗାନ୍ଧୀ ସମାଚାର" ନାମକ ବ୍ରିଟିଶ ଶାସନ ବିରୋଧୀ ସମ୍ବାଦପତ୍ର । ଅଖିଳ ଭାରତ ଚରଖା ସଂଘ ଉତ୍କଳ ଶାଖାର ପ୍ରତିନିଧିତ୍ୱ କଲେ ନିରଞ୍ଜନ ପଟ୍ଟନାୟକ । ଗାଁକୁ ଗାଁ ବୁଲି ଦରିଦ୍ର ନିରକ୍ଷର ଲୋକଙ୍କୁ ବୁଝାଇଲେ—ସୂତା କାଟି ଲୁଗା ପିନ୍ଧ, ଏହାଦ୍ୱାରା ହିଁ ସ୍ୱରାଜ୍ୟ ଆସିବ । ତାଙ୍କ ବାଣୀ ଠିକ୍ ରୂପେ କାମ ଦେଲା । ଓଡ଼ିଶାରେ ଖଦୀ ବସ୍ତ୍ରର ପ୍ରସାର ବହୁଳଭାବେ ହୋଇପାରିଲା ।

ପୁଣି ଆସିଲା ୧୯୩୦ ମସିହା । ବ୍ରିଟିଶ ଶାସିତ ଭାରତରେ ଆଇନ ଅମାନ୍ୟ ଆନ୍ଦୋଳନର ଡଙ୍କା ବାଜିଲା । ସତ୍ୟାଗ୍ରହୀ ନିରଞ୍ଜନ ନିଜର ସ୍ତ୍ରୀ ବିଦ୍ୟାଧରମଣି ଓ ନାରାୟଣୀ ସରକା ଦେବୀଙ୍କ ସହିତ ମେ' ପାଞ୍ଚ ତାରିଖ ଦିନ ଶତାଧିକ ସତ୍ୟାଗ୍ରହୀଙ୍କ ସହାୟତାରେ ହୁମାପୁରର ସମୁଦ୍ରରେ ଲୁଣ ମାରିଥିଲେ । ଲବଣ ଆଇନଭଙ୍ଗ କରିଥିବା ହେତୁ ପୁଲିସରେ ତାଙ୍କୁ ଜେଲ୍ ଦିଆଯାଇଥିଲା । ବିଦ୍ୟାଧରମଣି ଥିଲେ ତାଙ୍କର ଉପଯୁକ୍ତା ସ୍ତ୍ରୀ । ପ୍ରତ୍ୟେକ କାର୍ଯ୍ୟରେ ସେ ସ୍ୱାମୀଙ୍କୁ ସହାୟତା ଦେଉଥିଲେ ।

ଦେଶସେବାରେ ନିୟୋଜିତ ହେବାରୁ ଆର୍ଥିକ ଅନଟନ ଦିନକୁ ଦିନ ବଢ଼ିଲା । ସେଥିପାଇଁ ଦେଶ ସଂସାରୁ ସେ ଅଗ୍ରିମ ପରେ ଅର୍ଥ ନେବାରେ ଲାଗିଲେ । ଏକଥା ବାପୁଜୀଙ୍କ କାନରେ ପଡ଼ିଲା । ସେ ନିରଞ୍ଜନବାବୁଙ୍କୁ ପ୍ରାୟଶ୍ଚିତ୍ତ କରିବା ଲାଗି ନିର୍ଦ୍ଦେଶ ଦେଲେ । ଦେଶପ୍ରେମୀ ନିରଞ୍ଜନ ନିର୍ବିବାଦରେ ବାପୁଙ୍କ ଉପଦେଶ ଗ୍ରହଣ

ଥିଲେ । ବିନା ଦ୍ୱିଧାରେ ସେ ଭୂଷି ଶେଜରେ ଶୋଇଲେ ଓ ଲଜ୍ଜିତ ମସ୍ତକ ହେଲେ । କେତେଜଣ ନେତାଙ୍କଠାରେ ଏପରି ସଙ୍କୋଚ ପରିସ୍ଥ ଦେଖାଯାଏ ?

ଅର୍ଥିକ ଅନାଟନରୁ ନିସ୍ତୃତି ପାଇବା ଲାଗି ନିରଞ୍ଜନବାବୁ ଅସ୍ତାରେ ଟ୍ରିଚିନ ଓକିଲାତି କଲେ ଓ ନିଜର ଦକ୍ଷତା ଯୋଗୁଁ ଅଳ୍ପ ଦିନରେ ସୁଖ୍ୟାତି ଲାଭ କରିଥିଲେ । ୧୯୪୨ ମସିହାରେ ଦେଶବ୍ୟାପୀ ଆରମ୍ଭ ହେଲା ସ୍ୱାଧୀନତା ସଂଗ୍ରାମର ଅନ୍ତିମ ରକ୍ତକ୍ଷୟକାରୀ ସଂଗ୍ରାମ–ଭାରତ ଛାଡ ଆନ୍ଦୋଳନ । ନିରଞ୍ଜନବାବୁ ଏହି ବିପ୍ଳବରେ ପ୍ରତ୍ୟକ୍ଷ ଭାବେ ଯୋଗ ଦେଇ ନ ଥିଲେ ସତ୍ୟ ହେଲେ ଅନେକ ଆନ୍ଦୋଳନକାରୀଙ୍କୁ ବ୍ରିଟିଶ ଶାସକର ଅତ୍ୟାଚାରରୁ ମୁକ୍ତ କରିବା ଲାଗି ଅର୍ଥିକ ତଥା ଆଇନଗତ ସାହାଯ୍ୟ ପ୍ରଦାନ କରିଥିଲେ ।

"ଦି ଓଡ଼ିଆ ମୁଭ୍‌ମେଣ୍ଟ" ପୁସ୍ତକରୁ ଆରମ୍ଭ କରି ଅସହଯୋଗ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ, ଚରଖା ସଂଘର ପ୍ରତିନିଧି ତଥା ଭାରତ ଛାଡ ଆନ୍ଦୋଳନରେ ପରୋକ୍ଷ ଭାବେ ଯୋଗଦାନ ସତ୍ୟାଗ୍ରହୀ ନିରଞ୍ଜନ ପଟ୍ଟନାୟକଙ୍କ ଜୀବନକୁ ସରସ ସୁନ୍ଦର ତଥା ମଧୁମୟ କରିଥିଲା ।

୧୯୪୩ ମସିହା ଅଗଷ୍ଟ ପନ୍ଦର ତାରିଖ ଦିନର ଘଟଣା । ତାଙ୍କୁ ତେୟାଳିଶ ବର୍ଷ ଚାଲୁଥାଏ । ଜଣେ ବନ୍ଧୁଙ୍କ ଘରୁ ଭୋଜିଭାତ ଖାଇ ଅସିବା ପରେ ସେ ହଠାତ୍ ହୃଦଘାତ ରୋଗରେ ଆକ୍ରାନ୍ତ ହେଲେ । ଯେତେ ଚେଷ୍ଟା କଲେ ମଧ୍ୟ ତାଙ୍କ ରୋଗ ଭଲ ହେଲା ନାହିଁ । ସେହି ଦିନଟି ଥିଲା ତାଙ୍କ କର୍ମମୟ ଜୀବନର ଶେଷ ଦିନ । ଆମେ ତାଙ୍କ ଜୀବନାଦର୍ଶରୁ କିଛି ଶିକ୍ଷା କରି ପାରିଲେ ତାହା ହିଁ ହେବ ତାଙ୍କ ପ୍ରତି ଯଥାର୍ଥ ଶ୍ରଦ୍ଧାଞ୍ଜଳି ।

ଅଧ୍ୟାପକ, ଓଡ଼ିଆ ବିଭାଗ,
ଶିଶୁ ଅନନ୍ତ ମହାବିଦ୍ୟାଳୟ,
ବାଲିପାଟଣା, ପୁରୀ

## ପ୍ରତ୍ୟେକ ବ୍ୟକ୍ତି ପାଇଁ ଉପଦେଶ

"ମାନବିକ କ୍ରମ ବିକାଶର ଉଚ୍ଚ ସୋପାନକୁ ଉଠିବା ପାଇଁ ପ୍ରତ୍ୟେକ ବ୍ୟକ୍ତି ସମସ୍ତ ମନ୍ଦ ପ୍ରବୃତ୍ତିକୁ ଜୟ କରିବ । ପ୍ରେମ ଓ ଅହିଂସା ମାଧ୍ୟମରେ ସତ୍ୟର ସନ୍ଧାନ କରିବ ଏବଂ ସତ୍ୟ ଉପରେ ଆଧାରିତ ଜୀବନଯାପନ କରିବ । ପ୍ରେମ-ସେବା-ତ୍ୟାଗ ଓ ଗଠନମୂଳକ କାର୍ଯ୍ୟରେ ଅର୍ପିତ ଜୀବନହିଁ ବାଞ୍ଛନୀୟ । ଆପଣ ଯେଉଁ ସତ୍ୟକୁ ଦେଖି ପାରୁଛନ୍ତି, ଯଦି ଅନ୍ୟ ଲୋକ ସେହି ସତ୍ୟକୁ ଦେଖି ପାରୁ ନ ଥିବେ, ସେଥିପାଇଁ ଆପଣ ପ୍ରେମ, ସେବା ଓ ତ୍ୟାଗ ଦ୍ୱାରା ତାଙ୍କ ମନରେ ଆପଣଙ୍କର ସତ୍ୟକୁ ସାବ୍ୟସ୍ତ କରାଇ ତାଙ୍କୁ ନିଜ ମତକୁ ଆଣିବେ । ତାଙ୍କ ଉପରେ ଚାପ ବା ହିଂସା ପ୍ରୟୋଗ କରି ଆପଣଙ୍କ ସତ୍ୟକୁ ତାଙ୍କ ଉପରେ ଲଦି ଦେବେ ନାହିଁ ।



ମୁଁ ଏପରି ଏକ ଭାରତ ପାଇଁ କାର୍ଯ୍ୟ କରିବି ଯେଉଁଠାରେ କି ଦରିଦ୍ରତମ ବ୍ୟକ୍ତି ମଧ୍ୟ ଏ ଦେଶକୁ ନିଜର ବୋଲି ଉପଲବ୍ଧି କରିବେ ଓ ଦେଶ ଶାସନରେ ତାଙ୍କ ମତର ମୂଲ୍ୟ ରହିଛି ବୋଲି ଅନୁଭବ କରିବେ । ଭାରତ ଏଭଳି ଗୋଟିଏ ରାଷ୍ଟ୍ର ହେବ ଯେଉଁଠାରେ କି ଉଚ୍ଚନୀଚ୍ଚ ଭେଦଭାବ ରହିବ ନାହିଁ । ଭାରତରେ ସବୁ ସଂପ୍ରଦାୟର ଲୋକମାନେ ପୁରାପୁରି ସୁଖ ସ୍ୱାଚ୍ଛନ୍ଦ୍ୟରେ ବସବାସ କରିପାରିବେ । ଭାରତରେ ଅସ୍ପୃଶ୍ୟତାର ନାମଗନ୍ଧ ରହିବ ନାହିଁ କି ନିଶାଦ୍ରବ୍ୟାଦି ସେବନ କରାଯିବ ନାହିଁ । ଏଠାରେ ସ୍ତ୍ରୀମାନେ ମଧ୍ୟ ପୁରୁଷମାନଙ୍କ ସହ ସମାନ ଅଧିକାର ଉପଭୋଗ କରି ପାରିବେ ।

# ଶ୍ରୀ ଅରବିନ୍ଦଙ୍କ ସ୍ୱପ୍ନର ଭାରତ

ଶ୍ରୀ ଜୟକୃଷ୍ଣ ସାହୁ

## ସ୍ୱପ୍ନର ଭାରତ :

କେଉଁ ଅବିସ୍ମରଣୀୟ ପ୍ରାଚୀନ କାଳରୁ ଭାରତ ସମଗ୍ର ବିଶ୍ୱର ସ୍ୱପ୍ନର ଭୂମି ହୋଇ ରହି ଆସିଅଛି । ସମଷ୍ଟିକ ଆଦର୍ଶର ପୁଣ୍ୟଭୂମି ଭାବରେ ଯୁଗେଯୁଗେ ଏହାର ମାହାତ୍ମ୍ୟ, ଗୌରବ ଓ ପଣ ପ୍ରକାଶିତ । ବୈଦେଶିକ ପରିଦର୍ଶକ ତଥା ପ୍ରଖ୍ୟ ଐତିହାସିକମାନଙ୍କ ବିବରଣୀରେ ଏହାର ମହିମା ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ । ଦୁର୍ଭାଗ୍ୟବଶତଃ ଏହି ପୁଣ୍ୟ ତଥା ସମୃଦ୍ଧ ଦେଶ, ଦୀର୍ଘ ପରାଧୀନତାରେ ସ୍ୱକୀୟ ମହିମା ଓ ସମୃଦ୍ଧିକୁ କ୍ଷୁଣ୍ଣ କରି ବସିଲା । ସର୍ବଂକଷ ବ୍ରିଟିଶ–ପରାଧୀନତାରେ ଏହି କ୍ଷୁଣ୍ଣତା ଚରମ ପର୍ଯ୍ୟାୟରେ ଉପନୀତ ହୋଇଥିଲା । ବିପର୍ଯ୍ୟୟର ଉକ୍ତ ଶୋଚନୀୟ ପରିପ୍ରେକ୍ଷୀରେ ବହୁ ଜାତୀୟବାଦୀ ନେତୃପୁରୁଷ ସେହି ସ୍ୱପ୍ନର ଭାରତର ପୁନର୍ଜାଗରଣ ପାଇଁ ଉଦ୍ୟମୀ ହେଲେ । ସେମାନଙ୍କ ମଧ୍ୟରେ ସ୍ୱାମୀ ଦୟାନନ୍ଦ, ସ୍ୱାମୀ ବିବେକାନନ୍ଦ, ଗୋପାଳକୃଷ୍ଣ ଗୋଖଲେ, ମହାତ୍ମା ଗାନ୍ଧୀ, ଯୋଗୀ ଅରବିନ୍ଦ ପ୍ରମୁଖଙ୍କ ନାମ ଉଲ୍ଲେଖଯୋଗ୍ୟ । କହିବା ବାହୁଲ୍ୟ ଯେ, ଶ୍ରୀ ଅରବିନ୍ଦଙ୍କ 'ସ୍ୱପ୍ନର ଭାରତ' ଯେପରି ତାତ୍ପର୍ଯ୍ୟପୂର୍ଣ୍ଣ ଓ ମହିମାନ୍ୱିତ, ସେହିପରି ଚିରନ୍ତନତାରେ ଅତୁଳନୀୟ ।

## ଅରବିନ୍ଦଙ୍କ ସ୍ୱପ୍ନର ଭାରତ :

ଶ୍ରୀ ଅରବିନ୍ଦ ପାଶ୍ଚାତ୍ୟ ଦେଶରେ ଶିକ୍ଷା ପାଇ, ପାଶ୍ଚାତ୍ୟ ସଭ୍ୟତା ଓ ସଂସ୍କୃତିର ପୂର୍ଣ୍ଣ ସଂସ୍ପର୍ଶରେ ରହି ମଧ୍ୟ, ଚିରନ୍ତନ ସ୍ୱପ୍ନର ଭାରତକୁ ସର୍ବଦା ପ୍ରତ୍ୟକ୍ଷ କରୁଥିଲେ । ପାଶ୍ଚାତ୍ୟ ଶିକ୍ଷା ସଭ୍ୟତାରେ ସମ୍ପୂର୍ଣ୍ଣ ବିକଶିତ, ଏପରିକି ନିଜ ମାତୃଭାଷା ବଙ୍ଗଳା ଶିକ୍ଷାରେ ଅନଭିଜ୍ଞ ଶ୍ରୀ ଅରବିନ୍ଦଙ୍କ ମାନସରେ ସ୍ୱପ୍ନର ଭାରତ–ଭାବନା ଅତ୍ୟନ୍ତ ବିସ୍ମୟକର ବୋଧ ହେଉଥିଲେ ହେଁ, ସତେ ଯେପରି ତାଙ୍କର ସହଜାତ ଥିଲା । ଭାରତର ପୁନର୍ଜାଗରଣ ପରିପ୍ରେକ୍ଷୀରେ ଏହା ବିଧି–ନିର୍ଦ୍ଦିଷ୍ଟ ଥିଲା, କହିଲେ ଅତ୍ୟୁକ୍ତି ହେବ ନାହିଁ ।

୧୯୦୫ ମସିହାରେ ୩୨ ବର୍ଷ ବୟସରେ ଶ୍ରୀ ଅରବିନ୍ଦ ତାଙ୍କ ପତ୍ନୀଙ୍କ ନିକଟକୁ ଜୀବନର ଲକ୍ଷ୍ୟ ବିଷୟରେ ଖଣ୍ଡିଏ ପତ୍ର ଲେଖିଥିଲେ । ସେଥିରେ ତାଙ୍କ ସ୍ୱପ୍ନକୁ 'ପାଗଳାମି' ଆଖ୍ୟା ଦେଇ ଉଲ୍ଲେଖ କରିଥିଲେ, "ମୋର ପ୍ରଥମ ପାଗଳାମି ଏହି ଯେ, ଭଗବାନ ମୋତେ ଯେଉଁ ଗୁଣ, ପ୍ରତିଭା, ଉଚ୍ଚଶିକ୍ଷା, ବିଦ୍ୟା ଓ ଧନ ଦେଇଛନ୍ତି; ସେସବୁ ତାଙ୍କର । ପରିବାରର ଭରଣପୋଷଣ ପାଇଁ ଯାହା ବ୍ୟୟ ହେବ, ଆଉ ଯାହା ନିତାନ୍ତ ଆବଶ୍ୟକ, ସେତିକି ମାତ୍ର ବ୍ୟୟ କରିବାର ଅଧିକାର ଅଛି । ଅବଶିଷ୍ଟ ଯାହା ରହିଲା, ସେସବୁକୁ ଭଗବାନଙ୍କୁ ଫେରାଇ ଦେବା ଉଚିତ । ଭଗବାନଙ୍କୁ ସାକ୍ଷାତ୍ ଦର୍ଶନ କରିବା ମୋର ଦ୍ୱିତୀୟ ପାଗଳାମି । ତାଙ୍କୁ ଦର୍ଶନ କରିବାର ପଥ ଯେତେ ଦୁର୍ଗମ ହେଉ ପଛକେ, ମୁଁ ସେହି ପଥରେ ଆଗେଇବା ପାଇଁ ଦୃଢ–ସଂକଳ୍ପ । ମୋର ତୃତୀୟ ପାଗଳାମି–ସ୍ୱଦେଶକୁ ଅନ୍ୟଲୋକେ ଏକ ଜଡ ପଦାର୍ଥ, ପଡିଆ ଭୂମି, ବଣ–ପର୍ବତ–ନଦୀର ଖେଳ ବୋଲି ମନେ କରନ୍ତି; ମୁଁ କିନ୍ତୁ ସ୍ୱଦେଶକୁ 'ମା' ବୋଲି ଜାଣେ । ତାଙ୍କୁ ଭକ୍ତି କରେ, ପୂଜା କରେ । ମା'ଙ୍କ ବୁକୁ ଉପରେ ଯଦି ଗୋଟାଏ ରାକ୍ଷସ ବସି ରକ୍ତପାନ ପାଇଁ ଉଦ୍ୟତ ହୁଏ, ତେବେ ପୁଅ କ'ଣ କରେ ? କ'ଣ ନିଶ୍ଚିନ୍ତ ଭାବରେ ଆହାର କରି ବସେ, ସ୍ତ୍ରୀ–ପୁତ୍ର ସଙ୍ଗେ ଆନନ୍ଦ–ଉପଭୋଗ କରିବାକୁ ଚାହେଁ; ନା, ମା'କୁ ଉଦ୍ଧାର କରିବାକୁ ଧାଇଁଯାଏ ? ମୁଁ ଜାଣେ ଯେ, ଏହି ପତିତ ଜାତିକୁ ଉଦ୍ଧାର କରିବାକୁ ମୋର ବଳ ଅଛି । ଶାରୀରିକ ବଳ ନୁହେଁ, ତରବାରୀ ବା ବନ୍ଧୁକ ବଳ ନେଇ ମୁଁ ଯୁଦ୍ଧ କରିବାକୁ ଚାହେଁ ନାହିଁ । ମୁଁ ଚାହେଁ, ଜ୍ଞାନ ବଳରେ ଯୁଦ୍ଧ କରିବାକୁ । କ୍ଷାତ୍ର ତେଜ ଏକମାତ୍ର ତେଜ ନୁହେଁ, ବ୍ରହ୍ମତେଜ ମଧ୍ୟ ଅଛି । ସେହି ତେଜ, ଜ୍ଞାନ ଉପରେ ପ୍ରତିଷ୍ଠିତ । ଏହି ଭାବ ମୋର କିଛି ନୂତନ ନୁହେଁ, ଏହି ଭାବ ନେଇ ମୁଁ ଜନ୍ମିଥିଲି । ଏହି ମହାବ୍ରତ ସାଧନ କରିବାକୁ ଭଗବାନ ମୋତେ ପୃଥିବୀକୁ ପଠାଇଛନ୍ତି ।"

ଏକାନ୍ତ ପାରିବାରିକ ପତ୍ରରେ ଶ୍ରୀ ଅରବିନ୍ଦଙ୍କର ସ୍ୱପ୍ନର ସ୍ୱାଧୀନ ଭାରତର ରୂପାୟନ ଏବଂ ତାହାର କାର୍ଯ୍ୟକାରିତା ପାଇଁ ସଂକଳ୍ପ ଗ୍ରହଣ, ତାଙ୍କ ଦେଶପ୍ରେମର ଚରମ ପରିପ୍ରକାଶ । ଆଲିପୁର–କାରାବାସ–କାଳୀନ ପ୍ରାର୍ଥନାରେ ମଧ୍ୟ, ତାଙ୍କର ଏତାଦୃଶ ଦେଶପ୍ରେମ ପ୍ରକଟିତ ହୋଇଛି । ସେ ନିବେଦନ କରିଛନ୍ତି, "ମୁଁ ମୁକ୍ତି ଚାହୁଁ

ନାହିଁ । ଅନ୍ୟମାନଙ୍କ ପରି ମୁଁ କୌଣସି ବସ୍ତୁ ଚାହୁଁ ନାହିଁ; କେବଳ ଚାହୁଁଛି–ଏହି ଜାତିକୁ ଉଠାଇବାକୁ ମୋତେ ଶକ୍ତି ଦିଅ । ମୁଁ ଚାହୁଁଛି– ମୋ ପରମପ୍ରିୟ ଜାତି ପାଇଁ ବଞ୍ଚୁରହେ, କାର୍ଯ୍ୟ କରେ ଓ ଆତ୍ମବଳି ଦିଏ ।

## ସ୍ୱପ୍ନର ସ୍ୱରୂପ ଓ ସୁପରିକଳ୍ପିତ–ପର୍ଯ୍ୟାୟ :

ଶ୍ରୀ ଅରବିନ୍ଦଙ୍କ ସ୍ୱାଧୀନ ଭାରତର ସ୍ୱପ୍ନ, ଅନ୍ୟ ମହାପୁରୁଷମାନଙ୍କ ସ୍ୱପ୍ନଠାରୁ ବରଂ ଅଧିକ ମହନୀୟ ଥିଲା । ସ୍ୱାମୀ ବିବେକାନନ୍ଦଙ୍କର ସ୍ୱପ୍ନ ଥିଲା, ସ୍ୱାଧୀନ ବୈଦାନ୍ତିକ ଭାରତ, ଯାହାର ଲକ୍ଷ୍ୟ ଥିଲା ସ୍ୱାଧୀନ ଭାରତର ସାମଗ୍ରିକ ସହଯୋଗ–ଭିତ୍ତିକ ଉତ୍ତରଣ । ମହାତ୍ମା ଗାନ୍ଧୀ ତାଙ୍କ ସ୍ୱାଧୀନ ଭାରତକୁ ଏକ 'ବୁଦ୍ଧିଦୀପ୍ତ ଅରାଜକ ରାଷ୍ଟ୍ର'ରୂପେ କଳ୍ପନା କରିଥିଲେ । ସନ୍ଥ ବିନୋବାଜୀଙ୍କ ସ୍ୱପ୍ନରେ ସ୍ୱାଧୀନ ଭାରତ ଥିଲା, 'ଶାସନ ବିହୀନ ସମାଜ' । ଶ୍ରୀ ଅରବିନ୍ଦଙ୍କ ସ୍ୱପ୍ନର ଭାରତରେ ଏ ସବୁର ସାବଲୀଳ ସମନ୍ୱୟ ସଂଘଟିତ ହୋଇଥିଲା । ଏହାର ରୂପରେଖ ତାଙ୍କର ତା ୧୫–୮–୧୯୪୭ରିଖ ପ୍ରଥମ ସ୍ୱାଧୀନତା ଦିବସର ବକ୍ତବ୍ୟରେ ସ୍ପଷ୍ଟତଃ ପ୍ରକଟିତ ହୋଇଛି । ସେ କହିଛନ୍ତି, ତା ୧୫–୮–୧୯୪୭ରିଖ ସ୍ୱାଧୀନ ଭାରତର ଜନ୍ମ ଦିବସ । ଏହା ଭାରତବର୍ଷ ପାଇଁ ଏକ ପ୍ରାଚୀନ ଯୁଗର ଅବସାନ ଏବଂ ଏକ ନବୀନ ଯୁଗର ଅଭ୍ୟୁତ୍ଥାନର ସୀମା ନିର୍ଦ୍ଧାରଣ କରିଛି । ବିଶ୍ୱରେ ମାନବ ସମାଜର ରାଜନୈତିକ, ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ଭବିଷ୍ୟତ ନିର୍ମାଣରେ ଏହି ଯେଉଁ ନବୀନ ଯୁଗ ଆସିଛି, ତାହା ମଧ୍ୟରେ ଏହି ଦିବସର ଗୁରୁତ୍ୱକୁ ଆମେ ଏକ ସ୍ୱାଧୀନ ଜାତିଭାବେ ନବଜୀବନ ଓ କର୍ମ ଦ୍ୱାରା ବଜାୟ ରଖିପାରିବା ।

"ଅଗଷ୍ଟ ୧୫ ତାରିଖ ମୋ ଜନ୍ମଦିନ । ସ୍ୱାଭାବିକଭାବେ ମୋ ପକ୍ଷରେ ଏହା ଆନନ୍ଦର ଦିନ । କାରଣ ଏହି ଦିବସଟି ଅର୍ଜନ କରିଛି ଏକ ଗୁଢତର ଅର୍ଥ । ଏହି ଯୋଗାଯୋଗକୁ ମୁଁ ଏକ କାକତାଳୀୟ ଘଟଣା ବୋଲି ଗ୍ରହଣ କରିନାହିଁ । ବରଂ ମନେକରେ ଯେଉଁ ଭଗବତ୍ ଶକ୍ତିଙ୍କର ପରିଚାଳନାରେ ମୋର କର୍ମଜୀବନ ଆରମ୍ଭ ହୋଇଥିଲା, ତାହାର ପୂର୍ଣ୍ଣ ଫଳୋଦ୍‌ଗମର ସମୟ ସମାଗତ । ତାହା ଆଜି ତାଙ୍କର ସ୍ୱୀକୃତି ଓ ସମର୍ଥନ ଲାଭ କରିଛି । ବାସ୍ତବରେ ଏହି ଦିବସରେ ମୁଁ ବିଶ୍ୱ–କ୍ରିୟାବଳୀକୁ ଲକ୍ଷ୍ୟ କରୁଛି । ସେସବୁ ସଫଳ ହେବାକୁ ଯାଉଛି ବା ସଫଳତାର ପଥରେ । ଏହିସବୁ କ୍ରିୟାଧାରା ମଧ୍ୟରେ ସ୍ୱାଧୀନ ଭାରତ ଏକ ବିଶାଳ ଭୂମିକା ଗ୍ରହଣ କରିପାରେ କିମ୍ବା ଗୁରୁତ୍ୱପୂର୍ଣ୍ଣ ନେତୃତ୍ୱ ନେଇପାରେ ।

ମୋର ପ୍ରଥମ ସ୍ୱପ୍ନ ହେଲା, ଏକ ବୈପ୍ଳବିକ ଆନ୍ଦୋଳନ, ଯାହାଦ୍ୱାରା ଏକ ଅଖଣ୍ଡ ଏବଂ ସ୍ୱାଧୀନ ଭାରତ ଆତ୍ମପ୍ରକାଶ କରିବ । ଭାରତ ଆଜି ସ୍ୱାଧୀନତା ପାଇଛି ସତ୍ୟ, କିନ୍ତୁ ସେ ଅଖଣ୍ଡତା ଲାଭ କରିନାହିଁ । ବ୍ରିଟିଶ–ଶାସନର ଅବ୍ୟବହିତ ପୂର୍ବେ ଭାରତ ଯେପରି ବହୁ କ୍ଷୁଦ୍ର ରାଜ୍ୟରେ ବିଭକ୍ତ ହୋଇ ବିଶୃଙ୍ଖଳିତ ହୋଇ ପଡିଥିଲା ମନେ ହେଉଥିଲା, ସ୍ୱାଧୀନତା ଦ୍ୱାରା ପୁଣି ସେହି ସ୍ତରକୁ ଖସିଯିବ । କିନ୍ତୁ ସୌଭାଗ୍ୟର କଥା, ବର୍ତ୍ତମାନ ବୋଧ ହେଉଛି–ଏହି ବିପଦକୁ ଦୂର କରାଯାଇ ପାରିବ ଏବଂ ପରିପୂର୍ଣ୍ଣ ଅଖଣ୍ଡତା ପ୍ରତିଷ୍ଠିତ ନ ହୋଇ ପାରିଲେ ମଧ୍ୟ, ଏକ ସୁଦୃଢ ଏକତା ପ୍ରତିଷ୍ଠା କରାଯାଇ ପାରିବ । X X X । କିନ୍ତୁ ମନେହୁଏ, ଯେପରି ହିନ୍ଦୁ ମୁସଲମାନଙ୍କର ପ୍ରାଚୀନ ଧର୍ମଗତ ଦ୍ୱନ୍ଦ୍ୱ, ଆଜି ଅତ୍ୟନ୍ତ ତୀବ୍ର ହୋଇ ଦେଶର ସ୍ଥାୟୀ ରାଜନୈତିକ ବିଭକ୍ତି କାରଣ କରିଛି । କିନ୍ତୁ ଏହାକୁ ଏକ ମୀମାଂସିତ ଘଟଣ ବୋଲି ଚିରକାଳ ଗ୍ରହଣ କରାଯାଇ ନ ପାରେ । ବରଂ ବିଶ୍ୱାସ ରଖିବା ଉଚିତ, ଏହା ଏକ ସାମୟିକ ଅସ୍ଥାୟୀ ବ୍ୟବସ୍ଥାଠାରୁ ଅଧିକ କିଛି ନୁହେଁ । X X X । ଯେ କୌଣସି ଉପାୟରେ ହେଉ, ଯେ କୌଣସି ପନ୍ଥାରେ ହେଉ, ଏ ଦେଶ ବିଭାଗ ନିଶ୍ଚୟ ଲୋପ ପାଇବ । ଯେ କୌଣସି ମତେ ଐକ୍ୟ ପ୍ରତିଷ୍ଠା କରିବାକୁ ହେବ । କାରଣ ଭାରତର ଭାବୀ ମହାନତା ପାଇଁ ଏହା ପ୍ରୟୋଜନୀୟ ।

"ଦ୍ୱିତୀୟ ସ୍ୱପ୍ନ ହେଲା, ଏସିଆର ରାଷ୍ଟ୍ରମାନଙ୍କର ପୁନରୁତ୍‌ଥାନ ତଥା ସ୍ୱାଧୀନତା ଏବଂ ମାନବ–ସଭ୍ୟତାର ବିକାଶରେ ମହାନ୍ ଏସିଆର ଅଂଶ ଗ୍ରହଣ । X X X ।"

"ତୃତୀୟ ସ୍ୱପ୍ନ ହେଲା, ମାନବ–ସମାଜର ବାହ୍ୟ ଜୀବନକୁ ଅଧିକ ସୁନ୍ଦର, ଉଜ୍ଜ୍ୱଳ, ଆଦର୍ଶସ୍ଥାନୀୟ କରିବା ପାଇଁ ଜାତିସଂଘ ପ୍ରତିଷ୍ଠା । X X X ।"

"ଚତୁର୍ଥ ସ୍ୱପ୍ନ ହେଲା, ବିଶ୍ୱକୁ ଭାରତର ଆଧ୍ୟାତ୍ମିକ ଦାନ । ଇତି ମଧ୍ୟରେ ତାହା ଆରମ୍ଭ ହୋଇ ଯାଇଛି । X X X । ଏ ଯୁଗର ବିପର୍ଯ୍ୟୟ ଓ ଅଶାନ୍ତି ମଧ୍ୟରେ ଅଧିକରୁ ଅଧିକ ବ୍ୟକ୍ତି ଭାରତ ପ୍ରତି ଆଶ ଓ ଭରସା ସହ ଦୃଷ୍ଟିପାତ କରୁଛନ୍ତି ।"

"ପଞ୍ଚମ ସ୍ୱପ୍ନ ହେଲା, ବିବର୍ତ୍ତନର ଧାରାରେ ଏପରି ଏକ ପଦକ୍ଷେପ ନେବା, ଯାହା ମନୁଷ୍ୟକୁ ଏକ ଉଚ୍ଚତର ଓ ବିଶାଳତର ଚେତନାରେ ଉନ୍ନୀତ କରିବ ଏବଂ ସେହି ସବୁ ସମସ୍ୟାର ସମାଧାନ ଆଣିବ – ଯେଉଁ ସମସ୍ୟା ସକଳ ମନୁଷ୍ୟକୁ ବ୍ୟସ୍ତ ଓ ବିଚଳିତ କରିଛି, ଯେବେଠୁଁ ସେ ବ୍ୟକ୍ତିଗତ ପୂର୍ଣ୍ଣତା ଓ ସାମାଜିକ ପୂର୍ଣ୍ଣତାର କଥା ଚିନ୍ତା କରିଛି ଓ ସ୍ୱପ୍ନ ଦେଖୁଛି । ପୁନଶ୍ଚ ଯଦି ବିବର୍ତ୍ତନରେ ଏହି ପଦକ୍ଷେପ ଗ୍ରହଣ କରିବାକୁ ହୁଏ, କେବଳ ଅନ୍ତର୍ଚେତନା ଓ ଅନ୍ତରାତ୍ମାର ବିକାଶ ଦ୍ୱାରା, ଭାରତ ଏ କ୍ଷେତ୍ରରେ ପ୍ରଥମେ ଉଦ୍ୟମ ଆରମ୍ଭ କରିବ । X X X ।"

## ସ୍ୱପ୍ନର କେନ୍ଦ୍ର–ବିନ୍ଦୁ – ଅଖଣ୍ଡ ଭାରତ :

ଶ୍ରୀ ଅରବିନ୍ଦଙ୍କ ସ୍ୱପ୍ନର ସାମଗ୍ରିକ ଲକ୍ଷ୍ୟ ଭାରତର ପରିପୂର୍ଣ୍ଣ, ଅଖଣ୍ଡ ସ୍ୱାଧୀନତା । ସେ କହିଛନ୍ତି, "ସମଗ୍ର ବିଶ୍ୱର ଓ ମାନବ–ସମାଜର ମୁକ୍ତି ଲାଗି ପ୍ରଥମେ ଭାରତକୁ ମୁକ୍ତ ହେବାକୁ ପଡିବ । କାରଣ ଭବିଷ୍ୟତ ଯୁଗରେ ଭାରତ ହିଁ ହେବ ସମଗ୍ର ପୃଥିବୀର ଗୁରୁ । ପୃଥିବୀରେ ବର୍ତ୍ତମାନ ଯେଉଁ ଅସତ୍ୟ, ଅଜ୍ଞାନତା ଓ ମୂଢତା ଇତ୍ୟାଦି ଘନୀଭୂତ ହୋଇ ରହିଛି, ତାକୁ ଦୂରୀଭୂତ କରି, ଜ୍ଞାନ ଓ ସତ୍ୟର ଆଲୋକ ବିସ୍ତାର କରିବାର ସାମର୍ଥ୍ୟ ଓ ଶକ୍ତି ଏକା ଭାରତବର୍ଷର ହିଁ ରହିଛି, ଯଦିବ ଆତ୍ମଶକ୍ତିକୁ ଉପଲବ୍ଧି କରି ଓ ତାହାକୁ ସାଧନା ବଳରେ ଜାଗ୍ରତ କରାଇ ସମସ୍ତ ବିଶ୍ୱ–ପ୍ରକୃତି–କ୍ଷେତ୍ରରେ ତା'ର ପ୍ରୟୋଗ କରିବା ଆବଶ୍ୟକ । ଭାରତର ଏହି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିମିତ୍ତ ପ୍ରଥମେ ତାକୁ ରାଜନୈତିକ ଓ ଅନ୍ୟାନ୍ୟ ପରାଧୀନତାରୁ ମୁକ୍ତିଲାଭ କରିବାକୁ ପଡିବ ।"

ଶ୍ରୀ ଅରବିନ୍ଦଙ୍କ ସ୍ୱପ୍ନର ଭାରତ ସର୍ବୋପରି ଥିଲା, – ଏକ ଶାଶ୍ୱତ, ଆଧ୍ୟାତ୍ମିକ ଭାରତ । ତେଣୁ ସେ ୧୯୧୦ ମସିହାରେ ଜାତୀୟତା ତଥା ସ୍ୱାଧୀନତା–ସଂଗ୍ରାମରୁ ଅପସରି ପୂର୍ଣ୍ଣ ଯୋଗ ସାଧନାରେ ନିମଗ୍ନ ହୋଇଥିଲେ । ଆଧ୍ୟାତ୍ମିକ ଭାରତର ଅଭ୍ୟୁତ୍‌ଥାନ ତଥା ଏହି ପରିପ୍ରେକ୍ଷୀରେ ବିଶ୍ୱକୁ ଭାରତର ନେତୃତ୍ୱ ଦାନ, ତାଙ୍କ ଯୋଗର ଲକ୍ଷ୍ୟ ଥିଲା । ତାଙ୍କ ଯୋଗଶକ୍ତି–ପ୍ରଭାବରେ ଭାରତ ବହୁ ପୂର୍ବରୁ ସ୍ୱାଧୀନତା ଲାଭ କଲା । ଏଣୁ ତାଙ୍କ ଜନ୍ମ ତଥା ସିଦ୍ଧି ଦିବସ ଅଗଷ୍ଟ ପନ୍ଦର ତାରିଖରେ ସଂଘଟିତ ହେଲା ।

ଶ୍ରୀ ଅରବିନ୍ଦଙ୍କ ଯୋଗ ଓ ଆଧ୍ୟାତ୍ମିକତା ଅନ୍ୟାନ୍ୟ ଯୋଗୀ–ଋଷିଙ୍କ ଆଧ୍ୟାତ୍ମିକତା ପରି ସ୍ୱକୀୟ ମୋକ୍ଷ ପାଇଁ ଉଦ୍ଦିଷ୍ଟ ନ ଥିଲା ।

ତାହା ମାନବ କଲ୍ୟାଣ ଓ ସମଗ୍ର ସୃଷ୍ଟିର ମଙ୍ଗଳ ନିମନ୍ତେ ଉଦ୍ଦିଷ୍ଟ ଥିଲା । ଏହି ପରିପ୍ରେକ୍ଷୀରେ ଊନବିଂଶ ଶତାବ୍ଦୀର ଶେଷ ଭାଗରେ ଭାରତର ଅଭ୍ୟୁତ୍ଥାନ ବିଶ୍ୱ କଲ୍ୟାଣ ଦୃଷ୍ଟିରୁ ଅତି ପ୍ରେତ ଓ ବିଧି-ନିର୍ଦ୍ଦିଷ୍ଟ ଥିଲା । ଶ୍ରୀ ଅରବିନ୍ଦ ମୁକ୍ତ ଓ ସ୍ପଷ୍ଟ କଣ୍ଠରେ ଘୋଷଣ କରିଛନ୍ତି, "ଭାରତ ଧ୍ୱଂସ ହୋଇ ନ ପାରେ, ଅସ୍ମମାନଙ୍କର ଜାତି ଲୁପ୍ତ ହୋଇ ନ ପାରେ; କାରଣ – ମାନବ ଗୋଷ୍ଠୀସମୂହ ମଧ୍ୟରେ ଭାରତ ପାଇଁ ନିର୍ଦ୍ଦିଷ୍ଟ ରହିଛି – ସମଗ୍ର ମାନବ ଜାତିର ହିତାର୍ଥେ ଅପରିହାର୍ଯ୍ୟ ଏକ ଉଚ୍ଚତମ ଓ ମହତ୍ତମ ସିଦ୍ଧି । ନିଜ ମଧ୍ୟରୁ ତାହାକୁ ସମସ୍ତ ଜଗତର ଭାବୀ ଧର୍ମକୁ ଟେକି ଧରିବାକୁ ହେବ । ସେହି ସନାତନ ଧର୍ମ, ବିଜ୍ଞାନ ଏବଂ ଜୀବନର ସାମଞ୍ଜସ୍ୟ ଓ ସମନ୍ୱୟ ପ୍ରାପ୍ତ ହୁଏ, ଯାହା ସମଗ୍ର ମାନବ ଜାତିକୁ ଏକାତ୍ମ କରେ ।"

## ଅଖଣ୍ଡ ଭାରତର ବିଶ୍ୱ ପ୍ରତି ଅବଦାନ :

ଏହାର କ୍ରମୋନ୍ମେଷରେ ଶ୍ରୀ ଅରବିନ୍ଦ ଭାରତର ସ୍ୱାଧୀନତା ପରି ଏସିଆ ମହାଦେଶର ସ୍ୱାଧୀନତା, ଜାତିସଂଘ ପ୍ରତିଷ୍ଠା, ଭାରତର ବିଶ୍ୱ ପ୍ରତି ଅବଦାନ ଏବଂ ସର୍ବୋପରି ଏକ ଉଚ୍ଚତର ତଥା ବିଶାଳତର ଚେତନାର ଉତ୍ତରଣ ପରିପ୍ରେକ୍ଷୀରେ ମାନବ ଜାତିର ବିବର୍ତ୍ତନର ପରିକଳ୍ପନା କରିଛନ୍ତି । ଏହି ଅଭିନବ ଚେତନା ହିଁ ମାନବର ଅନ୍ତରାତ୍ମା ବା ଚୈତ୍ୟସତ୍ତା ଅଥବା ସମଷ୍ଟି ଜୀବନ – ନିହିତ ସତ୍ତା । ପ୍ରକାରଭେଦ ଓ ପାର୍ଥକ୍ୟ ସତ୍ତ୍ୱେ ଏହା ଏକ, ଅଖଣ୍ଡ, ଅବ୍ୟୟ ଓ ଶାଶ୍ୱତ । ଏହା ଯଥାର୍ଥରେ ଗୋଷ୍ଠୀ ଆତ୍ମା (Group Soul) ବା ଜାତୀୟ-ଆତ୍ମା (National Soul) ।ବ୍ୟକ୍ତିର ମୃତ୍ୟୁ ପରେ ଆତ୍ମା ଦିବ୍ୟାଲୋକକୁ ଫେରିଗଲା ପରି, କୌଣସି କାରଣରୁ ସମଗ୍ର ଦେଶ ବା ଜାତିର ମୃତ୍ୟୁ ଘଟିଲେ, ତାହାର ଆତ୍ମା ଚିରଦିନ ପାଇଁ ବିଶ୍ରାମ ଲୋକକୁ ଚାଲିଯାଏ । ଗ୍ରୀକ୍, ରୋମ୍, ଇଜିପ୍ଟ, ବାବିଲୋନ୍ ପ୍ରଭୃତି ଦେଶ ଓ ଜାତି ମୃତ ଏବଂ ଚିରଦିନ ନିମିତ୍ତ ସେମାନଙ୍କର ଅନ୍ତରାତ୍ମା ଅନ୍ତର୍ହିତ ହୋଇଛି । ଦେଶ ଓ ଜାତିଭାବରେ କିନ୍ତୁ ଭାରତ ଅଦ୍ୟ ପର୍ଯ୍ୟନ୍ତ ବଞ୍ଚିଛି । ଅବହମାନ କାଳର ଭାରତର ବଞ୍ଚି ରହିବାର ରହସ୍ୟ ଉଦ୍‌ଘାଟନ କରି ଶ୍ରୀ ଅରବିନ୍ଦ କହିଛନ୍ତି, "ପ୍ରତ୍ୟେକ ଜାତି ହେଲା, ବିବର୍ତ୍ତମାନ ଆତ୍ମାର ଏକ ଶକ୍ତି । ତାହା ଯେଉଁ ତତ୍ତ୍ୱକୁ ମୂର୍ତ୍ତ କରିଥାଏ, ତାହାରି ଦ୍ୱାରା ହିଁ ବଞ୍ଚିରହେ । ଏହି ପରିପ୍ରେକ୍ଷୀରେ 'ଭାରତ-ଶକ୍ତି' ଏକ ମହାନ ଆଧ୍ୟାତ୍ମ୍ୟ-ତତ୍ତ୍ୱର ସଞ୍ଜୀବିତା ଦେବୀ ଏବଂ ତାହାଙ୍କ ପ୍ରତି ବିଶ୍ୱସ୍ତ ହେବାହିଁ ଭାରତର ଅସ୍ତିତ୍ୱର ପ୍ରଧାନ ଧର୍ମ । ଏହାର ପୁଣ୍ୟ ବଳରେ ଭାରତ ଏକ ଅମର ଜାତିରେ ପରିଣତ ହୋଇଛି ଏବଂ ତାହାର ପୁନଃପୁନଃ ଜାଗରଣ, ଉତ୍ଥାନ ଏବଂ ଅବଧି ଏହାର ବଞ୍ଚି ରହିବା ପଛରେ ଏହି ପ୍ରଧାନ ରହସ୍ୟ ହିଁ ନିହିତ ରହିଛି ।"

ଭାରତର ସ୍ୱାଧୀନତା କେବଳ ଭାରତ ପାଇଁ ନୁହେଁ, ସମଗ୍ର ବିଶ୍ୱ ପାଇଁ ଉଦ୍ଦିଷ୍ଟ । ଭାରତର କଲ୍ୟାଣରେ ବିଶ୍ୱର କଲ୍ୟାଣ ନିହିତ ଏବଂ ଭାରତର ଅସ୍ତିତ୍ୱ ବିଶ୍ୱ-ଅସ୍ତିତ୍ୱର ମୂଳାଧାର । ଅରବିନ୍ଦଙ୍କ ସ୍ୱପ୍ନର ଭାରତ ସମଗ୍ର ବିଶ୍ୱର ପ୍ରତିନିଧି ଓ ପ୍ରତୀକ । ସ୍ୱାଧୀନ ଭାରତର ଜୟ ହେଉ । ଶ୍ରୀ ଅରବିନ୍ଦଙ୍କ ସ୍ୱପ୍ନର ଭାରତ ସାଫଲ୍ୟ ମଣ୍ଡିତ ହେଉ । ଜୟହିନ୍ଦ୍ ।

କ୍ୱାର୍ଟର ନଂ ୨୦/୧, ଟାଇପ୍-୪ ବି,
ୟୁନିଟ୍-୩, ଭୁବନେଶ୍ୱର-୭୫୧୦୦୧ ।



"ମୁଁ ଏଭଳି ଏକ ଭାରତ ଗଢ଼ିବାକୁ ଚାହେଁ ଯେଉଁଠି ଜନସାଧାରଣଙ୍କ ମଧ୍ୟରେ ଉଚ୍ଚ ନୀଚ ଭେଦଭାବ ନ ଥିବ ଓ ଦେଶର ସବୁ ସମ୍ପ୍ରଦାୟର ଲୋକେ ପରସ୍ପର ମଧ୍ୟରେ ଶାନ୍ତି ଓ ସଦ୍‌ଭାବ ରଖି ଜୀବନଯାପନ କରିବା ସଙ୍ଗେ ସଙ୍ଗେ ଦେଶର ଦରିଦ୍ରତମ ଲୋକ ମଧ୍ୟ ଉପଲବ୍ଧି କରିବ ଯେ, ଏଇ ଦେଶ ହେଉଛି ତାହାରି ଏବଂ ଏହି ଦେଶ ଗଠନରେ ତାର ବି ସକ୍ରିୟ ଅବଦାନ ରହିଛି ।"

—ଗାନ୍ଧିଜୀ

# ସଂଗ୍ରାମ ତୀର୍ଥ ଅମ୍‌କୋ ସିମ୍‌କୋ

ସୁଶୀଲ କୁମାର ପାଣିଗ୍ରାହୀ

ମାତୃଭୂମି ଭାରତକୁ ଇଂରେଜ ହାତରୁ ମୁକ୍ତ କରିବା ଲାଗି ବହୁ ଦେଶଭକ୍ତ ଇଂରେଜ ବିରୁଦ୍ଧରେ ଲଢେଇ କରିଥିଲେ । ଇଂରେଜ ସରକାରର ନିର୍ମମ ଅତ୍ୟାଚାରର ବିରୋଧରେ ନିଜର ଦୃଢ଼ ପ୍ରତିବାଦ ଜଣାଉଥିଲେ । ସେଥିପାଇଁ ବହୁ ଦେଶପ୍ରେମୀ ଜେଲ୍ ଯାଇଛନ୍ତି । ହସିହସି ଶହୀଦ ହୋଇ ଯାଇଛନ୍ତି । ଇଂରେଜ୍ ଶାସକଙ୍କ ନିଷ୍ଠୁର ଅତ୍ୟାଚାରର ଏକ ଉଦାହରଣ ହେଉଛି–୧୯୧୯ର ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡ । ମାତ୍ର ଏପରି ଉଦାହରଣ ବିରଳ ନୁହେଁ । ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡ ପରି ଏକ ମର୍ମନ୍ତୁଦ ଗୁଳିକାଣ୍ଡ ଘଟିଥିଲା ଓଡିଶାର ବୀରମିତ୍ରପୁର ନିକଟସ୍ଥ ଅମ୍‌କୋ–ସିମ୍‌କୋ ଗ୍ରାମରେ । ସଂଗ୍ରାମ ତୀର୍ଥ ଅମ୍‌କୋ ସିମ୍‌କୋ ଆଜି ମଧ୍ୟ ଆଦିବାସୀ ଭାଇମାନଙ୍କର ଅପୂର୍ବ ଦେଶଭକ୍ତି ଓ ଜାତିପ୍ରେମର କାହାଣୀ ସ୍ମରଣ କରିଦିଏ ।

ଆଜକୁ ଠିକ୍ ପଚାଶ ବର୍ଷ ତଳର (୧୯୩୯ ମସିହାର) କଥା । ଇଂରେଜ ସରକାର ଭୂରାଜସ୍ୱ ବୃଦ୍ଧି କଲେ । ଖଜଣା ବୃଦ୍ଧିର ପ୍ରତିବାଦରେ ୧୯୩୯ ମସିହା ଅପ୍ରେଲ୍ ୨୫ ତାରିଖରେ ତତ୍କାଳୀନ ଗାଙ୍ଗପୁର ପ୍ରଦେଶର କୃଷକମାନେ ବିଦ୍ରୋହ କଲେ । ଏମାନଙ୍କ ନେତୃତ୍ୱ ନେଇଥିଲେ ନିର୍ମଳ ମୁଣ୍ଡା । ନିର୍ମଳ ମୁଣ୍ଡା ଇଂରେଜ୍ ସରକାରଙ୍କ ନିକଟରେ ଛଅଟି ଦାବୀ ଉପସ୍ଥାପନ କଲେ । ସେଗୁଡିକ ହେଲା–(୧) ଆମ ଉପରେ ଅନ୍ୟାୟ କର ଲାଗୁ କରନ୍ତୁ ନାହିଁ, (୨) ଜଙ୍ଗଲରେ ଜୀବିକା ଅର୍ଜନ କରିବା ପାଇଁ ଆମକୁ ସୁବିଧା ପ୍ରଦାନ କରନ୍ତୁ, (୩) ଇଂରେଜ୍ ସରକାରର ହୁକୁମାଦି ଆମ ରାଜ୍ୟରେ ଚଳିବ ନାହିଁ, (୪) ଜଙ୍ଗଲଜାତ ଦ୍ରବ୍ୟ ଉପରେ ଆମର ସମ୍ପୂର୍ଣ୍ଣ ଅଧିକାର ଅଛି । ତେଣୁ ତା'ର ସଂଗ୍ରହ ଓ ବିକ୍ରୟ ଉପରେ ନିଷେଧାଜ୍ଞା ଦିଆ ନ ଯାଉ, (୫) ବେଠି ଖଟିବା ପାଇଁ ନିରୀହ ଆଦିବାସୀ ଭାଇମାନଙ୍କୁ ବାଧ୍ୟ କରା ନ ଯାଉ, (୬) ଶିକ୍ଷା, ସ୍ୱାସ୍ଥ୍ୟ ଓ ଯାତାୟାତର ସୁଯୋଗ ଆମ ଅଞ୍ଚଳକୁ ଯୋଗାଇ ଦିଆଯାଉ ।

ଆଦିବାସୀ ପ୍ରଜାମାନେ ବିଶ୍ୱାସ କରିଥିଲେ ଯେ, ତାଙ୍କର ଏ ଦାବୀ ଉପରେ ଗାଙ୍ଗପୁର 'ରାଜପ୍ରତିନିଧି' ଏବଂ ଇଂରେଜ ସରକାରଙ୍କ ପ୍ରତିନିଧି ବିଚାର କରି କିଛି 'ସୁପରାମର୍ଶ' ଦେବେ । ସତକୁ ସତ ସେମାନେ ସମ୍ବାଦ ପାଇଲେ ଯେ, ଗାଙ୍ଗପୁର ରାଜବଂଶର କର୍ମକର୍ତ୍ତା ଓ ଇଂରେଜ୍ ସରକାରଙ୍କ ପ୍ରତିନିଧି ଅପରାହ୍ନ ୪ଟା ବେଳେ ସେମାନଙ୍କ ଦାବୀ ଉପରେ ବିଚାର କରିବେ । ଏହା ଶୁଣି ସମସ୍ତେ ଆନନ୍ଦିତ ହେଲେ । ସେ ଦିନ ଅପରାହ୍ଣରେ ବୀରମିତ୍ରପୁର ନିକଟବର୍ତ୍ତୀ ରାଇବୋମାଠାରୁ ଡାହାଣକୁ ପ୍ରାୟ ୮ କିଲୋମିଟର୍ ଦୂର ଅମ୍‌କୋ ସିମ୍‌କୋ ଗ୍ରାମର ପଡିଆ ଉପରେ ବହୁ ଆଦିବାସୀ ନେତା ଓ ପ୍ରଜାମେଳିରେ ଯୋଗ ଦେଇଥିବା ଶତାଧିକ ସଂଗ୍ରାମୀମାନେ ଏକତ୍ର ହୋଇଥିଲେ । ଏବଂ ଗାଙ୍ଗପୁର ପ୍ରଦେଶର ରାଣୀ ସାହେବାଙ୍କଠାରୁ ତାଙ୍କର ନିଷ୍ପତ୍ତି ଶୁଣିବାକୁ ଅପେକ୍ଷା କରିଥିଲେ । ରାଜପ୍ରତିନିଧି ଓ ଇଂରେଜ୍ ସରକାରଙ୍କ ଏଜେଣ୍ଟ ଇଂରେଜ୍ ଫୌଜ୍ ସହିତ ସେଠାରେ ପହଞ୍ଚିଲେ । ଏବଂ ଇଂରେଜ୍ ଫୌଜ୍ ପ୍ରଥମେ ଆଦିବାସୀ ନେତା ନିର୍ମଳ ମୁଣ୍ଡାଙ୍କୁ ଖୋଜିଲେ । କିନ୍ତୁ ଚତୁର ନିର୍ମଳ ମୁଣ୍ଡା ଇଂରେଜ୍ ପ୍ରତିନିଧିଙ୍କ କୌଶଳ ପୂର୍ବରୁ ଜାଣିପାରି ଆତ୍ମଗୋପନ କଲେ । ଇଂରେଜ୍ ଫୌଜ୍ ସେ ଅଞ୍ଚଳର ସବୁ ଯାଗା ଖୋଜିଲେ । କିନ୍ତୁ ନିର୍ମଳଙ୍କୁ ପାଇଲେ ନାହିଁ । ଶେଷରେ ସେମାନେ ନୁଆଣିଆଁ ଆଦିବାସୀ ଘରେ ପଶି ଖୋଜିଲେ । ଖୋଜୁଥିବା ବେଳେ ଗୋଟିଏ ନୁଆଣିଆଁ ଘରର ଦୁଆରବନ୍ଧ କେତେକ ସିପାହୀଙ୍କ ମୁଣ୍ଡରେ ବାଜିଲା । ସେମାନେ ଭାବିଲେ ଯେ, ଆଦିବାସୀମାନେ ତାଙ୍କ ଉପରକୁ ଆକ୍ରମଣ କଲେଣି । ଏକଥା ଇଂରେଜ୍ ପ୍ରତିନିଧିଙ୍କ କାନରେ ବାଜିବା କ୍ଷଣି ସେ ତତ୍‌କ୍ଷଣାତ୍ ଗୁଳି କରିବା ପାଇଁ ଆଦେଶ ଦେଲେ । ଇଂରେଜ୍ ସିପାହୀଙ୍କ ଗୁଳି ବର୍ଷଣରେ ସେ ଅଞ୍ଚଳ ବନ୍ଧୁକର ଢୋ–ଢା ଏବଂ ନିରୀହ ଆଦିବାସୀ କୃଷକଙ୍କ ଆର୍ତ୍ତଚିତ୍କାରରେ କମ୍ପି ଉଠିଲା । ଅପରାହ୍ନର ରକ୍ତିମ ଆକାଶ ଅଧିକ ଲାଲ୍ ହୋଇଗଲା । ଅମ୍‌କୋ ସିମ୍‌କୋର ମାଟି ଉପରେ ରକ୍ତର ହ୍ରଦଟିଏ ସୃଷ୍ଟି ହୋଇଗଲା ।

ଏଇ ଗୁଳିକାଣ୍ଡରେ ୩୯ ଜଣ ମୃତ ଓ ୪୫ ଜଣ ଆହତ ହୋଇଥିଲେ ବୋଲି ସରକାରୀ ରିପୋର୍ଟରେ କୁହାଯାଇଥିଲା । ମାତ୍ର ପ୍ରକୃତରେ ସେଦିନ ଅମ୍‌କୋ ସିମ୍‌କୋର ସଂଗ୍ରାମଭୂମିରେ ୪୦ ଜଣ ସଂଗ୍ରାମୀ ଶହୀଦ୍ ହୋଇ ଯାଇଥିଲେ ଏବଂ ୮୯ ଜଣ ସଂଗ୍ରାମୀ ଆହତ ହୋଇଥିଲେ । ଏହି ହୃଦୟ ବିଦାରକ ଘଟଣା "ଜାଲିଆନାୱାଲାବାଗ୍ ଘଟଣା" ଠାରୁ କିଛି କମ ନୁହେଁ । ଇଂରେଜ୍ ସରକାର ବିରୁଦ୍ଧରେ କୃଷକମାନଙ୍କର ମନରେ ବିଦ୍ରୋହର ଅଗ୍ନି ଜାଳି ଦେଇଥିବା ଆଦିବାସୀ ନେତା ନିର୍ମଳ ମୁଣ୍ଡା ପରାଜୟ ସ୍ୱୀକାର କରିଥିଲେ ମଧ୍ୟ, ଇଂରେଜ୍ ହାତରେ ଧରା ପଡି ନ ଥିଲେ ।

ସେଦିନର ସେହି ରକ୍ତାକ୍ତ ସ୍ମୃତି ଆଜି ମଧ୍ୟ ଅମ୍‌କୋ ସିମ୍‌କୋ ଏକ ସ୍ୱତନ୍ତ୍ର ଅଧ୍ୟାୟର ଅଧିକାରୀ ହୋଇଥିଲେ ମଧ୍ୟ, ସେଥିରୁ ସେ ବଞ୍ଚିତ ହୋଇଛି । ସେଦିନର ରକ୍ତାକ୍ତ ସଂଗ୍ରାମରେ ଅଂଶଗ୍ରହଣ କରିଥିବା ବହୁ ସଂଗ୍ରାମୀ ଆଜି ମଧ୍ୟ ଜୀବିତ । ପଚାରିଲେ ଅଶ୍ରୁଳ ନୟନରେ ସେଦିନର ସ୍ମୃତିକୁ ମନେ ପକାଇ କହି ଯାଆନ୍ତି ।

ରାଇବୋଗା ଥାନା ଅନ୍ତର୍ଗତ "ଅମ୍‌କୋ ସିମ୍‌କୋ" ଗ୍ରାମଟି ରାଉରକେଲାଠାରୁ ୬୦ କିଲୋମିଟର୍ ଦୂରରେ ଅବସ୍ଥିତ । ୫୦ ବର୍ଷ ତଳେ ସରଳ ଆଦିବାସୀମାନେ ଉପଯୁକ୍ତ ଶିକ୍ଷା ପାଇବା ପାଇଁ ଇଂରେଜ୍ ସରକାରଠାରେ ଦାବୀ କରିଥିଲେ । ମାତ୍ର ଦୁଃଖର କଥା ଯେ, ଏ ପର୍ଯ୍ୟନ୍ତ ସେଠାରେ ଶିକ୍ଷାର ବ୍ୟବସ୍ଥା ଭଲଭାବରେ ହୋଇ ନାହିଁ । ସେ ସମୟରେ ନିର୍ମଳ ମୁଣ୍ଡା ଶିକ୍ଷାଲାଭ କରିବା ପାଇଁ ବିହାରର ରାଞ୍ଚିକୁ ଯାଇଥିଲେ । ସେଠାରେ ପାଠ ପଢି ଇଂରେଜ୍ ସେନାବାହିନୀରେ ଯୋଗଦେଲେ । ଇଂରେଜ୍ ସେନାବାହିନୀରେ ଦୀର୍ଘ ଦିନ କାମ କରି ତାଙ୍କର କାର୍ଯ୍ୟକାଳ ଶେଷ ହେବା ପରେ ନିଜ ଗ୍ରାମ ଅମ୍‌କୋ ସିମ୍‌କୋକୁ ଫେରି ଆସିଲେ । ନିଜ ଅଞ୍ଚଳର ଅବସ୍ଥା ଓ ଆଦିବାସୀ ଭାଇମାନଙ୍କର ଦୁଃଖଦୁର୍ଦ୍ଦଶା ଦେଖି ତାଙ୍କ ମନରେ ଦୁଃଖ ଜାତ ହେଲା । ସେ ଭାବିଲେ, ଏ ଅଞ୍ଚଳର ଉନ୍ନତି କରିବାକୁ ହେଲେ ପ୍ରଥମେ ଆଦିବାସୀମାନଙ୍କୁ ଶିକ୍ଷିତ ହେବାକୁ ପଡିବ । ସେ ସେମାନଙ୍କୁ ଶିକ୍ଷିତ କରାଇବା ପାଇଁ ଶିକ୍ଷକତା କରିଥିଲେ । ଏବଂ ଆଦିବାସୀ ଭାଇମାନଙ୍କୁ ଏକଜୁଟ କରି ସେ ଅଞ୍ଚଳର ବିକାଶ ନିମନ୍ତେ ଦାବୀ କରିଥିଲେ । ମାତ୍ର ଇଂରେଜ୍ ସରକାର ତାଙ୍କ ଦାବୀ ପୂରଣ କରିବା ପରିବର୍ତ୍ତେ ପାଶବିକ ଅତ୍ୟାଚାର କଲା । ଭାରତ ସ୍ୱାଧୀନ ହେବା ପରେ ନିର୍ମଳ ମୁଣ୍ଡା ୧୯୫୭ ମସିହାରେ ଓଡିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ୧୯୭୩ରେ ମହାନ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ନିର୍ମଳ ମୁଣ୍ଡାଙ୍କ ବିୟୋଗ ହୋଇଥିଲା ।

"ଅମ୍‌କୋ ସିମ୍‌କୋ" ପରି ଏକ ସ୍ମରଣୀୟ ସଂଗ୍ରାମ ତୀର୍ଥରେ ଶହୀଦ୍ ହୋଇଥିବା ୪୦ ଜଣ ସଂଗ୍ରାମୀ ଏବଂ ବିଦ୍ରୋହୀ ନେତା ନିର୍ମଳ ମୁଣ୍ଡାଙ୍କ ପ୍ରତି ଏ ପର୍ଯ୍ୟନ୍ତ ଉପଯୁକ୍ତ ସମ୍ମାନ ଦିଆଯାଇ ପାରି ନାହିଁ । ସେମାନଙ୍କ ସ୍ମୃତି ପାଇଁ କିଛି କରାଯାଇ ପାରିନାହିଁ । ଏହି ବିରାଟ ସଂଗ୍ରାମ ବିଷୟରେ ବହୁ କଥା ଆଜି ମଧ୍ୟ ଲୁକ୍କାୟିତ । ଅନୁସନ୍ଧାନ କଲେ, ଅନେକ କଥା ଉଦ୍‌ଘାଟିତ ହୋଇ ପାରିବ ।

ପଦ୍ମପୁର ଇରିଗେସନ୍ କଲୋନୀ,
ପୋ.ଅ.–ରାଜବୋଡାସମ୍ବର, ଜିଲ୍ଲା–ସମ୍ବଲପୁର–୭୬୮୦୩୬



'ଯେଉଁ ଯୁବକ ଯଥେଷ୍ଟ ଯୌତୁକ ପାଇଲେ ବିଭା ହେବାକୁ ମଙ୍ଗେ,
ସେ ତା' ବିଶ୍ୱବିଦ୍ୟାଳୟ ଉପାଧିକୁ କଳଙ୍କିତ କରେ ।'

—ମହାତ୍ମା ଗାନ୍ଧୀ




## ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତ ଚାଷୀ ଶ୍ରୀ ସୁଦର୍ଶନ ବରାଳ

ଶ୍ରୀ ସୁଦର୍ଶନ ବରାଳ, କଟକ ଜିଲ୍ଲା ସୁକିନ୍ଦା ବ୍ଲକ ଦାମୋଦରପୁର ଗ୍ରାମର ଜଣେ କ୍ଷୁଦ୍ର ଚାଷୀ । ତାଙ୍କର ସମୁଦାୟ ୫ ଏକର ଜମିରୁ ଦେଢ଼ ଏକର ଉଚ୍ଚ ଜମି, ୨ ଏକର ମଧ୍ୟମ ଓ ଦେଢ ଏକର ଖାଲ ଜମି । ଶ୍ରୀ ବରାଳ ଗତ ୩ ବର୍ଷ ଧରି କୃଷି ବିଭାଗର ପରାମର୍ଶ କ୍ରମେ ଅନ୍ନପୂର୍ଣ୍ଣା, ପାରିଜାତ, ଜୟା ପ୍ରଭୃତି ଅଧିକ ଅମଳକ୍ଷମ ଧାନ ସାଢ଼େ ତିନି ଏକର ଜମିରେ ଚାଷ କରି ଅଧିକ ଅମଳ ପାଇବା ପାଇଁ ସକ୍ଷମ ହୋଇପାରିଛନ୍ତି । ଏହା ବ୍ୟତୀତ ଅନ୍ୟ ଦେଢ଼ ଏକର ଖାଲ ଜମିରେ ସାବିତ୍ରୀ ଧାନ ଧାଡ଼ିରେ ଚାଷକରି, ନିର୍ଦ୍ଦିଷ୍ଟ ସଂଖ୍ୟକ ଗଛ ସଂଖ୍ୟା ରଖି ଏବଂ ଅନୁମୋଦିତ ହାରରେ ସାର ପ୍ରୟୋଗ କରି ୫୪ କ୍ୱିଣ୍ଟାଲ ଧାନ ଅମଳ ପାଇବାପାଇଁ ସକ୍ଷମ ହୋଇପାରିଛନ୍ତି । ତାଙ୍କର ଏହି କୃତିତ୍ୱ ପାଇଁ ସେ ଭୁବନେଶ୍ୱରଠାରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ କୃଷକ ସମାବେଶରେ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କଠାରୁ ଏକ ହଜାର ଟଙ୍କା ପୁରସ୍କାର ଲାଭ କରିଛନ୍ତି ।

ପୂର୍ବେ ତାଙ୍କର ୫ ଏକର ଜମିରେ ଦେଶୀ ଧାନ ଚାଷ କରି ଶ୍ରୀ ବରାଳ କମ୍ ଅମଳ ପାଉଥିଲେ, ଯାହା ଫଳରେ କି ତାଙ୍କ ପରିବାରର ଆବଶ୍ୟକତା ମେଣ୍ଟାଇବା ପାଇଁ ମଧ୍ୟ ତାଙ୍କୁ ଅନ୍ୟ ଉପରେ ନିର୍ଭର କରିବାକୁ ପଡୁଥିଲା । ମାତ୍ର ବର୍ତ୍ତମାନର ସଫଳତାରେ ଶ୍ରୀ ବରାଳ ନିଜକୁ ଭାଗ୍ୟବାନ ମନେ କରିବା ସଙ୍ଗେ ସଙ୍ଗେ କୃଷି ବିଭାଗ ଓ ସରକାରଙ୍କ ଠାରେ ବିଶେଷ କୃତଜ୍ଞ । ସେ ମଧ୍ୟ ଜାତୀୟ ତୈଳବୀଜ ଉନ୍ନୟନ ଯୋଜନା ମାଧ୍ୟମରେ ପାଇଥିବା ଚିନାବାଦାମ ବିହନ ଚାଷ କରି ତାଙ୍କର ଅର୍ଥନୈତିକ ମାନଦଣ୍ଡକୁ ସୁଦୃଢ଼ କରିବାକୁ ସକ୍ଷମ ହୋଇପାରିଛନ୍ତି ଏବଂ ସେ ମୁଗ, ଅଳୁ ଇତ୍ୟାଦି ଚାଷ କରି ବିଶେଷ ଲାଭବାନ ହୋଇପାରିଛନ୍ତି ।

---

## ଆଜି ଆଗେଇ ଚାଲିଛି କପିଳ

ସମ୍ବଲପୁର ଜିଲ୍ଲାର ଆମ୍ବାଭୋନା ବ୍ଲକ୍ ଅନ୍ତର୍ଗତ ଲୁଣମୁଣ୍ଡା ଗ୍ରାମର ଗରିବ ଯୁବକ କପିଳ ସାହୁ, ପିତା ଚିନ୍ତାମଣି ସାହୁଙ୍କର ଜମିବାଡ଼ି କିଛି ନାହିଁ କହିଲେ ଚଳେ । ବହୁ ଦୁଃଖ କଷ୍ଟରେ ଜୀବନ ବିତାଇବା ଛଡ଼ା ଅନ୍ୟ ଉପାୟ ନଥିଲା । ପିତା ଚିନ୍ତାମଣି ପୁଅକୁ ବିବାହ ଦେଇସାରି ନିଜଠାରୁ ଭିନେ (ଅଲଗା) କରିଦେଲେ । ତେବେ କପିଳ ଯେପରି ବର୍ତ୍ତମାନ ସେପରି ପରିଶ୍ରମୀ ମଧ୍ୟ । ଲୁଣମୁଣ୍ଡା ଗାଁଟିର ଉତ୍ତର-ପଶ୍ଚିମ ଦିଗକୁ ଲାଗି ମହାନଦୀ ବହିଯାଇଛି । ହୀରାକୁଦ ଜଳ ଭଣ୍ଡାରରେ ଗାଁର ଅଧେ ଜମି ଜଳମଗ୍ନ । ଖରା ମାସରେ ଜଳ ଭଣ୍ଡାରର ପାଣି କେନାଲରେ ଛଡ଼ାଯିବାରୁ ଧୀରେ ଧୀରେ ନଇକୂଳ ଶୁଖେ ଓ ପଟୁମାଟି ଫାଟିପଡ଼େ । କପିଳ ଏହି ପଟୁ ମାଟିରେ କଲରା, ତରଭୁଜ, ଭେଣ୍ଡି ଓ ନଳିତା ଶାଗ ଚାଷ ଆରମ୍ଭ କରିଦେଲା ଝୁପୁଡ଼ିଟିଏ ବନାଇ ଜଗିବସେ, ଟେଣ୍ଡାଯୋଗେ ଫସଲରେ ପାଣିଦିଏ । ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ଯାଏ ଫସଲର ଯତ୍ନ ନିଏ । ପ୍ରଚୁର ଫସଲ ହୁଏ । କପିଳ ଘର ଘର ତରଭୁଜ, କଲରା, ଭେଣ୍ଡି ଓ ନଳିତା ଶାଗ ଆମଦାନୀ କରେ । ସ୍ତ୍ରୀ ତା'ର ସେସବୁ ଗାଁରେ ବିକେ । ରବିବାର ହାଟପାଳିରେ ଲୁଙ୍ଗୁରୀ ହାଟକୁ ଯାଇ ପରିବା ବିକି ପ୍ରତି ପାଳି ଶହେ ଦୁଇଶହ ଟଙ୍କା ଧରି ଘରକୁ ଫେରେ, ସେଥିରେ ତାର ପରିବାର ଭଲରେ ଚଳିଯାଏ । ବର୍ଷା ଋତୁ ହେଲେ ଗାଁକୁ ଫେରିଆସେ ମୂଲ ଲାଗି ପେଟ ପୋଷେ । ଏହି ପରି

ସ୍ୱାମୀ, ସ୍ତ୍ରୀ ଦି ପ୍ରାଣୀ ଓ ଛୁଆ ଦୁଇଟା ମିଶି ଛୋଟିଆ ପରିବାରଟି ଚଳାଉଛନ୍ତି ।

ଗତ ୧୯୮୮ ମସିହାରେ କପିଳର ଭାଗ୍ୟ ବଦଳିଲା । ଆଠଗଡ଼ ବ୍ଲକ୍‌ରେ କାର୍ଯ୍ୟକାରୀ ହେଉଥିବା ସମନ୍ୱିତ ଗ୍ରାମାଞ୍ଚଳ ଉନ୍ନୟନ ଯୋଜନାରେ ଗୁଡ଼ଳ ବ୍ୟବସାୟ ପାଇଁ ଜିଲ୍ଲା ସେବା ସମବାୟ ସମିତିରୁ ୩,୦୦୦ ଟଙ୍କା (ତିନି-ହଜାର) ଋଣ ପାଇଲା । ସେହି ଟଙ୍କାରେ ସେ ଗୁଡ଼ଳ ବ୍ୟବସାୟ ଆରମ୍ଭ କରିଦେଇଛି । ଘରେ ବସି ବେଶ୍ ଦି ପଇସା ସେ ବି ରୋଜଗାର କରିପାରୁଛି । ତାକୁ ଆଉ ଆଗପରି ଖରା ବର୍ଷାରେ ମୂଲ ଲାଗିବାକୁ ହେଉନାହିଁ । ସ୍ୱଳ୍ପ ବ୍ୟବସାୟରୁ ତା'ର ଭଲ ରୋଜଗାର ହେଉଛି । ସରକାରଙ୍କର ଗ୍ରାମାଞ୍ଚଳ ଉନ୍ନୟନ ଯୋଜନାକୁ ତା'ର ଭୂରି ଭୂରି ପ୍ରଶଂସା । ତା ସହିତ ମଧ୍ୟ ସେ କହେ—"ଆପନା ହାତ୍ ଜଗନ୍ନାଥ" ।

ଶ୍ରୀ ଅଲେଖ ପ୍ରଧାନ
ଭୁଣମୁଣ୍ଡା ପଲ୍ଲୀ ଶ୍ରୋତା ମଣ୍ଡଳୀ

## ଅରକ୍ଷିତଙ୍କୁ ଦଇବ ସାହା

ଟିରୋଲ ଦୁଗ୍ଧ ଶୀତଳୀକରଣ କେନ୍ଦ୍ରକୁ ଯିବା ସମୟରେ, ନାନପୁର ଛକ ନିକଟରେ ହଠାତ୍ କାହିଁକି ମନ ହେଲା ଟିକିଏ ସିଦ୍ଧେଶ୍ୱର ଦୁଗ୍ଧ ଉତ୍ପାଦକ ସମବାୟ ସମିତି ଆଡ଼େ ବୁଲି ଆସିବାକୁ । ଛକ ନିକଟସ୍ଥ ଡାହାଣ ପଟକୁ କିଛି ବାଟ ଗଲେ ଉକ୍ତ ସମିତି ପଡ଼ିବ । ଗଲାବେଳେ ଘଣ୍ଟାକଡ଼ ବିଲରେ କେହି ଜଣେ ଘାସ କାଟୁଥିଲେ । ନିକଟ ହେବାରୁ ଟିକିଏ ଚିହ୍ନା ମନେ ହେଲା । ଭାବିଲି ନିଶ୍ଚୟ ଦୁଗ୍ଧ ସମିତିର ସଭ୍ୟ ହୋଇଥିବେ । ସେ ଯେତେବେଳେ ମୋତେ ଦେଖି ନମସ୍କାର କଲେ, ମୁଁ ପ୍ରତି ନମସ୍କାର ଜଣାଇଲି ।

କଥା ପ୍ରସଙ୍ଗରେ ପଚାରି ବସିଲି—"ଜଣ ବାବୁ ଏ ଜମି ତୁମର ?" ସେ ଟିକିଏ ଉଦ୍‌ପ୍ରବଣ ହୋଇ କହିଲେ—"ନାହିଁ ଆଜ୍ଞା, ଭାଗ ଚାଷକୁ ଆଣିଛି । ୧୨ ଗୁଣ୍ଠ ଜମି, ମୋ କଥା କଣ କହିବି ? ସତରେ ଅରକ୍ଷିତକୁ ଦଇବ ସାହା" । ଜାଣିବାକୁ ପାଇଲି ପ୍ରକୃତରେ ତାଙ୍କ ନାମ ଅରକ୍ଷିତ ବେହେରା । ଘର ନିକଟସ୍ଥ ଗୋଠପଦା ଗ୍ରାମରେ । ଅରଣା ପଞ୍ଚାୟତ । ବିରିଡ଼ି ବ୍ଲକ । ଜିଲ୍ଲା କଟକ । ବୟସ ୩୨ ପାଖାପାଖି । ସିଦ୍ଧେଶ୍ୱର ଦୁଗ୍ଧ ଉତ୍ପାଦକ ସମବାୟ ସମିତିର ଜଣେ ପରିଚାଳନା ପରିଷଦର ସଭ୍ୟ ଅଟନ୍ତି । ପିତାଙ୍କ ନାମ ଉଛବ ବେହେରା । ନିଜର ସଂଘର୍ଷମୟ ଜୀବନ ସମ୍ବନ୍ଧରେ ଅରକ୍ଷିତଙ୍କର ବକ୍ତବ୍ୟ ପ୍ରକୃତରେ ଦୃଷ୍ଟାନ୍ତ ଯୋଗ୍ୟ । ଯାହା ଜଣା ଗଲା, ସେ ଗାଁରେ ଗଢ଼ି ଉଠିଥିବା ଦୁଗ୍ଧ ସମିତିର ସଭ୍ୟ ହୋଇ ନିଜର ଦେଶୀ ଗାଈର କ୍ଷୀର ବିକ୍ରି କରି କିଛି ଦିନ କଟିଗଲା । ଇତି ମଧ୍ୟରେ ସମିତିର ଅଧ୍ୟକ୍ଷ ତଥା ଅନ୍ୟ କେତେକ ଉତ୍ସାହୀ ବ୍ୟକ୍ତି ନିକଟସ୍ଥ ଇଣ୍ଡିଆନ ବ୍ୟାଙ୍କ ବିରିଡ଼ି ଶାଖାରୁ ଋଣ ଆଣି ଜର୍ସି ଗାଈ କିଣିବାକୁ ସ୍ଥିର କଲେ । ଅରକ୍ଷିତ ମଧ୍ୟ ଏଥିପାଇଁ ଦରଖାସ୍ତ ଦେଲେ । ପ୍ରଥମେ ଅରକ୍ଷିତଙ୍କର ବାପା ଋଣ କରିବା ପାଇଁ ଅନିଚ୍ଛୁକ ଥିଲେ । କିନ୍ତୁ ପୁଅର ଇଚ୍ଛା ଦେଖି ମନାକରି ପାରିଲେ ନାହିଁ । କିନ୍ତୁ ଘରକୁ ଯେତେବେଳେ ଗାଈ ଆସିଲା ଏବଂ ଦୁହାଁଗଲା, କ୍ଷୀର ପ୍ରାୟ ୪ ଲିଟର ହେଲା । ଅନ୍ୟମାନଙ୍କର ଗାଈ ୭ ରୁ ୮ ଲିଟର ଦେବାସ୍ଥଳେ ନିଜ ଗାଈର ଏପରି ଅବସ୍ଥା ଦେଖି ଅରକ୍ଷିତ ଟିକିଏ ମନ ଊଣା କରି ବସିଲେ । କିନ୍ତୁ ତାଙ୍କ ବାପାଙ୍କର ରାଗ ବଢ଼ିଗଲା । ସେ ପୁଅକୁ ଉକ୍ତ ଗାଈ ସକାଶେ ଯଥେଷ୍ଟ ଗାଳି ଦେଲେ । ନିଜର ଯୁବକ ସୁଲଭ ଢଙ୍ଗରେ ସେ ମଧ୍ୟ ରାଗି ଯାଇ ବାପାଙ୍କୁ କିଛି କହିଲେ । ହଠାତ୍ ବାପା ତାଙ୍କୁ ଉକ୍ତ ଗାଈ ନେଇ ଅଲଗା ହେବାକୁ କହିଲେ । ଅରକ୍ଷିତଙ୍କୁ କିଛି ବୁଦ୍ଧି ଦିଶିଲା ନାହିଁ । କିନ୍ତୁ ଜିଦ୍‌ରେ ସେ ମଧ୍ୟ ଘରୁ ବାହାରି ପଡ଼ିଲେ । ନିଜର ସାମାନ୍ୟ କିଛି ଆସବାବପତ୍ର ଧରି ଅନ୍ୟ ଏକ କୋଠରୀକୁ ଚାଲିଗଲେ । ସଙ୍ଗରେ ନିଜର ସ୍ତ୍ରୀ, ଦୁଇଟି ଛୁଆ । ଅନିଶ୍ଚିତ ଭବିଷ୍ୟତ । ଗୋଟିଏ ଦେଶୀ ଗାଈ ଏବଂ ଋଣରେ ଆଣିଥିବା ଗୋଟିଏ ଜର୍ସିଗାଈ ।

ଏଥି ପୂର୍ବରୁ ଅରକ୍ଷିତଙ୍କର ନିଜ ପରିବାର ପ୍ରତି ବିଶେଷ କିଛି ଦାୟିତ୍ୱ ନ ଥିଲା । କାରଣ ବାପା, ମା ଏବଂ ଅନ୍ୟ ଭାଇମାନେ ପ୍ରାୟ ସବୁକଥା ବୁଝୁଥିଲେ । ସେ ସାମୟିକ ଭାବରେ ବେଳେ ବେଳେ ସାହାଯ୍ୟ କରୁଥିଲେ । ଏହା ୧୯୮୭ ଅକ୍ଟୋବର ମାସର ଘଟଣା । ଚାଷୀ ପରିବାରରେ ଏଇଟା ଟିକିଏ ଅସୁବିଧାର ସମୟ, କାରଣ ଧାନ ଅମଳ ହୋଇ ନ ଥାଏ । ଏହି ସଙ୍କଟ ମୁହୂର୍ତ୍ତରେ ଅରକ୍ଷିତ ମନେ ମନେ ସଙ୍କଳ୍ପ କରି ବସିଲେ, ଏହି ଗାଈକୁ ନେଇ ନିଶ୍ଚୟ କିଛି କରିବେ । ସମିତିରେ ଦୁଗ୍ଧ ଦିଆ ଚାଲିଥାଏ ସମିତିରୁ ଦାନା ଏବଂ ପଇସା ଠିକ୍ ସମୟରେ ମିଳୁଥାଏ । ଆଦାୟ ଗୋବର ଖତରୁ ଅନ୍ୟ ଚାଷୀମାନଙ୍କୁ ଦେଇ ସେମାନଙ୍କଠାରୁ ନଡ଼ା ଆଣି ଗାଈମାନଙ୍କୁ ଦିଆଗଲା । ଏହିପରି ସମୟ ଗଡ଼ି ଚାଲିଲା । ଇତି ମଧ୍ୟରେ ସେ ଆଉ ଗୋଟିଏ ଜର୍ସି ଗାଈ ଋଣ ସୂତ୍ରରେ ଆଣିଛନ୍ତି । ବର୍ତ୍ତମାନ ପ୍ରାୟ ୨୦ ଲିଟର କ୍ଷୀର ହେଉଛି । ଛୁଆଙ୍କ ସକାଶେ ୨ଲିଟର ରଖି ବାକିତକ ସମିତିକୁ ଦିଅନ୍ତି । ଗାଈ ପରିବାର ବଢ଼ିବା ସଙ୍ଗେ ସଙ୍ଗେ ନିଜର ପରିବାର ମଧ୍ୟ ବଢ଼ିଯାଉଛି । ବର୍ତ୍ତମାନ ଦୁଇ ପୁଅ, ଗୋଟିଏ ଝିଅ, ସ୍ୱାମୀ, ସ୍ତ୍ରୀ ମୋଟ ପାଞ୍ଚ ଜଣ ।

ଦୁଗ୍ଧ ବ୍ୟବସାୟରେ ଦୈନିକ ପ୍ରାୟ ଟ ୨୦·୦୦ ବଳେ । ଏଥିରେ ତାଙ୍କ ଏହି ଛୋଟ ପରିବାର ଚଳିବାରେ କିଛି ଅସୁବିଧା ହୁଏନି । ସେ ବ୍ୟାଙ୍କରୁ ଟ ୮,୫୦୦·୦୦ ଋଣ କରିଥିଲେ । ଏଥିରୁ ଟ ୩,୫୦୦·୦୦ ସୁଝି ଦେଇଛନ୍ତି ଏବଂ ଏହା କିସ୍ତି ଅନୁସାରେ ଚାଲିଛି । ନିଜର ଉନ୍ନତି ସମ୍ପର୍କରେ ଅରକ୍ଷିତ ଟିକିଏ ସଙ୍କୋଚରେ କୁହନ୍ତି ଯେ ସେ ଆଉ ଗୋଟିଏ ବଖରା ଘର କରିଛନ୍ତି । ପକ୍କା ଗୁହାଳଟିଏ କରିଛନ୍ତି । ଅଲଗା ହେବା ପୂର୍ବରୁ ଥିବା ଋଣ ବାବଦକୁ ପ୍ରାୟ ଟ ୧,୫୦୦·୦୦ ସୁଝିଛନ୍ତି । ଅରକ୍ଷିତ ସପ୍ତମ ଶ୍ରେଣୀ ପାଶ୍ କରିଛନ୍ତି । ନିଜର ଭବିଷ୍ୟତ ପାଇଁ କିଛି ମଧ୍ୟ ସଞ୍ଚୟ କରୁଛନ୍ତି । ଟ ୧୫,୦୦୦·୦୦ ର ପିଅରଲେସ

ଯୋଜନା କରିଛନ୍ତି । ମାସକୁ ଦେୟ ଟ ୬୬·୦୦ ଦେଉଛନ୍ତି । ନ୍ୟୁ ଇଣ୍ଡିଆନ ବ୍ୟାଙ୍କରେ ଟ ୩୦·୦୦ ର ରେକରିଂ ଡିପୋଜିଟ୍ ମଧ୍ୟ କରିଛନ୍ତି । ନିଜ ଘରେ ଥିବା ଟେହୁର ଫ୍ରାନ୍‌ଟି ସମିତିକୁ ପାର୍ଥକ୍ୟ ଦୁଗ୍ଧ ମୂଲ୍ୟରୂପେ ପାଉଛନ୍ତି । ଦୁଗ୍ଧ ସମିତିରେ ସଭ୍ୟ ହେବାରୁ ସେ ଅନେକ ସୁବିଧା ପାଉଛନ୍ତି । ଦୁଗ୍ଧ ସମିତିରେ ସଭ୍ୟମାନଙ୍କ ପାଇଁ ଉଦ୍ଦିଷ୍ଟ ବାଛୁରୀ ଦାନା ସରକାରଙ୍କଠାରୁ ମାଗଣାରେ ପାଉଛନ୍ତି । ସମିତି ତରଫରୁ ଦିଆ ଯାଉଥିବା କୃତ୍ରିମ ପ୍ରଜନନ ସୁବିଧା ଯୋଗୁଁ ବର୍ତ୍ତମାନ ତାଙ୍କର ଦୁଇଟି ଗାଈ ଗର୍ଭବତୀ ଅଛନ୍ତି । କୃତ୍ରିମ ପ୍ରଜନନର ବହୁଳ ପ୍ରସାର ପକାଶେ, ପରିଚାଳନା ପରିଷଦର ସଭ୍ୟ ହିସାବରେ ସେ ବିଶେଷ ଦାୟିତ୍ୱ ନେଇଛନ୍ତି । ବର୍ତ୍ତମାନ ପରୀକ୍ଷା ମୂଳକ ଭାବେ ସେ ୫୦ କେ. ଜି. ୟୁରିଆ ନଡ଼ା ମଧ୍ୟ ପ୍ରସ୍ତୁତ କରିଛନ୍ତି । ବିଶେଷ ଦିନମାନଙ୍କରେ ବାପା ମା'ଙ୍କର କଥା ମଧ୍ୟ ବୁଝନ୍ତି । ତାଙ୍କ ପାଇଁ ଲୁଗାପଟା ମଧ୍ୟ ଦେଉଥାନ୍ତି । ଏହି ଆୟରୁ ନିଜର ଶଳାଙ୍କ ବାହାଘର ପାଇଁ ପ୍ରାୟ ଟ ୨୦୦·୦୦ ଖର୍ଚ୍ଚ କରିଛନ୍ତି । ଖୁବ ଯତ୍ନରେ ମାର୍ପି-ଚୂର୍ଣ୍ଣ ଚଳୁଛନ୍ତି । କିନ୍ତୁ ଏଥିରେ ତାଙ୍କ ସ୍ତ୍ରୀଙ୍କ ଭୂମିକା ମଧ୍ୟ ରହିଛି । ଖୁବ୍ ପରିଶ୍ରମୀ । ଦୁଇଜଣ ମିଳିମିଶି ସବୁ କାମ ନିଜେ କରନ୍ତି । ପୁଣି ଏବର୍ଷ ୧୨ ଗୁଣ୍ଠ ଜମି ଭାଗ ଚାଷକୁ ଆଣିଛନ୍ତି । କିଛି ଅଧିକ କରି ଦେଖାଇବାକୁ ପ୍ରଚେଷ୍ଟା । ସବୁଜ ବିପ୍ଳବ ସାଙ୍ଗକୁ ଶ୍ୱେତ ବିପ୍ଳବ । ପ୍ରକୃତରେ ଗ୍ରାମ୍ୟ ଜୀବନର ଏହାହିଁ ମେରୁଦଣ୍ଡ । ନିଜର ଭବିଷ୍ୟତ ଯୋଜନା ସମ୍ପର୍କରେ ଅରକ୍ଷିତ କୁହନ୍ତି—"ଏଣିକି ପରିବାର ଯୋଜନା ତାପରେ ଅନ୍ୟ କିଛି ।"

ଶ୍ରୀ ବିନୋଦ କୁମାର ତ୍ରିପାଠୀ

କଟକ ଜିଲ୍ଲା ଦୁଗ୍ଧ ସଙ୍ଘ ।

## ହରିଙ୍କ ଉଦ୍ଦେଶ୍ୟ ସଫଳ ହେଲା

ବ୍ରାହ୍ମଣୀ ନଦୀର ଅନତି ଦୂରରେ କଇମୂଳ ଘାଟି କଡ଼ରେ ଅସ୍ତଖୋଲ ଗ୍ରାମଟି । ସେହି ଗ୍ରାମରେ ଶ୍ରୀ ହରି ଦେହୁରୀଙ୍କ ଝାଟିମାଟିର ଘର । ବୟସ ୪୫ ହେବ । ତିନି ଝିଅ ଓ ଗୋଟିଏ ପୁଅ । ତାଙ୍କର ୧୦।୧୨ ଗୁଣ୍ଠ ପଡ଼ିଆ ପର୍ଯ୍ୟାୟ ଜମି । ଜମିରୁ ଯାହା ଆୟ କରନ୍ତି ସେଥିରେ ସେ ଦୁଃଖ କଷ୍ଟରେ ୨ ମାସ ଚଳିଯାଆନ୍ତି । ବର୍ଷର ଅନ୍ୟ ୧୦ ମାସ ପର ଉପରେ ନିର୍ଭର କରନ୍ତି । ମଜୁରୀ ଲାଗିବା ତାଙ୍କର ଦୈନନ୍ଦିନ ବୃତ୍ତି । ମନରେ ଭାବୁଥିଲେ ହଳଟିଏ କରି ଜମି ଭାଗ ଚାଷ କରନ୍ତି ।

୧୯୮୫ ମସିହାରେ କ୍ଷୁଦ୍ର ବ୍ୟବସାୟ କରିବା ପାଇଁ ହରିଙ୍କୁ ଯୋରଦା ଷ୍ଟେଟ ବ୍ୟାଙ୍କ ତରଫରୁ ଟ୩,୦୦୦ଙ୍କା ଋଣ ମିଳିଲା । ଆଦିବାସୀ ସମ୍ପ୍ରଦାୟର ହୋଇଥିବାରୁ ହରିଙ୍କୁ ୬୬% ରିହାତି ମିଳିଲା । ସେ ଅଳ୍ପ ଦି ଅକ୍ଷର ପାଠ ପଢ଼ିଛନ୍ତି । ତେଣୁ ବ୍ୟବସାୟ କରିବାକୁ ତାଙ୍କୁ ବିଶେଷ ଅସୁବିଧା ହେଲା । ସେହି ଟଙ୍କାରେ ସେ ୪ ଗୋଟି ଛେଳି କିଣିଲେ ଓ ଅବଶିଷ୍ଟ ଋଣ ପରିଶୋଧ କରିଦେଲେ । ଦୃଢ଼ ଭାବି ପୁଣି ମଜୁରୀ ଲାଗିବା ପାଇଁ ଆଗେଇଗଲେ । ହରି ପ୍ରଥମ ପର୍ଯ୍ୟାୟ ଋଣ ପରିଶୋଧ କରି ଦେଇଥିବାରୁ ତାଙ୍କୁ ୧୯୮୭ ମସିହାରେ, ୨ୟ ପର୍ଯ୍ୟାୟ ଋଣ ବଳଦ ହଳ ପାଇଁ ଯୋରଦା ଷ୍ଟେଟ ବ୍ୟାଙ୍କରୁ ଟ୨୦୦୦ଙ୍କା ମିଳିଲା । ସେହି ଟଙ୍କାରେ ସେ ଦୁଇଗୋଟି ବଳଦ କିଣିଲେ । ସେ ବର୍ତ୍ତମାନ ଜମି ଭାଗଚାଷ କରୁଛନ୍ତି । ଏହି ଭାଗଚାଷ ଦ୍ୱାରା ବିଶେଷଭାବରେ ଉପକୃତ ମଧ୍ୟ ହୋଇ ପାରୁଛନ୍ତି । ପୂର୍ବଭଳି ସେ ଆଉ ମଜୁରୀ କରୁନାହାନ୍ତି । ଖାଦ୍ୟ ପାଇଁ ଅନ୍ୟ ଉପରେ ନିର୍ଭର କରୁନାହାନ୍ତି । ବଡ଼ ଝିଅଟିକୁ ବିବାହ କରି ପାରିଛନ୍ତି । ଭଙ୍ଗାରୁଜା ଝାଟିମାଟି ଘରଟିକୁ ସେ ସୁନ୍ଦରଭାବରେ ତିଆରି କରି ପାରିଛନ୍ତି । ବର୍ତ୍ତମାନ ହରିଙ୍କ ହାତରେ ଦୁଇ ପଇସା ରହିଲାଣି । ଖାଦ୍ୟଶସ୍ୟ ମଧ୍ୟ ବର୍ଷକ ଖାଇବା ପରେ ବଳିପଡୁଛି । ସେ ଆଣିଥିବା ଋଣରୁ ଟ୭୦୦ଙ୍କା ପରିଶୋଧ କରି ସାରିଲେଣି, ଅବଶିଷ୍ଟ ଋଣ ଚଳିତ ବର୍ଷ ପରିଶୋଧ କରିଦେବା ପାଇଁ ମନସ୍ଥ କରିଛନ୍ତି । ଛେଳିରୁ ବାର୍ଷିକ ୨।୩ ହଜାର ଟଙ୍କା ରୋଜଗାର କରନ୍ତି । ବର୍ତ୍ତମାନ ତାଙ୍କର ୪୫ ଟି ଛେଳି । ଛୋଟ ଛୋଟ ଝିଅ ଦୁଇଟି ଛେଳିର ଦାୟିତ୍ୱ ତୁଲାଇ ଦେଉଛନ୍ତି । ପୁଅଟି ୯ମ ଶ୍ରେଣୀ ପାଠ ପଢ଼ା ଛାଡ଼ି ଦେଇଥିଲେ । ହରିହର ଚଳିତବର୍ଷ ପୁଅକୁ ପାଠ ପଢ଼ାଇବାକୁ ଉଦ୍ୟମ କରୁଛନ୍ତି । ବର୍ତ୍ତମାନ ହରିର ଆନନ୍ଦର ସୀମା କହିଲେ ନସରେ ।

ଶ୍ରୀ ଅର୍ଜ୍ଜୁନ ମଲ୍ଲିକ

ଅନୁବିଭାଗୀୟ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଢେଙ୍କାନାଳ

## ସୁକୁରୁର ସଂସାର

ଶ୍ରୀ କଣ୍ଠାଧର ସୁକୁରୁ ଖମାରସିଙ୍ଗି ଗ୍ରାମର ସ୍ଥାୟୀ ବାସିନ୍ଦା । ଗ୍ରାମଟି କୋଲନଗ ପଞ୍ଚାୟତ ସମିତିଠାରୁ 3 କି. ମି. ଦୂରରେ ଅବସ୍ଥିତ । ପରିବାର କହିଲେ ସ୍ତ୍ରୀ, 3 ପୁଅ ଓ 2 ଝିଅ । ଚାଷହିଁ ତାଙ୍କର ଏକମାତ୍ର ଭରସା । ବର୍ଷକର ଶୁକୁରଣ ମୋଟ ସପରି ୬ ଏକର ଚାଷ ଜମି ଅଛି । ହେଲେ କଣ ହେବ, ଶୁକୁରୁଙ୍କର ବେଶିଭାଗ ସମ୍ବଳ ଗଲିଯାଏ ଚାଷ ପାଇଁ ହଳ କିଣିବାରେ । ତାଙ୍କର ନିଜର ହଳ ନାହିଁ କି ହଳଟିଏ ଖରିଦ କରିବାପାଇଁ ସମ୍ବଳ ନାହିଁ । ଚାଷ ଦିନରେ ହଳ ପିଛା ଦୈନିକ ୮/୧୦ଟଙ୍କା ମଜୁରୀ ଦେଇ କୌଣସି ପ୍ରକାରେ ଫସଲଟି ଉଠାଏ । ଫଳରେ ତାଙ୍କର ଯାହା କିଛି ରୋଜଗାର ଏହି ହଳ କିଣାରେ ସରିଯାଏ । ଦିନେ ୧୯୮୪ ମସିହାରେ, ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନା ଜରିଆରେ ହଳ ଖରିଦ କରିବାପାଇଁ ବ୍ଲକ ଜରି-ଆରେ ଋଣ ପାଇ ପାରିବା ଶୁଣି, ବ୍ଲକ ଉନ୍ନୟନ ଅଧିକାରୀ, କୋଲନଗକୁ ସାକ୍ଷାତ କରି ହଳ ଖରିଦ କରିବା ପାଇଁ ଆବେଦନକଲା । ସେହି ଦରଖାସ୍ତ ଉପରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ କରି ବ୍ଲକ ଉନ୍ନୟନ ଅଧିକାରୀ, କୋଲନଗ ପଞ୍ଚବଟୀ ଗ୍ରାମ୍ୟ ବ୍ୟାଙ୍କ ଜରିଆରେ ୧,୧୦୦ ଟଙ୍କାରେ ହଳେ ବଳଦ ଖରିଦ କରିବାପାଇଁ ସୁପାରିଶ କଲେ ଏବଂ ସେ ଅଳ୍ପ ଦିନ ମଧ୍ୟରେ ହଳେ ବଳଦ ପାଇଲା । ସେହି ବର୍ଷ ଠାରୁ ତାଙ୍କର ଚାଷରେ ଆଉ କୌଣସି ଅସୁବିଧା ନାହିଁ । ନିଜ ଚାଷ ସମ୍ପୂର୍ଣ୍ଣ ପରେ, ଅନ୍ୟମାନଙ୍କର ଜମିରେ ହଳକରି ଦୈନିକ 8/10 ଟଙ୍କା ରୋଜଗାର କରିବାକୁ ସକ୍ଷମ

ହେଲେ । ଦୁଇ ବର୍ଷ ମଧ୍ୟରେ ସେହି ଋଣ ପରିଶୋଧ କରି ପାରିଲେ । ସରକାରଙ୍କର ପରିବର୍ତ୍ତିତ ନିୟମ ଅନୁଯାୟୀ ଶ୍ରୀ ମୁହୁରୁ ପୁଣି 1988 ମସିହାରେ ଆଉ ହଳେ ବଳଦ ଖରିଦ କରିବା ପାଇଁ 1,400 ଟଙ୍କା ଋଣ ପାଇଲେ ଏବଂ ଆଉ ହଳେ ବଳଦ ଖରିଦ କଲେ । ବର୍ତ୍ତମାନ ବୁଢ଼ା ଘରେ ଥାଇ ପୁଅମାନଙ୍କୁ ଚାଷ କାମରେ ଲଗାଇ ନିଜର ଜମି ବୁଢ଼ିଧାରେ ଚାଷ କରିବା ସଙ୍ଗେ ସଙ୍ଗେ ଅନ୍ୟର ଜମି ହଳକରି ଦୈନିକ 16/20 ଟଙ୍କା ରୋଜଗାର କରି ପାରୁଛନ୍ତି ।

ପୂର୍ବରୁ ଯେଉଁ ପୁଅମାନେ କୁଲିକାମ ମଧ୍ୟ ପ୍ରତିଦିନ ନ ପାଇ ଘରେ ବେକାରରେ ବସି ରହୁଥିଲେ ବର୍ତ୍ତମାନ ସମସ୍ତେ କାର୍ଯ୍ୟରତ । ଶ୍ରୀ ମୁହୁରୁ ସୁଖଶାନ୍ତିରେ ଦିନ କଟାଇବା ସଙ୍ଗେ ସଙ୍ଗେ ପୁଅ ଓ ଝିଅମାନଙ୍କୁ ବିବାହ କରାଇପାରିଛନ୍ତି ଏବଂ ଭବିଷ୍ୟତପାଇଁ କିଛି ସଞ୍ଚୟ କରିବା ମନୋବୃତ୍ତି ପୋଷଣ କରିଛନ୍ତି ।

ମଣ୍ଡଳ ସଂଗଠକ
ପଞ୍ଚିଖୋଡା ମଣ୍ଡଳୀ ରାୟଗଡ଼ା

---

**ସ୍ୱରାଜ ଗୋଟିଏ ପବିତ୍ର ଶବ୍ଦ, ଗୋଟିଏ ବୈଦିକ ଶବ୍ଦ । ଏହାର ଅର୍ଥ ହେଉଛି ଆତ୍ମ-ଶାସନ ଓ ଆତ୍ମ-ସଂଯମ । ଅନେକ ସମୟରେ ଉଚ୍ଛୃଙ୍ଖଳତାକୁ ଯେପରି ସ୍ୱାଧୀନତା ବୋଲି ଅର୍ଥ କରାଯାଇଥାଏ, ଏହାର ଅର୍ଥ ତାହା ନୁହେଁ ।**

—ଗାନ୍ଧୀ

# ସମ୍ବାଦ ପରିକ୍ରମା

## ମୁଖ୍ୟମନ୍ତ୍ରୀଙ୍କ ପୁରୀ ଜିଲ୍ଲା ବନ୍ୟା କ୍ଷତଗ୍ରସ୍ତ ଅଞ୍ଚଳ ପରିଦର୍ଶନ

ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ବନ୍ଧ, ବାଡ଼ ଓ ରାସ୍ତାଗୁଡ଼ିକ ତୁରନ୍ତ ମରାମତି ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ବିଭାଗୀୟ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଶ୍ରୀ ପଟ୍ଟନାୟକ ମଙ୍ଗଳାଜୋଡ଼ି ନଦୀର ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ପୁରୀ ଜିଲ୍ଲାର ବିଭିନ୍ନ ଗ୍ରାମ, ଯଥା—ଗୋଲବାଇ, ଘଣ୍ଟଶିଳା-ପୁର, ଦ୍ଵୀପ ପ୍ରଭୃତି ଅଞ୍ଚଳ ପରିଦର୍ଶନ କରିଥିଲେ । ବିଭିନ୍ନ ସ୍ଥାନରେ ସମବେତ ଗ୍ରାମବାସୀଙ୍କ ସଙ୍ଗେ ଶ୍ରୀ ପଟ୍ଟନାୟକ କ୍ଷୟକ୍ଷତି ସଂପର୍କରେ ଆଲୋଚନା କରିଥିଲେ । ମଙ୍ଗଳାଜୋଡ଼ି ନଦୀର ବନ୍ୟାଜଳ ନିଷ୍କାସନ ବ୍ୟବସ୍ଥା ସଂପର୍କରେ ଅନୁଧ୍ୟାନ କରି ଏକ ବିସ୍ତୃତ ରିପୋର୍ଟ ଦେବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଫିସରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ପୁରୀ ଜିଲ୍ଲାର ଖୋର୍ଦ୍ଧା ସବ୍‌ଡିଭିଜନ୍‌ରେ ପ୍ରବଳ ବର୍ଷା ଫଳରେ ବ୍ୟାପକ ବନ୍ୟା ଦ୍ୱାରା ହୋଇଥିବା କ୍ଷୟକ୍ଷତିର ପରିମାଣ ପ୍ରାୟ 51·60 ଲକ୍ଷ ଟଙ୍କା ହେବ ବୋଲି ପ୍ରାଥମିକ ଅଟକଳରୁ ଜଣାପଡ଼ିଛି । କ୍ଷତିଗ୍ରସ୍ତ ଜଙ୍କିଆ-ବଣାସ ରାସ୍ତା ଓ ନୂଆ ଜଗନ୍ନାଥ ସଡ଼କରେ ସୃଷ୍ଟି ହୋଇଥିବା ଘାଇଗୁଡ଼ିକୁ ତୁରନ୍ତ ମରାମତି କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।

ବିଭିନ୍ନ ବନ୍ୟାସ୍ଥଳ ପରିଦର୍ଶନ ପରେ ମୁଖ୍ୟମନ୍ତ୍ରୀ ମଙ୍ଗଳାଜୋଡ଼ି ବ୍ୟାରେଜ୍‌ଠାରେ ବିଭାଗୀୟ ଅଫିସରମାନଙ୍କ ସଙ୍ଗେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଶ୍ରୀ ଗଦାଧର ମହାପାତ୍ର, ରାଜସ୍ୱ ବିଭାଗ ଶାସନ ସଚିବ ଶ୍ରୀ ଉପର ପଟ୍ଟନାୟକ, ଖୋର୍ଦ୍ଧା ରୋଡ଼ ରେଳବାଇ ଡିଭିଜନାଲ ମ୍ୟାନେଜର ଶ୍ରୀ ରତ୍ନାଚେରୀ, କ୍ଷୁଦ୍ର ଜଳସେଚନ ବିଭାଗ ମୁଖ୍ୟଯନ୍ତ୍ରୀ ଶ୍ରୀ ବାମଦେବ ମହାପାତ୍ର, ବନ୍ୟା ନିୟନ୍ତ୍ରଣ ମୁଖ୍ୟଯନ୍ତ୍ରୀ ଶ୍ରୀ ଡି. କେ. ଦୋରା ଓ ପୁରୀ ଜିଲ୍ଲାପାଳ ଶ୍ରୀ ସୁଦାମ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

---

## ଅଧିକ ବିଦ୍ୟୁତ୍‌ଶକ୍ତି ସର୍ବାଂଗୀନ ପ୍ରଗତି ଦିଗରେ ସହାୟକ

ମୁଖ୍ୟମନ୍ତ୍ରୀ

ପୁରୀ ଜିଲ୍ଲା ବଣାସ ଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ପ୍ରାୟ ୩୩ ଲକ୍ଷ ଟଙ୍କାରେ ନିର୍ମିତ ଏକ ୩୩ କେଭି. ଇଲେକ୍‌ଟ୍ରିକ୍ ସବ୍‌ଷ୍ଟେସନ ଉଦ୍‌ଘାଟନ କରି ସମବେତ ଜନତାଙ୍କୁ କହିଲେ ଯେ ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି, ଜଳସେଚନର ପ୍ରସାର ଏବଂ ଶିଳ୍ପ ବିକାଶକୁ ତ୍ୱରାନ୍ୱିତ କରିବା ଦିଗରେ ବିଦ୍ୟୁତ ଶକ୍ତି ବିଶେଷ ସହାୟକ ହୋଇଥାଏ । ଓଡ଼ିଶାର ଗ୍ରାମମାନଙ୍କର ଅର୍ଥନୈତିକ ଉନ୍ନତି ନିମନ୍ତେ ସରକାର ସବୁମତେ ସାହାଯ୍ୟ କରିବା ପାଇଁ ପଦକ୍ଷେପ ନେଉଛନ୍ତି । ଜବାହର ରୋଜଗାର ଯୋଜନା ଦ୍ୱାରା ଗ୍ରାମାଂଚଳର ଦରିଦ୍ର ଲୋକମାନେ ଉପକୃତ ହୋଇପାରିବେ ଏବଂ ପଂଚାୟତ ସ୍ତରରେ ନିଷ୍ପତ୍ତି ନିଆଯାଇ ଗ୍ରାମବାସୀଂକର ସୁବିଧା ପ୍ରତି ଦୃଷ୍ଟି ରଖି ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ବଣାସ ଅଂଚଳରେ ପାନୀୟ ଜଳ ଯୋଗାଣ ସମସ୍ୟା ସଂପର୍କରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଏ ଅଂଚଳରେ ମଧୁର ଜଳ ପାଇବା କଷ୍ଟକର । ତେଣୁ ଦୁଇଟି ବଡ଼ ପୋଖରୀ ସୃଷ୍ଟି କରାଯାଇ ସେଥିରେ କେନାଲ ପାଣି ପୂର୍ଣ୍ଣ କରାଯିବ । ଗୋଟିଏ ପୋଖରୀର ପାଣିକୁ ପାନୀୟ ଜଳ ରୂପେ ବ୍ୟବହାର କରଯାଇ ପାରିବ ଏବଂ ଅନ୍ୟଟିରେ

ଲୋକମାନେ ଗାଧୁଆ ପାଧୁଆ କରିପାରିବେ । କେତେକ ସ୍ଥାନରେ ଗଭୀର କୂଅ ଖୋଳାଯାଇ ମଧୁର ଜଳ ସଂଗ୍ରହ କରାଯାଇ ପାରିବ । ଏ ସଂପର୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ ସୂଚନା ଦେଇଥିଲେ । ଗରିବ ଲୋକମାନଙ୍କ ନିମନ୍ତେ ଉର୍ଦ୍ଦିଷ୍ଟ ଅର୍ଥରୁ କେତେକ କ୍ଷେତ୍ରରେ ହାତମାରଣା କରୁଥିବା ଲୋକମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ସତର୍କ ଉକ୍ତି ଦେଇଥିଲେ ।

କଣାସ ହାଇସ୍କୁଲକୁ + 2 କଲେଜରେ ପରିଣତ କରାଯିବ, ସ୍କୁଲକୁ ସରକାରୀ ସାହାଯ୍ୟ ଦିଆଯିବ ଏବଂ କଣାସ-ଡେଲାଙ୍ଗ ରାସ୍ତାର ଉନ୍ନତି କରାଯିବ ବୋଲି ସେ ପ୍ରକାଶ କରିଥିଲେ ।

ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ପରିଡ଼ାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଭାରତ ସ୍ୱାଧୀନତା ଲାଭ କରିବାରେ କଣାସବାସୀଙ୍କର ଯଥେଷ୍ଟ ଅବଦାନ ରହିଛି ।

ସର୍ବଶେଷରେ ମୁଖ୍ୟମନ୍ତ୍ରୀ କଣାସ ଅଂଚଳର ୬୪ ଜଣ ଶାରୀରିକ ବିକଳାଂଗ ଲୋକଙ୍କୁ ଭତ୍ତା, ୩୬ ଜଣ ବାସହୀନ ଲୋକଙ୍କୁ ଘରଡିହ ପଟ୍ଟା ଓ ପରିବାର ଯୋଜନା ଅନ୍ତର୍ଭୁକ୍ତ ଲୋକଙ୍କୁ କ୍ଷତିପୂରଣ ପ୍ରଦାନ କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ସତ୍ୟବାଦୀ ବିଧାନସଭା ସଦସ୍ୟ ଶ୍ରୀ ରବିଦାସ, ଲୋକସଭା ସଦସ୍ୟ ଶ୍ରୀ ବ୍ରଜମୋହନ ମହାନ୍ତି, ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଶ୍ରୀ ହରିହର କରଣ ଓ ପୂର୍ବତନ ବିଧାନସଭା ସଦସ୍ୟ ଶ୍ରୀ ବିପିନ ଦାସ ପ୍ରମୁଖ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ ।

## ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୁଣାନଦୀ ସେତୁର ଶିଳାନ୍ୟାସ

ପ୍ରସ୍ତାବିତ ନୂଆ ଜଗନ୍ନାଥ ସଡ଼କ ସଂପୂର୍ଣ୍ଣ ହେବା ପରେ ଗଂଜାମ, କୋରାପୁଟ, କଳାହାଣ୍ଡି ଓ ଫୁଲବାଣୀ ଜିଲ୍ଲାଗୁଡ଼ିକ ସମେତ ପଶ୍ଚିମ ଓ ଦକ୍ଷିଣଭାରତ ସହିତ ପୁରୀର ଦୂରତ୍ୱ ଅପେକ୍ଷାକୃତ କମ୍ ହେବ ଓ ଏହାର ନିର୍ମାଣ କାର୍ଯ୍ୟ ଆସନ୍ତା ବର୍ଷ ମାର୍ଚ୍ଚ ମାସ ମଧ୍ୟରେ ସଂପୂର୍ଣ୍ଣ ହେବ ।

ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ଅଣାରସିଂ-ଠାରେ ନୂଆ ଜଗନ୍ନାଥ ସଡ଼କର ଲୁଣାନଦୀ ଉପରେ ୧,୧୧,୧୦,୦୦୦ ଟଙ୍କା ବ୍ୟୟରେ ନିର୍ମିତ ହେଉଥିବା ଏକ ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରି ସମବେତ ଜନତାଙ୍କୁ କହିଲେ ସେ ଚନ୍ଦନପୁର ଠାରୁ ଖରଣକୁଳ ପର୍ଯ୍ୟନ୍ତ ୧୭୨.୪ କି. ମି. ଦୀର୍ଘ ଏହି ନୂଆ ଜଗନ୍ନାଥ ସଡ଼କ ପାଇଁ ୫୬୫୨.୩୪୯ ଲକ୍ଷ ଟଙ୍କାର ଏକ ଅଟକଳ ପ୍ରସ୍ତୁତ କରାଯାଇ ପ୍ରଶାସନିକ ଅନୁମୋଦନ ଲାଭ କରିଛି ।

ଭାଭାପାଟ ଓ୍ୱାଲି ଦ୍ୱାରା ଗମନାଗମନର ସୁବିଧା ହେବା ସଂଗେ ସଂଗେ ଲୋକମାନଙ୍କର ଅର୍ଥନୈତିକ ଅଭିବୃଦ୍ଧି ଘଟାଇବା ଦିଗରେ ସରକାର ସମର୍ଥ ହୋଇପାରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ । ପ୍ରବଳ ବର୍ଷା ସତ୍ତ୍ୱେ ହଜାର ହଜାର ସଂଖ୍ୟାରେ ଲୋକ ଏହି ଉତ୍ସବରେ ଯୋଗ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ସତ୍ୟବାଦୀ ବିଧାନସଭା ସଦସ୍ୟ ଶ୍ରୀ ରବି ଦାସ ଓ ପୂର୍ବତନ ମନ୍ତ୍ରୀ ଶ୍ରୀ ଗଙ୍ଗାଧର ମହାପାତ୍ର ପ୍ରମୁଖ ଏହି ଉତ୍ସବରେ ଉପସ୍ଥିତ ଥିଲେ ।

## ନୂତନ ଶିକ୍ଷାନୀତି-ଏକ ବୈପ୍ଳବିକ ପଦକ୍ଷେପ

ନୂତନ ଶିକ୍ଷାନୀତି ଏକ ବୈପ୍ଳବିକ ପଦକ୍ଷେପ ବୋଲି ବର୍ଣ୍ଣନା କରି ଏହାର ସଫଳ ରୂପାୟନ ପାଇଁ ଜନ ସହଯୋଗ ଉପରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ଗୁରୁତ୍ୱ ଆରୋପ କରିଛନ୍ତି ।

କଟକ ଜିଲ୍ଲା ଉରାଳୀ ଉଚ୍ଚ ଇଂରାଜୀ ବିଦ୍ୟାଳୟର ରଜତ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ଶିକ୍ଷା ପ୍ରସାର ଫଳରେ ସାମାଜିକ ଓ ଅର୍ଥନୈତିକ ପ୍ରଗତି ତ୍ୱରାନ୍ୱିତ ହୋଇପାରିବ ।

ସ୍ଥାନୀୟ ସମସ୍ୟା ସଂପର୍କରେ ଆଲୋଚନା କରି ମୁଖ୍ୟମନ୍ତ୍ରୀ କହିଲେ ଯେ ନଦୀବନ୍ଧ ଚଉଡ଼ା କରିବା ଓ କେନାଲରେ ଜଳ ଯୋଗାଇ ଦେବା ନିମନ୍ତେ ସେ ବିଭାଗୀୟ ଅଫିସରମାନଙ୍କୁ ପରାମର୍ଶ ଦେଇଛନ୍ତି । ପନ୍ଦର ଲକ୍ଷ ଟଙ୍କା ବ୍ୟୟରେ ଉରାଳୀ ନଦୀବନ୍ଧକୁ ଚଉଡ଼ା କରାଯାଇ ତାହାକୁ ପିଚୁରାସ୍ତାରେ ପରିଣତ କରାଯିବ । ଏ ଅଂଚଳର ଅଧିକାଂଶ ଲୋକ କୃଷି ଉପରେ ନିର୍ଭର କରୁଥିବାରୁ କୃଷିର ଉନ୍ନତି ନିମନ୍ତେ ଅତିଶୀଘ୍ର ଜଳସେଚନର ସୁବିଧା ଯୋଗାଇ ଦିଆଯିବ ।

ମୁଖ୍ୟମନ୍ତ୍ରୀ କହିଲେ ଯେ ଗ୍ରାମାଂଚଳର ଦରିଦ୍ର ଲୋକମାନଙ୍କର ଆର୍ଥିକ ଉନ୍ନତି ନିମନ୍ତେ ଜବାହର ରୋଜଗାର ଯୋଜନା ଏକ ନିର୍ଭରଯୋଗ୍ୟ ପଦକ୍ଷେପ । ଏହାଦ୍ୱାରା ପ୍ରତ୍ୟେକ ଗରିବ ପରିବାରର ଜଣେ ନେଲେ ଲୋକକୁ ବର୍ଷରେ ଅତିକମ୍‌ରେ ୫୦ରୁ ୧୦୦ ଦିନ ପର୍ଯ୍ୟନ୍ତ ନିଶ୍ଚିତ ଭାବେ କାମଧନ୍ଦା ଯୋଗାଇ ଦିଆଯିବ । ଏହି କାର୍ଯ୍ୟକ୍ରମ ଜରିଆରେ ଗ୍ରାମରେ ଜଙ୍ଗଲ ସୃଷ୍ଟି କରାଯିବା ସଙ୍ଗେ ସଙ୍ଗେ କୂଅ, ପୋଖରୀ ଜୋଲା ପ୍ରଭୃତି ଉନ୍ନୟନମୂଳକ କାର୍ଯ୍ୟ ଗ୍ରହଣ କରାଯିବ । ଏହିସବୁ କାର୍ଯ୍ୟ ପଞ୍ଚାୟତ ସ୍ତରରେ ନିଷ୍ପତ୍ତି ନିଆଯାଇ କରାଯିବ ।

ଉରାଳୀ ହାଇସ୍କୁଲକୁ ବିଜ୍ଞାନ ଉପକରଣ, ବିଜ୍ଞାନ ସମ୍ବନ୍ଧୀୟ ପୁସ୍ତକ କ୍ରୟ ନିମନ୍ତେ ଓ ପ୍ରବେଶ ଦ୍ୱାର ମରାମତି ପାଇଁ ୭୫ ହଜାର ଟଙ୍କା ଅନୁଦାନ ମଂଜୁର କରାଯିବ ।

ସ୍ଥାନୀୟ ଉ. ସ୍କୁ. ବିଦ୍ୟାଳୟର ମରାମତି ପାଇଁ ୫୦ ହଜାର ଟଙ୍କା ଦିଆଯିବ ଓ ଏକ ଦୂରଦର୍ଶନ ସେଟ୍ ମଧ୍ୟ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ । ଶେଷରେ ମୁଖ୍ୟମନ୍ତ୍ରୀ କୃତୀ ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କାର ବଣ୍ଟନ କରିଥିଲେ ।

ନିଖିଳ ଭାରତ ମହିଳା କଂଗ୍ରେସର ସଭାନେତ୍ରୀ ତଥା ଲୋକସଭା ସଦସ୍ୟା ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ ପ୍ରାୟ ୫୫ ହଜାର ଟଙ୍କା ବ୍ୟୟରେ ନିର୍ମିତ ଭରାଳୀ ଗ୍ରାମ ପଞ୍ଚାୟତ ଗୃହ ଉଦ୍‌ଘାଟନ କରିଥିଲେ । ଉକ୍ତ ବୈଠକରେ ଯୋଗ ଦେଇ ଶ୍ରୀମତୀ ପଟ୍ଟନାୟକ ଏକ ସ୍ମରଣିକା ଉନ୍ମୋଚନ କରି କହିଲେ ଯେ ଏହି ଭରାଳୀ ହାଇସ୍କୁଲ ବହୁ କୃତୀ ସନ୍ତାନ ସୃଷ୍ଟି କରିଛି ଓ ଭଲ ମଣିଷ ଗଢ଼ି ତୋଳିବାରେ ସକ୍ଷମ ହୋଇଛି । ମହିଳାମାନଙ୍କ ଶିକ୍ଷା ଉପରେ ଗୁରୁତ୍ୱ ଆରୋପ କରି ସେ କହିଲେ ଯେ ମହିଳାମାନଙ୍କୁ ବର୍ତ୍ତମାନର ସରକାର ଏମ୍. ଏ. ପର୍ଯ୍ୟନ୍ତ ବିନା ଦରମାରେ ପାଠ ପଢ଼ିବା ପାଇଁ ସୁଯୋଗ ଦେଉଛନ୍ତି ।

ଶ୍ରୀ ପଦ୍ମଚରଣ ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀ ଗୁଣନିଧି ବେନା, ସମାଜ ସେବୀ ଶ୍ରୀ ନିରଂଜନ ଜେନା, ସ୍କୁଲର ସଂପାଦକ ଶ୍ରୀ ବିଜୟ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ ।

## ଗ୍ରାମାଂଚଳର ଦରିଦ୍ରତମ ପରିବାରଙ୍କ ଆର୍ଥିକ ଅଭ୍ୟୁତ୍ଥାନ

ରାଜ୍ୟର ଗ୍ରାମାଂଚଳରେ ଦରିଦ୍ରତମ ପରିବାରଙ୍କ ଆର୍ଥିକ ଅଭ୍ୟୁତ୍ଥାନ କାର୍ଯ୍ୟକ୍ରମରେ ୧୯୮୮-୮୯ ଆର୍ଥିକ ବର୍ଷ ମଧ୍ୟରେ ୧ଲକ୍ଷ ୨୩ ହଜାର ୬୨୬ ଦରିଦ୍ରତମ ପରିବାର ଆର୍ଥିକ ସହାୟତା ପାଇ ଉପକୃତ ହୋଇଛନ୍ତି । ଏହି କାର୍ଯ୍ୟକ୍ରମରେ ଶତକଡ଼ା ୧୧୨ ଭାଗ ସଫଳତା ଅର୍ଜନ କରାଯାଇ ପାରିଛି । ରାଜ୍ୟ ସରକାର ଏ ବାବଦରେ ପରିବାର ପିଛା ହାରାହାରି ୮୦୧ ଟଙ୍କା ହିସାବରେ ମୋଟ୍ ୯ କୋଟି ୯୦ଲକ୍ଷ ୬୩ ହଜାର ଟଙ୍କା ସବ୍‌ସିଡ଼ି ସହାୟତା ପ୍ରଦାନ କରିଛନ୍ତି । ଉପକୃତ ପରିବାରଙ୍କ ମଧ୍ୟରେ ୩୪,୨୬୭ ହରିଜନ ଏବଂ ୩୬,୬୮୨ ଆଦିବାସୀ ପରିବାର ଅନ୍ତର୍ଭୁକ୍ତ ।

ଜିଲ୍ଲା ସ୍ତରରେ ଇ. ଆଇ. ଆର. ଡି. ପି. ଅନ୍ତର୍ଗତ ସଂପର୍କରେ ଗୋଷ୍ଠୀ ଉନ୍ନୟନ ବିଭାଗ ପକ୍ଷରୁ କରାଯାଇଥିବା ସମୀକ୍ଷା ବିବରଣୀରୁ ପ୍ରକାଶ ଯେ, ପୁରୀ, ବାଲେଶ୍ୱର, ସମ୍ବଲପୁର, ଗଂଜାମ ଓ ମୟୂରଭଂଜ ଜିଲ୍ଲାମାନଙ୍କରେ ଯଥାକ୍ରମେ ୧୭,୯୯୯, ୧୭,୬୯୬, ୧୬,୩୫୯, ୧୦,୭୨୩ ଏବଂ ୧୦,୪୯୫ ଦରିଦ୍ର ପରିବାରଙ୍କୁ ବିଭିନ୍ନ ସମ୍ବଳ ସହିତ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । କୋରାପୁଟ, କଟକ, ଢେଙ୍କାନାଳ, କଳାହାଣ୍ଡି ଜିଲ୍ଲାମାନଙ୍କରେ ଏହି ହିତାଧିକାରୀମାନଙ୍କ ସଂଖ୍ୟା ଯଥାକ୍ରମେ ୯୬୪୫, ୮୬୪୭, ୮୬୪୫ ଏବଂ ୭୧୬୨ ହୋଇଥିବା ସ୍ଥଳେ ବଲାଙ୍ଗୀର, ସୁନ୍ଦରଗଡ଼, କେନ୍ଦୁଝର ଓ ଫୁଲବାଣୀ ଜିଲ୍ଲାରେ ଯଥାକ୍ରମେ ୨୪୮୫, ୫୦୮୦, ୨୬୭୯ ଏବଂ ୧୨୧୬ ଦରିଦ୍ରତମ ପରିବାର ଆର୍ଥିକ ସହାୟତା ପାଇଥିଲେ ।

## କେସିଙ୍ଗା ଡାକ୍ତରଖାନାରେ ନୂତନ ଶଯ୍ୟା ।

କେସିଙ୍ଗା ଡାକ୍ତରଖାନାରେ ବାର ଗୋଟି ନୂତନ ଶଯ୍ୟା-ବିଶିଷ୍ଟ ଦୁଇଗୋଟି ନୂତନ ପକ୍କା ଗୃହ ରାଜ୍ୟ ସୂଚନା ଓ ସେଚ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂହଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି । ଦେଢ଼ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ପକ୍କା ଗୃହ ନିର୍ମାଣ ବାବଦ ସମସ୍ତ ବ୍ୟୟ କଣ୍ଟାପଡାର ସେଠ୍ ମୁନସିଲାଲ ହନୁମାନ ଦାସ ଜୈନ ଓ କେସିଙ୍ଗାର ଶ୍ରୀ ଭାଇଜୀଭାଇ ପଟେଲ ବହନ କରିଛନ୍ତି । କେସିଙ୍ଗା ଡାକ୍ତରଖାନାର ବର୍ତ୍ତମାନ ଶଯ୍ୟା ସଂଖ୍ୟା ୩୦କୁ ବୃଦ୍ଧି ପାଇଛି ।

୧୯୪୬ ମସିହାରେ ଆରମ୍ଭ ହୋଇଥିବା ଏହି ଡାକ୍ତରଖାନାଟିରେ ୧୯୬୦ ମସିହାରେ ଶ୍ରୀ ନନ୍ଦରାମ ମୈସନ୍‌ଲାଲ ପ୍ରଥମେ ନିଜ ବ୍ୟୟରେ ୬ଟି ଶଯ୍ୟା ନିମନ୍ତେ କୋଠା ନିର୍ମାଣ କରି ଜନ ସହଯୋଗରେ ଗ୍ରାମାଞ୍ଚଳରେ ଚିକିତ୍ସାର ପ୍ରସାର କରାଇଥିଲେ । ୧୯୮୪ ମସିହାରେ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ସିଂହଙ୍କ ଉଦ୍ୟମରେ ବ୍ରିଟେନ୍ ଯୁକ୍ତରାଜ୍ୟ ସହାୟତାରେ ଆଉ ଦଶଗୋଟି ନୂତନ ଶଯ୍ୟା ଏବଂ ଓଡ଼ିଶା ମେଡ଼ିକେଲ ସଂସ୍ଥା ଦ୍ୱାରା ଦୁଇଗୋଟି ଶଯ୍ୟା ବ୍ୟବସ୍ଥା କରାଯାଇଥିଲା ।

ଉଦ୍‌ଘାଟନ ଉତ୍ସବରେ ଶ୍ରୀ ସିଂହ ବଦାନ୍ୟ ବ୍ୟକ୍ତିଙ୍କ ଅର୍ଥ ଓ ଜନ ସହଯୋଗରେ ରାଜ୍ୟର ଗ୍ରାମାଞ୍ଚଳର ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାର ବହୁଳ ପ୍ରସାର କରାଯିବା ଲାଗି ନିବେଦନ କରିଥିଲେ । ୧୯୮୦ ମସିହା ପରଠାରୁ ଜନ ସହଯୋଗ ହେତୁ ସମଗ୍ର କେସିଙ୍ଗା ନିର୍ବାଚନ ମଣ୍ଡଳୀରେ ୧୬ କିଲୋମିଟର ଦୂରତ୍ୱ ମଧ୍ୟରେ ସରକାର ସ୍ୱାସ୍ଥ୍ୟ ସେବା ପ୍ରଦାନ କରିପାରିଥିବା ବିଷୟରେ ସେ ବର୍ଣ୍ଣାଇଥିଲେ ।

ଜିଲ୍ଲା ମୁଖ୍ୟ ଚିକିତ୍ସକ ଡକ୍ଟର ପ୍ରଭାତ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ କେସିଙ୍ଗା ନଗରପାଳ ଶ୍ରୀ ଜୟକିଶନ ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଡାକ୍ତରଖାନାର ମୁଖ୍ୟ ଚିକିତ୍ସକ ଡଃ ପି. କେ. ସାହୁ ତାଙ୍କ ବିବରଣୀରେ ଡାକ୍ତରଖାନାର ଆଉଟ୍‌ଡୋରରେ ଦୈନିକ ୧୬୩ ଜଣ ଓ ଇନ୍‌ଡୋରରେ ୨୪ ଜଣ ରୋଗୀଙ୍କ ଚିକିତ୍ସା କରାଯାଉଛି ବୋଲି ସୂଚାଇଥିଲେ । ୧୯୮୦ ପୂର୍ବରୁ ଏଠାରେ ୧୨୦ ଜଣ ବାହାରେ ରହି ଓ ୨ ଜଣ ରୋଗୀ ଇନଡୋରରେ ରହି ଦୈନିକ ଚିକିତ୍ସା ସେବା ପାଉଥିଲେ । ୧୯୮୧ ମସିହାଠାରୁ ମିଳିମିଳା, ସାତକାମୁଡା ଓ ହୁଡ଼ପ କାମୁଡା ଆଦି ପ୍ରତିଷେଧକ ଟିକା ଓ ଡି. ପି. ଟି. ଏବଂ ବି. ସି. ଜି. ଟୀକା ଦେବା ବ୍ୟବସ୍ଥା ଏଠାରେ କରାଯାଉଛି । ୧୯୮୦—୮୮ ସମୟ ମଧ୍ୟରେ ଏହି ଚିକିତ୍ସାଳୟରେ ଦଶ ଜଣ କର୍ମଚାରୀଙ୍କ ନିମନ୍ତେ ବାସଗୃହ ନିର୍ମାଣ ଓ ଦୁଇଟି ନଳକୂପ ସରକାରଙ୍କ ପକ୍ଷରୁ କରାଯାଇଛି ।

## କଳାହାଣ୍ଡିରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ

କଳାହାଣ୍ଡି ଜିଲ୍ଲାରେ ଆଦିବାସୀମାନେ ଯେପରି ପୋଡୁଚାଷ ନ କରି ବୃକ୍ଷ ରୋପଣ ଓ ଅନ୍ୟାନ୍ୟ ଅର୍ଥକରୀ ଫସଲ ଚାଷ କରନ୍ତି, ସେ ଦିଗରେ ସେମାନଙ୍କୁ ଉତ୍ସାହିତ କରାଯାଉଛି । ତଦନୁଯାୟୀ ଥୁଆମୂଳ-ରାମପୁର ବ୍ଲକର ଧନୁରଡ଼ାଠାରେ ୧୦୦ ଏକର ଜମିରେ ୫୦ ଜଣ ହିତାଧିକାରୀଙ୍କ ପାଇଁ ଆମ୍ବଗଛ ରୋପଣ କରାଯାଇଛି । ସେହିଠାରୁ ବାସ୍ତି କିପରି ବୃକ୍ଷ ରୋପଣ କାର୍ଯ୍ୟରେ ଅଧିକ ସଂଶ୍ଳିଷ୍ଟ ହେଉଛନ୍ତି, ତାହା ସଂପ୍ରତି କୃଷି ଓ ସମବାୟ ମନ୍ତ୍ରୀ ଶ୍ରୀ ରାସବିହାରୀ ବେହେରା ସେସବୁ ଅଞ୍ଚଳ ଗସ୍ତ କରିବା ଅବସରରେ ଅନୁଧ୍ୟାନ କରିଛନ୍ତି । ସେହିପରି ଡାକୋଡ଼ା ଗ୍ରାମରେ ପ୍ରାୟ ୩ ଲକ୍ଷ ଟଙ୍କା ବ୍ୟୟରେ କାର୍ଯ୍ୟକାରୀ ହେଉଥିବା ପୋଡୁଚାଷ ବିକଳ୍ପ କାର୍ଯ୍ୟକ୍ରମ ସଂପର୍କରେ କୃଷି ମନ୍ତ୍ରୀ ଅନୁଧ୍ୟାନ କରିଛନ୍ତି । ଏଠାରେ ୮୦ ଏକର ଜମିକୁ ୧୭ ଜଣ ହିତାଧିକାରୀଙ୍କ ପାଇଁ ଚାଷୋପଯୋଗୀ କରାଯାଇଛି । ଏସବୁ ଜମିକୁ ଚାଷ ପାଇଁ ଜଳସେଚନର ସୁବିଧା ଯୋଗାଇ ଦେବା ଏବଂ ହିତାଧିକାରୀମାନଙ୍କୁ ବର୍ଷ ସାରା ଅନ୍ୟାନ୍ୟ ରୋଜଗାରର ଧନ୍ଦା ଯୋଗାଇ ଦେବା ପାଇଁ କୃଷିମନ୍ତ୍ରୀ ବିଭାଗୀୟ ଅଫିସରମାନଙ୍କୁ ପରାମର୍ଶ ଦେଇଥିଲେ ।

ଶ୍ରୀ ବେହେରା ସେଠାରେ ୮୫ ଏକର ଜମିରେ ହେଉଥିବା କଫିଚାଷ ବୁଲି ଦେଖିଥିଲେ ଓ ସ୍ଥାନୀୟ ଚାଷୀମାନଙ୍କର ଅଭାବ ଅସୁବିଧା ସଂପର୍କରେ ପଚାରି ବୁଝିଥିଲେ ।

## ଜବାହର ରୋଜଗାର ଯୋଜନାରେ ପ୍ରଥମ କିସ୍ତି ବାବଦ ୩୪ କୋଟି ୧୭ ଲକ୍ଷ ଟଙ୍କା ମଞ୍ଜୁର

ଗ୍ରାମ ପଞ୍ଚାୟତମାନଙ୍କରେ ଜବାହର ରୋଜଗାର ଯୋଜନା ଅନ୍ତର୍ଭୁକ୍ତ ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ପ୍ରଥମ କିସ୍ତି ବାବଦ ୩୪ କୋଟି ୧୭ ଲକ୍ଷ ୮୫ ହଜାର ଟଙ୍କା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରୋଜେକ୍ଟ ଡିରେକ୍ଟରମାନଙ୍କ ପାଖକୁ ପଠାଯାଇଛି । ଏଥିମଧ୍ୟରୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୭ କୋଟି ୩୪ ଲକ୍ଷ ୨୮ ହଜାର ଟଙ୍କା ମିଳିଛି ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ୬ କୋଟି ୮୩ ଲକ୍ଷ ୫୭ ହଜାର ଟଙ୍କା ଦିଆଯାଇଛି । ପ୍ରୋଜେକ୍ଟ ଅଫିସରମାନେ ଜିଲ୍ଲାର ସମସ୍ତ ଗ୍ରାମ ପଞ୍ଚାୟତକୁ ଅର୍ଥ ପଠାଇବେ ଓ ପଞ୍ଚାୟତର ସଂଚୟ ପାଣ୍ଠି ବାହାରେ ଉକ୍ତ ଅର୍ଥ ଜମା ରଖିବାର ବ୍ୟବସ୍ଥା କରିବେ ବୋଲି ନିର୍ଦ୍ଦେଶ ଦିଆଯାଇଛି । ଉନ୍ନୟନ କାର୍ଯ୍ୟରେ ମଜୁରୀ ବାବଦ ଖାଦ୍ୟଶସ୍ୟ ଓ ଅର୍ଥ ଦେବାର ବ୍ୟବସ୍ଥା ଥିବାରୁ କେନ୍ଦ୍ର ସରକାର ସ୍ୱତନ୍ତ୍ର ଭାବେ ଓଡ଼ିଶାକୁ ୩୫ ହଜାର ମେଟ୍ରିକ ଟନ୍ ଚାଉଳ ଓ ଗହମ ଯୋଗାଇ ଦେଉଛନ୍ତି ।

## ଓଡ଼ିଶା ବୟନ ଶିଳ୍ପ ନିଗମର ଉଲ୍ଲେଖନୀୟ ସାଫଲ୍ୟ

ରାଜ୍ୟରେ ରୁଗ୍ଣ ବୟନ କଳ ଓ ସୂତାକଳଗୁଡ଼ିକର ପୁନରୁଦ୍ଧାର (ରିଭାଇଭାଲ) ଏବଂ ବୟନ ଶିଳ୍ପର ଉନ୍ନତି ଲାଗି ରାଜ୍ୟ ସରକାର ୧୯୮୧ ମସିହା ସେପ୍ଟେମ୍ବର ମାସରେ ଓଡ଼ିଶା ରାଜ୍ୟ ବୟନ ଶିଳ୍ପ ନିଗମ ପ୍ରତିଷ୍ଠା କରିଥିଲେ । ଏହି ନିଗମରେ ରାଜ୍ୟ ସରକାର ଅଦ୍ୟାବଧି ମୋଟ୍ ୭୫ ଲକ୍ଷ ଟଙ୍କା ଅଂଶଧନ ବିନିଯୋଗ କରିଛନ୍ତି । ଚଳିତ ବର୍ଷ ନିଗମକୁ ୭୦ ଲକ୍ଷ ଟଙ୍କା ଅଂଶଧନ ପରିବର୍ତ୍ତେ ଋଣ ମଞ୍ଜୁର କରାଯାଇଛି । ୧୯-୯-୧୯୮୧ ତାରିଖଠାରୁ ୧୯-୩-୧୯୮୪ ତାରିଖ ପର୍ଯ୍ୟନ୍ତ ଏହି ନିଗମ ଚୌଦ୍ୱାରସ୍ଥିତ ଓଡ଼ିଶା ବୟନ କଳ (ଓ. ଟି. ଏମ୍)ର ପରିଚାଳନା ଦାୟିତ୍ୱରେ ଥିଲା । ୧୯୮୪ ମସିହା ଅପ୍ରେଲ ମାସରେ ଉକ୍ତ ନିଗମ ସମବାୟ ସ୍ତରରେ ଥିବା ବରୁଣେଇ (ଖୋର୍ଦ୍ଧା କଳତନ୍ତ୍ର), ଛତିଆ କଳତନ୍ତ୍ର ଓ ଜଗତପୁରସ୍ଥିତ ବୟନ ପ୍ରକ୍ରିୟା (ପ୍ରୋସେସିଂ ୟୁନିଟ୍)ର ପରିଚାଳନା ଦାୟିତ୍ୱ ହାତକୁ ନେଇଥିଲେ । ଏମାନଙ୍କ ମଧ୍ୟରୁ ଜଗତପୁର ପ୍ରୋସେସିଂ ୟୁନିଟ୍‌ର ପରିଚାଳନା ଦାୟିତ୍ୱ ସମବାୟ ସୂତାକଳ ମହାସଂଘ ହସ୍ତରେ ନ୍ୟସ୍ତ କରାଯାଇଛି । ଅନ୍ୟ ଦୁଇଟି ୟୁନିଟ୍ ନିଗମ ଅଧୀନରେ ଚାଲୁଛି ।

୧୯୮୫ ମସିହା ଅଗଷ୍ଟ ମାସ ୧୩ ତାରିଖରେ ରାଜ୍ୟ ସରକାର ଝାରସୁଗୁଡ଼ାସ୍ଥିତ ଉଷର ସୂତାକଳକୁ ଜାତୀୟକରଣ କରି ତାହାର ପରିଚାଳନା ଦାୟିତ୍ୱ ନିଗମ ହସ୍ତରେ ଅର୍ପଣ କରିଛନ୍ତି । ନିଗମ ଦ୍ୱାରା ଏହି ସୂତାକଳ ଖୋଲାଯାଇ ବ୍ୟବସାୟିକ ଭିତ୍ତିରେ ଉତ୍ପାଦନ କରୁଛି । ଏହି ମିଲର ତାକୁଡ଼ି ସଂଖ୍ୟା ୩୧,୬୮୦ ଏବଂ ଏଥିରେ ୨,୪୬୦ ଜଣ ଶ୍ରମିକ ନିଯୁକ୍ତି ପାଇଛନ୍ତି ।

## ପୌର ସଂସ୍ଥାଗୁଡ଼ିକୁ ଅଧିକ ଶକ୍ତିଶାଳୀ କରାଯାଉ

ଦେଶରେ ଗଢି ଉଠୁଥିବା ନଗରାଞ୍ଚଳଗୁଡ଼ିକର ଦ୍ରୁତ ତଥା ସର୍ବାଙ୍ଗୀନ ବିକାଶ ପାଇଁ ପୌର ସଂସ୍ଥାଗୁଡ଼ିକୁ ଅଧିକ ମଜଭୁତ କରିବାକୁ ଆବଶ୍ୟକୀୟ ଆର୍ଥିକ ସହାୟତା ଓ ଅଧିକ କ୍ଷମତା ପ୍ରଦାନ ଉପରେ ରାଜ୍ୟ ନଗର ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବଟକୃଷ୍ଣ ଜେନା ଦାବୀ କରିଛନ୍ତି ।

ସଂପ୍ରତି ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇଥିବା ଜାତୀୟ ସମ୍ମିଳନୀରେ ଓଡ଼ିଶା ପକ୍ଷରୁ ଦାବୀ ଉପସ୍ଥାପନ କରି ଶ୍ରୀ ଜେନା କହନ୍ତି ଯେ ସ୍ୱାଧୀନତା ପରଠାରୁ ଦେଶରେ ବ୍ୟାପକ ଶିଳ୍ପ ପରିବର୍ତ୍ତନ ସାଙ୍ଗକୁ ଜନ ସଂଖ୍ୟାର ଅଶାତୀତ ବିସ୍ଫୋରଣ ଘଟିବା ଫଳରେ ପୌର ସଂସ୍ଥାଗୁଡ଼ିକ ବହୁମୁଖୀ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି । ପୌରାଞ୍ଚଳ ଜନସାଧାରଣଙ୍କ ନାଗରିକ ଅଧିକାରର ଆବଶ୍ୟକତାକୁ ମେଣ୍ଟାଇବା ପାଇଁ ସମସ୍ତ ସହରର ପୌର ସଂସ୍ଥାଗୁଡ଼ିକୁ ୨ ଲକ୍ଷ ମଧ୍ୟରେ ସୀମିତ ଜନସଂଖ୍ୟା ଭିତ୍ତିରେ ନଗର-ପୌର

ସଂସ୍ଥା ଓ ତଦୂର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ସହରରେ ପୌର ନିଗମମାନ ପ୍ରତିଷ୍ଠା କରାଯାଉ ତଦନୁସାରେ ଆର୍ଥିକ ସହାୟତା ଓ କ୍ଷମତା ପ୍ରଦାନ କରାଯିବାକୁ ସେ ଦାବୀ କରିଥିଲେ । ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ ଏହି ପୌର ପରିଷଦଗୁଡ଼ିକ 5 ବର୍ଷ ପାଇଁ ରହିବା ଉଚିତ ଓ ଏହି ପରିଷଦଗୁଡ଼ିକୁ ବରଖାସ୍ତ କରିବା ଉପରେ କଡ଼ାକଡ଼ି ନୀତି ନିୟମ ନିର୍ଦ୍ଦିଷ୍ଟ ଭାବେ ପ୍ରଣୟନ କରାଯିବାକୁ ସେ ଦାବୀ କରିଥିଲେ । ବିଶେଷ କରି ପୌର ପରିଷଦର ନିର୍ବାଚନ ବ୍ୟବସ୍ଥା ନିର୍ବାଚନ କମିଶନର ବା କୌଣସି ନିରପେକ୍ଷ ସଂସ୍ଥା ଦ୍ୱାରା କରାଯିବାକୁ ସେ ମତବ୍ୟକ୍ତ କରିଥିଲେ । ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ଦୂରୀକରଣ ପାଇଁ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଯୋଜନା ପରିପ୍ରେକ୍ଷୀରେ ସହରାଞ୍ଚଳର ଦାରିଦ୍ର୍ୟ ଦୂରୀକରଣ ପାଇଁ ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ କରିବାକୁ ଶ୍ରୀ ବେହେରା କେନ୍ଦ୍ର ସରକାରଙ୍କ ନିକଟରେ ଦାବୀ ଉପସ୍ଥାପନ କରିଥିଲେ ।

ପୌର ସଂସ୍ଥାଗୁଡ଼ିକର ଆର୍ଥିକ ମାନଦଣ୍ଡ ସୁଦୃଢ଼ କରିବାକୁ ସ୍ୱତନ୍ତ୍ର ଭାବେ ବାର୍ଷିକ ଅନୁଦାନ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ସେ ଯୁକ୍ତି ବାଢ଼ିଥିଲେ । ପ୍ରଧାନ ମନ୍ତ୍ରୀ ଶ୍ରୀ ରାଜୀବ ଗାନ୍ଧୀ ପୌର ସଂସ୍ଥାଗୁଡ଼ିକୁ ଅଧିକ କାର୍ଯ୍ୟଦକ୍ଷ କରିବା ପାଇଁ ଯେଉଁ ପଦକ୍ଷେପ ନେଉଛନ୍ତି ସେଥିପାଇଁ ଶ୍ରୀ ବେହେରା ଗଭୀର କୃତଜ୍ଞତା ଜ୍ଞାପନ କରିଥିଲେ ।

## ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମର ସାଫଲ୍ୟ

1976-77 ମସିହାରେ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ଗଠନ କରାଯାଇ ଚଳଚ୍ଚିତ୍ର ଶିଳ୍ପର ବିକାଶ ନିମନ୍ତେ ଚଳଚ୍ଚିତ୍ର ପ୍ରସ୍ତୁତି ଓ ଚଳଚ୍ଚିତ୍ର ଗୃହ ନିର୍ମାଣ ପାଇଁ ଋଣ ଓ ଅର୍ଥ ସହାୟତା କରିଆସୁଛି । ଷଷ୍ଠ ଯୋଜନା କାଳରେ ଏହି ନିଗମ 32ଟି ଜନତା ସିନେମା ଗୃହ ନିର୍ମାଣ ପାଇଁ 28·20 ଲକ୍ଷ ଟଙ୍କା ସିଡ୍ କ୍ୟାପିଟାଲ ଋଣ ମଞ୍ଜୁର କରିଥିଲେ ।

1987-88 ଶେଷ ପର୍ଯ୍ୟନ୍ତ ଉକ୍ତ ନିଗମ ଦ୍ୱାରା 52ଟି ଜନତା ଚଳଚ୍ଚିତ୍ର ପ୍ରେକ୍ଷାଳୟ ଗୃହ ନିର୍ମାଣ ପାଇଁ ସର୍ବମୋଟ୍ 57·58 ଲକ୍ଷ ଟଙ୍କା ସିଡ୍ କ୍ୟାପିଟାଲ ମଞ୍ଜୁର କରାଯାଇଛି । ଉକ୍ତ ନିଗମର ନିର୍ଦ୍ଦେଶତାରେ ଜାତୀୟ ଚଳଚ୍ଚିତ୍ର ଉନ୍ନୟନ ନିଗମ, ବମ୍ବେ 6ଟି ଚଳଚ୍ଚିତ୍ର ପ୍ରେକ୍ଷାଳୟ ସ୍ଥାପନ ପାଇଁ 31·30 ଲକ୍ଷ ଟଙ୍କା ଋଣ ମଞ୍ଜୁର କରିଛନ୍ତି । ପୁଣି ଏହି ନିଗମ 10 ଟି ଗ୍ରାମୀଣ ପ୍ରେକ୍ଷାଳୟ ଗୃହ ପାଇଁ 4·62 ଲକ୍ଷ ଟଙ୍କା ବୀଜ ମୂଳଧନ ପାଇଁ ଋଣ ମଞ୍ଜୁର କରିଛନ୍ତି ।

ଏହି ନିଗମ ଏପର୍ଯ୍ୟନ୍ତ 56ଟି ଚଳଚ୍ଚିତ୍ର ନିର୍ମାଣ ପାଇଁ ମୋଟ୍ 54·65 ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି । ଏହା ବ୍ୟତୀତ ଦୁଇଟି ଚଳଚ୍ଚିତ୍ର ନିର୍ମାଣ ପାଇଁ 33·50 ଲକ୍ଷ ଟଙ୍କା ସର୍ତ୍ତ ଋଣ ମଞ୍ଜୁର ହୋଇଛି [illegible] ଚଳଚ୍ଚିତ୍ର ଉନ୍ନୟନ ନିଗମ ଏହି ନିଗମ [illegible] 30 ଚଳଚ୍ଚିତ୍ର ନିର୍ମାଣ ପାଇଁ ମୋଟ୍ 11·36 ଲକ୍ଷ ଟଙ୍କା ଦେଇଛନ୍ତି । 88 ଟି ଚଳଚ୍ଚିତ୍ର ନିର୍ମାଣ ପାଇଁ ଏପର୍ଯ୍ୟନ୍ତ ନିଗମ ମାଧ୍ୟମରେ 79·93 ଲକ୍ଷ ଟଙ୍କା ସବ୍‌ସିଡ଼ି ବଣ୍ଟନ କରାଯାଇଛି । ଚଳଚ୍ଚିତ୍ର ନିର୍ମାଣ ପାଇଁ ଭୁବନେଶ୍ୱରସ୍ଥିତ ଖଣ୍ଡଗିରି ନିକଟରେ ଏକ ଅତ୍ୟାଧୁନିକ ଷ୍ଟୁଡ଼ିଓ ନିର୍ମାଣ କରାଯାଇଛି । ଏଥିରେ ଆଜିସୁଦ୍ଧା ଏହି ନିଗମ 145·19 ଲକ୍ଷ ଟଙ୍କା ଅଂଶ ମୂଳଧନ ବିନିଯୋଗ କରିଛନ୍ତି । ଏହି ଷ୍ଟୁଡ଼ିଓରେ ଆଜି ପର୍ଯ୍ୟନ୍ତ 196 ଟି ଚଳଚ୍ଚିତ୍ର ନିର୍ମିତ ହୋଇଛି । ଏହା ବ୍ୟତୀତ ଭୁବନେଶ୍ୱରଠାରେ ଗୋଟିଏ କଲର ପ୍ରସେସିଂ ଲାବୋରେଟରୀ ପ୍ରତିଷ୍ଠା କରିବା ପାଇଁ ସ୍ଥିର ହୋଇଛି ।

ଉକ୍ତ ନିଗମ ଦ୍ୱାରା ଅଦ୍ୟାବଧି ପର୍ଯ୍ୟନ୍ତ 9 ଟି ଆଞ୍ଚଳିକ ଚଳଚ୍ଚିତ୍ର ଉତ୍ସବ, 8ଟି ଶିଶୁ ଚଳଚ୍ଚିତ୍ର ଉତ୍ସବ, ଗୋଟିଏ ଆନ୍ତର୍ଜାତିକ ଶିଶୁ ଚଳଚ୍ଚିତ୍ର ଉତ୍ସବ, ଓ 4ଟି ବିଦେଶୀ ଚଳଚ୍ଚିତ୍ର ଉତ୍ସବ ପାଳନ କରାଯାଇଛି । ଏ ପର୍ଯ୍ୟନ୍ତ ଉକ୍ତ ନିଗମ କରିଆରେ ଦୁଇଟି ଫିଲ୍ମ ସୋସାଇଟିକୁ 5 ହଜାର ଟଙ୍କା ଲେଖାଏଁ ମୋଟ୍ 10 ହଜାର ଟଙ୍କା ଅନୁଦାନ ମଞ୍ଜୁର କରଯାଇଛି । ଚଳିତ ଆର୍ଥିକ ବର୍ଷ ପାଇଁ (1989-90) ଅଂଶ ମୂଳଧନବାବଦକୁ 50·65 ଲକ୍ଷ ଟଙ୍କା ଓ 28·60 ଲକ୍ଷ ଟଙ୍କା ଅନୁଦାନ ବାବଦକୁ ଚିଠା ପ୍ରସ୍ତୁତ ହୋଇଛି ।

## ଇଡ଼୍‌କୋର ସାଫଲ୍ୟ

କ୍ଷୁଦ୍ର ଓ ଶୃଙ୍ଖଳିତ ଶିଳ୍ପ ଓ ବାଣିଜ୍ୟ ଏବଂ ଶିଳ୍ପାଞ୍ଚଳ ଓ ଶିଳ୍ପକେନ୍ଦ୍ର ପ୍ରତିଷ୍ଠା ଓ ପରିଚାଳନା କରିବା ପାଇଁ ଓଡ଼ିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ (ଇଡ୍‌କୋ), ୧୯୮୧ ମସିହାରେ ପ୍ରତିଷ୍ଠା କରଯାଇଛି । ଏହି ନିଗମ ପ୍ରତିଷ୍ଠା ହେବା ପୂର୍ବରୁ ପ୍ରକାଶେ ୨୭ଟି ଶିଳ୍ପାଞ୍ଚଳରେ ୬୯୨ଟି ଛାତ୍ରଗୃହ ନିର୍ମାଣ କରାଯାଇଥିଲା । ଉକ୍ତ ନିଗମ ସ୍ଥାପିତ ହେବା ପରେ ଷଷ୍ଠ ଯୋଜନା କାଳରେ ନିଗମ ୪୪ଟି ଶିଳ୍ପାଞ୍ଚଳରେ (ପୂର୍ବ ପ୍ରତିଷ୍ଠିତ ୨୭ଟି ଶିଳ୍ପାଞ୍ଚଳକୁ ମିଶାଇ) ୨୨୩ଟି ଛାତ୍ରଗୃହ ପ୍ରତିଷ୍ଠା କରିଛନ୍ତି ଏବଂ ୧୫୮୬ ଏକର ଜମିର ଉନ୍ନତି କରିଛନ୍ତି । ଏ ବାବଦରେ ସର୍ବମୋଟ ୧୯.୫୨ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ଉକ୍ତ ଯୋଜନା କାଳରେ ଭୁବନେଶ୍ୱରଠାରେ ଏକ ବାରମହଲବିଶିଷ୍ଟ ପ୍ରାସାଦ ନିର୍ମାଣ କରାଯାଇଛି । ନିଜର ଅଫିସ୍ ଗୃହ ବ୍ୟତୀତ ବିଭିନ୍ନ ଅଫିସ୍‌ଗୁଡ଼ିକୁ ଭଡ଼ା ଆକାରରେ ଦେଇ ମାସିକ ୪ ଲକ୍ଷ ଟଙ୍କା ଆୟ କରିବାର ସକ୍ଷମ ହୋଇପାରିଛି ।

ସପ୍ତମ ଯୋଜନାର ପ୍ରଥମ ତିନିବର୍ଷରେ ଏହି ନିଗମ ୮.୧୬ କୋଟି ଟଙ୍କା ବ୍ୟୟରେ ୫୨ଟି ଶିଳ୍ପାଞ୍ଚଳରେ ୫୫୪ ଏକର ଜମିର ଉନ୍ନତି କରିବା ସଙ୍ଗେ ସଙ୍ଗେ ୨୯୩ ଗୋଟି ସେଡ୍ ଓ ୧୮୦ ଗୋଟି ଶିଳ୍ପ ଗୃହ ପ୍ରତିଷ୍ଠା କରିଛନ୍ତି ।

ଚଳିତ ବର୍ଷ ଡିସେମ୍ବର ଯେତେ ସୁଦ୍ଧା ୯୬ ଲକ୍ଷ ଟଙ୍କା ବ୍ୟୟରେ ୯୬ ଏକର ଜମିର ଉନ୍ନତି ଓ ୨୩ଟି ସେଡ୍ ଗୃହ ନିର୍ମାଣ କରଯାଉଛି । ନିଗମ ପ୍ରତିଷ୍ଠା ହେବାଠାରୁ ମୋଟ ୨୮.୬୮ କୋଟି ଟଙ୍କା ବ୍ୟୟରେ ୨,୨୩୫ ଏକର ଜମିର

ଉନ୍ନତି କରିବା ସଙ୍ଗେ ସଙ୍ଗେ ୧,୦୮୯ଟି ସେଡ୍ ନିର୍ମାଣ କରିଛନ୍ତି । ୧୯୮୯-୯୦ରେ ୧୦ କୋଟି ୪୫ ଲକ୍ଷ ଟଙ୍କା ବ୍ୟୟରେ ଆଉ ୧,୨୦୫ ଏକର ଜମିର ଉନ୍ନତି ଓ ୭୫ଟି ସେଡ୍‌ର ନିର୍ମାଣ କରିବା ପ୍ରସ୍ତାବ ଅଛି । ଶିଳ୍ପାଞ୍ଚଳ ଓ ଶିଳ୍ପ ପ୍ରକୋଷ୍ଠ ପ୍ରତିଷ୍ଠା କରିବା ସଙ୍ଗେ ସଙ୍ଗେ ଏହି ନିଗମ ହସ୍ତତନ୍ତ ଏମ୍ପୋରିୟମ, ଖାଦ୍ୟ ଓ ଯୋଗାଣ ଭବନ ଚଳଚ୍ଚିତ୍ର ଭବନ, ପ୍ଲାନେଟୋରିୟମ, ସର୍ବଂତକା ଅର୍ବନାନ୍ସ କାରଖାନା ଇତ୍ୟାଦିର କୋଠାବାଡ଼ି କାର୍ଯ୍ୟ କରୁଛନ୍ତି ।

## ଆଦିବାସୀ ଭାଷା ଓ ସଂସ୍କୃତିର ଗବେଷଣା

ଓଡ଼ିଶା ପରି ଏକ ଆଦିବାସୀବହୁଳ ରାଜ୍ୟର ବିଭିନ୍ନ ଆଦିବାସୀଙ୍କୁ ସାକ୍ଷର କରି ସେମାନଙ୍କର ଆର୍ଥିକ ଉନ୍ନତି କରିବାକୁ ହେଲେ ସେମାନଙ୍କର ବିଭିନ୍ନ ଭାଷା, ଉପଭାଷା, କଳା, ହସ୍ତଶିଳ୍ପ, ନୃତ୍ୟ, ସାମାଜିକ ପ୍ରଥା ଓ ସର୍ବୋପରି ସାଂସ୍କୃତିକ ପରମ୍ପରା ସମ୍ପର୍କରେ ଅଧିକ ଗବେଷଣା କରିବା ଆବଶ୍ୟକ ବୋଲି ହରିଜନ ଓ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଶ୍ରୀ ରାସବିହାରୀ ବେହେରା ମତବ୍ୟକ୍ତ କରିଛନ୍ତି ।

ମଇ ୨୫ ତାରିଖରେ ସଚିବାଳୟଠାରେ ଅନୁଷ୍ଠିତ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମିର ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ବେହେରା କହିଲେ ଯେ ରାଜ୍ୟ ଜନସଂଖ୍ୟାର (ଗତ ଜନଗଣନାନୁଯାୟୀ) ଶତକଡ଼ା ୨୨.୪୩ ଭାଗ ହେଉଛନ୍ତି ଆଦିବାସୀ । ରାଜ୍ୟର ସମୁଦାୟ ୬୨ ଶ୍ରେଣୀର ଆଦିବାସୀଙ୍କ ମଧ୍ୟରୁ ୧୩ଟି ଶ୍ରେଣୀ ହେଉଛନ୍ତି ଆଦିମ ଆଦିବାସୀ । ସେମାନଙ୍କ ମଧ୍ୟରୁ ୪ଟି ଶ୍ରେଣୀ—ଜୁଆଙ୍ଗ, ବୁଆଙ୍ଗ, ସଉରା ଓ ବଣ୍ଡା ଆଦିମ ଅଧିବାସୀଙ୍କ ସମ୍ପର୍କରେ ଆଜି ସୁଦ୍ଧା ଇଂରାଜୀରେ ପ୍ରକାଶିତ ହୋଇଥିବା ୪ଟି ପୁସ୍ତକକୁ ଓଡ଼ିଆରେ ଅନୁବାଦ କରାଯିବ ବୋଲି ଶ୍ରୀ ବେହେରା ପ୍ରକାଶ କରିଥିଲେ । ଏହା ବ୍ୟତୀତ ଯେଉଁ ୩୦ଟି ଶ୍ରେଣୀ ଆଦିବାସୀଙ୍କର ନିଜସ୍ୱ ଭାଷା ରହିଛି, ସେସବୁ ଭାଷାକୁ ଓଡ଼ିଆ କରାଯିବ । ବର୍ତ୍ତମାନ 'ହିତାସୀ' ଓ 'କିସାନ୍' ଭାଷାର ଓଡ଼ିଆ ଅନୁବାଦିତ ପୁସ୍ତକ ୨ଟି ପ୍ରକାଶିତ ହେଲଣି ଏବଂ 'କୁଇ' ଓ 'ଓରାଓଁ' ଭାଷାର ପୁସ୍ତକ ପ୍ରକାଶିତ ହେଉଛି । ସେହିପରି କୋୟା, ଗାଦବା, ଲାଞ୍ଜିଆ ସଉରା, ଜୁଆଙ୍ଗ ଏବଂ ଖଡ଼ିଆ ଭାଷାକୁ ଓଡ଼ିଆ ଅନୁବାଦ କରି ପୁସ୍ତକ ପ୍ରକାଶ ଲାଗି ଉଦ୍ୟମ ହେଉଛି ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ ।

ଏହି ବୈଠକରେ ଆଦିବାସୀଙ୍କ ଜୀବନଯାପନ ପ୍ରଣାଳୀ, ସଂସ୍କୃତି ଓ ପରମ୍ପରାକୁ ଅକ୍ଷୁଣ୍ଣ ରଖି ସେମାନଙ୍କୁ କିପରି ଜାତୀୟ ମହାସ୍ରୋତରେ ସାମିଲ କରାଯାଇ ପାରିବ, ସେ ସମ୍ପର୍କରେ ଆଲୋଚନା କରାଯାଇ ବେଶ୍ କେତେକ ଉପାଦେୟ ନିଷ୍ପତ୍ତି ଗୃହୀତ ହୋଇଛି । ବୀର ଶହୀଦ ଲକ୍ଷ୍ମଣ ନାୟକଙ୍କ ଅମର ସ୍ମୃତିର ଶ୍ରଦ୍ଧାଞ୍ଜଳି ସ୍ୱରୂପ ତାଙ୍କ ଜନ୍ମଭୂମି ଟେଣ୍ଟୁଲିଗୁମା ଗ୍ରାମରେ ବହୁବିଧ ଉନ୍ନୟନମୂଳକ କାର୍ଯ୍ୟ କରାଯାଇ ତାହାକୁ ଏକ ଆଦର୍ଶ ଗ୍ରାମରେ ପରିଣତ କରିବା ଏବଂ ଆଦିବାସୀ ପଲ୍ଲୀଅଞ୍ଚଳରେ ତାଙ୍କର ବ୍ରୋଞ୍ଜ୍ ମୂର୍ତ୍ତି ସ୍ଥାପନ କରିବା ପାଇଁ ନିଷ୍ପତ୍ତି ହୋଇଛି । ଗୀତା, ରାମାୟଣ ଓ ମହାଭାରତ ପରି ପୌରାଣିକ ଗ୍ରନ୍ଥାବଳୀକୁ ଆଦିବାସୀ ଭାଷାରେ ଅନୁବାଦ କରି ପୁସ୍ତକ ପ୍ରକାଶ କରିବା ଏବଂ ଅନ୍ୟ ପକ୍ଷରେ ଆଦିବାସୀ ଲୋକକଥା ଓ ସଙ୍ଗୀତ ଇତ୍ୟାଦିକୁ ଓଡ଼ିଆ ଭାଷାରେ ପ୍ରକାଶ କରିବା ପାଇଁ ମଧ୍ୟ ବୈଠକରେ ନିଷ୍ପତ୍ତି କରାଯାଇଛି । ଆଦିବାସୀ 'ସାନ୍ତାଳୀ' ଭାଷାରେ ଗୀତା ରଚନା କରାଯାଉଛି ଏବଂ ଏହା ଯଥାଶୀଘ୍ର ପ୍ରକାଶିତ ହେବ । ଏହା ବ୍ୟତୀତ ଆଦିବାସୀ ଅଞ୍ଚଳରେ କର୍ତ୍ତବ୍ୟରତ ଶିକ୍ଷକ ଓ ଅଙ୍ଗନବାଡ଼ି କର୍ମୀଙ୍କ ସମେତ ସରକାରୀ କର୍ମଚାରୀମାନଙ୍କୁ ସ୍ଥାନୀୟ ଆଦିବାସୀ ଭାଷା ସମ୍ପର୍କରେ ତାଲିମ ଦିଆଯାଉଛି । ଏଥିପାଇଁ ଏକାଡେମୀ ତରଫରୁ ପ୍ରତି ବ୍ଲକରେ ତାଲିମ କେନ୍ଦ୍ର ଖୋଲାଯାଇଛି । ଉକ୍ତ ତାଲିମ ପ୍ରାର୍ଥୀଙ୍କୁ ଦିଆଯାଉଥିବା ୩୦୦ ଟଙ୍କା ଓ ୫୦୦ ଟଙ୍କା ପ୍ରୋତ୍ସାହନ ରାଶିକୁ ୭୫୦ ଟଙ୍କା ଓ ୧,୦୦୦ ଟଙ୍କାକୁ ବୃଦ୍ଧି କରିବାକୁ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଛି ।

## ଉଚ୍ଚ ଶିକ୍ଷା ନିମନ୍ତେ ଛାତ୍ରବୃତ୍ତି

ରାଜ୍ୟ ଓ ରାଜ୍ୟ ବାହାରେ ସ୍ୱୀକୃତିପ୍ରାପ୍ତ ଶିକ୍ଷାନୁଷ୍ଠାନଗୁଡ଼ିକରେ ଉଚ୍ଚଶିକ୍ଷା ଲାଗି ୧୯୮୯ ବର୍ଷରେ ଋଣ ସୂତ୍ରରେ ଜାତୀୟ ଛାତ୍ର ବୃତ୍ତି ନେବା ଲାଗି ଓଡ଼ିଶା ଉଚ୍ଚଶିକ୍ଷା ନିର୍ଦ୍ଦେଶକ ମାଟ୍ରିକ୍ୟୁଲେସନ ପରେ ବିଭିନ୍ନ ସ୍ତରରେ ଅଧ୍ୟୟନ ପାଇଁ ଛାତ୍ରଛାତ୍ରୀଙ୍କଠାରୁ ଦରଖାସ୍ତ ଆହ୍ୱାନ କରିଛନ୍ତି । ମାଟ୍ରିକ୍ୟୁଲେସନ, +2, ସ୍ନାତକ କିମ୍ବା ସ୍ନାତକୋତ୍ତର ପରୀକ୍ଷାରେ ଅତିରିକ୍ତ ଇଚ୍ଛାଧୀନ ବିଷୟ ବ୍ୟତୀତ ପୂର୍ଣ୍ଣ ସଂଖ୍ୟାର ଶତକଡ଼ା ୫୦ ଭାଗ ନମ୍ବର ପାଇଥିବା ଛାତ୍ରଛାତ୍ରୀମାନେ ଏହି ଛାତ୍ରବୃତ୍ତି ପାଇବା ଲାଗି ଆବେଦନ କରିପାରିବେ । କେବଳ ଯେଉଁ ଛାତ୍ର/ଛାତ୍ରୀଙ୍କର ଅଭିଭାବକଙ୍କ ବାର୍ଷିକ ଆୟ ୨୫ ହଜାର ଟଙ୍କା ବା ତା'ଠାରୁ କମ୍, ସେମାନେ କେବଳ ଏହି ଛାତ୍ରବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହେବେ । ଏପରି ଛାତ୍ର/ଛାତ୍ରୀ ଅନ୍ୟ କୌଣସି ଛାତ୍ରବୃତ୍ତି ପାଉଥିଲେ ଏବଂ ଏହି ଛାତ୍ରବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହେଲେ, ତାଙ୍କୁ ମିଳିଥିବା ବୃତ୍ତି ଟଙ୍କା ଫେରାଇବାକୁ ହେବ । ରାଜ୍ୟର ସମସ୍ତ କଲେଜର ଅଧ୍ୟକ୍ଷମାନଙ୍କ ପାଖକୁ ନମୁନା ଦରଖାସ୍ତ ଫର୍ମ ଓ ନିୟମାବଳୀ ପଠାଇ ଦିଆଯାଇଛି । ରାଜ୍ୟ ବାହାରେ ଅଧ୍ୟୟନ କରୁଥିବା ଛାତ୍ର/ଛାତ୍ରୀମାନେ ଉଚ୍ଚଶିକ୍ଷା ନିର୍ଦ୍ଦେଶକ, ଓଡ଼ିଶା, ଭୁବନେଶ୍ୱରଙ୍କଠାରୁ ଡାକ ଯୋଗେ ଏହି ଫର୍ମ ପାଇପାରିବେ । ସେଥିପାଇଁ ନିଜ ଠିକଣା ଥିବା ୯ ଇଞ୍ଚ ଲମ୍ବ ଓ ୩ ଇଞ୍ଚ ଚଉଡ଼ା ଲଫାପାରେ ଟ ୧.୫୦ ପଇସାର ଡାକ ଟିକଟ ଲଗାଇ ପଠାଇବାକୁ ହେବ । ଦରଖାସ୍ତ ଗ୍ରହଣର ଶେଷ ତାରିଖ ଅକ୍ଟୋବର ୩୧ ତାରିଖ ରଖାଯାଇଛି ।

## ଲିପିକାଲ ସହାୟତାରେ ନୂତନ ପ୍ରକଳ୍ପ ପ୍ରତିଷ୍ଠା

ବାଲେଶ୍ୱର ଜିଲ୍ଲା ଶିଳ୍ପାଞ୍ଚଳରେ ୧୦ କୋଟି ଟଙ୍କା ବ୍ୟୟରେ ଏକ କଷ୍ଟୋମ୍ କାରଖାନା ପ୍ରତିଷ୍ଠା ପାଇଁ ଲିପିକାଲ

ପ୍ରାୟ ୮୭ ଲକ୍ଷ ଟଙ୍କାର ଋଣଭିତ୍ତି ସହାୟତା ଯୋଗାଇ ଦିଆଯିବ । ସଂପ୍ରତି ବୋର୍ଡର ଚେୟାରମ୍ୟାନ୍ ଶ୍ରୀ ପି. କେ. ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଇପିକଲ୍ ବୋର୍ଡରେ ଏହି ନିଷ୍ପତ୍ତି ନିଆଯାଇଛି । ହିନ୍ଦୁସ୍ଥାନ ଲାଟେକ୍ସ ଲିମିଟେଡ୍‌ର ଜ୍ଞାନ କୌଶଳରେ ଇପିକଲ ଏବଂ ଯୋଗଲ ଗ୍ରୁପ୍ ଅଫ୍ ଇଣ୍ଡଷ୍ଟ୍ରୀଜ୍‌ର ମିଳିତ ଉଦ୍ୟମରେ ଏହି ପ୍ରକଳ୍ପଟି ପ୍ରତିଷ୍ଠା କରାଯିବ । ଏଠାରେ ୩୦୦ ଲୋକଙ୍କୁ ସିଧାସଳଖ ନିଯୁକ୍ତି ସୁବିଧା ଯୋଗାଇ ଦିଆଯିବ ଏବଂ ଆହୁରି ଅନେକ ପରୋକ୍ଷ ଭାବରେ କାମ ପାଇବେ । ପ୍ରକଳ୍ପର ବାର୍ଷିକ କାରବାର ପ୍ରାୟ ୯୦ କୋଟି ଟଙ୍କା ହେବ ବୋଲି ଅଟକଳ କରାଯାଇଛି ।

ଆଉରି ମଧ୍ୟ ଜିଲ୍ଲାରେ ୬ କୋଟି ଟଙ୍କା ବ୍ୟୟ ଅଟକଳରେ କଲିକତାର ଶିଳ୍ପୋଦ୍ୟୋଗୀ ଶ୍ରୀ ଆର. ପି. ଝୁନ୍‌ଝୁନୱାଲା ଏକ ଗ୍ରାନାଇଟ୍ ଷ୍ଟୋନ୍ ଟାଇଲ ଓ ସ୍ମୃତିସ୍ତମ୍ଭ ପ୍ରକଳ୍ପ ପ୍ରତିଷ୍ଠା କରିବେ । ଶତକଡ଼ା ଶହେରୁ ଶହେଭାଗ ରପ୍ତାନୀ ଭିତ୍ତିକ ଏହି ପ୍ରକଳ୍ପରେ ଇପିକଲ ୨୩ ଲକ୍ଷ ଟଙ୍କା ବିନିଯୋଗ କରିବେ । ଏହି ପ୍ରକଳ୍ପ ପାଇଁ ଆବଶ୍ୟକ ହେଉଥିବା କଂଚାମାଲ କେନ୍ଦୁଝରରେ ମିଳୁଛି ଏବଂ ଏଥିପାଇଁ ଗ୍ରାଫକୋ ଗ୍ରାନାଇଟ୍ ଲିମିଟେଡ୍ ନାମରେ ନାମିତ ଏହି ପ୍ରକଳ୍ପ ଖଣିପଟ୍ଟା ସଂଗ୍ରହ କରିସାରିଛି । ଉତ୍ପାଦିତ ପଦାର୍ଥ ବିକ୍ରୀରୁ ବାର୍ଷିକ ୪ କୋଟି ଟଙ୍କାର ବୈଦେଶିକ ବିନିମୟ ମୁଦ୍ରା ମିଳିପାରିବ ।

ଜିଲ୍ଲାରେ ରପ୍ତାନୀଭିତ୍ତିକ ଏକ ରେଡ଼ିମେଡ୍ ପୋଷାକ ତିଆରି ପ୍ରକଳ୍ପ, ଶତକଡ଼ା ଶହେଭାଗ ରପ୍ତାନୀଭିତ୍ତିକ ଏକ ଲାଟେକ୍ସ ଗ୍ଲୋଭ ଉତ୍ପାଦନ ପ୍ରକଳ୍ପ, ଗଞ୍ଜାମ ଜିଲ୍ଲାର ଛତ୍ରପୁରଠାରେ ଏକ ଓକ୍‌ସାଲିକ୍ ଏସିଡ୍ ପ୍ରକଳ୍ପ ଏବଂ କଟକ ଜିଲ୍ଲାର ଚୌଦ୍ୱାରଠାରେ ଏକ ଛୋଟ ସୁତୁରି ପ୍ରକଳ୍ପ ପାଇଁ ଇପିକଲ ବୋର୍ଡ ଅନୁମୋଦନ କରିଛନ୍ତି । ବଲାଙ୍ଗୀର ଜିଲ୍ଲାରେ ସଂପ୍ରତି ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ଭିତ୍ତି ସ୍ଥାପନ କରାଯାଇଥିବା ହାରସିଡ୍ ମିଲ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହୋଇଛି । ସତୁରୀ କୋଟି ଟଙ୍କା ବିନିଯୋଗରେ ଏହି ପ୍ରକଳ୍ପଟି ଇପିକଲର ମିଳିତ ଉଦ୍ୟମରେ ପ୍ରତିଷ୍ଠା କରାଯାଉଛି ।

୧୯୮୮-୮୯ ଆର୍ଥିକ ବର୍ଷରେ ଇପିକଲ ପକ୍ଷରୁ ୧୮ କୋଟି ଟଙ୍କାର ଟର୍ମଲୋନ୍ ମଞ୍ଜୁର କରାଯାଇଛି । ପୂର୍ବ ବର୍ଷ ସାଢ଼େ ଚଉଦ କୋଟି ଟଙ୍କା ମଞ୍ଜୁର କରାଯାଇଥିଲା । ୧୯୮୮-୮୯ ବର୍ଷରେ ୬ କୋଟି ୭୦ ଲକ୍ଷ ଟଙ୍କା ଓ ତତ୍‌ପୂର୍ବ ବର୍ଷ ସାଢ଼େ ୪ କୋଟି ଟଙ୍କା ଇକ୍ୟୁଇଟି ଆକାରରେ ବିନିଯୋଗ କରାଯାଇଛି । ୧୯୮୭-୮୮ ବର୍ଷ ଅପେକ୍ଷା ଏହି ବିନିଯୋଗ ପରିମାଣ ୧୯୮୮-୮୯ରେ ଯଥେଷ୍ଟ ଅଧିକ ହୋଇପାରିଛି ।

## ପଞ୍ଚାୟତ ସ୍ତରରେ ଫସଲ ବୀମା ଯୋଜନା

ଓଡ଼ିଶାରେ ପଞ୍ଚାୟତ ସ୍ତରରୁ ଫସଲ ବୀମା ଯୋଜନା କାର୍ଯ୍ୟକାରୀ ହେଉଛି ଏବଂ ଏ କ୍ଷେତ୍ରରେ ଓଡ଼ିଶା ସମଗ୍ର ଦେଶରେ ସର୍ବପ୍ରଥମ ।

୧୯୮୫ ଖରିଫ୍ ଋତୁଠାରୁ ସମଗ୍ର ଦେଶରେ କାର୍ଯ୍ୟକାରୀ ହୋଇ ଆସୁଥିବା 'ପୂର୍ଣ୍ଣାଙ୍ଗ ଫସଲ ବୀମା ଯୋଜନା' (କଂପ୍ରିହେନ୍‌ସିଭ୍ କ୍ରପ୍ ଇନ୍‌ସ୍ୟୁରାନ୍ସ ସ୍କିମ୍)କୁ ଚଳିତ ଖରିଫ୍ ଧାନ ଫସଲ ପାଇଁ ମଧ୍ୟ ଲାଗୁ କରାଯିବ ବୋଲି ରାଜ୍ୟ ସରକାର ନିଷ୍ପତ୍ତି କରିଛନ୍ତି । ଏ ସମ୍ପର୍କରେ କୃଷି ଓ ସମବାୟ ବିଭାଗ ତରଫରୁ ପ୍ରକାଶିତ ଏକ ବିଜ୍ଞପ୍ତିରେ କୁହାଯାଇଛି ଯେ ପ୍ରତ୍ୟେକ ଋଣୀ ନେଇଥିବା କୃଷି ଋଣର (ସର୍ବାଧିକ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ) ଶତକଡ଼ା ଶହେଭାଗ ବୀମାଭୁକ୍ତ ହେବ । ଏହି ଯୋଜନାରେ ରାଜ୍ୟର ପ୍ରତ୍ୟେକ ପଞ୍ଚାୟତକୁ ଏକ 'ୟୁନିଟ' ଭାବେ ଧରାଯାଇଛି ।

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଏହି ପୂର୍ଣ୍ଣାଙ୍ଗ ଯୋଜନା ଭାରତୀୟ ସାଧାରଣ ବୀମା ନିଗମ ଦ୍ୱାରା ପରିଚାଳିତ ହେଉଛି । ଏଥିପାଇଁ ଭୁବନେଶ୍ୱର ସତ୍ୟନଗରଠାରେ ଏହି ନିଗମର ଆଞ୍ଚଳିକ ଶସ୍ୟ ବୀମା ପ୍ରକୋଷ୍ଠ ଖୋଲାଯାଇ ଶ୍ରୀ ଦେବଦତ୍ତ ଦାସଙ୍କ ତତ୍ତ୍ୱାବଧାନରେ ଏ ସମ୍ପର୍କୀୟ କାର୍ଯ୍ୟ ସମ୍ପାଦିତ ହେଉଛି । ସମବାୟ ବ୍ୟାଙ୍କ୍ ସମେତ ଅନ୍ୟାନ୍ୟ ବ୍ୟାଙ୍କରୁ ଋଣ ନେଇ ଧାନଚାଷ କରୁଥିବା ରାଜ୍ୟର ଚାଷୀମାନଙ୍କପାଇଁ ଏହି ଯୋଜନା ଉଦ୍ଦିଷ୍ଟ ।

ଏଠାରେ ସ୍ମରଣ କରି ଦିଆଯାଇ ପାରେ ଯେ ଏହି ଯୋଜନାନୁଯାୟୀ ୧୯୮୭ ଖରିଫ୍ ଓ ରବିଋତୁରେ ଶସ୍ୟହାନି ଜନିତ କ୍ଷତିପୂରଣ ବାବଦରେ ସମ୍ପୃକ୍ତ ଚାଷୀମାନଙ୍କୁ ପ୍ରାୟ ୨୨ କୋଟି ୭୯ ଲକ୍ଷ ଟଙ୍କା ଦିଆଯାଇଛି । ତନ୍ମଧ୍ୟରେ କେବଳ ୧୯୮୭ର ଖରିଫ୍ ଧାନ କ୍ଷୟକ୍ଷତି ବାବଦରେ ପ୍ରାୟ ୧ ଲକ୍ଷ ୬୨ ହଜାର ଚାଷୀଙ୍କୁ ଦିଆଯାଇଥିବା ୧୩ କୋଟି ୧୯ ଲକ୍ଷ ଟଙ୍କା ଅନ୍ତର୍ଭୁକ୍ତ । ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ବ୍ୟାପକ ଫସଲ ହାନି ହୋଇଥିବା ଦୁର୍ଦ୍ଦଶାଗ୍ରସ୍ତ ଚାଷୀଙ୍କୁ ସାହାଯ୍ୟ କରିବା ପାଇଁ ଏହି ଯୋଜନା ରାଜ୍ୟର ୧୬୯ଟି ବ୍ଲକ୍‌ରେ ପ୍ରଥମେ ୧୯୮୦ ମସିହାରେ ଆରମ୍ଭ କରାଯାଇଥିଲା । ଉକ୍ତ ଯୋଜନା ଶେଷ ହେବା ପର୍ଯ୍ୟନ୍ତ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ୯ ଲକ୍ଷ ୨୧ ହଜାର ଟଙ୍କା କ୍ଷତିପୂରଣ ଦିଆଯାଇଥିଲା ।

## ଆଇ. ଆର. ଡ଼ି. କାର୍ଯ୍ୟକ୍ରମରେ ୧୦ ହଜାର ପରିବାର ଉପକୃତ

ଚଳିତ ଆର୍ଥିକ ବର୍ଷରେ ସମନ୍ୱିତ 'ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମରେ ମୋଟ ୧୦,୧୬୪ ଗରିବ ପରିବାରକୁ ସେମାନଙ୍କର ଆର୍ଥିକ ଉନ୍ନତି ପାଇଁ ବିଭିନ୍ନ ସମ୍ବଳ ଓ ଅର୍ଥ ସହାୟତା ପ୍ରଦାନ କରାଯାଇଛି । ହିତାଧିକାରୀମାନଙ୍କ ମଧ୍ୟରେ ୨,୩୫୮ ହରିଜନ, ୨,୦୮୨ ଆଦିବାସୀ ପରିବାର ଓ ୧,୬୮୦ ମହିଳା ଅନ୍ତର୍ଭୁକ୍ତ । ପୂର୍ବରୁ ସହାୟତା ପାଇ ଦୁଃସ୍ଥ ଅବସ୍ଥାରେ ଥିବା ପରିବାରଙ୍କୁ ଦାରିଦ୍ର୍ୟ ସୀମା ଅତିକ୍ରମ କରିବା ପାଇଁ ଲକ୍ଷ୍ୟ ରଖି ଏହି ସମୟ ମଧ୍ୟରେ ୨୦୦ ହରିଜନ, ୧୫୧ ଆଦିବାସୀ ପରିବାର ଓ ୪୩ ମହିଳାଙ୍କ ସମେତ ୭୪୨ଟି ପରିବାରଙ୍କୁ ଦ୍ୱିତୀୟ ଥର ପାଇଁ ଅର୍ଥ ଓ ସମ୍ବଳ ଯୋଗାଇ ଦିଆଯାଇଛି ।

ଉନ୍ନତି କରିବା ସଙ୍ଗେ ସଙ୍ଗେ ୧,୦୮୯ଟି ସେଡ୍ ନିର୍ମାଣ କରିଛନ୍ତି । ୧୯୮୯-୯୦ରେ ୧୦ କୋଟି ୪୫ ଲକ୍ଷ ଟଙ୍କା ବ୍ୟୟରେ ଆଉ ୧,୨୦୫ ଏକର ଜମିର ଉନ୍ନତି ଓ ୭୫ଟି ସେଡ୍‌ର ନିର୍ମାଣ କରିବା ପ୍ରସ୍ତାବ ଅଛି । ଶିଳ୍ପାଞ୍ଚଳ ଓ ଶିଳ୍ପ ପ୍ରକୋଷ୍ଠ ପ୍ରତିଷ୍ଠା କରିବା ସଙ୍ଗେ ସଙ୍ଗେ ଏହି ନିଗମ ପ୍ରସ୍ତାବିତ ଏମୋରିୟମ, ଖାଦ୍ୟ ଓ ଯୋଗାଣ ଭବନ ଚଳଚ୍ଚିତ୍ର ଭବନ, ପ୍ଲାନେଟୋରିୟମ, ସର୍ଦ୍ଦଳା ଅର୍ଡନାନ୍ସ କାରଖାନା ଇତ୍ୟାଦିର କୋଠାବାଡ଼ି କାର୍ଯ୍ୟ କରୁଛନ୍ତି ।

## ଆଦିବାସୀ ଭାଷା ଓ ସଂସ୍କୃତିର ଗବେଷଣା

ଓଡ଼ିଶା ପରି ଏକ ଆଦିବାସୀବହୁଳ ରାଜ୍ୟର ବିଭିନ୍ନ ଆଦିବାସୀଙ୍କୁ ସାକ୍ଷର କରି ସେମାନଙ୍କର ଆର୍ଥିକ ଉନ୍ନତି କରିବାକୁ ହେଲେ ସେମାନଙ୍କର ବିଭିନ୍ନ ଭାଷା, ଉପଭାଷା, କଳା, ହସ୍ତଶିଳ୍ପ, ନୃତ୍ୟ, ସାମାଜିକ ପ୍ରଥା ଓ ସର୍ବୋପରି ସାଂସ୍କୃତିକ ପରମ୍ପରା ସମ୍ପର୍କରେ ଅଧିକ ଗବେଷଣା କରିବା ଆବଶ୍ୟକ ବୋଲି ହରିଜନ ଓ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଶ୍ରୀ ରାସବିହାରୀ ବେହେରା ମତବ୍ୟକ୍ତ କରିଛନ୍ତି ।

ମଇ ୨୫ ତାରିଖରେ ସଚିବାଳୟଠାରେ ଅନୁଷ୍ଠିତ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମିର ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ବେହେରା କହିଲେ ଯେ ରାଜ୍ୟ ଜନସଂଖ୍ୟାର (ଗତ ଜନଗଣନାନୁଯାୟୀ) ଶତକଡ଼ା ୨୨.୪୩ ଭାଗ ହେଉଛନ୍ତି ଆଦିବାସୀ । ରାଜ୍ୟର ସମୁଦାୟ ୬୨ ଶ୍ରେଣୀର ଆଦିବାସୀଙ୍କ ମଧ୍ୟରୁ ୧୩ଟି ଶ୍ରେଣୀ ହେଉଛନ୍ତି ଆଦିମ ଆଦିବାସୀ । ସେମାନଙ୍କ ମଧ୍ୟରୁ ୪ଟି ଶ୍ରେଣୀ—କନ୍ଧ, ଜୁଆଙ୍ଗ, ସଉର ଓ ବଣ୍ଡା ଆଦିମ ଅଧିବାସୀଙ୍କ ସମ୍ପର୍କରେ ଆଜି ପୂର୍ବା ଇଂରାଜୀରେ ପ୍ରକାଶିତ ହୋଇଥିବା ୪ଟି ପୁସ୍ତକକୁ ଓଡ଼ିଆରେ ଅନୁବାଦ କରାଯିବ ବୋଲି ଶ୍ରୀ ବେହେରା ପ୍ରକାଶ କରିଥିଲେ । ଏହା ବ୍ୟତୀତ ଯେଉଁ ୩୦ଟି ଶ୍ରେଣୀ ଆଦିବାସୀଙ୍କର ନିଜସ୍ୱ ଭାଷା ରହିଛି, ସେସବୁ ଭାଷାକୁ ଓଡ଼ିଆ କରାଯିବ । ବର୍ତ୍ତମାନ 'ଡିଡାୟୀ' ଓ 'କିସାନ୍' ଭାଷାର ଓଡ଼ିଆ ଅନୁବାଦିତ ପୁସ୍ତକ ୨ଟି ପ୍ରକାଶିତ ହେଲାଣି ଏବଂ 'କୁଇ' ଓ 'ଓରାଗ' ଭାଷାର ପୁସ୍ତକ ପ୍ରକାଶିତ ହେଉଛି । ସେହିପରି କୋୟା, ଗାଦବା, ଲାଂଜିଆ ସଉରା, ଜୁଆଙ୍ଗ ଏବଂ ଖଡ଼ିଆ ଭାଷାକୁ ଓଡ଼ିଆ ଅନୁବାଦ କରି ପୁସ୍ତକ ପ୍ରକାଶ ଲାଗି ଉଦ୍ୟମ ହେଉଛି ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ ।

ଏହି ବୈଠକରେ ଆଦିବାସୀଙ୍କ ଜୀବନଯାପନ ପ୍ରଣାଳୀ, ସଂସ୍କୃତି ଓ ପରମ୍ପରାକୁ ଅକ୍ଷୁଣ୍ଣ ରଖି ସେମାନଙ୍କୁ କିପରି ଜାତୀୟ ମହାସ୍ରୋତରେ ସାମିଲ କରାଯାଇ ପାରିବ, ସେ ସମ୍ପର୍କରେ ଆଲୋଚନା କରାଯାଇ କେତେକ ଉପାଦେୟ ନିଷ୍ପତ୍ତି ଗୃହୀତ ହୋଇଛି । ବୀର ଶହୀଦ ଲକ୍ଷ୍ମଣ ନାୟକଙ୍କ ଅମର ସ୍ମୃତିର ଶ୍ରଦ୍ଧାଞ୍ଜଳି ସ୍ୱରୂପ ତାଙ୍କ ଜନ୍ମଭୂମି ଟେଣ୍ଟୁଲିଗୁମା ଗ୍ରାମରେ ବହୁବିଧ ଉନ୍ନୟନମୂଳକ କାର୍ଯ୍ୟ କରାଯାଇ ତାହାକୁ ଏକ ଆଦର୍ଶ ଗ୍ରାମରେ ପରିଣତ କରିବା ଏବଂ ଆଦିବାସୀ ପଡ଼ିଆରେ ତାଙ୍କର ବ୍ରୋଞ୍ଜ୍ ମୂର୍ତ୍ତି ସ୍ଥାପନ କରିବା ପାଇଁ ନିଷ୍ପତ୍ତି ହୋଇଛି । ଗୀତା, ରାମାୟଣ ଓ ମହାଭାରତ ପରି ପୌରାଣିକ ଗ୍ରନ୍ଥାବଳୀକୁ ଆଦିବାସୀ ଭାଷାରେ ଅନୁବାଦ କରି ପୁସ୍ତକ ପ୍ରକାଶ କରିବା ଏବଂ ଅନ୍ୟ ପକ୍ଷରେ ଆଦିବାସୀ ଲୋକକଥା ଓ ସଙ୍ଗୀତ ଇତ୍ୟାଦିକୁ ଓଡ଼ିଆ ଭାଷାରେ ପ୍ରକାଶ କରିବା ପାଇଁ ମଧ୍ୟ ବୈଠକରେ ନିଷ୍ପତ୍ତି କରାଯାଇଛି । ଆଜିସୁଦ୍ଧା 'ସାଦ୍ରୀ' ଭାଷାରେ ଗୀତା ରଚନା କରାଯାଇଛି ଏବଂ ଏହା ଯଥାଶୀଘ୍ର ପ୍ରକାଶିତ ହେବ । ଏହା ବ୍ୟତୀତ ଆଦିବାସୀ ଅଞ୍ଚଳରେ କର୍ତ୍ତବ୍ୟରତ ଶିକ୍ଷକ ଓ ଅଙ୍ଗନବାଡ଼ି କର୍ମୀଙ୍କ ସମେତ ସରକାରୀ କର୍ମଚାରୀମାନଙ୍କୁ ସ୍ଥାନୀୟ ଆଦିବାସୀ ଭାଷା ସମ୍ପର୍କରେ ତାଲିମ ଦିଆଯାଉଛି । ଏଥିପାଇଁ ଏକାଡେମୀ ତରଫରୁ ପ୍ରତି ବ୍ଲକରେ ତାଲିମ କେନ୍ଦ୍ର ଖୋଲାଯାଇଛି । ଉତ୍ତୀର୍ଣ୍ଣ ତାଲିମ ପ୍ରାର୍ଥୀଙ୍କୁ ଦିଆଯାଉଥିବା ୩୦୦ ଟଙ୍କା ଓ ୫୦୦ ଟଙ୍କା ପ୍ରୋତ୍ସାହନ ରାଶିକୁ ୭୫୦ ଟଙ୍କା ଓ ୧,୦୦୦ ଟଙ୍କାକୁ ବୃଦ୍ଧି କରିବାକୁ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଛି ।

## ଉଚ୍ଚ ଶିକ୍ଷା ନିମନ୍ତେ ଛାତ୍ରବୃତ୍ତି

ରାଜ୍ୟ ଓ ରାଜ୍ୟ ବାହାରେ ସ୍ୱୀକୃତିପ୍ରାପ୍ତ ଶିକ୍ଷାନୁଷ୍ଠାନଗୁଡ଼ିକରେ ଉଚ୍ଚଶିକ୍ଷା ଲାଗି ୧୯୮୯ ବର୍ଷରେ ଋଣ ସୂତ୍ରରେ ଜାତୀୟ ଛାତ୍ର ବୃତ୍ତି ଦେବା ଲାଗି ଓଡ଼ିଶା ଉଚ୍ଚଶିକ୍ଷା ନିର୍ଦ୍ଦେଶକ ମାଟ୍ରିକୁଲେସନ ପରେ ବିଭିନ୍ନ ସ୍ତରରେ ଅଧ୍ୟୟନ ପାଇଁ ଛାତ୍ରଛାତ୍ରୀଙ୍କଠାରୁ ଦରଖାସ୍ତ ଆହ୍ୱାନ କରିଛନ୍ତି । ମାଟ୍ରିକୁଲେସନ, +2, ସ୍ନାତକ କିମ୍ବା ସ୍ନାତକୋତ୍ତର ପରୀକ୍ଷାରେ ଅତିରିକ୍ତ ଇଚ୍ଛାଧୀନ ବିଷୟ ବ୍ୟତୀତ ପୂର୍ଣ୍ଣ ସଂଖ୍ୟାର ଶତକଡ଼ା ୫୦ ଭାଗ ନମ୍ବର ପାଇଥିବା ଛାତ୍ରଛାତ୍ରୀମାନେ ଏହି ଛାତ୍ରବୃତ୍ତି ପାଇବା ଲାଗି ଆବେଦନ କରିପାରିବେ । କେବଳ ଯେଉଁ ଛାତ୍ର/ଛାତ୍ରୀଙ୍କର ଅଭିଭାବକଙ୍କ ବାର୍ଷିକ ଆୟ ୨୫ ହଜାର ଟଙ୍କା ବା ତା'ଠାରୁ କମ୍, ସେମାନେ କେବଳ ଏହି ଛାତ୍ରବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହେବେ । ଏପରି ଛାତ୍ର/ଛାତ୍ରୀ ଅନ୍ୟ କୌଣସି ଛାତ୍ରବୃତ୍ତି ପାଉଥିଲେ ଏବଂ ଏହି ଛାତ୍ରବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହେଲେ, ତାଙ୍କୁ ମିଳିଥିବା ବୃତ୍ତି ଟଙ୍କା ଫେରାଇବାକୁ ହେବ । ରାଜ୍ୟର ସମସ୍ତ କଲେଜର ଅଧ୍ୟକ୍ଷମାନଙ୍କ ପାଖକୁ ନମୁନା ଦରଖାସ୍ତ ଫର୍ମ ଓ ନିୟମାବଳୀ ପଠାଇ ଦିଆଯାଇଛି । ରାଜ୍ୟ ବାହାରେ ଅଧ୍ୟୟନ କରୁଥିବା ଛାତ୍ର/ଛାତ୍ରୀମାନେ ଉଚ୍ଚଶିକ୍ଷା ନିର୍ଦ୍ଦେଶକ, ଓଡ଼ିଶା, ଭୁବନେଶ୍ୱରଙ୍କଠାରୁ ଡାକ ଯୋଗେ ଏହି ଫର୍ମ ପାଇପାରିବେ । ସେଥିପାଇଁ ନିଜ ଠିକଣା ଥିବା ୯ ଇଞ୍ଚ ଲମ୍ବ ଓ ୩ ଇଞ୍ଚ ଚଉଡ଼ା ଲଫାପାରେ ଟ ୧.୫୦ ପଇସାର ଡାକ ଟିକଟ ଲଗାଇ ପଠାଇବାକୁ ହେବ । ଦରଖାସ୍ତ ଗ୍ରହଣର ଶେଷ ତାରିଖ ଅକ୍ଟୋବର ୩୧ ତାରିଖ ରଖାଯାଇଛି ।

## ଇପିକଲ ସହାୟତାରେ ନୂତନ ପ୍ରକଳ୍ପ ପ୍ରତିଷ୍ଠା

ବାଲେଶ୍ୱର ଜିଲ୍ଲା ଶିଳ୍ପାଞ୍ଚଳରେ ୧୦ କୋଟି ଟଙ୍କା ବ୍ୟୟରେ ଏକ କଷ୍ଟୋମ୍ କାରଖାନା ପ୍ରତିଷ୍ଠା ପାଇଁ ଇପିକଲ

ପକ୍ଷରୁ ୮୬ ଲକ୍ଷ ଟଙ୍କାର ଇକ୍ୱିଟି ସହାୟତା ଯୋଗାଇ ଦିଆଯିବ । ସଂପ୍ରତି ବୋର୍ଡର ଚେୟାରମ୍ୟାନ୍ ଶ୍ରୀ ପି. କେ. ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଇପିକଲ୍ ବୋର୍ଡରେ ଏହି ନିଷ୍ପତ୍ତି ନିଆଯାଇଛି । ହିନ୍ଦୁସ୍ଥାନ ଲାଟେକ୍ସ ଲିମିଟେଡ୍‌ର ଜ୍ଞାନ କୌଶଳରେ ଇପିକଲ ଏବଂ ପୋଲର ଗ୍ରୁପ୍ ଅଫ୍ ଇଣ୍ଡଷ୍ଟ୍ରିଜ ମିଳିତ ଉଦ୍ୟମରେ ଏହି ପ୍ରକଳ୍ପଟି ପ୍ରତିଷ୍ଠା ହେଉଛି । ଏଠାରେ ୩୦୦ ଲୋକଙ୍କୁ ସିଧାସଳଖ ନିଯୁକ୍ତି ସୁବିଧା ଯୋଗାଇ ଦିଆଯିବ ଏବଂ ଆହୁରି ଅନେକ ପରୋକ୍ଷ ଭାବରେ କାମ ପାଇବେ । ପ୍ରକଳ୍ପର ବାର୍ଷିକ କାରବାର ପ୍ରାୟ ୯୦ କୋଟି ଟଙ୍କା ହେବ ବୋଲି ଅଟକଳ କରାଯାଉଛି ।

ଆଉରି ମଧ୍ୟ ଜିଲ୍ଲାରେ ୬ କୋଟି ଟଙ୍କା ବ୍ୟୟ ଅଟକଳରେ କଲିକତାର ଶିଳ୍ପୋଦ୍ୟୋଗୀ ଶ୍ରୀ ଆର. ପି. ଝୁନଝୁନୱାଲା ଏକ ଗ୍ରାନାଇଟ୍ ଷ୍ଟୋନ୍ ଟାଇଲ ଓ ସ୍ଲାବ ପ୍ରସ୍ତୁତ ପ୍ରକଳ୍ପ ପ୍ରତିଷ୍ଠା କରିବେ । ଶତକଡ଼ା ଶହେରୁ ଶହେଭାଗ ରପ୍ତାନୀ ଭିତ୍ତିକ ଏହି ପ୍ରକଳ୍ପରେ ଇପିକଲ ୨୩ ଲକ୍ଷ ଟଙ୍କା ବିନିଯୋଗ କରିବେ । ଏହି ପ୍ରକଳ୍ପ ପାଇଁ ଆବଶ୍ୟକ ହେଉଥିବା କଞ୍ଚାମାଲ କେନ୍ଦୁଝରରେ ମିଳୁଛି ଏବଂ ଏଥିପାଇଁ ଗ୍ରାଫ୍‌କୋ ଗ୍ରାନାଇଟ୍ ଲିମିଟେଡ୍ ନାମରେ ନାମିତ ଏହି ପ୍ରକଳ୍ପ ଖଣିପଟ୍ଟା ସଂଗ୍ରହ କରିସାରିଛି । ଉତ୍ପାଦିତ ପଦାର୍ଥ ବିକ୍ରିରୁ ବାର୍ଷିକ ୪ କୋଟି ଟଙ୍କାର ବୈଦେଶିକ ବିନିମୟ ମୁଦ୍ରା ମିଳିପାରିବ ।

ଜିଲ୍ଲାରେ ରପ୍ତାନୀଭିତ୍ତିକ ଏକ ରେଡ଼ିମେଡ୍ ପୋଷାକ ତିଆରି ପ୍ରକଳ୍ପ, ଶତକଡ଼ା ଶହେଭାଗ ରପ୍ତାନୀଭିତ୍ତିକ ଏକ ଲାଟେକ୍ସ ଗ୍ଲୋଭ ଉତ୍ପାଦନ ପ୍ରକଳ୍ପ, ଗଞ୍ଜାମ ଜିଲ୍ଲାର ଛତ୍ରପୁରଠାରେ ଏକ ଓକ୍ସାଲିକ୍ ଏସିଡ୍ ପ୍ରକଳ୍ପ ଏବଂ କଟକ ଜିଲ୍ଲାର ଚୌଦ୍ୱାରଠାରେ ଏକ ଛୋଟ ମୁଦ୍ରଣ ପ୍ରକଳ୍ପ ପାଇଁ ଇପିକଲ ବୋର୍ଡ ଅନୁମୋଦନ କରିଛନ୍ତି । ବଲାଙ୍ଗୀର ଜିଲ୍ଲାରେ ସଂପ୍ରତି ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ଭିତ୍ତି ସ୍ଥାପନ କରାଯାଇଥିବା ହାରସିଡ୍ ତିଲ ପ୍ରକଳ୍ପର କାର୍ଯ୍ୟ ଆଗେଇ ଚାଲିଛି । ସତୁରୀ କୋଟି ଟଙ୍କା ବିନିଯୋଗରେ ଏହି ପ୍ରକଳ୍ପଟି ଇପିକଲର ମିଳିତ ଉଦ୍ୟମରେ ପ୍ରତିଷ୍ଠା କରାଯାଉଛି ।

୧୯୮୮-୮୯ ଆର୍ଥିକ ବର୍ଷରେ ଇପିକଲ ପକ୍ଷରୁ ୧୮ କୋଟି ଟଙ୍କାର ଟର୍ମଲୋନ୍ ମଞ୍ଜୁର କରାଯାଇଛି । ପୂର୍ବ ବର୍ଷ ସାଢ଼େ ଚଉଦ କୋଟି ଟଙ୍କା ମଞ୍ଜୁର କରାଯାଇଥିଲା । ୧୯୮୮-୮୯ ବର୍ଷରେ ୬ କୋଟି ୭୦ ଲକ୍ଷ ଟଙ୍କା ଓ ତତ୍‌ପୂର୍ବ ବର୍ଷ ସାଢ଼େ ୪ କୋଟି ଟଙ୍କା ଇକ୍ୱିଟି ଆକାରରେ ବିନିଯୋଗ କରାଯାଇଛି । ୧୯୮୭-୮୮ ବର୍ଷ ଅପେକ୍ଷା ଏହି ବିନିଯୋଗ ପରିମାଣ ୧୯୮୮-୮୯ରେ ଯଥେଷ୍ଟ ଅଧିକ ହୋଇପାରିଛି ।

## ପଞ୍ଚାୟତ ସ୍ତରରେ ଫସଲ ବୀମା ଯୋଜନା

ଓଡ଼ିଶାରେ ପଞ୍ଚାୟତ ସ୍ତରରୁ ଫସଲ ବୀମା ଯୋଜନା କାର୍ଯ୍ୟକାରୀ ହେଉଛି ଏବଂ ଏ କ୍ଷେତ୍ରରେ ଓଡ଼ିଶା ସମଗ୍ର ଦେଶରେ ସର୍ବପ୍ରଥମ ।

୧୯୮୫ ଖରିଫ୍ ଋତୁଠାରୁ ସମଗ୍ର ରାଜ୍ୟରେ କାର୍ଯ୍ୟକାରୀ ହୋଇ ଆସୁଥିବା 'ପୂର୍ଣ୍ଣାଙ୍ଗ ଫସଲ ବୀମା ଯୋଜନା' (କଂପ୍ରିହେନସିଭ୍ କ୍ରପ୍ ଇନ୍‌ସ୍ୟୁରେନ୍ସ ସ୍କିମ୍)କୁ ଚଳିତ ଖରିଫ୍ ଧାନ ଫସଲ ପାଇଁ ମଧ୍ୟ ଲାଗୁ କରାଯିବ ବୋଲି ରାଜ୍ୟ ସରକାର ନିଷ୍ପତ୍ତି କରିଛନ୍ତି । ଏ ସମ୍ପର୍କରେ କୃଷି ଓ ସମବାୟ ବିଭାଗ ତରଫରୁ ପ୍ରକାଶିତ ଏକ ରିଜୋଲ୍ୟୁସନ୍‌ରେ କୁହାଯାଇଛି ଯେ ପ୍ରତ୍ୟେକ ଋଣୀ ନେଉଥିବା କୃଷି ଋଣର (ସର୍ବାଧିକ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ) ଶତକଡ଼ା ଶହେଭାଗ ବୀମାଭୁକ୍ତ ହେବ । ଏହି ଯୋଜନାରେ ରାଜ୍ୟର ପ୍ରତ୍ୟେକ ପଞ୍ଚାୟତକୁ ଏକ 'ୟୁନିଟ' ଭାବେ ଧରାଯାଇଛି ।

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଏହି ପୂର୍ଣ୍ଣାଙ୍ଗ ଯୋଜନା ଭାରତୀୟ ସାଧାରଣ ବୀମା ନିଗମ ଦ୍ୱାରା ପରିଚାଳିତ ହେଉଛି । ଏଥିପାଇଁ ଭୁବନେଶ୍ୱର ସତ୍ୟନଗରଠାରେ ଏହି ନିଗମର ରାଜ୍ୟସ୍ତରୀୟ ଶସ୍ୟ ବୀମା ପ୍ରକୋଷ୍ଠ ଖୋଲାଯାଇ ଶ୍ରୀ ଦେବଦତ୍ତ ଦାସଙ୍କ ତତ୍ତ୍ୱାବଧାନରେ ଏ ସମ୍ପର୍କୀୟ କାର୍ଯ୍ୟ ସମ୍ପାଦିତ ହେଉଛି । ସମବାୟ ବ୍ୟାଙ୍କ୍ ସମେତ ଅନ୍ୟାନ୍ୟ ବ୍ୟାଙ୍କରୁ ଋଣ ନେଇ ଧାନଚାଷ କରୁଥିବା ରାଜ୍ୟର ଚାଷୀମାନଙ୍କପାଇଁ ଏହି ଯୋଜନା ଉଦ୍ଦିଷ୍ଟ ।

ଏଠାରେ ସ୍ମରଣ କରି ଦିଆଯାଇ ପାରେ ଯେ ଏହି ଯୋଜନାନୁଯାୟୀ ୧୯୮୭ ଖରିଫ୍ ଓ ରବିଋତୁରେ ଶସ୍ୟହାନୀ ଜନିତ କ୍ଷତିପୂରଣ ବାବଦରେ ସମ୍ପୃକ୍ତ ଚାଷୀମାନଙ୍କୁ ପ୍ରାୟ ୨୨ କୋଟି ୭୯ ଲକ୍ଷ ଟଙ୍କା ଦିଆଯାଇଛି । ତନ୍ମଧ୍ୟରେ କେବଳ ୧୯୮୭ ଖରିଫ୍ ଧାନ କ୍ଷୟକ୍ଷତି ବାବଦରେ ପ୍ରାୟ ୧ ଲକ୍ଷ ୬୨ ହଜାର ଚାଷୀଙ୍କୁ ଦିଆଯାଇଥିବା ୧୩ କୋଟି ୧୯ ଲକ୍ଷ ଟଙ୍କା ଅନ୍ତର୍ଭୁକ୍ତ । ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ବ୍ୟାପକ ଫସଲ ହାନୀ ହୋଇଥିବା ଦୁସ୍ଥ ଚାଷୀଙ୍କୁ ସାହାଯ୍ୟ କରିବା ପାଇଁ ଏହି ଯୋଜନା ରାଜ୍ୟର ୧୬୦ଟି ବ୍ଲକ୍‌ରେ ପ୍ରଥମେ ୧୯୮୦ ମସିହାରେ ଆରମ୍ଭ କରାଯାଇଥିଲା । ଉକ୍ତ ଯୋଜନା ଶେଷ ହେବା ସମ୍ପୃକ୍ତ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ୯ ଲକ୍ଷ ୨୧ ହଜାର ଟଙ୍କା କ୍ଷତିପୂରଣ ଦିଆଯାଇଥିଲା ।

## ଆଇ. ଆର. ଡ଼ି. କାର୍ଯ୍ୟକ୍ରମରେ ୧୦ ହଜାର ପରିବାର ଉପକୃତ

ଚଳିତ ଆର୍ଥିକ ବର୍ଷରେ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମରେ ମୋଟ ୧୦,୧୬୪ ଗରିବ ପରିବାରଙ୍କୁ ସେମାନଙ୍କର ଆର୍ଥିକ ଉନ୍ନତି ପାଇଁ ବିଭିନ୍ନ ସମ୍ବଳ ଓ ଅର୍ଥ ସହାୟତା ପ୍ରଦାନ କରାଯାଇଛି । ହିତାଧିକାରୀମାନଙ୍କ ମଧ୍ୟରେ ୨,୩୫୮ ହରିଜନ, ୨,୦୮୨ ଆଦିବାସୀ ପରିବାର ଓ ୧,୬୮୦ ମହିଳା ଅନ୍ତର୍ଭୁକ୍ତ । ପୂର୍ବରୁ ସହାୟତା ପାଇ ଦୁସ୍ଥ ଅବସ୍ଥାରେ ଥିବା ପରିବାରଙ୍କୁ ଦାରିଦ୍ର୍ୟ ସୀମା ଅତିକ୍ରମ କରିବା ପାଇଁ ଲକ୍ଷ୍ୟ ରଖି ଏହି ସମୟ ମଧ୍ୟରେ ୨୦୦ ହରିଜନ, ୧୫୧ ଆଦିବାସୀ ପରିବାର ଓ ୪୩ ମହିଳାଙ୍କ ସମେତ ୭୪୫ଟି ପରିବାରକୁ ଦ୍ୱିତୀୟ ଥର ପାଇଁ ଅର୍ଥ ଓ ସମ୍ବଳ ଯୋଗାଇ ଦିଆଯାଇଛି ।

## ନଅବର୍ଷ ମଧ୍ୟରେ ଏକ ହଜାରରୁ ଊର୍ଦ୍ଧ୍ୱ ସେତୁ ନିର୍ମିତ

### ପନ୍ଦର ହଜାରରୁ ଊର୍ଦ୍ଧ୍ୱ ଗ୍ରାମକୁ ସ୍ଥାୟୀ ଯୋଗାଯୋଗ ବ୍ୟବସ୍ଥା

୧୯୮୦ ମସିହାରୁ ୧୯୮୯ ମସିହା ମାର୍ଚ୍ଚ ମାସ ସୁଦ୍ଧା ଗତ ନଅବର୍ଷ ମଧ୍ୟରେ ରାଜ୍ୟରେ ଉଭୟ ବୃହତ୍ ଓ କ୍ଷୁଦ୍ର ସେତୁ ମିଶି ମୋଟ୍ ୧,୦୪୧ଟି ସେତୁ ନିର୍ମିତ ହୋଇଛି ଏବଂ ୧୫,୧୨୨ଟି ଗ୍ରାମକୁ ରାସ୍ତା ନିର୍ମାଣ କରାଯାଇ ସବୁଦିନିଆ ଗମନାଗମନର ବ୍ୟବସ୍ଥା କରାଯାଇଛି । ବୃହତ୍ ସେତୁମାନଙ୍କ ମଧ୍ୟରେ ସୁବର୍ଣ୍ଣରେଖା ନଦୀ, ତିର୍ତ୍ତୋଲ-କୋଣାର୍କ ରାସ୍ତାରେ ମହାନଦୀ, ନରିଡଗିରି-ଉଦୟଗିରି ରାସ୍ତାରେ ବଡ ଗେଙ୍ଗୁଟି ନଦୀ, ଆନନ୍ଦପୁର ନିକଟରେ ବୈତରଣୀ ନଦୀ ଏବଂ କଟକ ଜିଲ୍ଲାର ବୃଦନସା ନିକଟରେ ଲୁଣାନଦୀ ଉପରେ ନିର୍ମିତ ବୃହତ୍ ସେତୁଗୁଡ଼ିକ ଅନ୍ତର୍ଭୁକ୍ତ । ଏହି ସମୟ ମଧ୍ୟରେ ମୋଟ୍ ୪,୭୨୫.୬୯ କିଲୋମିଟର ମେଟାଲ ଏବଂ ୫,୨୮୪ କିଲୋମିଟର ପିଚ୍‌ରାସ୍ତା ନିର୍ମାଣ କରାଯାଇଛି ।

ରାଜ୍ୟର ପ୍ରତ୍ୟେକ ଗ୍ରାମ ସହ ଗ୍ରାମପଞ୍ଚାୟତ, ଗ୍ରାମପଞ୍ଚାୟତ ସହ ବ୍ଲକ୍ ଏବଂ ବ୍ଲକ୍ ସହ ସବ୍‌ଡିଭିଜନ୍ ସଦର ମହକୁମାମାନଙ୍କୁ ସବୁଦିନିଆ ଗମନାଗମନ ବ୍ୟବସ୍ଥା କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇ ତାକୁ ଦ୍ରୁତଗତିରେ କାର୍ଯ୍ୟକାରୀ କରୁଛନ୍ତି । ୫୨ଟି ସବ୍‌ଡିଭିଜନ୍ ମଧ୍ୟରୁ ୫୨ଟି ସବ୍‌ଡିଭିଜନ୍ ସଦର ମହକୁମା ଏବଂ ୩୧୪ଟି ବ୍ଲକ୍ ମଧ୍ୟରୁ ୨୯୬ଟି ବ୍ଲକ୍ ସଦର ମହକୁମା ସହ ସ୍ଥାୟୀ ଯୋଗାଯୋଗ ବ୍ୟବସ୍ଥା କରାଯାଇ ସାରିଛି ।

୪୨ ନମ୍ବର ଜାତୀୟ ରାଜପଥକୁ ପାଲଲହଡାଠାରେ ୬ ନମ୍ବର ଜାତୀୟ ରାଜପଥ ସହ ସଂଯୋଗ କରିବା ପାଇଁ ବର୍ଷପାନଠାରେ ସଂଯୋଗକାରୀ ରାସ୍ତା ନିର୍ମାଣ କରାଯାଉଛି । ଏହା ଫଳରେ ଉତ୍ତରପ୍ରଦେଶ ଦେଇ ବିହାର ପ୍ରଦେଶର ରାଞ୍ଚି ସହ ସ୍ଥାୟୀ ଯୋଗାଯୋଗ ବ୍ୟବସ୍ଥା ହୋଇପାରିଛି । ସେହିପରି ପୁନବାନାଠାରୁ ସଂସାରପଲ୍ଲୀ ଏବଂ ଛୁରି ଦେଇ ଯାତ୍ରା ପ୍ରଦେଶକୁ ସଂଯୋଗ କରିବା ପାଇଁ ଏକ ନୂଆରାସ୍ତାର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ କରାଯାଇଛି । ଭୁବନେଶ୍ୱରଠାରୁ ଖୁର୍ଦ୍ଧା ପର୍ଯ୍ୟନ୍ତ ଏକ ବିକଳ୍ପ ସଂଯୋଗକାରୀ ରାସ୍ତା ଏବଂ ମୁଣ୍ଡୁଳୀଠାରେ ଏକ ନୂତନ ସେତୁ ନିର୍ମାଣାଧୀନ ଅବସ୍ଥାରେ ରହିଛି । ପୁରୀ ଜିଲ୍ଲାର ଶରଣକୂଳଠାରୁ ରାମେଶ୍ୱର ଦେଇ ପୁରୀ ପର୍ଯ୍ୟନ୍ତ ୯୦ କିଲୋମିଟର ନୂତନ କଗଲାପ ରାସ୍ତା ମଧ୍ୟ ନିର୍ମାଣାଧୀନ ଅଛି । ଏହି ନୂତନ ରାସ୍ତା ନିର୍ମାଣ ଫଳରେ ଦକ୍ଷିଣ ଓଡ଼ିଶା ସହ ପୁରୀ ରାସ୍ତା ଦୂରତ୍ୱ ବହୁ ପରିମାଣରେ କମିଯିବ ।

କୋରାପୁଟ ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ କାଶୀପୁର ଅଞ୍ଚଳରେ ରାସ୍ତାଘାଟ ନିର୍ମାଣ ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଆର. ଏଲ୍. ଇ. ଜି. ପି. କାର୍ଯ୍ୟକ୍ରମ ଅନୁଯାୟୀ ରାଜ୍ୟର ବିଭିନ୍ନ ଆଦିବାସୀ, ହରିଜନ ତଥା ଅନୁନ୍ନତ ଅଞ୍ଚଳମାନଙ୍କରେ ରାସ୍ତାଘାଟ ଓ ସେତୁ ନିର୍ମାଣ ପାଇଁ ବିଶେଷ ଗୁରୁତ୍ୱ ଆରୋପ କରଯାଇ ବହୁ କାର୍ଯ୍ୟକ୍ରମମାନ କାର୍ଯ୍ୟକାରୀ କରାଯାଉଛି ।

## ଅଷ୍ଟମ ଯୋଜନା ସୁଦ୍ଧା ପ୍ରତି ଜିଲ୍ଲାରେ ଷ୍ଟାଡ଼ିୟମ୍ ହେବ

ଅଷ୍ଟମ ଯୋଜନା ଶେଷ ସୁଦ୍ଧା ପ୍ରତି ଜିଲ୍ଲାରେ ଗୋଟିଏ ଲେଖାଏଁ ଷ୍ଟାଡ଼ିୟମ୍, ବ୍ୟାୟାମ ଶାଳା ଓ ସନ୍ତରଣ ପୁଷ୍କରିଣୀ ନିର୍ମାଣ କରାଯିବ ବୋଲି ଶିକ୍ଷା, କ୍ରୀଡ଼ା ଓ ଯୁବ କଲ୍ୟାଣ ମନ୍ତ୍ରୀ ଶ୍ରୀ ଯଦୁନାଥ ଦାଶ ମହାପାତ୍ର ଆଶା ପ୍ରକାଶ କରିଛନ୍ତି ।

କଟକ ବାରବାଟୀ ଷ୍ଟାଡ଼ିୟମସ୍ଥ ଜବାହରଲାଲ ନେହେରୁ ଇନ୍‌ଡୋର୍ ଷ୍ଟାଡ଼ିୟମ୍‌ଠାରେ ଆୟୋଜିତ ସାତଦିନିଆ ସପ୍ତମ ଜାତୀୟ ଯୁବ ବାସ୍କେଟ୍ ବଲ୍ ଚାମ୍ପିଅନ୍‌ସିପ୍ ପ୍ରତିଯୋଗିତା ଉଦ୍‌ଘାଟନ କରି ଶିକ୍ଷାମନ୍ତ୍ରୀ କହିଲେ ଯେ ବର୍ତ୍ତମାନ ରାଜ୍ୟରେ କେତୋଟି ସ୍ଥାନରେ ମଧ୍ୟମ ଧରଣର ବ୍ୟାୟାମଶାଳା ନିର୍ମାଣାଧୀନ ରହିଛି । ରାଜ୍ୟରେ କ୍ରୀଡ଼ାର ବିକାଶ ଦିଗରେ ବିଶେଷତଃ ପ୍ରତିଭାବାନ କ୍ରୀଡ଼ାବିତ୍ ଯୁବକ ଓ ଯୁବତୀମାନଙ୍କୁ ଉତ୍ସାହିତ କରାଯାଉଛି ବୋଲି ପ୍ରକାଶ କରି ସେ କହିଲେ ଯେ 14 ବର୍ଷ ବୟସ ପର୍ଯ୍ୟନ୍ତ ଖେଳାଳୀଙ୍କୁ ସରକାରଙ୍କ ତରଫରୁ ପ୍ରୋତ୍ସାହନ ଦିଆଯାଉଛି । ବର୍ତ୍ତମାନ ଓଡ଼ିଶାରେ ଫୁଟ୍‌ବଲ, ହକି, ବାସ୍କେଟ୍‌ବଲ, ଭଲିବଲ, ବ୍ୟାୟାମ, ସନ୍ତରଣ କୁସ୍ତିକସରତରେ ତାଲିମ ଦେବା ଲାଗି 7 ଟି କ୍ରୀଡ଼ା ଛାତ୍ରାବାସ ନିର୍ମାଣ କରାଯାଇଛି । ଚଳିତ ବର୍ଷ ମଧ୍ୟରେ ଅନ୍ୟ ଏକ ଛାତ୍ରାବାସ ମଧ୍ୟ ନିର୍ମିତ ହେବ । କଟକସ୍ଥ କ୍ରୀଡ଼ା ଛାତ୍ରାବାସ କେନ୍ଦ୍ର ସରକାରଙ୍କ କ୍ରୀଡ଼ା କର୍ତ୍ତୃପକ୍ଷଙ୍କ ସହାୟତାରେ ପରିଚାଳିତ ହେଉଛି ଏବଂ ଏଠାରେ 20 ବର୍ଷ ବୟସର କ୍ରୀଡ଼ାବିତ୍‌ମାନେ ତାଲିମ ନେଉଛନ୍ତି । ବିଭିନ୍ନ ରାଜ୍ୟରୁ ଆସି ଏହି ପ୍ରତିଯୋଗିତାରେ ଯୋଗ ଦେଇଥିବା ଖେଳାଳିମାନଙ୍କୁ ଶ୍ରୀ ଦାସ ମହାପାତ୍ର ସ୍ୱାଗତ କରିବା ସଙ୍ଗେ ସଙ୍ଗେ ଜାତୀୟ କ୍ଷେତ୍ରରେ ଏହି କ୍ରୀଡ଼ାର ଉତ୍କର୍ଷତା କାମନା କରିଥିଲେ ।

ରାଜ୍ୟ ବାସ୍କେଟ୍ ବଲ ଆସୋସିଏସନ୍‌ର ସଭାପତି ତଥା ସୂଚନା ଓ ଲୋକ ସଂପର୍କ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂହ ସ୍ୱାଗତ ଭାଷଣ ପ୍ରସଙ୍ଗରେ କହିଲେ ଯେ ରାଜ୍ୟ ସରକାର କ୍ରୀଡ଼ାର ବିକାଶ ଦିଗରେ ସମସ୍ତ ପଦକ୍ଷେପ ନେଉଛନ୍ତି । ଗତ ଜାନୁଆରୀ ମାସରେ ବ୍ରହ୍ମପୁରଠାରେ ଅନୁଷ୍ଠିତ ନିଖିଳ ଭାରତ ଗ୍ରାମ୍ୟ କ୍ରୀଡ଼ା ପ୍ରତିଯୋଗିତାରେ ଓଡ଼ିଶା ଦଳ ହକି ଓ ଫୁଟ୍‌ବଲ ଖେଳରେ ସ୍ୱର୍ଣ୍ଣ ପଦକ ଲାଭ କରିଥିବା ଯୋଗୁ ଶ୍ରୀ ସିଂହ ସନ୍ତୋଷ ପ୍ରକାଶ କରିଥିଲେ । ଏହା ବ୍ୟତୀତ ଗତ ମାର୍ଚ୍ଚ ମାସରେ ବାରବାଟି ଷ୍ଟାଡ଼ିୟମ୍‌ଠାରେ ଅନୁଷ୍ଠିତ ନିଖିଳ ଭାରତ ବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତାରେ ଓଡ଼ିଶାର ବହୁ ସଂଖ୍ୟକ ଖେଳାଳି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ ବୋଲି ସେ ପ୍ରକାଶ କରିଥିଲେ ।

## ଜବାହର ରୋଜଗାର ଯୋଜନାରେ ଶ୍ରମ ଦିବସ

ଚଳିତ ଆର୍ଥିକ ବର୍ଷରେ ନୂତନ ଭାବେ ଆରମ୍ଭ କରାଯାଇଥିବା ଜବାହର ରୋଜଗାର ଯୋଜନା ଅନ୍ତର୍ଭୁକ୍ତ ବିଭିନ୍ନ ଉନ୍ନୟନ କାର୍ଯ୍ୟ କରାଯିବାରେ ଜୁନ୍‌ମାସ ମଧ୍ୟରେ 10 ଲକ୍ଷ 35 ହଜାର ଶ୍ରମ ଦିବସ ସୃଷ୍ଟି ହୋଇ ପାରିଛି । ତନ୍ମଧ୍ୟରୁ ଆଦିବାସୀ, ହରିଜନ ଓ ମହିଳା ଶ୍ରମିକମାନେ ଯଥାକ୍ରମେ 8 ଲକ୍ଷ 6 ହଜାର, 5 ଲକ୍ଷ 81 ହଜାର ଓ 4 ଲକ୍ଷ 92 ହଜାର ଶ୍ରମ ଦିବସ ପାଇ ଉପକୃତ ହୋଇଛନ୍ତି ।

ଜବାହର ରୋଜଗାର ଯୋଜନା ବାବଦରେ ରାଜ୍ୟ ସରକାର ମୋଟ 351·76 ଲକ୍ଷ ଟଙ୍କା ବ୍ୟୟ କରିଛନ୍ତି । ଏହା ମଧ୍ୟରୁ 11 ଲକ୍ଷ 43 ହଜାର ଟଙ୍କା ମୂଲ୍ୟର 331 ମେଟ୍ରିକ୍ ଟନ୍ ଚାଉଳ ଓ 289 ମେଟ୍ରିକ୍ ଟନ୍ ଗହମ ମଜୁରୀ ଅଂଶ ବାବଦ ଶ୍ରମିକମାନଙ୍କୁ ଦିଆଯାଇଛି ।

## ଅବସର ଗ୍ରହଣ ଦିବସରେ ପେନ୍‌ସନ୍ ମଞ୍ଜୁରୀ ଆଦେଶ

ରାଜ୍ୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ରବି ନାରାୟଣ ଦାସ ସରକାରୀ ତଥା ଅନ୍ୟାନ୍ୟ ଶ୍ରେଣୀର କର୍ମଚାରୀ ମାନଙ୍କୁ ସେମାନଙ୍କର ଅବସର ଗ୍ରହଣ ଦିବସରେ ପେନ୍‌ସନ୍ ମଞ୍ଜୁରୀ ଆଦେଶ ଦେବା ପାଇଁ ସରକାର ଚିନ୍ତା କରୁଛନ୍ତି ବୋଲି ପ୍ରକାଶ କରିଛନ୍ତି ।

ରାଜ୍ୟ ସୂଚନା ଭବନରେ ଟ୍ରେଜେରୀ ଅଫିସରମାନଙ୍କର ଆଲୋଚନାଚକ୍ର ଓ କର୍ମଶାଳାର ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଶ୍ରୀ ଦାସ ପେନ୍‌ସନ୍, ଗ୍ରାଚୁଇଟି ଓ ପ୍ରୋଭିଡେଣ୍ଟ ଫଣ୍ଡ ପ୍ରଭୃତି ପ୍ରାପ୍ୟଗୁଡ଼ିକ ଅବସରପ୍ରାପ୍ତ କର୍ମଚାରୀଙ୍କୁ ଦେବାରେ ଏ. ଜି. ଅଫିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇବା ଆବଶ୍ୟକ ବୋଲି କହିଥିଲେ । ବର୍ତ୍ତମାନ ଏ. ଜି. ଅଫିସରେ 500ରୁ ଊର୍ଦ୍ଧ୍ୱ ଅବସରପ୍ରାପ୍ତ କର୍ମଚାରୀଙ୍କର ପେନସନ ମଞ୍ଜୁରୀ ହୋଇ ନଥିବା ସେ ପ୍ରକାଶ କରିଥିଲେ ।

ଟ୍ରେଜେରୀ ଅଫିସରମାନେ ସେମାନଙ୍କ କାର୍ଯ୍ୟାଳୟକୁ ଆସୁଥିବା ଜନସାଧାରଣଙ୍କ ପ୍ରତି ସହାନୁଭୂତିଶୀଳ ହେବା ପାଇଁ ପରାମର୍ଶ ଦେଇ ଟ୍ରେଜେରୀର ଟଙ୍କା ପଇସା ଜମା ଓ ଉଠାଣ ସଂକ୍ରାନ୍ତରେ ହିସାବ ବିବରଣୀ ଠିକ୍ ସମୟରେ ଦେବାପାଇଁ ପରାମର୍ଶ ଦେଇଥିଲେ । କର୍ମଶାଳାରେ ଯୋଗ ଦେଇଥିବା 23 ଜଣ ଟ୍ରେଜେରୀ ଅଫିସରଙ୍କୁ ଶ୍ରୀ ଦାସ ସାର୍ଟିଫିକେଟ୍ ପ୍ରଦାନ କରିଥିଲେ ।

## କଟକ ପାଇଁ ଦୈନିକ ଓମ୍‌ଫେଡ୍ ଦୁଗ୍ଧ ଯୋଗାଣ

କଟକ ସହର ପାଇଁ ଦୈନିକ ୨୫ ହଜାର ଲିଟର ଓମ୍‌ଫେଡ୍ ଦୁଗ୍ଧ ଯୋଗାଣ ବ୍ୟବସ୍ଥା ହୋଇଛି । ବର୍ତ୍ତମାନ କଟକ ସହରରେ ଓମ୍‌ଫେଡ୍ ପକ୍ଷରୁ ଦୈନିକ ପ୍ରାୟ ୨୦ ହଜାର ଲିଟର ଦୁଗ୍ଧ ବିକ୍ରୟ କରାଯାଉଛି । ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦନକାରୀ ମହାସଂଘ ପକ୍ଷରୁ ପ୍ରସ୍ତାବିତ ୧୫ଟି ଦିନ ରାତି ଦୁଗ୍ଧ ବିକ୍ରୟ କେନ୍ଦ୍ର ମଧ୍ୟରୁ ୧୦ଟି ନୂତନ କେନ୍ଦ୍ର ଖୋଲଯାଇ ଦୁଗ୍ଧ ବିକ୍ରୟ ଆରମ୍ଭ କରାଯାଇଛି । ଏହି କେନ୍ଦ୍ରମାନଙ୍କରୁ ଦିନରେ ଦୁଇଥରେ ଦୁଗ୍ଧ ଯୋଗାଇ ଦିଆଯିବ । ଏହା ଫଳରେ କଟକ ସହରରେ ଆଗରୁ ହେଉଥିବା ଦୈନିକ ୨୦ ହଜାର ଲିଟର ଓମ୍‌ଫେଡ୍ ଦୁଗ୍ଧ ଯୋଗାଣ ପରିମାଣ ୨୫ ହଜାର ଲିଟରକୁ ବୃଦ୍ଧି ପାଇବ ।

ବସିବଜାରଠାରେ ଜେନେରାଲ ପୋଷ୍ଟ ଅଫିସ୍ ନିକଟରେ ଆନୁଷ୍ଠିତ ଏକ ଉତ୍ସବରେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଶ୍ରୀ ରମାକାନ୍ତ ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଗୋଟିଏ ନୂଆ ଦୁଗ୍ଧ ବିକ୍ରୟ କେନ୍ଦ୍ରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଓମ୍‌ଫେଡ୍ ଦୁଗ୍ଧର ଦିନକୁ ଦିନ ବଢ଼ି ଚାଲିଥିବା ଚାହିଦା ମେଣ୍ଟାଇବା ଦିଗରେ ଏବଂ କଟକର ଜନସାଧାରଣଙ୍କୁ ସବୁ ସମୟରେ ଦୁଗ୍ଧ ଯୋଗାଇବା ପାଇଁ ଓମ୍‌ଫେଡ୍ ପକ୍ଷରୁ ନିଆଯାଇଥିବା ପଦକ୍ଷେପର ଭୂୟସୀ ପ୍ରଶଂସା କରିଥିଲେ । ରାଜ୍ୟରେ ସର୍ବତ୍ର ଓମ୍‌ଫେଡ୍ ଦୁଗ୍ଧ ଯୋଗାଣର ବ୍ୟାପକ ପ୍ରସାର ପାଇଁ ଏ ପ୍ରକାର ବହୁ ସଂଖ୍ୟକ ବିକ୍ରୟ କେନ୍ଦ୍ର ଖୋଲିବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ମିଶ୍ର କହିଥିଲେ । ଏଜେଣ୍ଟମାନଙ୍କୁ ଆର୍ଥିକ ସହାୟତା କରିବା ଦିଗରେ ଅଧିକରୁ ଅଧିକ ଜାତୀୟକରଣ ବ୍ୟାଙ୍କଗୁଡ଼ିକୁ ଆଗେଇ ଆସିବାକୁ ସେ ପରାମର୍ଶ ଦେଇଥିଲେ । ସେହିପରି ବାରବାଟୀ ଷ୍ଟାଡ଼ିୟମ୍ ନିକଟରେ ଆଉ ଏକ ନୂତନ ବିକ୍ରୟ କେନ୍ଦ୍ର କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନ ଶ୍ରୀ ସତ୍ୟରଞ୍ଜନ ପାଇକ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା ।

କଟକରେ ଖୋଲଯାଉଥିବା ସମସ୍ତ ୧୫ଟି ବିକ୍ରୟ କେନ୍ଦ୍ରକୁ ଇଣ୍ଡିଆନ୍ ବ୍ୟାଙ୍କ ପକ୍ଷରୁ ଏଜେଣ୍ଟମାନଙ୍କୁ ଆବଶ୍ୟକୀୟ ଅର୍ଥର ଶତକଡ଼ା ୯୦ ଭାଗ ଆର୍ଥିକ ସାହାଯ୍ୟ ଦିଆଯାଉଛି । ପ୍ରତି କେନ୍ଦ୍ର ଖୋଲିବା ପାଇଁ ପ୍ରାୟ ୨୦ ହଜାର ଟଙ୍କା ଆବଶ୍ୟକ ହେଉଛି । ନିକଟ ଭବିଷ୍ୟତରେ ପୁରୀ ସହରରେ ଏ ପ୍ରକାର କେନ୍ଦ୍ରମାନ ଖୋଲଯିବା ପାଇଁ ବ୍ୟବସ୍ଥା ହେଉଛି ଏବଂ ରାଜ୍ୟର ଅନ୍ୟାନ୍ୟ ସହରମାନଙ୍କରେ ମଧ୍ୟ ପର୍ଯ୍ୟାୟକ୍ରମେ କେନ୍ଦ୍ରମାନ ଖୋଲଯିବ ବୋଲି ଇଣ୍ଡିଆନ୍ ବ୍ୟାଙ୍କ୍‌ର ଆଞ୍ଚଳିକ ମ୍ୟାନେଜର ପ୍ରକାଶ କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ଓମ୍‌ଫେଡ୍‌ର ଚେୟାରମ୍ୟାନ୍ ଶ୍ରୀ ସୁଧାଂଶୁ ମୋହନ ପଟ୍ଟନାୟକ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଉତ୍କଳ ସିଂ ଭାଟିଆ, ମାର୍କେଟିଂ ମ୍ୟାନେଜର ଡଃ ଆର୍. ଏନ୍. ପଟ୍ଟନାୟକ ପ୍ରମୁଖ ଓ ଓମ୍‌ଫେଡ୍‌ର ବହୁ କର୍ମଚାରୀ କଟକ ସହରରେ ଖୋଲଯାଉଥିବା ୧୦ଟି ନୂତନ ବିକ୍ରୟ କେନ୍ଦ୍ର ପରିଦର୍ଶନ କରିଥିଲେ ଏବଂ ଉଦ୍‌ଘାଟନ ଉତ୍ସବମାନଙ୍କରେ ଯୋଗ ଦେଇଥିଲେ ।

# ଅଗ୍ନି-ଦେଶର ସୁରକ୍ଷା କବଚ

ନିରାକାର ସାହୁ

୧୯୮୯ ମସିହା ମଇ ମାସ ୨୨ ତାରିଖ ସୋମବାର କେବଳ ଭାରତ ପାଇଁ ନୁହେଁ ସମଗ୍ର ପୃଥିବୀ ପାଇଁ ଏକ ସ୍ମରଣୀୟ ଓ ଉଲ୍ଲେଖନୀୟ ଦିବସ । କାରଣ ଏହିଦିନ, ଭାରତର ନିଜସ୍ୱ କାରିଗରୀ ତଥା କୌଶଳରେ ନିର୍ମିତ କ୍ଷେପଣାସ୍ତ୍ର 'ଅଗ୍ନି' କୁ ସଫଳତାର ସହ ମହାକାଶକୁ ଉତ୍କ୍ଷେପଣ କରାଯାଇଥିଲା । ଭାରତ ପ୍ରତିରକ୍ଷାର ଅଭେଦ୍ୟ କବଚ ଏହି 'ଅଗ୍ନି' ର ସଫଳତା ସମଗ୍ର ବିଶ୍ୱର ପ୍ରଗତିଶୀଳ ରାଷ୍ଟ୍ର ତଥା ଆଧୁନିକ ଟେକ୍‌ନୋଲୋଜି ଦେଶମାନଙ୍କର ଚର୍ଚ୍ଚାର ବିଷୟ ହୋଇଛି । ଏହା ସତ ଯେ, ଅନେକ ବୈଦେଶିକ ରାଷ୍ଟ୍ର 'ଅଗ୍ନି' ର ସଫଳତାରେ ସନ୍ତୁଷ୍ଟ ନୁହନ୍ତି, ପୁନଶ୍ଚ ଅନେକ ଏହାଯେ ଭାରତର ନିଜସ୍ୱ କାରିଗରୀ ବିଦ୍ୟାରେ ନିର୍ମିତ ଏହାକୁ ମଧ୍ୟ ବିଶ୍ୱାସ କରିବାକୁ ରାଜି ନୁହନ୍ତି । ତେବେ ସେ ଯାହା ହେଉନା କାହିଁକି ଭାରତ ସ୍ୱାଧୀନତାର ୪୨ ବର୍ଷ ପରେ ମହାକାଶ ଗବେଷଣା ତଥା ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ କ୍ଷେତ୍ରରେ ଯଥେଷ୍ଟ ସ୍ୱାବଲମ୍ବୀ ହୋଇପାରିଛି ।

ଜଣାଯାଇଛି 'ଅଗ୍ନି' ର ପରୀକ୍ଷା ଅନେକ ଆଗରୁ ଅର୍ଥାତ୍ ୧୯୮୮ ଅକ୍ଟୋବରରେ ହେବାର ଥିଲା, ମାତ୍ର ଆମେରିକାର ଘନ ଘନ ଚାପ ଫଳରେ ଏହାର ପରୀକ୍ଷାକୁ ସ୍ଥଗିତ ରଖା ଯାଇଥିଲା । ମିଶାଇଲ୍ ଟେକ୍‌ନୋଲୋଜିରେ ବ୍ୟୁତ୍ପତ୍ତି ହାସଲ କରିଥିବା ଆମେରିକା ଭାରତର ଏପ୍ରକାର ବିକାଶରେ ପ୍ରତିବନ୍ଧକ ଯେ କାହିଁକି ସୃଷ୍ଟି କଲା ତା'ର ପ୍ରକୃତ ତଥ୍ୟ ଜଣାନଗଲେ ବି ଏହାଦ୍ୱାରା ଆମେରିକାର ସାହାଯ୍ୟ ଗ୍ରହଣକାରୀ ଭାରତର ପଡୋଶୀ ରାଷ୍ଟ୍ର ପାକିସ୍ଥାନ ଓ ଚୀନ ପ୍ରତି ଅଧିକ ବିପଦ ସୃଷ୍ଟିହେବ ବୋଲି ଦୋଷାରୋପ କରାଯାଉଛି ।

ଇଣ୍ଟିଗ୍ରେଟେଡ୍ ଗାଇଡେଡ୍ ମିଶାଇଲ୍ ଡେଭଲପମେଣ୍ଟ ପ୍ରୋଗ୍ରାମ (ଆଇ.ଜି.ଏମ୍.ଡି.ପି.) ର ସଂଯୁକ୍ତ ପ୍ରୋଗ୍ରାମ ହେଉଛି 'ଅଗ୍ନି' । ୩୦ କୋଟି ଟଙ୍କା ବ୍ୟୟରେ ବୈଜ୍ଞାନିକମାନଙ୍କର ଦିନରାତି ଅକ୍ଳାନ୍ତ ପରିଶ୍ରମରେ 'ଅଗ୍ନି' ନିର୍ମିତ । 'ଅଗ୍ନି' ର ସଫଳତା ନିର୍ଭର କରୁଥିଲା ଭାରତର ଆଗାମୀ ମିଶାଇଲ୍ ପ୍ରୋଗ୍ରେସ୍ ଓ ମହାକାଶ ବିଜ୍ଞାନ କ୍ଷେତ୍ରରେ ଅଧିକ ଗବେଷଣା । ସୁତରାଂ 'ଅଗ୍ନି'ର ସଫଳତା ପରେ ପରେ ପ୍ରତିରକ୍ଷା ଗବେଷଣା ଏବଂ ବିକାଶ (ଡି.ଆର.ଡି.)ର ମୁଖ୍ୟ ସଂପାଦକ ଡଃ ଜି.ଏସ୍. ଅରୁଣାଚଳମ୍ ନିକଟରେ 'ଅସ୍ତ୍ର' ନାମକ ଅଭ ଏକ କ୍ଷେପଣାସ୍ତ୍ର ମହାକାଶକୁ ଉତ୍କ୍ଷେପଣ କରାଯିବ ବୋଲି ପ୍ରକାଶ କରିଛନ୍ତି । 'ଅସ୍ତ୍ର'ର ଆନୁସଙ୍ଗିକ ବ୍ୟବସ୍ଥା ପ୍ରାୟ ଚୂଡ଼ାନ୍ତ ପର୍ଯ୍ୟାୟରେ । ଚଳିତ ବର୍ଷ ଶେଷାର୍ଦ୍ଧରେ ଏହାର ପରୀକ୍ଷା କରାଯିବାର କାର୍ଯ୍ୟକ୍ରମ ମଧ୍ୟ ରହିଛି । ଏହା ପରେ ପରେ ଅନ୍ୟତମ କ୍ଷେପଣାସ୍ତ୍ର 'ତ୍ରିଶୂଳ' (ସେରଫେସ୍ ଟୁ ଏୟାର) ମଧ୍ୟ ଆଗାମୀ ଦୁଇବର୍ଷ ମଧ୍ୟରେ ପରୀକ୍ଷା କରାଯିବ । ଏସବୁରେ କ୍ରମାଗତ ସଫଳତା ଯଦି ମିଳେ ତେବେ ଏହା ନିଶ୍ଚିତ ଯେ ଭାରତ ସମଗ୍ର ବିଶ୍ୱର ଅଗ୍ରଗାମୀ ରାଷ୍ଟ୍ରମାନଙ୍କର ସମକକ୍ଷ ହେବା ସଙ୍ଗେ ସଙ୍ଗେ ପ୍ରତିରକ୍ଷାରେ ପୂର୍ଣ୍ଣ ସ୍ୱାବଲମ୍ବୀ ହୋଇପାରିବ ।

'ଅଗ୍ନି'ର ସଫଳତା ପାକିସ୍ଥାନ ପାଇଁ ବିପଦ ସୃଷ୍ଟି କରିବ ଏ ଯୁକ୍ତି କେତେଦୂର ଠିକ୍ ବା ଭୁଲ୍ ସେ ବିଷୟକୁ ଆଜି ବିସ୍ତାରାଲୋଚନା କରିବା ଆବଶ୍ୟକ ନାହିଁ । ସବୁଠୁଁ ଆଶ୍ଚର୍ଯ୍ୟର କଥା ମୂଳରୁ 'ଅଗ୍ନି'କୁ ବିରୋଧ କରି ଆସୁଥିବା ଆମେରିକା 'ଅଗ୍ନି' କ୍ଷେପଣାସ୍ତ୍ର ସଂପର୍କରେ ମତାମତ ଦେବାକୁ ଯାଇ କହିଛି— ''ସମଗ୍ର ଦକ୍ଷିଣ ଏସିଆ ଅଞ୍ଚଳରେ ଏହା ଏକ ବଡ ଧରଣର ସାମରିକ ବିକାଶ ।'' ତେବେ 'ଅଗ୍ନି'ର ସଫଳତା, ପରୋକ୍ଷରେ 'ପାକିସ୍ଥାନକୁ ମିଶାଇଲ୍ ଟେକ୍‌ନୋଲୋଜିରେ ଅଧିକ ସକ୍ରିୟ କରିବାକୁ ଏକ ଆହ୍ୱାନ' ଏକଥାକୁ ମଧ୍ୟ ଅସ୍ୱୀକାର କରାଯାଇ ନପାରେ ।

'ଅଗ୍ନି'ର ସଫଳତା ପରେ ଭାରତର ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ କେ.ସି. ପନ୍ତ ସୂଚନା ଦେଇ କହନ୍ତି— '' 'ଅଗ୍ନି' ସଂପୂର୍ଣ୍ଣ ଭାରତୀୟ ଉଦ୍ୟମ ଓ କୌଶଳରେ ନିର୍ମିତ । ଏହାର ରେଞ୍ଜ୍ ୨,୫୦୦ କି.ମି. ହୋଇଥିବାରୁ ସାଧାରଣତଃ ରାଡ଼ାରରେ ଏହାକୁ ଠାବ କରିବା ସମ୍ଭବ ହେବ ନାହିଁ । ଏଥିରେ ସଂଯୁକ୍ତ ମାରାତ୍ମକ 'ୱାରହେଡ୍' କୁ ସହଜରେ ଲକ୍ଷ୍ୟସ୍ଥଳକୁ କ୍ଷେପଣ କରାଯାଇ ପାରିବ ।'' ତେବେ ସେ ଅଧିକନ୍ତୁ ମଧ୍ୟ କହିଛନ୍ତି ଯେ, ''ଏହାଦ୍ୱାରା ଭାରତର ପଡୋଶୀ ରାଷ୍ଟ୍ରମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନହୁଅନ୍ତି ସେଥିପ୍ରତି ମଧ୍ୟ ଆମେ ସଚେତନ ଅଛୁ ।'' ଏଥିରୁ ଯାହା ଜଣାପଡୁଛି କୌଣସି ଶତ୍ରୁତାତ୍ମକ ଦୃଷ୍ଟିଭଙ୍ଗୀ ନେଇ ନୁହେଁ, ଭାରତର ପ୍ରତିରକ୍ଷାକୁ ମଜବୁତ କରିବା ଏବଂ ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ କରି ବାହାର ରାଷ୍ଟ୍ରମାନଙ୍କୁ ବିକ୍ରିକରିବା ହିଁ ଭାରତର ଲକ୍ଷ୍ୟ । ଅତଏବ ଏଥିରେ କେହି ବିଦ୍ୱେଷ ମନୋଭାବ ପ୍ରକାଶ କରିବା ଠିକ୍ ନୁହେଁ ।


୧୯୮୩ ମସିହାଠାରୁ ଅର୍ଥାତ୍ ଇଣ୍ଟିଗ୍ରେଟେଡ୍ ଗାଇଡେଡ୍ ମିଜାଇଲ୍ ଡେଭ୍‌ଲପମେଣ୍ଟ ପ୍ରୋଗ୍ରାମ କାର୍ଯ୍ୟକାରୀ ହେବାର ମାତ୍ର ୬ ବର୍ଷ ସୀମିତ ସମୟ ମଧ୍ୟରେ 'ଅଗ୍ନି' ପରି ଏକ ବୃହତ୍ କ୍ଷେପଣାସ୍ତ୍ର ର ନିର୍ମାଣ ଏବଂ ଉତ୍‌କ୍ଷେପଣରେ ସଫଳତା ଯେତିକି ବଡକଥା ନୁହେଁ, ତା'ଠାରୁ ଅଧିକ ଉଲ୍ଲେଖନୀୟ ବିଷୟ ହେଉଛି ମହାକାଶ ଗବେଷଣା ଓ କ୍ଷେପଣାସ୍ତ୍ରରେ ଭାରତର ଆଶାତୀତ ଅଗ୍ରଗତି ।

୧୪ ଟନ୍ ଓଜନ ଓ ୧୯ ମିଟର ଲମ୍ବ ଯୁକ୍ତ ଏହି କ୍ଷେପଣାସ୍ତ୍ର ଯେଉଁଦିନ ମହାକାଶକୁ ଛଡାଗଲା, ସେଦିନ ଅସଂଖ୍ୟ ଅପଲକ ନେତ୍ର ଓ ଅଜସ୍ର ଉଚ୍ଚଣ୍ଠା ପ୍ରତୀକ୍ଷା କରୁଥିଲା 'ଏହା କ'ଣ ସତରେ ସଫଳ ହେବ ?' ସବୁ ପ୍ରତୀକ୍ଷା, ଉଚ୍ଚଣ୍ଠା ପ୍ରଶ୍ନବାଚୀ ଆଜି ନିସ୍ତବ୍ଧ । 'ଅଗ୍ନି' ଆମର ଆଗାମୀ ଦଶକର ଅସ୍ତ୍ର ବୋଲି ଯାହା କୁହାଯାଉଛି ତାହା ପୁରାପୁରି ସତ୍ୟ ।

'ଅଗ୍ନି' ଆଜି ଆମ ଦେଶର ପ୍ରତିରକ୍ଷାର ଅମୋଘ କବଚ । ଏହାକୁ ନିର୍ମାଣ କରି ବିଶ୍ୱ ଦରବାରରେ ଭାରତ ଯେତିକି ଗର୍ବିତ ନିଜ ରାଜ୍ୟର ପରିସୀମା ବାଲେଶ୍ୱରର ଚାନ୍ଦିପୁରଠାରେ ଏହାକୁ ଉତ୍‌କ୍ଷେପଣର ସୌଭାଗ୍ୟ ଲାଭ କରି ଓଡ଼ିଶା ମଧ୍ୟ ଅନୁରୂପ ଗର୍ବିତ । ଏହାଦ୍ୱାରା ଓଡ଼ିଶା ସମଗ୍ର ଦେଶ କାହିଁକି ପୃଥିବୀର ବିଶିଷ୍ଟ ବୈଜ୍ଞାନିକ ତଥା ରାଷ୍ଟ୍ରମାନଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି ।

ଜୟ ଭାରତ, ଜୟ ଓଡ଼ିଶା ।

ଉଚିତ୍‌ପୁର କଟକ-୭୫୪୦୮୦



# ଭାରତୀୟ ବିଜ୍ଞାନ ଓ ପଣ୍ଡିତ ନେହେରୁ

ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ

ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ୍ ନେହରୁଙ୍କର ତିରୋଧାନର ୨୫ ବର୍ଷ ପରେ ମଧ୍ୟ ଦେଶରେ ବିଜ୍ଞାନର ବିକାଶକୁ ତାଙ୍କର ଅବଦାନର ମୂଲ୍ୟାଙ୍କନ କରିବାରେ କୌଣସି ଅପ୍ରାସଙ୍ଗିକତା ଥିବା ଅନୁଭୂତ ହେଉନାହିଁ । ଭାରତ ସ୍ୱାଧୀନ ହେଲା । ଜନ୍ମନେଲା ଏକ ନୂତନ ରାଷ୍ଟ୍ର । ଜୀବନ୍ୟାସ ପାଇଲା ଭାରତ ଜାତି । ଭାରତ ଆକାଶରେ ନବ୍‌ସ୍ଫୁରଣ ଘଟିଲା । ଦୀର୍ଘକାଳର ସଂଗ୍ରାମର ପରିସମାପ୍ତି ଘଟି ଦାୟିତ୍ୱବୋଧର ଅଭ୍ୟୁଦୟ ହେଲା । ଏକ ଆଧୁନିକ ରାଷ୍ଟ୍ର ନିର୍ମାଣ ପାଇଁ ଦେଶକୁ ନେତୃତ୍ୱ ଦେବା ଥିଲା ପଣ୍ଡିତ ନେହେରୁଙ୍କ ପାଇଁ ଏକ ବିରାଟ ଆହ୍ୱାନ ।

ଭାରତ ଏକ ମହାନ୍ ସଂସ୍କୃତିର ପୀଠଭୂମି । ଜାତି, ଭାଷା, ସଂପ୍ରଦାୟ ଆଦିର ବିଭିନ୍ନତା ସତ୍ତ୍ୱେ ଭାରତରେ ଐକ୍ୟ ସ୍ଥାପନ କରିବା ଥିଲା ତାଙ୍କର ପ୍ରଧାନ କର୍ତ୍ତବ୍ୟ । ରାଷ୍ଟ୍ର ନିର୍ମାଣ ଏକ ସହଜ କାର୍ଯ୍ୟ ନୁହେଁ । ଦୂରଦ୍ରଷ୍ଟା ନେହରୁ ରାଷ୍ଟ୍ରନିର୍ମାଣର ମୁଖ୍ୟ ସ୍ଥପତି ରୂପେ ଉଭା ହେଲେ । ଅତୀତର ଐତିହ୍ୟ, ସେହି ସମୟର ବାସ୍ତବତା ଓ ଭବିଷ୍ୟତର ଆହ୍ୱାନ— ଏହି ସବୁଥିରେ ସମନ୍ୱୟ ଓ ସଙ୍ଗତି ରକ୍ଷାକରି ଭାରତର ବିକାଶ ସାଧନ କରିବାର ବ୍ରତ ସେ ଗ୍ରହଣ କଲେ ।

ଅଜ୍ଞତା, ଦାରିଦ୍ର୍ୟ, ବିଶୃଙ୍ଖଳା, ଅସ୍ୱାସ୍ଥ୍ୟକର ପରିବେଶ, ସାମାଜିକ ଅସାମ୍ୟ ଇତ୍ୟାଦିକୁ ଦୂରକରି ନେହରୁ ରାଷ୍ଟ୍ର ଗଠନରେ ମନୋନିବେଶ କଲେ । କିନ୍ତୁ ସ୍ୱଳ୍ପ ସମୟ ମଧ୍ୟରେ ଅଶେଷ ପ୍ରଗତି ହାସଲ କରିବାର ମୌଳିକ ସୂତ୍ର କେଉଁଠି ? ଇତିହାସର ପୃଷ୍ଠା ଓଲଟାନ୍ତୁ । ପର୍ସିଆ, ମିଶର, ଭାରତ ଓ ଚୀନ୍‌ର ସଭ୍ୟତା ହିଁ ଏକଦା ଥିଲା ଅତ୍ୟନ୍ତ ସମୃଦ୍ଧ । କିନ୍ତୁ ପରବର୍ତ୍ତୀକାଳରେ ସେସବୁ ଦେଶ ଅନୁନ୍ନତ ଦେଶ ଶ୍ରେଣୀଭୁକ୍ତ ହୋଇଗଲେ । ଅପର ପକ୍ଷରେ ଅତୀତର କୌଣସି ଆଭିଜାତ୍ୟ ନ ଥାଇ ପାଶ୍ଚାତ୍ୟ ଇଉରୋପୀୟ ଦେଶଗୁଡ଼ିକ ଶିଳ୍ପ ବିପ୍ଳବ ପରେପରେ ଆଧୁନିକ ବିଜ୍ଞାନକୁ ଉପଯୋଗ କରିବାର ସାମର୍ଥ୍ୟ ହାସଲ କରି ଆଜି ବିକାଶର ଶୀର୍ଷରେ ଅବସ୍ଥିତ । ପରେପରେ ଆମେରିକା, ରୁଷିଆ ଓ ଜାପାନ ମଧ୍ୟ ଶିଳ୍ପୋନ୍ନତ ଓ ସମୃଦ୍ଧ ଦେଶରୂପେ ଉଭା ହୋଇଛନ୍ତି । ସେମାନଙ୍କର ପ୍ରଗତି ମୂଳରେ ବିଜ୍ଞାନ ଓ ଟେକ୍‌ନୋଲୋଜିର ଅବଦାନ ଅନସ୍ୱୀକାର୍ଯ୍ୟ । ସେମାନଙ୍କର ଅର୍ଥନୈତିକ ସ୍ୱଚ୍ଛଳତା ପାଇଁ ବିଜ୍ଞାନକୁ ହିଁ ଦାୟୀ କରାଯାଉଛି । କିନ୍ତୁ ସ୍ୱାଧୀନତା ହାସଲ କଲା ସମୟରେ ଆମେ ଅସ୍ୱଚ୍ଛଳତାର ସମସ୍ୟା ମଧ୍ୟରେ ଛନ୍ଦି ହୋଇ ପଡ଼ିଥିଲୁ । ତେବେ ଭାରତଭଳି ଏକ ବିକାଶୋନ୍ମୁଖୀ ଦେଶ କ'ଣ ଉନ୍ନତ ଦେଶମାନଙ୍କର ସମକକ୍ଷ ହୋଇପାରିବ ନାହିଁ ? କିନ୍ତୁ କିପରି ?

ସ୍ୱାଧୀନତା ପରବର୍ତ୍ତୀ ଅବସ୍ଥାର ପରିପ୍ରେକ୍ଷୀରେ ବିଚାର କଲେ ଏହା ହିଁ ଥିଲା ପଣ୍ଡିତ ନେହରୁଙ୍କ ପାଇଁ ଏକ ବିରାଟ ମାନସିକ ଦ୍ୱନ୍ଦ୍ୱ । ଭାରତର ପାରମ୍ପରିକ ବ୍ୟବସ୍ଥାକୁ ଅକ୍ଷୁଣ୍ଣ ରଖିବାରେ ଭାରତୀୟମାନେ ଥିଲେ ଅଧିକ ଭାବପ୍ରବଣ । ସେମାନଙ୍କର ମତକୁ ସମର୍ଥନ କରିବାରେ ଯେ କୌଣସି ନେତୃତ୍ୱ ହୁଏତ ପସନ୍ଦ କରିଥାନ୍ତା । କିନ୍ତୁ ଭାରତରେ ବିଶେଷ ଭାବରେ ପରୀକ୍ଷିତ ହୋଇ ନଥିବା ଆଧୁନିକ ବିଜ୍ଞାନର ପୃଷ୍ଠପୋଷକତା ନିମନ୍ତେ ସୁଚିନ୍ତିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନେହରୁ ଅଗ୍ରାଧିକାର ଦେଲେ ।

ଆଧୁନିକ ବିଜ୍ଞାନ ଓ ଟେକ୍‌ନୋଲୋଜିର ବିକାଶ ବିନା ଯେ ଭାରତର ସାମଗ୍ରିକ ପ୍ରଗତି ଅସମ୍ଭବ, ତାହା ସେ ଭଲଭାବେ ହୃଦୟଙ୍ଗମ କରିପାରିଥିଲେ । ନିଜର ଲକ୍ଷ୍ୟ ସମ୍ବନ୍ଧରେ ସୂଚନା ଦେବାକୁ ଯାଇ ସେ କହିଥିଲେ, ''ଭାରତବାସୀଙ୍କର ଚକ୍ଷୁରୁ ଅଭାବ ଓ ଅସନ୍ତୋଷର ଅଶ୍ରୁ ଝରୁଥିବା ପର୍ଯ୍ୟନ୍ତ ବିଶ୍ରାମ ନେବାର ପ୍ରଶ୍ନ ହିଁ ଉଠୁ ନାହିଁ ।'' ସ୍ୱାଧୀନତା ଲାଭର ବହୁବର୍ଷ ପୂର୍ବରୁ ମଧ୍ୟ ସେ ପରେ ଯେପରି ଏଭଳି ପଦକ୍ଷେପ ନେବାକୁ ସ୍ଥିର କରି ସାରିଥିଲେ ।

୧୯୩୮ ମସିହାରେ ଅନୁଷ୍ଠିତ ଭାରତୀୟ ବିଜ୍ଞାନ କଂଗ୍ରେସର ରୌପ୍ୟ ଜୁବୁଲି ଉତ୍ସବରେ ଉଦ୍‌ବୋଧନ ଦେଇ ପଣ୍ଡିତ ନେହରୁ କହିଥିଲେ, ''ରାଜନୀତିରେ ଜଡ଼ିତ ହୋଇ ପଡ଼ିବାରୁ ମୁଁ ବାଧ୍ୟହୋଇ ଅର୍ଥନୀତି ପ୍ରତି ଆକର୍ଷିତ ହେଲି । ଅର୍ଥନୀତିରେ ମନୋନିବେଶ କରୁକରୁ ମୁଁ ଆପଣା ଛାଏଁ ବିଜ୍ଞାନର ମୋହରେ ପଡ଼ିଗଲି । ଦେଶର ସମସ୍ୟାରାଜିର ପଶ୍ଚାତ୍‌ରେ ରହିଥିବା ବିଜ୍ଞାନ ସମ୍ମତ କାରଣ ଓ ବୈଜ୍ଞାନିକ ଉପାୟରେ ତା'ର ସମାଧାନ କରିବା ପ୍ରତି ମୁଁ ଆଗ୍ରହୀ ହୋଇ ଉଠିଲି ।

ସେ କହିଲେ, ''ବିଜ୍ଞାନ ହିଁ କେବଳ ଏ' ଦେଶର କ୍ଷୁଧା ଓ ଦାରିଦ୍ର୍ୟଭଳି ସମସ୍ୟାର ସମାଧାନ କରିପାରିବ, ଅସ୍ୱାସ୍ଥ୍ୟକର ପରିବେଶ, ଅଜ୍ଞତା ତଥା ନିରକ୍ଷରତାର ଅପସାରଣ କରି ପାରିବ, ଭାରତୀୟ ସମାଜରେ ପ୍ରଚଳିତ କୁସଂସ୍କାର ଓ ଅନ୍ଧବିଶ୍ୱାସର ଅବସାନ

ହୋଇପାରିବ । ଭାରତଭଳି ଏକ ସମୃଦ୍ଧ ଦେଶର ବିଶାଳ ଜନସଂଖ୍ୟା ଆଜି କ୍ଷୁଧାର କଶାଘାତରେ ପଙ୍ଗୁ । ମୋର ଦୃଢ଼ ବିଶ୍ୱାସ ଯେ ବିଜ୍ଞାନର ସହାୟତାରେ ହିଁ ଭାରତର ପୂର୍ବ ପ୍ରାଚୁର୍ଯ୍ୟ ଫେରି ଆସିବ । ଭାରତ ପୁଣି ବିଜ୍ଞାନ କ୍ଷେତ୍ରରେ ବିଶ୍ୱକୁ ନେତୃତ୍ୱ ଦେବାର କ୍ଷମତା ହାସଲ କରିପାରିବ । ବିଜ୍ଞାନର ପୃଷ୍ଠପୋଷକତା ବିନା ଭାରତର ପ୍ରଗତି ଅସମ୍ଭବ ।''

ତେଣୁ ଦେଶରେ ବିଜ୍ଞାନର ବିକାଶ ତଥା ଅଭିବୃଦ୍ଧିକୁ ପ୍ରୋତ୍ସାହନ ଦେବାର ପ୍ରକ୍ରିୟାର ଶୁଭାରମ୍ଭ ହେଲା । ଜାତୀୟସ୍ତରରେ ଗବେଷଣାର ଓ ଗବେଷଣା ପ୍ରତିଷ୍ଠାନମାନ ପ୍ରତିଷ୍ଠା କରିବାର ଧାରାକୁ ସକ୍ରିୟ କରାଗଲା । ବିଜ୍ଞାନକୁ ଏକ ଗୁରୁତ୍ୱପୂର୍ଣ୍ଣ ଜାତୀୟ କାର୍ଯ୍ୟକ୍ରମରୂପେ ସ୍ୱୀକୃତି ଦିଆଗଲା । ଆଣବିକ ଶକ୍ତି କମିଶନ ଏବଂ ବିଜ୍ଞାନ ଓ ଶିଳ୍ପ ଗବେଷଣା ପରିଷଦ ଗଠନ କରାଗଲା । ଦେଶରକ୍ଷା ବିଜ୍ଞାନର ବିକାଶ ପାଇଁ ପଦକ୍ଷେପ ନିଆଗଲା । ସେମାନଙ୍କର କାର୍ଯ୍ୟରେ କୌଣସି ଅଙ୍କୁଶ ନ ରଖି ସେମାନଙ୍କୁ ଯଥେଷ୍ଟ ସ୍ୱାତନ୍ତ୍ର୍ୟ ପ୍ରଦାନ କରାଗଲା । ବିଜ୍ଞାନ ଓ ଶିଳ୍ପ ଗବେଷଣା ପରିଷଦର ତତ୍ତ୍ୱାବଧାନରେ ଭାରତର ବିଭିନ୍ନ ସ୍ଥାନରେ ଉନ୍ନତ ଆଞ୍ଚଳିକ ଗବେଷଣାଗାରମାନ ଗଢ଼ି ଉଠିଲା । ସେ ନିଜେ ଯୋଜନା କମିଶନର ଅଧ୍ୟକ୍ଷ ରହି ବିଜ୍ଞାନ ଓ ଟେକ୍ନୋଲୋଜି କାର୍ଯ୍ୟକ୍ରମକୁ ଅମଲାତାନ୍ତ୍ରିକ ନିଗଡ଼ରୁ ମୁକ୍ତ ରଖିବା ପାଇଁ ଚେଷ୍ଟିତ ହେଲେ । ଅଧୁନା ଭାରତ ଓ ଅନ୍ୟ ଦେଶମାନଙ୍କ ମଧ୍ୟରେ ବିଜ୍ଞାନ ତଥା ଟେକ୍ନୋଲୋଜି କ୍ଷେତ୍ରରେ ସହଯୋଗ ପାଇଁ ପ୍ରୋଟୋକଲ୍ ସ୍ୱାକ୍ଷରିତ ହେବାର ଯେଉଁ ଧାରା ଅନୁସୃତ ହେଉଛି, ନେହରୁ ହିଁ ଥିଲେ ତା'ର ଆଦି ପ୍ରବର୍ତ୍ତକ ।

ପ୍ରଫେସର୍ ବ୍ଲାକେଟ୍‌ଙ୍କ ମତରେ ଅସାଧାରଣ ଧୀଶକ୍ତି ସଂପନ୍ନ ବ୍ୟକ୍ତି ଓ ସେମାନଙ୍କର ସାମର୍ଥ୍ୟକୁ ପ୍ରୋତ୍ସାହନ ଦେବା ଓ ସାଧାରଣ ମେଧା ସଂପନ୍ନ ବ୍ୟକ୍ତିମାନଙ୍କୁ ବିହାତି ଦେବାର ପ୍ରକ୍ରିୟାରୁ ବିରତ ରହିବା ଦ୍ୱାରା ଦେଶର ପ୍ରଗତି ତ୍ୱରାନ୍ୱିତ ହୋଇଥାଏ । ନେହରୁ ରାଷ୍ଟ୍ରଗଠନରେ ଡକ୍ଟର ହୋମିଭାଭା ଓ ଡକ୍ଟର ବିକ୍ରମ ସାରାଭାଇଙ୍କ ଭଳି ଆନ୍ତର୍ଜାତିକ ଖ୍ୟାତିସଂପନ୍ନ ବୈଜ୍ଞାନିକମାନଙ୍କୁ ଉପଯୋଗ କରିବାକୁ ପଦକ୍ଷେପ ନେଲେ । ତାଙ୍କରି ଉଦ୍ୟମରେ ଗଠିତ ହେଲା ବିଜ୍ଞାନ ଉପଦେଷ୍ଟା ପରିଷଦ । ଡକ୍ଟର ହୋମିଭାଭା ହେଲେ ଏହାର ଅଧ୍ୟକ୍ଷ । ଡକ୍ଟର ବିକ୍ରମ ସାରାଭାଇଙ୍କୁ ଆଣବିକ ଶକ୍ତି କମିଶନର ମୁଖ୍ୟରୂପେ ଅବସ୍ଥାପିତ କରାଗଲା ।

ତେବେ ଦେଶରେ ଉନ୍ନତମାନର ''ବିଜ୍ଞାନକୃଷି'' ଲକ୍ଷ୍ୟରେ ଗବେଷଣା ଅନୁଷ୍ଠାନ ପ୍ରତିଷ୍ଠା କରିସାରି ଆମେ ଗବେଷକମାନଙ୍କର ଅନୁସନ୍ଧାନରେ ବାହାରିଯିବା ନା କୁଶଳୀ ଗବେଷକ ସଂଗ୍ରହ କରିସାରି ସେମାନଙ୍କ ପାଇଁ ଗବେଷଣାଗାରର ପ୍ରତିଷ୍ଠା କରିବା ? ନେହରୁ ଭାରତରେ ''ବୈଜ୍ଞାନିକ ସଂପଦ'' ସଂଗ୍ରହ ପାଇଁ ଅଗ୍ରାଧିକାର ଦେଲେ । ସେ ଥିଲେ ଦେଶରେ ବିଜ୍ଞାନର ବିକାଶ ପାଇଁ ଅଭିପ୍ରେତ ପ୍ରସ୍ତୁତି ପର୍ବର ମୁଖ୍ୟ ପୁରୋଧା । ସେ କହିଥିଲେ, ''ଭାରତରେ 'ବିଜ୍ଞାନ-ପ୍ରତିଭା'ର ଦାରିଦ୍ର୍ୟ ନାହିଁ । ତେବେ ଉତ୍ତମ ବିଜ୍ଞାନ ଛାତ୍ର ସୃଷ୍ଟି କରିବାକୁ ହେଲେ ଉନ୍ନତ ଶ୍ରେଣୀର ଶିକ୍ଷକ ଗୋଷ୍ଠୀ ସୃଷ୍ଟି କରିବାକୁ ପଡ଼ିବ ।''

ଖଦୀ ଓ କୁଟୀର ଶିଳ୍ପର ବିରୋଧୀ ନ ଥିଲେ ମଧ୍ୟ କେତେକ ମୁଖ୍ୟ ଶିଳ୍ପଶିଳ୍ପ ପ୍ରତିଷ୍ଠା କରିବାରେ ସେ ପ୍ରଥମେ ପଦକ୍ଷେପ ଗ୍ରହଣ କଲେ । ତାଙ୍କରି ନେତୃତ୍ୱରେ ଭାରତରେ ଶିଳ୍ପ ବିପ୍ଳବର ଅଭ୍ୟୁତ୍ଥାନ ହେଲା । ରାଉରକେଲା, ଭିଲାଇ ଓ ଦୁର୍ଗାପୁରରେ ଗଢ଼ି ଉଠିଲା ଲୁହା କାରଖାନା । ଭାକ୍ରାନଙ୍ଗଲ୍, ହୀରାକୁଦ, ନାଗାର୍ଜ୍ଜୁନ ସାଗର, ଦାମୋଦର ଉପତ୍ୟକା ଭଳି ବିରାଟ ନଦୀବନ୍ଧଯୋଜନା କାର୍ଯ୍ୟକାରୀକରି ଦେଶର ଶକ୍ତି ଆବଶ୍ୟକତା ପୂରଣ କରିବାପାଇଁ ଉଦ୍ୟମ ହେଲା । ଓଡ଼ିଶା ଭଳି ଏକ ଅନଗ୍ରସର ରାଜ୍ୟକୁ ଅନ୍ୟ ରାଜ୍ୟର ସମକକ୍ଷ କରିବାରେ ତାଙ୍କର ଆନ୍ତରିକତାର ଅଭାବ ନଥିଲା । ହୀରାକୁଦ, ମାଚ୍ଛକୁଣ୍ଡ ଏବଂ ବାଲିମେଲା ନଦୀବନ୍ଧ ଯୋଜନା, ରାଉରକେଲା ଲୁହା କାରଖାନା ଓ ପାରାଦୀପ ବନ୍ଦର ନେହରୁଙ୍କ ଶାସନ କାଳରେ କେତୋଟି ଅକ୍ଷୟ କୀର୍ତ୍ତି । ଏହିସବୁ ପ୍ରକଳ୍ପଗୁଡ଼ିକୁ ସେ ''ନବଭାରତର ନୂତନ ମନ୍ଦିରରାଜି'' ବୋଲି ଅଭିହିତ କରୁଥିଲେ । ପେରାମ୍ବୁରଠାରେ ରେଳଡବା ତିଆରି କାରଖାନାର ଶୁଭାରମ୍ଭ କରି ସେ କହିଥିଲେ, ''ବିଜ୍ଞାନ ଓ ଟେକ୍ନୋଲୋଜିର ବିକାଶ କରି ନ ପାରିଲେ ଆମେ ଆଧୁନିକ ପୃଥିବୀରେ ପଛରେ ପଡ଼ିଯିବା । ଶକ୍ତି ଉତ୍ସର ଉପଯୁକ୍ତ ବିନିଯୋଗ କରି ନ ପାରିଲେ ଆମର ପ୍ରଗତି ବ୍ୟାହତ ହୋଇପଡ଼ିବ । ଆମେ ଆଜି ଆଣବିକ ଯୁଗର ଦ୍ୱାର ଦେଶରେ ଉଭା । ଆଣବିକ ଶକ୍ତିର ଉପଯୋଗ କରି ନ ପାରିଲେ ଆମର ଶକ୍ତିଆବଶ୍ୟକତା ପୂରଣ ହୋଇପାରିବ ନାହିଁ ।''

ନେହରୁଙ୍କ ନେତୃତ୍ୱରେ ହିଁ ଦେଶରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ସର୍ବାଙ୍ଗୀନ ଉନ୍ନତି ତଥା ପରିପ୍ରସାର ପର୍ବର ଶୁଭାରମ୍ଭ ଘଟିଥିଲା ବୋଲି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ । ପଣ୍ଡିତ ନେହରୁଙ୍କର ଜୀବନୀ ପ୍ରଣେତା ଡକ୍ଟର ଏସ୍. ଗୋପାଳଙ୍କର ଉକ୍ତି ଅନୁସାରେ, ''ପଣ୍ଡିତ ନେହରୁ ଥିଲେ ଜଣେ ଭବିଷ୍ୟଦ୍ରଷ୍ଟା । ବିଜ୍ଞାନ ଓ ଟେକ୍ନୋଲୋଜିର ବିକାଶ ଦ୍ୱାରା ଭାରତର ସାମଗ୍ରିକ ସମୃଦ୍ଧି ପାଇଁ ସେ ନିରବଚ୍ଛିନ୍ନ ଉଦ୍ୟମ ଚଳାଇଥିଲେ । ପଞ୍ଚବାର୍ଷିକ ଯୋଜନାର ଜନ୍ମଦାତା ପଣ୍ଡିତ ନେହରୁଙ୍କର ମୃତ୍ୟୁବେଳକୁ ଭାରତର ଜାତୀୟ ଆୟ ଶତକଡ଼ା ୪୨, ଖାଦ୍ୟ ଉତ୍ପାଦନ ଶତକଡ଼ା ୪୬ ଓ ଶିଳ୍ପଜାତ ଦ୍ରବ୍ୟ ଉତ୍ପାଦନ ଶତକଡ଼ା ୯୪ ଭାଗ ବୃଦ୍ଧି ପାଇଥିଲା । ତାଙ୍କର ପ୍ରଧାନମନ୍ତ୍ରୀତ୍ୱ କାଳରେ ଭାରତର ଲୋକସଂଖ୍ୟା ଶତକଡ଼ା ୨୧ ଭାଗ ବଢ଼ିଥିଲେ ମଧ୍ୟ ଭାରତୀୟଙ୍କର ଦୈନିକ ଖାଦ୍ୟରେ ପୁଷ୍ଟିସାର କାଲୋରୀର ପରିମାଣ ୧,୮୦୦ରୁ ୨,୧୦୦ରେ ପହଞ୍ଚିଗଲା । ପ୍ରତ୍ୟେକ ବ୍ୟକ୍ତି ପ୍ରତିବର୍ଷ ନଅ ଗଜ ଲୁଗା ବଦଳରେ ୧୪.୫ ଗଜ ଲୁଗା ପିନ୍ଧିବା ପାଇଁ ସମର୍ଥ ହୋଇପାରିଲା ।''

ଏସବୁ ବ୍ୟତୀତ ଭାରତୀୟମାନଙ୍କ ମଧ୍ୟରେ ଏକ ବୈଜ୍ଞାନିକ ମନୋବୃତ୍ତିର ବିକାଶ ପାଇଁ ସେ ସର୍ବଦା ଉଦ୍ୟମ କରୁଥିଲେ । ନେହରୁ କହିଥିଲେ ଯେ ନିଜର ଆଚରଣ ଓ ବ୍ୟବହାରରେ ଏକ ବୈଜ୍ଞାନିକ ଚିନ୍ତାଧାରା ପୋଷଣ ନ କଲେ ଭାରତରେ ଗଣତନ୍ତ୍ରର ସ୍ଥିତି ବିପନ୍ନ ହୋଇପଡ଼ିବ । ବିଜ୍ଞାନ ପ୍ରତି ଅନ୍ତରିକଶ୍ରଦ୍ଧା ତଥା ଦୁର୍ବଳତା ରହିଥିଲେ ମଧ୍ୟ ବୈଜ୍ଞାନିକମାନଙ୍କର ବ୍ୟକ୍ତିତ୍ୱ ବର୍ଜିତ ବ୍ୟବହାର ତାଙ୍କୁ ବ୍ୟଥିତ କରୁଥିଲା । ବିଜ୍ଞାନ ତଥା ବୈଜ୍ଞାନିକମାନଙ୍କୁ ଲକ୍ଷ୍ୟକରି ବଡ଼ କ୍ଷୋଭର ସହିତ ସେ କହିଥିଲେ, ''ବିଜ୍ଞାନର ଅପବ୍ୟବହାର ଫଳରେ ବିଜ୍ଞାନ ଆଜି ମଣିଷକୁ ଯଥେଷ୍ଟ ଅବୈଜ୍ଞାନିକ କରି ପକାଇଛି । ବୈଜ୍ଞାନିକମାନେ ମାନବିକ ମୂଲ୍ୟବୋଧକୁ ଯଥାଯୋଗ୍ୟ ଗୁରୁତ୍ୱ ଦେବାରେ ଅସମର୍ଥ ହୋଇଛନ୍ତି ।'' ତେଣୁ ପାଶ୍ଚାତ୍ୟ ଟେକ୍ନୋଲୋଜି ପ୍ରତି ମୋହାସକ୍ତ ହୋଇପଡ଼ିଥିଲେ ମଧ୍ୟ ବିଜ୍ଞାନର ଦୁହାଇଦେଇ ଭାରତର ସଂସ୍କୃତିର ଅବକ୍ଷୟକୁ ପ୍ରତିହତ କରିବାରେ ପଣ୍ଡିତ ନେହରୁ ସର୍ବଦା ତତ୍ପରଥିଲେ ।

ବିଜ୍ଞାନ ଏକ ଯାଦୁକାଠି ନୁହେଁ । ଏହାର ସ୍ପର୍ଶରେ ତତ୍‌କ୍ଷଣାତ୍ ସମସ୍ୟାରାଜିର ସମାଧାନ ହୋଇଯିବ ବୋଲି ବିଶ୍ୱାସକରିବା ଯୁକ୍ତିଯୁକ୍ତ ନୁହେଁ । ଭାରତର ବହୁମୁଖୀ ସମସ୍ୟା ପରିପ୍ରେକ୍ଷୀରେ ବିଚାରକଲେ ବିଜ୍ଞାନ ଓ ଟେକ୍ନୋଲୋଜିର ସାହାଯ୍ୟରେ ସମସ୍ୟା ସମାଧାନ କରିବାରେ ସଂପୂର୍ଣ୍ଣ ସଫଳତା ହାସଲ କରିବା ସମ୍ଭବ ନୁହେଁ । ତେବେ ନେହରୁ ନିଜ ଜୀବଦ୍ଦଶାରେ ଏ ଦିଗରେ ଆଶାତିରିକ୍ତ ସଫଳତା ହାସଲ କରିଥିଲେ । ତାଙ୍କର ସଫଳତା ଓ ବିଫଳତା ଉଭୟରୁ ହିଁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ଯଥେଷ୍ଟ ଦିଗ୍‌ଦର୍ଶନ ମିଳିପାରିଛି ।

ବିଶ୍ୱର ଶିଳ୍ପୋନ୍ନତ ଦେଶମାନଙ୍କ ମଧ୍ୟରେ ଭାରତର ସ୍ଥାନ ଆଜି ଅକ୍ଷମ ଓ କୁଶଳୀ ବୈଜ୍ଞାନିକମାନଙ୍କର ସଂଖ୍ୟା ଦୃଷ୍ଟିରୁ ବିଚାରକଲେ

ଆମ ଦେଶର ସ୍ଥାନ ପୃଥିବୀରେ ତୃତୀୟ । ନେହରୁଙ୍କର ସମୟୋପଯୋଗୀ ପଦକ୍ଷେପ ହିଁ ଏହି ସଫଳତା ପାଇଁ ସର୍ବତୋଭାବେ ଦାୟୀ ।

ନେହରୁଙ୍କର ମୃତ୍ୟୁରେ ଶୋକ ପ୍ରକାଶ କରି ଜାତି ସଂଘରେ ଥିବା ଆମେରିକାର ରାଷ୍ଟ୍ରଦୂତ ଏ. ଷ୍ଟିଭେନ୍‌ସନ୍ ଯଥାର୍ଥରେ କହିଥିଲେ । "ନେହରୁ ଜଣେ ବ୍ୟକ୍ତିବିଶେଷ ନ ଥିଲେ, ସେ ଥିଲେ ବ୍ୟକ୍ତିମାନଙ୍କର ଏକ ଶୋଭାଯାତ୍ରା । ସେହି ଏକକ ବ୍ୟକ୍ତିତ୍ୱ ବହୁ ବ୍ୟକ୍ତିତ୍ୱର ଭୂମିକାରେ ଅବତୀର୍ଣ୍ଣହୋଇ ଭାରତର ସାମଗ୍ରିକ ପ୍ରଗତି ପାଇଁ କର୍ମତତ୍ପର ହୋଇ ରହିଥିଲେ ।"

ମୃତ୍ୟୁ ସମୟରେ ନେହରୁଙ୍କର ଶଯ୍ୟା ନିକଟରେ ରହିଥିବା ଏକ ଟିପା ଖାତାରେ ଲେଖାଥିଲା ରବର୍ଟ ଫ୍ରଷ୍ଟଙ୍କର କବିତାଟିଏ । କବିତାର ଶେଷ ପଦଟି ହେଉଛି–

"ଆଗରେ ରହିଛି ପଥ ବନ୍ଧୁର ଅନ୍ଧାରୀ କେତେ ଯେ ବାକି,
ଚାଲିଛି ଚାଲିବି, ନ ପଡ଼ିବି ଥକି, ମୁଦିବା ଆଗରୁ ଆଖି ।"

ଏହି ପରିପ୍ରେକ୍ଷୀରେ ବିଚାର କଲେ, କର୍ମ ହିଁ ଥିଲା ତାଙ୍କର ପ୍ରେରଣା, ବିବଶତା ଥିଲା ତାଙ୍କର ଶତ୍ରୁ । ଆଜି ଦେଶର ଏକ ଆତ୍ମନିର୍ଭରଶୀଳ ବୈଜ୍ଞାନିକ ଭିତ୍ତିକୁ ଉପଭୋଗ କରୁଥିବା ଭାରତବାସୀଙ୍କ ପାଇଁ ଭାରତୀୟ ବିଜ୍ଞାନର ବିକାଶରେ ପଣ୍ଡିତ ଜବାହରଲାଲ୍ ନେହରୁଙ୍କ ମହାନ୍ ଅବଦାନକୁ ନମ୍ରତାର ସହ ସ୍ୱୀକାର କରିବା ହିଁ ହେବ ନେହରୁଙ୍କର ଅମର ଆତ୍ମାପ୍ରତି ଏକ ଅମ୍ଳାନ ଶ୍ରଦ୍ଧାଞ୍ଜଳି ।

ଜୀବରସାୟନ ବିଭାଗ,
ଶ୍ରୀରାମଚନ୍ଦ୍ରଭଞ୍ଜ ଚିକିତ୍ସା ମହାବିଦ୍ୟାଳୟ,
କଟକ–୭୫୩୦୦୭ ।

ଜାତିର ଉନ୍ନତି ସେ କାହିଁ କରିବ
ସ୍ୱାର୍ଥେ ଯାର ବ୍ୟସ୍ତ ମନ,
ଶାଗୁଣା ବିଲୁଆ ଚିକିତ୍ସକ ହେଲେ
ଶବ କି ପାଇବ ପ୍ରାଣ ?
ଜାତି ନନ୍ଦିଘୋଷ ଚଳିବ କି ଘର
ସ୍ୱାର୍ଥକୁ ସାରଥୀ କଲେ,
ଟାଣେ କିରେ ଗାଡ଼ି ଦାନାର ତୋବଡ଼ା
ଘୋଡ଼ା ମୁହେଁ ବନ୍ଧା ଥିଲେ ?

**ମଧୁସୂଦନ**

ଉତ୍କଳ-ଗଗନେ ଦିଅ ନବ ଘନ
ଉତ୍କଳ ପାଦପେ ରସମୟ ଫଳ,
ଉତ୍କଳ ସରିତେ ପବିତ୍ର ଜୀବନ
ଉତ୍କଳ କାନନେ ସ୍ୱର୍ଗୀୟ ସୁମନ,
ଉତ୍କଳ ଆକାଶେ ନବଯଶ ରବି,
ଉତ୍କଳ ପ୍ରକୃତି ଧରୁ ନବ ଛବି ।

**ଗୋପବନ୍ଧୁ**

ସ୍ୱଜାତି ଉନ୍ନତି ଚିନ୍ତି ଦିନ ରାତି
ସାଧନେ ହୁଅ ତତ୍ପର,
ସ୍ୱଦେଶ ଗୌରବ କରି ଅନୁଭବ
ଜନମ ସାର୍ଥକ କର ।

**କର୍ମବୀର ଗୋବିନ୍ଦ ରଥ**

OGP—MP-VI (I. & P. R.) 4—15,000—4-8-1989


YOUTH NATIONAL BASKETBALL CHAMPIONSHIP
CUTTACK 1989


ସ୍ୱାଗତମ୍


ANNUAL FUN

**Vol. XLV** **No. 11&1** **UTKAL PRASANGA** **Regd. No. O-05**

Licence No. C. R. N. P. 5—Licensed to post without Pre-Payment

# ଓଡିଶା ରାଜ୍ୟ ସଡକ ପରିବହନ ନିଗମ

## ବିଶେଷ ସୂଚନା

ଓଡିଶା ରାଜ୍ୟ ପରିବହନ ନିଗମ ବସ୍ ଯାତ୍ରୀମାନଙ୍କର ଗମନାଗମନର ସୁବିଧା ନିମନ୍ତେ ରାଜ୍ୟ ମଧ୍ୟରେ ତଥା ବାହାରେ ଦୈନିକ ୬୧୦ ନିଜସ୍ୱ ବସ୍ ୧,୪୧୬,୬୪ କିଲୋମିଟର ରାସ୍ତାରେ ଚଳାଚଳ କରୁଅଛି । ଏହା ସମସ୍ତ ଜିଲ୍ଲା ମହକୁମା ଏବଂ ରାଜଧାନୀ ଭୁବନେଶ୍ୱର ସହିତ ଯୋଗସୂତ୍ର ସ୍ଥାପନ କରି ରାଜ୍ୟର ଅର୍ଥନୈତିକ ତଥା ସାମାଜିକ ଉନ୍ନତିରେ ସାହାଯ୍ୟ କରୁଅଛି । ରାଜ୍ୟର ଅଭ୍ୟନ୍ତରୀଣ ଅଞ୍ଚଳରେ ନିଗମ ଡାକ ସରବରାହର ପ୍ରଧାନ ପରିବାହକ ।

ହଜାର ହଜାର ଶିକ୍ଷାର୍ଥୀଙ୍କର ଶିକ୍ଷାସ୍ଥଳକୁ ଭଡାରେ ୫୦% ରିହାତିରେ ଯାତ୍ରା କରିବାର ସୁବିଧା ଦେଇ ସେମାନଙ୍କର ଭବିଷ୍ୟତ ଉଜ୍ଜ୍ୱଳ କରିବା ସଙ୍ଗେ ସଙ୍ଗେ ରାଜ୍ୟରେ ଶିକ୍ଷାର ଦ୍ରୁତ ପ୍ରସାରରେ ସାହାଯ୍ୟ କରୁଅଛି । କର୍ତ୍ତବ୍ୟରତ ପୋଲିସ୍ କର୍ମଚାରୀଙ୍କଠାରୁ ଯେ କୌଣସି ସମୟରେ ଅଗ୍ରୀମ ଭଡା ନ ନେଇ ଯାତ୍ରା କରିବାରେ ସୁବିଧା ଦେଇ ନିଗମ ରାଜ୍ୟରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ଅବ୍ୟାହତ ରଖିବାରେ ସାହାଯ୍ୟ କରିଥାଏ । ନିଗମର ବସ୍ ଚାଳନା ଦ୍ୱାରା ସମଗ୍ର ରାଜ୍ୟରେ ଉଚିତ ଦରରେ ବସ୍ ଗମନା ଗମନର ସୁବିଧା ହୋଇ ପାରୁଛି । ଆଦିବାସୀ ତଥା ଅବହେଳିତ ଅଞ୍ଚଳମାନଙ୍କରେ ଲୋକଙ୍କ ସୁବିଧା ପାଇଁ କ୍ଷତି ସତ୍ତ୍ୱେ ନିଗମର ବସ୍‌ଗୁଡିକ ସମାଜ ସେବାରତ ।

ନିଗମର ପୁନର୍ଗଠନ ଏବଂ ଉନ୍ନତି ପାଇଁ ପ୍ରଚଳିତ ଉଦ୍ୟମରେ ଜନସାଧାରଣଙ୍କର ସହଯୋଗ ପାଇଁ ବିନମ୍ର ନିବେଦନ ।

୧. ସରକାରୀ ମଞ୍ଜୁରୀପ୍ରାପ୍ତ ନିମ୍ନଲିଖିତ ଭଡାହାର ଅନୁଯାୟୀ ଉଚିତ ମୂଲ୍ୟ ଦେଇ ବସ୍ ଟିକେଟ୍ କିଣନ୍ତୁ ।

| | | |
|---|---|---|
| (କ) | ସାଧାରଣ ବସ୍ ଭଡା କିଲୋମିଟର ପିଛା | ୧୦ ପଇସା |
| (ଖ) | ଦ୍ରୁତଗାମୀ (Express) ବସ୍ ଭଡା କିଲୋମିଟର ପିଛା | ୧୨ ପଇସା |
| | ଆରାମଦାୟକ (Semi-Luxury) ବସ୍ ଭଡା କିଲୋମିଟର ପିଛା | ୧୪ ପଇସା |
| (ଘ) | ଶୀତତାପ ନିୟନ୍ତ୍ରିତ ବସ୍ ଭଡା କିଲୋମିଟର ପିଛା | ୧୬ ପଇସା |
| (ଙ) | ମାଲ୍ ୨୦ କି. ଗ୍ରା. ପାଇଁ ବସ୍ ଭଡା କିଲୋମିଟର ପିଛା | ୦୫ ପଇସା |

୨. ବସ୍‌ରେ ବସିବା ଆଗରୁ ସ୍ଥାନୀୟ ବସ୍ ଷ୍ଟେସନ ଅଥବା ବିଭିନ୍ନ ଯାଗାରେ ଖୋଲା ଯାଇଥିବା ନିଗମର ଟିକେଟ ବୁକିଂ କାଉଣ୍ଟରଠାରୁ ଟିକେଟ୍ କିଣନ୍ତୁ । ବିନା ଟିକେଟ୍‌ରେ ବସ୍ ଯାତ୍ରା ଏକ ଆଇନଗତ ଅପରାଧ ।

୩. ବସ୍ ଟିକେଟ୍‌ରେ ସ୍ପଷ୍ଟଭାବେ ବସ୍ ଭଡା ଏବଂ ଦୂରତ୍ୱ ଲେଖା ହୋଇଥିଲେ ତାହା କେବଳ ଗ୍ରହଣ କରନ୍ତୁ । ଯାତ୍ରୀମାନେ ସ୍ପଷ୍ଟଭାବେ ଲେଖା ଯାଇଥିବା ଟିକେଟ୍ ପାଇବାକୁ ହକ୍‌ଦାର ।

୪. ନିଗମ ବସ୍ ଚାଲୁଥିବା ରାସ୍ତାମାନଙ୍କରେ ବିନା ପରମିଟ୍ ଅଥବା ବେଆଇନ୍‌ଭାବେ ଚାଲୁଥିବା ଯାନ ବାହନରେ ନ ଯାଇ ନିଗମ ବସ୍ ବ୍ୟବହାର କରି ସରକାରୀ ରାଜସ୍ୱ (M.V.Tax) ତଥା ନିଗମର ଆୟ ବୃଦ୍ଧି କରିବାରେ ସାହାଯ୍ୟ କରି ଜାତୀୟ ସମ୍ପଦ ତଥା ରାଷ୍ଟ୍ରାୟତ୍ତାଧୀନ ନିଗମକୁ ସୁଦୃଢ କରନ୍ତୁ ।

୫. ନିଗମର ବସ୍‌ରେ ଗଲାବେଳେ କୌଣସି ଅସୁବିଧା ହେଲେ ତାହା ବସ୍‌ରେ ଥିବା ଅଭିଯୋଗ ବହିରେ ଲେଖନ୍ତୁ ଅଥବା ନିଗମର ସ୍ଥାନୀୟ ପଦାଧିକାରୀଙ୍କୁ ଜଣାନ୍ତୁ ।

୬. ଯାତ୍ରା ସମୟରେ ବସ୍‌ଟିର କୌଣସି କ୍ଷତି କରନ୍ତୁ ନାହିଁ । ବସ୍‌ରେ ଥିବା ନିଗମ କର୍ମଚାରୀମାନଙ୍କ ସହିତ ସହଯୋଗ କରି ଠିକ୍ ସମୟରେ ବସ୍ ଚଳାଚଳ କରିବାରେ ସାହାଯ୍ୟ କରନ୍ତୁ ।

ନିଗମ ପରିଚାଳନା ଦ୍ୱାରା ପ୍ରକାଶିତ ।

Printed at Orissa Government Press, Cuttack-10

# ଉତ୍କଳ ପ୍ରସଙ୍ଗ

ରଥଯାତ୍ରା ବିଶେଷାଙ୍କ

